# ଖଗେଶ୍ୱର-ଗ୍ରନ୍ଥାବଳୀ

( ପ୍ରଥମ ଭାଗ )

ଶ୍ରୀ ଖଗେଶ୍ୱର ଶେଠଙ୍କ କର୍ତ୍ତୃକ ପ୍ରଣୀତ

ପ୍ରକାଶକ—

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ

ପ୍ରଥମ ସଂସ୍କରଣ

୧୯୬୮

ମୂଲ୍ୟ ଟ ୧୦

ମୂଲ୍ୟ ଦଶ ଟଙ୍କା ମାତ୍ର

ମୁଦ୍ରାକର—

ଶ୍ରୀ ଧାଡ଼୍ ରଘୁନାଥ

ଓଡ଼ିଶା ପ୍ରିଣ୍ଟିଙ୍ଗ୍ ଓ୍ୱାର୍କ୍‌ସ୍,

ବ୍ରହ୍ମପୁର (ଗଞ୍ଜାମ)

# ମୁଖବନ୍ଧ

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଲୋକଲୋଚନ ଅଗୋଚରରେ ବହୁ ବାଣୀସାଧକ ପଡ଼ି ରହିଛନ୍ତି । ସେମାନଙ୍କୁ ପରିଚିତ କରାଇବା ପାଇଁ ତାହାର ବିଧିବଦ୍ଧ ଉଦ୍ୟମ ଏ ପର୍ଯ୍ୟନ୍ତ ହୋଇନାହିଁ କହିଲେ ଚଳେ । କବି ଖଗେଶ୍ୱର ସେଠ ଅଦ୍ୟାପି ଜୀବିତ । ତାଙ୍କର ବୟସ ପ୍ରାୟ ୫୦ । ତାଙ୍କର ସମଗ୍ର ଗ୍ରନ୍ଥାବଳୀ ପ୍ରକାଶ ପାଇଲେ ରାଧାନାଥ ଗ୍ରନ୍ଥାବଳୀ ଆକାରର ବୋଧହୁଏ ତିନି ଗୁଣ ଖଣ୍ଡ ହେବ । ଅଥଚ, ଓଡ଼ିଶାର ପାଠକସାଧାରଣ, ଏପରିକି ଶିକ୍ଷିତଗୋଷ୍ଠୀ ମଧ୍ୟ ତାହାଙ୍କ ବିଷୟରେ ବିଶେଷ କିଛି ଜାଣନ୍ତି ନାହିଁ । କବିଙ୍କ ଜନ୍ମସ୍ଥାନ ସମ୍ବଲପୁର ଜିଲ୍ଲାରେ—ବରଗଡ଼ ନିକଟବର୍ତ୍ତୀ ଧରପଲି ଗ୍ରାମ । ଶ୍ରୀ କେଶବ ମେହେରଙ୍କ ଲିଖିତ କବି ଖଗେଶ୍ୱରଙ୍କ ଜୀବନୀ ଏଥିରେ ସନ୍ନିବେଶିତ । ଏହିଁରୁ ତାଙ୍କର ଶିକ୍ଷା ଦୀକ୍ଷା, ଅନୁଭୂତି ଓ ଆତ୍ମମୁଖ୍ୟ, ସାହିତ୍ୟିକ ବାତାବରଣ ଓ ସାମାଜିକ ପରିପାର୍ଶ୍ୱ ପ୍ରଭୃତିର ପରିଚୟ ମିଳେ ।

'ଓଡ଼ିଶା ସାହିତ୍ୟ ଏକାଡ଼େମୀ' ଗଠିତ ହେବା ଦିନରୁ ଓ ସେକ୍ରେଟେରୀ ଭାବରେ ମୁଁ ଯୋଗଦେବା ଦିନଠାରୁ ଯେଉଁ କେତୋଟି ପୁସ୍ତକ ପ୍ରକାଶ କରିବାକୁ 'ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ' ସ୍ଥିର କରିଥିଲେ, ସେ ମଧ୍ୟରୁ ଗୋଟିଏ ହେଉଛି ଏଇ 'ଖଗେଶ୍ୱର ଗ୍ରନ୍ଥାବଳୀ' । ଅନ୍ୟଗୁଡ଼ିକ ହେଉଛି, 'ଶରଦ ବିହାର', 'ବସନ୍ତ ବିହାର' ଓ 'ଲକ୍ଷଣ ଚନ୍ଦ୍ରୋଦୟ ଗ୍ରନ୍ଥ' । ଏଇ ତିନୋଟି ପ୍ରକାଶ ପାଇ ସାରିଛି । ମୋର ପୂର୍ବବର୍ତ୍ତୀ ବନ୍ଧୁ ଶ୍ରୀଯୁକ୍ତ ରାଜକିଶୋର ରାୟ ସେକ୍ରେଟେରୀ ଥିଲାବେଳେ ଯଦିଓ ଏଇ ଗ୍ରନ୍ଥାବଳୀର ପ୍ରାୟ ତିନିଭାଗ ଛପା ଶେଷ ହୋଇଥିଲା; ତଥାପି, କାଗଜ ଅଭାବରୁ ଓ ଅନେକ ଆନୁଷଙ୍ଗିକ କାରଣରୁ ଏହାର ପ୍ରକାଶରେ ବିଳମ୍ବ ଘଟିଲା । "ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ" ଏ ଗ୍ରନ୍ଥାବଳୀର ପାଣ୍ଡୁଲିପି ପାଠକରି ଏହାକୁ ପ୍ରକାଶ କରିବାକୁ ସ୍ଥିର କଲାବେଳେ ମୁଖ୍ୟତଃ କବିତାଗୁଡ଼ିକର ସଙ୍ଗୀତମଧୁରତା ଓ ପ୍ରାଚୀନ ଶୁଦ୍ଧ ସାହିତ୍ୟର ଅନୁବର୍ତ୍ତିତା ବିଷୟର ସରଣୀରେ ଉନ୍ନୀତ ହୋଇଥିଲା । କବି ଖଗେଶ୍ୱର ନିଜେ ଲେଖିଛନ୍ତି—

ଭୁଲିବ ଅପରାଧ     ବନ୍ଦନ୍ତି ଶିରଧା
ଭଜିବା ଭକ୍ତସାହିତ୍ୟ-ପଥ,

ମାତ୍ର ମୁଁ ଶକତି    ହୃଦ୍‌ଗଲେ ସ୍ଫୁରତି
ଝଙ୍କାର ସେ' ତ ବ୍ୟୋମରନ୍ଧ୍ରେ;
×    ×    ×    ×
ସେ ସାମ୍ୟ ଆଗି    ତାଙ୍କ ଭୁଲେ ଆଗି-
ଦେଖାଇବ କାହିଁ ମୋ ସାମର୍ଥ୍ୟ ?
(ଖ: ଗ୍ରୀ: ପୃ: ୬—୭)

କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ପଦାଙ୍କ ଅନୁସରଣ କରିବାରେ ଖଗେଶ୍ୱରଙ୍କର ଗଭୀର ଇଚ୍ଛା ଏଥିରେ ଅଭିବ୍ୟକ୍ତ । ଗଙ୍ଗାଧର ମେହେରଙ୍କ ଜନ୍ମଭୂମିରେ ଜନ୍ମଲାଭ କରି କବି ତାହାଙ୍କର କେବଳ ଯେ ଆଦର୍ଶ ପ୍ରତି ଅନାସ୍ଥା ପ୍ରଦର୍ଶନ କରିନାହାନ୍ତି ତାହାନୁହେଁ, ବରଂ ତାଙ୍କର ଅନୁସୃତ ପନ୍ଥାରେ ତାଙ୍କୁ ଅନୁକରଣ କରିବାକୁ ଚେଷ୍ଟା କରିଛନ୍ତି । 'ଭରତ ଅମାବସ୍ୟା' ନାମକ କବିତା (ପୃଷ୍ଠା ୧୨୧ ରୁ ୧୪୩) ସେହି ବରେଣ୍ୟ ଗଙ୍ଗାଧରଙ୍କ ଗୁଣ-ଗୌରବ ଅନୁସ୍ମରଣରେ ରଚିତ । ପୁଣି ଆଧୁନିକ ଓଡ଼ିଆ ସାହିତ୍ୟର ଅଗ୍ରଣୀରୂପୀ ରାଧାନାଥଙ୍କର ପ୍ରଭାବ ମଧ୍ୟ ଖଗେଶ୍ୱରଙ୍କୁ ଅଳ୍ପ ପ୍ରେରଣା ଦେଇନାହିଁ । କବିବର ରାଧାନାଥ ଯଥାର୍ଥରେ ଏକ ନୂତନ ଯୁଗର 'ସ୍ରଷ୍ଟା' ହୁଅନ୍ତୁ ବା ଭଞ୍ଜ ଯୁଗର ଶେଷ 'ମଧ୍ୟାହ୍ନର ମହାପ୍ରକାଶ' ହୁଅନ୍ତୁ, ଓଡ଼ିଶାର ସାରସ୍ୱତ ଗଗନରେ ନୂତନ ଆଦର୍ଶର ବିଦ୍ୟୁଲ୍ଲେଖା ଖେଳାଇବାର ସୌଭାଗ୍ୟରେ ଯେ ସେ ପୁରସ୍କୃତ, ଏହାର ଅସ୍ୱୀକାର ଦ୍ୱାରା ସତ୍ୟର ଅପଳାପ ହେବାର ଆଶଙ୍କା ରହିଛି । ଗଙ୍ଗାଧର କିନ୍ତୁ ପ୍ରାଚୀନ ଆଦର୍ଶକୁ ନବ୍ୟରୁଚିର ପୋଷକତାରେ ଏବଂ ନବୀନ ଶୈଳୀରେ ପ୍ରକାଶ କରି ପ୍ରାଚୀନ ସାହିତ୍ୟ ଓ ଆଧୁନିକ ସାହିତ୍ୟର ଏକ ସଂଯୋଜକ ସେତୁରୂପେ ଆତ୍ମପ୍ରତିଷ୍ଠା କରିପାରିଛନ୍ତି । କବି ଖଗେଶ୍ୱର ବିଶେଷ ଭାବରେ ମଧ୍ୟଯୁଗ ଓଡ଼ିଆ ସାହିତ୍ୟର ସଙ୍ଗୀତମୟ ଓ ବର୍ଣ୍ଣବିନ୍ୟାସ ଲାଳିତ୍ୟସମ୍ବଳିତ ଶୈଳୀର ଅନୁବର୍ତ୍ତନ କରିଛନ୍ତି ।

ଏହି ଗ୍ରନ୍ଥାବଳୀର ପ୍ରଥମ କବିତାଗୁଚ୍ଛ ହେଉଛି 'ଚଉଷଠି-ଚନ୍ଦ୍ରକଳା' । ଉପେନ୍ଦ୍ରଭଞ୍ଜଙ୍କ 'ପ୍ରେମସୁଧାନିଧି' ଓ ବ୍ରଜନାଥ ବଡ଼ଜେନାଙ୍କ 'କେଳି-କଳାନିଧି'ର ନାମକରଣ ଅନୁସାରେ ଏହି 'ଚଉଷଠି-ଚନ୍ଦ୍ରକଳା' ନାମ ଦିଆଯାଇଛି । ଉପେନ୍ଦ୍ରଭଞ୍ଜ 'ପ୍ରେମସୁଧାନିଧି'ର ଶେଷ ଛାନ୍ଦରେ ଲେଖିଛନ୍ତି—

ଷୋଳ ଛାନ୍ଦେ ଷୋଳ କଳା ପରିପୂର୍ଣ୍ଣ ରହିଁ
ଅଙ୍ଗ ରତ୍ନ ଦୂଷଣକୁ ଅବକାଶ ନାହିଁ ।

ଏ ସମସ୍ତ କାବ୍ୟରେ ଷୋଳକଳାବିଶିଷ୍ଟ ଚନ୍ଦ୍ରଙ୍କର ନାମ ଯୋଗ କରି କାବ୍ୟରେ ଷୋଳଟି ଛାନ୍ଦ ବା ସର୍ଗ ସମାବେଶିତ କରିଥିବାର ସାର୍ଥକତା ପ୍ରତିପାଦନ କରାଯାଇଛି । କିନ୍ତୁ ପ୍ରତିଭାତ ହେଉଛି, ଖଗେଶ୍ୱର ଚନ୍ଦ୍ରଙ୍କର ସେହି ଷୋଳ କଳା ଦେଖାଇବା ପାଇଁ ଷୋଳଟି ଛାନ୍ଦ ଏଥିରେ ସମାବେଶ କରିଛନ୍ତି, ସେଗୁଡ଼ିକ ମଧ୍ୟରେ କୌଣସି ବସ୍ତୁଗତ ସମ୍ପର୍କ ନାହିଁ । ଅନ୍ୟ ଭାବରେ କହିଲେ, ଚଉତିଶା ନିୟମରେ ରଚିତ ହୋଇଥିବା କେତୋଟି ଖଣ୍ଡକବିତା ଓ ଚଉତିରିଶି ପଦ ଥିବା ଅନ୍ୟ କବିତାକୁ ଏଥିର ଅନ୍ତର୍ଭୁକ୍ତ କରି କୌଣସି ଉପାୟରେ ଷୋଳ ସଂଖ୍ୟାର ପୂର୍ତ୍ତି ସମ୍ପାଦନ କରିବାକୁ ଶ୍ରୀ ଖଗେଶ୍ୱର ଚେଷ୍ଟା କରିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା, 'ଶ'ଆଦ୍ୟ ନିୟମରେ ରଚିତ ଚଉତିରିଶିଟି ପଦକୁ କବି ଚଉତିଶା ବୋଲି ସ୍ଥିର କରି (ଚ: ଚ: ୧୪ ଛା:) ତାକୁ 'ଚଉତିଶା-ଚନ୍ଦ୍ରକଳା'ରେ ମଧ୍ୟ ଯୋଡ଼ି ଦେଇଛନ୍ତି । ଏକାଦଶ ଛାନ୍ଦରେ କବି ଯେଉଁ ଚଉତିଶାଟି ରଚିଥିଲେ, ତାହା କେତେକ କାରଣରୁ ପ୍ରକାଶଯୋଗ୍ୟ ବିବେଚିତ ନ ହେବାରୁ ଅନ୍ୟ ଏକ କବିତାଦ୍ୱାରା ତାହାର ସ୍ଥାନ ପୂର୍ତ୍ତି କରାଯାଇଛି । ଚଉତିଶା ନ ହୋଇଥିବା କବିତାକୁ କବି ଚଉତିଶା ବୋଲି ଗ୍ରହଣ କରି ନିଜେ ତାକୁ ଏଥିରେ ସ୍ଥାନ ଦେଇଥିବାରୁ ଆଉ ଏକ ସେହିଭଳି 'ଅ-ଚଉତିଶା' କବିତାର ସମାବେଶଦ୍ୱାରା ଶୂନ୍ୟସ୍ଥାନ ପୂରଣରେ ଆପତ୍ତିର ଅବକାଶ ନାହିଁ । ମୋଟ ଉପରେ କହିବାକୁ ଗଲେ, ଚଉତିଶା-ଚନ୍ଦ୍ରକଳା ହେଉଛି ଷୋଳଟି ଭିନ୍ନ ଭିନ୍ନ ବିଷୟକ କବିତାର ସମଷ୍ଟି ମାତ୍ର ।

ପ୍ରଥମ ଛାନ୍ଦରେ କବି ପ୍ରାଚୀନ କବିମାନଙ୍କୁ ଅନୁସରଣ କଲାପରି ସମଗ୍ର କାବ୍ୟଟିର ବସ୍ତୁ ନିର୍ଦ୍ଦେଶ କରିଛନ୍ତି । କିନ୍ତୁ ଏକାଦଶ ଛାନ୍ଦର ପରିବର୍ତ୍ତନ ହେତୁ ୧ମ ଛାନ୍ଦ 'ଳ' ପଦର ଶେଷ ପାଦର ବିଷୟବସ୍ତୁ କାବ୍ୟରେ ଉପଲବ୍ଧ ନୁହେଁ । 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିରିଶଟି ବର୍ଣ୍ଣ ପ୍ରତ୍ୟେକ ଛାନ୍ଦର ପ୍ରତି ପାଦର ଆଦ୍ୟରେ ବିନ୍ୟାସ କରି କବି ସନ୍ତୁଷ୍ଟ ହୋଇନାହାନ୍ତି (ଯେଉଁଠାରେ ପ୍ରକୃତ ଚଉତିଶା ନିୟମ ଅବଲମ୍ବନ କରାଯାଇଛି), ବରଂ ତହିଁ ସଙ୍ଗେ ସଙ୍ଗେ ଧନଞ୍ଜୟ, ଭଞ୍ଜ, ଅଭିମନ୍ୟୁ, କବିସୂର୍ଯ୍ୟ ଓ ବନମାଳୀ ପ୍ରଭୃତିଙ୍କ ବର୍ଣ୍ଣବିନ୍ୟାସ ବୈଚିତ୍ର୍ୟକୁ ଟପିଯିବା ପାଇଁ ଚେଷ୍ଟା କରିଛନ୍ତି । ବିଶେଷରେ, ୪ର୍ଥ ଛାନ୍ଦରେ 'କ' ପ୍ରଭୃତି ଚଉତିରିଶିଟି ବର୍ଣ୍ଣକୁ ପାଦର ଆଦ୍ୟ ବର୍ଣ୍ଣରୂପେ, ଦ୍ୱିତୀୟ ବର୍ଣ୍ଣରୂପେ, ତୃତୀୟ-ଚତୁର୍ଥ ବର୍ଣ୍ଣରୂପେ ଏବଂ ଏକ ବର୍ଣ୍ଣକୁ ପାଦାଦ୍ୟରେ ଦ୍ୱିରାବୃତ୍ତି ରୂପେ, ଇତ୍ୟାଦି ଇତ୍ୟାଦି ନାନାରୂପେ

ବିନ୍ୟାସ କରିଛନ୍ତି । ଉପେନ୍ଦ୍ରଭଞ୍ଜଙ୍କର ଏକ ଗୀତରେ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ବର୍ଣ୍ଣମାନ ଏକାଦିକ୍ରମେ ଉଚ୍ଚାରିତ ହୋଇ ଅର୍ଥବୋଧକ ବାକ୍ୟ: ରୂପେ ଗଠିତ ହୋଇଥିବାରୁ ତାହାର ଅନୁସରଣରେ କବି ଖଗେଶ୍ବର ଗୋଟିଏ ଗୀତ ଲେଖିଛନ୍ତି । ପୁଣି କୋଷଗ୍ରନ୍ଥ ସାହାଯ୍ୟରେ ପ୍ରତ୍ୟେକ ବର୍ଣ୍ଣର: ଗୋଟିଏ ଅର୍ଥ ପାଦଟୀକାରେ ଲେଖି (ପୃ: ୩୨) ସେଥିରୁ ତାଙ୍କର ଉଦ୍ଦିଷ୍ଟ ଅର୍ଥ ଦେଖାଇବାକୁ ଚେଷ୍ଟା କରିଛନ୍ତି ।

'ଭକ୍ତିଲତା-ଚନ୍ଦ୍ରକଳା'ରେ ପ୍ରାଚୀନ ଶୈଳୀର ଅନୁବର୍ତ୍ତିତା ଥିଲେହେଁ ସମସାମୟିକ ସାମାଜିକ ପ୍ରଭାବ ଏଥିରେ ସ୍ପଷ୍ଟ ରୂପାୟିତ ହୋଇଅଛି । ଏଥିରେ ନାନାବିଧ ସଂସ୍କାର, ବ୍ରାହ୍ମମତ ପ୍ରଚାର, ସ୍ବଦେଶୋଚିତ ନାନା ସୂକ୍ତି, ଧାର୍ମିକ ସମ୍ପ୍ରଦାୟର ଉଦ୍‌ବୋଧନ ଓ ଆତ୍ମଚିନ୍ତା ବିବେକ ପର୍ଯ୍ୟନ୍ତ ବହୁବିଧ ବିଷୟର ପର୍ଯ୍ୟାଲୋଚନା କରାଯାଇଛି ।

କେତେକ ସ୍ଥଳରେ କବି ପୂର୍ବବର୍ତ୍ତୀ କାବ୍ୟକବିତାର ଭାବ ଓ ଭଙ୍ଗୀ ଗ୍ରହଣ କରିଛନ୍ତି । ଉଦାହରଣ ସ୍ବରୂପ, ନୂଆନୂଆଣୀଙ୍କୁ ଉପଦେଶ ଦେଇ କବି ଲେଖିଛନ୍ତି—

ଥିଲେ ମନେ କଷ୍ଟ      ଦୁଃଖ, ଭୁଲିଯିବୁ
ନଦେଖି ପତି ଆଗମନ,
ଅରେ ଏଥି ପାଇଁ      ବାରିବେ ତୋ ସ୍ବାମୀ
ନଦେବୁ ଏଥିଁ ଆଉ ମନ ।
( ପୃ: ୩୭ )

ଏହାସଙ୍ଗେ କବି ଗଙ୍ଗାଧର କାଳିଦାସଙ୍କ ଅନୁକରଣରେ 'ପ୍ରଣୟ-ବଲ୍ଲରୀ'ରେ ଲେଖିଥିବା କେତୋଟି ପାଦ ତୁଳନୀୟ ।

ସ୍ବାମୀ ଯା କହିବେ      ଦୁଷ୍କର ହେଲେହେଁ
ପାଳନେ ହେବୁ ତତ୍ପର,
ଅରେ ଯା ବାରିବେ      ଆଉ ତହିଁ ହେବେ
ହେବୁ ନାହିଁ ଅଗ୍ରସର ।
ଦୁଃଖ ଥିଲେ ମନେ      ଦୂର କରିବୁ ତା
ସ୍ବାମୀ ଦରଶନ ମାତ୍ରେ ।
(ପ୍ର: ବ: ପ: ୪)

ନବମ ଗ୍ରନ୍ଥର 'କୃତ୍ରିମ ସାଧନା'ରେ କବିସୂର୍ଯ୍ୟଙ୍କ ପ୍ରଭାବର ମୁଦ୍ରା ସ୍ପଷ୍ଟଭାବରେ ଅଙ୍କିତ । କବି ଲେଖିଛନ୍ତି—

କହିବ ସଂସାର
କେବଳ ଅଯଥା ଭ୍ରମଟି ସାର ।

× × ×

କବଳ କର ତୁ ରସାଳ କଳି
କାଳ କୋକିଳକୁ କି ପିକ-କାକଳି

ଏଥିସଙ୍ଗେ କବିସୂର୍ଯ୍ୟଙ୍କର ନିମ୍ନୋଦ୍ଧୃତ ଅଂଶ ତୁଳନୀୟ—

ଜଗତେ କେବଳ
ଜନେ ଭୁଞ୍ଜିବେ ଏଥି ତହୁଁ ଫଳ ।

× × ×

ବକକ କନ୍ତୁ ଯା କନକକାନ୍ତି
କାକ କି କରିବ ପଞ୍ଚମାଳାପ

ଦ୍ୱାଦଶ ଗ୍ରନ୍ଥରେ ଆଧୁନିକ ଯୁଗର ସୃଷ୍ଟି ସମସ୍ୟା ବକ୍ର ବ୍ୟଞ୍ଜନା ସହକାରେ ରୂପାୟିତ । ସୁନ୍ଦି ନବ୍ୟ ସମାଜର ଦୋଷ-ଦୁର୍ବଳତା ଓ ଗାନ୍ଧୀବାଦର ଅନୁରୂପ କେତେକ ଗୀତର ବ୍ୟାଖ୍ୟାନ କରି ଯାଇଛନ୍ତି । 'ମୃତ୍ୟୁମାଳା' ସ୍ମୃତିକାବ୍ୟ-ଗୀତର ଏକ ନବୀନ ସଂସ୍କରଣ । ଏତଦ୍ଭିନ୍ନ ଋଷିମାନଙ୍କ ପ୍ରତି ତାଙ୍କର ସମବେଦନା, ଗରିବମାନଙ୍କ ପ୍ରତି ତାଙ୍କର ସମ୍ବେଦନଶୀଳତା ଏବଂ ଦାର୍ଶନିକ ରୂପେ ଆତ୍ମଚିନ୍ତା ଚିନ୍ତନ ଅନ୍ୟାନ୍ୟ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ବା ବ୍ୟକ୍ତ ହୋଇଛି ।

'ଭାରତ ଅମାବସ୍ୟା' ପ୍ରକୃତିକବି ଗଙ୍ଗାଧରଙ୍କ ଉଦ୍ଦେଶ୍ୟରେ ରଚିତ । 'ଉତ୍କଳ-ଲକ୍ଷ୍ମୀ'ରେ ଗଙ୍ଗାଧରଙ୍କର ସୁନ୍ଦର ଯେଉଁ ପରିକଳ୍ପନା ବିଦ୍ୟମାନ, ତାହାହିଁ ଖଣ୍ଡେଶ୍ୱରଙ୍କୁ ଆଜି ଏକ ସ୍ୱତନ୍ତ୍ରରାଜ୍ୟର ମନୋଜ୍ଞ-କଳ୍ପନାର ସଙ୍କେତ ଦେଇଅଛି । 'ଉତ୍କଳ-ଲକ୍ଷ୍ମୀ'ରେ ଗଙ୍ଗାଧର ଲେଖିଛନ୍ତି—

ଏହି ସମୟରେ ଘଟିଲୁ ସା' ଏକ
ଘଟଣା କି ଆଚମ୍ବିତ,

ନୂତନେ ଏବେ    ଚକ୍ରରେଲ ଚନ୍ଦ୍ର
ହୋଇଯାଏ ମୂଳଭିତ୍ତ ।
ଉତ୍କଳରେ ଏକ    ଦେଶମ ସୁନ୍ଦରୀ
ଦେଖା ଅଛି ମୋର ଆଗେ
ଭୟ ହୋଇ "ବନ୍ଦ,    ଯିବ ନା, ଯିବ ନା"
ସମ୍ଭାଷିଲେ ଅନୁରାଗେ ।

ଖଗେଶ୍ୱର ଲେଖିଛନ୍ତି—

ଚନ୍ଦ୍ରା-ସ୍ୱପ୍ନରାଜ୍ୟ    ଦର୍ଶନ କ୍ୟାଟକେ
ଦେଖିଲି ଏକ ସୁନ୍ଦରୀ—
ସ୍ୱର-ଦେବଲୋକୀ    ବିଜନେ କାନ୍ଦନ୍ତି
ପ୍ରେମିକ ପୂଜନେ ବସି ।

'ଉତ୍କଳ-ଲକ୍ଷ୍ମୀ'ରେ କବି ଗଙ୍ଗାଧର ସୁନ୍ଦର ମଧୁର ବିଳାପ ମଧ୍ୟରେ ସମସାମୟିକ ଉତ୍କଳର ବାଣୀସେବକମାନଙ୍କୁ ଗୌରବୋଜ୍ଜ୍ୱଳ ଆସନ ପ୍ରଦାନ କରିବାକୁ ଯେପରି ଚେଷ୍ଟିତ ହୋଇଛନ୍ତି, ପ୍ରାଚୀନ ଯୁଗର କବିମଣ୍ଡଳ-ମାନଙ୍କର ଉତ୍କର୍ଷ ପ୍ରଖ୍ୟାପନରେ ସେହିପରି ମୁଖର ହୋଇ ଉଠିଛନ୍ତି ।

ପୁଣି 'ଅର୍ଘ୍ୟଥାଳି'ରେ "ଉତ୍କଳମାତାର ବେଦନ" ଶୀର୍ଷକ କବିତାରେ ପ୍ୟାରୀମୋହନଙ୍କର ମୃତ୍ୟୁ ପରେ ଉତ୍କଳଜନନୀଙ୍କର ହୃଦୟଖଣ୍ଡିତ ଅନ୍ତରକୁ ଗଙ୍ଗାଧର ଯେପରି ପ୍ରକାଶିତ କରିଛନ୍ତି, ସେହିପରି ଖଗେଶ୍ୱର ମଧ୍ୟ ଗଙ୍ଗାଧରଙ୍କ ମୃତ୍ୟୁରେ ଉତ୍କଳଜନନୀଙ୍କର ଗଭୀର ଦୁଃଖ ବର୍ଣ୍ଣନା କରିଛନ୍ତି 'ଚଇତ ଅମାବାସ୍ୟା'ରେ ।

ଗଙ୍ଗାଧର ଲେଖିଛନ୍ତି—

"ଆହା ପ୍ୟାରୀ ମୋର ରତ୍ନମଣି ଧନ,
କାହିଁ ରହିଲୁ ମତେ ଛାଡ଼ି ନନ୍ଦନ ।
× × ×
ତାଙ୍କ ବିରହେ ଦଗ୍ଧ ହେଲେ ମୋ ପ୍ରାଣ,
କାଳୁ ତେ ଶୋକାର୍ତ୍ତ ସର୍ବଦା ଗାନ ।

ଖଗେଶ୍ୱର ଲେଖିଛନ୍ତି—

ଆରେ ଗଙ୍ଗାଧର, ଥିଲୁ ତୁହି ମୋର
କବି-ମୌଳି-ଅଳଙ୍କାର
ଆଲୋକ ଦେଖାଇ ଦେଇଗଲୁ ମୋତେ
ଶୋକ-ଘୂର୍ଣ୍ଣି-ଅନ୍ଧକାର ।

× × ×

ଦୂର-ଅବସାଦ ନୈରାଶ୍ୟ-ବିଷାଦ
ଭୁଲିଲି ତୋର କବିତା
ନବୀନ ଉଦ୍ୟମ ସଞ୍ଚରିବ ଚିଷ
ଘୁଞ୍ଚାଏ, ଯେଉଁଥି ଜଡ଼ତା ।

ଏହା ବ୍ୟତୀତ ଗଙ୍ଗାଧରଙ୍କର ମହତ୍ତ୍ୱପ୍ରକାଶ-ବ୍ୟାଜରେ କବି ସମସାମୟିକ ସାହିତ୍ୟିକ ଚରିତ୍ରର ଚିତ୍ରାଙ୍କନ କରିବାକୁ ମଧ୍ୟ ପ୍ରୟାସୀ ହୋଇଛନ୍ତି । କବିଙ୍କ ଭାଷାରେ—

ତୋ କବିତେ, ଦୁଃଖ- ମଧୁରତା ଅଛି
ନାହିଁ ମଦ୍ୟ-ମାଦକତା ।
ତାହା ବିନା କାବ୍ୟ ଥାଏ ନାହିଁ ସାର-
ଜଗନ ଶୁଭୋଦେଶ୍ୟତା ।

ଏଥିରେ କବି ଖଗେଶ୍ୱରଙ୍କର ଜୀବନଦର୍ଶନ ମଧ୍ୟ ପ୍ରତିଫଳିତ । ସଂସ୍କୃତ ଆଳଙ୍କାରିକ କାବ୍ୟର ଉଦ୍ଦେଶ୍ୟ ନିର୍ଦ୍ଦେଶ କଲାବେଳେ "ଶିବେତରକ୍ଷତୟେ" ପ୍ରଭୃତି ଯାହା କହିଛନ୍ତି, ପ୍ରକାରାନ୍ତରରେ ଖଗେଶ୍ୱର ଏ ଗ୍ରନ୍ଥରେ ତାହାହିଁ ପ୍ରତିପାଦିତ କରିଛନ୍ତି । ଏଥିରେ କାବ୍ୟର ଶାଶ୍ୱତଗାନତା ନାଟକମଣ୍ଡଳୀରେ ତାହାର ଅନୁକୂଳ ପ୍ରଭାବ ଓ ଉଦ୍ଭଟଭାବାତ୍ମକ ଶକ୍ତିବିକାଶ ଯେପରି ସୂଚିତ, ତଥା ମାଧୁର୍ଯ୍ୟ ଓ ସାରଲ୍ୟ ହେତୁରେ ଅଭିବ୍ୟଞ୍ଜିତ । ସେ ସମୟର ସାହିତ୍ୟିକ ମନୀଷୀମାନଙ୍କୁ ଲକ୍ଷ୍ୟ କରି କବି ଲେଖିଛନ୍ତି—

ଦେଶେକ ସାହିତ୍ୟ- ଧନିଷ୍ଠ, କେତେ
ଛନ୍ଦ ବୃତ୍ତ-ବିତ୍ତ କବି,

ସ୍ୱାର୍ଥାନ୍ଧ-ସ୍ତବକେ        ଆଜି ଦେଉଛନ୍ତି
ମୋ ବକ୍ଷେ କଳଙ୍କ ଛାପ ।

ଅଥଚ ଛନ୍ତି ବାଦ୍ୟ-;        ସାହିତ୍ୟ-ସମ୍ରାଟ
ଇର୍ଷା-ବ୍ୟଞ୍ଜକ ଧମକେ,

ଫତୋଆବାଜି କରି-        ଦ୍ୟନ୍ତି ଭବିଷ୍ୟତ-
କବି ନଶାନ ଲେଖକେ ।

ସଂକ୍ଷେପରେ 'ଚଇତ ଅମାବସ୍ୟା' କବି ଗଙ୍ଗାଧରଙ୍କୁ କେନ୍ଦ୍ର କରି ସମସାମୟିକ ସାହିତ୍ୟ ପରିସ୍ଥିତିର ଏକ ସମ୍ଭଜରବୋଧ ଚିତ୍ର ପ୍ରଦାନ କରିବାରେ ପର୍ଯ୍ୟବସିତ ।

'ପ୍ରଣୟୁନର୍ତ୍ତ୍ୱର'ର ଶାବ୍ଦିକ ବିଶେଷତ୍ୱ, ନାମରେ ଏବଂ କବିତାରେ ପ୍ରଦର୍ଶିତ ହୋଇଛନ୍ତି । ଏଥିରେ ଚବିତଗତ ଉତ୍କର୍ଷ ଅପେକ୍ଷା ଶାବ୍ଦିକ ବୈଚିତ୍ର୍ୟ ହିଁ ଅଧିକତର ଭାବରେ ପାଠକର ଦୃଷ୍ଟି ଆକର୍ଷଣ କରେ । କବିସମ୍ରାଟ ଉପେନ୍ଦ୍ରଭଞ୍ଜ ବା ଦୀନକୃଷ୍ଣଙ୍କ ଅନୁସରଣରେ ବନ୍ଧୁ କବି ବର୍ଣ୍ଣ ନିୟମରେ ମହାକାବ୍ୟମାନ ପ୍ରଣୟନ କରିଛନ୍ତି । 'ରସକଲ୍ଲୋଳ' ପ୍ରଥମ ଗ୍ରନ୍ଥ କମ୍ବା ଶେଷ ବର୍ଣ୍ଣ ଦୃଷ୍ଟିରୁ 'କଳାକଉତୁକ'ର ବୈଚିତ୍ର୍ୟ ଅନୁକରଣ କରି ଅନୁମଲ୍ୟ ସାମନ୍ତସିଂହାର ଅନ୍ତ୍ୟାନୁପ୍ରାସରେ ବନ୍ଧୁ କବିତା ରଚନା କରିଛନ୍ତି । ଆଦ୍ୟ ଓ ପ୍ରାନ୍ତ, ଉଭୟ ବର୍ଣ୍ଣ 'ର' ବିନ୍ୟାସ କରି ଗଙ୍ଗାଧର 'ରସରତ୍ନାକର' ରଚନା କରିଥିଲେ । 'ପ୍ରଣୟୁନର୍ତ୍ତ୍ୱର'ରେ ସେହିପରି ଆମୂଳଚୂଳ 'ର' ବର୍ଣ୍ଣକୁ ପ୍ରାନ୍ତ ବର୍ଣ୍ଣ ରୂପେ ପ୍ରୟୋଗ କରାଯାଇଅଛି । ପୂର୍ବାର୍ଦ୍ଧରେ ଶେଷ ପଦର ଶେଷ ପାଦରେ କୌଣସି ଶବ୍ଦବିନ୍ୟାସ କରାଯାଇ ନ ଥିବାରୁ ଓ କବିଙ୍କ ନାମର ଶେଷ ବର୍ଣ୍ଣ 'ର' ହୋଇଥିବାରୁ କୌଣସି ଚତୁର ପାଠକ ଛାନ୍ଦପୂରଣ କରିବାକୁ ଚେଷ୍ଟା କଲେ କିଭଳି ଭାବରେ ଶୂନ୍ୟସ୍ଥାନ ପୂରଣ କରାଯାଇପାରିବ, ତାହା ସହଜରେ ଅନୁମେୟ ବୋଲି କହିଲେ ଅସଙ୍ଗତ ହେବ ନାହିଁ ।

ସପ୍ତଚତ୍ୱାହମାନଙ୍କରେ କମ୍ବା କେତେକ ଭଜନ ଓ ଜଣାଣାଦିରେ ଶେଷ ପାଦର ବ୍ୟାବୃତ୍ତି ନେଇଲେଣି କବି ଉତ୍ତରଖଣ୍ଡର ଶେଷାଂଶରେ "ଚରଣ କରିବ ନ ଅପବାଦର" ପୁନରାବୃତ୍ତି କରିଛନ୍ତି ।

ଏହା ଅପେକ୍ଷା, କିନ୍ତୁ, 'ଅଧମ ଶବର କାହିଁକି' କବିଙ୍କର ସାହିତ୍ୟିକ ଦାୟିତ୍ୱବୋଧର ପରିଚୟ ଦିଏ । ସେ ଯଥାର୍ଥରେ ଲେଖିଛନ୍ତି—

ସତ କଥା ଯାହା     ଅନ୍ତଶାସ୍ତ୍ର କହେ
'ଗରିବର ନଷ୍ଟ ବୁଦ୍ଧି'
ଗରିବ ହିଁ ଆମ     ଦେଶରେ କରୁଛି
ଗରିବ-ସୃଷ୍ଟିର ବୃଦ୍ଧି ।

×   ×   ×   ×

ଆତ୍ମ-ନିର୍ଭରତା     ଅଂଶେ ହରାଇଛୁଁ
କା'ଆଗେ କହିବୁଁ ଆଉ
ଠାକୁରଙ୍କୁ ଆଜି   -   ଭୁଲୁଛୁ କରୁଛି
ଦାରୁଣ ପେଟର ଦାଉ ।

ଏଥିରେ କବି ଭାରତର ଅଧଃପତନରେ ବ୍ୟଥିତ ହୋଇ ସ୍ୱଦେଶୀ ସଭ୍ୟତା ଓ ସଂସ୍କୃତି ସ୍ୱରୂପରେ ଯେପରିକ ଶୁଷ୍କ ଘୋଷଣା କରିଛନ୍ତି । କହିବା ବାହୁଲ୍ୟ ଯେ, ଉକ୍ତ ଶତାବ୍ଦୀର ଦ୍ୱିତୀୟ ପାଦରେ ବହୁ ଭାରତୀୟ ତଥା ଉତ୍କଳୀୟ କବି ଜନ୍ମଭୂମିର ମୁକ୍ତିକାମନା ଓ ସ୍ୱଦେଶ ଉନ୍ନତିବାସନାରେ ନିଜନିଜର କେବଳ ସ୍ୱଦେଶୀତା ପ୍ରକାଶ କରିନାହାନ୍ତି, ବରଂ କି ଉପାୟରେ ପରାଧୀନ ଭାରତୀୟମାନଙ୍କର ମୁକ୍ତିଜନିତ ବୈଷୟିକ ଉନ୍ନତି ସାଧିତ ହେବ, ସେଥିଲାଗି ନିଜନିଜର ସ୍ୱତନ୍ତ୍ର ମତ ମଧ୍ୟ ପ୍ରକାଶ କରିଛନ୍ତି । ନାଟ୍ୟକାର 'କାହିଁ ଅଇଲେ ସ୍ୱଦେଶୀରୁ ବେପାରୀ' ଗୀତ ସଂଯୋଜନାରେ ନିଜର ନାଟକଟିକୁ ଜନପ୍ରିୟ କରିପାରି କବି ଖଗେଶ୍ୱର

"ସେ ଧନୁ ଭାରତେ     ଚଳିଲା ବେପାରୀ
ରାଜନୀତି କାରଖାନା
ପରାଧୀନତା ହିଁ     ମୂଳହେତୁ ହେଲା
ମାଡ଼ିବାକୁ ଆମ ଦାନା ।"

ପ୍ରକୃତ ଲେଖି, ହେମ୍ବତର ଦେଶବାସୀଙ୍କର ମନକୁ ଯେମିତି ପରି ନିତାନ୍ତ ସତ୍ୟ କଥାଟିକୁ ସରଳଭାଷାରେ ପ୍ରକାଶ କରିଛନ୍ତି ଏବଂ ତହିଁ ସଙ୍ଗେ ସଙ୍ଗେ ଫକୀରମୋହନ ସେନାପତି 'ମୁଁ ଭାଟ ବାହୁଡ଼ା'ରେ ଯେପରି ସମସାମୟିକ ଲୋକାଚାର ଓ ଶିକ୍ଷାଦର୍ଶନର ସମାଲୋଚନା କରିଛନ୍ତି, ଖଗେଶ୍ୱର ମଧ୍ୟ ତାଙ୍କର ପଦାଙ୍କ ଅନୁସରଣ କରିପାରି ସେ ସମସ୍ତ ବିଷୟରେ ନିଜର ସଂସ୍କାରମୂଳକ ମତାବଳୀ ପ୍ରକାଶ କରିଛନ୍ତି ।

‘ଅଗ୍ନିଦର୍ଶନ’ରେ ମହାତ୍ମା ଗାନ୍ଧୀଙ୍କର ଅକାଳ ବିୟୋଗରେ କବି ଦେଶର ଅଶ୍ରୁପାତ କରିଛନ୍ତି, ତାଙ୍କର ଅନୁଗାମୀମାନଙ୍କର ନୀତିଭ୍ରଷ୍ଟତାରେ ମର୍ମାହତ ହୋଇ ସେଥିଲାଗି ସେମାନଙ୍କର ସମାଲୋଚନା କରିଛନ୍ତି । "ସୂକ୍ତି-ମୁକ୍ତାବଳୀ"ରେ କବିଙ୍କ ଅପେକ୍ଷା କବିଙ୍କର ନୀତିମୂଳକ ବହୁ ଅନୁଭୂତି ସୁବୋଧ ଭାଷାରେ ଲିପିବଦ୍ଧ ହୋଇଅଛି । ତଥାପି ଶ୍ଳୋକଗୁଡ଼ିକର ସଂଖ୍ୟା ଦୁଇ ଶହରୁ ବେଶୀ । ଅନେକ ସୂକ୍ତିରେ ସଂସ୍କୃତସାହିତ୍ୟର ମୁଦ୍ରା ସୁସ୍ପଷ୍ଟଭାବରେ ଅଙ୍କିତ ହୋଇଅଛି ।

କାମୋଦ ରାଗ ଲିଖିତ ‘ମହାପ୍ରଭୁ’ ଶୀର୍ଷକ ଜଣାଣ ଘନକୃଷ୍ଣ ଦାସଙ୍କ ‘ଆରତତ୍ରାଣ-ଚଉତିଶା’ର ଅନୁକରଣରେ ଲିଖିତ ହୋଇଥିଲା ପରି ଜଣାପାଏ । କିନ୍ତୁ ପଦବିନ୍ୟାସରେ କବିଙ୍କର ‘କେବଳ ସ୍ୱାତନ୍ତ୍ର୍ୟ ଯେ ଅଛି ତା ନୁହେଁ, କବିପୂର୍ବଙ୍କଠାରୁ ଉତ୍କର୍ଷ ମଧ୍ୟ ପ୍ରକଟ ହୋଇଥିବାର ପରିଦୃଷ୍ଟ ହୁଏ । ଦୃଷ୍ଟାନ୍ତ ସ୍ୱରୂପ—

ବରଜବନ୍ଧୁ, ମତି — ତରଳ ନୋହୁ ଅତି
ଗରଜି ହେଉ ଏ ଶୋଚନା,
ଗରିବର ପାଞ୍ଚଣା — ଶୁଣିବ ସେ' କରୁଣା
କରିବ ପରିର ବିବେଚନା ।

× × × ×

ଉଦରେ ଦାବାନଳ — ହୃଦରେ ହଳାହଳ
ଅଧରେ ଅମୃତ ଉଚ୍ଛଳ,
ପଦ-ନଖରେ ଗଙ୍ଗା — ବଦନେ ଭବ-ଭଙ୍ଗା
ବଦନ କମଳ ଉଜ୍ଜ୍ୱଳ ହେ
ମହାପ୍ରଭୁ !

କି କରି ନ ପାରନ୍ତି କେବେ ?
କାଙ୍କ୍ଷି ଚିଙ୍କ୍ଷି ତ ହେବେ;
ହେଲ ତବ ମହିମା — ତେଜି ଗର୍ବ-ବହିମା
ଜେଳିତ ହୋଇଛନ୍ତି ଦେବେ ହେ ।

ଗଙ୍ଗାଧର-ସାହିତ୍ୟର ସମାଲୋଚକମାନେ କହନ୍ତି, ସେ ହେଉଛନ୍ତି ପ୍ରାଚୀନ ଓ ଆଧୁନିକ ଓଡ଼ିଆ କାବ୍ୟଶୈଳୀର ସଂଯୋଜକ ସେତୁ । ଏହା ଅକ୍ଷରେ ଅକ୍ଷରେ ସତ । ଖଣ୍ଡଗୁଡ଼ିକର ମଧ୍ୟ ସେ ପନ୍ଥାର ପଥିକ ।

ସଂସ୍କୃତ ଶ୍ଳୋକ ଓ ତାହାର ମୁକ୍ତାନୁବାଦ ମଧ୍ୟ ଏ ଗ୍ରନ୍ଥାବଳୀରେ ସନ୍ନିବେଶିତ ହୋଇଛି । ଏଥିରେ କେବଳ ବିଷୟ ବର୍ଣ୍ଣନ କୌଶଳରେ କିମ୍ବା କବିତା ବୃତ୍ତଗୁଡ଼ିକରେ କବିଙ୍କର ଶକ୍ତି ପ୍ରକାଶ ଲାଭ କରିନାହିଁ, ବରଂ ସମାଜସଂସ୍କାରର ବହୁ ଇଙ୍ଗିତ ଏଥିରେ ସୁସ୍ପଷ୍ଟଭାବରେ ପ୍ରତିଫଳିତ ହୋଇଛି । ସମାଜର ଯେଉଁମାନେ କର୍ଣ୍ଣଧାର, ସେମାନଙ୍କର ବିଚାର-ବ୍ୟବହାରରେ ଅନେକ କଥା ଦୋଷଦୁଷ୍ଟ ଥିବା ଦେଖାଯାଏ । ଗୀତାରେ କୁହାଯାଇଛି- ବଡ଼ଲୋକେ ଯେପରି ଆଚରଣ କରନ୍ତି ତାହା ଅନ୍ୟମାନଙ୍କ ପକ୍ଷରେ ଅନୁକରଣୀୟ ହୋଇଯାଏ । ସମାଜରେ ଯେଉଁ କୁସଂସ୍କାରଗୁଡ଼ିକ ପ୍ରଚଳିତ ହୋଇଆସିଛି, ଅଥଚ ଦୁର୍ଭାଗ୍ୟରେ ଜନସଙ୍ଘର ଦୃଷ୍ଟି ସେ ଉପରେ ପଡ଼ିନାହିଁ କବି ନିଜର ଗଭୀର ଅନ୍ତର୍ଦ୍ଦୃଷ୍ଟି ବଳରେ ସାଧାରଣ ଲୋକଲୋଚନକୁ ସେଗୁଡ଼ିକୁ ଆଣିବାକୁ ଚେଷ୍ଟା କରନ୍ତି । ଏଥିରେ କୃତକାର୍ଯ୍ୟରେ ତାହାହିଁ ହୋଇଛି । କିନ୍ତୁ ସବୁଠାରୁ ବଡ଼ କଥା, ଏହା ଆମୂଳଚୂଳ ସମ୍ବଲପୁରୀ ଭାଷାରେ ଲେଖାଯାଇଛି । ସୁତରାଂ ଭାଷାତତ୍ତ୍ୱ ଦୃଷ୍ଟିରୁ କବିତାର ମୂଲ୍ୟ ମଧ୍ୟ କଳନାର ଯୋଗ୍ୟ । ଅନେକ ଦିନ ଧରି, ଏମିତି କି ଗତ ଶତାବ୍ଦୀର ଶେଷ ପାଦରୁ ଆରମ୍ଭ କରି ଅଦ୍ୟାବଧି ଆଞ୍ଚଳିକ ଭାଷାର ସାହିତ୍ୟିକ ପ୍ରୟୋଗ ସମ୍ପର୍କରେ ନାନା ବାଦ ପ୍ରତିବାଦ ପ୍ରକାଶ ପାଇଛି । ଅନେକଙ୍କର ମତ, ବିଭିନ୍ନାଞ୍ଚଳରେ ଯେଉଁ ଲୋକଙ୍କ ମୁଖରେ ଅର୍ଥପୂର୍ଣ୍ଣ ଓ ଉପଯୁକ୍ତ ବା ଉପାଦେୟ ଶବ୍ଦ ବ୍ୟବହୃତ ହେଉଛି, ସେଗୁଡ଼ିକୁ ଅଶ୍ଳୀଳତା ଦୋଷରେ ଦୁଷ୍ଟ ବିବେଚିତ କରିନଯାଇ ଶିଷ୍ଟ ସାହିତ୍ୟରେ ପ୍ରୟୋଗ କରାଯାଉ । ୰ ଗୋପୀନାଥ ନନ୍ଦ, ୰ ଶଶିଭୂଷଣ ରାୟ ଓ ଶ୍ରୀ ଗିରିଜାଶଙ୍କର ରାୟ ପ୍ରମୁଖ ମନୀଷୀଙ୍କର ନିବନ୍ଧ ଓ ପ୍ରବନ୍ଧମାନଙ୍କରେ ଗ୍ରାମ୍ୟ ଭାଷା, ଆଞ୍ଚଳିକ ଭାଷା ବା 'ଷ୍ଟାଣ୍ଡାର୍ଡ' ଭାଷା ସମ୍ପର୍କରେ ବିଭିନ୍ନ ତତ୍ତ୍ୱାତ୍ମକ ମତ ଉପସ୍ଥାପନ କରିଥିଲେ ମଧ୍ୟ ଆଜିକାଲିର ଆଳାପ-ଆଲୋଚନାରେ ବହୁ ଉଚ୍ଚଶିକ୍ଷିତଙ୍କ ଠାରୁ ସମନ୍ୱୟବାଦୀ ଓ ସହନଶୀଳ ମତ ହିଁ ପ୍ରକାଶ ପାଉଥାଏ । ସେ ଦୃଷ୍ଟିରୁ ମଧ୍ୟ ଏ ଖଣ୍ଡର ଗ୍ରନ୍ଥାବଳୀର ଏହି କବିତାଟି ଅତ୍ୟନ୍ତ ଉପାଦେୟ ।

କବିବର ରାଧାନାଥଙ୍କର 'ଚିଲିକା' ଓଡ଼ିଆ ସାହିତ୍ୟର ଦେଶପ୍ରେମ-ଭରା କେବଳ ଏକ ଶ୍ରେଷ୍ଠକାବ୍ୟ ରୂପେ ବିବେଚିତ ହେବା ସେପରି ସୁବିଦିତ,

ଓଡ଼ିଆ ସାହିତ୍ୟରେ ସେହି ପ୍ରକାରର ଏକ ଖଣ୍ଡକାବ୍ୟଧାରାର ଆଦିପ୍ରବର୍ତ୍ତକ ରୂପେ ସ୍ୱୀକୃତ ହେବା ତତୋଽଧିକ ଯୁକ୍ତିଯୁକ୍ତ । ଶଳକାର ଭାଷା, ଭାବ ଓ ଛନ୍ଦ, ବର୍ଣ୍ଣନନୈପୁଣ୍ୟ ଓ ଜୀବନଦର୍ଶନ ପ୍ରଭୃତି ସମସାମୟିକ ତଥା ପରବର୍ତ୍ତୀ କବିମଣ୍ଡଳୀରେ ଅସାଧାରଣ ପ୍ରଭାବ ବିସ୍ତାର କଲା । ତାହା ପରେ ପରେ ନଳଭଜ, ଧାନସି, ଅଂଶୁମା, ଜ.ଶୁକ୍ଳେନ ପ୍ରଭୃତି ଦଶ ଛନ୍ଦର ଖଣ୍ଡି ପର୍ଯ୍ୟନ୍ତ କାବ୍ୟ ବିଭିନ୍ନ ଆକାରରେ ରଚିତ ହେଲା । ଖଗେଶ୍ୱରଙ୍କ 'ସୁରଙ୍ଗୀ' ସେହି 'ଶଳକା-କାବ୍ୟ' ପରମ୍ପରାର ଏକ ସମ୍ପ୍ରସାରଣ ମାତ୍ର । କବିଶେଖର ଚିନ୍ତାମଣି ମହାନ୍ତିଙ୍କ 'ସୁରଙ୍ଗୀ' କାବ୍ୟ ସୁପରିଚିତ । କିନ୍ତୁ ଖଗେଶ୍ୱରଙ୍କ 'ସୁରଙ୍ଗୀ' ସେହି ସୁରଙ୍ଗୀ ନୁହେଁ । ଏହା ଦକ୍ଷିଣ-ଓଡ଼ିଶାର ସୁରଙ୍ଗୀ ରାଜ୍ୟ ନୁହେଁ । ଏହା ହେଉଛି, ସୁଲନ୍ଦର ରାଜ୍ୟର ପ୍ରଧାନ ନଦୀ । ଏଥିରେ କବିଙ୍କର କଳ୍ପନାବିଳାସ ଏବଂ ବର୍ଣ୍ଣନନୈପୁଣ୍ୟର ପରିଚୟ ମିଳେ । କିନ୍ତୁ ଠାଏ ଠାଏ ପ୍ରାଚୀନ ରୀତିର ନୀରସ ବର୍ଣ୍ଣନା କବିତାର ମାଧୁର୍ଯ୍ୟ ବିନଷ୍ଟ କରିଦେଇଛି, ଯେପରି କ ନନ୍ଦକିଶୋରଙ୍କର 'ଶର୍ମିଷ୍ଠା'ରେ ସେହିଭଳି ଏକ ବର୍ଣ୍ଣନାର ସମାବେଶ କବିତାର ସୌନ୍ଦର୍ଯ୍ୟ ନଷ୍ଟ କରିଦେଇଛି ।

| | |
|---|---|
| ମହୁଲ, ପଳାଶ, | ବେଲ, କଇଁ, କେନ୍ଦୂ, |
| ଭଲ୍ଲିଆ, ବାହାଡ଼ା, | କୁସୁମ, କାଟକେନ୍ଦୂ, |
| ହଡ଼ି, କୁଟଜ, ବେହୁଲୁଁ, | ଅଏଁଳା, ଗମ୍ଭାରି, |
| କରଲ, କରଞ୍ଜ, | ଖଇରଲ, ଦୁମାରି, |
| ଧାମନ, ବାଇନ, | ସାହାଜ, ଭେଲୁଆଁ, |
| ଧଅଁର, ଆଭୁଦ, | କୁରୁଳ, କୁରୁଆଁ, |
| ଝଳର, ଝଗଧ, | ଶାଲନ, ଆଁବେଲ, |
| ବେକଟ, ଶାଳିଦ୍ମା, | ଟୁବେନ, ଗାଁବେଲ, |
| କେଚେମଲ, ଶାଗୁଳି | ବାଞ୍ଜି, ମୁଣ୍ଡି, ଷୁଣ, |

(ସୁରଙ୍ଗୀ)

ଜିନଣ ଚନ୍ଦନ    ବିଶ୍ୱତଳ ତୁଷ

କୁରବକ ଆମଳକ,

ହରୀତକୀ ଯାଇଁ  ଅଗସ୍ତି ତିନ୍ତିଡ଼ି
ସ୍ନୁହୀତରୁ ଶାଳଶାଖୋଟକ,
ମନ୍ଦାର ବକୁଳ  ବନ୍ଧୁଳି ପୁନ୍ନାଗ
ଖଦିର ଯାଇଁ ବଦର,
ଅଶୋକ ଶିମ୍ବଳ  ଚମ୍ପକ ଶିଂଶପା
ମୁଚକୁନ୍ଦ ଉଦୁମ୍ବର ।
(ଶର୍ମିଷ୍ଠା)

ଏଥିରୁ ସହଜରେ କହିବାକୁ ହେବ ଯେ କବି ନିଜର ସମସ୍ତ ଶକ୍ତି ଯେପରି କି ଏହି କବିତାରେ ପ୍ରକାଶ କରିଛନ୍ତି । ରାଧାନାଥଙ୍କୁ ଅନୁକରଣ କରିବାରେ କବି କେତେଦୂର ଲାଳାୟିତ, ତାହା 'ସୁରଙ୍ଗୀ'ର ଶେଷ ଅଂଶରୁ ବେଶ୍ ପ୍ରତିପନ୍ନ ହୁଏ । ନିଜ ଜୀବନର ତିକ୍ତ ମଧୁର ଅନୁଭୂତି ବର୍ଣ୍ଣନାରେ ରାଧାନାଥ ଚିଲିକାରେ ଯେଉଁଭଳି କବିଜନୋଚିତ ଭାବୁକତା ପ୍ରଦର୍ଶନ କରିଛନ୍ତି, ଖଗେଶ୍ୱର ସେହିପରି 'ସୁରଙ୍ଗୀ'ର ଶେଷଭାଗରେ ତାଦୃଶ ଅନୁଭୂତିର ବର୍ଣ୍ଣନା କରିଛନ୍ତି ।

'ସୁରଙ୍ଗୀ' ପ୍ରତିପାଳକ କବିଙ୍କ ପ୍ରତିଭା ଅସ୍ୱୀକାର୍ଯ୍ୟ ନୁହେଁ । ଅବଶ୍ୟ ରାଧାନାଥଙ୍କ ଅନୁବର୍ତ୍ତିତାର ମାନଦଣ୍ଡରେ କବିଙ୍କ ମହତ୍ତ୍ୱ ପ୍ରତିପାଦନ ବଳିଷ୍ଠ ଭାବରେ ଫୁଟି ଉଠିପାରିବ ନାହିଁ । ରାଧାନାଥ ଲେଖିଛନ୍ତି—

"କୋଟି କୋଟି ଜୀବେ ଲଭନ୍ତି ଜୀବିକା
ତୋ ଦେହେ ଏ ଧୂଳେ ଧରଣି, ଚିଲିକା,
କୋଟି କୋଟି ଜୀବେ ଯୋଗାଇ ଆହାର,
ନ ସରଇ ତୋର ଅକ୍ଷୟ ଭଣ୍ଡାର !
କି ଆଶ୍ରିତ, କିବା ଆଗନ୍ତୁକ ଜନ୍ତୁ
ନିର୍ବିଶେଷେ ସର୍ବେ ପୂରନ୍ତି ଆଶନ୍ତୁ"
(ଚିଲିକା)

ଖଗେଶ୍ୱରଙ୍କ ଉପରେ ଏ ଅଂଶର ପ୍ରଭାବ ବାରି ହୋଇପଡ଼େ ।

"ପାଳିବାକୁ ତୋର  ଆଶ୍ରିତ ଜୀବନ,
ଦୟାବୁଡ଼େ ଢାଳି  ଦେଉଛୁ ଜୀବନ ।

ଚତୁଷ୍ପଦ ଅଷ୍ଟ-　　　　ପାଦ ଷଟ୍‌ପଦ
ଶତପାଦକାଦ　　　　ଦ୍ୱିପଦ ନଶ୍ୱର ।
ପ୍ରାଣ ରଖିଛନ୍ତି　　　　ନାନା ଜାତି ପ୍ରାଣୀ
ସର୍ବେ ଖାଇପିଇ　　　　ତୋର ଦାନାପାଣି ।"

(ପୃ: ୩୫୧)

କବିବର ରାଧାନାଥ 'ଚିଲିକା'ର ଶେଷଭାଗରେ ସ୍ୱଜୀବନର ବିଶ୍ଳେଷଣାତ୍ମକ ଚିତ୍ର ପ୍ରଦାନ କରି ଲେଖିଛନ୍ତି—

"ସ୍ଥିର ଭାଗ୍ୟ ମୋର ଚିହ୍ନିତ ପାଷାଣେ,
ମୋ ଜୀବନ ଗତି ଅନ୍ୟ ଇଚ୍ଛାଧୀନେ,
ଚିର ବାଧାମୟ ଏ ସ୍ଥିର ଜୀବନ,
ଜୀବନ ନୁହଇ, ଜୀବନ୍ତ ମରଣ !
ଚିରଦିନ ଦୁଃଖପ୍ରହାରେ ଜର୍ଜର,
ପଢ଼ିଶିଷ୍ୟ ମୁହିଁ ଦୁଃଖ-ଗୁରୁଙ୍କର,

× × ×

ଭାଗ୍ୟବାନ ଦେବ ବାଣୀଙ୍କ କୁମର—
କବି ବଳଦେବ, ଭକ୍ତ ଅରକ୍ଷିତ;
କାହିଁ ସେହି, କାହିଁ ମୁହିଁ ଅଭାଜନ ?
ଦେଖୁଥିଲି ଯିବା ଜାଗ୍ରତ-ସ୍ୱପନ !"

(ରା: ଗ୍ର: ପୃ: ୧୭୦-୧୭୧)

ଗଙ୍ଗାଧର ମଧ୍ୟ ଏହାର ଅନୁବର୍ତ୍ତନ କରି ଏପରି ଲେଖିଛନ୍ତି—

"ଧୈର୍ଯ୍ୟଧ୍ୱଂସୀ ବେଗେ　　　　ପ୍ରାଣ ଭୟାକ୍ରାନ୍ତ
ମାନସ ମୋହର　　　　ବିବ୍ରତ ବିଭ୍ରାନ୍ତ ।
ସହିବାକୁ ବେଶି　　　　ଦୁଃଖଶୋକ-ଝଙ୍କା
ଦୁର୍ଭାଗ୍ୟ-ଲଗ୍ନଷ୍ଟା　　　　ଅଛିଅଛି ଠିକା !

× × ×

ଫୁଟାଇ ପାରିବି　　　　ତୋର ପୂର୍ଣ୍ଣ ଛବି
ଶକ୍ତି ମୋର କାହିଁ ?　　　　ପଣ୍ଡିତ ପାଧିବି !

× × ×

ନିଭିଅଛି ଯିବା — ନର ଜନ୍ମ ମଣି
ନାଶୁ ଭାଗ୍ୟ ମୋର — ଦୁଃଖ-ବିଷେ ଫଣୀ !
ଯାବନ ମୋହର — ନାନା ଅଶାନ୍ତିର
ହୋଇଛି ନର୍ତ୍ତନ- — କୁର୍ଦ୍ଦନ-କୁଟୀର ।"

ରାଧାନାଥ ପୁଣି ଲେଖିଛନ୍ତି—

"ମାଗୁଛି, ବାଳକା, ମେଳନ୍ତି ତୋଠାରେ,
ବାନ୍ଧୁଛବି ଏବେ ଦାରୁଣ ସଂସାରେ,

× × ×

ସୁଖ ବୋଲି ଯାକୁ ବୋଲନ୍ତି ସଂସାର,
କହୁଥାଇ ତାକୁ ଦୁହେଁ ମୁଁ କୁହାର,

× × ×

ବସ୍ତୁ ନୁହଇ ସେ ଅଟଇ ଧୂମ,
ଅନ୍ୟ ନାମ ତାର ଆକାଶକୁସୁମ,
ତୋହରି ପୁଳକେ ମୃଗ-ତୃଷ୍ଣା ପ୍ରାୟେ
ମନୋମୃଗକୁ ସେ ଜଗତେ ଭ୍ରମାଏ,

× × ×

ଅଶୀମଦେ ମତ୍ତ ହୋଇ କେତେ ଥର
ଡୁବାଇଲି ମନ-ମୋଦକେ ଉଦର"

(ରା: ଗ୍ର: ପୃ: ୧୬୦-୧୬୧)

ଜଗେଶ୍ୱରଙ୍କ ଉଦ୍ଗାର—

"ସୁରଙ୍ଗି, ଏ ଅବ — ଉତ୍ପଳମାଳିନ

× × ×

ନେଲ ଗୋ ସୁରଙ୍ଗି — ଦେଖାଲେ ମେଳଣି ।
ଫେଡ଼ିକି ଯିବା ମୁଁ — ଶୂନ୍ୟ ସଂସାରରେ
କାହିଁ ଅଛି ମୋର — ଜୀବନ-ସଂସାରେ ?

× × ×

ଭବିଷ୍ୟତ ମୁଖ- ଶାନ୍ତିର ସୂତିକା
ଆଶା ଥିଲେହେଁ ତା ଆଶା ମରୀଚିକା ।
ଆଶା-ଭୂମିରେ ଯା' ଦିଶୁଥାଏ ସୁନା
ହାତ ବଢ଼ାଇଲେ ମିଳିଥାଇ ଚୂନା ।"

ଏପରି ଅନେକ ଦୃଷ୍ଟାନ୍ତ ଦିଆଯାଇପାରେ । ତେବେ ରାଧାନାଥଙ୍କ ଭାଷାର ସ୍ୱଚ୍ଛନ୍ଦ ଓ ବର୍ଣ୍ଣନ-ସୁବିଧାନ ନୈପୁଣ୍ୟରେ ଖଗେଶ୍ୱର ତାଙ୍କ ସମତୁଲ୍ୟ ନୁହନ୍ତି । 'ସୁରଙ୍ଗୀ'ରେ କବିତ୍ୱବିକାଶର ଅଭାବ ନାହିଁ, କିନ୍ତୁ ବହୁ ଅଂଶ କବିଙ୍କ ପୋଷକ ଜମିଦାରଙ୍କର ଗୁଣଗୌରବ ବର୍ଣ୍ଣନରେ ପର୍ଯ୍ୟବସିତ । ରାଧାନାଥ 'ଚିଲିକା'ର ଶେଷଭାଗରେ ମୟୂରଭଞ୍ଜ ଓ ବାମଣ୍ଡା ରାଜାମାନଙ୍କର ପ୍ରଶଂସା କରିଛନ୍ତି, କିନ୍ତୁ ସେ ପ୍ରଶଂସା କରାଯାଇଛି ଉତ୍କଳ-ଭରଣଙ୍କର ସାମୂହିକ ଉନ୍ନତିବିଧାନ ଦୃଷ୍ଟିରୁ । ଖଗେଶ୍ୱରଙ୍କ ବର୍ଣ୍ଣନା କିନ୍ତୁ ବ୍ୟକ୍ତିଗତ ସ୍ତୁତି ପ୍ରକାଶରେ ସୀମାବଦ୍ଧ ।

ଗ୍ରନ୍ଥାବଳୀର ଶେଷଭାଗରେ କେତେଗୁଡ଼ିଏ ଖଣ୍ଡକବିତା ସନ୍ନିବେଶିତ ହୋଇଛି । ସେଗୁଡ଼ିକରେ ସେପରି କ୍ରମବଦ୍ଧତା ନାହିଁ । ତଥାପି ଭକ୍ତିସ୍ତୁ ଶାନ୍ତି କବିତାଠାରୁ ଆରମ୍ଭ କରି ଗଙ୍ଗାଧର ଓ ନନ୍ଦକିଶୋରସୁଲଭ ସରଳ ଓ ଲଳିତ କବିତ୍ୱରେ ସେଗୁଡ଼ିକ ରୁଚିକର ହୋଇ ଉଠିଛି ।

କବି ଖଗେଶ୍ୱର କେବଳ ପ୍ରାଚୀନ ଛାନ୍ଦଶୈଳୀର ଉପାସକ ନଥିଲେ, ଥିଲେ ରାଧାନାଥୀ ଶୈଳୀର ଅନୁରାଗୀ ମଧ୍ୟ । ଅମିତ୍ରାକ୍ଷର ଛନ୍ଦରେ ଯଦିଓ "ବିଷାଦନଶୀ" ରଚିତ, ତଥାପି 'ବୈଦେହୀଶବିଳାସ' ପରି ଏଥିରେ 'ବ' ନିୟମ ରକ୍ଷିତ ହୋଇଛି । 'ଚଉତିଶା-ଚନ୍ଦ୍ରକଳା'ର ୧୪ଶ ଛାନ୍ଦର 'ଗ' ନିୟମ ପରି, 'କ' ନିୟମରେ "କାଳୀକୋଳେ କବିନନ୍ଦନ" ଲେଖିଛନ୍ତି (ପୃଷ୍ଠା—୮୯୫) । ହେଲେହେଁ ଭାଷା, ଭାବ, ଛନ୍ଦ ଓ କଳ୍ପନା—ଏ ସମସ୍ତର ଅପୂର୍ବ ସମନ୍ୱୟ ହୋଇଛି 'ବିଷାଦନଶୀ'ରେ । ଏଠାରେ ମଧ୍ୟ ଖଗେଶ୍ୱର କବିବର ରାଧାନାଥଙ୍କ ଅମିତ୍ରାକ୍ଷର ଛନ୍ଦଲିଖିତ 'ଦଶରଥବିୟୋଗ'ର ଅନୁସରଣ କରିଛନ୍ତି । 'ବ' ନିୟମ ରକ୍ଷା କରିବାକୁ ଯାଇ ବହୁ କ୍ଲିଷ୍ଟ ଓ ଅବୋଧ ଶବ୍ଦ ପ୍ରୟୋଗ କରିଛନ୍ତି । ଫଳରେ, କରୁଣରସର ଉଦ୍ରେକରେ ଘୋର ବାଧା ଉପସ୍ଥିତ ହେବାର ପାଠକ ମାତ୍ରେ ଅନୁଭବ କରିବେ । ମୃତ ପୁତ୍ର ନିକଟକୁ ଯାଇ ତପିବର ବିଳାପ କରିବାର ବର୍ଣ୍ଣନାରେ ଉଭୟ କବିଙ୍କର ତୁଳନା କରାଯାଇପାରେ ।

ରାଧାନାଥଙ୍କ ଲେଖଣୀରୁ ଝରିପଡ଼ିଛି—

"କାନ୍ଦିଲେ ଏମନ୍ତ ମୃତ ସୁତକୁ ସମ୍ବୋଧି,
'ବାବୁ ରେ, ଭୂତଳେ କାହିଁ ଶୋଇଲୁ ଏମନ୍ତ ?
×　　　×　　　×
ଯାମିନୀ ଅନ୍ତିମ ଯାମେ ଗାଇ ସୁମଧୁରେ
ବେଦସ୍ତବ କଏ ଦେବ ଆମ୍ଭଙ୍କୁ ଜଗାଇ"

(ରା: ଗ୍ର: ପୃ: ୨୯୮)

ଖଗେଶ୍ୱରଙ୍କ ଭାଷାରେ—

"ଦୋକ ବିନ୍ଦୁ ପୁଷ୍ପ ମୁଖେ ବିହ୍ୱଳ-ବିଳାସେ
ଝଳକେ ଭ୍ରମନ୍ତି ମୁନି, ଛଡ଼ି ଛଡ଼ି ଧ୍ୟାନ,
×　　　×　　　×
ବ୍ରାହ୍ମମୁହୂର୍ତ୍ତରେ ଆଉ ଡାକିବେ କାହାଙ୍କୁ ?
ବିଷ୍ଣୁ ନାମାବଳୀ ତାଙ୍କୁ ଶୁଣାଇବ କିଏ"

ରାଧାନାଥଙ୍କ ଭଗ୍ନହୃଦୟାବେଗର ପରିପାଟୀ ଓ ରସପ୍ରସ୍ରବଣର ପ୍ରବାହ ଯଦିଓ 'ବିଷାଦିନୀ'ରେ ଅନୁପଲବ୍ଧ, ତଥାପି ସମଗ୍ର କବିତାଟି ଖଗେଶ୍ୱରଙ୍କ କବିତ୍ୱ, ଶକ୍ତି ଓ ପାଣ୍ଡିତ୍ୟର ପ୍ରକୃଷ୍ଟ ପରିଚାୟକ । ଏପରି କି ସମଗ୍ର ଗ୍ରନ୍ଥାବଳୀରେ ଏହା ଏକ ଉଚ୍ଚ ଆସନର ଯୋଗ୍ୟ ଅଧିକାରୀ ।

ସଂକ୍ଷେପରେ କହିଲେ, କବି ଖଗେଶ୍ୱର ଜଣେ ପ୍ରତିଭାଶାଳୀ କବି । ସ୍ୱଜନ୍ମଭୂମିର ଶ୍ରେଷ୍ଠ କବି ଗଙ୍ଗାଧର ତାଙ୍କର ପ୍ରଥମ କାବ୍ୟଗୁରୁ ଏବଂ ଗଙ୍ଗାଧରଙ୍କର ଗୁରୁମଣ୍ଡଳୀ ତାଙ୍କର ପରମଗୁରୁ ହୋଇ ଉଠିଛନ୍ତି । ସୁଦୂର ମଫସଲରେ ଏହିଭଳି ଜଣେ ପ୍ରତିଭାଶାଳୀ କବି ଲୋକଲୋଚନ ଅଗୋଚରରେ ପଡ଼ି ରହିଥିବା ଯେତିକି ଆଶ୍ଚର୍ଯ୍ୟର ବିଷୟ ନୁହେଁ, ତତୋଧିକ ଭାବରେ କ୍ଷୋଭର ବିଷୟ । ଖଗେଶ୍ୱରଙ୍କର ସମଗ୍ର ଗ୍ରନ୍ଥାବଳୀ ପ୍ରକାଶ ପାଇଲେ ସେ ବୋଧହୁଏ ସାହିତ୍ୟସୃଷ୍ଟିର ପରିମାଣରେ ରଜ୍ଞାମଣୀଙ୍କୁ ମଧ୍ୟ ବଳିଯିବେ ।

'ସାହିତ୍ୟ ଏକାଡେମୀ'ର ଗଠନ ପୂର୍ବରୁ କବିଙ୍କର ଜଣାଣ, ଚଉତିଶା ଓ ନାନା ରାଗରାଗିଣୀପୂର୍ଣ୍ଣ ଏହି ଗ୍ରନ୍ଥାବଳୀ 'ସଙ୍ଗୀତ ନାଟକ ଏକାଡେମୀ'

କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଯଥେଷ୍ଟ ସମୀଚୀନତା ରହିଛି । ଓଡ଼ିଶାର ପୂର୍ବତନ, ଗଡ଼ଜାତ ରାଜ୍ୟମାନଙ୍କରେ ଅନେକ କବି-ପଣ୍ଡିତ ଅଜ୍ଞାତ ଭାବରେ ପଡ଼ି ରହିଥିବା ଏବେ କ୍ରମେ କ୍ରମେ ଜଣାଯାଉଛି । ଯଥାର୍ଥରେ ଏଭଳି କବିମାନଙ୍କର ରଚନା ପ୍ରକାଶ ପାଇବା ବିଭିନ୍ନ ଦୃଷ୍ଟିକୋଣରୁ ଆମ ସାହିତ୍ୟର ଶ୍ରୀ ସମ୍ପାଦନରେ ସହାୟକ ହେବ ।

ଶ୍ରୀ ଗୌରୀକୁମାର ବ୍ରହ୍ମା
ସମ୍ପାଦକ,
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ

# କବି ଶ୍ରୀ ଖଗେଶ୍ୱର ସେଠ

ସତ୍‌ସାହିତ୍ୟ ସାଧକ ପ୍ରାକୃତିକ ଉତ୍କଳର ଅପ୍ରତିଦ୍ୱନ୍ଦ୍ୱୀ କବିବର ଗଙ୍ଗାଧର ମେହେରଙ୍କ ଯୋଗ୍ୟଶିଷ୍ୟ ବହୁମୁଖୀ ପ୍ରତିଭାଶାଳୀ କବି ଶ୍ରୀ ଖଗେଶ୍ୱର ସେଠ ବାସ୍ତବିକ ଉତ୍କଳର ଅନେକ ଲବ୍ଧପ୍ରତିଷ୍ଠ ସାହିତ୍ୟସେବୀଙ୍କ ନିକଟରେ ସମ୍ପୂର୍ଣ୍ଣ ଅପରିଚିତ କହିଲେ ଚଳେ ।

ଏହି ନବୀନ ନିସର୍ଗ କବିଙ୍କ କାବ୍ୟ କବିତାବଳୀ କି ପ୍ରାଚୀନ କି ଆଧୁନିକ ଉଭୟ ସ୍ତରର ରଚନା-ଶୈଳୀ, ଭାଷା-ପରିପାଟୀ, ଭାବ-ଗାମ୍ଭୀର୍ଯ୍ୟ, ଅଳଙ୍କାର-ଚାକଚକ୍ୟ ତଥା ସୁନିର୍ବାଚିତ ଉଦ୍‌ବୋଧନ-ଭଙ୍ଗୀରେ ଜାତୀୟ ସମାଜର ପ୍ରାଣସ୍ପର୍ଶୀ ହୋଇ ପାରିଅଛି; ଅଥଚ "ଚନ୍ଦ୍ରଭାଗା-ଚନ୍ଦ୍ରକଳା", "ସମାଜ", "ସୁରଙ୍ଗୀ", "ବିଷାଦ-ନିଶା", "ଜୀବନ-ଯାତ୍ରା", "ପ୍ରଣୟ-ନିର୍ଝର", "ଉତ୍କଳ-କବିତା", "ଚଇତ-ଅମାବାସ୍ୟା" ପ୍ରଭୃତି ତାଙ୍କର ପ୍ରତ୍ୟେକ ଲେଖାରେ ମୌଳିକ କଳ୍ପନା, ଉଚ୍ଚ ମାର୍ଜିତ ଶବ୍ଦ, ମଧୁର ଛନ୍ଦ ପରିସ୍ଫୁଟ । ଅଧିକନ୍ତୁ ଉତ୍କଳୀୟ ସାରସ୍ୱତ ଭଣ୍ଡାରରେ ଏଗୁଡ଼ିକ ଗୋଟିଏ ଗୋଟିଏ ସମୁଜ୍ଜ୍ୱଳ ରତ୍ନ ।

କବିଙ୍କର ଜନ୍ମ ୧୯୦୭-୮ ମଧ୍ୟରେ ସମ୍ବଲପୁର ଜିଲ୍ଲାନ୍ତର୍ଗତ ବରଗଡ଼ ଥାନାନ୍ତଃପାତୀ ବରସଡ଼ା ଗ୍ରାମରେ ହୋଇଥିଲା । ସେ ଗଙ୍ଗାଧରଙ୍କ ଭଳି ଚନ୍ଦ୍ରିକାସ୍ନାତ ରଜନୀରେ ଏ ସଂସାରକୁ ଆସିଥିଲେ କି ନାହିଁ ସେ କଥା ତାଙ୍କ ପ୍ରତିଭା ବିଷୟରେ ଅବାନ୍ତର । କୃଷ୍ଣପକ୍ଷର ଘୋର ତମସା ମଧ୍ୟରେ ମହାପୁରୁଷ ଯୋଗେଶ୍ୱର କୃଷ୍ଣ ଅବତୀର୍ଣ୍ଣ ହୋଇ ଜଗତର ମୁଖ ଉଜ୍ଜ୍ୱଳ କରିଥିବାର ପ୍ରମାଣ ଏକାନ୍ତ ଅଦୁର୍ଲଭ ନୁହେଁ । କବିଙ୍କର ଜନ୍ମ ତାରିଖ ସଂଗୃହୀତ ଓ ଲିପିବଦ୍ଧ ହୋଇ ପାରିନାହିଁ—ଏହାର ମୂଳରେ କବିଙ୍କର ନିର୍ଲିପ୍ତତା ହିଁ ଦାୟୀ । ଆଜିକାଲି ଅସଂଖ୍ୟ ଅର୍ବାଚୀନ ଲେଖକଗୋଷ୍ଠୀ ନିଜକୁ କେବଳ ପ୍ରଚାରଣା ଦ୍ୱାରା କବି ଭାବରେ ଚିହ୍ନା କରାଇବାକୁ ଯେପରି ବ୍ୟଗ୍ର, କବି ଶ୍ରୀ ଖଗେଶ୍ୱର ସେଠ ତାହାର ବହୁତ ଦୂରରେ । ତେଣୁ ଭାବରେ ଚିହ୍ନା ହୋଇ ନିଜସ୍ୱ ପ୍ରତିଭାର ପ୍ରତିବିମ୍ବ ବିବେକ-ମୁକୁରରେ ବାରମ୍ବାର ନିରୀକ୍ଷଣ କରିବା ଦ୍ୱାରା ତାଙ୍କ ପ୍ରତିଭା ବହୁ ପରିମାଣରେ ମାର୍ଜିତ, ସଂଯତ ଓ ମାଧୁର୍ଯ୍ୟମଣ୍ଡିତ ହୋଇ ପାରିଛି ଅଥଚ ସେଥି ସକାଶେ ତାଙ୍କୁ କିଏ ବି ଅପମାନ ସ୍ପର୍ଶ କରି ପାରିନାହିଁ ।

ସ୍ୱର୍ଗତ ଗୋପୀନାଥ ମହାନ୍ତି, ଏମ୍. ଏ. ବରଗଡ଼ରେ ଅବସ୍ଥାନ କରୁଥିବା ସମୟରେ କବିଙ୍କ ପରିଚୟ ପ୍ରଦାନ ପ୍ରସଙ୍ଗରେ ଲେଖିଥିଲେ— " × × × କବି ଶ୍ରୀ ଖଗେଶ୍ୱର ସେଠ ଜଣେ ପ୍ରତିଭାଶାଳୀ କବି । ପ୍ରାଚୀନ ଓଡ଼ିଆ ସାହିତ୍ୟ ତାଙ୍କର କଣ୍ଠସ୍ଥ ଅଛି ଏବଂ ନିଜର ରଚନା ବହୁତ । ବାଳ ପାଚିଲାଣି, ଜୀବନର ଦୀର୍ଘିକା-ଗର୍ଭରେ ସ୍ୱାସ୍ଥ୍ୟ ମଉଳି ପଡ଼ିଲାଣି, କିନ୍ତୁ କବିତାର ନାଁ ଶୁଣିଲେ ଅଦ୍ୟାପି ଆଖିରେ ବିଜୁଳି ଖେଳିଯାଏ । ଜୀବନ ଅଟକ ନାହିଁ । ସେହି ସାଂସାରିକ ଅବସ୍ଥା ମଧ୍ୟରେ ଏହାଙ୍କର କାବ୍ୟ-କୁସୁମାବଳୀର ବିକାଶ ହୋଇଛି ଶୁଣିଲେ ତୁଷ୍ଣୀ ହୋଇ ରହିବାକୁ ପଡ଼େ । ଏ କବି ଜାତିରେ କେଉଟ; ସାମାଜିକ ସ୍ତରରେ ବୃତ୍ତି ମୂଳିଆ ଶ୍ରେଣୀର । × × × କବି ମୂଲ ଲାଗନ୍ତି, ହଳ କରନ୍ତି, ଜଙ୍ଗଲରୁ କାଠ କାଟିଆଣି × × ×, ଏବଂ ମୁଣ୍ଡି ନିଆ ସାଜନ୍ତି । ମହାତ୍ମାମାନଙ୍କର ଏପରି ବେଶଭୂଷା ଇତିହାସରେ ବିରଳ ନୁହେଁ । କବି (Burns) ହଳ କରୁଥିଲେ, ପୃଥିବୀର ଶ୍ରେଷ୍ଠ ଔପନ୍ୟାସିକ (Knut Hamsun) ଅଳ୍ପ-ବୟସରେ ଷଣ୍ଢ ମଡ଼ାଇବା ମୂଲିଆ ଥିଲେ । × × ×, ସେହିପରି କବି ଖଗେଶ୍ୱର ସେଠ । ବାର-ସମ୍ବଳ ସମ୍ବଲପୁର ଜିଲ୍ଲାରେ, ଯେଉଁଠି ଗଙ୍ଗାଧର ବିହାର କରିଥିଲେ, ତାଙ୍କରି ଜନକ-ଭୂଇଁ ବଡେଇପୁର ଥାନା ଇଲାକାରେ ଭୁଲେଇମାଲ୍ ଗ୍ରାମରେ ପୁଣ୍ୟଶ୍ଳୋକ କବି ଖଗେଶ୍ୱର ସେଠଙ୍କର କବି-କୁଟୀର ।

ଆଜି ସେହି ଦେଶରେ କୁକୁଡ଼ା-ଡିମ୍ବ, ମାଛ, ବିଲାତିଆଳୁ ପାଇଁ ଜାହାଜ ଯୋଜନା ଅଛି କିନ୍ତୁ ସାହିତ୍ୟ ପାଇଁ ନାହିଁ, ସେତେବେଳେ କବିର ଟୋପାଥିର କି ମର୍ଯ୍ୟାଦା ? ଈଶ୍ୱରଙ୍କର ଦୂତ ସାହିତ୍ୟିକ କଳାଶିଳ୍ପୀର କାଳିସୀ ହୋଇ କେବଳ ଶ୍ମଶାନର ଅଙ୍ଗାର ପାଉଁଶରେ ଭରି । × × × ଲୋକେ କହିବେ, ଗଙ୍ଗାଧର ଏ ଦେଶର ଭୂଇଁରେ 'ଭୁଲକ୍ରମେ' ଜନ୍ମ ହୋଇଥିଲେ ସିନା, ସମ୍ବଲପୁରରେ ଆଜି କବି ନାହାନ୍ତି । ଆମର ଅଭିଯୋଗ—ସମ୍ବଲପୁର ଜିଲ୍ଲାରେ ଅଦ୍ୟାପି ଗଙ୍ଗାଧରଙ୍କ ଆତ୍ମା ରୂପପରିଗ୍ରହ କରିଛି, କିନ୍ତୁ ପୁଞ୍ଜିବାଦ ବହୁବାଦୀ ଯୁଗ ତାଙ୍କୁ ଦେଖି ବି ପରିଚୟ ସ୍ୱୀକାର କରୁନାହିଁ ।" ଇତ୍ୟାଦି ।

ଉପର୍ଯ୍ୟୁକ୍ତ ପଂକ୍ତିଟିକୁ ପାଠ କରି ଅନେକେ ଅବଶ୍ୟ ମନେ କରିପାରନ୍ତି, କବି ଶ୍ରୀ ଖଗେଶ୍ୱର ସେଠ ଜଣେ ଅ-ଶ୍ରୁ କବି । ସେ ନିତାନ୍ତ ଦୁରବସ୍ଥ ଓ ଦୁଃସ୍ଥିତ । କିନ୍ତୁ ଖାଲି ସେତିକରେ ସେ ଆମମାନଙ୍କଠାରେ ପରିଚିତ ହୁଅନ୍ତି ।

ନାନା ଦୁଃଖ ଦୁର୍ଦ୍ଦଶା ତାଙ୍କର ଚିର ସହଚର । ସତେ ଯେପରି ତାଙ୍କ ପ୍ରତି ଏହା ଈଶ୍ୱରଙ୍କ ଆଶୀର୍ବାଦ ! ସୁତରାଂ କେବଳ ଦୁଃଖ ଦୁର୍ଦ୍ଦଶା ହିଁ ତାଙ୍କ ଆଦର୍ଶ କବିଜୀବନକୁ ଗଠନ କରିପାରିଛି—ଉଦାର, ମଞ୍ଜୁଳ ଓ ଉଜ୍ଜ୍ୱଳ କରିପାରିଛି । ଏଥିରେ ହିଁ ତାହା ସୁଠାମ, ସୁନ୍ଦର, ମନୋହର । ପାର୍ଥିବ ମଦମତ୍ତ ଲୋକ ଚକ୍ଷୁରେ ସେ ଯେତେ ଶ୍ରୀ-ଖଣ୍ଡିତ, ସତ୍ୟ ସରଳତାର ଦିବ୍ୟ ଦୃଷ୍ଟିରେ ତାଙ୍କର ସ୍ୱର୍ଗୀୟ ହୃଦୟ ତଦ୍ରୂପ ଶ୍ରୀ-ମଣ୍ଡିତ । ଭକ୍ତିନିଷ୍ଠ ଆଜୀବନ ସେ ଅର୍ଥୀ ହେଲେହେଁ ଧନୀ; ଜୀବନ୍ମୃତ ହେଲେ ମଧ୍ୟ ଚିରଞ୍ଜୀବୀ—ଅମର !

**କବିପରିବାରର ସଂକ୍ଷିପ୍ତ ପରିଚୟ**—କବିଙ୍କର ପିତାଙ୍କ ନାମ ଥିଲା ଶ୍ରୀ ହୃଷୀକେଶ ଶେଠ । ମାତ୍ର ତାଙ୍କୁ ଲୋକେ ହୃଷି ଶେଠ ବୋଲି ଗ୍ରାମ (ସରଦର)ରେ ଡାକୁଥିଲେ । ହୃଷୀକେଶ ଶେଠ ଥିଲେ ଜଣେ ସାଧାରଣ ଲେଖକ । ସେ ପ୍ରାଚୀନ ସାହିତ୍ୟାନୁରାଗୀ ଓ ପୁରାଣରେ ତାଙ୍କର ବେଶ୍ ପ୍ରବେଶ ଥିଲା । ସେ ଜଣେ ସ୍ପଷ୍ଟବାଦୀ ଓ କଡ଼ା ମିଜାଜ୍‌ର ଲୋକ ଥିଲେ । ଏହା ବ୍ୟତୀତ ତାଙ୍କ ବଂଶରେ କବିତ୍ୱଶକ୍ତି ମଧ୍ୟ ଥିଲା । ପିତାଙ୍କର ଏହି ପ୍ରାଚୀନ ସାହିତ୍ୟଚର୍ଚ୍ଚା ଓ ଉକ୍ତ ବଂଶଗତ କବିତ୍ୱଶକ୍ତି କବି ଶ୍ରୀ ଖଗେଶ୍ୱର ଶେଠଙ୍କ ଜୀବନ ଓ ଚରିତ୍ର ଉପରେ ଯଥେଷ୍ଟ ପ୍ରଭାବ ପକାଇଅଛି ।

ମାତାଙ୍କର ନାମ ଥିଲା ଧାଙ୍ଗରାଣୀ । ଅନେକେ ସ୍ନେହରେ ତାଙ୍କୁ ଧାଏବ ବୋଲି ଡାକୁଥିଲେ । ସେ ଅତି ନ୍ୟାୟପରାୟଣା ଓ ଶାନ୍ତ ସୁଶୀଳ ପ୍ରକୃତିର; ମାତ୍ର ଅନ୍ୟାୟ ଦେଖିଲେ ନିଜର ପୁଅଝିଅଙ୍କୁ ମଧ୍ୟ ସେ କ୍ଷମା କରି ପାରୁ ନ ଥିଲେ ।

ହୃଷୀକେଶ ଶେଠଙ୍କର ସାତୋଟି ସନ୍ତାନ । ତନ୍ମଧ୍ୟରୁ ପୁତ୍ରସନ୍ତାନ ଚାରୋଟି ଓ କନ୍ୟା ତିନୋଟି । ସର୍ବକନିଷ୍ଠ ହେଉଛନ୍ତି ଶ୍ରୀ ଖଗେଶ୍ୱର ଶେଠ । ଜ୍ୟେଷ୍ଠପୁତ୍ର ବ୍ରଜମୋହନ ଶେଠ । ସେ କୈବର୍ତ୍ତ କୁଳରେ ଜନ୍ମଗ୍ରହଣ କରିଥିଲେ ହେଁ ଧର୍ମନିଷ୍ଠ ଥିଲେ ଓ ମାଛ ମାଂସ ପରିତ୍ୟାଗ କରି 'ବୈଷ୍ଣବ' ଭାବରେ ଜୀବନଯାପନ କରୁଥିଲେ । ସେ ଥିଲେ ସତ୍ୟ ଓ ନ୍ୟାୟର ନିର୍ଭୀକ ଭକ୍ତ । ତାଙ୍କର ସାମାନ୍ୟ ରଚନାଶକ୍ତି ମଧ୍ୟ ଥିଲା । ତାଙ୍କ ତଳକୁ ସୁନ୍ଦରମଣି ଶେଠ ଜଣେ ମିତବ୍ୟୟୀ ତଥା କୌତୁକପ୍ରିୟ ଲୋକ ଥିଲେ । ସୁନ୍ଦରମଣିଙ୍କ ପରେ ଭୁବନେଶ୍ୱର ଶେଠ । ଏହାଙ୍କର ମଧ୍ୟ ଅଳ୍ପ ରଚନାଶକ୍ତି ଥିଲା । କିନ୍ତୁ ସେ ଦେଖାଣିଆ କାର୍ଯ୍ୟକଳାପରେ ଟିକିଏ ଧର୍ମଧ୍ୱଜୀ ଥିଲେ । ତା' ପରେ ଖଗେଶ୍ୱର

ଶେଠଙ୍କର ଜନ୍ମ । କବି ଜନ୍ମରୁ ପୀଡ଼ିତ ଥିଲେ । ତାଙ୍କ ମାଆଙ୍କର କ୍ଷୀର ନ ହେବାରୁ ଭୁଲ୍‌କା ନାମରେ ସରପଗର ଗୋଟିଏ ହରିଜନ ସ୍ତ୍ରୀର କ୍ଷୀର-ପାନରେ ସେ ବର୍ଦ୍ଧିତ ହୋଇଥିଲେ । ଏଥି ସକାଶେ ଶୈଶବ ସମୟରୁ ସେ ଅତି ଦୁର୍ବଳ ଥିଲେ ଓ ଦୁଇ ତିନି ବର୍ଷ ପରେ ଯାଇ ତାଙ୍କର ପାଦ ପକାଇବା ଆରମ୍ଭ ହୋଇଥିଲା । କବିଙ୍କର ଏତାଦୃଶ କଙ୍କାଳ ଅବସ୍ଥା ଦେଖି ପଡ଼ୋର ସ୍ତ୍ରୀମାନେ ତାଙ୍କୁ କଙ୍କାଳ୍ ନାଁ ଦେଇଥିଲେ । କବି ଶୈଶବର ଏହି କରୁଣ ଚିତ୍ର ତାଙ୍କର 'ସୁରଙ୍ଗୀ'ରେ ବର୍ଣ୍ଣନ କରିବାକୁ ଭୁଲି ନାହାନ୍ତି ।

**ବାଲ୍ୟଜୀବନ**—କବି ପିଲାଦିନେ ଖୁବ୍ କୌତୁକପ୍ରଦ କାହାଣୀ କହି ସଙ୍ଗୀମାନଙ୍କୁ ଆକୃଷ୍ଟ କରି ପାରୁଥିଲେ । ଏଥି ସକାଶେ ସାଥିମାନଙ୍କଠାରେ ତାଙ୍କର ଆଦର ଥିଲା ଖୁବ୍ ବେଶି । ମାତ୍ର ତାଙ୍କର ସତ୍ୟବାଦିତା ଯୋଗୁଁ ଦୁଷ୍ଟପ୍ରକୃତି ପିଲାମାନେ ତାଙ୍କୁ ଖୁବ୍ ଭୟ କରୁଥିଲେ । କବି ବାଲ୍ୟ ସମୟରେ ବୃଥା ଆମୋଦପ୍ରମୋଦ ଓ ଖେଳକୌତୁକରେ ଯୋଗ ଦେଉ ନ ଥିଲେ । ଏହା ପିତାଙ୍କର କଡ଼ା ଶାସନ ହେତୁ ସମ୍ଭବ ହୋଇ ପାରିଥିଲା । ଘରଠାରୁ କୌଣସି ଦିନ (ବଗରଡ଼ା ବଜାର ଦିନ—ଶୁକ୍ରବାର) ପଇସା ପାଇଲେ ତାକୁ ଖଜା ମିଠେଇ କିଣିବାରେ ଖର୍ଚ୍ଚ ନ କରି ସେ ମନବୋଧ ଚଉତିଶା, ମୁକୁଣୀ ସ୍ତୁତି, ଅଣିମାଣ ଚୌତିଶା ପ୍ରଭୃତି ଶ୍ରେଷ୍ଠ ଶ୍ରେଷ୍ଠ ପୁସ୍ତକ କିଣି ନେଉଥିଲେ ।

**ଶିକ୍ଷା**—ତତ୍କାଳୀନ ସ୍କୁଲଶିକ୍ଷକମାନଙ୍କର ଛାତ୍ରମାନଙ୍କ ପ୍ରତି ପଡ଼ଥିବା ପ୍ରହାର ପ୍ରଦର୍ଶନ କରି ତାହା ଭୟରେ ସେ ଆଉ ସ୍କୁଲକୁ ଗଲେ ନାହିଁ । ତେଣୁ ତାଙ୍କୁ ଚଟଶାଳୀର ଆଶ୍ରୟ ଗ୍ରହଣ କରିବାକୁ ପଡ଼ିଲା । ମାତ୍ର ଗଣିତ ବ୍ୟତୀତ ସ୍କୁଲର ଅନ୍ୟ ସମସ୍ତ ପାଠ୍ୟ ସେ ଘରେ ଘରେ ପଢ଼ି ଆସୁଥିଲେ । ସ୍କୁଲ ପିଲାମାନେ ତାଙ୍କୁ ଅନେକ ସମୟରେ ପୁରାଣବର୍ଣ୍ଣିତ ରଜାରାଣୀଙ୍କ ନାମ ଓ ପରିଚୟ ପଚାରୁଥିବାରୁ ତାର ଉତ୍ତର ଦେବା ପାଇଁ କବିଙ୍କୁ ପୁରାଣରେ ମନୋନିବେଶ କରିବାକୁ ହୋଇଥିଲା । ଏତଦ୍ଦ୍ୱାରା ତାଙ୍କର ପୁରାଣ-ଜ୍ଞାନ ବୃଦ୍ଧି ପାଇଥିଲା । ପିତା ଅନେକ ସମୟରେ ଘରେ ଗ୍ରାମର ଲୋକମାନଙ୍କୁ ଭଞ୍ଜ, ଅଭିମନ୍ୟୁ, ଦୀନକୃଷ୍ଣ ପ୍ରଭୃତିଙ୍କ ସାହିତ୍ୟ ବୁଝାଉଥିବାରୁ କବି ତାହା ଶୁଣି ଶୁଣି ଓ ପରବର୍ତ୍ତୀ କାଳରେ ତାର ଅଧ୍ୟୟନ କରି ପ୍ରାଚୀନ ସାହିତ୍ୟରେ ଆଶାତୀତ ପାରଦର୍ଶିତା ଲାଭ କରି ପାରିଥିଲେ ।

**ଜନ୍ମମାଟି ତ୍ୟାଗ ଓ ମାତୃପିତୃ ବିୟୋଗ**—କବିଙ୍କୁ ୧୧।୧୨ ବର୍ଷ ବୟସ ସମୟରେ କବିପରିବାର ସମ୍ପୂର୍ଣ୍ଣଭାବରେ ସରପଗ ତ୍ୟାଗ କରି

ସୁଙ୍ଗିପାଲିରେ ବସବାସ ଆରମ୍ଭ କଲେ । ଏହି ଗ୍ରାମଟି ରାୟପୁର ଜିଲ୍ଲା ଫୁଲଝର-ବଲସମା ଥାନାରେ ଓ ସୁରଙ୍ଗୀ ନଦୀର ଉତ୍ତରତଟରେ ଅବସ୍ଥିତ । ଜନପରିବାର ସରପଗଡରେ ଥିବା ହେତୁରେ ଓ କବିଙ୍କ ଜନ୍ମ ପରେ ବାରବାର ସୁଙ୍ଗିପାଲିକୁ ଯିବା ଆସିବା କରୁଥିଲେ । ଏହି ସୁଙ୍ଗିପାଲିରେ ଅବସ୍ଥାନ କାଳରେ ଖ୍ରୀ ୧୯୨୮ ଚୈତ୍ର ଶୁକ୍ଳପକ୍ଷ ଗୁରୁବାର ଦିନ ପ୍ରଭାତ ସମୟରେ ମାତା ଗାଙ୍ଗସେନା ଇହଧାମ ତ୍ୟାଗ କରି ଅମରପଥର ଯାତ୍ରୀ ହେଲେ । ମାତାଙ୍କର ମୃତ୍ୟୁର ଠିକ୍ ଛଅ ମାସ ପରେ କୃଷ୍ଣଜନ୍ମାଷ୍ଟମୀ ଦିବା ଭାଗରେ କବିଙ୍କର ପିତୃଦେବ ଦୁର୍ଯ୍ୟୋଧନ ଶେଠ ପଞ୍ଚତ୍ୱ ପ୍ରାପ୍ତ ହେଲେ । କଥିତ ଅଛି କବିଙ୍କର ପିତା ଦଣ୍ଡାୟମାନ ଅବସ୍ଥାରେ କଥାବାର୍ତ୍ତା କରୁଁ କରୁଁ ଇହଲୀଳା ସାଙ୍ଗ କରିଥିଲେ ।

**ଜ୍ୟେଷ୍ଠଭ୍ରାତାଙ୍କଠାରେ ଆଶ୍ରୟ ଗ୍ରହଣ**—ପିତାମାତାଙ୍କର ଦେହାନ୍ତ ପରେ କବିଙ୍କୁ ଜ୍ୟେଷ୍ଠ ଭାଇ ଶ୍ରୀ ବ୍ରଜମୋହନଙ୍କଠାରେ ଆଶ୍ରୟ ଗ୍ରହଣ କରିବାକୁ ହେଲା । କିନ୍ତୁ ଭାଉଜଙ୍କ ଅପକ୍ଷାଳି ଅତ୍ୟାଚାରରେ ପିତାମାତାଙ୍କର ଅଭାବ ଓ ପୁତ୍ର-ସ୍ନେହ-ତୃଷ୍ଣା କବିଙ୍କର ମାନସ-ଦର୍ପଣରେ ବାରମ୍ବାର ପ୍ରତିବିମ୍ବିତ ହୋଇ ତାଙ୍କର ଚକ୍ଷୁ ଅଶ୍ରୁସିକ୍ତ କରି ଦେଉଥିଲା । ଏଥିସକାଶେ କବି ପିତାମାତାଙ୍କର ଶ୍ମଶାନସ୍ଥଳକୁ ଚାଲିଯାଇ ଅନେକ ଦିନ କରୁଣ କ୍ରନ୍ଦନରେ ପ୍ରାଣର ସମସ୍ତ ଦୁଃଖ ଓ ଅବ୍ୟକ୍ତ ବେଦନା ଢାଳିଦେଇ ଆସୁଥିଲେ ।

ମାତୃ ପିତୃ ବିୟୋଗର ୨ୟ ବର୍ଷ ପରେ କବି ଫୁଲଝର-ସରେଇପାଲି ଥାନା ଅନ୍ତର୍ଗତ ମୁଣ୍ଡପାହାଡ଼-ଡେମେଲଆ ଗ୍ରାମରେ ନାଟ୍ୟଗୁରୁ ଭାବରେ ଶିକ୍ଷା ଦେବା ଆରମ୍ଭ କଲେ । ସରସଗଡ଼ରେ ଥିବା ସମୟରେ କେତେ ଗ୍ରାମର ଯାତ୍ରାଦଳରେ ବିଭିନ୍ନ ଅଂଶ ଗ୍ରହଣ କରିଥିଲେ । ଏପରିକି ବସ୍ତ୍ର ଶିବକୃତ କୃଷ୍ଣଲୀଳା ଯାତ୍ରାରେ ସେ ଗୋଟିଏ ବେଶରେ ନାଚୁଥିଲେ ଓ ସେଥି-ସକାଶେ ତାଙ୍କ ନାକ କାନ ଫୋଡ଼ା ହୋଇଥିଲା । ଯାତ୍ରାରେ କବି ସ୍ତ୍ରୀ, ପୁରୁଷ ସମସ୍ତ ଅଂଶରେ ଅଭିନୟ କରିଥିଲେ । ଏପରି କି ଯାତ୍ରାଦଳର ଝାଡୁଦାରଠୁଁ ଆରମ୍ଭ କରି ରାଜକର୍ମୀର ବାଦ୍ୟକଳାପିମାର ଅଭିନୟ ପର୍ଯ୍ୟନ୍ତ ତାଙ୍କୁ କରିବାକୁ ହୋଇଥିଲା ଏବଂ ପ୍ରତ୍ୟେକଟିରେ କବି ଦର୍ଶକଙ୍କୁ ନିଜର ଅଭିନୟ-କୁଶଳତାରେ ବିମୁଗ୍ଧ କରି ରଖୁଥିଲେ । ଡେମେଲଆ ବ୍ୟତୀତ ଆଉ ଦୁଇ ତିନୋଟି ଗ୍ରାମରେ ମଧ୍ୟ କବି ନାଟ୍ୟଗୁରୁ ସାଜିଥିଲେ ।

**ଈଶ୍ୱରବିଶ୍ୱାସ**—ବାଲ୍ୟଜୀବନରୁ କବିଙ୍କର ଈଶ୍ୱରବିଶ୍ୱାସ ଉଲ୍ଲେଖଯୋଗ୍ୟ । ଉଲ୍ଲିଖିତ ଲେମ୍ବେନ୍‌ଆ ଗ୍ରାମରେ ଥିଲା ସମୟରେ ପୁରାଣରେ ଧ୍ରୁବ ପ୍ରହ୍ଲାଦଙ୍କ ତପସ୍ୟା ଓ ଈଶ୍ୱରପରାୟଣତା ପାଠ କରି କବିଙ୍କର ଈଶ୍ୱର-ଅନ୍ୱେଷଣ ପ୍ରବୃତ୍ତି ପ୍ରବଳତର ହୋଇ ଉଠିଥିଲା । ତେଣୁ ୧୬।୧୭ ବର୍ଷ ବୟସରେ କବି ବିଳାସପୁର ଜିଲ୍ଲାର ପାଇକଗଡ଼ର ଏକ ନିବିଡ଼ ଅରଣ୍ୟକୁ ଚାଲିଯାଇ ହିଂସ୍ରଜନ୍ତୁସଙ୍କୁଳ ତହିଁସ୍ଥ ପାହାଡ଼ ଉପରେ ତିନିଦିନ ଉପୋଷିତ ଅନାହାରରେ ଜୀବନଯାପନ କରିଥିଲେ । ସେହି ପାହାଡ଼ ଉପରେ ରାତିରେ ଶୋଇବା ସମୟରେ ସେ ନିଜର ଚତୁର୍ଦ୍ଦିଗରେ ଗୋଟିଏ ବୃତ୍ତ କାଟି ତା' ଭିତରେ 'ରାମ ରାମ' ଲେଖି ନିଶ୍ଚିନ୍ତରେ ଶୋଇ ପଡୁଥିଲେ । ତେବେ ସୁଦ୍ଧା ଈଶ୍ୱରଦର୍ଶନ ପ୍ରାପ୍ତି ନ ହେବାରୁ କବି ଆତ୍ମହତ୍ୟା କରିବାକୁ ଅନେକ ଥର ଉଦ୍ୟତ ଥିଲେ । ମାତ୍ର ପୁରାଣବର୍ଣ୍ଣିତ ଋଷି ମହର୍ଷିଙ୍କ କଠୋର ତପଶ୍ଚର୍ଯ୍ୟା ଓ କୃଚ୍ଛ୍ରସାଧନାର ସମସ୍ତ ଇତିବୃତ୍ତ ସ୍ମରଣ କରି ନିଜର ସାଧନା ତହିଁ ତୁଳନାରେ ନିତାନ୍ତ ନଗଣ୍ୟ ଭାବି ନିଜକୁ ତହିଁରୁ ରକ୍ଷା କଲେ । ଏହି ଘଟଣାଟି ତାଙ୍କର ଅନବଦ୍ୟ ଈଶ୍ୱରଭକ୍ତିର ନିଦର୍ଶନ ଦିଏ । କିନ୍ତୁ ଏହି ସରଳ-ଅନ୍ଧ-ଭକ୍ତି କବିଙ୍କ ପରବର୍ତ୍ତୀ ଜୀବନରେ ଜ୍ଞାନମିଶ୍ରା ଭକ୍ତିରେ ରୂପାନ୍ତରିତ ହୋଇ ତାଙ୍କର କବିତା ଓ ଜୀବନରେ ଦେଦୀପ୍ୟ ହୋଇ ଉଠିଛି ।

**ସନ୍ ୧୯୦୬ ରେ ପାଣିମୋରା ଆଗମନ**—ସମ୍ବଲପୁର ଜିଲ୍ଲାର ସୋହେଲା ଥାନା ଅନ୍ତଃପାତୀ ପାଣିମୋରା ଗ୍ରାମରେ କବିଙ୍କ ମାମୁଘର । କିନ୍ତୁ କବି-ପରିବାର ପ୍ରତି ଏହି ମାମୁଘରର ସେପରି ସ୍ନେହ ସହାନୁଭୂତି କିଛି ନଥିଲା । ମାତ୍ର କବିଙ୍କର ମାଉସୀ କବିଙ୍କୁ ତଥା ତାଙ୍କର ପ୍ରତ୍ୟେକ ଭାଇଭଉଣୀଙ୍କୁ ଜନ୍ମଦାତ୍ରୀ ମା' ପରି ସ୍ନେହ କରୁଥିଲେ । ସେ ସନ୍ତାନହୀନା । ତାଙ୍କର ନାଁ ସୂର୍ଯ୍ୟମୁଖୀ । ସେ ଅଦ୍ୟାବଧି ଜୀବିତା । ଧର୍ମପ୍ରାଣ ଦୃଷ୍ଟି ରଖି, କବିଙ୍କୁ ଶୁଙ୍ଗିପାଲିରୁ ଆଣି ଓ ତାଙ୍କୁ ପୋଷ୍ୟପୁତ୍ର ଭାବରେ ରଖି ତାଙ୍କର ବିବାହ ବନ୍ଦାପନାର ସମସ୍ତ ବ୍ୟବସ୍ଥା କରି ଦେଇଥିଲେ ସେହି ମାଉସୀ-ମାଆ । ଏଇଠୁଁ କବିଙ୍କର ଗାର୍ହସ୍ଥ୍ୟ ଜୀବନର ସୂତ୍ରପାତ । ତା' ସଙ୍ଗେ ସଙ୍ଗେ ସକଳ ଝଡ଼ଝଞ୍ଜା, ସକଳ ଲାଞ୍ଛନା ଓ ଦୈନ୍ୟର ନିଷ୍ଠୁର ତାଡ଼ନା ଭିତରେ କବିଙ୍କର ପ୍ରବଳ ଅଧ୍ୟୟନପ୍ରବୃତ୍ତି ଓ କବିପ୍ରତିଭାର ନବୋନ୍ମେଷ ହେବାକୁ ଲାଗିଲା ।

**ଝାଲପଦର ଅବସ୍ଥାନ**—ମାଝିଗାଁଙ୍କ ସହିତ ସାମାନ୍ୟ ମନୋମାଳିନ୍ୟ ହେବାରୁ ସ୍ବ ୧୯୨୯ କାର୍ତ୍ତିକ ଅମାବାସ୍ୟା ଦିନ ଘୋରରୁ ଉଠି ପରିବାର ସହ ଭଟେଣ୍ଡର ଥାନାନ୍ତର୍ଗତ ଝାଲପଦର ଗ୍ରାମ ଶାଶୁଘରକୁ କବି ଚାଲି ଆସିଲେ । ଏ ଗ୍ରାମରେ କବିଙ୍କର ୧୪।୧୫ ବର୍ଷ ଅତିବାହିତ ହୋଇଛି । ତା' ପରେ ସ୍ବ ୧୯୪୩ରେ କବି ଝାଲପଦର ନିକଟବର୍ତ୍ତୀ ବୁଢେମାଲ ଗ୍ରାମକୁ ଆସି ପ୍ରାୟ ୧୦ ବର୍ଷ ସେଠାରେ କାଳାତିପାତ କରି ସ୍ବ ୧୯୫୩ରେ ପୁଣି ଝାଲପଦରକୁ ପ୍ରତ୍ୟାବର୍ତ୍ତନ କରି ସେଠାରେ ଅବସ୍ଥାନ କଲେ ।

**କବିଙ୍କର ପରିବାରବର୍ଗ**—କବିଙ୍କ କୁଟୁମ୍ବ ମଧ୍ୟରେ ନିଜେ କବି, କବିଙ୍କ ସହଧର୍ମିଣୀ, ତିନୋଟି ପୁଅ, ଗୋଟିଏ ପୁତ୍ରବଧୂ ଓ ମାଉସୀଝୁଡ଼ୀ ସୂର୍ଯ୍ୟମୁଖୀ—ଏପରି ସାତୋଟି ପ୍ରାଣୀ । ଭୂସମ୍ପତ୍ତି ଅତି ଅଳ୍ପ । ତଦ୍ଵାରା ସାତ ପ୍ରାଣୀଙ୍କର ଜୀବନ ନିର୍ବାହ କଷ୍ଟକର । ତେଣୁ କୁଟୁମ୍ବ ପ୍ରତିପାଳନ ନିମନ୍ତେ ବୁଢେମାଲ ଓ ଝାଲପଦର ଏହି ଦୁଇ ଗ୍ରାମରେ ସମ୍ପ୍ରତି ସେ ଅବସ୍ଥାନ କରନ୍ତି ।

କବିଙ୍କୁ ସମସ୍ତ ଋତୁରେ ଭୋରରୁ ଉଠି ଧାନ କୁଟିବାରୁ ଚାଉଳ ଓ ମୁଢ଼ି ଲିଆ ଭାଜିବାର ପ୍ରାରମ୍ଭିକ ନିତ୍ୟ କରିବାକୁ ହୋଇଥାଏ । ଏହି ସମସ୍ତ କାର୍ଯ୍ୟ ଏ ଅଞ୍ଚଳର ସ୍ତ୍ରୀମାନେ ହିଁ କରିଥାନ୍ତି । ଏହି ଜଞ୍ଜାଳ ମଧ୍ୟରେ ସୁଧା କବି ଅବସର ବାହାର କରି ବାଗ୍‌ଦେବୀଙ୍କ ସେବାରେ ମନଧ୍ୟାନ ନିୟୋଗ କରିଥାନ୍ତି । ମାତ୍ର ହାୟ ! ଏ ଅର୍ଥସର୍ବସ୍ୱ ଯୁଗରେ କେତେ ଆଶି କୋଟି ନ ଗଢ଼ି ନୃତ୍ୟ-ବାଦ୍ୟ ଯଶ ପ୍ରକାଶେ କଳାଶକ୍ତିର ଯେ କାଳିମା ହେଲା, ସେହି ବିଡ଼ମ୍ବନା ତାଙ୍କୁ ହିଁ ହେବ କବି, ଆଜି ଅଦୃଷ୍ଟ ଭାଗ୍ୟକୁ ଏହି ପୁରସ୍କାର ଦେଇଛନ୍ତି !

**ଗ୍ରନ୍ଥାଧ୍ୟୟନ ଓ କବିତ୍ୱର ସ୍ଫୂର୍ତ୍ତି**—ସରପଦର ଅବସ୍ଥାନ କାଳରେ କବି ୧୦ ବର୍ଷ ବୟସ ହେବାବେଳେ ଗାଆଁର ପାଲାଦଳରେ ଯୋଗ ଦେଇଥିଲେ । ସେହି ଦିନଠୁଁ ତାଙ୍କର କବିତା ଲେଖିବା ଅଭ୍ୟାସ ଆରମ୍ଭ ହୋଇଥିଲା । ସେ ସମୟର ରଚନା ଏହିପରି—

ମୋତେ ଡଗର ବୋଲି କେ ଡାକ ରେ
ମୋତେ ଡଗର;

ଘରେ ନାହିଁ କେହି ଏକା ଅଛି ମୁହିଁ
ଡାକ ଶୁଣି ମୋ ଛାତି ଚମକେ ରେ

ଦମାଦର........! ଇତ୍ୟାଦି ।

ସେ ଦିନ ଯାତ୍ରାଦଳର ଉକ୍ତ-ଗୀତ ମୁଖସ୍ଥ କରି ନାଟରେ ଗାଇବା ପାଇଁ ଓ ତାହାର ଅଭିନୟ ଦେଖାଇବା ପାଇଁ କବିଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା । ମାତ୍ର ଯାତ୍ରାରେ କବି ନିଜର ଉପର୍ଯ୍ୟୁକ୍ତ ଗୀତଟି ସ୍ୱର ସମ୍ଭୃତ ଗାଇ ସମସ୍ତ ଦର୍ଶକ ତଥା ଯାତ୍ରାଦଳର ଲୋକଙ୍କୁ ମଧ୍ୟ ବିସ୍ମିତ ଓ ମୁଗ୍ଧ କରିଦେଲେ । ଏହି ଗୀତଟି ଶୁଣି କବିଙ୍କର ପିତା କବିଙ୍କୁ ଯଥେଷ୍ଟ ଉତ୍ସାହ ଦେବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ସେ ଜଣେ ପ୍ରତିଭାସମ୍ପନ୍ନ କବି ହେବେ ବୋଲି କହିଥିଲେ । ଏହା ପରେ ଗୀତିନାଟ୍ୟ ଲେଖିବାରେ କବିଙ୍କର ଅଦମ୍ୟ କ୍ଷମତା ବୃଦ୍ଧି ପାଇଥିଲା । ତାରି ଫଳରେ ଟାଶିପୋଇ ଅବସ୍ଥାନ କାଳରେ କବି ଶ୍ରେଷ୍ଠ ଶ୍ରେଷ୍ଠ କେତୋଟି ଗୀତିନାଟ୍ୟ ରଚନା କରି ଅଭିନୟ କରାଇଥିଲେ । ତନ୍ମଧ୍ୟରୁ 'ଗ୍ରାମବର୍ଜନ', 'ଶତଜିତ ସହାର' ପ୍ରଭୃତି ଉଲ୍ଲେଖଯୋଗ୍ୟ ।

ଅଧ୍ୟୟନ:—

୧—**ପୁରାଣ**—ଚଟଶାଳୀ ପଢ଼ା ସମୟରେ କବି ସାରଳା ମହାଭାରତ, ଦାଣ୍ଡି ରାମାୟଣ, ଚଣ୍ଡୀପୁରାଣ, ପୀତାମ୍ବର ଦାସଙ୍କ ନୃସିଂହ ପୁରାଣ ପ୍ରଭୃତି ପୁରାଣ ପାଠ କରିଥିଲେ ।

୨—**ବ୍ୟାକରଣ ଓ ଅଭିଧାନ**—ତା'ପରେ ଘରେ ସେ ରାଧାନାଥ ରଥଙ୍କର ବ୍ୟାକରଣପ୍ରବେଶ, ଅମରକୋଷ ଅଭିଧାନ, ପଣ୍ଡିତ ସ୍ୱପ୍ନେଶ୍ୱର ଦାସଙ୍କ କୋଷାଙ୍କୁର, ଗୀତାଭିଧାନ, ଧ୍ୱନିମଞ୍ଜରୀ, ଏକାକ୍ଷର କୋଷ ପ୍ରଭୃତି ପଢ଼ିଥିଲେ ।

୩—**ଛାନ୍ଦଗ୍ରନ୍ଥ**—ଛାନ୍ଦଗ୍ରନ୍ଥ ମଧ୍ୟରେ ବୈଦେହୀଶବିଳାସ, ଲାବଣ୍ୟବତୀ, ବିଦଗ୍ଧଚିନ୍ତାମଣି, ରସକଲ୍ଲୋଳ, ପ୍ରେମସୁଧାନିଧି, ରସିକହାରାବଳୀ, ମଥୁରାମଙ୍ଗଳ, ବିଶ୍ୱନାଥ ଖୁଣ୍ଟିଆଙ୍କର ବିଚିତ୍ର ରାମାୟଣ ଓ ଈଶ୍ୱର ଦାସଙ୍କ ଚାଳିଶ ରାମଲୀଳା ପ୍ରଭୃତି ଛାନ୍ଦଗ୍ରନ୍ଥ ଅଧ୍ୟୟନ ଓ ମନନ କରିଥିଲେ ।

୪—**ଧର୍ମଗ୍ରନ୍ଥ**—ଧର୍ମଗ୍ରନ୍ଥ ମଧ୍ୟରୁ ଭାଗବତ ଏକାଦଶ ସ୍କନ୍ଧ, ଦାନକାଲୀଳା, ଗୋପଲୀଳା, ଦାର୍ଢ୍ୟତା-ଭକ୍ତି, ନାମରତ୍ନଗୀତାର କେତେକାଂଶ ଓ କବି ଭୂପତିଙ୍କର ପ୍ରେମ-ପଞ୍ଚାମୃତ ପାଠ କରିଥିଲେ ।

୫—**ଅନ୍ୟାନ୍ୟ**—ଏହା ବ୍ୟତୀତ ଗୋପୀଭାଷା, କପଟପାଶା, ଅଳଙ୍କାରବୋଲି, ନାବକେଳି, ଲୁଚକେଳି, ହନୁଅର୍ଜ୍ଜୁନ କଳି, ବୈଦେହୀ ଚଉତିଶା, ନଷ୍ଟଚନ୍ଦ୍ରୀ, ଗଣେଶବିଭୂତି ପ୍ରଭୃତି ପୁସ୍ତକ ମଧ୍ୟ ସେ ରଚନା କରିଥିଲେ ।

କବିଙ୍କର ବୈଦିକ ଗ୍ରନ୍ଥାଧ୍ୟୟନ ଓ ତାର ଅନୁଶୀଳନର ସୁଯୋଗ ସର୍ବପ୍ରଥମେ ପାଣିମୋହରେ ହିଁ ଘଟିଥିଲା । ଏହି ଗ୍ରାମକୁ ଆସିଲାବେଳେ କବିଙ୍କର ବୟସ ପ୍ରାୟ ୨୦।୨୧ ବର୍ଷ ହେବ । ସେତେବେଳେ ସନ ୧୯୨୬ରେ ‘ମେହେର-କବି’ ଶୀର୍ଷକ ପୁସ୍ତକଟି ସେ ପାଠ କରନ୍ତି । କବିବର ଗଙ୍ଗାଧର ମେହେରଙ୍କ ଏହି ଜୀବନୀ ପୁସ୍ତକଟି ପଢ଼ିଲା ପରେ ମେହେରଙ୍କ ପରିମାର୍ଜିତ ତଥା ସରଳ ତରଳ ଭାବସ୍ୱଚ୍ଛନ୍ଦ କବିତା ଲେଖିବାର ବଳବତୀ ସ୍ପୃହା ତାଙ୍କ ମନରେ ଉଦ୍ରିକ୍ତ ହେଲା । ଏହାପୂର୍ବରୁ ସୁଙ୍ଗିପାଳରେ ଥିବା ସମୟରେ ୧୬।୧୭ ବର୍ଷ ବୟସରେ କବି ବୈଦେହୀଶବିଳାସ ପାଠକରି ଭଞ୍ଜଙ୍କ ଅନୁସରଣରେ ‘ବ’ ପୂର୍ବାନୁପ୍ରାସରେ ବଂଶ ଛନ୍ଦବିଶିଷ୍ଟ ‘ବସନ୍ତବିଳାସ’ ନାମକ ଏକ ଗ୍ରନ୍ଥ ପ୍ରଣୟନ କରିଥିଲେ । ରାଧାକୃଷ୍ଣଙ୍କ ଲୀଳା ହିଁ ଥିଲା ଏଥିର ଉପଜୀବ୍ୟ ବିଷୟ । ମାତ୍ର ନାଟ୍ୟଗୁରୁ ରୂପରେ ବୋଡ଼ାସମ୍ବର-ଧୂମାଭଣ୍ଟୀ ଗ୍ରାମରେ କବି ଅବସ୍ଥାନ କରୁଥିବା ସମୟରେ ପଦ୍ମପୁରର ଜନୈକ ପ୍ରେସ ସେହି ପୁସ୍ତକଟି ପ୍ରକାଶ କରିଦେବାକୁ କହି କବିଙ୍କଠାରୁ ମାଗିନେଲେ, ଓ ପାଣ୍ଡୁଲିପିଟି ଆଉ ଫେରାଇଲେ ନାହିଁ । ତତ୍‌ସଙ୍ଗେ ଉକ୍ତ ପ୍ରେସବାବୁଙ୍କ ସୌଜନ୍ୟରୁ କବିଙ୍କର ଆଉ ଗୋଟିଏ ଚଉତିଶା ‘କଳ୍ପଲତା’ ମଧ୍ୟ ହଜିଗଲା ।

ପାଣିମୋହରେ ଥିବା ସମୟରେ କବି ‘ଉପହାର’ ନାମଧେୟ ଖଣ୍ଡେ ହାତଲେଖା ମାସିକ ପତ୍ରିକା ସମ୍ପାଦନ କରି ଚଳାଉଥିଲେ । ଏହା ପରେ ‘ବର୍ଷା ରଜନୀ’, ‘ସୁଭଦ୍ରା ଶୋକ’, ‘ବସନ୍ତ ବର୍ଣ୍ଣନା’ ପ୍ରଭୃତି କେତେକ ଖଣ୍ଡକବିତାର ସମାବେଶରେ “କବିତା-କଳିକା” ନାମକ ଖଣ୍ଡେ ବହି ଲେଖିଥିଲେ । ତାଙ୍କର ଏହି କବିତାଗୁଡ଼ିକର ଆଦର ଓ ପ୍ରଶଂସା ତତ୍ରସ୍ଥ ( ପାଣିମୋହ ) ଲୋକଙ୍କଦ୍ୱାରା ହୋଇଥିଲା । ଗ୍ରାମସ୍ଥ ଜଣେ ସାହିତ୍ୟାନୁରାଗୀ ଯୁବକ କବିଙ୍କର ଏହି ବିକାଶୋନ୍ମୁଖୀ ପ୍ରତିଭାକୁ ସମ୍ବର୍ଦ୍ଧନା ଜଣାଇବା ସଙ୍ଗେ ସଙ୍ଗେ ତାଙ୍କଠି ଅକୃତ୍ରିମ ବନ୍ଧୁତା ସ୍ଥାପନ କରିଥିଲେ ଏବଂ ସାହିତ୍ୟସାଧନା ଦିଗରେ ତାଙ୍କୁ ପ୍ରେରଣା ତଥା ଉତ୍ସାହ ଦାନ

କରିଥିଲେ । ମାତ୍ର ସେଠାକାର ଜଣେ ସାହିତ୍ୟସେବୀଙ୍କ ପିତା କବିଙ୍କର ଏହି ପ୍ରତିଭା ଓ ପ୍ରଶଂସା ଦେଖି ଓ ଶୁଣି ଅସୂୟାପରବଶ ହୋଇ କବିଙ୍କୁ ଦେଖାଇ ଯୁବକମାନଙ୍କୁ 'ସବୁ କୁକୁର ଗଙ୍ଗା ଗଲେ ହାଣ୍ଡିଶାଳ ଚାଟିବ କିଏ ?' ବୋଲି ପରିହାସ କରିବାରୁ କବିଙ୍କୁ ତାହା ବାଧକର ହୋଇଥିଲା । ଫଳତଃ ତାହାଙ୍କ ଅପେକ୍ଷାକୃତ ମାର୍ଜିତ, ସଂଯତ ଓ ଉନ୍ନତ ଧରଣର କାବ୍ୟ-କବିତା ଲେଖିବା ସକାଶେ କବି ବଦ୍ଧ-ପରିକର ହେଲେ । ଈର୍ଷାଭିଷିକ୍ତ ସଂସାରରେ ଏପରି ଘଟଣା ଅନେକତ ଘଟିଥାଏ । ଈଶ୍ୱରଦତ୍ତ ମହୋଦ୍ଦିଷ୍ଟ ପ୍ରତିଭାକୁ ବ୍ୟଙ୍ଗ ପରିହାସରେ ଦବାଇବା ଅସମ୍ଭବ । ତା'ପରେ କବି ସମାଜସଂସ୍କାରମୂଳକ କେତୋଟି କବିତା ଲେଖି 'ଆର୍ଯ୍ୟ' ପତ୍ରିକାରେ ପ୍ରକାଶ କରିଥିଲେ ଏବଂ ଉକ୍ତ ପତ୍ରିକାର ସମ୍ପାଦକ ୮ ଶ୍ରୀବତ୍ସ ପଣ୍ଡା, ବି. ଏ. ମହୋଦୟ ଏହି କବିତା-ମାନଙ୍କରେ କବି-ପ୍ରତିଭାର ମନୋଜ୍ଞ ସ୍ୱାକ୍ଷର ଦେଖିପାରି କବିଙ୍କୁ 'ସାହିତ୍ୟପ୍ରାଣ' ଉପାଧି ଦେଇଥିଲେ । ଅନେକେ ଅବସର ନେଇ କବି-ଯଶ ଅର୍ଜନ ସକାଶେ ଲେଖନୀ ଚଳାଉଥିବାର ଦୃଷ୍ଟାନ୍ତ ଏ ଯୁଗରେ ବିରଳ ନୁହେଁ । ଆଜି ତ୍ରୁଟିର ସୋପାନ-ପଥରେ ଯାହାର ପଦ ପ୍ରକମ୍ପିତ ସେ ନିଜକୁ ଟେନିସନ୍ ଭାବରେ ପ୍ରଚାର କରିବାକୁ ଏକାନ୍ତ ଅକୁଣ୍ଠିତ । ପ୍ରତିଭା ନାହିଁ, ସାଧନା ନାହିଁ, ଅଥଚ ହନୁମାନ କୁଦା ମାରି ଗୋଟାଏ ଦିନରେ କବି ! କିନ୍ତୁ ଖଗେଶ୍ୱର ସେଠ ? ସେ ପରାଧୀନ ସାହିତ୍ୟସେବକ ନୁହନ୍ତି । ତା' ହୋଇଥିଲେ ତାଙ୍କ ଉପରେ ସମଗ୍ର ଯେଉଁ ସୃଷ୍ଟିବାତ୍ୟା ବୋହିଗଲା, ସେଥିରେ ସେ କେବେଠୁଁ ଅନ୍ୟ ପନ୍ଥାରେ ପଥିକ ହୋଇଥାନ୍ତେ । ମୁଁ ତାଙ୍କୁ ନିଶ୍ଚିତ ଭାବରେ ଜାଣେ ଯେ ସାହିତ୍ୟ ହିଁ ତାଙ୍କର ପ୍ରକୃତ ପ୍ରାଣ । ଏ ପ୍ରାଣଟି ସୁସ୍ଥ ଥିବାରୁ ଅପର ଦୈହିକ ପ୍ରାଣର ବୈକଲ୍ୟକୁ ସେ ସମ୍ଭାଳ ନେଇ ପାରିଛନ୍ତି । ତେଣୁ ମୁଁ ମଧ୍ୟ କହୁଛି ଯେ ସେ ସାହିତ୍ୟ-ପ୍ରାଣ ।

ପାଣିମୋହରେ ଥିବା ସମୟରେ କବି ଯେତେବେଳେ ଜଙ୍ଗଲକୁ କାଠ ଆଣିବା ପାଇଁ ଯାଆନ୍ତି ସେ ସମୟରେ ବାଟରେ ମନେ ମନେ କବିତାର ୧୦ । ୧୫ ପଦ ପର୍ଯ୍ୟନ୍ତ ରଚନା କରି ଓ ସେ ସବୁକୁ ଅବିକୃତ ସ୍ମରଣ ରଖି ଘରକୁ ଆସି କାଠଖଣ୍ଡ କାନ୍ଧରୁ ଓହ୍ଲାଇ ଅଲଗା କାଗଜରେ ଲେଖିପକାଇ ଟେରେ ଶିଆଡ଼ିଆ କରୁଥିଲେ । ଏଥିରୁ ତାଙ୍କର ଅସାମାନ୍ୟ ସ୍ମରଣଶକ୍ତିର ପରିଚୟ ମିଳିଥାଏ । ବାଲ୍ୟାବସ୍ଥାରେ ଅର୍ଥାତ୍

୧୪ | ୧୫ ବର୍ଷ ବୟସରେ କବିଙ୍କର ଅସାଧାରଣ ସ୍ମରଣଶକ୍ତିର ଆଉ ଗୋଟିଏ ଉଦାହରଣ ଦିଏଁ । ସେ ଦିନ ବଜାରରେ 'ଶାନ୍ତ-ମୁକ୍ତା-ଶିଖରଣୀ' ନାମକ ଖଣ୍ଡିଏ ପୁସ୍ତକ ଦେଖି କବି ତାକୁ କିଣିବାକୁ ଇଚ୍ଛା କରିଥିଲେ । ଉକ୍ତ ପୁସ୍ତକର ମୂଲ୍ୟ ଥିଲା ବାରଅଣା, ମାତ୍ର ସେତିକି ପଇସା କବି କୌଣସିମତେ ଯୋଗାଡ଼ କରି ପାରିଲେ ନାହିଁ । ତେଣୁ କବି ସେହି ଦିନଠୁଁ ପ୍ରତି ସାପ୍ତାହିକ ବଜାରକୁ ଯାଇ ପୁସ୍ତକଟି ଦୋକାନୀ ଠାରୁ ମାଗିଆଣି ତହିଁର ଗୋଟିଏ ଦୁଇଟି ଶ୍ଳୋକପଦ ମୁଖସ୍ଥ କରି ପୁଣି ଦୋକାନୀକୁ ବହିଟି ଫେରାଇ ଦିଅନ୍ତି । ଏହିପରି ୫।୬ଟି ବଜାରରେ ପୁସ୍ତକଟିର ଆବଶ୍ୟକୀୟ ଶ୍ଳୋକପଦଗୁଡ଼ିକ ମୁଖସ୍ଥ କରିନେଲେ ଓ ଘରେ ସେ ସବୁକୁ ନିଜ ଖାତାରେ ଉତାରି ରଖିଲେ । ଜ୍ଞାନାର୍ଜନ ନିକଟରେ କବିଙ୍କର କି ଗଭୀର ଆକାଂକ୍ଷା, କି ଅଦମ୍ୟ ପ୍ରବୃତ୍ତି !

ଏହା ପରେ 'ବିଷାଦ-ନିଶା', 'ସୁରଙ୍ଗୀ', 'ସମାଜ', 'କାନନ-ସାଥୀ', 'ଧନ୍ୟ-କଳିକାଳ' ପ୍ରଭୃତି କାବ୍ୟଗୁଡ଼ିକର ଲେଖା ତାଳପଦରରେ ହୋଇଥିଲା । ସେ ବରପାଲି ଯାଇ ଏଇ ଲେଖାଗୁଡ଼ିକ ଶ୍ରୀଯୁକ୍ତ ଯାଦବ ମିଶ୍ର ଓ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ସୁପୁତ୍ର ଶ୍ରୀଯୁକ୍ତ ଭଗବାନ ମେହେରଙ୍କୁ ଦେଖାଇଥିଲେ । ଲେଖାଗୁଡ଼ିକ ଦେଖି ସେମାନେ କବିଙ୍କୁ ଯଥେଷ୍ଟ ଉତ୍ସାହ ଓ ପ୍ରେରଣା ଦାନ କରିବାରୁ କବିଙ୍କ ଲେଖନୀ ଉତ୍ତରୋତ୍ତର ମୁଖର ନିର୍ଝର ହେବାକୁ ଲାଗିଲା ।

ସ୍ର ୧୯୪୬ ରେ ତାଳପଦରରୁ ଭୁଟେରମାଲକୁ ଚାଲି ଆସି ସେଠାରେ ସ୍ମ ୧୯୫୬ ସୁଦ୍ଧା କବି ଅବସ୍ଥାନ କରିଥିଲେ । କବିଙ୍କର ଏହି ୧୦।୧୧ ବର୍ଷ ରହଣି ମଧ୍ୟରେ "ପ୍ରଣୟ-ନିର୍ଝର", "ତଏ କ୍ରୀ-ସ୍ୱର୍ଗ", "ଅଶ୍ରୁ-ତର୍ପଣ" ( ସମ୍ବଲପୁରରେ ୧୯୫୮ ରେ ଲିଖିତ ), "ମହାପ୍ରଭୁ", "ନୃସିଂହନାଥ", "ସୁଭଦ୍ରା", "ଭକ୍ତଭକ୍ତି", "ଭୂଦାନ-ଚିନ୍ତା", "ଅଗ୍ନି-କାଣ୍ଡ" ପ୍ରଭୃତି ଲେଖାବଳୀ ଏବଂ ନାଟକ ମଧ୍ୟରେ "ଦାନବୀର ହରିଶ୍ଚନ୍ଦ୍ର", "ମାୟାବିନୀ" ଓ "ସତ୍ୟ-ସାବିତ୍ରୀ" ଗୀତାଭିନୟ ଲିଖିତ ହୋଇଥିଲା । ପରିବାରବହୁଳ ଦରିଦ୍ର ଜୀବନରେ କବି ବରାବର ଭୌତିକ ଅଭାବ ସହିତ ସଂଗ୍ରାମ କରି ଅସିଧାର ଠାରୁ ଯଥେଷ୍ଟ ଶକ୍ତିଶାଳୀ କଲମର ମସୀଧାର ଚଳାଇ ଆସିଲେ । ଜଗତର ଚଲାପଥରେ ଘାତ ପ୍ରତିଘାତ ପାଇ କବି ଆଜି ଅକାଳ ବାର୍ଦ୍ଧକ୍ୟରେ ଉପନୀତ । ବର୍ତ୍ତମାନ ସୁଦ୍ଧା ତାଙ୍କ ଭଳି ପ୍ରକୃତି ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ଦେଖି

ସମ୍ମାନ ଓ ସୁଯୋଗ ମିଳିବାର କଥା ତା' ଏ ଦେଶ ତାଙ୍କୁ ଦେଇ ପାରି ନାହିଁ । ଏବେ ମଧ୍ୟ ସେ ମୁଢ଼ି କଥା ଭାଜନ୍ତି, ଧାନ କୁଟନ୍ତି ଓ ଅଭାବର ହାହୁତାଶ ମଧ୍ୟରେ 'କ'ଣ କରିବ ?' ଏହି ଦାରିଦ୍ର୍ୟ ସଙ୍ଗୀତର ଜପ କରନ୍ତି ! ଅମୃତ-ସନ୍ତାନ କବି, ଶେଷରେ ତୁମର ଦଶା ଏଇଆ ! ଜୀବନ ଥାଉଁ ଥାଉଁ ଦାରିଦ୍ର୍ୟ ତୁମକୁ ଜୀବନ୍ମୃତ କରିଦେବ !

କବିଙ୍କୁ ଜୀବନରେ ଅନେକ ବନ୍ଧୁ ମିଳିଛନ୍ତି; ମାତ୍ର ତାଙ୍କ ଦାରିଦ୍ର୍ୟ ହେତୁ ଗୋଟିକ ପରେ ଗୋଟିଏ ତାଙ୍କୁ ପରିତ୍ୟାଗ କରି ଚାଲିଯାଇ ଅଛନ୍ତି । ଏ ଜିଲ୍ଲାର ଅନେକ ନୂତନ ଲେଖକ କବିଙ୍କର ବନ୍ଧୁ ହୋଇପଡ଼ନ୍ତି କିନ୍ତୁ କବି ସେମାନଙ୍କୁ ଟିକିଏ ବାଟକୁ ଆଣି ଠିଆ କରାଇଲେ ମାତ୍ରେ ସେମାନେ ଅନ୍ତର୍ଦ୍ଧାନ ! ଅଳ୍ପ କଥାରେ କହିବାକୁ ଗଲେ, ଏ ଜିଲ୍ଲାର ବହୁ ତରୁଣ ଲେଖକ ତାଙ୍କ ଦ୍ୱାରାରୁ ଲାଭ ଉଠାଇବାକୁ ଛାଡ଼ି ନାହାନ୍ତି । କବି କିନ୍ତୁ ସେଥିପାଇଁ ଟିକେ ହେଲେ ଦୁଃଖିତ ନୁହନ୍ତି । ବରଂ ଅନେକ ନବ୍ୟ ସଭ୍ୟଙ୍କୁ ସାହିତ୍ୟ-ସମାଜର ଅନ୍ତର୍ଭୁକ୍ତ କରି ପାରିଲେ ବୋଲି ସେ ଖୁସି !

କବି ବଡ଼ କୌତୁକିଆ ଓ ତାଙ୍କ ଜୀବନ ବଡ଼ ସରସ । ତାଙ୍କର ସାଧାରଣ କଥା ମଧ୍ୟ ଉପଭୋଗ୍ୟ ହୋଇଥାଏ ଏବଂ ତହିଁରେ ଅନେକଙ୍କ ଶିକ୍ଷା ଥାଏ । ତାଙ୍କ ଚରିତ୍ରର ଗୋଟାଏ ବଡ଼ ଗୁଣ ଏହି ଯେ ସେ ଶିଶୁ, ତରୁଣ, ପ୍ରୌଢ଼ ଓ ବୃଦ୍ଧ ସମସ୍ତଙ୍କ ସଙ୍ଗେ ସମାନ ତାଳ ଦେଖାଇ ନିଜକୁ ଚଳାଇ ପାରନ୍ତି ଓ ନିଜର ବିଶେଷ ପ୍ରତିଭା ବଳରେ ସମସ୍ତଙ୍କୁ ମୁଗ୍ଧ କରି ପାରନ୍ତି । ଅଭାବ-ଅଶାନ୍ତି-ଜର୍ଜରିତ ତାଙ୍କର ବ୍ୟଥାତୁର ଜୀବନ ତଳ ଦେଶରେ ଅହରହ କ୍ରନ୍ଦନ କରି ଉଠୁଥିଲେ ହେଁ ସେ କିନ୍ତୁ ଅଶ୍ରୁ ପରିବର୍ତ୍ତେ ଅନ୍ୟକୁ ଦେଇ ପାରିଛନ୍ତି ହସ । ବେଦନାର ଅଗ୍ନିଦହନ-କଲ୍ଲୋଳ ମାନସ-ସରୋବରକୁ ବ୍ୟଥିତ-ବିଲୋଡ଼ିତ କରିଦେଉଥିଲେ ହେଁ ସେ ଜଗତକୁ ଦେଖାଇଛନ୍ତି ତାର ଶାନ୍ତ ନୀଳିମାମୟ ମନୋହାରୀ ସ୍ୱରୂପ । ଜଗତର ପଦାଘାତ ଲାଞ୍ଛିତ-ବିମଳିନ ଧୂଳିକୁ କଳ୍ପନାର କାଉଁରୀ ସ୍ପର୍ଶରେ ସେ କରିଛନ୍ତି ସ୍ୱର୍ଣ୍ଣରେଣୁ ଓ ସମସ୍ତ ବିଶେଷରେ ଜନ୍ମାନ୍ଧ ଦୁଃଖୀକୁ ତାଙ୍କର ସହାନୁଭୂତିଶୀଳ ହୃଦୟ କରିଛି ପଦ୍ମଲୋଚନ ।

'କବି ହେଲେଇ ଯେ ସଂସାରବିମୁଖ ଅଦରକାରୀ ହେବାକୁ ପଡ଼ିବ' ଶ୍ରୀ ସୂର୍ଯ୍ୟ ଶେଠଙ୍କର କର୍ମମୁଖର ଜୀବନ ଏହି ଉକ୍ତିର ସୁନ୍ଦର ପ୍ରତିବାଦ ।

× × × × ଜୀବନ ସାରା ପ୍ରତିକୂଳ ଅବସ୍ଥାରେ ପ୍ରତିପାଳିତ ଓ ବୈଦଗ୍ଧି ସମ୍ପ୍ରଦାୟର କୌଳିନ୍ୟ ତଥା ଆଲୋକସ୍ନାନ ପରିବେଶରେ ପରିବର୍ଦ୍ଧିତ କବି ଶ୍ରୀ ଖଗେଶ୍ୱର ଶେଠଙ୍କର ପ୍ରତିଭା ସମଧର୍ମୀ ଓ ସମାବସ୍ଥ ଗଙ୍ଗାଧର ମେହେରଙ୍କର ପ୍ରତିଭା ନିକଟରେ କ୍ଷୀଣପ୍ରଭ ନୁହେଁ । ତେବେ ସୁଧା ମନସ୍ୱୀ କବି ଗଙ୍ଗାଧରଙ୍କୁ ନିଜର ଗୁରୁ ବୋଲି ସମ୍ମାନ ଦିଅନ୍ତି । ଏହା ତାଙ୍କର ଉଦାରତା ଓ ହୃଦୟବତ୍ତାର ଲକ୍ଷଣ । ଶେଠଙ୍କର ଲେଖନୀ-ଶୈଳୀ ମଧ୍ୟ ରାଧାନାଥ, ଫକୀରମୋହନ, ମଧୁସୂଦନ, ଗଙ୍ଗାଧର, ଚିନ୍ତାମଣି ପ୍ରଭୃତିଙ୍କ ଲେଖନୀ-ଶୈଳୀ ଠାରୁ ନ୍ୟୂନ ହେବ ନାହିଁ ।

ଆଜି ନଟବାଣୀ, ବଙ୍ଗଳାଶ୍ରୀ, ରମଜେସ୍ତ ପ୍ରଭୃତିରେ ତାହାଙ୍କ ଲେଖା ଦେଖିଲେ ମାନେ ସେସବୁ ରାଧାନାଥ, ଗଙ୍ଗାଧର ପ୍ରଭୃତିଙ୍କ ଅନୁକରଣ ବୋଲି କେତେକ ସମାଲୋଚକ ଚକ୍ଷୁ ବୁଜି ମତାମତ ଦେଇ ଯାଉଛନ୍ତି । ସେମାନଙ୍କର ସେହି ଅନ୍ଧ ଧାରଣା ମୂଳରେ ଆଜି କୁଠାରାଘାତ କରିବାକୁ ଏକାନ୍ତ ସକ୍ଷମ ଶେଠଙ୍କର ବଳିଷ୍ଠ ଲେଖାବଳୀ । କବି ଶ୍ରୀ ଖଗେଶ୍ୱର ଶେଠଙ୍କର ସମସ୍ତ କାବ୍ୟ-କବିତାକୁ ପାଠ କରି ମନନ କଲେ ସାହିତ୍ୟର ସ୍ୱତସ୍ରୋତ ଉଜାଣି ବହିଲା ପରି ମନେ ହୁଏ । ଏ ମାନାବୃତ୍ତି ଓ ଗଦ୍ୟ-କବିତା ଯୁଗରେ କବି ବହୁ ପ୍ରାଚୀନ ଛନ୍ଦକୁ ଫେରାଇ ସାହିତ୍ୟ ସୃଷ୍ଟି କରିଥିଲେ ହେଁ ତାଙ୍କ ପ୍ରତିଭା ସ୍ୱର୍ଣ୍ଣଯୁଗ-ଧାରଣାର ଅନ୍ଧ ଦଳାଦଳି-ଉତ୍କ୍ଷିପ୍ତ ଧୂଳି-ପଟଳରେ ସମାଚ୍ଛନ୍ନ ବା ମଳିନ ହୋଇ ପାରି ନାହିଁ । ଭକ୍ତ, ରାଧାନାଥ ପ୍ରଭୃତିଙ୍କୁ ତାତ୍କାଳୀନ ସାହିତ୍ୟକଗଣ ସେ ସେ ଯୁଗର ଠିକାଦାର କରି ଦେଇଥିଲେ । ଆଜି ସାହିତ୍ୟର ସେହି ପ୍ରାଚୀନ ଠିକାଦାରମାନଙ୍କୁ ବ୍ୟର୍ଥ ଅକାରଣରେ ବସାଇ ଦେଇ ଯୁଗର ସାହିତ୍ୟ-ଜମିଦାରି କରି ସାମ୍ପ୍ରତିକ ସାହିତ୍ୟର ସ୍ରୋତକୁ ଅଯଥା ଆବିଳ ପଙ୍କିଳ କରି ଦିଆ ଯାଉଛି । ପ୍ରକୃତରେ ଉତ୍କଳ ସାହିତ୍ୟର ଏ ଯୁଗ-ବନ୍ଧୁଳତା ଅଯଥା ସାହିତ୍ୟକର ମୁଣ୍ଡକୁ ସମ୍ପାକ୍ରାନ୍ତ କରି ରଖିଛି । କାଳିଦାସ ବହୁ ପୂର୍ବରୁ ସାହିତ୍ୟରେ ରୋମାଣ୍ଟିସିଜମ୍‌ର ପ୍ରବର୍ତ୍ତନ କରିଥିଲେ ହେଁ ଆଜିର ଯୁଗରେ ମଧ୍ୟ କେତେ ଜଣ ସମର୍ଥ ଲେଖକ ତାଙ୍କ ଭଳି ସାହିତ୍ୟରେ ରୋମାନ୍ସ ସୃଷ୍ଟି କରି ପାରନ୍ତି । ତେବେ କାଳିଦାସ କ'ଣ କେବଳ ସେ ଯୁଗର ? ଆଜିର କବି କି ସେ ନୁହନ୍ତି ? ପ୍ରକୃତ-ପ୍ରତିଭାର ବିଚାରରେ କାଳିଦାସ ଏ ଯୁଗର କବି ମଧ୍ୟ ଅଟନ୍ତି । ପ୍ରତିଭା କେବେ ଯୁଗ ମଧ୍ୟରେ ସୀମିତ ରହେ ? ଶୈଳୀ, ଛନ୍ଦ, ଆଦର୍ଶ ପ୍ରଭୃତିକୁ ଯୁଗର ନିଗଡ଼ରେ ବାନ୍ଧି ରଖା ଯାଇପାରେ । କିନ୍ତୁ ପ୍ରତିଭାଶାଳୀ କବିମାନେ ସେ ସବୁକୁ ଡେଇଁ

କେବଳ ସାହିତ୍ୟସାମ୍ରାଜ୍ୟରେ ଅମରତ୍ୱ ଲାଭ କରି ନାହାନ୍ତି; ବରଂ ପ୍ରତିଭାର ପୂର୍ଣ୍ଣ ସ୍ଫୂର୍ତ୍ତି ହେତୁ ସେମାନେ ଅମର ହୋଇ ପାରିଛନ୍ତି । ତେଣୁ ସେ ଦୃଷ୍ଟିରେ କବି ଶ୍ରୀ ଖଗେଶ୍ୱର ସେଠୀ ମଧ୍ୟ ଏ ଯୁଗର କବି । ଆମ ଓଡ଼ିଆ ସାହିତ୍ୟରେ ଯୁଗର ସଂଜ୍ଞା ଯେପରି କରା ଯାଇଛି ଇଉରୋପୀୟ କୌଣସି ସାହିତ୍ୟରେ ସାହିତ୍ୟିକ ଯୁଗ ସମ୍ବନ୍ଧୀୟ ଏପରି ଅମାର୍ଜ୍ଜନୀୟ ଗ୍ରାମ୍ୟତା ପ୍ରକାଶ ପାଇନାହିଁ । ହ୍ୱଇଟ୍‌ମାନ୍ ଊନବିଂଶ ଶତାବ୍ଦୀର ଶ୍ରେଷ୍ଠ କବି ଓ ବିଂଶ ଶତାବ୍ଦୀରେ ଟି. ଏସ୍. ଇଲିୟଟ୍ ନିଜ କବିତ୍ୱର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଯାଇଥିଲେ ହେଁ ତାଙ୍କ ନାମରେ କୌଣସି ଯୁଗକୁ ନାମିତ କରା ହୋଇନାହିଁ ଏବଂ ତଦ୍ୱାରା ସେମାନଙ୍କର ସାହିତ୍ୟର କିଛି କ୍ଷତି ହୋଇନାହିଁ । ତେଣୁ ଆମ ସାହିତ୍ୟର ଭଞ୍ଜ ଯୁଗ, ରାଧାନାଥ ଯୁଗ, ସତ୍ୟବାଦୀ ଯୁଗ, ସବୁଜ ଯୁଗ ଓ ଆଧୁନିକ ଯୁଗ ପ୍ରଭୃତି ଯୁଗମାନଙ୍କର ବିଶେଷତ୍ୱ ଆଦୌ ଉପଲବ୍ଧ କରା ହୋଇ ପାରୁନାହିଁ । ଏତଦ୍ୱାରା ସାହିତ୍ୟର ପବିତ୍ର ପ୍ରାଙ୍ଗଣରେ ଗୋଟିଏ ଗୋଟିଏ ଚେରବାଡ଼ ପଡ଼ି ତାକୁ ସଙ୍କୀର୍ଣ୍ଣ ଓ ତଥ୍ୟ ଅନୁସନ୍ଧାନକାରୀମାନଙ୍କୁ ସମ୍ପୂର୍ଣ୍ଣ ଅନ୍ଧକାର କରି ପକାଇଛି ।

ଏହି ଅବୈଜ୍ଞାନିକ ଯୁଗ-ସଂଜ୍ଞାକୁ ମାନି ବସିଲେ ସୁଦ୍ଧା ଆଜି ଭଞ୍ଜ ଓ ରାଧାନାଥଙ୍କ ଯୁଗ ଅତିକ୍ରାନ୍ତ ହୋଇଛି । ଓଡ଼ିଆ ସାହିତ୍ୟିକ ଓ ପାଠକବୃନ୍ଦ ନୂତନତାର ଆସ୍ୱାଦରେ ମସ୍‌ଗୁଲ୍ । ଏପରି ସମୟରେ ମଧ୍ୟ ଭଞ୍ଜ ଓ ରାଧାନାଥଙ୍କ ଶୈଳୀକୁ ଆଦର୍ଶ ନେଇ ସାହିତ୍ୟ ସୃଷ୍ଟି କରିବା ଓ ତହିଁରେ ପୁଣି ପ୍ରତିଷ୍ଠା ଅର୍ଜ୍ଜନ କରିବା କମ୍ ଗର୍ବ ଗୌରବର କଥା ନୁହେଁ ! ସୌଭାଗ୍ୟର କଥା, କବି ଶ୍ରୀ ଖଗେଶ୍ୱର ସେଠୀ ଏହି ଗର୍ବ ଗୌରବର ଅଧିକାରୀ ହୋଇ ପାରିଛନ୍ତି । ତେବେ ସୁଦ୍ଧା ଏମାନଙ୍କ ମଧ୍ୟରୁ କାହାରି ପ୍ରତି କବିଙ୍କର ଆକ୍ଷେପ ନାହିଁ, ଅଶ୍ରଦ୍ଧା ନାହିଁ; ବରଂ ଭକ୍ତି ଅଛି, ସମ୍ମାନ ଅଛି ଏବଂ ସେହି ଉଚ୍ଛ୍ୱସିତ ଭକ୍ତି ଓ ସମ୍ମାନ ତାଙ୍କର 'ଭଞ୍ଜଭକ୍ତି', 'ଚଇତ-ଅମାବସ୍ୟା' ଆଦିରେ ପରିସ୍ଫୁଟ ହୋଇ ଉଠିଛି । ସେଠୀ କବିଙ୍କ ପ୍ରୋଜ୍ଜ୍ୱଳ ଓଜସ୍ୱିନୀ ପ୍ରତିଭାର ପ୍ରାଚୁର୍ଯ୍ୟ ଓ ବୈଶିଷ୍ଟ୍ୟ ବିଶେଷଭାବରେ ପରିଲକ୍ଷିତ ହୁଏ ତାଙ୍କ ରଚନା ଅପେକ୍ଷା ସମାଲୋଚନାରେ । କିନ୍ତୁ ଅପରିହାର୍ଯ୍ୟ ଆବଶ୍ୟକତା ବୋଧ ନ ହେଲେ ସେ ଦିଗରେ ତାଙ୍କ ଲେଖନୀ ସ୍ୱଭାବତଃ ତଳକ୍ଷୁଣ୍ଣ ।

ଶିକ୍ଷା ଦୀକ୍ଷା ଦିଗରେ କବିଙ୍କର ପ୍ରତିଭାର ବିଚାର କରି ବସିଲେ ଏକାନ୍ତ ଅବାକ୍ ହେବାକୁ ପଡ଼େ । ସେ ସ୍କୁଲ୍‌ଘରର ପ୍ରାଙ୍ଗଣ ସୁଦ୍ଧା ମାଡ଼ି ନାହାନ୍ତି ।

ପିଲାଦିନୁ ତାଙ୍କର କ-ଖ-ଗ ଶିକ୍ଷା ହୋଇଛି ଗାଁ ଚାଟଶାଳୀରେ । ଏ ଯାଏ ତାଙ୍କର ହସ୍ତାକ୍ଷର ମଧ୍ୟ ସୁନ୍ଦର ହୋଇ ପାରିନାହିଁ । କିନ୍ତୁ ଏହି ଅଙ୍କା ବଙ୍କା ଅକ୍ଷର ଭିତରେ ପ୍ରତିଭାର ଯେଉଁ ସ୍ପଷ୍ଟ ନିଦର୍ଶନ ମିଳେ, ତାହା ଯଥାର୍ଥତଃ ଅମର, ସୁରଭିତ ଓ ଶ୍ରୀମଣ୍ଡିତ ।

ଦାରିଦ୍ର୍ୟର ତାଡ଼ନା ଓ ଭାଗ୍ୟର ବିଡ଼ମ୍ବନା ଉଭୟଙ୍କୁ ନେଇ କବି ଜୀବନସାରା ଗ୍ରାମରୁ ଗ୍ରାମାନ୍ତର ଯାଉଛନ୍ତି—ସ୍ୱଚ୍ଛନ୍ଦ ଜୀବନଯାପନର ମଧୁର ଆଶାରେ । ମାତ୍ର ହାୟ ! ଅପଥଗାମୀ କବି କମଳାଙ୍କର ଆରାଧନା ପରିବର୍ତ୍ତେ କମଳର ବର୍ଣ୍ଣ ଓ ସୌରଭରେ ମୁଗ୍ଧ ହୋଇ ତା'ର ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ଲେଖନୀ ମୁଖର କରିଦେଲେ ଓ ଲକ୍ଷ୍ମୀଙ୍କର ସପତ୍ନୀ ବରଦାଙ୍କର ବରଦାନ ଗ୍ରହଣ କଲେ ! କବିଙ୍କର ଏ ଅପରାଧ କେବେବେହେଲେ ବିଶେଷତଃ ଆଜିର ଏ ଯନ୍ତ୍ରତାନ୍ତ୍ରିକ ଯୁଗରେ କ୍ଷମଣୀୟ ନୁହେ ! ତେଣୁ ଲକ୍ଷ୍ମୀ ନିଜର ସହଜାତ ଈର୍ଷ୍ୟା ପ୍ରବୃତ୍ତି ଦ୍ୱାରା କବିଙ୍କୁ ଆଜୀବନ ଉପହାସ କରି ଆସିଲେ ! କବି କିନ୍ତୁ ଏ ଜୀବନବ୍ୟାପୀ ସଂଗ୍ରାମ ଭିତରେ କ୍ଷତ ବିକ୍ଷତ ହୋଇ ମଧ୍ୟ ଅଟଳ, ଦୁର୍ବାର, କଳକଳ ଛଳଛଳ—ଠିକ୍ ଚଳଚଞ୍ଚଳ ଗିରିନିର୍ଝର ପରି !

କଳା ଏକ ଅଖଣ୍ଡ ଅଭିବ୍ୟକ୍ତି । ବାହ୍ୟଜଗତର ଯେଉଁ ପ୍ରତିବିମ୍ବ ହୃଦୟ-ଦର୍ପଣରେ ପ୍ରତିଫଳିତ ହୁଏ, କଳାକାର ବା କବି ତାକୁ ଯଥାତଥ ଅଙ୍କଣ କରିବାର ପ୍ରୟାସ କରିଥାଏ । ମାନସ-ଦର୍ପଣରେ ପ୍ରତିଫଳିତ ଏହି ଛାୟା-ଚିତ୍ରକୁ କବି ବା କଳାକାର ଯେତିକି ସଜୀବ ରୂପେ ଚିତ୍ରିତ କରିଦିଏ, ସେତିକି ପରିମାଣରେ ସେ ସଫଳ କଳାକାର ବା କବି ବୋଲି ସ୍ୱୀକୃତ ହୁଏ ।

କବି ଶ୍ରୀ ଖଗେଶ୍ୱର ସେଠ 'ଯୁବତୀ', 'ସମାଜ', 'ପ୍ରଣୟ-ନିର୍ଝର' ପ୍ରଭୃତି କାବ୍ୟମାନଙ୍କରେ ନିଜ ମନୋଭାବର ପରିପ୍ରକାଶ କିପରି ସ୍ୱଚ୍ଛ ସୁନ୍ଦର ଭାବରେ କରି ପାରିଛନ୍ତି ତାହା ପାଠ ନ କଲେ କିପରି ଜାଣିହେବ ? କବି ଏ କାବ୍ୟମାନଙ୍କର ସ୍ଥଳେ ସ୍ଥଳେ ନିଜ ଜୀବନର ବିରାଟ ଉତ୍‌ଥାନକୁ ବିଶ୍ଳେଷଣ କରି ତାର ଉପାଦାନଗୁଣି ପାଠକଙ୍କୁ ଦେଖାଇ ଦେଇଅଛନ୍ତି ।

କେଉଁଠି କେଉଁଠି କବିହୃଦୟର ଅଶାନ୍ତି, ଅତୃପ୍ତି, ବାସନାର ସ୍ଫୂର୍ତ୍ତି ଏବଂ ବର୍ଣ୍ଣଚ୍ଛଟା ତାଙ୍କ କାବ୍ୟ-କବିତା ଭିତରେ ହିଁ ଆମକୁ ଦେଖିବାକୁ ମିଳିବ । କବିତା କବିଅନ୍ତରର ବାହ୍ୟ ପ୍ରକାଶ । କବିତା ତାହାର ବାସନା-ମରୁଭୂମିର 'ଓଏସିସ୍' ଏବଂ ହୃଦୟ-କାନନର ସ୍ୱର୍ଣ୍ଣମୃଗୀ; କବିତାହିଁ ତାହାର କବିସତ୍ତା ।

କବିଙ୍କର କାବ୍ୟ-କବିତା ମଧ୍ୟରେ ମାନବପ୍ରାଣର ସୁଖ-ଦୁଃଖ, ଅନୁରାଗ-ବିରାଗ, ମିଳନ-ବିରହ, ଆଶା-ଆକାଂକ୍ଷା, ଅନୁଭୂତ-ଅଭିବ୍ୟକ୍ତ, ଆମୋଦ-ପ୍ରମୋଦ, ଅଶାନ୍ତି-ଅତୃପ୍ତି, ହାସ-ଅଶ୍ରୁ ସମସ୍ତହିଁ ଜୀବନ୍ତ ଆତ୍ମ-ପ୍ରକାଶ କରିଛନ୍ତି । ତାଙ୍କ କାବ୍ୟ-କବିତାବଳୀ ପାଠକଲେ ତନ୍ନିହିତ ଭାବ ପ୍ରବାହର ବିଦ୍ୟୁତ୍-ଚମକ ପାଠକକୁ ଚମକିତ କରାଏ । ମେଘାନ୍ତରାଳ ନିହିତ ବଜ୍ରର ଘଡ଼ଘଡ଼ ପରି କାହିଁ କାହିଁ କ୍ଷୁଦ୍ର କ୍ଷୁଦ୍ର ଚଟପଳକ, ଶବ୍ଦବିନ୍ୟାସ ପାଠକକୁ ଚକିତ କରାଏ ଓ ବର୍ଣ୍ଣନାର ଆଡ଼ମ୍ବରରେ କେଉଁଠି ବା ସ୍ୱାଭାବିକ ପରିବେଶର ପ୍ରଶ୍ୱାସ ଅନୁଭୂତ ହୋଇଥାଏ ।

ସମାଜସଂସ୍କାରମୂଳକ ମନୋଭାବ ସୃଷ୍ଟି କରିବାରେ ଶ୍ରୀମଦ୍ ସ୍ୱର୍ଗୀୟ ଦୟାନନ୍ଦ ସରସ୍ୱତୀଙ୍କ ବିଚାରର ପ୍ରଭାବ, କାବ୍ୟସୃଷ୍ଟି ଦିଗରେ ଭଞ୍ଜ ଓ ପରେ କବିବର ଗଙ୍ଗାଧରଙ୍କ ପ୍ରଭାବ କବିଙ୍କ ଉପରେ ସ୍ପଷ୍ଟ । ମାତ୍ର ଏ ସବୁ ସତ୍ତ୍ୱେ ପ୍ରତିଭାଶାଳୀ କବି ନିଜର ଅନନ୍ୟସାଧାରଣ ଦୃଷ୍ଟିଭଙ୍ଗୀ ଦେଇ ସେ ସବୁକୁ ଏପରି ମଞ୍ଜୁଳଭାବରେ ପ୍ରକାଶ କରିଅଛନ୍ତି ଯେ ସେ ସବୁକୁ କବିଙ୍କର ନିଜସ୍ୱ ବୋଲି କହିବାକୁ ହୋଇଥାଏ ।

କବି ଶ୍ରୀ ଖଗେଶ୍ୱର ଶେଠ ଶିକ୍ଷାଦୀକ୍ଷାରେ ଉତ୍କଳର ସମସ୍ତ କବିଙ୍କଠାରୁ ନିମ୍ନତମ । ସେ ଗଙ୍ଗାଧରଙ୍କ ତୁଳନାରେ ମଧ୍ୟ ଆହୁରି ଅଭାବଗ୍ରସ୍ତ । ଏ ପର୍ଯ୍ୟନ୍ତ ଭଲଭାବରେ ବାସ ଓ ଗ୍ରାସ ତାଙ୍କର ପ୍ରାଣକୁ ଆହ୍ଲାଦ ଦାନ କରିପାରି ନାହିଁ । କିନ୍ତୁ ଏହି ଦୁର୍ଦ୍ଦମନୀୟ ଅଭାବ ମଧ୍ୟରେ ସୁଦ୍ଧା ସେ ଯେଉଁ ଅମୂଲ୍ୟ କାବ୍ୟ-କବିତାର ସ୍ତବକ-ହାର ଉତ୍କଳ-ଭାରତୀଙ୍କ ଗଳାରେ ଲମ୍ବାଇ ଦେଇ ଅଛନ୍ତି, ତାହାର ଦୀପ୍ତି ଓ ମୂଲ୍ୟବୋଧ ଶାଶ୍ୱତକାଳ ସକାଶେ ଅବିକୃତ ରହିବ । ପଙ୍କରେ ପଦ୍ମ, ଶ୍ମଶାନରେ ତୁଳସୀ, କଣ୍ଟକକଳେବରର ଅନ୍ତରାଳରେ ଅରଣ୍ୟରେ ବନମଲ୍ଲିକାର ଆବିର୍ଭାବ ଓ ବିକାଶ ଈଶ୍ୱରଙ୍କ ସୃଷ୍ଟିର ବୈଚିତ୍ର୍ୟ । ସେହି ବୈଚିତ୍ର୍ୟ କବି ଖଗେଶ୍ୱର ଶେଠଙ୍କ ଉପରେ ମଧ୍ୟ ପ୍ରତିଫଳିତ । ଦରିଦ୍ର ଅଶିକ୍ଷିତ କୈବର୍ତ୍ତକୁଳରେ ଜନ୍ମଗ୍ରହଣ କରି, ଆଧୁନିକ ଶିକ୍ଷାର ସ୍ପର୍ଶଲାଭରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇ ଓ, ଅନ୍ଧକାର ପରିପାର୍ଶ୍ୱରେ ବର୍ଦ୍ଧିତ ହୋଇ ସ୍ୱୀୟ କାବ୍ୟ-କବିତାରେ ସମାଜ-ସଂସ୍କାରର ଯେଉଁ ସ୍ଫୁରଣ, ପ୍ରକୃତିଚିତ୍ରଣର ଯେଉଁ ବୈଶିଷ୍ଟ୍ୟ ଓ ମାନବ-ପ୍ରକୃତିର ଯେଉଁ ସଜୀବ ରୂପାଙ୍କନ ସେ କରି ଯାଇଅଛନ୍ତି, ତାକୁ ଦେଖିଲେ ସେ ସବୁ ପ୍ରତିଭାର ବିଧି-ପ୍ରତିପାଦିତ ଅଧିକାର ନୁହେଁ ବୋଲି କିଏ କହିବ ?

ରଚନାର ସ୍ୱଚ୍ଛତ୍ୱରେ, କଳାର ସୌଷ୍ଠବରେ, ମୌଳିକତାର ଚମତ୍କାରିତାରେ, ତାତ୍ପର୍ଯ୍ୟର ବୈଶଦ୍ୟରେ, ବର୍ଣ୍ଣନାର ଭଙ୍ଗୀରେ, ବିଷୟବସ୍ତୁର ଆଦର୍ଶ ନିର୍ବାଚନରେ, ତୁଳନାର ସୂକ୍ଷ୍ମଯୁକ୍ତତାରେ, ଉପମାର ମନୋହାରିତାରେ, ଛନ୍ଦଲାଳିତ୍ୟରେ, ଶବ୍ଦର ସାର୍ଥକ ପ୍ରୟୋଗରେ, ନୂତନ ଶବ୍ଦସୃଷ୍ଟିର ବିଚକ୍ଷଣତାରେ, ରସର ଯଥାର୍ଥ ପରିବେଷଣରେ, ଅଳଙ୍କାରର ଉପଯୁକ୍ତ ବିନ୍ୟାସରେ, ଧ୍ୱନିର ସୁମଧୁର ସମାବେଶରେ, ତତ୍ତ୍ୱାଲୋଚନାର ଗବେଷଣା-ମୂଳକ ଗାମ୍ଭୀର୍ଯ୍ୟ ପ୍ରଦର୍ଶନରେ ଓ ଆଧ୍ୟାତ୍ମିକ ଚିନ୍ତାର ସୂକ୍ଷ୍ମଦର୍ଶିତାରେ କବି ଶ୍ରୀ ଖଗେଶ୍ୱର ସେଠଙ୍କର ରଚନାରାଜି ସହୃଦୟ ସାହିତ୍ୟିକ ଓ ପାଠକ-ମାନଙ୍କର ଏକାନ୍ତ ଉପଭୋଗ୍ୟ ସାମଗ୍ରୀ ହୋଇଉଠିଛି । ନିଜର ଏହି ପ୍ରତିଭା ଗୁଣରେ କବି ଉତ୍କଳସାହିତ୍ୟ କ୍ଷେତ୍ରରେ ଅମରତ୍ୱ ଲାଭ କରିବେ—ଏ ଆଶା ଓ ବିଶ୍ୱାସ ଆମ ମନରେ ଅବିସମ୍ବାଦିତ—ପାକତ ।

ତେବେ ଏ ଭଳି ପ୍ରତିଭାଶାଳୀ କବିଙ୍କ ପ୍ରତି ଆମେ କରିଛୁଁ କ'ଣ ? ଅତୃପ୍ତି ଜନିତ ଏହି ଅନୁଯୋଗ ସ୍ୱତଃ ସ୍ଥିର ମାନସର ମୂଳରେ ଉଦିତ ହୁଏ । ପ୍ରକୃତ କଥା, କବିଙ୍କ ପ୍ରତି ଆମର କର୍ତ୍ତବ୍ୟ ଏଇ ତ ଆରମ୍ଭ ହୋଇଛି । ତାଙ୍କର ପ୍ରତ୍ୟେକ କାବ୍ୟ-କବିତାର ବାସ୍ତବ ଅଧ୍ୟୟନ ଓ ମନନ, ବହୁମୂଲ୍ୟ ପ୍ରବନ୍ଧରେ ଉନ୍ନତ ସମାଲୋଚନାର ପ୍ରତିଫଳନ, ମାନବିକ ମହତ୍ତ୍ୱର ଅନୁଶୀଳନ, ଅନବଦ୍ୟ ବ୍ୟକ୍ତିତ୍ୱର ଦର୍ଶନ ଏବଂ ମମତାବୃତ ସରସ ହୃଦୟର ରହସ୍ୟର ଉନ୍ମୋଚନ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅସମ୍ପୂର୍ଣ୍ଣ ରହିଛି । ଅତଏବ, ଉତ୍କଳର ସୁଗ୍ରାହକ ସୁଧୀ ସାହିତ୍ୟିକବର୍ଗ କବିଙ୍କର ପ୍ରକୃତ ପ୍ରତିଭା ଜନତା ସମକ୍ଷରେ ପ୍ରଦର୍ଶନ ପୂର୍ବକ ତାଙ୍କୁ ସମୁଚିତ ଆସନରେ ଆସୀନ କରାଇ ପାରିଲେ ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ଅର୍ପିତ ହୋଇ ପାରିବ । ସୁତରାଂ, ସେହି ମଙ୍ଗଳ ମୁହୂର୍ତ୍ତର ଆକାଂକ୍ଷିତ ଅପେକ୍ଷା ଆମର ଅତୃପ୍ତ ପ୍ରାଣକୁ ତୃପ୍ତ କରୁ, ଅଳସ ଜୀବନକୁ ନିରଳସ କରୁ ଏବଂ ସମଗ୍ର ମାନବଜାତିର କବିଙ୍କୁ ମାନବିକତାରେ ସ୍ତୁତି ପୂଜା କରିବା, ସରଳ ହୃଦୟରେ ବନ୍ଦନା କରିବାର ଅମଳିନ ଅନ୍ତଃ ଉତ୍କଣ୍ଠ ଆକାଂକ୍ଷାରେ ଅନୁପ୍ରାଣିତ କରୁ !

ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ !

ବରଗଡ଼
ତା ୨୮।୧।୧୯୫୮
(ମାଘ-ଶ୍ରୀପଞ୍ଚମୀ).

କେଶବଚନ୍ଦ୍ର ମେହେର

# କୃତଜ୍ଞତା ପ୍ରକାଶ

"ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜାମ୍ୟହମ୍
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ।"

—ଗୀତା ୪ ଅ, ୧୧ ଶ୍ଳୋକ ।

ମାନବସମାଜର ମନନ ଓ ଅନୁଧ୍ୟାନ ସକାଶେ ଗୀତାର ଏହି ମହୋକ୍ତିକୁ ଅପେକ୍ଷାକୃତ ସୁସ୍ପଷ୍ଟୀକୃତ ଓ ଭାବ ରୂପାୟନରେ ମୁକ୍ତକଣ୍ଠରେ ଗାଇ ଯାଇଅଛନ୍ତି ମହାନୁଭବ ମନସ୍ୱୀ ୰ ମେହେର କବି:—

"ଯା ମନ ଯେସନ ତା ପାଇଁ ସେସନ
ଫଳ ଯୋଇଥାଏ ବିଶ୍ୱ,
ଶୁଭମନା ଶୁଭେ ଅମୃତ ଲଭଇ
ଖଳମନା ପାଏ ବିଷ !"

—ପ୍ରଣୟ-ବଲ୍ଲରୀ ।

ଏହା ସୃଷ୍ଟିର ଚିରନ୍ତନ ସତ୍ୟ ନିଶ୍ଚୟ, କିନ୍ତୁ ସଦ୍ୟ ଦର୍ଶନୀୟ କିମ୍ବା ସହଜଲଭ୍ୟ ସତ୍ୟ ନୁହେଁ । ଏଥିରେ ପ୍ରାଣାନ୍ତ ବିଶୁଦ୍ଧ ସାଧନା ଆବଶ୍ୟକ ।

ଆଜି ଚୋଟିକ ଚୋଟି ଦୃଶ୍ୟପଟରେ ଅଙ୍କିତ ହୁଏ—ଜୀବନସ୍ରୋତର ଅଲକ୍ଷ୍ୟ ଅକୂଳ ବ୍ୟାକୁଳ ଗତି, ପ୍ରତିକୂଳ ପରିସ୍ଥିତିର ବାଧା-ପ୍ରତିବନ୍ଧକ, ପାରିପାର୍ଶ୍ୱିକ-ବନ୍ଧୁରତା, ପ୍ରଚଣ୍ଡ ଗ୍ରୀଷ୍ମକାଳୀନ ଝଞ୍ଜାନିଳ ପରି ଉଦ୍‌ଭ୍ରାନ୍ତ ନୈରାଶ୍ୟର ଉତ୍ତପ୍ତ ଶ୍ୱାସ-ପ୍ରଶ୍ୱାସ ଏବଂ ଗାର୍ହସ୍ଥ୍ୟ ଜଞ୍ଜାଳ ରୂପ ଦୁର୍ଲଙ୍ଘ୍ୟ ଶିଳାସଙ୍କଟ । ତଦୁପରି ଅଜସ୍ର ଦାରିଦ୍ର୍ୟ-ତମସାଚ୍ଛନ୍ନ ଅଦୃଷ୍ଟ-ଗିରିଗହ୍ୱର-ବାସିନୀ ଭୟାନକ ଚିନ୍ତା-ରାକ୍ଷସୀର ଅଟ୍ଟହାସ ! କିନ୍ତୁ, ସେତେବେଳେ ଅସ୍ଫୁଟ ଧ୍ୱନିରେ କାହାରି ଶୁଭୁଥାଏ ଐକାନ୍ତିକ ଶ୍ରଦ୍ଧାଦେବୀଙ୍କର ଏହି ହୃଦ-ଆହ୍ଲାଦିନୀ ଆବୃତ୍ତି ବାଣୀ:—

ବନ୍ଧୁ ଯା' ରେ ମୋର ଜୀବନଧାର,
ନଦୀ ସମାନ;
ଅଟଳେ ତୋ' ଆଶ୍ରା ଜଗତ ପାର
କରିବ ଦାନ !

ସଙ୍ଗେ ସଙ୍ଗେ ଏ ପାଦେ ଚାଲିଥାଏ ସନ୍ଦେହ ଓ ବିଶ୍ୱାସର ବାଦ ପ୍ରତିବାଦ ।

ସନ୍ଦେହ—ସାରା ଜଗତ୍ ? କି କୁହୁକ ଦୁରାଶା ! ଜାଗ୍ରତ ସ୍ୱପ୍ନ !
ବିଶ୍ୱାସ—ଜାଣିନ ? ଯେଉଁଠି ଯା'ର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟର ଅଚ୍ଛିନ୍ନ ସମ୍ବନ୍ଧ ବିଦ୍ୟମାନ;

ତା' ପକ୍ଷରେ ତାହା ସାରା ଜଗତ୍ ପରି ବୋଧ ହେବାରେ ଅସଙ୍ଗତି କ'ଣ ? ଯେଉଁ ମାଟିର ଭଗବାନ 'ଜଗନ୍ନାଥ' ନାମରେ ଅଭିହିତ, ସେଇ ମାଟିଟି ତା' ସନ୍ତାନ ପକ୍ଷରେ ସାରା ଜଗତ୍ର ପରି ପ୍ରତୀତ ହେଲେ ମଧ୍ୟ ବଡ଼ କଥା ନୁହେଁ ।

ସତକୁ ସତ ଏଇଠି ମୋର ଜନ୍ମ, ଏଇଠି ମୋର କର୍ମ, ଏଇଠି ମୋର ମରଣ; ସୁଖ-ଦୁଃଖ, ହର୍ଷ-ବିଷାଦ, ହାନି-ଲାଭ, ହସ-କ୍ରନ୍ଦନ, ଶାନ୍ତି-ବିପ୍ଳବ, ପାପ-ପୁଣ୍ୟ, ମୁକ୍ତି-ବନ୍ଧନ, ସ୍ୱର୍ଗ-ପାତାଳ ସବୁ ମୋର ଏଇଠି । ଏଇଠି ମୋର ବୈକୁଣ୍ଠ, ଏଇଠି ମୋର ଯମାଳୟ; ସ୍ୱର୍ଗ-ସୁଖ ଭୋଗ, ନରକ-ଯନ୍ତ୍ରଣା ମୋର ସବୁ ଏଇଠାରେ ।

ଏଇ ଧାରଣାଟି ଏ ଯାଏ ମୋତେ ବଞ୍ଚେଇ ରଖିଛି । ବଞ୍ଚେଇ ରଖିବା ଅର୍ଥ ମୋର ଜୀବନସ୍ରୋତର ଧୀର ସଞ୍ଚାରି ଥାଇ ତା'ର ଲକ୍ଷ୍ୟପଥକୁ ଆଜି ଠଉରେଇ ପାରୁଛି । ଦିନେ ତା'ର ଲକ୍ଷ୍ୟସ୍ଥଳକୁ ସେ ପହଞ୍ଚିପାରେ, ଏଇ ଆଶା ମଧ୍ୟ ଅଛି ।

ଆଶାର ଅଧିକାର ସିଦ୍ଧିପ୍ରାପ୍ତିରେ ନୁହେଁ—ସାଧନାରେ । ସିଦ୍ଧିପ୍ରାପ୍ତିର ଆଶା ପାତାଳର ଗହ୍ୱର—ସାଧନାର ଆଶା ସ୍ୱର୍ଗର ସୋପାନ । ସିଦ୍ଧିର ଅବସ୍ଥିତି ସଙ୍କୀର୍ଣ୍ଣ ଓ ସୀମାବଦ୍ଧ; ସାଧନାର କ୍ଷେତ୍ର ଅସୀମ, ମୁକ୍ତ, ପ୍ରଶସ୍ତ । ସିଦ୍ଧିକାମୀ ମରଣକୁ ବରଣ କରେ, ଜୀବନକୁ ବିସ୍ତାର କରିଥାଏ ସାଧନା-ବିଳାସୀ ।

ଏଇ ଦୃଷ୍ଟିରେ ଦେଖିବାକୁ ଗଲେ ଆଜି କି ରାଜନୈତିକ, କି ସାମାଜିକ, କି ଆଧ୍ୟାତ୍ମିକ ପ୍ରତ୍ୟେକ କ୍ଷେତ୍ରରେ ଦେଶ ଓ ଜାତିର କ୍ରମୋନ୍ନତ ସୋପାନ ଆଶାନୁରୂପ ପ୍ରସ୍ତୁତ ହେବାକୁ ଯାଉଛି ଶାସନାରୂଢ଼ପ୍ରୟାସୀ ସତ୍ୟବାଦସ୍ୱୀକାରୀ ଭାରତ ସରକାରଙ୍କର ଔଦାର୍ଯ୍ୟ-ଆନୁକୂଲ୍ୟରୁ ।

ସୌଭାଗ୍ୟର ବିଷୟ, ସେହି ଅତୀତୀୟ ଅଂଶଟାକୁ ଓଡ଼ିଶା ସରକାରଙ୍କ ନବ ପ୍ରତିଷ୍ଠିତ "ସଙ୍ଗୀତ-ନାଟକ-ଏକାଡେମୀ" ସଦନୁଷ୍ଠାନଟି ହେଉଛି ବାଗ୍ମିମାନଙ୍କ ଓ ଅବଲମ୍ବମାନଙ୍କ ସୋପାନଶ୍ରେଣୀର ଅନ୍ତର୍ଗତ । ଏହି ଅନୁଷ୍ଠାନକୁ 'ଉତ୍କଳ ବାଣୀପୀଠ' ବା 'ସାହିତ୍ୟ ମୁକ୍ତିମଣ୍ଡପ' କହିଲେ ମଧ୍ୟ ଉକ୍ତିଟିରେ ବୋଧହୁଏ ଅସମୀଚୀନତା ଆସିବ ନାହିଁ ।

ଶଂସିତ ସାହିତ୍ୟ ମୁକ୍ତିମଣ୍ଡପର ଅଧିଷ୍ଠାତ୍ରୀ ଦେବୀ ଜନନୀ ଉତ୍କଳ-ଭାରତୀଙ୍କର ଆରାଧନା ସକାଶେ ମୋଭଳି ଜଣେ ଅର୍ବାଚୀନ ଅକିଞ୍ଚନ ମାଳାକାରର ଶିକ୍ଷା-ସଭ୍ୟତା-ଶକ୍ତି-କାଞ୍ଚନ ସମ୍ପୁର୍ଷିତ ଅରଣ୍ୟ କୁସୁମାବଳୀ-ଗ୍ରଥିତ ମାଳାଟିକୁ ଅଗ୍ର ଅର୍ପଣୀୟ ନୈବେଦ୍ୟ-ପୁଷ୍ପମାଲ୍ୟ ରୂପରେ ସାଦର ଗ୍ରହଣ କରି ପାଇଅଛି, ସେଥିରେ ମୁଁ ଯେପରି ବିସ୍ମିତ-ଚକିତ, ତଦ୍ରୂପ ଅନିର୍ବଚନୀୟ ଆହ୍ଲାଦନରେ ସ୍ନାତ-ଅଭିଭୂତ ଏବଂ ଆଜୀବନ ଧନ୍ୟ, କୃତାର୍ଥମନ୍ୟ ! ଅତଏବ ତନ୍ନିମିତ୍ତ କର୍ତ୍ତବ୍ୟପରାୟଣ ସତ୍ସାହିତ୍ୟଦର୍ଶୀ ଗୁଣଗ୍ରାହୀ ଓଡ଼ିଶା ସରକାରଙ୍କ ସୁଯୋଗ୍ୟ ଶିକ୍ଷାମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ଲିଙ୍ଗରାଜ ପାଣିଗ୍ରାହୀ ଓ ସଙ୍ଗୀତ-ନାଟକ ଏକାଡେମୀର ସହୃଦୟ ସଭାପତି, ସମ୍ପାଦକ ତଥା ସଦସ୍ୟବର୍ଗଙ୍କ ନିକଟରେ ଆଜି ମୋର ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଅଛି ।

ହୃତଃ ଉଚ୍ଛ୍ୱସିତ ଶ୍ରଦ୍ଧା, ଭକ୍ତି ଓ ବିନୟ ସହକାରେ ଏଠାରେ ଜଣେଇବାକୁ ପୁନଶ୍ଚ ଆବଶ୍ୟକ ହେଉଛି ଯେ, ଏହି ଗ୍ରନ୍ଥାବଳୀର ସର୍ବାଙ୍ଗ-ସୌଷ୍ଠବ ସମ୍ପାଦନ ଓ ଗୌରବ ବର୍ଦ୍ଧନ ଦିଗରେ ଯେଉଁ ଉଦାରମନା ସଜ୍ଜନବୃନ୍ଦ ଆଶାତୀତ ଶ୍ରମ ସ୍ୱୀକାର କରିଅଛନ୍ତି, ଗ୍ରନ୍ଥକର୍ତ୍ତାଙ୍କ ପ୍ରତିକୃତି * ଏବଂ ଆବଶ୍ୟକ ପ୍ରବନ୍ଧାଦି ଯୋଗାଇଅଛନ୍ତି, ସେମାନଙ୍କଠାରେ ମଧ୍ୟ ମୁଁ ଚିରକୃତଜ୍ଞ ।

ବିଜେପୁର-ବୁଢ଼ିମାଲ୍,
ତା ୧-୩-୫୮ ଇସ୍ୱୀ

ବିନୀତ
ଗ୍ରନ୍ଥକାର

* ତୁଳାସନୋପବିଷ୍ଟ ପ୍ରତିକୃତିଟି ଶ୍ରୀଯୁକ୍ତ ବାବୁ କେଶବଚନ୍ଦ୍ର ମେହେରଙ୍କ କର୍ତ୍ତୃକ ପ୍ରଦତ୍ତ ।

# ପ୍ରତିଧ୍ୱନି

ହେ କର୍ତ୍ତବ୍ୟନିଷ୍ଠ !                    ଗୁରୁ-ସମ୍ବୋଧନେ
ତୁମ୍ଭ ସଭକ୍ତି-ପ୍ରଣାମ,
ପାଏଁ ଯା' ପ୍ରଣାମ                    ମନେକନା' ତାହା ମୋ
ଆପଣାଙ୍କ ପ୍ରାଣାରାମ !

'ଗୁରୁ'-ଯୋଗ୍ୟତା ମୋ                    ଯାହା ଥାଉ ବାବା,
ତୁମ୍ଭେ ତ' ମୋ କର୍ମ-ଗୁରୁ,
କର୍ମରେ ଗୁରୁତ୍ୱ                    ଦେଖାଇବା ଲାଗି
ଗଢ଼ିଅଛ ସ୍ୱର୍ଗପୁରୁ !

କଏ ତୁମେ ? ତୁମ୍ଭ                    ଜୀବନର ଲକ୍ଷ୍ୟ
ପାଇଛୁ କେ' ପରିଚୟ ?
ତଥାପି ଅନ୍ତରୁ                    କେତେଜଣ' ତାଙ୍କଠି
ଥିବ ଯାହାଙ୍କ ହୃଦୟ !

ସେ ଭକ୍ତିରେ ବଣା-                    ମାଳଙ୍କର ମାଳା
ଗୁନ୍ଥି ବାକ୍ୟଦେବୀ ଗଳେ,
ଅର୍ପିଅଛି ଆଜି,                    ରହିବେ ନିଶ୍ଚୟ
ଚିହ୍ନାଇ ଥିଲେ ଅନ୍ତରେ ।

ଜଳଧରୀ ହୃଦୟା-                    ଚିହ୍ନିଙ୍କ ଗୁଣୁଣି
ଶୁଣି ମିଳେ ତୁମ୍ଭ ତୁଣ୍ଡେ,
ସାଫଲ୍ୟ ଲଭିବ                    ଜଣେ ଯା' ଅନ୍ତୁ ଏ
ଶାସ୍ତ୍ରୀୟ ମୋ ବନ୍ଧୁତ୍ୱରେ !

ତ୍ୟାଗ ଆଉ ପୂଜା                    ସୁଶିକ୍ଷକ ତୁମ୍ଭେ
ଗୃହବନ୍ଧନ-ସନ୍ନ୍ୟାସୀ,
ଜୀବନ-ସଂଗ୍ରାମେ                    ବ୍ୟାହତ ତଥାପି
ନେତୃତ୍ୱ ଅଭିଳାଷୀ !

(୧) 'ପ୍ରଜଣ୍ଣ' ତୁମ୍ଭର ମ୍ଳାନମୁଖୀ ଯିନା
ପ୍ରତିଭା ଉଜ୍ଜ୍ୱଳତର,
ଧୈର୍ଯ୍ୟ, ଉଦାରତା, ବିନୟ, ସାରଲ୍ୟେ
ହୃଦୟ ଅତି ସୁନ୍ଦର ।
ପ୍ରତିଭାର ସେହି ନିଃସ୍ୱାର୍ଥ-ସାଧନା
ଦେଖାଇଛି ଜନହିତେ,
ଅନୁସରଣୀୟ ଶିକ୍ଷଣୀୟ ତାହା
ଗ୍ରନ୍ଥଙ୍ଗବନ-ସାହିତ୍ୟେ ।
"ଖଡ଼ଗେଶ୍ୱର ଗ୍ରନ୍ଥା- ବଳୀ" ଏହା ତୁମ୍ଭ
ଆଦର୍ଶ ଗୁରୁଦକ୍ଷିଣା,
ଅର୍ପି ଗୁରୁ କରେ ବାଗ୍‌ଦେବୀ-ପୀଠରେ
ଝଙ୍କାରିଛ ଭକ୍ତି-ବୀଣା ।
ହୃଦ-ମନ୍ଦିରେ ମୋ ବାଜିବାରୁ ଆଜ
ସେ ଭକ୍ତି-ବନ୍ଦନା ତାନ,
ପ୍ରତିଧ୍ୱନି ହୋଇ ଉଠେ ସେ ତାନରୁ
ତୁମ୍ଭରି ଏ ଗୁଣଗାନ !
ବିଶ୍ୱକୁ ଯେ ଯାହା ଦିଏ ପାଏ ତାହା
ନୁହେଁ ତୁମ୍ଭକୁ ଅଜଣା,
ଏ 'ପ୍ରତିଧ୍ୱନି'ଟି ଅଗ୍ରାହ୍ୟ ନହେବ
ଆଶା ରଖେ ମୋ ଧାରଣା !

ତୁମ୍ଭର
ଅକ୍ଷମ ସହକର୍ମୀ
ଖଡ଼ଗେଶ୍ୱର

---

(୧) 'ପ୍ରଜଣ୍ଣ'—ହାତଲେଖା ମାସିକ ପତ୍ରିକା ବିଶେଷ । ଏହା ପ୍ରଥମାବସର ମୁଣ୍ଡିମାନେ ବାହାରୁଥିଏ । କଳାପ୍ରାଣ ଓଡ଼ିଆଜାତିର କଳାବିକାଶିନୀ ଏଇ କ୍ଷୁଦ୍ର କଳେବର ପତ୍ରିକାଟି "ଖଡ଼ଗେଶ୍ୱର ଗ୍ରନ୍ଥାବଳୀ" ସଙ୍କଳୟିତା ଶ୍ରୀଯୁକ୍ତ ବାବୁ କୃଷ୍ଣକିଶୋର ପାଣିଗ୍ରାହୀଙ୍କଦ୍ୱାରା ସମ୍ପାଦିତ । ଦୁଃଖର ବିଷୟ, ଜାତିର ଏହି ଆଦର୍ଶ ପତ୍ରିକାଟି କେବଳ ସମ୍ପାଦକଙ୍କ ବ୍ୟକ୍ତିଗତ ଅନ୍ୟ ସାହାଯ୍ୟତାରୁ ଆଶାନୁରୂପ ପ୍ରଚାର, କବିତାଦ ସ୍ୱତନ୍ତ୍ର ପାଇପାରୁନାହିଁ; ତନ୍ନିମିତ୍ତ ଏଠାରେ ଉକ୍ତ ପତ୍ରିକାକୁ ବିଷାଦ ଛାୟାପାତରେ ମ୍ଳାନମୁଖୀ ବୋଲି ନିର୍ଦ୍ଦେଶ କରାଯାଇଅଛି ।

# ସୂଚିପତ୍ର


| ବିଷୟ | ପୃଷ୍ଠା |
|---|---|
| ୧। ଚନ୍ଦ୍ରଭାଗା-ଚନ୍ଦ୍ରକଳା— | |
| (୧) ମଙ୍ଗଳାଚରଣ ... .. | ୧ |
| (୨) ସନ୍ଧ୍ୟା-ସମାଗମ ... ... ... | ୧୩ |
| (୩) ସଜନୀ ... ... ... | ୧୮ |
| (୪) ଗୁପ୍ତ ନିବେଦନ ... ... ... | ୨୨ |
| (୫) ନୂଆ ଭୂଆସୁଣୀ ... ... ... | ୩୨ |
| (୬) ଭ୍ରମର କୋଇଲି ... ... ... | ୪୨ |
| (୭) ସ୍ୱରଜନ ଗୁଞ୍ଜାରି ... ... ... | ୪୫ |
| (୮) କନକଲତା ... ... ... | ୪୯ |
| (୯) କୃତ୍ରିମ-ସାଧନା ... ... ... | ୫୮ |
| (୧୦) ଚିତା-ମୂଲ୍ୟକଥା ... ... ... | ୬୫ |
| (୧୧) ସ୍ମୃତି-ମାଳା ... ... ... | ୮୮ |
| (୧୩) ଜଳଆଲୁଅ ... ... ... | ୯୪ |
| (୧୪) ଚିନ୍ତା-ଭକ୍ତି ... ... ... | ୧୦୧ |
| (୧୫) ଗହ୍ୱର ... ... ... | ୧୦୬ |
| (୧୬) ଅନ୍ତିମ-ଚିନ୍ତା ... ... ... | ୧୧୩ |
| ୨। ନୃସିଂହନାଥ ... ... ... | ୬୫ |
| ୩। ଚଇତ-ଅମାବସ୍ୟା ... ... ... | ୧୨୧ |
| ୪। ପ୍ରଣୟ-ନିର୍ଝର ... ... ... | ୧୪୫ |
| ୫। ଆମେ ଗହ୍ୱର କାହିଁକି ? ... ... ... | ୧୬୯ |
| ୬। ଅଶ୍ରୁ-ତର୍ପଣ ... ... ... | ୧୯୯ |
| ୭। ଓର୍ଦ୍ଧ୍ୱା ପଥ ... ... ... | ୨୨୫ |
| ୮। ସ୍ମୃତି-ମୁକ୍ତାବଳୀ ... ... ... | ୨୪୫ |
| ୯। ମହାପ୍ରଭୁ ... ... ... ... | ୨୮୯ |
| ୧୦। ଓର୍ଦ୍ଧ୍ୱା ପଥ (ମୂଳାନୁବାଦ) ... .. | ୩୦୯ |
| ୧୧। ସୁରଙ୍ଗୀ ... ... ... ... | ୩୪୩ |
| ୧୨। ଧନ୍ୟ-କଳିକାଳ ... ... ... | ୩୮୫ |
| ୧୩। ବିଷାଦ-ନିଶା ... ... ... | ୪୦୩ |
| ୧୪। ଉତ୍କଳ-କବିତା (ପ୍ରଥମ ଭାଗ) ... ... | ୪୨୫ |



ଶ୍ରୀ ଖଗେଶ୍ୱର ଶେଠ

# ଓଡ଼ିଶା-ଚନ୍ଦ୍ରକଳା

# ଗଣେଶ୍ୱର-ଗ୍ରନ୍ଥାବଳୀ

## ଓଡ଼ିଶା-ଚନ୍ଦ୍ରକଳା

### ପ୍ରଥମ ଛାନ୍ଦ

### ମଙ୍ଗଳାଚରଣ

( ସ୍ୱର—ଶୋକ କାମୋଦ )

ମାତ ସରସ୍ୱତି, ଶିବା ଶୋଭାବତି,
ରଖ ସାରସ୍ୱତ ଧର୍ମ-ତେଜ,
ତୋହ୍ନ କୃପା ବିନା ଗତି ପାଉଛ ନା'
ସରସ ସାର୍ଥକ ପଦ ଏକ;
ନାବଂ ଆଲୋଚନେ,
ବନ୍ଧ ହୋନ୍ତୁ ଧୀର ଜନ୍ମ ବେକ;
ଦେବି, ମୋ ହୃଦୟ- କମଳେ ଉଦୟ
(୧) କର ଯମକାଦ ବୃତ୍ତି, ନେତ୍ରକ ! (କ)

ତୋ ପଦ ସେବାକର ଲଭିନ୍ତୁ ତ ବାରେ
କରୁଣା-କଟାକ୍ଷ ଭାଳି ଦେବୀ,

---

(୧) ଯମକ—ଶବ୍ଦାଲଙ୍କାର ବିଶେଷ । ବୃତ୍ତ୍ୟନୁପ୍ରାସ, ଛେକାନୁପ୍ରାସ—ଏହା ତୋଟିଏ ଗୋଟିଏ ଶବ୍ଦାଲଙ୍କାର ।

ଉପହସନ୍ତୁ                    ଅବା ନିନ୍ଦନ୍ତୁ
ନ କର୍ ଲେଖନୀ ଧର୍ମ-ଲେଶ;
ଛନ୍ଦ-ଜନନି ଗୋ,
ଛନ୍ଦ ନିୟମରେ ନ ପରଖ;
(୧) ପଦରେ କେବଳ                    ଚଉତିଶା-ବଳ
ବନାଯୁକ୍ତ ମଧ୍ୟ ହେବ କ-ଷ ! (ଗ)

ଏ ଖଣ୍ଡ-କବିତା-                    ବିଷୟୁଙ୍କର ତା'
ନାମ ଯଶ ହେବ ଯୁଗ ଯୁଗ,
ମଣ୍ଡୀ ମାନେ ଜାଣି                    ପଢ଼ିଏ ରଂଜାଇ
ହେବ ଶତ୍ରୁ ଆହ୍ଲାଦକ ରାଗ;
ଭାଷାରୂପିଣୀ ଗୋ,
ଅନୁଭବ ଲୁଚ ଅନୁରାଗ,
ଭାଷାର ପ୍ରସଙ୍ଗେ                    ତାଲି ଖଡ଼ ସଙ୍ଗେ
ପଶିଛି ସ୍ଥାନେ ସ୍ଥାନେ ଖାଗ । (ଙ)

ମାସ୍ ଆଦରଣେ                    କବିତାର ରସେ
ଥିବ ଆଦି-ଶାନ୍ତ ମଧୁ-ମାଧ,
ସାହିତ୍ୟ-ଭୁବନେ                    ଏନ୍ତୁ କାବ୍ୟ-ବନେ
ରଖିଥିବ ପଦ-ଶିଂଘ-ବାଘ;
ଦେଖି ଅବହେଳି,
ଧଇବେ ଅବଜ୍ଞା ଗର୍ବୀସଧ;
କରୁଣ-ହୃଦୟା                    କର ମା' ସୁଦୟା
ହେଳେ ମୋହର ଭକ୍ତି-ଅରଘ । (ଘ)

“ଚଉତିଶା ଚନ୍ଦ୍ର-                    କଳା” ପୂର୍ଣ୍ଣଚନ୍ଦ୍ର
ଉତ୍କଳ-ସାହିତ୍ୟ-ନଭର ହେଜି,
ରସିକ-କୁମୁଦ-                    ହୃଦେ ତାଙ୍କ ମୁଦ
ଉଛୁଳାଉ ଖର-ଶିନ୍ଧୁ ତେଜି;

(୧) ବଳ—ଦୃଢ଼ତା ଅର୍ଥାତ୍ ନିୟମ ।

ରସ୍ତୁନାଶିନ ଚେଗ,
ନାଶ ଦୁଷ୍ଟ-ବଧୂକୃତ ଦାଗ,
ଦୁଃଖ ଦୁନ୍ଦ-ଶାବ- ଜୀବ ନାମଜିବ
ରସ-ସୁଧାଧାରା ଝରାଅ ! (୬)

(୧)ଏ କାବ୍ୟ-ଆପଣେ ମୁଁ ବସିଥାଁ ଘେନି
ରଖିବି ଶ୍ରୀଫଳ-ଅଳେଇତ,
(୨)ସୁପତ୍ର ଶାକର ଧୂମ୍ର ନିଶାକର
ଗୁଆ ଖଇର ଗୋଲମରିଚ;
ମନ୍ତ୍ର ନକ୍ଷତ୍ର,
ଥିବ ସଇଳାବ ଶୁଣ୍ଠି ବଟ;
ଚକ୍କଣ ଗାହକ ନୋହୁ ସନ୍ଦେହକ
(୩) ଚକ୍ଷିନେବକ କର ଧୀ-ଚରିତ । (୭)

କବିତା ପଣ୍ୟ ଏ ବଟିଗୁ ପଣ୍ୟଏ
ଲଗାଇବ ଖୁବ-ପୁନ୍‌ଚାଙ୍ଗି,
(୪) ମଲ୍ଲିକା ମନ୍ଦାର ଚମ୍ପକମନ୍ଦାର
ମୌନିକତା-ଜଳ ରଖି ସ୍ୱଚ୍ଛ,
ଥିବ ଅଧିକରେ,
ମଧୁ ମାଳତୀ ମଆଳୀ ଗୁଚ୍ଛ;
(୫)ପାଠକ-ମଧୁପ ନଚେତକା ମଧୁପ
ଆଶାରଖିଁ ନ ମଡିବେ ଭୁଲ । (୮)

ତୋ ଧାର୍ଯ୍ୟ ନମାନ କେତେ ଅଭିମାନ
କାଢିଛନ୍ତି କବିପଦ ଆଜ,

(୧) ଆପଣ—ବଜାର, ଦୋକାନ । ଶ୍ରୀଫଳ—ନଡ଼ିଆ ।
(୨) ସୁପତ୍ର—ତେଜପତ୍ର । ଶାକର—ଚିନି । ନିଶାକର—କର୍ପୂର ।
(୩) ଧୀ—ବୁଦ୍ଧି, ଜ୍ଞାନ, ପ୍ରଜ୍ଞା ।
(୪) ମନ୍ଦା—ଗଛମୂଳରେ ଜଳ ରହିବା ସ୍ଥାନ ।
(୫) ମଧୁପ—ଭ୍ରମର, ମହୁଅଳି ।

ପ୍ରାପ୍ୟ ଜନ୍ମପଦ- ଭୁଲେ ତାଙ୍କ ପଦ
ଭୁଲି ବସିଲେ ଜଣଙ୍କୁ ଲାଜ;
ଜ୍ଞାନବରଦେ ଗୋ,
ଆନ କଥାମାନ ଦୂରେ ତେଜ;
ମୋ ପ୍ରଭୁ ଅରୁଣା- ଧନ୍ୟ ! ତୋ' କରୁଣା
ସ୍ମରିବ କି ନା' ମାନସେ ଦେବ ! (୬)

କବିତ୍ୱ ମାତର ମୂର୍ଖେ ଏ ଗୀତର
ତୁ ହେଉ ମୂଳ କାରଣ ବୁଦ୍ଧି,
(୧)ପ୍ରତିଭା-କୃପାଣୀ ଘେନ ବୀଣାପାଣି,
କଳ୍ପନା-ରୂପସୀ ସଙ୍ଗେ ସୁଦ୍ଧି;
ବସୁଧାରିଣୀ ଗୋ,
(୨) ହର ବାଧାବନ୍ଧରାଶି-ଓଜ;
ମୋତେ ନୂତନ କଣ୍ଠି ଯା' ନାମ ଟେକନ୍ତି
ତା ମୁଣ୍ଡେ ନିନ୍ଦା-ପ୍ରଶଂସା-ବୋଝ । (୭)

ଖଣ୍ଡ ମୋର ଶିର ନ ଆଣେ କସ୍ତୁର
ଦେଖି ଗୁଣଗ୍ରାହୀ ସାଧୁ ଜନ,
(୩)ଉଦ୍ଭବ କେବଳ ଦୁଷ୍ଟ ମହାବଳ
ଦୋଷୈକ-ଦର୍ଶୀ ଅଭିମାନ;
କଳିକାଳର ସେ,
(୪) ଭୂଳକ ଅପୂର୍ବକାଳ-ଗଣ;
(୫)ମୁରଚକ-ଶ୍ରୀ ମୁରଚନ୍ଦ-ଶ୍ରୀ
(୬) କାଳକ ଅ-ପୂର୍ବ "କାଳ-ଗଣ" । (୮)

---

(୧) କୃପାଣୀ—ଛୁରୀ ।
(୨) ଓଜ—ବର୍ଗମୂଳ ଅର୍ଥାତ୍ ଯେଉଁ ରାଶି (ସଂଖ୍ୟା) ଆପଣାଦ୍ୱାରା ଗୁଣିତ ହୁଏ, ତାହା ସେହି ଗୁଣନଫଳର ଓଜ ବା ବର୍ଗମୂଳ । ଯଥା—ପାଞ୍ଚକୁ ପାଞ୍ଚରେ ଗୁଣିଲେ ପଚିଶ ହୁଏ, ଅତଏବ ପାଞ୍ଚ ସଂଖ୍ୟାଟି ପଚିଶର ବର୍ଗମୂଳ ।
(୩) ମହାବଳ—ବ୍ୟାଘ୍ର । (୪) ଅପୂର୍ବକାଳ—ବର୍ତ୍ତମାନ କାଳ । (୫) ମୁରଚକ-ଶ୍ରୀ—କବଚଶ । ମୁରଚନ୍ଦଶ୍ରୀ—ସୁମେରୁ ପର୍ବତର ନୈସର୍ଗିକ ଶୋଭା । (୬) କାଳକ—

ତୋଷେଷ ଆବରଣ ଗୁଣରେ ମନୁଷ-
ଷାରସମ୍ମ ଯାର ହୃତ-ପାଠ,
ଦର୍ଶେ କୁହାଲୁ ଦେଲପରି ତାକୁ
ଦେଖାଉ ନମ୍ରଏ ଧର୍ମବାଟ ।
ମିଷ୍ଟ ଶୀର ପାନେ,
ଉଦ୍‌ଗାରଇ ବ୍ୟାଳ କାଳକୂଟ;
ଦୁଷ୍କୃତ ପ୍ରକଟ ନ ଘୁଚେ ମର୍କଟ
ପିନ୍ଧଲେ ସୁନ୍ଦା ସ୍ୱର୍ଣ୍ଣମୁକୁଟ । (୫)

ଖଳ ନନ୍ଦା ଅତି- ରଞ୍ଜନରେ ଅତ
ଦୁଷ୍ଟ ଲୋକପାରେ ସ୍ତୁତିପାଠ,
କଟଲେହିଁ ନନ୍ଦନ ଅଥବା ବନ୍ଦନ
ଚନ୍ଦନ ନଷ୍ଟଏ ସୁଇଁବାଠ;
ଶ୍ଳୋକଦାୟିନି ଗୋ,
ତୋ' କରୁଣା କଣ-କଲ୍ଲୋଳ;
ଏ ଘୃଣ-ସଙ୍ଗୀତ ରସ ତରଙ୍ଗିତ
ସାହିତ୍ୟ-ଗଙ୍ଗାର ନେଉ କୂଳ । (୬)

ଆସ ମା ଭାରତି, ତୋଳିଛି ଆରତି-
ସ୍ୱରୂପ ଭକତି-ଚନ୍ଦନାଢ଼୍ୟ,
ହଂସପୃଷ୍ଠ ତେଜ ପ୍ରତିଭାର ତେଜଃ
ପ୍ରକାଶି ମୋ ହୃଦାସନ ମାଢ଼;
ଜାଡ୍ୟନାଶିନି ଗୋ,
ସମୂଳେ ଜାଡ୍ୟ-ଦୁଣ ଉପାଡ଼;
ସାଧନା-ପ୍ରଭାତ ଚିତ୍ତ-ସ୍ତୁତିଗୀତ
ନଇଁକିବେ ଦଅ କୃପା-ବାଡ଼ । (୭)

ମୁଁ ତ' ଅବନିବକ ବିଘ୍ନ-ଅନ୍ଧ ବେକ
ଛେଦନେ ତୋ ଶକ୍ତି-ଖଡ୍ଗ ଦାଢ଼,

ଦନ୍ଧନକାଷ୍ଠ । ସ-ପୂର୍ବ 'କାଳ-ଶନ'—'କାଳ'ର ପୂର୍ବରେ ଓ 'ଶନ'ର ପୂର୍ବରେ 'ଅ' ସଂଯୁକ୍ତ ହେଲେ "ଅକାଳ ଅଶନ" ହେବ । ଅଶନ—ବଜ୍ର ।

ବନ୍ଧ ନୋହିବ ତ'          ଧାଡୁଅଛି ବଡ
ଭରସା ମୋହର ଅଛି ଗାଢ଼;
ବୀଣାଧାରିଣୀ ଗୋ,
ନ ମଣ ଏ କଥା କହୁଛି ମୂଢ଼;
ହେ ଦେବି ସାହିଲେ          ନିସର୍ଗ ସାରଙ୍ଗେ
ଦୃଢ଼ତା ଘୋଷିଛି ମହାମୂଢ଼ । (୩)

ପଢ଼ିନାହିଁ ବେଦ,          ବେଦାଙ୍ଗୋପବେଦ,
ଉପନିଷଦ, ସ୍ମୃତି, ପୁରାଣ,
କାବ୍ୟ, ଅଭିଧାନ,          ସାହିତ୍ୟ ବିଧାନ-
ଅଳଂକାର ଆଦି ଯେତେକ ଜାଣ;
ଭ୍ରାନ୍ତିବାରିଣୀ ଗୋ,
ଭାଷା-ଭ୍ରାନ୍ତି ମୋର ତା' ପ୍ରମାଣ;
ତଥାପି ସାହିଲା,          ଦୟାରେ ତରଳା
ନହେଲେ ତୁ' ଶିଳାଠାରୁ ଟାଣ । (୪)

ଅୟି ବରଦା          ହେଲୁ ତୁ' ଶାରଦା
ଜାଣିଛି ମୁଁ ଟଗ୍ ସରବତ,
ଯଶୋ-ସୁଧାକର          ଲଭିବାକୁ କର
ବଢ଼ାଉଛି ହୋଇ ଖର ବଟ;
ମୋର ଦୁଃସାହସେ,
ହସିବେ ନାହିଁ ତ ସୁପଣ୍ଡିତ;
ସିଂହିକା କୁମର          ଛଳନା ଗୁମର
ରଖି ହେଲା ସିନା ଦ୍ୱିଖଣ୍ଡିତ । (୫)

ନୁହେ ଆସ୍ପରଧା          ବଳାଛି ଶରଧା
ଭଜିବ ଭକ୍ତିସାହିତ୍ୟ-ପଥ,
ମାଣ୍ଡ ମୁଁ ଶକଟ          ଚଢ଼େଲ ପ୍ରକଟ
ଅଟକିବ କେ' ତ ବ୍ୟୋମରଥ;

ଯେହୁ ସମରଥ,
ବୁଝେଇ ଦେବାକୁ ପଦ-ଅର୍ଥ;
ପଦସାମ୍ୟ ଆଣି ଭାଙ୍ଗ ଜୁଡ଼େଇ ଆଣି
ଦେଖାଇବ କାହିଁ ମୋ ସାମର୍ଥ୍ୟ । (୫)

ଦୋଷ ମଧ୍ୟେ ପୁଣ ଆଦର ଦ୍ୱିଗୁଣ
ଆନନ୍ଦ ଲଭଇ ସାଧୁବୃନ୍ଦ,
ସକଳଙ୍କ ଚନ୍ଦ୍ର ଦେଖିଲେ ମଧ୍ୟ ଚନ୍ଦ୍ର-
କାନ୍ତ ତା' କରୁଣେ ଲଭେ ମୁଦ ।
ଏହି ଆଶା ବେନି,
ସଭାରେ ମୁଁ ଯୋଡୁଅଛି ପଦ;
ଗୋଲାପେ କଣ୍ଟକ ଥିଲେହେଁ କଣ୍ଟକ
ରସଜ୍ଞାନ୍ଧ ତା'ର ଷଟ୍‌ପଦ ! (୬)

ଯେଉଁ ସାଧୁମନ ସ୍ୱର୍ଗୀୟ-ସୁମନ
ପରି ଅମ୍ଳାନ ଶୁଦ୍ଧ ସୁବୋଧ,
ମାନ ଅପମାନ ଯା' ଜ୍ଞାନେ ସମାନ
ଯେହୁ ଆତ୍ମଜିତ ଗତକ୍ରୋଧ;
ପ୍ରେମଦୃଷ୍ଟିରେ ଯେ,
ଅଭେଦ ମଣନ୍ତି ଜଡ ବୁଧ;
ତାଙ୍କର ଆଗରେ ଏହା ସଭାଗରେ
ତୁଚ୍ଛତ ଦେବାର ଅବରୁଦ୍ଧ । (୭)

ସାଧୁ ଭଗବତ ସ୍ୱୟଂ ଭଗବତ
କରେ ତେଣୁ ସାଧୁଗୁଣ ଗାନ,
ଭବ-ଅକୂପାର ହୋଇବାକୁ ପାର
ସାଧୁସଙ୍ଗ ଏକା ଜଳଯାନ;
ସାଧୁଜନ ଠାରେ,
ତୁଚ୍ଛ ଦ୍ରବ୍ୟ ହୁଏ ମୂଲ୍ୟବାନ;
ଯେପରି ସ୍ପର୍ଶ- ମଣିର ପରଶ
ଲଭି ଲୌହ ହୁଏ ମୂଲ୍ୟବାନ । (୮)

ରଜ୍ଜୁ-ନୀଡ଼ା ସମ     ଅସାର ବନ୍ଧନ
ଗଠନ କରିବା କାବ୍ୟରୂପ;
ବିଚାରର ପଥ     ଘଟାଏ ବିପଦ
କବିଯଶପ୍ରାର୍ଥୀ ଖୋଜି ସଦା-ରୂପ;
ଘଣ୍ଟି ଚଞ୍ଚୁବୃତ୍ତି,
ଦୁର୍ଜନ ଟାପରି-ଫକ୍କିକାପ;
ନିଷ୍ଫଳ ଚରଣ     କବିର ମରଣ
ନୁହେ ସାଧାରଣ ଲଜ୍ଜା-ତାପ । (ଘ)

ବରଷାକାଳୀନ     ପ୍ରବାହ ମଳିନ
ହେଉର ନ ହେବାପାଏ ବାପ,
ରଚନା ସେସନ     ଗଡ଼କର ପରି-
ମାର୍ଜନାରେ କେବେ ନୁହେ ପାପ;
ବୁଧ ସମାଜରେ,
ଷାନପୁରେ ତେଣୁ ମାଗେ ମାପ;
ସାହିତ୍ୟ-କାନନ     ଲଭି ସମାଦନ
ନ ହେଉନ୍ତୁ ଦୋଷକ ଝରାପ । (ଙ)

ସୁଷମ ସଲିଳ     ଥିଲେହେଁ ପଙ୍କିଳ
କଲ୍ଲୋଳିକା ନ ଗୁଣତ୍ରି ବରସବ,
ସେଭଳି ଦୁର୍ଜନ     ଦୋଷକୁ ବର୍ଜନ
କରେ ତଥାପି ସାଧୁ ସୁଭାବ;
ତଣ୍ଡୁ ଦେଲେଁପରି,
ନ ବାଏ କର୍ଣ୍ଣେକ ସରାଭବ;
ବରଞ୍ଚ ବନ୍ଧନ-     ଗନ୍ଧ୍ରେ ମିଶ୍ର ସମ
ଉଦ୍ଧରଇ ତାକୁ ଅତି ଜବ । (ଚ)

ଶ୍ୱେତପଦ୍ମାସନେ     ବସ ମୋ ରସନେ
ରସ-ଯଶ ଶଙ୍କୁ ଧବଳାଭ,
ସକଳଙ୍କ ମରଣ-     ଯାଏ ବନ୍ଧୁ-ରଣ
ଲଘୁ ସଙ୍ଗେ ହେଉ ସିଦ୍ଧିଲାଭ;

ଧୂର୍ଜ୍ଜଟି ଭଟସ୍ବ,
ଦୂର କରନ୍ତୁ ମୋର ଚିତ୍ତ କ୍ଷୋଭ;
କାବ୍ୟ-ମନ୍ଦିରେ      ସେ କାନ୍ତି ଭଙ୍ଗୀରେ
ସାଧୁଗୁଣେ ସଦା ଦତ୍ତ ଲୋଭ । (ଭ)

"ମଙ୍ଗଳାଚରଣ"      ନାମଟି ଧାରଣ
କରନ୍ତି ଏ ଗ୍ରନ୍ଥ ପ୍ରଥମ,
ବାଗ୍‌ଦେବୀ ବନ୍ଦନ      କରି ନିବେଦନ
ବହୁବୃତ୍ତେ ହୋଇ ମନୋରମ;
ମଧ୍ୟ-ଯମକରେ,
ଅଳଂକୃତ ପୁଣି ପଦକ୍ରମ;
ଏପରି କଥିରେ      କ୍ଷମ ହେ ସୁଧୀରେ
ଅକ୍ଷମ କବିର ଦୋଷ ଭ୍ରମ । (ମ)

"ଯତ୍ନ-ସମାଶ୍ରୟ"      ସତ୍ୟ-ଧର୍ମାଶ୍ରୟ
ସୂଚନା ଦେବ ଗ୍ରନ୍ଥ ଦ୍ୱିତୀୟ,
ତୃତୀୟ ଛନ୍ଦରେ      କରୁଣାର୍ଦ୍ର ନାଦରେ
ଭାଳିବ "ପ୍ରଳୟ" ପ୍ରେମାମିଶ୍ର;
ପ୍ରେମ-ପ୍ରସଙ୍ଗରେ,
"ଗୁପ୍ତ-ନିବେଦନ" ରମଣୀୟ;
ଚତୁର୍ଥ ଉଲ୍ଲାସେ      ତାହା ସମୁଲ୍ଲାସେ
ପଢ଼ିବେ କବି ସାହିତ୍ୟପ୍ରିୟ । (ଯ)

ପଞ୍ଚମରେ "ନୂଆ-      ଦୁଆହୁଣୀ" ନୂଆ
ଗୁମ୍ଫେ କଥା ହୋଇ ମନୋହର,
ଏ ଗ୍ରନ୍ଥ ପଠନେ      ତରୁଣୀ ଗଠନେ
ସାମାନ୍ୟ ଜାଣିବ ନାଗରର;
ଗ୍ରନ୍ଥ ଶେଷାଙ୍ଗେ,
"ପ୍ରଭାତ କୋଇଲି" ଉକ୍ତିସାର;
ହରି କରେ ହରି-      ଚରି ଦିବ "ହରି-
ଜନ ଗୁହାରି"ରେ କୁସଂସ୍କାର । (ର)

ଯଦ୍ୟପି ଗାଇବ        ନିତ୍ୟେ ବୁଝାଇବ
"କନକଲତା" ଚରିତ୍ର ଜାଳ,
"କୃତ୍ରିମ ସାଧନା"        କୃତ୍ରିମ-ସାଧନା-
କାହାର ଚିହ୍ନାଇଦେବ ଫଳ;
ଚଷା-ମୂଲ୍‌କବସା,
ପଢ଼ିଲେ ହସିବ କୃଷୀଦଳ;
"କାଳିଆଠାକୁର"        କଳିବ ଠାକୁର-
ସେବକଙ୍କ ସ୍ୱାର୍ଥ-କାଉଶଳ। (ଲ)

ପାଠକର ଚିତ୍ତ        ମୋହିବ ସୁଗୋଚିତ
ନୀତିଶିକ୍ଷା "ସୂକ୍ତିମାଳା" ଦେବ,
ପଢ଼ିଲେ "ହଳିଆ-        ଭାଇ"ଙ୍କ ହଳିଆ
ଗୋରୁଙ୍କୁ ମଣିବ ଗୁରୁଦେବ;
"ପ୍ରଭୁଭକ୍ତି"ରେ,
ଚଉତିଶା ବୃତ୍ତ ମଧ୍ୟେ ଥିବ;
ଯ-ବୃତ୍ତାନୁପ୍ରାସ        ଦେଇଛି ସେ ପ୍ରାସ
କବି ବିନା ତାହା କେ ବୁଝିବ ? (ବ)

ପଢ଼ିଲେ "ଗଳ୍ପ"        ନିବୃତ୍ତି ପାଇବ
ନିସ୍ୱ ଦୁଃଖୀ ମୂଲିଆ କ୍ଲେଶ,
"ଅନ୍ତିମ-ଚିନ୍ତା"ରେ        ଚିନ୍ତାର ଚିତାରେ
କରିବ ମାନସ ପରବେଶ;
ଜ୍ଞାନ-ନୟନରେ,
ଦେଖିବ ସେକାଳେ ଜ୍ଞାନ-ଈଶ;
ଚିହ୍ନିବ ଅସାର-        ସଂସାରର ସାର
ବନ୍ଧୁ କଏ ବୃନ୍ଦ ଦଶଦାଶ। (ଶ)

ନିଜର ରଚନା-        ଉତ୍କର୍ଷ ସୂଚନା
ଦେବାରେ କି ଅଛି ପଉରୁଷ;
ପ୍ରୟୋଜନ ନଥିଲେ        ଏ ଭାବ ଉଚ୍ଛଳେ
ନିସ୍ପୀଡିତ ସେଣୁ ପଦ-ବୃତ୍ତ;

ଆତ୍ମଶ୍ଳାଘା-ଘୃଷ୍ଟ,
ଦୁଷ୍ଟ ଏହା ମୋର ହେ କଳୁଷ;
ଅରୁଣ ବରଣ                    କରେ ଯା ଧାରଣ
ଭଣେ ଅଭିଳାଷୀ କବି ଉଷ । (୪)

* ନରହରି ! ହରି                    ତ୍ରାଏ ତମ ହରି
ହେଲ ଅବନୀରେ ଅବତଂସ,

---

* ଚତୁର୍ଯୁଗର ସଂକ୍ଷିପ୍ତ ଟୀକାର୍ଥ—

ସତ୍ୟଯୁଗ—ନରହରି—ନୃସିଂହ । ପରମହଂସ—ପରମାତ୍ମା । ରାଜସୁନ୍ଦର—ଆଦର୍ଶ-କ୍ଷତ୍ରିୟ । ମୁରସୁର—ମୁରରାକ୍ଷସ । ବାମନ—ବାମନାବତାର । ବଳି—ବୈରୋଚନ-ପୁତ୍ର । ଶିର—ମସ୍ତକ । ପଦ—ପାଦ । ତାମରସ—ପଦ୍ମ । ଧାତାଧର୍ମ—ବ୍ରହ୍ମାଙ୍କର ବରପ୍ରଦାନ ନିୟମ । ଭକ୍ତ—ପ୍ରହ୍ଲାଦ । ବାମାବତାର—ମାଳତୀକନ୍ୟା ଅବତାର । ଦେବବିଗ୍ରହ—ଉତ୍ତମା ରୂପ ।

ତ୍ରେତାଯୁଗ—ଈଶ୍ୱରହରି—ବୀରସିଂହ ରାମଚନ୍ଦ୍ର । ପରମହଂସ—ମୁକ୍ତାତ୍ମା । ରାଜସୁନ୍ଦର—(ଅଜବଂଶୀୟ ରାଜ) ରାମଚନ୍ଦ୍ର । ଖରସୁର—ଖର ନାମକ ରାକ୍ଷସ । ବାଳି—କପିରାଜ । ଶିର—ଆଜ୍ଞା । ପଦ—ଉପଦେଶାତ୍ମକ ବାକ୍ୟ । ପିତାଧର୍ମ—ଦଶରଥ ରାଜାଙ୍କର ସତ୍ୟତା । ଭକ୍ତ—ହନୁମାନ, ବିଭୀଷଣ । ରାମାବତାର—ଶ୍ରୀରାମ ।

ଦ୍ୱାପରଯୁଗ—ଶ୍ରୀହରି—ଷଡ଼ୈଶ୍ୱର୍ଯ୍ୟଶ୍ରେଷ୍ଠ ଶ୍ରୀକୃଷ୍ଣ । ପରମହଂସ—ଯୋଗୀଶ୍ୱର ବା ଯୋଗେଶ୍ୱର । ବ୍ରଜସୁନ୍ଦର—ଶ୍ରୀକୃଷ୍ଣ । ସୁରାସୁର—ସୁର ଓ ଅସୁର (ଦେବତା—ଇନ୍ଦ୍ର, ବରୁଣ, ବ୍ରହ୍ମା ଆଦି; ରାକ୍ଷସ—କଂସ, କେଶୀ ପ୍ରଭୃତି) । ଦମନରୂପ—ଦମନକାରୀ ସ୍ୱରୂପ । କାଳି—କାଳୀୟ ସର୍ପ । ଶିର—ମସ୍ତକ ଅର୍ଥାତ୍ ଫଣା । ପଦ—ପାଦ । ଗୀତାଧର୍ମ—ଭଗବଦ୍‌ଗୀତାର ମତ । ଭକ୍ତ—ଅର୍ଜୁନ । ଶ୍ୟାମାବତାର—ଶ୍ୟାମସ୍ୱରୂପ, କୃଷ୍ଣାବତାର ।

କଳିଯୁଗ—ଗୌରହରି—ଚୈତନ୍ୟଦେବ । ପରମହଂସ—ସିଦ୍ଧପୁରୁଷ । ଦ୍ୱିଜସୁନ୍ଦର—ଆଦର୍ଶ ବ୍ରାହ୍ମଣ । ନରସୁର—ପାଷଣ୍ଡ; ଜଗାଇ, ମାଧାଇ ପ୍ରଭୃତି । ଦମନ ରୂପ—ଦେବକାନ୍ତିତ ସୁନ୍ଦର ରୂପ । କଳି—ଚତୁର୍ଥ ଯୁଗ । ଶିର—ପାପ । ପଦ—ମହାମନ୍ତ୍ର, ଦଳନକାରକ ମନ୍ତ୍ର । ଭକ୍ତ—ଅଦ୍ୱୈତାଦି ଭକ୍ତଗଣ । ପ୍ରେମାବତାର—ଗୌରାଙ୍ଗ ପ୍ରଭୁ ।

ସାଧୁ ଭକ୍ତ ମନରେ        ତୁମ୍ଭଙ୍କୁ ଧାନରେ
ଭଜିଲେ ମଣି ପରମହଂସ;
ଭୁଜସୁନ୍ଦର ହେ,
ମୁରାସୁର ଦର୍ପ କଲ ଧ୍ୱଂସ;
ବାମନ ରୂପରେ        ବଳି-ଦ୍ୟ’ ଉପରେ
ପ୍ରଦାନିଲ ପଦ-ତାମରସ । (୫)

ଧାତାଧର୍ମ ଭଙ୍ଗି        ହୃଦୟୁ ପରଶି
ଦେଖାଇଲ ଭକ୍ତେ ଦିବ୍ୟ ସ୍ନେହ,
ଶମାବତାର ହେ        କେଶ୍ମୀ ତ ନ ଭେଦେ
ଚରବନ; ବସର୍ଜିଲ ଦେହ,
କୃପାଳୁଙ୍କ ଠାରେ,
ଢାଳ ଥରେ ଦେବ ଅନୁଗ୍ରହ;
ରକତ ଢଳାଇ        ଭକତଙ୍କ ପାଇଁ
ବହୁଅଛ ତ ଦେବବସ୍ତ୍ର । (୬)

ଦନ୍ତୁର୍ଯ୍ୟତାକ୍ଷର-        ଅଳଂକାରେ କ୍ଷର-
ସଂଖ୍ୟା ଯୁଗ ଦେବେ କରି ଲକ୍ଷ୍ୟ,
ଭକ୍ତି ବନସ୍ପରେ        ତାଙ୍କ ଶ୍ରୀପଦରେ
ପ୍ରଣତ ହେଉଛି ଏ ଅରକ୍ଷ;

---

ଜଳସୂତ—ଅନ୍ୟ ଅର୍ଥରେ:—ଧୀରହୃଦ—ଧୈର୍ଯ୍ୟଶାଳୀଶ୍ରେଷ୍ଠ, ମହାତ୍ମା ଶାନ୍ତ । ପରମହଂସ—ମହାପୁରୁଷ, ପୁଣ୍ୟାତ୍ମା । ଭୁଜସୁନ୍ଦର—ଚରକର୍ମା, କର୍ତ୍ତବ୍ୟପରାୟଣ, ଆଜାନୁଲମ୍ବିତ ଭୁଜ । ମୌରସୁର—ଚୋର; ଇନ୍ଦ୍ରଜାଲରୂପୀ ରାକ୍ଷସ । ସୁମନ—ସ୍ଥିରମନା, ଉଚ୍ଚମନା, ବନ୍ଧୁହିତୈଷୀ । କୈଳାକ—କୁଳାଭିମାନୀ, ଜାତ୍ୟାଭିମାନୀ, ଆଭିଜାତ୍ୟସମ୍ପନ୍ନ, ରକ୍ଷଣଶୀଳ । ଅଥବା, ବଳି—ଦ୍ୟ’—ଭୂମଣ୍ଡଳବ୍ୟାପୀ ମହାସୁଖରୂପକ ବନ୍ଧ । ପଦ—ସରଳ ସୂତ୍ର, ସତ୍ୟସ୍ୱରୂପ । ନେତାଧର୍ମ—ଅହିଂସାନୀତି । ଭକ୍ତ—ଅହିଂସାବାଦୀ ଦେଶସେବକ । ଶମାବତାର—ସହିଷ୍ଣୁତାର ମୂର୍ତ୍ତି । ଦେବବସ୍ତ୍ର—ସୃଷ୍ଟ ଶରୀର । ଦ୍ୱିଜ—ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, କିରଣ, ବନ୍ଧୁ । ତମ—ଅନ୍ଧାର, ପାପ, ତମୋଗୁଣ । ଦନ୍ତୁର୍ଯ୍ୟତାକ୍ଷର—ଶବ୍ଦାଳଙ୍କାରବିଶେଷ । କ୍ଷର—ମେଘ । କ୍ଷୀର—ପାଣି ଓ ଗୋରସ । ଶ୍ୱେତକ୍ଷୀର—ଏ ସ୍ଥଳରେ ଦୁଗ୍ଧ । ଶ୍ୱେତପକ୍ଷ—ହଂସ ।

ଯେପନ ସୁଚତୁରେ,
ଭାବୁକ ସାହିତ୍ୟ-ତର୍କଦକ୍ଷ;
ଦୋଷ-ଗୁଣ ନୀର- ମଧ୍ୟୁଁ ଶ୍ୱେତକ୍ଷୀର
ଗ୍ରହଣରେ ହୁଅ ଶ୍ୱେତପକ୍ଷ (କ୍ଷ)

## ଦ୍ୱିତୀୟ ଖଣ୍ଡ

## * ସତ୍ୟ-ସମାଗମ

(ରାଗ—ଷଡ଼୍‌ପାଧ୍ୱ ଗୁର୍ଜ୍ଜରୀ)

(୧) କଳି ଛାଡ଼ିଲେ କଳା ଶେଷ କରିବ ସତ୍ୟ ପରବେଶ;
କୂଟ କୌଶଳ କୁଚକ୍ର କୁର କପଟୀ-ଅହଙ୍କାର;
କଳିର ବନ୍ଧୁ ଏ ଯେତେକ କଟିବ ସଭିଙ୍କର ବେକ (କ)

ଖଳ ପାଷଣ୍ଡ ହିଂସା ପାପେ ଖତମ ହେବେ ଆପେ ଆପେ;
ଖାତକେ ସାହୁକାର ଲାଗି ଖାଇବେ ନାହିଁ ଆଉ ମାଗି;
ଖଜଣା ହେବ ସରକାର ଖସିବେ ରଜା ଜମିଦାର । (ଖ)

ଗଞ୍ଜେଇ ମଦ ଜୁଆ ପଶା ଗ୍ରାମରୁ ଯିବ ଏ ବେବସା;
ଗଣ୍ଡା-ବ୍ରାହ୍ମଣ ଜାତିଭେଦ- ଗର୍ବ ମେଣ୍ଟାଇଦେବ ବେଦ;
ଗରିବ-ଧନୀ ଏକାକାର ଗଢ଼ିବ ସତ୍ୟ ସାମ୍ରାଜ୍ୟ ତାର । (ଗ)

---

* ୧୯୪୭ ଖ୍ରୀଷ୍ଟାବ୍ଦରେ ବୋଲ୍ଗାପନ୍ଥର ଓ ଫୁଲ୍‌ବଣୀର ଅଞ୍ଚଳର ମୋର କେତେକ ବନ୍ଧୁ ମୋତେ ପଚାରିଲେ, "ଶେଠ ମହାଶୟ, "ଚେତାବନୀ"ରେ ଲେଖା ହୋଇଥିବା କଥା ସବୁ ସତ କି ? ଅର୍ଥାତ୍ ୧୯୪୮ ଅଗଷ୍ଟ ୧ ତାରିଖରେ କଳିଯୁଗ ଶେଷ ହେବ—ସତ୍ୟଯୁଗ ପୁଣି ଆସିବ, କଳ୍କିରୂପୀ ଭଗବାନ ଘୋଡ଼ା ଉପରେ ଚଢ଼ି ପାପୀମାନଙ୍କୁ ସଂହାର କରିବେ—ଇତ୍ୟାଦି ।" ସେମାନଙ୍କର ଉକ୍ତ ପ୍ରଶ୍ନର ପ୍ରତ୍ୟୁତ୍ତର ପ୍ରଦାନ ଉଦ୍ଦେଶ୍ୟରେ ସେହି ସମୟରେ ଏହି କବିତାଟି ଲିଖିତ ହୋଇଥିଲା ।

—ଲେଖକ ।

ଚେତାବନୀର ପ୍ରଣେତା—ପରମହଂସ ଶ୍ରୀ ୧୦୮ ସ୍ୱାମୀ ବ୍ରଜନାରାୟଣ ଷଡ଼୍‌ଶାସ୍ତ୍ରୀ ଜ୍ୟୋତିଷଭୂଷଣ ଭକ୍ତିଯୋଗାଚାର୍ଯ୍ୟ ।

(୧) କଳା—ଅବିଦ୍ୟାଜନିତ ଯାବତୀୟ ବିବାଦ ।

ଘନିଷ୍ଠ ସ୍ନେହ ସରଳତା ଘେନି ଘୁଞ୍ଚିବ ମାନବତା;
ଘୋଷଣା ଛଳେ ପ୍ରାପ୍ତ ଧନ ଘରକୁ ଆଣିଦେବେ ଜନ;
ଘନ ବର୍ଷିବ ଯଥାକାଳେ ଘାସ ଶୁଖିବ ଗୋରୁଶାଳେ । (ଘ)

ଙଲଙ୍ଘା ଧର୍ମ ସମୁଦାୟ ଙଠାଇଦେବ ସତ୍ୟ-ନ୍ୟାୟ;
(୧)ଙକ୍କୋଚେ ନ୍ୟାୟାଧୀଶେ ଚୋଷି ଙବୁରି ଯିବ ନାହିଁ ଦୋଷୀ ।
ଙମତେ ହେଲେ ମଧ ପାନ ଙପାସ୍ୟ ହେବ ଗୁଣବାନ । (ଙ)

ଚୁନ୍ନୁଚଣ୍ଡଙ୍କ ଫାନ୍ଦ-ଫନ୍ଦ- ଚୁଲିଶି ସବୁ ହେବ ବନ୍ଦ;
ଚେତେଶ୍ୱର ସଜା ବାଳୁଚିର ଚେମଳମଣୀ ମୁଖଶିର;
ଚଣମା ଆଖି-ଚୁଖି ଠାଣି ଚଞ୍ଚଳ ନେବେ ଏ ମେଳଣି । (ଚ)

ଛୁନା ଘରେ ବା ଯୁନା ଦ୍ୱାରେ ଛୁଇଁବେ ନାହିଁ କେ କାହାରେ;
ଛେଦ ହେବର ଦୂର ବାଧା ଛଡ଼ା ଯିବ, ସେ କଲୁ ସାଧା;
ଛ'ମାସ ପେଷି ବନ୍ଦୀଘରେ ଛାଡ଼ି ଦେଲେ କି ସ୍ୱୈର ଉଡ଼େ ?(ଛ)

ଜଟାଧାରୀଏ ଚଟା କାଟି ଜଗିବେ ନାହିଁ ଚଉପାଠୀ;
ଜଣ୍ଡାଳୁ ହେବ ସେ ଚମ୍ପଟ ଜଙ୍ଗଲେ ବନାଇବ ମଠ;
ଜନେ ବୁଝିଲେ ବେଦମର୍ମ ଜାଣି ପାରିବେ ସତ୍ୟ-ଧର୍ମ । (ଜ)

ଝାଡ଼େ ଉଚିତ ବ୍ୟବସାୟ ଝଳିବ ଲଭି ଅଭ୍ୟୁଦୟ;
ଝିଅ ବଦନ୍ତୁ ସ୍ୱେଚ୍ଛାମତେ ଝଟତି ବନ୍ଦ ହେବ ସତ୍ୟେ;
ଝଗଡ଼ା-ଫେରେ ମାତି ଜନ ଝାଡ଼ିବେ ନାହିଁ ଆଉ ଧନ । (ଝ)

ଞର୍ମିଳ ହେଲେ ମନ ଜ୍ଞାନ ଞନ୍ଦା ଶୁଣିବ ନାହିଁ କାନ;
ଞଜର ଦୋଷ ନିଜ ଜ୍ଞାନେ ଞର୍ଣ୍ଣୀତ ହେବ ସଭାସ୍ଥାନେ;
ଞଃଶ୍ୱାସ ଥିବାଯାଏ ନର ଞଷ୍ଠା ରଖିବ ଧର୍ମର । (ଞ)

'ଟକଲ' 'ତନ୍ତ୍ର' ବା 'ତରଖା' ଟଙ୍କାର ଶସ ହେବ ରଖା;
(୨)ଟିଙ୍ଗାଲ୍ ଭାଷା ଇଙ୍ଗିରାଜୀ ଟେକପଣ ତା' ଯିବ ଭାଜି;
(୩)ଟଳଲେ କାଳି; ଭାଷା-ଧାମେ ଟୋଲ୍ ବସିବ ଗ୍ରାମେ ଗ୍ରାମେ । (ଟ)

(୧) ଙକ୍କୋଚ—ଲାଞ୍ଚ । (୨) ଟିଙ୍ଗାଲ୍—ତରଳ । (୩) ଟୋଲ୍—ସଂସ୍କୃତ ପାଠଶାଳା ।

ଠାକୁର-ଭ୍ରମ-ନସ୍ପଣମାନେ ଠକ ପାରିବେ ଘାଣ୍ଟି ଆଣେ;
ଠିଆ ହେଲେ କେ ଗଙ୍ଗାଘାଟେ ଠେଲି ନଦେବେ କଳ ସୁତେ;
(୧)ଠିକା ଛୁଟିବ ବେପାରର ଠେଲ ଘୁଞ୍ଚିବ ନୂଆ-ଘର । (ଠ)

ଡାକ କହନ୍ତୁ ଶୁଦ୍ଧଚିତ୍ତେ ଡେରି ନକରି ସତ୍ୟ-ଗୀତେ;
ଡର-ଆଶଙ୍କାଭରି ହୃଦେ ଡେରି କରନ୍ତି କାଳ ମୂଢେ;
ଡଗର କଳି ଚଢ଼ିବାକୁ ଡକୁଆ ପଞ୍ଚାମୃତ ଡାକୁ । (ଡ)

ଢାଳିବ ଯେତ୍ନ କଳଙ୍କାଦି ଢକ୍କା ବାଜିବ ତା' ବିରୋଧେ;
ଢମେ ଦେବ କାଳେ ପ୍ରତିବାଦ ଢଙ୍କା ନ ଯିବ ଅପରାଧ;
ଢାଲ୍-ଖଣ୍ଡାରେ ଯେ ଝୁଣ୍ଟିବ ଢିଲ୍ ଶାସନେ ନ ରହିବ । (ଢ)

ଅଣକୁ ଫଳମୂଳାହାରୀ ଅଟେ ଯେ ଘର ଉପକାରୀ;
ଅଭେଦଦର୍ଶୀ ଶାନ୍ତଚିତ୍ତ ଅହିଂସ ଧର୍ମ ସୁଖମତ;
ଅସତକାର୍ଯ୍ୟ ସତ୍ୟପ୍ରେମୀ 'ଅତିଥି' ବୋଲାଇବ ସେହି । (ଣ)

(୨)'ତୀର୍ଥ' ହୋଇବ ସୁଶୀଳତା ତପ ଶଉଚ ସରଳତା
ତିତିକ୍ଷା ଶାନ୍ତି ସତ୍ୟ-ନୀତି ତ୍ୟାଗ ଅହିଂସା ଦୟା ପ୍ରୀତି;
ତନ୍ତ୍ରମନରେ ଏଥି ସ୍ନାନ ତରିବେ ଭବୁଁ ସାଧୁ ଜନ । (ତ)

(୩)ଥୋଇଛି ହେଲା ଯା' ଜୀବନ ଥାଳରେ ପରଧନ ଦିଙ୍କା;
(୪)ଥୋବଡ଼ ଧର୍ମଧ୍ୱଜୀ ନର ଥଳିଆ ଧର୍ମ-ଜୀବନର;
ଥିର ହୋଇବ ଏ ସାଧୁକି ଅନ୍ତରୁ କରି ଭକ୍ତି-ମୁକ୍ତି । (ଥ)

ଦରିଦ୍ରସେବା-ଧର୍ମବୃତ୍ତି ଦେଶରକ୍ଷକ-ବାରିଧୃତି,
ଦୟା କ୍ଷମାଦି ସଦାଚାର ଦମ୍ଭବର୍ଜିତ ବ୍ୟବହାର;
ଦିବ୍ୟ ସ୍ୱଭାବ ଯେ ବହିବ 'ଦେବତା' ସେହି ବୋଲାଇବ ।(ଦ)

(୧) ଠେଲ—ଅନ୍ୟର ଆଶ୍ରୟ । ନୂଆଘର—ସକଳ ଭକ୍ତ ଭକ୍ତିକ ।
(୨) ସତ୍ୟଂ ତୀର୍ଥଂ କ୍ଷମା ତୀର୍ଥଂ ତୀର୍ଥମିନ୍ଦ୍ରିୟନିଗ୍ରହଃ,
ସର୍ବଭୂତ ଦୟାତୀର୍ଥଂ ତୀର୍ଥମାର୍ଜବମେବ ଚ ।
ବ୍ରହ୍ମଚର୍ଯ୍ୟଂ ପରଂ ତୀର୍ଥଂ ଶମସ୍ତୀର୍ଥମୁଚ୍ୟତେ,
ଯଃ ସ୍ନାତ ମାନସେ ତୀର୍ଥେ ସ ଯାତି ପରମାଂ ଗତିମ୍ ॥
(୩) ଥାଳ—ଲକ୍ଷ୍ମ ଖୋଲରେ ନିର୍ମିତ ଭିକ୍ଷାପାତ୍ର । (୪) ଥୋବଡ଼—ନିର୍ଲଜ୍ଜ ।

ଧର୍ମଧାରଣା କର୍ମେ ଯାର    ଧ୍ୱଂସ କରିବ ପାପାସୁର;
ଧର୍ମ ସାଧନେ ଧନ ପ୍ରାଣ    ଧୂଳି ମଣିବ ଯାର ଜ୍ଞାନ,
ଧରାରେ ସେହି ଦେହଧାରୀ    'ଧାର୍ମିକ' ପଦ ଅଧିକାରୀ । (ଧ)

ନାମଭଜନ ଖାଲି ମୁଖେ    ନହେବ ଘରେ ବସି ସୁଖେ,
ନଷ୍ଟ ! ସେ ଦେବ ଯେଉଁ ନାମେ    ନମୁନା ଦେଖାଇବ କାମେ,
ନୃସିଂହ ନାମ ଯେ ଗାଇବ    ନରଶ୍ରେଷ୍ଠତ୍ୱ ଦେଖାଇବ । (ନ)

(୧)ପ୍ରମାଣହୀନ ଇତିହାସ    ପୁରାଣ ଗଳ୍ପ ଉପନ୍ୟାସ,
(୨)ପ୍ରଳାପ ପୋଥି ଆଦି ତନ୍ତ୍ର    ପୃଥ୍ୱୀରେ ଯେତେ ଜାଲି ଗ୍ରନ୍ଥ,
(୩)ପ୍ରକୃଷ୍ଟ ଧର୍ମ ହେଲେ ପ୍ରାପ୍ତ    ପାବକେ ହେବ ସବୁ କ୍ଷିପ୍ତ । (ପ)

ଫିଟିଲେ ସତ୍ୟ ଯନ୍ତ୍ରି ବଳ    ଫଗୁଣ ହେବ ଭୂମଣ୍ଡଳ;
ଫୁଲ୍ଲ ବଦନେ ସାଧୁ ନର    ଫୁଙ୍କିବେ ସତ୍ୟ-ଜୟ ଦର;
ଫୁଲ ଡାଳରେ ବସି ଅଳି    ଫୁଲେ କହିବ—ଗଲା କଳି । (ଫ)

ବିଧବା ଏକାଦଶୀ ବ୍ରତ    ବନ୍ଧ୍ୟାଣୀ ବ୍ରତେ ଦେବ ସତ୍ୟ;
ବେଦଜ୍ଞ ମହାଜନଙ୍କର    ବାଟହିଁ ହେବ ଶ୍ରେୟସ୍କର;
ବିବେକ ସମର୍ଥିତ କର୍ମ    ବୁଝିବେ ଲୋକେ ନିଜ ଧର୍ମ । (ବ)

ଭକତବନ୍ଧୁ ଭଗବାନ    ଯିବେ ମନ୍ଦିର ଖ୍ରୀଷ୍ଟିୟାନ;
ଭେଦ-ବିବାଦ ପରିହରି    ଭଜିବ ବୌଦ୍ଧ ରାମ ହରି;
(୪)ଶ୍ରୀଃବତନ୍କୁ ସୁଜ୍ଞାବିଦେ    ଭକ୍ତି କରିବେ ମସଜିଦେ । (ଭ)

ମଙ୍ଗଳା ମୁଖେ ରକ୍ତଧାର    ମାନିବ ନାହିଁ ଧର୍ମଧାରୀ;
ମଲ୍ଲ ପ୍ରାଣୀଙ୍କ ଖାଦ୍ୟ ଦାନ    ମନା କରିବ. ସତ୍ୟ-ଜ୍ଞାନ;
ମହାପ୍ରଭୁଙ୍କ ପୂଜା ପାଇଁ    ମୂର୍ତ୍ତି ମଠର ଲୋଡ଼େ ନାହିଁ । (ମ)

---

ଧର୍ମଧ୍ୱଜ—ଧର୍ମର ବାହ୍ୟଚିହ୍ନଧାରୀ, ଭଣ୍ଡ ତପସ୍ୱୀ । ଅଣ୍ଡିଅ—ଏକଜାତୀୟ କୁମ୍ଭାର, କୁହୁଡ଼ି ବଗପକ୍ଷୀ । ଜୀବନ—ଜଳ । (୧) ପ୍ରମାଣହୀନ—ସତ୍ୟବିରୋଧୀ । (୨) ପ୍ରଳାପ ପୋଥି—"ଚେତାବନୀ", "କଳ୍କିପୁରାଣ", "ଭବିଷ୍ୟତ୍ ପୁରାଣ", "ଅମର ଜୁମର" ଆଦି । (୩) ପ୍ରକୃଷ୍ଟ ଧର୍ମ—ସତ୍ୟଧର୍ମ, ବୈଦିକଧର୍ମ । ପାବକ—ଅଗ୍ନି । (୪) ମସଜିଦ—ମୁସଲମାନମାନଙ୍କର ପ୍ରାର୍ଥନାଗାର ।

ଯେ ଗୁରୁ ମାଳା-ମନ୍ତ୍ର ଦେଇ    ଯଉତକ ଶିଷ୍ୟ-ଧନ ନିଏ;
ଯାଚୁନ୍ତି ଧନ ଠକ ଖାଇ    ଯୋଗ୍ୟ ଗୁରୁ ସେ ନୁହେ ଭାଇ;
ଯେ ଶୁଦ୍ଧ ଉପଦେଶ ଦେବ    ଯଥାର୍ଥରେ ସେ "ଗୁରୁ" ହେବ । (ଯ)

(୧)ରଙ୍ଗ-କୁହୁକ, ଭଣ୍ଡ-ଚେଟକ    ରୂପଧାର୍ମିକ-ବାହ୍ୟଭେକ;
ରଜନ-ତପ ବ୍ରତଦାନ    ରକ୍ଷଣ-ଧର୍ମ ଅନୁଷ୍ଠାନ;
ରକ୍ତ ଚଳାଇଲେ ସଙ୍ଘ    ରହିତ ହେବ ଏ ସମସ୍ତ । (ର)

ଲଭିଲେ ସଙ୍ଘ ବ୍ୟବହାର    ଲଭିବ ଭ୍ରମ-କୁସଂସ୍କାର,
ଲୋଭ ମୋହାଦି ଶତ୍ରୁଚୟ    ଲଭିବେ ଏତେ ଜନ୍ମ ଲୟ;
ଲୁଚିବ ସ୍ୱାର୍ଥ ସତ୍ୟ ତଳେ    ଲକ୍ଷ୍ମୀ ହସିବେ ଘରେ ଘରେ । (ଲ)

ବର୍ଣ୍ଣାଶ୍ରମର କର୍ମସେବା    ବଶ କରିବ ଭାଗ୍ୟ-ଦେବୀ;
ବାହ୍ୟବେଶ କର୍ମ-ମୂର୍ଖ ମତେ    ବସି ମୁକନ୍ଦ ଜପାସନେ;
ବାଇବେ ଘଣ୍ଟା କର୍ମ ଥିବ    ଘୁଚାଇ କର୍ମ-ଗୌରବ । (ବ)

ଶିକ୍ଷା ସଭ୍ୟତା ହେଲେ ଲୋକ-    ଚିତ୍ତେ ଭେଦିବ ମନ୍ତ୍ରାନଳ;
ଶାନ୍ତି ବୁଝିବ ଶକ୍ତି ଅର୍ଥ    ଶର୍ବାଣୀ ବୁଝେ, ତା ସାମର୍ଥ୍ୟ;
ଶୈବ ବୈଷ୍ଣବ ସତ୍ୟ-ଧର୍ମେ    ଶ୍ରଦ୍ଧା ରଖିବ ଶୁଦ୍ଧ କର୍ମେ । (ଶ)

ଷଣ୍ମାଂସାଶୀ ଦୁଷ୍ଟଜନେ    ଷଣ୍ଢତା ଭଜି ଭୁଲିଯିବେ;
ଷଡ଼୍‌ଭୁଜ ବପୁ ଆଣି ସତ୍ୟ    ଷଟ୍‌କର୍ମେ ବନ୍ଧିବେ ଦୃଢ଼ବ୍ରତ;
ଷଡ଼ଙ୍ଗର ଉଦ୍ଧରି    ଷଡ଼ ରିପୁକୁ ଦୂରେ ଭରି । (ଷ)

ସତ୍ୟ ସ୍ୱରୂପ ଭଗବାନ    ସନ୍ଧାନି କଳି-ସାବଧାନ,
ସ୍ୱରାଜ୍ୟ ସୁଖ ସ୍ୱାଧୀନତା,    ସତ୍ୟଧର୍ମର ମହାନତା,
ସାଧୁଜନଙ୍କ ତପୋବଳେ    ସୁଲଭ ହେବେ କର୍ମଫଳେ । (ସ)

(୧) ରଙ୍ଗକୁହୁକ—ନାଟ ତମାସା ରୂପ 'ଇନ୍ଦ୍ରଜାଲ' । ରୂପଧାର୍ମିକ—ଧର୍ମର ବାହ୍ୟଚିହ୍ନ-ଧାରୀ, ଠକ । ରକ୍ଷଣଧର୍ମ—ଯେଉଁ ଧର୍ମ ଜନସାଧାରଣଙ୍କର ନାନା ଅସୁବିଧା ଜନିତ ଅଶାନ୍ତି ଜନ୍ମାଇଥାଏ; ଯଥା—ଜାତିଭେଦ ପ୍ରଥା, ପର୍ଦ୍ଦାପ୍ରଥା ଇତ୍ୟାଦି ।

ହେ ଭଲ ବୌଦ୍ଧ ଖ୍ରୀଷ୍ଟିୟାନ ହିନ୍ଦୁ ଜୈନ ମୁସଲମାନ,
ହିଂସା ବିବାଦ ଗର୍ବ ତେଜ ହଟାଇ ସର୍ବେ ହୁଅ ଏକ;
ହୃଦୟ କଲେ ପରିଷ୍କାର ହରି ଦେବେ ତା' ପୁରସ୍କାର । (ଙ)

ଶାସ୍ତ୍ର-ସକଳେ ଭେଦବୁଦ୍ଧି ଶାଳନେ ଲଭ ଆତ୍ମଶୁଦ୍ଧି;
ଷମୀଶ ସତ୍ୟ-ଶ୍ରୀପଦ୍ମରେ ବପ୍ରେ ଜଣାଅ ନିର୍ଭୟରେ;
ଷ୍ଟା-ମାତୃ ମୁଖେ ସର୍ବ କାନ୍ତ ଷରୁ ତା ପ୍ରାଚଣ ଧ୍ୱନ୍ତୁ ଶାନ୍ତି । (ଚ)

## ତୃତୀୟ ଛାନ୍ଦ

## ସଜନୀ

(ରାଗ—ଗଜ୍ରମାଳଥା)

କଳା କଳ୍କଣ ମୂରତି,
କୃଷ୍ଣଠାରେ ରଖିଥିଲି ପୀରତି ଗୋ;
କେଉଁ ଦୋଷେ ତା ଦେଲେ କରଣି—ସଜନୀ ଗୋ । (କ)

ଖରୁ ବରଷା ଶୀତରେ,
ଖଣ୍ଡିବ କାଁ' ପାଦେ ଫୁଲି ଶାଉରେ ଗୋ;
ଖେଳ ବଣସ୍ତ୍ରୀ କୁଞ୍ଜ ଭିତରେ—ସଜନୀ ଗୋ । (ଖ)

ଗୁଣମଣି ଗଳାହାର,
ଗୋପଙ୍କୁ ପିବାକୁ ହୋଇ ବାହାର ଗୋ;
ଗଲା ଦେଖି ଦେଖିକୁ ଆହାର—ସଜନୀ ଗୋ । (ଗ)

ଘଣ୍ଟନାକୁ ଘଟାୟ ମଣି,
ଘନଶ୍ୟାମେ କରି ମଥାର ମଣି ଗୋ;
ଘେନଥିବେ ମଥୁରା ରମଣୀ—ସଜନୀ ଗୋ । (ଘ)

ଉନ୍ମୂଳି ପ୍ରୀତି ମଜାରେ,
ଉଚ୍ଛୁଳି ହେଲି ଯା ବ୍ରଜ-ବଜାରେ ଗୋ;
ଉର ଫାଟୁଛି ଏବେ ଲଜ୍ଜାରେ—ସଜନୀ ଗୋ । (ଙ)

ଚଉଦେଶ୍ୱର ମୋହନଆଁ,
ଚେଷ୍ଟ ମୁଖ ଦେଇ ଦୁଇହନଆଁ ଗୋ;
ଚାଲିଗଲେ ହୃଦେ ଜାଳି ନଆଁ—ସଜନି ଗୋ । (ଚ)

ଛଇଲ କୁଞ୍ଜବିହାରୀ,
ଛଳମୁଖେ ତ କହିଥିଲ ଗୁହାରି ଗୋ;
ଛୁଞ୍ଛ ଚଥାପି ଗଲେ ବାହାରି—ସଜନି ଗୋ । (ଛ)

ଜୀବନ ଦେଇଛି ଦାନ,
ଜୀବନଜ-ନେତ୍ର ବନ୍ଧୁ ଛଳିଲ ଗୋ;
ଜୀବ ନ ଗଲେ ମୁ ରହିବ କ—ସଜନି ଗୋ । (ଜ)

ଝାଡ଼ ପୀରତି କାହାଣୀ,
ଝୁରୁ ନାହିଁଆଙ୍କ ଅନ୍ତରଦାହାଣି ଗୋ;
ଝୁରି ଝୁରି ହୃଦ ହୁଏ ହାଣି—ସଜନି ଗୋ । (ଝ)

ନୟା ଲଜ୍ଜା ଅପମାନ,
(୧) ନ ଜାଣିଲି ବଜାରଣୀ ସମାନ ଗୋ;
ନାଥ ଖଣ୍ଡିଦେଲେ ମୋ ଗୁମାନ—ସଜନି ଗୋ । (ଞ)

ଟାଣି ଦେଖାଇ ମୁଁ ଆଗେ,
ଟେକି ଦେଉଥିଲି ତୋଷାଙ୍କ ଆଗେ ଗୋ;
ଟଳି ପଡ଼ିଲି ଟେକ-ସୁଆଗେ—ସଜନି ଗୋ । (ଟ)

ଠଣ୍ମୁଦରଙ୍କଠାରେ,
ଠାଣି ଲେଖିଲେ ବାଙ୍କମୁହାଣିଠାରେ ଗୋ;
ଠକ ହେଲି ପୀରତି-ଅଠାରେ—ସଜନି ଗୋ । (ଠ)

ଡାକିଲେ ବଳି ବାଂଶୀ,
(୨) ଡେଉଁ ଖୁଣ୍ଟିଷ୍ଣୁଗ ହରିଣୀ ପରି ଗୋ;
ଡୋଳା ଖେଳାଇବେ ଅପସ୍ମ—ସଜନି ଗୋ । (ଡ)

(୧) ପଣ୍ୟସ୍ତ୍ରୀ—ପଣ୍ୟାଙ୍ଗନା, ପଣାଙ୍ଗନା, ବଜାରଣୀ, ବେଶ୍ୟା ।
(୨) ହରିଣୀ—ସୁବର୍ଣ୍ଣମୁରଧା ମୃଗୀବିଶେଷ ।

କ୍ଷମ ମୋ କେତେ ମାତର,
ଢୋକି ପ୍ରେମ-ମଧୁ ବଂଶୀ-ଗୀତରୁ ଗୋ;
ଢଳି ପଡ଼ିଲି ହୋଇ କାତର—ସଜନୀ ଗୋ । (ଢ)

ଅନ୍ତର ହେଲଣି ଖଣ୍ଡ,
ଅଶ୍ରୁ ନେବ ମୋତେ ମୃତ୍ୟୁ ନିକଟ ଗୋ;
ଆଉ ନକର ସ୍ନେହ-ଆକଟ—ସଜନୀ ଗୋ । (ଣ)

ତାଙ୍କ ପାଂଧୂଳି ଲଗାଇ,
ତନୁଯାକରେ ମୋ ଦିଅ ଲଗାଇ ଗୋ;
ତରିଯିବ ପ୍ରାଣ ଅଲଗାଇ—ସଜନୀ ଗୋ । (ତ)

ଥିଲେ ମୁଁ ଶୁଦ୍ଧାଚରଣେ,
ଥୋଇ ପ୍ରୀତି-ଭକ୍ତି ଯଥା-କରଣେ ଗୋ;
ଥାନ ପାଇବି ପ୍ରଭୁ-ଚରଣେ—ସଜନୀ ଗୋ । (ଥ)

ଦରହସିତ ଲପନ,
ବନ୍ଧୁ କେଳି-ଲୋଳ-ଦୃଷ୍ଟି-କମ୍ପନ ଗୋ;
ଦେଖୁଥାନ୍ତି ମୁଁ ନିତ ସଦନେ—ସଜନୀ ଗୋ । (ଦ)

ଧୂଳିଜାଲି ଶିରେ ମୂରତି,
* ଧାଇଁ ଆସି ଶତ୍ରୁ ଲାଗେ ତୂର୍ତ୍ତି ଗୋ;
ଧରି ପାରିବ କେଡ଼େ ଧୂର୍ତ୍ତି—ସଜନୀ ଗୋ । (ଧ)

ନଟବରଙ୍କୁ ନପୂଛ,
ନ ଶୁଣିଲୁ ଫଳ ଦେଲା ପଚ୍ଛ ଗୋ;
ନେଲେ ନାହିଁ କି ଦୋଷ ପଚୁଇ—ସଜନୀ ଗୋ । (ନ)

ପିନ୍ଧୁ ପୀତବାସ ନିବାଳି,
† ପୋଷି ପୀତଚଞ୍ଚୁ ଶ୍ରେଣୀ ତା କୋଳି ଗୋ;
(୧) ପୀତ-ଚିତା ଦେଲା ଦୁହେଁ ବୋଲି—ସଜନୀ ଗୋ । (ପ)

* ତୂର୍ତ୍ତି ବା ତୁରିତ—ଶୀଘ୍ର (ତ୍ୱରିତ ଶବ୍ଦ; ସମ୍ଭବସ୍ତନ) ।
† ପୀତଚଞ୍ଚୁ—ଶାରୀପକ୍ଷୀ ।
(୧) ପୀତ—ହଳଦୀ । ହଳଦୀ ଲଗିବା ସମୟରେ ଝରେକ ସ୍ତ୍ରୀ ନଡ଼ ନାଲ୍ଟରେ ହଳଦୀ ମେଞ୍ଚାଏ ଲେପନ କରି ସତେରୁ ଅଙ୍ଗ ପ୍ରତ୍ୟଙ୍ଗରେ ଲଗାଇଥାନ୍ତି ।

ଫଗୁଣ ମାସ ତା ନବେଶ,
ଫୁଲଧନୁ ସାଜି କଲା ପ୍ରବେଶ ଗୋ;
ଫେରି ନ ଲେଲ ଗୋପା-ନରେଶ—ସଜନୀ ଗୋ । (ଫ)

ବଢ଼ାଇବ ବୃକ୍ଷପତ୍ର,
(୧) ବଧୁରି ହୃଦର ଦୁଃଖ ବଢ଼ନ୍ତି ଗୋ;
ବନେ ବିତର ପ୍ରେମ-ସମ୍ପତ୍ତି—ସଜନୀ ଗୋ । (ବ)

ଭ୍ରମି କୁସୁମ କଳିକେ,
ଭ୍ରମର ଗୁଞ୍ଜ ନୂଆ, ଶାସ୍ତ୍ର ରଚିବେ ଗୋ;
ଭ୍ରମ-ଚନ୍ଦ୍ରିକ ରୋମ ଦୁଲିବେ—ସଜନୀ ଗୋ । (ଭ)

ମଳୟାନିଳ ବହିବ,
ମଦନାନଳ ମୋ ହୃଦ ଦହିବ ଗୋ;
ମନୋବେଦନା ମନେ ରହିବ—ସଜନୀ ଗୋ । (ମ)

ଯମୁନା ନୀଳ ତରଙ୍ଗେ,
(୨) ଯାମିନୀ ଯାଉଁଲେ କାମୀ-ସାରଙ୍ଗେ ଗୋ;
ଯୋଡ଼ା ମୋର ହେବେ ପ୍ରେମରଙ୍ଗେ—ସଜନୀ ଗୋ । (ଯ)

ରାତ୍ର ତାଙ୍କ ସ୍ମୃତିରେ,
ଗୁପ୍ତ ଲୁଚି ଜଗାବୁ ନଦୀ ଅର୍ପିଣ ଗୋ;
ରସା ନ ଜାଣୁ ବୃଦ୍ଧା-କୁଟଣୀ—ସଜନୀ ଗୋ । (ର)

ଲକ୍ଷିଲି ପ୍ରିୟ-ଶ୍ରୀପଦ,
ଲୋକ ହେବ ନୀଳ ଗୁଣ ବିବାଦ ଗୋ;
ଲଭି ପାରିବ ବିଷ୍ଣୁ-ପଦ—ସଜନୀ ଗୋ । (ଲ)

(୩) ଭୃଙ୍ଗା ହେବ କି ବର୍ହିଣ,
(୪) ଶଶୀ ତପେ ତୋର ବନବାସିନୀ ଗୋ;
(୫) ବସୁ କରଲ ସୁଧା ସୁବାସିନୀ—ସଜନୀ ଗୋ । (ବ)

---

(୧) ବଧୁରି—ବିରହିଣୀ ।
(୨) ଯାମିନୀ—ରାତି । କାମୀ—ଚକ୍ରବାକପକ୍ଷୀ । ସାରଙ୍ଗ—ହଂସ ।
(୩) ଭୃଙ୍ଗା—ଭୁଲଚାଁଗଛ, ବୃକ୍ଷକା । ବର୍ହିଣ—ପଦ୍ମ, ବେଣା ।
(୪) ତପ—ଗ୍ରୀଷ୍ମଋତୁ, ତପସ୍ୟା । ବନ—ଜଳ, ଅରଣ୍ୟ ।
(୫) ସୁବାସିନୀ—ସୌଭାଗ୍ୟବତୀ; ପିତୃଭବନରେ ରହୁଥିବା ସ୍ତ୍ରୀ ।

ଶୋଧାଇନ୍ତି ତ ହେରମ୍ବ,
ଦଶା ଦଶା ସବୁ ଆପଣେ କରମ ଗୋ;
ଶାନ୍ତି ଦେବ ମରମେ ଧରମ—ସଜନୀ ଗୋ । (୩)

(୧) ଷଣ୍ଢଶମ୍ଭୁ ଢଗଦଗେ,
(୨) ଷଡ଼ଭୁଜ ସବୁ ମୋ ପ୍ରାଣ ହରେ ଗୋ;
(୩) ଷ-ସ ଲଭନ୍ତି ରସ-ଲହରେ—ସଜନୀ ଗୋ । (୪)

ଷଣ୍ମୁଖ ବଂଶୀକର,
ସୁନ୍ଦର ସୁତନ ସୁଗୁଣାକର ଗୋ;
ସେ ତ ବନ୍ଧୁ, ଭକ୍ତ-ପ୍ରେମିକର—ସଜନୀ ଗୋ । (୫)

ଷଡ଼-ଧନ କଳ୍ପତରୁ,
ଷଡ଼ାଇ ଦେଇନ୍ତି ପିନା ସ୍ୱାତନ୍ତ୍ରୁ ଗୋ;
ଷଡ଼ ନାହିଁ ତ ଷଡ଼ ଷଡ଼ରୁ—ସଜନୀ ଗୋ । (୬)

ଷଡ଼ ଦେଉଛି ଦୁର୍ବାସନା,
କ୍ଷୀର-ଖାର ଏକ ମଣୁ ରସନା ଗୋ;
ଷାନ୍ତି ଦେବ ଶଦେନ ଆଶ୍ୱାସନା—ସଜନୀ ଗୋ । (୭)

## ଚତୁର୍ଥ ସ୍ଥାନ

# ଗୁପ୍ତ ନିବେଦନ

( ରାଗ—କେଦାରଗୌଡ଼ୀ )

କା ଆଗେ କହିବ ମରମ ବେଦନା
ସରମ କଥା ଏ ପିନା,
ଷାଇବା ଜିନିଷ ବୟପର ଲଗେ
ଏକା ଗୋ'ଲଗି ନବୀନା ଗେ ବାଳା,

(୧) ଷଣ୍ଢଶମ୍ଭୁ—ଶ୍ରୀକୃଷ୍ଣ ।
(୨) ଷଡ଼ଭୁଜ—ଜ୍ୱର ।
(୩) ଷ-ସ—ସ୍ୱର୍ଗୀୟ ଶାନ୍ତି ।

ଗୋଲାପରଙ୍ଗା ମୋ ଗଳାମାଳା,
ଘନକୁନ୍ତଳା ନବ ଛଇଳା,
ଓର-ବିଳାସିନୀ ପ୍ରେମଶୀଳା ରେ ବାଳା । ୧ ।

ଲୁହଁ ବସିଥାଉ          ହସି ହସି ଆଉ
ଧରନେ ମୋ ପ୍ରେମ ଅଳକ,
ଛାଡ଼ି ନ ଦେଉଥୁ          ବ୍ରୀଡ଼ା ତେଜି କେଉ
ସଦନକୁ ନେଉ ହିଁକି ରେ ପ୍ରିୟା,
କଳିଫୁଲ ଧର ନନକଥା,
ଝାଉଁଳିବ କି ପୀରତି-କଥା,
କଥା-ଦାଗ କାଟିଲୁ କି ହିଆ ରେ ପ୍ରିୟା । ୨ ।

ଚାହିଁଥାଉ ପାଟେ          ମନର ଉଚାଟେ
ଥିବାର ପାଏ ମୁଁ ଜଳେ,
ଠାରୁ ଦେଖିଲେ ଠିଆ          ହେଉ ତଥା ମାଠିଆ
କାଖ ଭଙ୍ଗା ହିବା ଛଳେ ରେ ଚୋରି,
ଡାକ ସାଉଁଟନ କରୁ ବୈରୀ,
ଲାଜେ ଛନ୍ଦିଦେଇ ପ୍ରେମ ଡୋରି,
ଆଜି ଦେବୁ କି ସବୁ ପାସୋରି ରେ ଗୋରି । ୩ ।

ତରଳଣ ଶୁଭ୍ର-          ଜଳ ଭରେ ଭ୍ରୂ-
ଭଙ୍ଗିରେ ଦେଉ ଇସାରା,
ଥରେ ଥରେ ବସ          ବାଧାରୋଗୁଁ ପିଛି
ଡ଼ୋଇଟାଏ ସନ୍ଧ ମାଗି ରେ ସଖି,
ଦମ୍ଭବଳ ହେଲେ ଦୁଃଖେ ବସି,
ଧୀରେ ଆଶ୍ୱାସନା-ଭାଷା କହି,
ନେଉ ହୃଦର ଦରଦ ବାଣ୍ଟି ରେ ସଖି । ୪ ।

ସରପ୍ରୀତି ଯୋଗ          ସ୍ନେହସୁଖ ଭୋଗ
ସେ ସ୍ମୃତି ଜାଣୁ ତ ଧନ,

ଫାଟିଯାଏ ହୃଦ          ତୁଟିଯାଏ ମୁଦ
ପଡ଼ିଲେ ରାଧା-ବଦନ ରେ ସଖି,
ବାନ୍ଧ ମନକୁ ନନ୍ଦଏ ରଖି,
ଭ୍ରମେ ନେତ୍ରକ-କଜଳ ମାଗି,
ମନ ଘଙ୍ଗେ ରହ ରହ ଆଖି ରେ ସଖି । ୫ ।

ଯାଉ ଚଳେ ପ୍ରାଣ          କୁସୁମ-କମାଣ-
ବାଣ ସମ୍ଭାଳନ୍ତି କିଏ ?
ବାମାପୂର୍ଣ ମହୀ-          ଖରଭାବ ସାହା
ପ୍ରେମର ପ୍ରମାଣ ଦିଏ ରେ ବାମା,
ଲକ୍ଷ୍ୟ କର ଗଉତମ-ବାମା,
ବାସୁଦେବୀ-ଦୁହିତା ସତ୍ୟବାମା,
ଶିବ ବକ୍ଷେ ତ ବିବସ୍ତ୍ରା ଶ୍ୟାମା ରେ ବାମା । ୬ ।

(୧)ଉପେନ୍ଦ୍ର ମୃଡ଼          ପ୍ରେମ ଲୋଭର ଜନ୍ତୁ
ପାଲଟିଲେ ତ ଭୂତଳେ,
(୨)ସୃଷ୍ଟି ମଧ୍ୟେ ଲୋକ-          ଦୃଷ୍ଟି କେ ନ ଦେବ
ନୂତନା ସ୍ୱର୍ଣ୍ଣ-ଉତ୍ପଳ ରେ ଧନି,
ଦ୍ୱାପରରେ ବିବାଦ ରଜନ,
ଶମ୍ଭୁ ଆଣି ରେ ପ୍ରାଣସଜନି,
ପଙ୍କଜାକ୍ଷି, ମୋ ଅଙ୍କପାବନୀ ରେ ଧନି । ୭ ।

ମୋଳା ବନ୍ଧୁସନ୍ତୁ          ତୋ କାନ୍ତ ଦେବାନ୍ତୁ
ଅଭିନବ ଅବଳାରେ,
ସଖୀମାନେ ତୋର          ରକ୍ଷୀଥିବେ ସୋର
କହୁଥିଲୁ ଯା ବିଶ୍ୱାସେ ରେ କାନ୍ତା,
ଆଶା କଥା କି ପାସୋର ଯାନ୍ତା,
ଲଂଘିବାକୁ ହେଲ ସବୁ ଚିନ୍ତା,
ଆଉ କ'ଣେନ ଏତେ ଦୁଃଖିତା ରେ କାନ୍ତା । ୮ ।

---

(୧) ଉପେନ୍ଦ୍ର—ବିଷ୍ଣୁ । ମୃଡ଼—ଶିବ । ସତୀ ବୃନ୍ଦାବତୀଙ୍କ ଅଭିଶାପରେ ବିଷ୍ଣୁ ଶାଳଗ୍ରାମ ପଥର ରୂପରେ ଓ ଶିବ ସ୍ତ୍ରୀରୂପିଣୀ ଶକ୍ତି ମଧ୍ୟବର୍ତ୍ତୀ ଲିଙ୍ଗ ରୂପରେ ପୂଜା ପାଉଅଛନ୍ତି । (୨) ନୂତନ—ନିତମ୍ବ ।

ଆଗମନ ଶାରି　　　　ନାଚ ଦେଖା ଜାରି
ଛଟଳ ଚଟୀ ସଙ୍କେତ ସ୍ଥାନେ,
ବଞ୍ଚାଇ ଚଣ୍ଡ　　　　ଲଜ୍ଜାବତି ! ଗତି
ମୋହିନୁ ତ ମୁଖଚାଳନ ଚେ ଶୁନୁ,
ଆଜି କାହିଁକି ମଣ୍ଡଳ ତନୁ ?
ବୁଝି ନପାରେ ଗୁଢଭଙ୍ଗି ତୁ
ଜୀବ ଚଣ୍ଡ ଝପାଅ ଗିଳୁ ଚେ ଶୁନୁ । ୯ ।

କୁଟଣୀଙ୍କ ବେଢ଼ୁ　　　　କୂଟନତରେ ଭୁ
ଭୁଟାଇ ଦେଉନ୍ତୁ ସ୍ନେହ,
ଶଠ-ହସ୍ତଲେଖା　　　　ପଠନ ପଶ୍ଚା
ନକର ଜଣାଁ ସନ୍ଦେହ ଚେ ନାରୀ,
ଅଭିଜ୍ଞା ତୁଟି ସୁକୁମାରି,
ଗାଢ଼ ଦୁଃଖେ କନ୍ଦନ୍ତି ଗୁହାରି,
ପ୍ରାଣୀ ହରିବ ହର-ଚଣ୍ଡାରି ଚେ ନାରି । ୧୦ ।

(୧)ରତିବର-ଶର　　　　ପତ୍ରୀ-ଦରଶର
ଧୂରନ୍ତ କାଏ ଧରଷି,
ପଥର ହ ମୋର　　　　କଥାନରେ ବର
କଥନ୍ତ୍ରୀ ହସି ହସି ଚେ ସତ,
ପଦେକ ଶୁଣାଇଲେ ଦୁଷ୍ଣରଙ୍ଗ,
ଅବେଧ ଦୁଃଖ ଦୁଅନ୍ତ୍ରା କରତ,
ନନ୍ଦୁ ମେଞ୍ଚି ଝରନ୍ତୁ ଅନୃତ ଚେ ସତ । ୧୧ ।

ଲମ୍ପଟଙ୍କ ଗତି　　　　କପଟ ଗୁଳୁଷ
କାହିଁ ମୋ କଥାରେ କନ୍ଥି,
ସଙ୍ଗ ସୁଦେବ କନ୍ତ　　　　ନଙ୍ଗାରିଖା ସ୍ନେହ
କାଏ ନ କରିବ କ୍ଷିତି ଚେ ବନ୍ଧୁ,

(୧) ରତିବର—କନ୍ଦର୍ପ । ଚେ—ଶେ । ଦ୍ରିଜା—ସପତ୍ନୀ ।

ନବ ଯୌବନ-ଗଗନ ବନ୍ଧୁ,
(୧)ଶୁଭ୍ର ଦୋଷାର ମୋ ସାର ଇନ୍ଦୁ,
କାମ-ଦାବ-ଦ୍ୱାଦଶ-ସିନ୍ଧୁ ରେ ବନ୍ଧୁ । ୧୨ ।

(୨)ଶେଷ ଯାଏ ଯୁଚିଲ ସଜନଙ୍କ ଭୁଲି
ତୁମ କୁଶାଗ୍ର ଝପିଲେ,
କରକରଦନ, ଚରକ ନ ଦେଖ
ଖେଳ କରୁଥିଲୁ ଧନେ ରେ ରସ,
ଲାଜହୀନ, ଦେଖି ମୋ ପ୍ରବେଶ,
ଭଟକ ଯେତେ ଭଲ୍ଲୁ ଦବା ଶେଷ,
ନାଶିବାକୁ ଶିବାରିଷ୍ଟ-କ୍ଲେଶ ରେ ରସ । ୧୩ ।

ଗ୍ରୀଷ୍ମ ସମୟ ଦଂଷ୍ଟମ ବୟସ-
ଶିଖରେ ଥିଲା ଉଭାଇଲ,
ହସି ମଦାଳସି, ରସିକତା-ରସି
ଆକରଷି ନେଲୁ ଭାଳେ ରେ ଜାୟା,
ତୁହି ଚରଣ ପଦ୍ମ ମୁଁ କାୟା,
ଲକ୍ଷ୍ମୀ, ଜାୟା ତୁ ମୁଁ ତୋର ଛାୟା,
ମୁକ୍ତି ନଦାରେ ତୋ ପ୍ରେମ-ମାୟା ରେ ଜାୟା । ୧୪ ।

କେ' କାଳ କହନ୍ତି ଦୋଷ ମୋର ବାନ୍ଧି
କହନ୍ତୁ ଯେବେ ପରତେ,
ମୂର୍ଖ ଖାଳି ତମ- ତମ କରି ଦମ-
ଧରି କରନ୍ତୁ ଯା' ମତେ ରେ ରାମା,
(୩)ହୃଦ-ଗଗନର ମୋ ଚନ୍ଦ୍ରମା,
ଦୁଃଖ-ମେଘ-ଘନାନ୍ତ-ସୁଷମା,
କାହିଁ ନ'ଦେଇ ଉତ୍ତର-କ୍ଷମା ରେ ରାମା । ୧୫ ।

---

(୧) ଦୋଷା—ରାତ୍ରି । ସାରଇନ୍ଦୁ—ପୂର୍ଣ୍ଣମୀଚନ୍ଦ୍ର ।
(୨) କୁଶାଗ୍ର—ଆଖି । (୩) ଘନାନ୍ତ—ଶରତ୍କାଳ ।

କନ୍ଦର୍ପ-ଧନୁ- ଫଣୀ ପର ଧନୁ-
ମଣ୍ଡନା ହେଲା ତୋ' ମାନନ,
ଦେ' ଛି ଛି କଲେ ବି' ଲୋକହସା ହେବ
ଚେଷ୍ଟେ ନିନ୍ଦା ଅନେମାନେ ରେ ଦେବ,
ପ୍ରେମ-କଂକାଳେ ତୋ' ପଦ ସେବ,
ବକ୍ଷେ ବୋଟଙ୍କ ଖଣ୍ଡମାଳା ଦେବ;
ଜମ୍ବୁ-ପତନୀ କଣ୍ଟୁ ନେବ ରେ ଦେବ । ୧୬ ।

ଚିଛିଉ ରଚିଲୁ ଘଘର ଫାଟିଲୁ
ମଣ୍ଡ ଲାବଣ୍ୟ ବହିଲୁ,
ଉଠ, ଠାକୁରାଣୀ, ତୋ' ପୀଠକୁ, ଆସି
ଉହିଲୁ ବଶୀ କହିଲୁ ତର ରାଇ,
ଜମ୍ବୁ ଭଂଭମ ଦଏ ବଜାଇ,
ପ୍ରେମ-ବହ୍ନି-ତେଜରେ ମଜ୍ଜାଇ,
ଦେଖି ମୋ ଜଣାଣ ସମଜାଇ ରେ ରାଇ । ୧୭ ।

ଭୁ ଦ ବଚକ୍ଷଣା ମନକଥା ଜଣା-
ଇବା ଠାରୁ ବେଶି ଜାଣୁ
(୧)ବ୍ୟଥା ଥିଲେ ପ୍ରାଣେ ତିଳ ପରିମାଣେ
ଡାଳଢୁଚେ ହୃଦେ ଆଶୁ ରେ ଲେଳା,
ଆଶା-ଦାଦର ନାଦ ଛଟକ୍ଲୋଳା,
(୨)ଗୁଜ ଶଠ ଧରଲେ ଗାଢୁଲା,
ହାଜି ମଦନ ନଦେବ ଢୁଳା ରେ ଲେଳା । ୧୮ ।

ପାପ-ଦଣ୍ଡଠାରୁ ଆପଦ ତ ଗୁରୁ
କୁସୁମ କୋଦଣ୍ଡ-ଚାପ,
(୩)ତେଜ ଫଣୀ ଜରି ସୁନ-ମଣି ଧରି
ଦର୍ପଣେ ଦଏ ସନ୍ତାପ ରେ ହାମା,

(୧) ଲେଳା—ଚଞ୍ଚଳା । ଛଟକ୍ଲୋଳା—ତରଙ୍ଗିଣୀ, ନଦୀ ।
(୨) ଢୁଳା—ଜ୍ୱାଳା ।
(୩) ତେଜ—ଦୃଷ୍ଟ ।

ଖଞ୍ଜ ଖଞ୍ଜୁଷ-ମୋହିନୀ ଶ୍ୟାମା,
ହେମପ୍ରଭ-ସ୍ୱର୍ଣ୍ଣ-ଉତ୍ତମା,
ସବୁମଧ୍ୟମା-ମାନିନୀ-ରମା ରେ ବାମା । ୧୯ ।

ଯା'ଯା' ବୋଲି ଅତି    ଜନ୍ମଣ ଖରଷ
ଶୁଣାଇବୁ ଯଦି ହେଗେ,
କରିବୁଳ ଗତି,    ଶାସ୍ତ୍ର ସ୍ପଷ୍ଟ
ଦେଖିବି ଆଜ ତୋ ଆଗେ, ରେ ସୁନା,
ପ୍ରୀତି-ଲାଳସା ନ କର ଚୂନା,
ଜାଣ ସ୍ୱଭାବ ଏକ ଘଟନା,
ହେବ ଅବଶ୍ୟ ଶୋକ ରଚନା ରେ ସୁନା । ୨୦ ।

(୧)ଷ-ଷ ନାଶ ନାହିଁ    ରୂପବନ୍ତ ଯନ୍ତ୍ର,
ରଖ ତୋ' ପୀରତି-ପଣ
(୨)ଉସ୍ୱାସି ତରଳା-    ହୃଦକୁ ସରଳା
ତରଳାଇଦିଅ ରସ ରେ ମିତ,
ଦେଉ ହାଁ ହାଁ-ସୁଧା ତୋ ସଙ୍ଗୀତ,
(୩) କାମ-କଣ୍ଠ ସ୍ୱରେ ମୋହ୍ମ ଚିତ୍ତ,
ହେଉ ଉତ୍ସୁକ କରଜାଙ୍କିତ ରେ ମିତ ! । ୨୧ ।

* କଳାବନ୍ତି, ଟେକ    କଳାଜର ମୁଖ
କହୁଛି ନାମ ଆଜଟେ,
ଖଣ୍ଡି ହେବା ଆଶା    ଖପାଇ ନଦଅ
ଖଣ୍ଟାଅ ମୋତେ ତୋ' ଖଟେ ରେ ପ୍ରେମା,
ଗୁଣବନ୍ତି, ତୁ ମୋ' ଗଜଗମା,
(୪) ଘନାଘନ-ଜଘନା ସୁଷମା,
ଉମା, ରମାଦାସ୍ୱିନ-ଉତ୍ତମା ରେ ପ୍ରେମା ! । ୨୨ ।

(୧) ଷ—ଧୈର୍ଯ୍ୟ, ଷ—ଶୋକ । (୨) ତରଳା—କାମୁକ । (୩) କାମକଣ୍ଠ—ସ୍ତ୍ରୀ-ଶୁଷ୍ଠାଙ୍କ । (୪) ଘନାଘନ—ସ୍ଥୂଳ, ମତ୍ତହସ୍ତୀ ।

* କଳାବତୀ—ଶିଳ୍ପକୁଶଳା, ନୃତ୍ୟଗୀତାଦିରେ ଆସକ୍ତା ।

ଚାରୁଶ୍ରୀ ଚମ୍ପା ମୋ'　　　ଚନ୍ଦ୍ର ମୁହଁଟି
ଚଖାଅ ସୁଧା-ବଚନ,
ଛଇଳ-ଛଟକ　　　ଛନ୍ଦ ମୁହିଁ ମନ୍ଦ
ଛଟପଟ ଛନଛନରେ ଦ୍ୱାର,
ଜଳଜାତି, ନକ୍ଷୁଲାକ୍ଷୀ-ଭାର,
ଝିନାମ୍ବର ଝୁଲ ଝୁମ୍ପା ଝର,
ଝଲେକେପ-ଗୋଲାପ ଅଧର ମୋର ହାର । ୬୩ ।

(୧) ଟଙ୍କଧର କୋଇଲ　　　ଟଙ୍କାରିଙ୍କି ଦେଖି
ଟିକ୍‌ଜର ଦେଖା ଘଟେନ,
ଠମକିଲ ଯାଅ　　　ଠକ ଶାହି ତାଙ୍କୁ
ଠକୁଛ ରୂପ ଗଠନରେ ବାଳି,
(୨) ଡାକି ମଦଛ ମୋ' ଢଙ୍କି-ଘ ଡ଼ାଳି,
ଢଙ୍ଗ ଦେଖିଲେ ଧରନ୍ତି ଶୂଳୀ,
ଅଙ୍ଗେ ଦେବୀ ଲଜ୍ଜା ଭସ୍ମଧୂଳି ମୋର ବାଳି ! । ୬୪ ।

ତରୁଣୀ ରେ, ତତେ　　　ତରଣୀ ମଣି ମୁଁ
ତକାଉଛି ତ' ଘାଟରେ,
ଥଳକି ନପାଇ　　　ଅକାମରୁ ହୋଇ
ଥରୁଥିବି ଅନାଥରେ ରେ ସଖୀ,
ଦୁଃଖୀ-ହୃଦୟ କଥ ପରଖି,
ଧର ମୋ' ଗୁଣ ଦେଉଛି ଗଳି,
"ନଥି" ନକହ ମୋ ଉପେକ୍ଷି ରେ ସଖୀ ! । ୬୫ ।

ପଣ୍ଡୁଲି ଅଳତା　　　ପଳାଉଛନ୍ତି ତା'
ପହିଁଲ ଧର ନଖତେ,
ପଗୁଆ ଧୀମନ୍ତ　　　ପରପଞ୍ଚ ମେଳ
(୩) ପବୁନାଙ୍କ ତ' ମୋ ପଟେ ରେ ଚନ୍ଦ୍ରି,

(୧) ଟଙ୍କାର—ଭାରଦେଶ, ଦୂର୍ଗା ।
(୨) ଡାକ—ଡମ୍ବରୁ ।
(୩) ପବଦା—ଶୋଭାପାଇବା । ପଟ—କୃତ୍ରିମ ବଣାଦ ପ୍ରକାଶ ।

ବେକ ମାଳ, ଫୁଲକାମ୍ବ ଦଣ୍ଡି,
ଭୂଷାମାନ ଯେତେ ସ୍ଥାନ ମଣ୍ଡି,
ମନୁ ଦୁଃଖ ନେଉଥିଲେ ଖଣ୍ଡି ରେ ଚଣ୍ଡି ! । ୨୬ ।

ସବୁଇ ସୁବନ୍ତ, ସମକ ଘଁରନ୍ତ
ଯେତେବେ ଥିଲୁ ସଯାତା,
ରସବନ୍ତ ଅଙ୍ଗ ରଖୁ କଣ୍ଠା ଲଙ୍ଗ
ରଞ୍ଜି କାମ-ଆଭୁରତା ରେ ଗଣ୍ଡୀ,
ଲୀଳାବନ୍ତ-ଲଳନା ଶିବାଣି,
ବନ୍ଦରେଖା ନେମା ନୂଆର ଜାଣି
ଶମ୍ଭୁ-ବଶୋଭଜ ଲଗା ମୋ' ପାଣି ରେ ଲ୍ଲଣି ! । ୨୭ ।

(୧)ଷଣ୍ଡାଳ, ତୋ'ବନା ଷଡ଼ରୁଭୁ ମୋଦେ
(୨)ଷଟ୍‌କୋଣ ସମ ବଷାନ,
ସବୁଗ ସଜଣା ସଜଫୁଲ ତୋଣା
ସଜନି, ନୋଭୁ ଭସମ ରେ ସନ୍ଧି,
ହଂସା ନୂରୁଡେବ ଏ ବରସ୍ଥି,
(୩)ବେଣ୍ଟୁର ଭାନବ ମଦନ-ଅସ୍ତ୍ର,
ନିବ ଜଗତେ ତୋ କଦା ରକ୍ଷା ରେ ସସ୍ତ୍ର । ୨୮ ।

କଳକଣ୍ଠି, ଏ କ ଖଳକଥା ଠେକ
ଶୁମାନ ଧରୁ ନ ଗଲା,
ଦେଖି ମୋ ଜଣାଣ ଭଲୁଥାଅ ପ୍ରାଣ
ଚରଣ ତଳେ ସମ୍ଭାଳ ରେ ବନ୍ଧୁ,
ଲଜ୍ଜା-ପୀୟୂଷ-କିଣା ତୋ ମଧୁ,
ଫନ୍ଦୁ ଅଧରୁ କର୍ମିଳ ସ୍ୱାଦୁ,
ଟାଣି ହୃଦସ୍ଥ ଠାଣି ସମ୍ଭାବୁ ରେ କନ୍ଧୁ । ୨୯ ।

ତର ଲଜ ଅଙ୍ଗ ଛୁଇବୁ କି ହୃଦେ ?
ଅଚ୍ଛି କି ମୁଁ କଣ୍ଟି ପର ?

(୧) ଷଣ୍ଡାଳୀ—କାମୁକ ସ୍ତ୍ରୀ । (୨) ଷଟ୍‌କୋଣ—ବଜ୍ର । (୩) ବେଣ୍ଟୁ—ବଂଶ ।

ତରଳା ହୀରକ                ଥୁଆଇ କଷାଇଁ
ତେବକ ଅଗ୍ରଜ ତୋଡ଼ର ରେ ଘୁରା,
ଧୁନି-ନନ୍ଦାରେ ନୁହ ଅଧୀରା,
ସ୍ମିତି-ଚଦଗ୍ର ପିଟାଅ ଲୁଗ୍ର,
ବାନ୍ଧୁ, ନମଣି ଭର୍ଗୀ-ଟାତ୍ରରେ ଘୁରା । ୩୦ ।

ମସ୍ତକ ଅନାଇ                ମଥନେ କଷାଇଁ
ଯାତନେ ଫିଙ୍ଗୁ ବଇଦେ ?
ଲୁପାପ୍ତ ନଜଳ                କାହେ କ ତୋ' ଭଳ
ସ୍ୱଦେକମର ନିଗ୍ରହେ ରେ ଯୋଷା,
ଶେଷେ ଲପାଅ ଷଟ୍ପଦ-ଦୋଷା,
ଯଣ ଯାଉନ୍ତୁ ହୁରଣୀଦୂଶା,
ଷଣ୍ଠ ଗ୍ରନ୍ଥ ତୋର ଆତ୍ମନୁଷା ରେ ଯୋଷା । ୩୧ ।

କନ୍ଦୀରବ-ଜଟି                ଦେଖେ ଗୋଲ ଘଟି-
ଭରଜା ତନ୍ତ୍ରମ୍ମିନ,
ଛଟକ-ଜଘନ,                ସ୍ପୁଟକ-ଆନନ,
ନୀରଜାକ୍ଷି ନରନ୍ଦିନ ରେ ଚୋକ,
ଠଣ ତତ୍ତ୍ୱଲ-ତଙ୍କ ବଦଲ୍ଲକ,
ଅନବରତେ ତୋ ଗୁଣ ବକ,
ଅନଥରେ ଠ ଗାଳିଗି ଅକ ରେ ଚଠାକ । ୩୨ ।

(୧)ଦନାନ୍ତ ଦେଖାଇ                ଧୂତ ଧରିଇବା
ନୀଳନଯୁଣା ଭୁ ଯଗ୍,
ଫୁଲ୍ଲର ବଦନ                ଭଲୁଲ ମାନ୍ଥ ଯା'
ରଞ୍ଜି କନ୍ଦର୍ପଯପ୍ରରେ ବାଳ,
ଶ୍ୟାମା ଷୋଡ଼ଶୀ ସୁଖରପାଳ,
ହ୍ରୀଂବତି, ଥିଲେ ସବ-କାଳ,
ଷମା-ଷୀରେ ତୋ' ଧଅ ପ୍ରସାଳ ରେ ବାଳ । ୩୩ ।

(୧) ଦନାନ୍ତ—ସାୟଂକାଳ ।

*କଖଗଘଙଅଁ (ଓ) ଚଛଜଝଞଅଁ (ଔ)
ଟଠଡଢଅ-ଣତଥ,
ଦଧନପଫବ ଭମଯରଳବ
ଶଷସହକ୍ଷ - ଙଅ ରେ ଧନ,
ତୋର ପ୍ରେମ-ରୂପ-ସଞ୍ଜିବନ,
ଭୁଲି ନପାରେ ମନ ନୟନ,
ତେଣୁ ଏ ମୋ "ଗୁପ୍ତ-ନିବେଦନ" ରେ ଧନ । ୩୪ ।

## ପଞ୍ଚମ ଛାନ୍ଦ

# ନୂଆ ଭୂଆସୁଣୀ

(ରାଗ—କଲ୍ୟାଣଆହାରୀ)

କାନ୍ଦନା କାନ୍ଦନା ଚନ୍ଦବଦନା ! ମୋ
ଅନ୍ତଃପୁରର ନେହପିଞ୍ଜୁଳି,
କର ମନ ସ୍ଥିର ପୋଛି ଅଶ୍ରୁନୀର
କାନ୍ଦଣାଗର ଲୁହ ବାଉଳୀ;
କାଳିଠୁଁ, ହେବୁ ତୁ କୁଳଭୂଆସୁଣୀ;
କହିବ ଲୋକେ ସ୍ତୁତି- ଗାଥା ଜନ୍ମ ଗୀତ
ତୁମଙ୍କ ମାଆ ଥରେ ଶୁଣି । (କ)

* କ—ବ୍ରହ୍ମା । ଖ—ସୂର୍ଯ୍ୟ, ଆକାଶ । ଗ—ଜ୍ଞାନଗୁରୁ । ଘ—ଘର୍ଣ୍ଣ । ଙ—ବିଷୟସ୍ପୃହା । ଚ—ଚନ୍ଦ୍ରେଶ୍ୱର । ଛ—ଗୁହ୍ୟଧର୍ମ । ଜ—ପିତାମାତା । ଝ—ବୃହସ୍ପତି । ଞ—ଗୋମାତା । ଟ—ଶବ୍ଦ । ଠ—ଇନ୍ଦ୍ରିୟଗୋଚର ଶକ୍ତି । ଡ—ବାଡ଼ବାଗ୍ନି । ଢ—ଅନନ୍ତନାଗ । ଣ—ଜ୍ଞାନ । ତ—ପୁଣ୍ୟ । ଥ—ଅନ୍ନ । ଦ—ଦାନଧର୍ମ । ଧ—ବିଦ୍ୟାଧନ । ନ—ବିଦ୍ୟାଗୁରୁ ଗଣେଶ । ପ—ରାଜା, ପାଳନକର୍ତ୍ତା । ଫ—ଯଜ୍ଞ । ବ—ବାୟୁ । ଭ—ଭୂମି, ନକ୍ଷତ୍ର । ମ—ଶିବ, ଚନ୍ଦ୍ର । ଯ—ଯମ । ର—ଅଗ୍ନି । ଲ—ଇନ୍ଦ୍ର । ବ—ଜଳଦେବତା ବା ବରୁଣ । ଶ—ଧର୍ମ । ଷ—ପ୍ରଜାପତି । ସ—ଜୀବାତ୍ମା । ହ—ପରମାତ୍ମା । କ୍ଷ—ଶରୀର ।

ଖେଳି ଖାଇ ଦିନ ଯାଉଥିଲା ତୋର
ଆନନ୍ଦେ ବାପ ମା' ଘରର,
ଖଟି ଯାଇ କାଳି ଝାସି ହେବୁ ଖାଲି
(୧) ଗୃହଜଞ୍ଜାଳ ନଦୀଘରର;
(୨) ଖୋଜିବୁ, ପଦ୍ମିନୀର ଗୁଣ ଏଥର,
ଖର୍ବ ଦର୍ପ ହରି ଦୁଃଖ ଘୃତ ଧରି
ଘୃଣିକି କରିବୁ ଚଅର । (ଖ)

(୩)ଗେରସ୍ତ ହିଁ ତୋର ତାରକ ଈଶ୍ୱର
ଏ ଘୋର ଭବ-ପାରାବାରେ,
ଗୁରୁଜନଙ୍କ ମଣି ଲାଗିଥିବୁ ସଦା
ଶାଶୁ-ଶ୍ୱଶୁରଙ୍କ ସେବାରେ;
ଦେଖିଣ, ନଣନ୍ଦ କରିବୁ ଆଦର,
ଖେଳ ଥଟ୍ଟା ସୁଖ ନ ଦେଖାଇ ପତି-
ଘରକି ଖାଇବୁ ସୋଦର । (ଗ)

ଘୃଣା ନ କରିବୁ ମଳିନ ଜାତିକି
ଦେଖିଲୁ ଦେହ ଯେତେ ଚାମର,
ସାଙ୍ଗ ଗଣ୍ଡା ଭଳି ଅତେମ ମଧ୍ୟ, ସବ
କୁଦରିବ ଥାଏ ଅନ୍ତର;
ଦେଇବୁ, ଧନ ଧାନ ଦୁଃଖୀ ଗୁହାରି,
ପୁଣ୍ୟ ରଖିଥିବୁ ଖରଚ ଲାଗୁଥା
ମିଳୁଆନ୍ତି ଯୁଝିଁ କୁହାରି । (ଘ)

ଭୂପତି ନିମନ୍ତେ ଅତିଥି ଅଥବା
ବନ୍ଧୁ ଆତ୍ମୀୟ ଗୁରୁଜନ,
ଭୃତ୍ୟ ସନ୍ତାନ ଦେଖାଇବୁ ତାଙ୍କୁ
ଚାତୁରୀ କରି ବର୍ଜନ;

(୧) ଜଞ୍ଜାଳ—ଝିଞ୍ଜାଳ ।
(୨) ପଦ୍ମିନୀ—କମଳିନୀ, ଚତୁର୍ବିଧ ସ୍ତ୍ରୀ ମଧ୍ୟରେ ପ୍ରଥମା ସ୍ତ୍ରୀ ।
(୩) ତାରକ—ଉଦ୍ଧାର କର୍ତ୍ତା, ନୌକା, କର୍ଣ୍ଣଧାର, ତାରଣକର୍ତ୍ତା, ତ୍ରାଣକର୍ତ୍ତା, ରକ୍ଷକ ।

ଉଜାଡ଼ି, ନବଘନରୁ ଅଶ୍ରୁ ପ୍ରକଟନେ,
ଶିଖିର ବର୍ହିରୁ          ଯାହାର ମହତ୍ତ୍ୱେ
ବାଧା ନ ଘଟିବ ଯେସନେ । (ଙ)

ଗୁଞ୍ଜାଫଳ ଯାଚେ          ଦେଉଛି ଯାହାକୁ
ବୃନ୍ଦିରୁ ନାହିଁ ଅକାରଣେ,
ଚଞ୍ଚୁ-ଲମ୍ବିତ          ମୁଣ୍ଡିପଡ଼ି ତଣ୍ଟି
ଥିଲେ ମୁକ୍ତା ଶୁକ୍ତାଭରଣେ;
ଅନ୍ତରେ, ରଖିଥିବୁ ଉଚ୍ଚ କାମନା,
ଚିହ୍ନିବାକୁ ଗୁଣ          ଅଛନ୍ତି ନିପୁଣ
ଅନେକ ଗୁଣୀ-ମହାମନା । (ଚ)

ଛଟା ଦେଖୁ ନାହିଁ          କ୍ରୀଡ଼ାରୁ ହସଇ
ବଳୁଛ ନାଟ ତାମସାରେ,
ଛନ ଛନ ହୋଇ          ଶିଖୁନାହିଁ ମନ-
ହୁଲଣି ମିଠା-ପ୍ରଶଂସାରେ;
ନିଇନା, ଯାହାର ଛଳ ଉପହାର,
(ଙ)ଛୁଇଁବୁନା' ତାହା          ହେଉ ସୁନା ବାହା-
ସୂତା, ମଣି-ମୁକୁତା-ହାର ! (ଛ)

ଜଗତ ବନ୍ଦନ୍ତି          ଏ ନାରୀଜାତିକି
ମଣି ଦେବୀ ଆଦରଣତ,
(ଚ) ଜନନୀ-ଜାୟା-          ନନ୍ଦନଠୁଁ ଯେଣୁ
ପାଏ ସ୍ନେହ-ପ୍ରୀତି-ଭକତି;
ଜାଣିଥା, ନ ଭୁଲିବୁ ନିଜ ଖାତିର,

---

(ଙ) ବାହାସୂତା—ବାହାରେ ପିନ୍ଧିବା ଅଳଙ୍କାରବିଶେଷ (ସମ୍ବଲପୁରୀ ଶବ୍ଦ) ।

(ଚ) "ଜାୟାୟାସ୍ତଦ୍ଧି ଜାୟାତ୍ୱଂ ଯଦସ୍ୟାଂ ଜାୟତେ ପୁନଃ ।" ଅର୍ଥାତ୍ ପୁରୁଷ ଯାହାଠାରୁ ପୁଣି ପୁତ୍ରରୂପେ ଜନ୍ମଗ୍ରହଣ କରେ, ସେ 'ଜାୟା' । "ଏକୋଽହଂ ବହୁସ୍ୟାମ୍ ।" ପୁରୁଷ ଅନେକ ରୂପରେ ଜନ୍ମିବା ସକାଶେ 'ସ୍ତ୍ରୀ'ର ମାତୃଶକ୍ତି ଉପରେ ଆଶ୍ରୟ ନେବାକୁ ପଡ଼େ ।

ଜୀବନଟି ଗଡ଼ା ମଧୁ ଦାମ୍ପତ୍ୟରେ
ଜୀବନଟା ନାଗରାଜାଙ୍କର । (୮)

ଝଗଡ଼ା ଝଂଝଟେ ଯୋଗ ଦେବା ଥାଉ
ସୀମା ନ ମାଡ଼ିବୁ ତାହାର,
ଝିଅପଣେ ଭଳି ଇଚ୍ଛା ମତେ
ପାଇ ଅପବାଦ-ପାହାର;
ଝିମିଟେ, ମେଳ ନ ରଖିବୁ କୁସଙ୍ଗେ,
ଝିଙ୍କାଝିଙ୍କି ହେବୁ- ନାହିଁ କାହାକୁବେଲେ
ବଢ଼ିମା ପ୍ରକାଶ ପ୍ରସଙ୍ଗେ । (୯)

ନଧଡ଼ା ନ ଦେବୁ ପର ଦୋଷ ବାନ୍ଧି
ନ କହିବୁ କାନ୍ଧି ଖଟରେ,
ନିଜ ସ୍ନିଗ୍ଧ ନୀଡ଼ି ଶାଶୁଘର ସ୍ନିଗ୍ଧ
ଲୁଚାଇବୁ ପର ଆଗରେ;
ନିର୍ମଳ, ରଖିବୁ କୁଳ-ବ୍ୟବହାର,
ନିଷ୍ଠୁରେ ବାଧା ଦେଉଥିବା ଶାନ୍ତ-
ନଷ୍ଟ କରିବୁ ନିଶ୍ଚୟ । (୧୦)

ଟାପରୁ ହେଲେ ସେ' ଅନୁଚିତ ଆଶା
ରଖି ବସିବ ସେ' ଚୋଟାରେ,
ଟାଳିଦେବୁ ତାହା ଜଣାଇ ବିରକ୍ତି-
ସୂଚକ-ନିରବତା-ଠାରେ;
ଟେକିବୁ, ନାହିଁ ଭଙ୍ଗି ପ୍ରୀତ ଲୋଚନ,
ଟାଣି ଦେଖାଇଲେ ତା' ପ୍ରଶଂସାର ଚୋ
ଟେକ କରିବୁ ଛେଦନ । (୧୧)

ଠକିବାକୁ ଛଳ- ଷଣ୍ଢାମି ଦ୍ରୁପରେ
ଭୁଲନ୍ତି ଅନେକ ନାଗର,
ଠାରିମାରି ଖବ- ଭଙ୍ଗୀରେ ତାଙ୍କର
ରହିବୁ ଧରକ ନଜର;

ଠିକେ ତୁ, ଗଣ୍ଠି କର ଏଡ଼ା ଧନ ରେ,
ଠୋକର ଖାଇଲେ    ଆଉ କଥା ତୋର
ଚଢ଼ିବ ନାହିଁ ମନରେ । (୪)

ଡଉଁରିଆ-ଯନ୍ତ୍ର    ଜାଦୁଫୁଙ୍କା-ମନ୍ତ୍ର
ନ ରଖିବୁ ଅନ୍ଧବିଶ୍ୱାସ,
ଡାହାଣୀ-କାହାଣୀ    ଶୁଣି ଯେତେ ମିଛି
ବୁଦ୍ଧି ନ କରିବୁ ହ୍ରାସ;
ଡରିବୁ, ନାହିଁ ଠକ-ଭଣ୍ଡ ଉପଦେଶେ,
ଧର୍ମର ଗରବ-    ହାସ୍ୟ ଧର୍ମଦେବ
ତର ଯଶା ଯଶା-ପରିବେଶ । (୫)

ତମାକ-ଗୀତରେ    ଭୁଲି ନ ପଡ଼ିବୁ
(୧) ପଢ଼ିବୁ "ନାସ୍ୟ-ଦରପଣ"
ଚିଲମ ମଗି ଫିର-    ଦରବାରେ କର
କରିବୁ ନାହିଁ ଅରପଣ;
ଡାକୁଣୀ,-ଚରଣେ ରମଣୀ"ରତନ",
ଡାଦେଲ ଖୋଲି ଦିହାଇ-    ଗଲେ ଦେ ରତନେ
ଜନିଯାଏ ସ୍ନେହ ପତନ । (୬)

ଅବସ୍ଥା ଜନାଇ    ବ୍ୟବସ୍ଥା ଶୁଦ୍ଧିବୁ
ଚେତନ ଆଡ଼ମ୍ବର ବିଳାସ,
ଅପବ୍ୟୟିତାରେ    ପୂରିନାହିଁ ଆଜି-
ଯାଏ କାହାରି ଅଭିଳାଷ;
ଅଧିକ, ବଢ଼ିଥାଏ ତହିଁ ଅଭାବ,
ଅଜ୍ଞାନ-ଚୋଲୁଟେ    ଆପଣା ଶତ୍ରୁ ସେ'
ଅଛି ଗା' ସେପରି ସ୍ୱଭାବ । (୭)

ଗର୍ବ-ବୃତ-ଭ୍ରମ-    ଜାଳେ ନ ପଡ଼ିବୁ
ଚେଇଁ ଏକପ୍ରେମ-ସାଗର,

(୧) "ନାସ୍ୟଦର୍ପଣ"—ସ୍ୱର୍ଗତ ମୃତ୍ୟୁଞ୍ଜୟ ରଥଙ୍କଦ୍ୱାରା ପ୍ରଣୀତ ହାସ୍ୟଜନକ ପୁସ୍ତକବିଶେଷ ।

ତୁଷ୍ଟ ଥାନ୍ତି ସଦା ଦେବଦେବୀଙ୍କ ସନ୍ତୁ-
ଥିଲେ ପତିଭକ୍ତି-ଜାତିର;
ତପସ୍ୟା, ଉତ୍ସବ ସେବା ନାହିଁର,
ଜାଣକୀଙ୍କ ପରି ପ୍ରାଣପ୍ରିୟ ଠାରେ
ନିଜକୁ ସଁପିବୁ ଶରୀର । (ତ)

ଥିଲେ ମନେ କଷ୍ଟ ଦୁଃଖ, ଭୁଲିଯିବୁ
ନିରେଖି ପ୍ରିୟ ଆଗମନ,
ଥରେ ଯହିଁପାଇଁ ବାରିବେ ତୋ ସ୍ୱାମୀ
ନ ଦେବୁ ତହିଁ ଆଉ ମନ;
ଥୋଇଲା, ରୁକ୍ମିଣୀ ଦୋଇଲା ସମାନ,
ଥଟା ଛଳେ ସୁଦ୍ଧା ଘଟାଇବୁ ନାହିଁ
କାନ୍ତମନରେ ଅପମାନ । (ଥ)

ଦୋଷ ତୋ' ବାନ୍ଧିଲେ ଦୁଃଖିତା ନ ହେବୁ
ସେ' କାହାର ଶୁଣି ବଚନେ,
ଦାସୀ ପରିଦାସ ଲଗାଇବୁ ନାହିଁ
କାନ୍ତ ଶ୍ରୀପଦ ଅର୍ଚ୍ଚନେ;
ଦ୍ରୌପଦୀ, ପଞ୍ଚପାଣ୍ଡବ ପାଟରାଣୀ,
ଦହନ ନ' ସେ ସତୀ ନିଜସ୍ୱାର୍ଥ ନ ଥିଲା
ପତିସେବାରେ ସୁଜାଣୀ । (ଦ)

ଧଇର୍ଯ୍ୟ ଧରି ପାଳିଥିବୁ ସଦା
ସତୀର ଶିକ୍ଷା ଧରମ,
ଧର୍ମର ପରୀକ୍ଷା ହେବାକୁ ବୁଝିଥିବୁ
ନୋକପସ୍ଥ-ଗୁପ୍ତ-କରମ;
ଧର୍ମରେ,—ସୀତା, ସାବିତ୍ରୀ, ଦମୟନ୍ତୀ,
ଧନ୍ୟା ହୋଇଛନ୍ତି ଆଉ କେତେ ସତୀ
ହୋଇ ଧର୍ମ-ବଇଜୟନ୍ତୀ । (ଧ)

ଶିକ୍ଷାକର୍ମ ଯଥା- ସମସ୍ତେ ଚଳାନ୍ତି
ମାନଣିକୁ ସ୍ୱାସ୍ଥ୍ୟ ବିଧାନ,
ନିଦ୍ରାଦି ଆହାରେ ଧର୍ମସ୍ତର ରଖି
ଥିବୁ ସତତ ସାବଧାନ;
ନ'ବୁଝ, ଧର୍ମଟି ଦେଶ-କୁଳାଗ୍ରର,
ନ୍ୟାସ୍ତ-ସତ୍ୟମୂଳ ପବିତ୍ର କର୍ମକୁ
ଧର୍ମ ବୋଲି କର ସ୍ୱୀକୃତ । (ଗ)

ପତି-ଦେବତାର ଲକ୍ଷ୍ମୀଦେବୀ ତୁମ୍ଭେ
ପତି ତୋ' ପରମ ଈଶ୍ୱର,
ପର ସ୍ପର୍ଶ ମୁଖ ଦର୍ଶିବୁ ନାହିଁ ସେ'
ହେଲେହେଁ ରାଜ୍ୟ-ଅଧୀଶ୍ୱର;
ପୁଚ୍ଛିବୁ,—ନାହିଁ କାହାକୁ ତା' ବିଷୟ,
ପତିପ୍ରାଣା ସତୀ- ଚରିତେ ସେ' ରହି-
ଯାଏ ତହିଁ ଲୋକ ଯଶରୁ । (ଘ)

ଫିରିଫିରି, ବନ୍ଧି ଭୂଷାଦରେ ମନ୍ତ୍ରି
ଦେଖାଳୁ କେତେକ ରମଣୀ,
ସ୍ନେହ ଯାଉଥାନ୍ତି ତଥାପି, ସେପରି
ହେବୁ ନାହିଁ ତୁ ଧନମଣି;
ସେପରେ, ଭୂଷଣ ହେଲେହେଁ ସଜ୍ଜିତା,
ସାଲ ତହିଁ କସ ବିଦ୍ରମମୁ-ଦୋଷ-
ଦୁର୍ଗୁଣେ ସେ ନାରୀ ଲଜ୍ଜିତା ! (ଙ)

ବ୍ରାହ୍ମମୁହୂର୍ତ୍ତରୁ ଶଯ୍ୟା ତେଜି ପୂର୍ବ
ଅଭିମୁଖେ ରଖି ବଦନ,
ବିଶ୍ୱନାଥ ଦୟା- ମଧୁ ଦୁର ପାଦେ
କରିବୁ ଆତ୍ମନିବେଦନ;
ବିଷୟରେ, ଯାପି ସେ ଶୁଭ ଅବସର,
ବିଦ୍ୟାବୁଦ୍ଧି ଟିକେ ରନ୍ଧ ସଜମୂଳେ
ତା' ପରେ ହେବୁ ଅଗ୍ରସର । (ଚ)

ଭିଖାରିଙ୍କି ବଳି ବସ୍ତ୍ର ଅବସ୍ଥା
ଦେଖି କରିବୁ ସୁଖସ୍ୱର,
ଭକ୍ତି ଛଳେ ମିଶ୍ର ବାକ୍ୟେ ହିଂସା ଦେବୁ
ଭିକ୍ଷାଜୀବୀ କେତେ ନାରୀର;
ଭୂତଳେ, ସବେ ପାଳିତ ପୁ କରମେ,
ଭୋଗକ ପରସ୍ୱାଦରେ କଏ ବା ଶିକ୍ଷାରେ
ନର ନନ୍ଦନାହିଁ ସରମେ ! (ଭ)

ମନା କରିଥିବୁ ଥିବ ତୋ' ସ୍ୱାମୀର
ଯଦ୍ୟପି ମନ୍ଦ ଆଚରଣ,
ମନ୍ଦୋଦରୀ କଥା ଏଡ଼ି ଦଶନଥା
ଅକାଳେ ଲଭିଲା ମରଣ;
ମନ୍ତ୍ରିରେ, ଯେତେ ମନ୍ଦାସୁରା ପୁରୁଷ,
ମରିଛନ୍ତି, ଆଜି- ଯାଏ ନିନ୍ଦନୀୟ
ତାଙ୍କ ଯେ ପାପ-ଚରିତ୍ର । (ମ)

ଯଥା ଯତନରେ ଶିକ୍ଷା ନେଉଥିବୁ
ଯୋଗମାତାର ପାନ ଆହାର,
ଯାତନା ସକଳ ଭୁଲିଯିବ ତୋର
ଜୀବନ-ଶାନ୍ତିରେ ତାହାର;
ଯଶୋଦା,-ଦେବୀ ଯେବେ ଯା'ର ଉଦର,
ଯୁଗ ଯୁଗ ପାଇଁ ଯାଇଛନ୍ତି ଥୋଇ
ଭାରତେ ଗର୍ବସ୍ଥଳ ପଦ । (ଯ)

ରନ୍ଧନ-ସନ୍ଧାନ ଖାଦ୍ୟ ପେୟରୁ ମନ
ଆଚରଣ ଭୂଷା ବସନ,
ରଖିଥିବୁ ସଦା ଦୂର ପରିଷ୍କୃତ
ଆବର ଆସନ ବାସନ;
ରୁଚିର,-ରୁଚି ବୃଦ୍ଧିକରେ ଅପୂର୍ବ,
ରନ୍ଧନ-ଦାଶିନ- ମାନସୀ-ରୂପରେ
ବସ ଏ' ପାଳଟେ ଚୀତ୍କୁଷ । (ର)

"ଲକ୍ଷ୍ମୀପୁରାଣ" କି ପଢ଼ିବୁ ମାତର
ରଖିଥା' ଏକଥା ମନରେ,
ଲକ୍ଷ୍ମୀଦେବୀ ଯାଉ କାର୍ଯ୍ୟରେ ସ୍ୱାଗତ,
ନ ମିଳେ ତା' ଓଷା-ବରତେ;
ଲଭିବୁ, ଲୋକେ କହୁଁ ଧନ—ଗରିବ,
ଲକ୍ଷପତି ହୋଇ ଖାଲି ବସିଥାଉ
ଜନ୍ତୁ ସେ ଭୋକେ ମରିବ ! (ଲ)

ବିଧିର ବିଧାନ- ଫଳେ ତୁ ଯେ କାଳେ
କୋଳେ ପୁତ୍ର ଧନ ଧରିବୁ,
ବାଲ୍ୟକାଳୁ ତା'ର ସୁଶିକ୍ଷାର ଘର
ନିଜେ ତୁ ବହନ କରିବୁ;
ବାଗ୍‌ଦେବୀ, ଆଦରୁ ତୁ ନିଜ ଜନନୀ,
ବଶ୍ୟ ମାତୃଭାଷା ହରେ ସ୍ୱ ଦୁର୍ଦ୍ଦଶା
ଜାଣିଥା' ବାଣୀ ପଦ୍ମାନନା ! (ବ)

ଶିଖିନା ବୋଲିଲ ନଗରେ ରମଣୀ
ପଢ଼ି ଖାଲି ଶାସ୍ତ୍ର ପୁରାଣ,
ଶାଶୁ-ଶ୍ୱଶୁରଙ୍କ ସ୍ୱାମୀଙ୍କର ସେବ
ନ ତେଜିବ ମନ-ଚପଣି;
ଶୁଣିଲେ, ସେ' ସ୍ତ୍ରୀ ଶୋଭାବତୀ ପଣ୍ଡିତା,
ଶାନ୍ତ-ସ୍ନେହ-ପ୍ରୀତି- ଭକ୍ତ୍ୟାଦି-ଗୁଣ-
ରତନେ ଥାଏ ସେ' ମଣ୍ଡିତା ! (ଶ)

(୭) ଷଡ଼ୈଶ୍ୱର୍ଯ୍ୟବତୀ ହେଲେହେଁ ସୁଦତୀ
(୮) ହୋଇବ ତୁହ ତୁମ୍ଭ-ସେବକୀ,

(୭) ଷଡ଼ୈଶ୍ୱର୍ଯ୍ୟ—ଯଶ, ଶ୍ରୀ, ଜ୍ଞାନ, ବୈରାଗ୍ୟ, ଐଶ୍ୱର୍ଯ୍ୟ, ବୀର୍ଯ୍ୟ ।
(୮) ସେବକୀ—ଦାସୀ; (ପ୍ରାଚୀନ ପ୍ରୟୋଗ) ସେବିକା ।

(୯) ଷଡ଼ପ୍ରଜ୍ଞ ସମା-    ଲୋଚକଙ୍କ ଲେଖେ
ଆଦର୍ଶ ଗୃହିଣୀ ହେବ କି ?
(୧୦) ଛତ୍ରାଳୀ,-ସ୍ୱଭାବେ କେ' ହୁଏ ସାଧ୍ୱୀ ?
ବଣ-କୁସୁମର    ବର୍ଣ୍ଣ ସୁଗନ୍ଧର
(୧୧) ହେଲେ ବି' ନ ହୁଏ ମାଧବୀ ! (ଖ)

ସଫଳ ମଣିବୁ    ଗୃହିଣୀ ଜୀବନ
ଅର୍ଜି ସଧର୍ମିଣୀ ପଦ,
ସ୍ୱାମୀର ସମ୍ପଦା    ଦୂରନ୍ତି ଧରରେ
ନ ଗଣିବୁ କଷ୍ଟ ବିପଦ;
ସାଧ୍ୱୀ,-ଭିକ୍ଷା ଛଳେ ସୁଧା ଅଦେଶ,
ସମର୍ପିବୁ ନାହିଁ    ପ୍ରତିବେଶୀ ଉପରେ
ମନେ ରଖ ଏ ଉପଦେଶ । (ଗ)

ହସ୍ତ ପଦ ଦେଇ    ଏ ଭବ-ସଂସାରେ
ସୃଜିଛନ୍ତି ତୋତେ ଯେ' ହରି,
ହେବୁ ନାହିଁ ଅପ-    ଶ୍ରଦ୍ଧା ତାଙ୍କଠି
ପ୍ରତିକୂଳ ଚେଷ୍ଟାରେ ପଶିଣ;
ସୁଖକରେ, ସତ୍ୟ ସାରଣ ଥିବୁ ଭଜି,
ହରିବେ ସେ' ହରି    ଦୁର୍ଗତି ତୋହର
ଗତିଦେବ ସ୍ୱଗତେ ଚରଣି ! (ଘ)

(୧୨)କ୍ଷମା, ପ୍ରେମା, ସ୍ନେହ,    ଦୟାଦି ସଦ୍ଗୁଣ
ଶୋଭିତ ଯା' ନର-ଅଧରେ,

---

(୯) ଷଡ଼ପ୍ରଜ୍ଞ—ଧର୍ମ, ଅର୍ଥ, କାମ, ମୋକ୍ଷ, ଲୋକାଚାର ଓ ତତ୍ତ୍ୱଜ୍ଞାନ—ଏହି ଛଅ ବିଷୟରେ ଯେ ଅଭିଜ୍ଞ ।

(୧୦) ଛତ୍ରାଳୀ—କାମୁକୀ ସ୍ତ୍ରୀ, ବେଶ୍ୟା । ସାଧ୍ୱୀ—ପତିପରାୟଣା ।

(୧୧) ମାଧବୀ—ତୁଳସୀ ।

(୧୨) କ୍ଷମା—ସହନଶୀଳତା; ପ୍ରେମା—ପ୍ରେମ, ଅର୍ଥାତ୍ ଦୁନିଆରେ ଭଲ ପାଇବା ଗୁଣ ।

(୧୩)ଖମାରେ ଖୋଜିଲେ ମିଳିବ ସେ ପ୍ରଭୁ
ଅଧିକରେ ନାସ୍ତି-କରଣ;
(୧୪)ଖଣଜ୍ୱ-ତୁଲ୍ୟ ସେହିଁ ନାସ୍ତି-ଶକତ,
(୧୫)ଖଣେ ସେ କାଟିଲେ ନାନା ବନ୍ଧନରୁ
ଆସିମିବ ଦେଶ-ମୁକତ । (ଖ)

## ଷଷ୍ଠ ଛାନ୍ଦ

# ପ୍ରଭାତ କୋଇଲି

(କେଶବ କୋଇଲି ବୃତ୍ତରେ)

କୋଇଲି ଲୋ, କଣ୍ଠଛନ୍ତି ସେହୁ ଦିନପତି,
କୋଳରେ ଯାହାଙ୍କ ହସି ଆସଇ ଯାହାନ୍ତି ଲୋ କୋଇଲି !

କୋଇଲି, ଖଟିବା ଘୂବରୁ ଅନ୍ୟ କାମେ,
ଢୋଳାଅ ରସନା ଥରେ ସେ' ପ୍ରଭୁଙ୍କ ନାମେ ଲୋ କୋଇଲି !

କୋଇଲି, ଗୋବିନ୍ଦ-ଗୋପାଳ ନାମଁ ସାର,
ଗୋପନେ ଜପ ପ୍ରଥମେ ଗାୟତ୍ରୀ-ଓଁକାର ଲୋ କୋଇଲି !

କୋଇଲି, ଯୋଗେଷ ପଦ ଶରାଧା ବନ୍ଦୁନ୍ତି,
ଯୋଷ ତ୍ରିଭୁ ଅନ୍ୟ ନାମ ସର୍ବେଁ ଅନ୍ତର୍ଭୁକ୍ତ ଲୋ କୋଇଲି !

କୋଇଲି, ଜଗନ୍ନାଥ, କାଳୀ, ଭଗବତୀ,
ଶିବ, ଗଣପତି, ନାରାୟଣୀ, ସରସ୍ୱତୀ ଲୋ କୋଇଲି !

କୋଇଲି, ଚିନ୍ତାମଣି, ଚତୁର୍ବର୍ଗଦାତା,
ଶମ୍ଭୁ, ହରି-ସୁନ୍ଦର, ଚରାଚର-ଧାତା ଲୋ କୋଇଲି !

କୋଇଲି, ନିରାଧାର, ସତ୍ୟ, ସନାତନ,
କୃଷ୍ଣ କରୁଣାସାଗର, ମୁକତି-ସଦନ ଲୋ କୋଇଲି !

(୧୩) ଖମା—ପୃଥିବୀ । (୧୪) ଖଣଜ୍ୱ—ବିଜୁଳି ।
(୧୫) ଖଣ—ଶୁଭ ମୁହୂର୍ତ୍ତ ।

କୋଇଲି, ଜଗତଜୀବନ, ଜଗନ୍ନାଥ,
ଜୀବେଶ୍ୱର, ଜ୍ଞାନମୟ, ଅମୃତ, ଅଜାତ ଲୋ କୋଇଲି !

କୋଇଲି, ଝାଡ଼ିବନୋଦିଆ, ବନମାଳୀ,
ଝିନ ପୀତବାସ, ଭକ୍ତ-ହୃଦୟ-ପ୍ରକ୍ଷାଳ ଲୋ କୋଇଲି !

କୋଇଲି, ଞୀଳ-ମୋହନ, ବଂଶୀଧର,
ମୁରଦମ୍ଭହର, ଦରସ୍ମିତ-ଅଧର ଲୋ କୋଇଲି !

କୋଇଲି, ଟାହି-ରୀଉଡିଆ, ଭବତ୍ରାହୀ,
ଟାଣେଦର୍ପ-ଦର୍ପହାରୀ, ଦଣ୍ଡ-ପ୍ରାଣପାଳି ଲୋ କୋଇଲି !

କୋଇଲି, ଠାକୁର ସେ ମୁଁ ତୁମ୍ଭର ବୋଲି,
ଠିଆ ହୋଇ ଡାକୁଥାଏ ହୃଦୟ ଖୋଲି ଲୋ କୋଇଲି !

କୋଇଲି, ଡାକେ ଯେବେ ବ୍ୟାକୁଳତା ଥାଏ,
ଢିମ୍ବକ ଗଲେ ଦେଖାଇ ହେବ କି ସେ' ଧାଏ ଲୋ କୋଇଲି !

କୋଇଲି, ଣମ ଭଜନର ପ୍ରେମଧାରା,
ଢୋହାଇ ଦେଲେ ମଜାଇ କଣ୍ଢିଏ ନାରୀ ଲୋ କୋଇଲି !

କୋଇଲି, ଅଣ ଅବନ୍ତ ତାର ସ୍ତୁତି,
ଅବୋଧଠାରେ ଅଧିକ ଦେଖାଏ ସେ ପ୍ରୀତି ଲୋ କୋଇଲି !

କୋଇଲି, ତରଳ-ତରଣୀ ପଦାମ୍ବର,
ତର ଭବ-ତରଙ୍ଗିଣୀ ପହଁରି ପହଁରି ଲୋ କୋଇଲି !

କୋଇଲି, ଥୟ ନ ହେବାକୁ ତା' ଠିକଣା,
ଥକା ବସିଛନ୍ତି ଥୋକେ ପଥ ହୋଇ ବଣା ଲୋ କୋଇଲି !

କୋଇଲି, ଦେଖିବାକୁ ଅନେକ ଦସ୍ତୁର,
ଦଗନ୍ତି ହୁଅନ୍ତି ଭ୍ରମି ସ୍ଥାନୁ ସ୍ଥାନାନ୍ତର ଲୋ କୋଇଲି !

କୋଇଲି, ଧର୍ମ-ବାହ୍ୟଠାଣିମାଣି-ପ୍ରୀତେ,
ଧରି ନହୁଏ ତାହାକୁ ଦେଖାଣି-ବିଶ୍ୱାସେ ଲୋ କୋଇଲି !

କୋଇଲି, ନାହିଁ ତାର ଲୌକିକ-ନଜର,
ନ ପୁଛଇଁ ସେ' ଜାତି-କୁଳ-ଖ୍ୟାତି-ଆଡ଼ମ୍ବର ଲୋ କୋଇଲି !

କୋଇଲି, ପଞ୍ଚ କୋଷ ଦେଖାଇ ସୁମନ,
ଘାରବ କି ଆବରିଛି ମନୁଷ୍ୟର ମନ ଲୋ କୋଇଲି !

କୋଇଲି, ସ୍ଥୂଳବାସ ଥାଏ ସଦା ଭଲ,
ମୂଳ ପାଶକୁ ତା' ଛୁଟେ ଆସର ଭ୍ରମକ ଲୋ କୋଇଲି !

କୋଇଲି, ବାଇବଲ-କୋରାନ-ପୁରାଣ,
ବିବିଧ ପଥ ଦେଖାନ୍ତି ରଖି ଯେଝା ଟାଣ ଲୋ କୋଇଲି !

କୋଇଲି, ତୁମି ସଦା ଚେଳକୁ ଉଣ୍ଡାଳ,
ଲଭୁ ତେଜି ତଳ ଆତ୍ମଜ୍ଞାନ-ପଥ ଜାଳ ଲୋ କୋଇଲି !

କୋଇଲି, ମନ୍ତ୍ର ଫଳ-ଆଶା କର ଦୂର,
ମହାପାପୀ ମଧ ଯାଇପାରେ ଦୁର୍ଗପୁର ଲୋ କୋଇଲି !

କୋଇଲି, ଯୋଗକେନ୍ଦ୍ରା ଧାର୍ମିକ ମାନବ,
ସମଦଣ୍ଡ ଯୋଗିପାରେ ଲୁବ୍ଧ ଅସମ୍ଭବ ଲୋ କୋଇଲି !

କୋଇଲି, ରଖ ତ୍ୟାଗ-ଧର୍ମରେ ବିଶ୍ୱାସ,
ବିଘ୍ନ-ତାପ-ଦାବଦାର ନେବ ତୋ ଉଚ୍ଛ୍ୱାସ ଲୋ କୋଇଲି !

କୋଇଲି, ଲଭ ଜ୍ଞାନ ଧଇର ନ କର,
ଲକ୍ଷ୍ମୀଜନକ ଧ୍ରୁବ ପ୍ରାଣ-ପ୍ରଭୁଙ୍କ ପସୁର ଲୋ କୋଇଲି !

କୋଇଲି, ଶୁଦ୍ଧପଥେ ଯାଉ ମତିଗତି,
ଶ୍ରୀଭଙ୍କର ହର ତା'ର ହରନ୍ତୁ ଦୁର୍ଗତି ଲୋ କୋଇଲି !

କୋଇଲି, ସତ୍ୱାନନ୍ଦ-ଚିତ୍ତ ଯାଙ୍କ ଥାନେ,
(୧)ଷଟଚକ୍ର ଭେଦ କରିଛନ୍ତି ଜ୍ଞାନଶାନେ ଲୋ କୋଇଲି !

କୋଇଲି, ପ୍ରେମ-ସୁଧା ଯା' ହୃଦରୁ ଝରେ,
ସେହି ହୁଅନ୍ତି "ଈଶାନ" ପିଣ୍ଡ-ବ୍ରହ୍ମାଣ୍ଡରେ ଲୋ କୋଇଲି !

କୋଇଲି, ନରଙ୍କର ଏଇ ତତ୍ତ୍ୱସାର,
ହୃଦରେ ରଖ ସମାନ ଦେଖି ଏ ସଂସାର ଲୋ କୋଇଲି !

(୧) ଷଟ୍‌ଚକ୍ର—ଦେହମଧ୍ୟସ୍ଥ ସୁଷୁମ୍ନା ନାଡ଼ୀର ମଧ୍ୟବର୍ତ୍ତୀ ଦ୍ୱିଦଳ ଏବଂ ଚତୁର୍ଦ୍ଦଳ ପଦ୍ମାକାର ୬ ଚକ୍ର ।

କୋଇଲି, କ୍ଷେମଙ୍କର ସର୍ବଦୁଃଖହର,
(୨)କ୍ଷେମ ହରିବେ ତ୍ରିତାପ-ତ୍ରିପାପ ତୋହର ଚଲ କୋଇଲି !

## ସପ୍ତମ ଛାନ୍ଦ

# ହରିଜନ ଗୁହାରି

(ରାଗ—ରାମକେରୀ)

କହ ତ ହେ ଭାଇ ଏହି କି ଉଚ୍ଚ-ହିନ୍ଦୁ-ବିଚାର ?
କରୁଅଛ ଯାହା ଆମ୍ଭଙ୍କୁ ଚିରଦିନ ନାସ୍ତର !

ଖଟିଲୁଁ ତ ଦିବା ରଜନୀ ଖାଲି ତୁମ୍ଭ ସେବାରେ;
ଖବର ନାମ କି ଦେଇଥିଲ ଭାଇ, କହ ତ ବାରେ ?

ଗର୍ହିତ-ପତିତ ସେ ଯିବା ଯେତେ ପଶୁ ସମାନ;
ଶୁଦ୍ଧିତ ନ ହୁଏ କି ତୋଷେ ଆମ୍ଭ ଗୁଣ-ସମ୍ମାନ ?

ସେନା ମାନ ତୁମ୍ଭ ଅଳେଖ ଗୀତ ଗାଇ ଗଢ଼ିଲୁଁ;
ଘାଟେ ବାଟେ ତୁମ୍ଭ ତଥାପି ଅପମାନେ ସହିଲୁଁ ।

ଅଛି କି ଏପରି ପ୍ରମାଣ ଧର୍ମଶାସ୍ତ୍ରରେ କା'ର ?
ଭକ୍ତି କେ' ବଢ଼ାଇଛନ୍ତି ହରିକି ଭାଇ କର ଧିକ୍କାର ।

ଶୁକଶରେ ତୁମ୍ଭ ସଦ୍ୟାପି ନେଲୁଁ ମତ ପାମରି;
ଚେତ ନେବେ ଗ୍ରାମ୍ୟ-ଗୃହସ୍ଥ କାମ ନୁହେ ଆମର ।

(୧)ଗୁରୁଦେବୁଁ ଚାଣ୍ଡପଦରି, ମେଥହକର କବୀର,
ତୁଲକଷ୍ଟା, ମଲାଖବର-ଭଟି ବନ୍ଧୁ ନେବାର !

---

(୨) ତ୍ରିତାପ—(୧) ଆଧ୍ୟାତ୍ମିକ (ଜ୍ୱର, ଦେହଶ, ଅବିଦ୍ୟା ଓ ଜନ୍ମଜ ରୋଗ) । (୨) ଆଧିଭୌତିକ (ଶତ୍ରୁ, ବ୍ୟାଘ୍ର, ସର୍ପାଦିଭୟ) । (୩) ଆଧିଦୈବିକ (ଅତିବୃଷ୍ଟି, ଅନାବୃଷ୍ଟି, ଅତିଶୀତ, ଅତିଉଷ୍ମ ଆଦି) ।
ତ୍ରିପାପ—କୃତ, କାରିତ, ଅନୁମୋଦିତ କର୍ମ। ଅନ୍ୟପକ୍ଷେ—ମାନସିକ, ବାଚିକ ଓ କାୟିକ । କ୍ଷେମ—ମଙ୍ଗଳ ।

(୧) କବୀର—କାର୍ପି (ସମ୍ବନ୍ଧସୂଚକ ଶବ୍ଦ) ।

ଜୀବନ ଯାପନ ସକାଶେ ଅଛି ନାନା ଜୀବିକା
ଲାଗି ଲାଗି ଆଉ କାହିଁକି ହେବୁଁ ମହାତବକା ?

(୨)ଖାଉଡ଼ିପଣୁ ନାମ ଦେଇଛ ଆମ୍ଭ ଜୀବନ ଧିକ୍,
ଛିଙ୍ଗାସ ବଚନ ସନ୍ଧିଦା ମରଣରୁ ଅଧିକ ।

ଶତ ସେନ୍ଧ ସିନା ଖାଇ ତେଣୁ ନ୍ୟାଯ୍ୟ ନାହିଁ ଯାହାର,
ନ ବୁଝି-ବଳୁର ଦେଖାଅ କପାଁ ଦୁର୍ବ୍ୟବହାର ?

ଟେକପଣ ରନ୍ଧ ନପାରେ ଖାଲି ଟେକ କଥାରେ,
ନଟେକ ମୁଣ୍ଡ, ଦେଖ ଝାଙ୍କର ବାଜିଲଗି ମଥାରେ ।

ଠାର ନିବେଦନ ଶୁଣିଲ ଦୁଃଖ ଦୁଃଖୀ-ହୃଦର,
ଠିକେ ଆଶାକରୁଁ ଜାତସୁ-ପ୍ରେମ-ସ୍ନେହ ଆଦର ।

(୩)ତମ ଧାଡ଼ି ଆଦି ଡଙ୍ଗର ଯଦି ତମ ଭିତରୁ,
ଡାକିଲ ବସପାଳ ଫାଳଲେ ବାସ୍ତୀ ଲୁଚେ କି ତରୁ ?

ଝୁଣ୍ଡା-ପକ-ବୁଢ଼ା ଭାଇକ ଉଠାଇବା ଉଚିତ,
ଢେଙ୍କଲି ପଦାଳି ଝକଳ ନରୁ ନାହିଁ ତା ଶିତ୍ ।

ଅଛ ଅନାଦରେ ଶିଷ୍ଟ ବି' ଧରେ ଦୁଷ୍ଟ ସ୍ୱଭାବ,
ଅଯୋଗ୍ୟତା ଆମ୍ଭ ବଢ଼ିଛି ତୁମ୍ଭ ଯୋଗେ ହିଁ ସବ ।

ତୁମ୍ଭଲଗି ଏକା ମନ୍ଦରେ ଅଛନ୍ତି କ ଠାକୁର ?
ତହିଁ ମନା କଲ, ସମସ୍ତେ ଯହିଁ ପଶେ କୁକୁର ।

ଧୁରମଣ୍ଡ ବୋଲା କପଡ଼ା ପିନ୍ଧ ଘାଟରେ ଧୋଇ,
ଥୁକ ମାଡ଼ ହେଲେ ଆମ୍ଭର, ଯାଉଅଛ ଗାଧୋଇ ।

ତାଣ୍ଡରେ ଆମ୍ଭର ଛୁଇଁକି ମଣୁଅଛ ଅଛୁଆଁ,
ଦରଶି ଆଣୁକୁଁ ଘେନଟେ ତୁମ୍ଭ ପେଟର ଛୁଆ ।

(୨) ଖାଉଡ଼ିପଣ୍—ଝଣ୍ଡା ବା ଗଣ୍ଡାଙ୍କ । ସମ୍ବଲପୁର ଅଞ୍ଚଳରେ ହରିଜନ (ପାଣ) ମାନଙ୍କୁ 'ଝଣ୍ଡା' କହନ୍ତି ।

(୩) ଡଙ୍ଗର—ଶୃଗାଳ, ବୃକ୍ଷ । ଶୃଗାଳ କଏ ?
ଉତ୍ତର—ଜିହ୍ୱାହୀନଶ୍ଚ ମୂର୍ଖଶ୍ଚ ସର୍ବଧର୍ମବିବର୍ଜିତଃ
ନିର୍ଦ୍ଦୟ ସର୍ବଭୂତେଷୁ ନରଶୃଗାଳ ଉଚ୍ୟତେ ।
(ଭାରତ ସୂତ୍ର)

ଧର୍ମରକ୍ଷା ଛଳେ ଲଭିଲ ଯେଉଁ ଜାତି-ମହତ,
'ଧର୍ମ', 'ଜାତିସ୍ୱତା' କାହାକୁ କହୁଥାନ୍ତି କହ ତ ?

ନ୍ୟାୟ-ଧର୍ମଶାସ୍ତ୍ର କହୁଛି ଖୋଜ କର ବାହାର,
ନେଉଛି ଯେ ଯେଉଁ ଜନମ ନେଇ ଜାତି ତାହାର

ପ୍ରମାଣ ଆହୁରି ଅଛଇ ଜନ୍ମ-ପ୍ରକୃତି-ଚିହ୍ନ,
ପୁଚ୍ଛ-ଶୃଙ୍ଗ, ହସ୍ତ-ପଦାଦି ଯାହେଁ ଜାତିର ଚିହ୍ନ ।

ଫଳ-ପୁଷ୍ପ-ପତ୍ର ସାଦୃଶ୍ୟେ ଚିହ୍ନ ତରୁ-ପ୍ରକୃତି,
ଫିଟିଯାଉ ଜାତି-ନିର୍ଣ୍ଣୟ କୁହଁ ଶୂଦ୍ର-ସନ୍ତତି ।

କଟିଙ୍ଗ ଯାଉଛି ଏକତା ଧର୍ମ-କର୍ମ ସୂତ୍ର,
ବୃଥା କାହିଁକି ଦେହ ଭାଇକି ଭାଇ, କରୁଛ ଦୂର ?

(୪) 'ଭଲ ଲୋକ' ପଦ ବହୁଛ ଜାଣ ଭୁଲି ବାଉରି,
ଖଲୁ-କୁଳି ଆଗୁ ତୁମ୍ଭେ ତ' ଅଧିକ ଶ୍ରେଷ୍ଠାଚାରୀ ।

(୫) ମାତଙ୍ଗ ବଶିଷ୍ଠ ନୁହନ୍ତି କେହି ଜାତ ବ୍ରାହ୍ମଣ,
ମାଣ୍ଡବ୍ୟାଦି ତପ ପ୍ରଭାବେ ସତେ ଖ୍ୟାତ ବ୍ରାହ୍ମଣ ।

---

(୪) ସମ୍ବଲପୁର ଅଧିବାସୀ ଜାତ୍ୟଭିମାନ ହିନ୍ଦୁମାନେ ହରିଜନ ହାଡ଼ିମାନଙ୍କଠାରେ ନିଜକୁ "ଭଲଲୋକ" ବୋଲି ପରିଚୟ ଦେଇଥାନ୍ତି ।

(୫) ବ୍ରାହ୍ମଣ—ଶ୍ରେଷ୍ଠବର୍ଣ୍ଣ, ବ୍ରହ୍ମଜ୍ଞ ।

"ଜନ୍ମନା ଜାୟତେ ଶୂଦ୍ରଃ କର୍ମଣା ଦ୍ୱିଜ ଉଚ୍ୟତେ
ବେଦାଭ୍ୟାସୀ ଭବେଦ୍ ବିପ୍ରଃ ବ୍ରହ୍ମ ଜାନାତି ବ୍ରାହ୍ମଣଃ ।"

"ଚଣ୍ଡାଳ ଗର୍ଭସମ୍ଭୂତୋ ମାତଙ୍ଗଶ୍ଚ ମହାମୁନିଃ,
ତପସା ବ୍ରାହ୍ମଣୋ ଜାତଃ ସଂସ୍କାରସ୍ତେନ କାରଣମ୍ ।"

"ଗଣିକା ଗର୍ଭସମ୍ଭୂତୋ ବଶିଷ୍ଠଶ୍ଚ ମହାମୁନିଃ,
ତପସା ବ୍ରାହ୍ମଣୋ ଜାତଃ ସଂସ୍କାରସ୍ତେନ କାରଣମ୍ ।"

"ମାଣ୍ଡବ୍ୟୋ ମୁନିରାଜଶ୍ଚ ମଣ୍ଡୂକୀ ଗର୍ଭସମ୍ଭବଃ
ତପସା ବ୍ରାହ୍ମଣୋ ଜାତଃ ସଂସ୍କାରସ୍ତେନ କାରଣମ୍ ।" ଇତ୍ୟାଦି ।

"ଶୂଦ୍ରେ ଯୋ ବହୁ ଜାତସ୍ୟ ସଦ୍‌ଗୁଣାନୁପସ୍ଥିତଃ
ଆର୍ଜବେ ବର୍ତ୍ତମାନସ୍ୟ ବ୍ରାହ୍ମଣ୍ୟମଭିଜାୟତେ ।"

—ଭାରତ-ବନପର୍ବ ।

ଯେଉଁ ଦୋଷେ ଅନେକ ତୁମ୍ଭର ଆସନ ହେଉଁ ନିନ୍ଦିତ,
ସଥା ନ୍ୟାୟେ ତୁମ୍ଭେ ସେ ଦୋଷେ କେହ୍ନେ ହେବ ବଞ୍ଚିତ ?

ରାବଣ ବ୍ରାହ୍ମଣ-ଔରସେ ଜନ୍ମ ଲଭି ସେହି ତ,
ରାକ୍ଷସରେ ଗଣ୍ୟ ହେବାରୁ ହୁଇ ନର ଅହିତ ।

ଲଙ୍ଘିବନା' ଧର୍ମ ନିୟମ ଯାହା ଅଛି ବେଦରେ,
ଲଭ କଷ କିଆଁ ବଢ଼ିମା ରଖି ଜାତିଭେଦରେ ?
ବଣ୍ଟି ଦୋଳା ପିନା ମାନଙ୍କୁ ରଖି ନିଜ ଧରମ,
ବ୍ୟବହାର ତୁମ୍ଭ ଦେଖିଲେ ମାଡୁଅଛି ସରମ ।
ଶିରେ କୁସଂସ୍କାର ଭରିଛି ତୁମ୍ଭ ଘର ଘର ତ,
ଶୁଧୁରିବା ଆଶା ଅଛି କି ଭବିଷ୍ୟତ ଭାରତ ?
ଖଣ୍ଡଧ୍ୱଜ-ମୁକ୍ତା-ନୟନ ହେବେ ପାଞ୍ଚ-ଉଦର,
ଗନ୍ଧାନନ-ଚନ୍ଦ୍ରବଦନ କେସନ୍ତ ହେବେ ସୁନ୍ଦର ?

---

ଶୂଦ୍ର ସନ୍ତାନ ହେଲେହେଁ ଯଦି ସଦ୍‌ଗୁଣଯୁକ୍ତ ହୁଏ, ତେବେ ସେ ବ୍ରାହ୍ମଣ ହୋଇଯାଏ ।

"ନ କୁଳେନ ନ ଜାତ୍ୟା ବା କ୍ରିୟାଭିର୍ବ୍ରାହ୍ମଣୋ ଭବେତ୍
ଚଣ୍ଡାଳୋଽପି ହି ବୃତ୍ତସ୍ଥୋ ବ୍ରାହ୍ମଣଃ ସ ଯୁଧିଷ୍ଠିର ।"

—ଭାରତ-ବନପର୍ବ ।

ହେ ଯୁଧିଷ୍ଠିର, କୁଳରେ ବା ଜାତିରେ ନୁହେଁ, କେବଳ ସତ୍କ୍ରିୟାଦ୍ୱାରା କେହୁ ବ୍ରାହ୍ମଣ ହୁଏ । ଯଦି ବ୍ରାହ୍ମଣୋଚିତ ଗୁଣକର୍ମଯୁକ୍ତ ହୋଇଥାଏ, ତେବେ ଚଣ୍ଡାଳ ମଧ୍ୟ ବ୍ରାହ୍ମଣ ହୋଇପାରେ ।

"ଧର୍ମଚର୍ଯ୍ୟୟା ଜଘନ୍ୟୋ ବର୍ଣ୍ଣଃ ପୂର୍ବଂ ପୂର୍ବଂ ବର୍ଣ୍ଣମାପଦ୍ୟତେ,
ଜାତିପରିବୃତ୍ତୌ
ଅଧର୍ମଚର୍ଯ୍ୟୟା ପୂର୍ବୋ ବର୍ଣ୍ଣୋ ଜଘନ୍ୟଂ ଜଘନ୍ୟଂ ବର୍ଣ୍ଣମାପଦ୍ୟତେ,
ଜାତିପରିବୃତ୍ତୌ ।"

—ଆପସ୍ତମ୍ବ ସୂତ୍ର ।

ଧର୍ମାଚରଣଦ୍ୱାରା ନିମ୍ନବର୍ଣ୍ଣର ଲୋକ ଉଚ୍ଚବର୍ଣ୍ଣ ପ୍ରାପ୍ତ ହୁଏ ଏବଂ ଅଧର୍ମାଚରଣ ଯୋଗୁଁ ଉଚ୍ଚବର୍ଣ୍ଣର ଲୋକ ମଧ୍ୟ ନୀଚବର୍ଣ୍ଣରେ ଗଣନୀୟ ହୁଏ ।

"ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ ।"—ଗୀତା ।

(୬) ମାନ-ବନ୍ଧ ଜାତିବିକାର ଯାଏ ନାହିଁ ଯାବତ,
(୭) ସ୍ୱତ୍ୱ-ଶକ୍ତି-ମୁକ୍ତି ଏ ଦେଶ ପାଏ ନାହିଁ ତାବତ ।
(୮) ସ୍ୱସ୍ୱ ବର୍ଣ୍ଣିତ ଥିବାର ଯାଏ ହିନ୍ଦୁ ଧରମ,
ନୋହିବନା' ଉତ୍କଳ ଉନ୍ନତ ହିନ୍ଦୁ-ହୀନ-କରମ ।
ନେସ୍ୱତ୍ୱ ସ୍ୱାଧୀନ-ଜୀବନ ସାଧ୍ୟ ମଜ୍ଜି ପାତରେ,
(୯) ଛିନ୍ନ ହେବ ହିନ୍ଦୁ-ସମାଜ ବନେ ଅନୁତାପରେ ।

## ଅଷ୍ଟମ ଛାନ୍ଦ

# କନକଲତା

(ରାଗ—ମାଳଶ୍ରୀ ଚକ୍ରପଷ୍ଟ)

କେଉଁଠି ଚାଲିଗଲୁ କନକଲତା ମୋ
ସୁନାମୁହିଁ ସୁନାଥାଳି ରେ,
କି ଦୋଷେ ଝିଅ, ତୋ' ଦୁଃଖୀ ପିଅରଙ୍କୁ
ଦୁଃଖାନଳେ ଦେଲୁ ଜାଳି ରେ;
କେଉଁ ଅଜଣା ରାଇଜେ,
କରିଛୁ କି ଠାନ, ମଣି ବାଳେ ରେ !

ଖେଳୁଥିଲୁ ମୋର ନୟନ-ପିତୁଳି,
ଦନ୍ଧ ଶିଶୁ ଜଳ ଜଳ ରେ,

(୬) ଜାତିବିକାର—ମାନବ ସମାଜର ଅପ୍ରାକୃତିକ ଜାତିସୃଷ୍ଟି; ସେ ପାଣ ଜାତି, ଅସ୍ପୃଶ୍ୟ ବାଉରି ଜାତି, ମୁଁ ବ୍ରାହ୍ମଣ ଜାତି—ଏହି ବିକୃତ ଧାରଣା ।
(୭) ସ୍ୱତ୍ୱ—ସ୍ୱାବଲମ୍ବନଶୀଳତା । ମୁକ୍ତି—ସ୍ୱାଧୀନତା । (୮) ବର୍ଣ୍ଣିତ—ବର୍ଣ୍ଣାଶ୍ରମ ଧର୍ମ ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର—ଏହି ସ୍ୱସ୍ୱବର୍ଣ୍ଣର ଧର୍ମ ।
(୯) ଛିନ୍ନ—ବିଦଳିତ, ଯାହାର ବୃତ୍ତି ବିଚଳିତ ହୋଇଅଛି ।
ହିନ୍ଦୁ—ଗୋଲାମ, କାଫର୍, ନାସ୍ତିକ, ମୁସଲମାନମାନଙ୍କଦ୍ୱାରା ପ୍ରଦତ୍ତ ଅପମାନସୂଚକ ଘୃଣ୍ୟ ପଦବିଶେଷ (ହିନ୍ଦ୍-ହିନ୍ଦୁ—ନିପାତନ), ଅନ୍ୟନିଷ୍ଠ, ଅଧମ, ଚୋର ।

ଖୋଲି ଦେଇ ଭଳେ ଶୋକ-ସ୍ରୋତର ସବୁ
ଠେଲି କରିଦେଲୁ ଅନ୍ଧ ରେ;
ଶତ୍ରୁକାନ୍ତି, ତୋ ହସିବା,
ଖୋଜିଲେ କେହିଁ ଅଶ୍ରୁ ପାଇବ କି ରେ !

ଢେଲି ଶରଧାରେ ଚାନ୍ଦି ଦେଇ ଥିଲି
ବାନ ତୋ କନକଲତା ରେ,
ଗରବ ମୋହର ଘୁଞ୍ଚିଦେଲୁ ବନ୍ଧି
ଲଟେ ଭୁଆଁ କଲି ମଥା ରେ;
ଚନ୍ଦ୍ରମାଳି-କାନ୍ତି-ଶୂନ୍ୟ,
ତଳୁ ମାତ୍ରି ଫୋଗାଡ଼ି କରି ଶୂନ୍ୟା ରେ !

ଝଙ୍କୃତ ଧନୁ ତୋ ଖେଳବା ସ୍ଥାନକୁ
ଅଳ୍ପଥାଇ ପାଖେ ଥାଇଁ ନରେ,
ଗନ ଲଗା ହରି ଘରକୁ ନ ଫେରି
ଝଙ୍କରିଲ ଗାନୁ ଲୁ ଦାଣ୍ଡି ରେ;
ପୂରିଲ ମନ ନନ୍ଦା-ସ୍ରୋତରେ,
ପୁଷ୍ପ ଅଶ୍ରୁଲି ନ ବରଷି ତୋରେ ରେ !

ହଗାଳି ଲୁ ନଭେ ଅଳି କଲୁ କେତେ
ବେଳଗିକି ମୁଁ ଥାଉଥିଲି ରେ,
ଉଜ୍ଜଳ ପଜ୍ଞ ତୋ ଜପ ଲଟେ ଜର୍ଦ୍ଧ
ଫେଶନା ମୋର ଦେଖିଲେ ରେ;
ଖଞ୍ଜୁରାଲି ତ୍ରୁଳିସରି,
ଉଦରେରେ ଥାଇଁ ଥାଲୁ କରୁ ରେ !

ଲୁହିଁ ଦେବଲୁ ତୋହର ସହୁମା ବାଳକା
ଜିଳଜଳ ଥାଉଛି ଘରୁ ରେ,
(୧)ଚମକ ଘଣ୍ଟି କନକ, ଅଳକ-
ଘାଗନ ଦେଖିଲୁ ଘରୁ ରେ;

(୧) ଅଳକ—ପୁର୍ଣ୍ଣ ।

(୨)ଚିତ ଚେତନ୍ତ ବ୍ୟାକୁଳ,
ଚିନ୍ତା-ଘାତରେ ନପାଇ କୂଳ ରେ !

ଲୁ' ଦରଶ କାଳ କାନ୍ଦିଥିଲେ ଦେହିଁ ଲୁ'
କନ୍ଦ ଗୁଜୁରି ଅନ୍ତରେ ରେ,
ଲଦ କୁଟିଳତା ମିଥ୍ୟା ନମ୍ରତା
ଲୁଚିଁ ନ ଥିଲା ଭିତରେ ରେ;
ଲଣା ଚେନ୍ନ-ଦରଳତା,
ଲଘାଇଲୁ ମୋ କନକଲତା ରେ !

ଜନମୁଁ ଏ ଯାଏ ଭେଟିଲି ନ ଥିଲି ମା'
ସନ୍ତାନବସ୍ତ୍ର ଯାତନା ରେ,
ଜୀବନର ଧନ ଜଳୁନ୍ତି ମରମ
ମଜ୍ଜ ଯାଉଛି ଚେତନା ରେ;
ଝବେନ ମୁଁ ଅଛି କି ନା'
ଜାଣିବ କେ ଅନୁଭବୀ ବିନା ରେ !

ଝଞ୍ଜ ପଡ଼ୁଅଛି ଯାତ୍ରକୁ ମାଡ଼ିଁର
ଅଦମ୍ୟ ଶୋକ ଆଘାତେ ରେ,
ଝାଉଁଳି ଗଲୁ ମୋ ଲତା, ତୁ' ସେପରି
ଆକସ୍ମିକ-ସନ୍ନିପାତେ ରେ;
ଝିଅ, ତୋର ସ୍ନେହ ଡୋର,
ଛିଣ୍ଡି ନେଇ ଏ ପ୍ରାଣକୁ ମୋର ରେ !

ଜଳନ୍ତ ଅଙ୍ଗାର ଜୀବନେ ସଂସାର
ମାଗୁଛି ଘାତ-କଙ୍କାଳେ ରେ,
ଜନେଶୀ ନଚାନି ତୋ ସ୍ମୃତି ବଦନ
ତୋ ଲେଖ-ମେଲ୍ଲିଶି କାଳେ ରେ;
ଜିଆଁ ଗଲି ଦୁଃଖଧାମ,
ଜରବଧୂ ଘାଣେ ଦିଏ ତ୍ରାସ ରେ !

(୨) ଚିତ—ମନ (ଚିତ୍ତ ଶବ୍ଦ—ପଦ୍ୟ ପ୍ରୟୋଗ) ।

ଝଳି ଝଳି ଦେଖୁ- ଛନ୍ତୁ ଅନ୍ତରିକ୍ଷ
ଆଣ୍ଟି ଭବ-ନଦୀ ଧାର ରେ,
ଝାଳ ନ ପାରେ ସେ’ ଜାହାକୁ ନିମେଷେ
ଆସିଲେ ତା’ ଝଳବାର ରେ;
ଝାଣ ଅଣା ତଥାପି ତ,
ଝାଳି ନଦୀରେ ଅବୋଧ ଶିଶୁ ରେ !

ଠଣୁଧାଇ କଲ୍ଲି ପାରୁଥିଲେ ଦେଁ ମା’
ଅସାର ସଂସାର ଗତିରେ,
ଠକି ଦେଉଛି ସେ’ ଦେଖାଇ ମାନସେ
ଲୁବ୍ଧକନ-ଆଶା-ପ୍ରୀତି ରେ;
ଠାର ଦେବାଯାଏ କାଳ,
ଠୁକିବାକୁ ହେଲଣି କପାଳ ରେ !

ଡାକୁଛି ମାରବେ ‘କନକ’—‘କନକ’
ବୋଲି ତୋ ଜାତକରେଖା ରେ,
ଡମ୍ବଳ ଚକଲେ ଚଢ଼ିଥିଲି ଚଣ୍ଡ
ମଦନ ଦୁଏ ହେଲା ଦେଖା ରେ;
ଡଉଁରିଆ କଣ୍ଟିମାଳା
ଡୋର-ଫୁଟୁଲ ତୋ’ ଫୁଲଡାଲି ରେ !

ଢେଉପର ପୀଢ଼ା ଦ୍ରବର ସନ୍ଧ୍ୟା
କରିଦେଲି ତୋତେ ଶାଣି ରେ,
ଢୋକିବାକୁ ଶେଷେ ଘଟାଇଲି ଧାତା
ତୋ ଘରଗଂ ଖଟା ଚୋରଣି ରେ;
ଢିଲି ହେଲି ଶମେ ନାଢ଼ୀ
ଢନ ଘଡ଼ିକୁ ମୋ ସୁନାଖାଢ଼ି ରେ !

ଆଜନ୍ମ ଦୁଃଖର ଅନ୍ତେବାସୀ ରୂପେ
ମଣ୍ଡିଥିଲୁ ମୋ ସଦନ ରେ,

ଅଭିନବ ତୋର ସ୍ପନ୍ଦିଲ ହୃଦୟ
ଉଚ୍ଛୁଳି ସ୍ୱତଃ ଆନନ୍ଦ ରେ;
ଅଶ୍ରୁ ଦେବୀର ମହିମା,
ଆସିଥିଲୁ କି ତୁ ଅଙ୍ଗିନା ରେ !

ଜୁଇଫୁଲ ବାସର ଫାଲ୍ଗୁନ ମାସର
ଶୁକ୍ଳ ଦ୍ୱାଦଶୀ ତିଥିରେ,
ତୋର ଆଗମନ ସୂଚନାରେ ପ୍ରାଣେ
ଦେଉଥିଲୁ ଶୋକ-ଗୀତ ରେ;
(୩) ତମୋପକ୍ଷ ଚତୁର୍ଦ୍ଦଶୀ
(୪) ଦେଖୁ ଗ୍ରାସିଲା ତୋ ମୁଖ-ଶଶୀ ରେ !

ଥିଲୁ ତୁହି ମୋର ସ୍ନେହ-ନିକୁଞ୍ଜର
ପ୍ରେମ ନବକୁନ୍ଦଳତା ରେ,
(୫) ଏହି ମୁକୁଳିତ ଝଡ଼ାଇପାଏ ବାତ
ଆଘାତେ ତୋ ଫୁଲ୍ଲତା ରେ;
(୬) ଥିଲା ନ ସାଧ୍ୟ କାହାର,
ଥାନ୍ତା ଧନ ମୋ କନକହାର ରେ !

ଦୟାବନ୍ତ, ଚାନ୍ଦ- ଦାଣ୍ଡେ ଖେଳୁଥିଲୁ
ଦ୍ୱାରେ ଭିକାରିକି ଦେଖି ରେ,
ଦଉଡ଼ି ଆସୁ ତୁ ଘର ଭିତରକୁ
ଧାନ୍ୟର ତୋ ଉପେଷି ରେ;
ଦୁଃଖୀ ଦେଖି ଦୁଃଖିପ୍ରାଣ, .
ଦେଉଥିଲୁ ଶରୀର ପ୍ରମାଣ ରେ !

(୩) ତମୋପକ୍ଷ—କୃଷ୍ଣପକ୍ଷ, ରାହୁଦଶୀଧ୍ୱ । (୪) ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀ ମଙ୍ଗଳବାର ଅପରାହ୍ନର (୧୯୩୭ ମାର୍ଚ୍ଚ ୨୩ ତାରିଖ) ପ୍ରାୟ ୫ ଘଣ୍ଟା ସମୟରେ କନକଲତାର ଜନ୍ମ ଏବଂ ଖଣ୍ଡ କୃଷ୍ଣ ଚତୁର୍ଦ୍ଦଶୀ ବୁଧବାର ତା ୧୧।୧୪।୩୨ ଇଂରାଜୀ ଦିନ-ମାନର ପ୍ରାୟ ୪ ଘଣ୍ଟା ସମୟରେ ମୃତ୍ୟୁ ଘଟିଥିଲା । (୫) ବାତ—ପବନ, ରୋଗବିଶେଷ । (୬) କନକଲତା—ସେ କାହାରି ବନ୍ଧୁ ହେଉନ୍ତା ଅଥବା ଦାବିହାର ଅବଧି ଗ୍ରହଣ କରି ପାରୁ ନଥିଲା ।

ଧରେ ମୁଁ ସେ କାଳେ କାଖ କରି ତୋତେ
ମଣିଥାଏ ଅଳଂକାର ରେ,
ଧାଖ ନ ହେଲେହେଁ ଧୂନ୍‌କାରେ ସେକାଳେ
ସଉଭାଗ୍ୟ ଅଲଙ୍କାର ରେ;
ଧୂଳି ଏବେ ତୋ ଚନ୍ଦୁର,
(୭) ଧନ, ହେଲୁ ମୋତେ କୋହିନୂର ରେ !

ନିଷ୍ଠୁର ବିଧାତା ଇନ୍ଦ୍ରଧାମୁ ଆଣି
ମେଶାଇ ଥିଲେହେଁ ତୋର ତନୁ,
ନେହର ପ୍ରତିମା ଥିଲୁ ବୋଲି ତୁ' ମା'
ଖୋଜେ ତୋତେ ନେତ୍ର ମୋର ରେ;
ନ ଦେଖି ସେ ତୋର ଛବି,
ନିତେ ଅଶ୍ରୁଭରେ ଯାଏ ଦ୍ରବି ନଈ !

ମୁକ୍ତା ମୋହଠାରୁ ନାହିଁ ପାଇବାରୁ
(୮) କବା ଶଙ୍ଖ-ଧ୍ୱଜ-କଟା ରେ,
ପ୍ରାଣକୁ ନ ନେଇ ପ୍ରାଣେ କଷ୍ଟ ଦେଇ
ସିଦ୍ଧ କଲେ କୁମନ୍ତ୍ରଣା ରେ;
ପ୍ରତେ ଏହା ତ ନ ଲଭେ,
(୯) ପୃଥ୍ୱୀ ପୀଡ଼ା ଦେଉଛି କା' ସ୍ୱଭାଗ୍ୟ ।

ଫଟା କପାଳକୁ ଫଟାଇ ଦେଲେହେଁ
ନିଷ୍ଠୁର ହୋଇ ପଥରେ ରେ,

(୭) କୋହିନୂର—ଭାରତେଶ୍ୱରଙ୍କ ମସ୍ତକସ୍ଥ ଇତିହାସପ୍ରସିଦ୍ଧ ହୀରକ ।

(୮) ଶଙ୍ଖ—ଧନଚିହ୍ନ । ଧ୍ୱଜ—ମଙ୍ଗଳଚିହ୍ନ । କଟା—ଦୁଃଖଚିହ୍ନ ।

(୯) ଉଲ୍ଲିଖିତ ଗ୍ରହମାନଙ୍କ ପରି ପୃଥିବୀ ମଧ୍ୟ ଗୋଟିଏ କ୍ଷୁଦ୍ର ଗ୍ରହ (ସୂର୍ଯ୍ୟର ଉପଗ୍ରହ ବିଶେଷ) ଏବଂ ଜଡ଼ ପଦାର୍ଥ । ଏମାନେ ମନୁଷ୍ୟପରି କ୍ଷୁଧା, ତୃଷ୍ଣା, ସମ୍ମାନ, ଅପମାନାଦି ହର୍ଷ-ବିଷାଦ ଅନୁଭବକାରୀ ଚେତନ ପଦାର୍ଥ ନୁହନ୍ତି ଯେ କାହାପ୍ରତି ରୁଷ୍ଟ ହେଲେ ଦୁଃଖ ଦେବେ କିମ୍ବା ତୁଷ୍ଟ ହେଲେ ସୁଖ ଦେଇ ପାରିବେ । ଏହାର ତାତ୍ପର୍ଯ୍ୟ ଏହି ଯେ, ପ୍ରାଣୀର ସମ୍ପଦ-ବିପଦ, ସୁଖଦୁଃଖାଦି ନିଜର କର୍ମଫଳ ବ୍ୟତୀତ ଅନ୍ୟ କିଛି ନୁହେଁ ।

(୧୦) ଯେବେ ଅଇଲୁ କି    ଅନକ-ବାସିନୀ-
କନକ, ତୁ ଆଉଥରେ ରେ;
ଫେଲ ନାହିଁ ତହିଁ କାନ୍ଥି,
ଫନ୍ଦୀ କଣ୍ଠି କି ମୋତେ ଠକାନ୍ତୁ ରେ !

ଭବମ୍ଭ-ଇନ୍ଦ୍ରଜାଳ-    କିଏଁ ଜଗତର
ନ ଦେଖଣ୍ଣୁ ତୋ ଜୀବନ ରେ,
(୧୧) ବିଶୁପଣ୍ଡିଙ୍କର    ଅମୃତାଳୟକୁ
ଲଭିଗଲୁ କିବା ଧନ ରେ;
ବଡ଼ ସାଧ୍ୟବଶ ତୁହି,
ବାଞ୍ଛା ପୂରୁ ତୋର ଶୁନମ୍ବି ରେ ।

ଭବ-ଦୁଃଖ-ଜ୍ୱାଳା    ନାହିଁ; ପୁଣ୍ୟଶୀଳା,
ତେଣ ସୁଖେ କରିଛୁ ବାସ ରେ,
ଭକ୍ତ-ଦୁଃଖ-ନାଶ-    ହରିଙ୍କ ସମୀପର
ରଖ ଭରସା ନିଶ୍ୱାସ ରେ;
ଶିବଶାନ୍ତି ଦୟାମୟ,
ଇଷ୍ଟ ହରିବେ ତୋର ନିଶ୍ଚୟ ରେ !

ମାଆ ତୁ ଯେ ଜାକ    ମୋ ଧନ୍ତୁ ବାହାର
ଲେଖାଥିଲ୍ ନାହିଁ ଅଙ୍କ ରେ,
ମାତା, ଭ୍ରାତା ତୋର    ମାତାମହୀଙ୍କର
କାନ୍ଦିବାର କଥା ଆଜ ରେ;
ଚମଚମାଳା ଏ ଅଞ୍ଚଳେ,
(୧୨) ମଗ୍ନ ପ୍ଲାବିଦେଲ ଅଶ୍ରୁଜଳ ରେ !

---

(୧୦) ଅନକ—ସ୍ୱର୍ଗ । ଫନ୍ଦୀ—କୌଶଳୀ ।
(୧୧) ଅମୃତାଳୟ—ମୃତ୍ୟୁସଦନ, ବୈକୁଣ୍ଠ ଭୁବନ ।
(୧୨) ବାଇଗିଁ (ବକେଇପୁର ଜମିଦାରୀ) ଅଞ୍ଚଳରେ ବିଶେଷତଃ ଡାଳପଦର ଗ୍ରାମରେ ପ୍ରାୟ ଏକମାସ ପୂର୍ବରୁ ଘଟିତ ରହ୍ (ତା ୧।୧।୪୨ ଖ୍ରୀ:) ଖଣ୍ଡ କୃଷ୍ଣ ଚତୁର୍ଦ୍ଦଶୀ ପ୍ରଦୋଷ ସମୟରେ ପ୍ରବଳ ବର୍ଷା ହୋଇଥିଲା ।

ଦେଖି ଲତା ବେଣୀ ତୋର ମନ ଭୋଳି
ଆମ୍ର କୁସୁମ ବଉଳ ରେ;
ପବନ ଅଗ୍ରତେ ତୋର ଉଦ୍ଦେଶ୍ୟରେ
ତେଣ ମଧ ଯାଏ ଝାଉଁଳ ରେ;
ମେଘରୁ ତୋତେ ଝୁରି ଝୁରି,
ଯାଉଅଛି ଝଡ଼ି ତା ମାଧୁରୀ ରେ !

ଉପାତର 'ନବାନ୍ନ' ସମ୍ବଲପୁରର
ନଦଦେବୀଙ୍କ ଉତ୍ସବରେ,
(୧୩) ଉପଜା ଲାଗେମାଡ଼ି ରହିଗଲେ ଝାଙ୍କି
ଶୁଣି ତୋ' ମା' ଶୋକରବ ରେ;
(୧୪) ରମା ମଧ ଉପବାସେ,
ରହିଗଲେ ବସି' ଦ୍ୱାର ମୋ ବାଟେ ରେ !

ଲତା, ଦେଖି ମୋତେ କେତେ ସ୍ଥାନେ କେତେ
ପଚାରନ୍ତି ବନ୍ଧୁଜନ ରେ,
ଲଜ୍ଜା ନଥିବ ଯେ କହ ତୋ ବାରତା
ଦୁଃଖୀ କରିବେ ଦୁର୍ଜନ ରେ;
ଲାଭ ହାନି ମୋ ଗୁମରେ,
ନୟନନୀରେ ଦେବି କ ଉତ୍ତର ରେ !

ଦେବେଳ ବେଳେ ଶିଶୁ- ଫୁଲର ଗୁଚ୍ଛମ ତୋ
ହାଟ ଖେଳାଳୀ-ବାଳିକା ରେ,
ବାଜି କରିଥାନ୍ତି ଘରକୁ ମୋହର
ଯେଣେ କନା ପୁତ୍ତଳିକା ରେ;
ବନ୍ଧୁ, ତୋର ମୃତ ଆଣି,
ବାରବେ ନଅନ୍ତି ସେ' ମେଲଣି ରେ !

(୧୩) ଝାଙ୍କି—ଲେଖକର ଗୃହଅଧିଷ୍ଠାତ୍ରୀ ଦେବତା ।
(୧୪) ରମା—ଧନଦା ରୂପିଣୀ ଲକ୍ଷ୍ମୀଦେବୀ ।

ଶୁଭଙ୍କର ହରି, ହୃଦନ୍ତୁ ମୋହର
ହର ଦାରୁଣ ସନ୍ତାପ ହେ,
ଶୋଚନା ସ୍ୱପନ ନଶାଉର ଲକ୍ଷ୍ମୀ-
ମନ ଉଠନ୍ତି ଚଳାଇ ଓହେ;
ଶାନ୍ତିଦାତା ଭଗବାନ,
ଶୋକାର୍ତ୍ତଙ୍କୁ ଶାନ୍ତି କର ଦାନ ହେ !

※ ଶବ ଦରଶନ ମାତେ ମୋର ମନ
ଶୃଗାଳେ ଦୁଏ ଧାଜର ହେ,
(୧୫) ଷୋଡ଼ଶ-ଆବର୍ତ୍ତ- ସୁନ ଶୁଣି ମୋର
ଦୁଏ ଅଶ୍ରୁ-ଜଳଜର ହେ;
(୧୬) ଷୋଡ଼ଶାଂଶ ସୁତ ବୁଧ,
(୧୭) ଷଡ଼ଭୁଜ ଚର ଚେତ୍ତି ଦ୍ୱନ୍ଦ ହେ !

ସବ ଦୁଃଖହାରୀ ତୁମ୍ଭେ ତ’ ହେ ହରି,
ବିଶ୍ୱବନ୍ଧୁ ପିତା ମାତା ହେ,
ସୃଷ୍ଟି-ସ୍ଥିତି-ଲୟ- କାରୀ ଦୟାମୟ
ତୁମ୍ଭେ ଧାତା ବିଧାତା ହେ;
ସ୍ନେହ-କରୁଣା-ନିଧାନ,
ସତ୍ୟ ସୁନ୍ଦର ତୁମ୍ଭ ବିଧାନ ହେ !

---

※ ଏଠାରେ ତାତ୍ପର୍ଯ୍ୟ ଏହି ଯେ, ଶବଦର୍ଶନ ହେତୁ ଶବବାହନ—ଶିବ, ଶିବାନନ୍ଦ—ଶୃଗାଳ; ଶୃଗାଳବାସିନୀ—ସୁନ୍ଦରୀ କନକଲତା; ଏହିପରି ପରସ୍ପର ସମ୍ପର୍କ ସ୍ମୃତି ଆଣି ମନ ବ୍ୟାକୁଳ ହୋଇଥାଏ ।

(୧୫) ଷୋଡ଼ଶାବର୍ତ୍ତ—ଶଙ୍ଖ । କନକଲତା ବାତରୋଗରେ ଗ୍ରସ୍ତ ଥିବାରୁ ତାର ସନ୍ତାନ-ଦୁଃଖ-କାତର ଜନନୀ ଦୁଃଖିନୀ ହୋଇ ଆରୋଗ୍ୟଲାଭ ଆଶାରେ ଏକୋଇଶ ବାର ନିର୍ଜଳା ସୋମବାର ବ୍ରତ ପାଳନ ପୂର୍ବକ ଚନ୍ଦ୍ରଶେଖରଙ୍କ କରୁଣାମୟ ଈଶ୍ୱରଙ୍କ ମନ୍ଦିରରେ ଶଙ୍ଖଟିଏ ଅର୍ପଣ କରିବାକୁ ସଙ୍କଳ୍ପ କରିଥିଲେ ।

(୧୬) ଷୋଡ଼ଶାଂଶ—ଚନ୍ଦ୍ର । ଚନ୍ଦ୍ରସୁତ—ବୁଧ । କନକଲତାର ମୃତ୍ୟୁ ବୁଧବାର ଦିନରେ ଘଟିଥିଲା ।

(୧୭) ଷଡ଼ଭୁଜ—ଜ୍ୱରଦେବତା ।

ଭକତଙ୍କୁ ବିବେକ ଦେଖି ପାରିବ ନା
ମହା ମହିମା ତୁମ୍ଭର ହେ,
ଭରତା ଧରତା ଜଗତକରତା
ଯାହା କର ବିଶ୍ୱମ୍ଭର ହେ;
ହରି, ତୁମ୍ଭ ତେଜି ଧନ,
ମରୁଅଛୁ ଦେଖି ପ୍ରୟୋଜନ ହେ !

କ୍ଷମା କର ପ୍ରଭୁ, ଏ ଶୋକ-ବିହ୍ୱଳ
ଅଜ୍ଞାନର ଭ୍ରମ ଦୋଷ ହେ,
ଶୁଷ୍କ ମନନ ତବ ପରମ-ବିଧାନ
ଜାଣନ୍ତି ଯାହା ଅଜ୍ଞାନ ହେ;
(୧୮) କ୍ଷନ୍ତା, ଢାଳ କୃପାବାରି,
କ୍ଷୀଣ ଜନ୍ମେ କରୁଛି ଗୁହାରି ହେ !

## ନବମ ଛାନ୍ଦ

# କୃତ୍ରିମ-ସାଧନା *

(ରାଗ—ଆଷାଢ଼ଶୁକ୍ଳ)

କହିବ ସଂସାର,
କେବଳ ଅଟଇ ତୁମଟି ସାର । ଧ୍ରୁବପଦ ।

ଶୀଘ୍ର ତୁଙ୍ଗ ଶୈଳ- ଶୃଙ୍ଗ ସୋପାନେ,
କଣ୍ଠ ମାଳିରଖ ସ୍ୱର୍ଗମ୍ୟ ଯାନେ;
ଜବଳ କର ତୁ ଉପାଳ କାଳ,
କାଳ, ଦୋଳିବୁ କି ପିକ-କାକଳି ?

(୧୮) କ୍ଷନ୍ତା—କ୍ଷମାଶୀଳ ।

* କୃତ୍ରିମ—ଯାହା ସ୍ୱାଭାବିକ ବା ସତ୍ତ୍ୱ (ସାତ୍ତ୍ୱିକ) ନୁହେଁ । ଅର୍ଥାତ୍ ରାଜସିକ ଓ ତାମସିକ । ସାଧନା—ଚେଷ୍ଟା ।

ଖଣ୍ଡି ସାର ହୋଇ    ଘନ-ଶାକର,
(୧) ଖୀର ଡାକୁ ମୂକେ    ବରଷାକର;
ଖଣ୍ଟୁ ପ୍ରଜାପତି    ନିମକୁ ଯାଇ,
ଖରଚ୍ଛେଦ, ତୁ' କି    ହେବୁ କୁଶାଳି ?

ଗରବରେ ଗିରି-    ଶିଖରେ ଚଢ଼ି,
ଗରଜନ କରି    ଟଣ୍ଡିକି ଛଡ଼ି;
ଗ୍ରାସ କରି ଗଜ-    ରାଜ ମୁକୁତା,
(୨) ଗଜାରି ହେବୁ କି    ବଜାଇ କୁତା ?

(୩) ଘୋଷକୁ ବାହାରି    ନଗାଣ୍ଡିରେ ବୁଲି,
ଘାସ ଦାନା ଖାଲି    କରି ଖାଉଁଲି;
ଘୋଷ ଡମ୍ଫାରବ    ତୋଷାଗଲେ ଘୁଙ୍କ,
ଘୁଷୁରି, ତଥାପି    ଖାଇ ହେବୁ କି ?

(୪) ଙମାବଲ୍ଲଭଙ୍କୁ    ତୋଷିବା ଛଳେ,
ଙଗ୍ରହାର-ଶିଳ    ଗଢ଼ି କୌଶଳେ;
ଙଡ଼ିବାକୁ ଯାଇ    ଧୂଳିଲଟିଁ ହେଣା,
ଙଇ, ରହିବୁ କି    ତୁ' ନଷ୍ଟଫେଣା ?

(୫) ଚୁଲିବାକୁ ଦାଣ୍ଡେ    ଚଞ୍ଚାଙ୍ଗ ଘରି,
ଚରଣକୁ ବଳି    ବିସ୍ତାର କରି;
ଚେଷ୍ଟା କରି ଆସ୍ତି    ନେଇ ବାଧିରି,
ଚଟକ, ତୋ' ଗତି    ହେବ କି ଧୀର ?

ଛଣ୍ଟ ଖୀର ଖୋଜି    ଦୁର୍ଗପଥର
ଛୁଇଁ ତୁ ବନରେ    ସହସ୍ର ଥର;
(୬) ଛୁଞ୍ଚୁ ତୋ ଅଙ୍ଗକୁ    ଛଟା ଚାଙ୍ଗାର,
ଛାଡ଼ିବୁ କି କଳା-    ରଙ୍ଗ ଅଙ୍ଗାର ?

---

(୧) ବର୍ଷାକର—ମେଘ ; ଖରଚ୍ଛେଦ—ବେଣ । (୨) ଗଜାରି—ସିଂହ । (୩) ଘୋଷ—ଗୋପାଳପଲ୍ଲୀ । ଘୁଙ୍କିବା—ଘିଚରେ ପ୍ରବେଶ କରିବା । (୪) ଙମାବଲ୍ଲଭ—ଶିବ । ଙଗ୍ରହାର—ସର୍ପ । (୫) ଚଞ୍ଚାଙ୍ଗ—ଝାଂପ । (୬) ଛଟା—ଲହରି ।

ଜଙ୍ଗାଳକୁ ଗୁଣ୍ଡି    ରଙ୍ଗ ଗଗନେ,
(୭) ଜମ୍ବୁନଦ-ବାଣ୍ଡି-    ବେଢ଼ା ଅଙ୍ଗନେ;
(୮) ଜଙ୍ଗର ସଭନେ    ରଖ ତୋ କୁଞ୍ଜ,
ଜୋଗାଡ଼ ମୋତିର କି    ଢାଳକୁ ପୁଞ୍ଜ ?

ଖୋଜି ଦେଖୁଛି    ଦେ' ଉଲଗାଇ,
ଝିଙ୍କି ଶିଖୀପୁଚ୍ଛ    ଭୁଅ ଲଗାଇ;
ଝୁଲଣାଟ ଶିଖ    ଶିଖଣ୍ଡ ଟେକି,
ଝାଙ୍କୁକୁଡ଼ା ତୁ    ନେବୁକି କେଣ ?

ନିର୍ଝର ପ୍ରଫୁଲ୍ଲ    ମନ୍ଥ-ଟୋରସେ,
ନାଚନ୍ତି ତୋ ନୂଆ    ରଙ୍ଗ ବରସେ;
ନବେଷ୍ଟିତ ଦୃଶ    ଦେବ ଘଣାରେ,
ନାମ୍ଭ, ତୋ' ରସ କି    ଦେବ ପଣା ରେ ?

ଟିକି ଟିକି କଣ୍ଟ    କାଟି ତୋଟି ରେ,
(୯) ଟେଲି ଟୋଲ ଭରି    ପାଟି ଘୋଟିରେ;
(୧୦) ଝଙ୍କା ଟିଅଣରେ    କର ଆସନ
(୧୧) ଟେଟଖାଇ, ଦେବୁକି    ତୁ ଫଳାଶନ ?

ଠିକ ଠାବେ ଖାଞ୍ଜି    କମ୍ବଳ-ଶୃଙ୍ଗ,
ଠାଣି ଦେଖା ମଣ୍ଡି    କୈଳାସ-ଶୃଙ୍ଗ;
(୧୨) ଠୋସରେ ଖୋସ ହ'    ସୁଟଙ୍କ ରୂପର,
ଠେକୁଆ ତୁ କେବେ    ଦେବୁ ଡମର ?

(୧୩) ଡୁଲି ଡାଳି ଟେକି    ରଙ୍ଗ ଡାଳରେ,
(୧୪) ଢେଉ କରି ଢଙ୍ଗ-    ଅଙ୍ଗ ଘଞ୍ଚରେ;

(୭) ଜମ୍ବୁନଦ—ସୁବର୍ଣ୍ଣ । (୮) ଜଙ୍ଗ—ଭ୍ରମଣଶୀଳ ଧାତୁ (ସ୍ୱର୍ଣ୍ଣ) ଦେବତା (ଦେଶଜ ଶବ୍ଦର ଅପଭ୍ରଂଶ) । (୯) ତୋଟି—ଅଣ୍ଟ, ରଣ୍ଡି । ଟେଲି—ମନ୍ଦୁଲ ଫଳ । ଟୋଲ—ବରକୋଳି । (୧୦) ଝଙ୍କ—ଝୁଙ୍ଗା । (୧୧) ଫଳାଶନ—ଝୁଙ୍କପକ୍ଷୀ । (୧୨) ଠୋସ—ଝାଣ, ମଜଭୁତ । (୧୩) ଡୁଲି—ଜଅଁଶ । (୧୪) ଢକାଢ଼—ଦୋମୁହାଁ ସାପ ।

(୧୫) ଡମ୍ବରୁ, ଡୁଗୁ ତ'　　ଜଣା—ନା'ଗର,
ଡେଙ୍ଗୁରୁ କାହିଁକ　　ଘେଣା ନାଗର ?

ଢେଉଥରେ ବୁଡ଼ି ଥ'　　ଢୁ' ହସମାନ,
(୧୬) ଢାକୁଣୀ ବନ୍ଧୁ ତୋ　　ମୁକ୍ତା ସମାନ;
(୧୭) ଢାଳନ୍ତୁ ତୋ ଦନ୍ତ　　ଗୁପ୍ତା ଢୁଦର,
(୧୮) ଢୋଲ ବେଶ୍ରା, ଢୋଲ　　ନ ଯାଉ ଦର !

(୧୯) ଆଣ୍ୟ ମଣ୍ଡି ମୂର୍ତ୍ତି-　　ପଡ଼ିଗଲେଣି,
ଆଣେ ରଙ୍ଗ ଘଣ୍ଟି　　ଭୂଷଣ ଗଣି;
ଅହର୍ନିଶ ମୁଖେ　　ବନ୍ଧ ବାଖର,
(୨୦) ଅଙ୍ଗ ଦେଖୁ କେତେ　　କହ ବା ଖର ?

(୨୧) ତନ୍ତୁବନ୍ଧ ତର　　ତଗ୍ରଣ୍ଠ କଥା,
ତୋର ଘ୍ରାଣ ଜ୍ଞାନେ　　ଜଗଅ ଠିଆ;
ତୋଣ୍ଟା ମଣ୍ଡି ଲଣି　　ଯାଉଛେଣି ମଳ
ତେବେ ବଦଳ ନ　　ଯାଉ ତେଜନ !

ଥାପ ଶୁଙ୍ଗ ତାଣ୍ଡ୍ର　　ଥୋଉ ସାନ୍ଦାର,
ଥୋଗଣିରୁ ଦନ୍ତ　　ଜର ବାନ୍ଧାର;
ଥୁଅ ଥ' ଦୁବେଷୁ ଲୁ　　ରଙ୍ଗ-ଅମାର,
(୨୨) ଥୋଗ ଦେଖୁ କେତେ　　ତୁରଙ୍ଗମାର ?

ଦୁର୍ଦ୍ଦିନରୁ ଘନ　　ଚାହୁଁ ତଟରେ,
* ଧାଡ଼ି ତୋର ନ'　　ଆସୁ ଲଗରେ;
ଦେଖୁଁ କର ଦିବ୍ୟ-　　ଜେମାଷ ଶୁଣାଣି,
(୨୩) ଦରବେଶ ଦେଖୁକି　　ଜେମାଧରଣାଣି ?

(୧୫) ନା'ଗର—ନର୍ତ୍ତିତ । (୧୬) ମୁକ୍ତ—ମୁକ୍ତା । (୧୭) ଢୁଦ୍ର—(ଭୂପାଳର ଢୁଦର) ଶିବ । (୧୮) ଦର—ଶଙ୍ଖ । (୧୯) ପରଭୂ—ଲଳାମ । (୨୦) ଅଙ୍ଗ—ଘୋଡ଼ା । ଖର—ଗଧ । (୨୧) ତନ୍ତୁବନ୍ଧ—ମଲ୍ଲିକା । (୨୨) ଥୋଗ—ଦାନ୍ତ । ତୁରଙ୍ଗମାଳ—ଘୋଡ଼ା । * ଧାଡ଼ି—ଜରଣ । (୨୩) ଦରବେଶ—ସୁନ୍ଦରୀ । ଜେମାଧରଣାଣି—କୁଞ୍ଜକୁଳା ।

(୨୪) ଧୂମକେତୁ, ବକ୍ର ମୃଗ ଲକ୍ଷଣ,
(୨୫) ଧରନ୍ତୁ ମସ୍ତକେ ତୋତେ ତ୍ରୀକ୍ଷଣ;
ଧର୍ମାତ୍ମା ସୁଧୀ ଡାକ ଆଉଲୋକେ,
(୨୬) ଧ୍ୱାନ୍ତାରି ତୋରେ କି ବୋଲିବେ ଲୋକେ ?

(୨୭) ନେତ୍ରହାରେ ରାଜି ନିଶା-ଅରତା,
ନିର୍ଲୋଭୀ ରଖ ତୋ ନିଶାଚରତା;
(୨୮) ନକଲ ହୃଦୟେ ଧର ମେଚକ,
ନପାରିବୁ ସାର- ସ୍ୱର ସେଚକ !

ମୁଞ୍ଜି କାଟି ପିନ୍ଧ ସୂତେଲି ପାଟ,
ପିକକଣ୍ଠ ରୋମ ଦେଖାଅ ନାହିଁ;
ସ୍ପର୍ଶିଲେ ସୁଖା ଯକ୍ଷ-କିନ୍ନର,
ପାନ୍ଥ-ଦାନବ, ତୁ ହେବୁ କି ନର ?

ଖୁଲିଲ ଦ୍ୱାର ପାଉ ଫୁଲ୍ଲ-କମଳ,
ଫେଣାଳଣା ରଖ ତାକୁ ତୋ ଫଳ;
(୨୯) ଫେନଳ, ରସାଳୁଁ ମୁଣ୍ଡ ଶଣାଳ,
ଫଳବ କି ତୋର ଡାକେ ରସାଳ ?

ବାରିଧର ସୁଧା କରି ଅଶନ,
(୩୦) ବର୍ଣ୍ଣଟ-ଚରଣେ କର ଆସନ;
ବନଲୁହ-ଦଳ ହେଉ ତୋ ଛତା,
(୩୧) ବର୍ଷାଭୂ, ହେବୁନ ଜଳଦେବତା ?

(୩୨) ଭେଳ ହୋଇ ଭଲୁ- ଭଜ ପବନେ,
ଭୂମି ବନ-ତିନି- ଭବଜାତବନେ;

(୨୪) ଲକ୍ଷଣ—ଚିହ୍ନ । (୨୫) ତ୍ରୀକ୍ଷଣ—ମହାଦେବ । (୨୬) ଧ୍ୱାନ୍ତାରି—ଚନ୍ଦ୍ର । (୨୭) ନିଶା—ହଳଦି । ଅରତା—(ଅରକ୍ତକ ଶବ୍ଦଜ) ଯାହାଠାରୁ ବଳି ରକ୍ତବର୍ଣ୍ଣ ପଦାର୍ଥ ଆଉ ନାହିଁ, ଅଳତା । (୨୮) ମେଚକ—କଳାବର୍ଣ୍ଣ । (୨୯) ଫେନଳ—ନରକୋଳ । ରସାଳ—ଆମ୍ବ । (୩୦) ବର୍ତ୍ତି—କୁମ୍ଭୀର । ଚରମ—ପୁଷ୍ପ । (୩୧) ବର୍ଷାଭୂ—ଭେକ । (୩୨) ଭୁଭୁଜ—ବଳଭୂନାଳ ।

(୩୩) ଭଲେ ତୁମ୍ଭ ମଲ୍ଲୀ- ନବମାଳିକା,
(୩୪) ଭ୍ରମର ଚୁମ୍ବନ ଭମ୍ବ୍ରାଳିକା ?

(୩୫) ମହାଚଳ-ଚୂଳେ ନିବାସ କରି,
(୩୬) ମହା ତପେ ତୋଷି ଶିବା, ଶଙ୍କରୀ;
(୩୭) ମାଗ ବର ମୃଗ- ରାଜ ଚଢ଼ିବାକୁ
ମଣିବେ କି ଶେଷ' ତା ଲମ୍ଫ ଦେବାକୁ ?

ସମର ଆଶିଷେ ଦୃଶ୍ୟ ଅମର,
*ଯଥାର୍ଥ ସମତା ଥାଉ ନାମର;
(୩୮) ଯୋଷିତଙ୍କୁ ଦେଖି ଦୋଷ ଚାଲୁଛି,
(୩୯) ସାମଯୋଷ୍ଠ, ତୁ କି ଦେଖୁ ଚାଲୁଛି ?

ରମ୍ଭା ତୁ ତନ୍ତ୍ରାଗ ଚନ୍ଦନ ଯାଗରେ,
ରମାନାଥ ହାତ- ପଦ୍ମ-ଯାଗରେ;
ରେଖି ହୋଇ କାଳି କରି ରୋଷିତ,
ରାଜୀବ, ତେବେ କି ଦେବୁ ଶୋଭିତ ?

ଲଙ୍କାରେ ରହି ବା ତୁ' ଅଳକାରେ,
ଲାଗିଥାଅ ମଧ୍ୟ ସୁଅଳଂକାରେ;
ଲଗ୍ନରେ ଦେହି ନେଇ ଆକାଶ ରଙ୍ଗ,
ଲୋଧ୍ର, ତୋତେ ବୋଲି- ବାକି ହରଳ ?

ବର୍ଷ୍ଣି ବଦଳାଇ ବର୍ଷାକାଳେ,
ବାଜିଆ ଭୂମିରେ ମଞ୍ଜି ଯକାଳେ;
(୪୦) ଶିଖି ଧୀରଗତି ରକ୍ତପକ୍ଷ,
(୪୧) ବୋଲଇବୁକି ତୁ' ରଜତକଣ୍ଠ ?

(୩୩) ନବମାଳିକା—ନିଆଳି । (୩୪) ଭମ୍ବ୍ରାଳିକା—ଡ଼ାଆଁଶ, ଦଂଶନଶୀଳ ମକ୍ଷିକା-ବିଶେଷ, ସମ୍ବଲପୁର ଅଞ୍ଚଳରେ ଯାହାକୁ "ଅଁଶମାଛି" କହନ୍ତି । (୩୫) ମହାଚଳଚୂଳ—ହିମାଳୟ ଶୃଙ୍ଗ । (୩୬) ଶିବା—ଶୃଗାଳ । (୩୭) ମୃଗରାଜ—ସିଂହ । ଲମ୍ବପର୍ଣ୍ଣୀ—କୁକୁଡ଼ା, ଗଞ୍ଜୁଡ଼ । (୩୮) ଶାକୁଡ଼ି—ବଡ଼ଶୋଷ୍ଟ, ଶାକୁଡ଼ିବେଣୀ । (୩୯) ସାମଯୋଷ୍ଟ—କୁକୁଡ଼ା । (୪୦) ରକ୍ତପକ୍ଷ—ଡ଼ାହୁକିଚୋଳ । (୪୧) ରଜତକଣ୍ଠ—ଶାଧବନ୍ଧୁ ଚୋଳ ।

(୪୨) ଶିବସୁତ-ଯାନ ହୋଇ ଉନ୍ଦୁର,
(୪୩) ଶିଖୀ-ସିଂହ-ନାଗ ଷଣ୍ଢ-ସିନ୍ଧୁର;
ଛାଗ-ମେଷ-ଶରଭେ ହେବାରୁ ସୃଷ୍ଟି,
ଶିଢ଼ିବନ ରଚେ ଶଟିଘରଢ଼ି ?

(୪୪) ଷଡ଼ବଦନ-କର- କୁସୁମ ତୁଲ,
ଷୋଡ଼ଶୀ ଅଦ୍ଭୁତା ହେଉ ତୋ ଫୁଲ;
(୪୫) ଷଷ୍ଠିକା-ମନ୍ଦିରେ ରହ ଲଟକି,
(୪୬) ଷଣମୁଖିକା ତୁ ହେବୁ ଘାଟ କି ?

(୪୭) ସୁରଧୁନୀ ଜଳେ ଭରି କଳସୀ,
ସେବୁ ତୋତେ ସ୍ୱର୍ଗୁଁ ଆସି ଉର୍ବଶୀ;
(୪୮) ସାର ହେଉ ଚନ୍ଦନ- ସାର ତୁ ଗନ୍ଧା,
(୪୯) ସମ୍ଭବ କି ପାଇ- ଛିବୁ ସୁଗନ୍ଧା ?

ହରିଚାଳେ ଭଜି ଶମ୍ଭୁ ଚରଣ,
(୫୦) ହର-ସରେ କରୁ ସୁସନ୍ତରଣ;
(୫୧) ହରୁ ବର୍ଷାକାଳ ଜଳବାଷ୍ପ,
ହେବୁନା' କଦାପି ତୁ ଜଳଦଂଷ୍ଟ !

(୫୨) କ୍ଷୀରାବ୍ଧି କୂଳେ ହୋ ମୂଳ ଲଗାଅ,
(୫୩) କ୍ଷୀରାବ୍ଧିଜା କଳ୍ପି ଅମୃତ ଖାଅ;
(୫୪) କ୍ଷିତିଧର ତୋତେ କରୁ ବନ୍ଦନ,
କ୍ଷୀରକୋଳ ତୁ କି ହେବୁ ଚନ୍ଦନ ?

---

(୪୨) ଉନ୍ଦୁର—ମୂଷିକ । (୪୩) ଶିଖୀ—ମୟୂର । ସିନ୍ଧୁର—ହସ୍ତୀ । (୪୪) ଷଡ଼ବଦନ—ସ୍କନ୍ଦ । (୪୫) ଷଷ୍ଠିକା—ଷଷ୍ଠୀଦେବୀ । (୪୬) ଷଣମୁଖିକା—ଛଣଫୁଲ । (୪୭) ସୁରଧୁନୀ—ସ୍ୱର୍ଗଗଙ୍ଗା । (୪୮) ଗନ୍ଧା—ମୂଥା । (୪୯) ସୁଗନ୍ଧା—ତୁଳସୀ । (୫୦) ହରସର—ମାନସସରୋବର । (୫୧) ଜଳବାଷ୍ପ—ପାଣିକୁଆ । (୫୨) କ୍ଷୀରାବ୍ଧି—କ୍ଷୀରସମୁଦ୍ର । (୫୩) କ୍ଷୀରାବ୍ଧିଜା—ଲକ୍ଷ୍ମୀ । (୫୪) କ୍ଷିତିଧର—ଅନନ୍ତନାଗ ।

## ଦଶମ ଗୁଚ୍ଛ

# ଚଷା-ମୂଲ୍‌ କିହ୍ନସା

(ରାଗ—ରସତର୍କଳା*)

ଚଷାଗୁଳ ହେ,
କର୍ମସୂତ୍ର ଅଛିଲ୍ଗି ନାଚେ ଶଙ୍ଖ ହାତ,
କର୍ମଦେବ ପାଖୁ ଧର୍ମ ବୁଝାଇଥା ଜାତ,
କର୍ମଭୂତା ଦେଶର ମାନବ ସ୍ଥବନ-ସ୍ୱର୍ଗପାତ;
ଚଷା-ମୂଲ୍‌ କିହ୍ନସା ରେ,
କର୍ମ ଯୋଗୁଁ ଯିବା ଆଜ "ମହାତ୍ମା" ଗାନ୍ଧୀ ମହାଶୟ !

ଚଷାଗୁଳ ହେ,
ଝଦରା କପଡା ପାଟ ଯୋଡ଼ା ଓରଜାଗ,
ଝେଟକୁ ଜର ବତାଇର ଧରସ୍ଥ ବଜାର,
ଖାଣ୍ଡି ଦୁଃଖୀ ହେବ୍ନ ଯିନା ସ୍ୱାଧୀନ ଜୀବନଟି ପାଇ;
ଚଷା-ମୂଲ୍‌ କିହ୍ନସା ରେ,
ଖାଇବା ପିଇବା ଲାଗି କାହିଁକି ହେବୁ ଲୋକବଶ ?

ଚଷାଗୁଳ ହେ,
ଗାଢ଼ିବ ହେଲେ ମଣିଷ ଜବର କି ନଜା,
ଯିଏ ନ ଧ୍ୟାନ ବୁଝେ ନାହିଁ ପେଟ ରଜା,
ସାନନଦ କନ୍ଦୁଅଛୁ ପଛୁଲେ କର ପେଟ ଖଜା;
ଚଷା-ମୂଲ୍‌ କିହ୍ନସା ରେ,
ଗର୍ଭାଜ ଅଧିମ ମଦ ନିଶାରେ ନନକୁ ନ ରଖା !

---

* ଏହାର ପ୍ରତ୍ୟେକ ପଦରେ ଛଅଗୋଟି ପାଦ ଥାଏ । ପ୍ରଥମ ପାଦରେ ୫, ଦ୍ୱିତୀୟ ଓ ତୃତୀୟରେ ୯ ଲେଖାଏଁ, ଚତୁର୍ଥ ପାଦରେ ୧୭, ପଞ୍ଚମ ପାଦରେ ୭ ଓ ଷଷ୍ଠ ପାଦରେ ଚତୁର୍ଥପାଦ ପରି ୧୭ଟି ଅକ୍ଷର ଥାଏ । ମାତ୍ରାଗତ ବିଭାଗ—ପ୍ରଥମ = ୫; ୨ୟ ଓ ୩ୟ = ୮+୭; ଚତୁର୍ଥ = ୧୧+୭; ପଞ୍ଚମ = ୭; ଷଷ୍ଠପାଦ ଚତୁର୍ଥ ପାଦର ଅନୁରୂପ; ଷଷ୍ଠପାଦ ଉତ୍ତରରୁ ପୁନରପି ପଞ୍ଚମ ପାଦର ଆବୃତ୍ତି ହୁଏ ।

ଚଷାଭାଇ ଚିହ୍ନ,
ପର କଳ ବଳେ ଘାଣ୍ଟି ପରଲୋକେ ଘର,
ପାଣିରେ ଯେ ଗୁଡ଼ି ହୋଇ ଥିଲେହେଁ ବାପର,
(୧) ଉଷୁଁଡ଼ା ବାହାରିଲେ ଉର କି' ରତନ ମୁଷିକର;
ଚଷା-ମୂଲ୍ କହୁଛି ରେ,
ପରଧନ ଘାଣ୍ଟି ଆଜି ନ ଗୁଣ ଦେଉଛୋଡ଼ଦଶା !

ଚଷାଭାଇ ଚିହ୍ନ,
ଉଚ୍ଚ ଯେ ସେ' ଉଚ୍ଚ କାମ କରେ ଦେଶ ପାଇଁ,
ଉଚ୍ଚ କୁଳ ନେଇ କେହି ଉଚ୍ଚ ହୋଇନାହିଁ,
ଉପରକୁ ଉଠ ନିଜ କାମରେ ଉନତା ଦେଖାଇ;
ଚଷା-ମୂଲ୍ କହୁଛି ରେ,
(୨) ଉଖୁଣ୍ଟ କଥାରେ ଉଚ୍ଚ ହେବାକୁ ନ'କର ଭରସା !

ଚଷାଭାଇ ଚିହ୍ନ,
ଗୁଣକରିଆ କଳଙ୍କିଆ ଖୁ' ଦୂର ଚଞ୍ଚଳ,
(୩) ଗୃହୀର ବାଣିଜଶାଳ-ଲୁନ୍-ମିରଚ-ଉଲ,
(୪) ତଟଣୀ-ତପଲ ମୁରୁଝ ନଜୁଦା କଟମନ-ଚାଉଳ;
ଚଷା-ମୂଲ୍ କହୁଛି ରେ,
(୫) ତୁଣ୍ଡା ଉଷୁଣା ତୋରପ ସବୁଠୁଁ ଅଧିକ ପରସା !

ଚଷାଭାଇ ଚିହ୍ନ,
ଛୁଆଁ ଛୁଇଁରେ ନମିଳେ ସରଗ ନରକ,
*ଭ୍ରାତୃ ଜାତିଭେଦ ଭବ ଏକତାକୁ ଭଗ,

(୧) ଉଷୁଁଡ଼ା—(ସମ୍ବଲପୁରୀ ଶବ୍ଦ) ଏହାର ଶୁଦ୍ଧ ଶବ୍ଦ 'ଝଳବଣା', 'ଗର୍ଭଗାଡ଼'; ସେଥିରେ ମୂଷାଛୁଆଗୁଡ଼ିକ ରହନ୍ତି । (୨) ଉଖୁଣ୍ଟ କଥା—ବେଲ୍ଲାଗୁଣତା, ଅର୍ଥାତ୍ "ମୁଁ ବ୍ରାହ୍ମଣଜାତି", "ମୁଁ ଧନବାନ୍", "ମୁଁ ରଜା", "ମୁଁ ଜମିଦାର" ଏପରି ଭାବନା । ଉଖୁଳ—ଦରସିଝା ତରକାରୀ । (୩) ଲୁନ୍—ଲବଣ । ମିରଚ୍—ଲଙ୍କାମରିଚ । ଉଲ୍—ପିଆଜ । (୪) ତପଲ୍—ବସ୍ତ୍ର, ବରମ । ମୁରୁଝ—ଭୁଜା । କଟମନ—ତରଳ ଗୁଡ଼ । (୫) ପରସା—ଉପଯୋଗୀ । ଉକ୍ତ ଶବ୍ଦଗୁଡ଼ିକ ସମ୍ବଲପୁରୀ ଭାଷାନ୍ତର୍ଗତ ।
* ଭ୍ରାତୃଭାବ—ଏକତା । ଜାତି—(ଜନ୍+ତି) ଜନ୍ମଗତ ଶ୍ରେଣୀ ଅଥଚ ଯେ ଯେଉଁ

ଝୁଣ୍ଟି ଝରୁଝୁରା ଝୁଣ୍ଟି କରିଲ ତ ଝଳଦ ଅଙ୍କ;
ଚଷା-ମୂଲ୍ କହସା ରେ,
ଝଡ଼ାଝଡ଼ି ହେଲେ ଲୁହା ଝିଙ୍କୁଳି ଝୁଡ଼ାଇବ ଶଣା !

ଚଷାଭାଇ ରେ,
ଜମିକରେ ଦାଗି ତୋର ତୁ ହିଁ ଜମିଦାର,
ଜାଣି ପ୍ରଜା-ସ୍ୱତ୍ୱ, ରାଜା ଶୁକର ତଜାର,
ଜୀବନରକ୍ଷକ ତୁ ତ ରସାର ଚଷା ମହୋଦାର;
ଚଷା-ମୂଲ୍ କହସା ରେ,
ଜଙ୍ଗଲ ଜନ୍ତୁର ସଙ୍ଗେ ସମାନ ନ କର ତୋ ଦଶା !

ଚଷାଭାଇ ହେ,
(୬) ଝସ୍ ପରାଏ ଝୁର୍ଣ୍ଣ ଜୀବନ ଖେତରେ,
ଝଟତି ଉଠାଅ ତାକୁ ହେବିଲ୍ ମାତରେ,
ଝଙ୍ଝଟ-ଝଟିକା କାଟି ନରଖ ନିଜ ଚରିତରେ;
ଚଷା-ମୂଲ୍ କହସା ରେ,
ଝଡ଼ିଯାଏ ମନୁଷ୍ୟର ମହତ୍ତ୍ୱ ଘୁରି ଜୁଆ ପଶା !

ଚଷାଭାଇ ହେ,
ଝଗଡ଼ା ଭୁଲିଯାଅ କଳ-କାଟେଲି,
(୭) ଝଜ ଜାତକାମ କରମ ଦେଉଛନ୍ତି ଶାସନ,
(୮) ଝଲଜ ପରାଏ ଝରେ ଝୋଳରୁ ଝୁକରି-ଝୁକସ୍ୱୀ;
ଚଷା-ମୂଲ୍ କହସା ରେ,
ଝଡ଼ାଝି ଅଟନ ହୋଇ ପଡ଼ିଲେ ତୋହର ଝିବଜନା !

---

ଜନ୍ମ ନେଇଛନ୍ତି, ସେ ସେହି ଜାତିର ପ୍ରାଣୀ: ଯଥା—ମନୁଷ୍ୟଜନ୍ମରୁ ମନୁଷ୍ୟଜାତ, ମାଙ୍କଡ଼ଜନ୍ମରୁ ମାଙ୍କଡ଼ଜାତ । ଏହିପରି ଘୋଡ଼ାଜାତ, କୁଁଆଜାତ, କୁକୁରଜାତ ଇତ୍ୟାଦି । (୬) ଝସ୍—ବାଲୁଙ୍ଗା (ସମ୍ବଲପୁରୀ ଶବ୍ଦ) । (୭) ଜାତକାମ—ସୂତାକାଟିବା, କୁଣାସିଲେଇ-ପଣା ତିଆରି କରିବା, ଲଙ୍ଗଳ ବନାଇବା, ଇତ୍ୟାଦି । (୮) ଝୁକରୁ-ଝୁକସ୍ୱୀ—ଝୁକରମାନଙ୍କ ସେବାକାର୍ଯ୍ୟ ।

ଦେଖାଉଛ ଦେଖ,
ଟାଲି-ପାହାଡ଼-ଜଙ୍ଗଲ-ନଦୀ-ସରୋବର,
(୯) ଟଙ୍କ-ଆକର ଏ ସବୁ ଭଗବାନଙ୍କର,
ଟଙ୍କା ନ ଲଗାଇ ଏଥି ଟଙ୍କବକା ଚଳାଅ ଏଥର;
ଦେଶ-ମୂଲ୍ କହସା ରେ,
(୧୦) ଟେକି ନେଇ ନ ଖାଇଲେ ତେ ଦେବ ଧରାଇ ଟରସା।

ଦେଖାଉଛ ଦେଖ,
ଠିଆ ହୁଅ ନିଜ ଗୋଡ଼େ ଛାଡ଼ିବାକୁ ଠାକୁର,
ଠକ ଶଠ ବ୍ୟକ୍ତିଙ୍କରେ ହୁଅନା କୁକୁର,
(୧୧) ଠାସୁଆ ଠାଣି ନ ରଖି ଚଳାଅ ଚରଖି ଠାକୁର;
ଦେଶ-ମୂଲ୍ କହସା ରେ,
(୧୨)ଠବ୍ଠର ସୁର ନାହିଁ କାନରେ ନେଇ ଯାଉ ଘଣା !

ଦେଖାଉଛ ଦେଖ,
ଡାକି କହୁଛନ୍ତି ତୋତେ ଦେଶର ଭକତ,
(୧୩) ଡାଆଣୀ ବଣାଇ ଦେଲଣି ପରଜା ରକତ,
ଡରନା' ତୁ' ମର ପଛେ କର ତୋ' ସାରଥି ବ୍ୟକତ;
ଦେଶ-ମୂଲ୍ କହସା ରେ,
ଡଙ୍ଗାଧର ପରାଧୀନ-ଭବରେ ପଡ଼ିଣ ନ ଭସା !

ଦେଖାଉଛ ଦେଖ,
ଢୁଲାଇବା ବେଳ ନାହିଁ ଢୁଲାଇ ବାଜଣା,
(୧୪) ଢାଇଁ ଢାଇଁ ବାଜିଲଣି ମୁଣ୍ଡେ ବାଜ ଠଣା,
ଢନଣା ହେବୁ କାହିଁକି ବଧୁ ତୁ' ଅଭିଯୋଗ ଘଣା;

(୯) ଟଙ୍କ—ପର୍ବତର ଉନ୍ନତ ଦେଶ। ଆକର—ଖଣି। (୧୦) ଟରସା—ସ୍ୱତନ୍ତ୍ରା (ସମ୍ପୂର୍ଣ୍ଣ ଜଳ)। (୧୧) ଠାସୁଆ—ଅଳସୁଆ, ଠକ। ଠାଣି—ଚେହେରା। (୧୨) ଠବ୍ଠର—ପରସ୍ପର ସାଙ୍କେତିକ ଆଦେଶ। (୧୩) ଡାଆଣୀ—କୁଟ ରକ୍ତପାତ (ଲକ୍ଷ୍ୟାର୍ଥ)। (୧୪) ଠଣା—ବଜ୍ରାଘାତ ଦ୍ୱାରା ମସ୍ତକ ଉପରେ ଆଘାତବିଶେଷ।

ଚଷା-ମୂଲ୍ କହ୍ନପା ତେଇ,
(୧୫) ଢାଲ ଧରି ଠିଆ ହୁଅ ନ ବାଜୁ ଅଭାବର କଶା !

ଚଷାଭାଇ ହେ,
ଅନ୍ତଃସେବା ଅତୁଳ ଧରମ ହୃଦର,
ଅଜଣା କରଜ ତହିଁ ହୋଇଥାଏ ଦୂର,
(୧୬) ଅଛନ୍ତି ଲୁହନ୍ତ ଭଣ୍ଡ-ଭକାଣ୍ଡ ଅଳସ-ଅସୁର;
ଚଷା-ମୂଲ୍ କହ୍ନପା ତେଇ
(୧୭) ଅବଗଣା ପରି ଅନ୍ତବାହ୍ୟେ ବିବେକ ନ ନଶା !

ଚଷାଭାଇ ହେ,
ତୋଠାରେ ପୋଷିବାକୁ ଗୋରୁମାଈର ଜନମ,
ତାହାର ସେବା ତୋହର ପରମ ଧରମ,
(୧୮) ଭରିବୁ ତା ଡୋରେ ବଇତରଣୀ ନ ଦଣ୍ଡିବ ଯମ;
ଚଷା-ମୂଲ୍ କହ୍ନପା ତେ,
ତା' ଲାଗି ଧରିଛି ତୋତେ ଧରଣୀ ତା' ଲାଗି ଦରଷା !

ଚଷାଭାଇ ହେ,
ଥିର କର ଜଗତକୁ ଦେଉଛୁ ତୁ ଦାନା,
ଶୁଆ ହୋଇଅଛୁ ସୃଷ୍ଟି ତୋହଲାଗି ତାନା,
ଶାକୀଶାଳି ଚୂନା-ଚୂନା ଆବର ଛିଡ଼କାର ଆନା;
ଚଷା-ମୂଲ୍ କହ୍ନପା ତେ,
(୧୯) ଥୁର-କ୍ଷୀର-ନିଠା-ଖଣ୍ଡା-ଲୁଣିଆଁ-କଣ୍ଟ-ପିଠା-କଷା !

ଚଷାଭାଇ ହେ,
ଦୟା କିଁ ତୁହର ଦୟାମୟ ଭଗବାନ,
ଦୟାଭୂଷଣ କର ହୋଏ ଦେବତା ସମାନ,
ଦୟାହୀନ ମାନବଟି ଅସୁର, ପଶୁର ସମାନ;
ଚଷା-ମୂଲ୍ କହ୍ନପା ତେ,
ଦଶ ଉପକାରେ ଦେଶ-କାମରେ ଦୟାକୁ ଦରଶା !

(୧୫) ଢାଲ—ସନ୍ନୁଦ୍ୟମ; ବିବେକାନୁମୋଦିତ କାର୍ଯ୍ୟ (ଲକ୍ଷ୍ୟାର୍ଥ) । (୧୬) ଅସୁର—ମୂର୍ଖ, ପାଷଣ୍ଡ । (୧୭) ଅବଗଣା—ଗୀତା । (୧୮) ବୈତରଣୀ—କଳ୍ପିତ ପ୍ରେତନଦୀ ।
(୧୯) ଥୁର—ତୋରାଣି (ସମ୍ବଲପୁରୀ ଶବ୍ଦ) ।

ତପସ୍ୱୀର ଦେଶ,
ଧର୍ମଭିତ୍ତ କର୍ମେ ଥିବା ଉଚିତ ଯେମନ୍ତ,
ଧଇରଯ ମାନବର ହୃଦେ ଯେହ୍ନପରି,
ଧ୍ୱଜା ଉଡ଼ାଉଛି ଦେଖ ଗାନ୍ଧିର ଧୀରଭାବ ଧରି;
ତପୋ-ମୁଲ୍‌କ ଦହସା ରେ,
(୨୦)ଧରିଛି "ସରବସହା" ନାମକୁ ଯେଥିପାଇଁ ରସା !

ତପସ୍ୱୀର ଦେଶ,
ନବାବୀ-ଆଡ଼ମ୍ବରର ବିଳାସ ବ୍ୟସନ,
ନୂଆ ଢଙ୍ଗ ବେଶଭୂଷା, ନକଲି ଫେସନ,
କୋଟୁ ଯଉଛି ବାବୁଗିରି ଢଙ୍ଗରେ ଧାଉନାହିଁ ମନ;
ତପୋ-ମୁଲ୍‌କ ଦହସା ରେ,
ନଗର ଛାଡ଼ିଲେ ଲାଜ ମାଡ଼ୁଛି ଗ୍ରାମ୍ୟ ବେଶ ତାମସା !

ତପସ୍ୱୀର ଦେଶ,
ଚାଉଅଛୁ ଉପକାର ଯେଉଁ ସ୍ଥାନ ପାଇ,
ପରସ୍ପର ଜଗ ତାହା ନିଜ ଆଗେ ଥାଇ,
ପରାଣ ପ୍ରବାହେ ନୁହ କୁଣ୍ଠିତ ପରହିତ ପାଇଁ;
ତପୋ-ମୁଲ୍‌କ ଦହସା ରେ,
ପର କାଳରେ ଦେଖିଛି ତୋହର ପରାଣରେ ବସା !

ତପସ୍ୱୀର ଦେଶ,
ଫଳ ଆଶା ତେଜି କର କରମ ସାଧନ,
ଫିଟିବ ସେ ଫଳେ ସବେ ଜଞ୍ଜାଳ-ବନ୍ଧନ,
ଫାନ୍ଦରୁ ଫିଟିଲେ ତୋର ଆନନ୍ଦ ହେବ ବରଧନ;
ତପୋ-ମୁଲ୍‌କ ଦହସା ରେ,
ଫଳକାମୀର ସାଧନା ସ୍ୱକର୍ମୀ-ତାମସୀ-ତପସ୍ୟା !

(୨୦) ସର୍ବସହା—ପୃଥିବୀ (ସର୍ବଂସହା ଶବ୍ଦର ରୂପାନ୍ତର) ।

ଚଷାଭାଇ ହେ,
ବଣିକ୍‌ରୁ ଉନ୍ନତ ପ୍ରାଣେ ହେଲୁ ତୁ ସ୍ୱାଧୀନ,
ବିବେକ-ଜ୍ଞାନ ଅଛି ତ ତୋର ଧନହୀନ,
ସମସ୍ତଙ୍କ ପ୍ରଜା ତୁ କର ପାଳନ ସମସ୍ତଙ୍କ ଆଇନ;
ଚଷା-ମୂଲ୍-କହ୍ନସା ହେ,
ବିଶ୍ୱାସ ରଖ ତୋ ହାତେ ଘୁଞ୍ଚିବ ଦେଶର ଦୁର୍ଦ୍ଦଶା

ଚଷାଭାଇ ହେ,
ଭଲ ମନ୍ଦ ଦୁଇ ବାଟ ଶିଖାଏ ସୁଜନ,
ଭଲ ବାଟେ ଯାଏ ଯାର ଥାଏ ଭଲ ଜ୍ଞାନ,
ଭୁଲି ହେବ ନାହିଁ ବୋଲି ଏ କଥା ଶାସ୍ତ୍ରର ଭାଷା;
ଚଷା-ମୂଲ୍-କହ୍ନସା ହେ,
ଭଜିବା ଉଚିତ ତୋର ପୂର୍ବ-ପୁରୁଷ-ଧରଣା !

ଚଷାଭାଇ ହେ,
ମନୋଲ୍ଲାସ ପୂର୍ଣ୍ଣ ସତ୍ୟ-ମନ୍ତ୍ରର ବଚନେ,
ମୁହିଁ କଥା ବୁଝି ଦେଖ ବିଜ୍ଞଙ୍କ ଲୋଚନେ,
ମନ ବଚନ କର୍ମର ଏକତା ରଖ ପ୍ରସନ୍ନେ;
ଚଷା-ମୂଲ୍-କହ୍ନସା ହେ,
ମାନବ ପ୍ରାଣେ ଦେବତ୍ୱ ଦେଖାଇ ଦେବତାଙ୍କୁ ହସା !

ଚଷାଭାଇ ହେ,
ଯେଉଁ ମହାତ୍ମାଙ୍କର ଅହିଂସା-ସମର,
ଚଳାଇଣା ଅନ୍ତରଳ ଅନାସକ୍ତି-ସମର,
ଯାହାଙ୍କର କର୍ମଯୁଗ କରୁଛି ମରକୁ ଅମର;
ଚଷା-ମୂଲ୍-କହ୍ନସା ହେ,
ଯତନେ ନକଲ କର ତାଙ୍କର କାମର ନକସା !

ଚଷାଭାଇ ହେ,
ରହିଁହାରେ କର ଦେଶ-ଶିଳ୍ପ ବର୍ଦ୍ଧନ,
ରଖ ଏ ଭରସା ତୋର ଶିଳ୍ପ ବର୍ଦ୍ଧନ,

ଉଦ୍ଧାର ଜୀବ-ଜୀବନ ତଷା ତୁ ଶିଖ୍ବର ଧନ;
ତଷା-ମୂଳ୍‌ କହଣା ରେ,
ନେଏଁ ନେଏଁ ଶୁଣେ ତୋର ଅମୃତ-ଧାରାକୁ ବରଷା !

ତୋଷାଳି ଦେଶ,
ଲୁଗାବୁଣା ଲାଗି ଆଣୁ ତନ୍ତୀଙ୍କ ନଗର,
*କଳିଙ୍ଗ ଧନୁ ଭଟ୍ଟାଙ୍କ ବ୍ରାହ୍ମଣ ତୋହର
ଲୁହାକାମ ଶିଖୁ ମଥା ତୋ ଖଇ ସୁନାଙ୍କ ଏଥର;
ତଷା-ମୂଳ୍‌ କହଣା ରେ,
ଲଉ ଆଉ ନାହିଁ ଦେଶେ ଲଗାଇ ଥିଁଭଲ ନ'ମଷା !

ତୋଷାଳି ଦେଶ,
ବିଦେଶର ଯେ ଜନତା ମନ୍ତ୍ର ଉପକାରୀ,
ବେକାର ନରେ ଯେ ସବୁ ତୁ ନିଜେ ତିଆରି,
ଭୁଷ୍ଟ, ପରନିର୍ଭରତା ଆଳସ୍ୟ ଆପଣା ଉଚାରି;
ତଷା-ମୂଳ୍‌ କହଣା ରେ,
ବଜିଛି ନସାଇ ତୋର ସ୍ୱାଧୀନ ଜୀବନର ଦଶା !

ତୋଷାଳି ଦେଶ,
ଶୁଣେ ଡାକୁଛି ଉମାଦନ ମୁରଲୀର ଧ୍ୱନି,
ଚାଷ୍ଟୁ ଲଦେଇ ହାତ ଦେଉ ଘରେ କୋଠ-ଶାସ୍ତ୍ରନ,
ଶୋଇଲ୍‌ ଶୁଅର ଭଗ ନଥାଏ, ଉଦ୍ୟ ଏ ବଚନ;
ତଷା-ମୂଳ୍‌ କହଣା ରେ
(୬୧) ଥିଙ୍ଗ ତ ବେ ଧରିବ ଜଏ ଖାଇବ ତୋଲଣ୍ଟ ଖିରଷା !

ତୋଷାଳି ଦେଶ,
ଖଣ୍ଡିରୁ ନଷ୍ଟ କର ଘରଙ୍କ ଭିତରୁ,
ଭଡ଼ ଅଲସୁଆଁ ଉଠୁଣିବ ଘରତନ୍ତୁ,
ଉଡ଼ଦେଶୀୟର ଶୁଦ୍ଧ ମନ୍ତ୍ରର ଯାହା ଅଛି ସନ୍ତୁ;

* ଭଟ୍ଟାଙ୍କ—ବେଦାନଭିଜ୍ଞ ବ୍ରାହ୍ମଣ । (୬୧) ଖିରଷା—ଛେନା (ସମ୍ବଲପୁର ଗଡ଼, ଝାଁରସାର ଅଞ୍ଚଳ) ।

ତପୋ-ମୂଲ୍‌ କିନ୍ସା ହେ,
ଶକ୍ତି ବଢ଼ାଇ ଭଗ୍ନଗାତ-ଦନ୍ତନ ଅସ୍ତ୍ର ଶସ୍ତ୍ର ଶେଷ !

ତଥାଗତ ହେ,
ସତ୍ୟ-ଅହିଂସା ପ୍ରେମ ଅହିଂସା ଏକତା,
ସହିଷ୍ଣୁତା ସ୍ୱାଧୀନତା ନ୍ୟାୟ ଧର୍ମ କର୍ତା,
(୨୨)ସମଦରଶିତା ତ୍ୟାଗ ସେବାଦ ଆତ୍ମନିର୍ଭରତା;
ତପୋ-ମୂଲ୍‌ କିନ୍ସା ହେ,
ସାତ୍ତ୍ୱିକ ଶିକ୍ଷାରେ ଶାନ୍ତି ଏବେ 'ସ୍ୱରାଜ୍ୟ' ଦେବା ବଧା !

ନଥାପ୍ରଭୁ ହେ,
ଦେଖିଯାଅ ତମ ଦେଶ-ଦୁର୍ଦଶା-ନଗର,
ଅଣି-କର ଧରି କରୁ କର ଉଦ୍ଧାର,
ବିଜୟ ଅନିନ୍ଦିତ ପୁଣ୍ୟ ଅଗଣିକେ ଭାରତ ହୃଦାର;
ତପୋ-ମୂଲ୍‌ କିନ୍ସା ହେ,
ସ୍ୱାଂତ୍ରିକ ବନ୍ଧନ ନଗରବାସୀଙ୍କ ଉଦ୍ଧାରନ୍ତୁ ଦଂଶ !

ତଥାଗତ ହେ,
ତମ ଚରଣରେ ଚାରିଧ କର ନିବେଦନ,
ଶିଘ୍ର ଖଣ୍ଡିଯାଉ ପ୍ରଜା ପ୍ରାଣର ବନ୍ଧନ,
ହିତ ଶାନ୍ତ ହେଉ ଦେଶ ସ୍ୱାଧୀନ-ସୁଖ-ଶାନ୍ତି-ଧନ;
ତପୋ-ମୂଲ୍‌ କିନ୍ସା ହେ,
ଉତ୍କଳଜନ୍ମା ମହାତ୍ମାଙ୍କ ତପସ୍ୟା ସଫଳ ସାଧନା !

(୨୨) ସମଦର୍ଶିତା—"ସର୍ବଭୂତେଷୁ ଚାତ୍ମାନଂ ସର୍ବଭୂତାନି ଚାତ୍ମନି,
ସମଂ ପଶ୍ୟନ୍ନାତ୍ମଯାଜୀ ସ୍ୱାରାଜ୍ୟମଧିଗଚ୍ଛତି ।"—ମନୁ ।

ଯେ ସର୍ବଭୂତରେ ଆତ୍ମାକୁ ଏବଂ ଆତ୍ମାରେ ସର୍ବଭୂତଙ୍କୁ ଅର୍ଥାତ୍ ସମସ୍ତ ପ୍ରାଣୀଙ୍କ ସମାନଭାବରେ ଦେଖେ, ତାକୁ ଆତ୍ମଯାଜୀ କୁହାଯାଏ । ଆତ୍ମଯାଜୀ ଅର୍ଥାତ୍ ଆତ୍ମ ଉଦ୍ଧାରକାରୀ ବ୍ୟକ୍ତି କେବଳ ସ୍ୱରାଜ୍ୟ ବା ମୁକ୍ତିଲାଭ କରିପାରେ ।

# ନୃସିଂହନାଥ

# ଭୂମିକା

ବହୁବର୍ଷତଳେ ନୃସିଂହ ଚତୁର୍ଦ୍ଦଶୀ (ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ) ମେଳା ଦେଖିବା ଉଦ୍ଦେଶ୍ୟରେ ଏଇ 'ନୃସିଂହନାଥ' ରମ୍ୟସ୍ଥଳୀଟିର ଦର୍ଶନ ଲାଭ ସୌଭାଗ୍ୟ ସ୍ୱରୂପ ମୋର କୈଶୋର କାଳରେ ଅନ୍ତତଃ ଚଉଦ ବର୍ଷ ବୟସରେ ଥରେ ଘଟିଥିଲା । ଏବେ ମୋର ପ୍ରାଣାଧିକ ପ୍ରିୟ ପ୍ରତିଷ୍ଠାପୂଜକ କନିଷ୍ଠ ସରଳ-ହୃଦୟୀ ଶ୍ରୀମାନ୍ ବାବୁ କୁଞ୍ଜକିଶୋର ପାଣିଗ୍ରାହୀ (ପାଇକମାଲ ଥାନାନ୍ତର୍ଗତ ପଲସଡା ଗ୍ରାମର ଜଣେକ ସୁଶୀଳ ଯୁବକ, ଭଞ୍ଜ-ବୋଡ଼ାସମ୍ବର ଉଚ୍ଚ ଇଂରାଜୀ ବିଦ୍ୟାଳୟର ଏକାଦଶ ଶ୍ରେଣୀ ଛାତ୍ର)ଙ୍କ ସହିତ ସାହଚର୍ଯ୍ୟରେ ଓ ଉକ୍ତ ଥାନାନ୍ତଃପାତୀ ମାନଭଙ୍ଗ ଗ୍ରାମର ମୋହନସିଂହ ନାମକ ଜଣେ ବନଜାତୀୟ ପାର୍ବତ୍ୟ ପଥପ୍ରଦର୍ଶକ ବ୍ୟକ୍ତିଙ୍କ ସହିତ ଅନୁକୂଳରେ ଶଂସିତ ପୁଣ୍ୟସ୍ଥଳୀର ମନୋମୁଗ୍ଧକର ରୁଦ୍ରକାନ୍ତ ପ୍ରାକୃତିକ ଦୃଶ୍ୟାବଳୀ ସନ୍ଦର୍ଶନ କଲି ।

ଉପତ୍ୟକାକୁ ବର୍ଣ୍ଣିତ ପୁଣ୍ୟପୀଠକୁ କେତେକ ପୌରାଣିକ ଗ୍ରନ୍ଥ 'ପାପହରଣ ତୀର୍ଥ' ଆଖ୍ୟା ପ୍ରଦାନ କରି ଯାଇଅଛନ୍ତି । ସେହେତୁ ଏହାର ପାପନାଶିନୀ-ଚିତ୍ତନନ୍ଦିନୀର ପବିତ୍ର ଶାନ୍ତିପ୍ରଦ ଧାରାରେ ପିତୃକୁଳର ସଦ୍‌ଗତି ଲାଭ ବିଶ୍ୱାସରେ ଅନେକ ଯାତ୍ରୀ ସ୍ୱର୍ଗଗତଙ୍କର ଅସ୍ଥି ବିସର୍ଜନ କରିଥାନ୍ତି ଓ ଦୁର୍ଯୋଗଦିବସରେ ତଥା ଚନ୍ଦ୍ରଗ୍ରହଣରେ ସ୍ନାନ ମଗ୍ନ କରିଥାନ୍ତି ।

ସତ୍ୟଂ ତୀର୍ଥଂ ଦୃଢ଼ଂ ତୀର୍ଥଂ ତୀର୍ଥମିନ୍ଦ୍ରିୟନିଗ୍ରହଃ<br>
ସର୍ବଭୂତ ଦୟାତୀର୍ଥଂ ତୀର୍ଥମାର୍ଜବମେବ ଚ ।<br>
ବ୍ରହ୍ମଚର୍ଯ୍ୟପରଂ ତୀର୍ଥଂ ଜ୍ଞାନମନ୍ତୀର୍ଥମୁଚ୍ୟତେ<br>
ଯଃ ସ୍ନାତି ମାନସେ ତୀର୍ଥେ ସ ଯାତି ପରମାଂ ଗତିମ୍ ॥

"ଜନାଃ ଯେନ ତରନ୍ତି ତାନି ତୀର୍ଥାନି ।" ଲୋକେ ଯେଉଁଥିରେ ବା ଯାହାଦ୍ୱାରା ପାପ-ସ୍ରୋତକୁ ତରିଥାନ୍ତି ତାହାହିଁ ତୀର୍ଥ । ବ୍ୟାକରଣିକ ପ୍ରମାଣାନୁଯାୟୀ—ତୃ + ଥ = 'ତୀର୍ଥ' । ଅର୍ଥାତ୍ ପାପରୁ ମୁକ୍ତି ପାଇବା ନିମନ୍ତେ ଲୋକେ ଯାହାର ଆଶ୍ରୟ ନିଅନ୍ତି ବା ଯେଉଁ ସ୍ଥାନକୁ ଗମନ କରନ୍ତି ତାହା ତୀର୍ଥପଦବାଚ୍ୟ । ଏଇ ଆଧ୍ୟାତ୍ମିକ ଦୃଷ୍ଟିରେ ଦେଖିବାକୁ ଗଲେ ନୃସିଂହନାଥତୀର୍ଥରେ ତୀର୍ଥର ପ୍ରକୃତ ମାହାତ୍ମ୍ୟ ତଥା 'ତୀର୍ଥ' ଆଖ୍ୟାର ଯଥାର୍ଥତା କେତେଦୂର ବିଦ୍ୟମାନ, ତାହା ଚିନ୍ତାଶୀଳ ତୀର୍ଥଯାତ୍ରୀଗଣଙ୍କ ବିବେଚ୍ୟ ।

ଆଲୋଚ୍ୟ ବିଷୟରେ ତଥା ନୃସିଂହନାଥର 'ପ୍ରାକୃତିକ ଚିତ୍ର' ଚିତ୍ରଣ ସମ୍ପର୍କରେ ମାନସିକ ଶାନ୍ତିପ୍ରଦ ଅବକାଶର ସୁଯୋଗ ଦେଖି 'ତୀର୍ଥ-ଦର୍ଶନ' ନାମକ କାବ୍ୟଟିଏ ଲେଖିବି ବୋଲି ଆଶାନ୍ୱିତ ହୃଦୟରେ ସଙ୍କଳ୍ପ କରି ପୋଷଣ କରୁଅଛି—ଏ ସ୍ଥଳରେ ଏହା ପ୍ରକାଶ କରିବାଦ୍ୱାରା ଅପ୍ରାସଙ୍ଗିକତା ଯଦ୍ୟପି ତ୍ରୁଟି ପଡ଼ିଥାଏ, ତେବେ ସହୃଦୟ ପାଠକପାଠିକାଗଣ ମୋର ପ୍ରଗଲ୍ଭତା ତଥା ନିଷ୍ପ୍ରୟୋଜନୀୟତାଜନିତ ତ୍ରୁଟି ମାର୍ଜନା କରିବା ହେବେ । ଇତି ।

ନୃସିଂହନାଥ ମନ୍ଦିର<br>
୭-୫-୫୩ ଇଂ

ଶ୍ରୀ ଖଗେଶ୍ୱର ସେଠ

# ଦ୍ୱିତୀୟ ସଂସ୍କରଣର ଭୂମିକା

ନୃସିଂହ ଚତୁର୍ଦ୍ଦଶୀ ମେଳା ସମୟରେ ଏହି ନୃସିଂହନାଥ ତୀର୍ଥଦର୍ଶନ ଓ ବିଶ୍ୱ-ବଜାରର ବୈଷୟିକ ଦ୍ରବ୍ୟ ପ୍ରଦର୍ଶନ ଉଦ୍ଦେଶ୍ୟରେ ଫୁଲଝର, ରାୟଗଡ଼, ସାରଙ୍ଗଗଡ଼, ଛତିଶଗଡ଼, ବାମଣ୍ଡା, ବୌଦ୍ଧ, ସୋନପୁର, ପାଟଣା, କଳାହାଣ୍ଡି ପ୍ରଭୃତି ଅନେକ ଅଞ୍ଚଳରୁ ସହସ୍ର ସହସ୍ର ଯାତ୍ରୀ ଆସି ସମବେତ ହୋଇଥାନ୍ତି । ସେ ସଙ୍ଗେ ଅନେକ ସାଧୁ ସନ୍ଥ ଗୁଣୀ ଧାର୍ମିକ ତଥା ଜନ ପଣ୍ଡିତଙ୍କର ମଧ୍ୟ ଶୁଭାଗମନ ଘଟିଥାଏ ।

ସତ୍ୟ-ଶିବ-ସୁନ୍ଦର-ରୂପୀ ସଚ୍ଚିଦାନନ୍ଦଙ୍କର ପାପସନ୍ତାପହାରୀ ଚିର ସତ୍ୟାମୃତର ଚିରନ୍ତନଧାରା, ବିଶ୍ୱସ୍ରଷ୍ଟାଙ୍କ ଜନକଲ୍ୟାଣପ୍ରଦ ପ୍ରାକୃତିକ ବୈଭବର ଅଖଣ୍ଡ ଆନନ୍ଦାମୃତ-ଧାରା, ମନୋପ୍ରାଣନେତ୍ରରଞ୍ଜନକାରୀ ସ୍ୱର୍ଗୀୟ ସୌନ୍ଦର୍ଯ୍ୟର ପବିତ୍ର ସୌରଭାମୃତଧାରା, ନିର୍ଝରଜଳ-ଫଳ-ସ୍ୱାସ୍ଥ୍ୟପ୍ରଦ ମଧୁମୟ ଫଳ ଓ ସୁଶୀତଳ ସମୀରଣ ରୂପରେ ଏହି ପୁଣ୍ୟସ୍ଥଳୀରେ ଅବିରାମ ଗତିରେ ଯେପରି ପ୍ରବାହିତ—ତାହା ସୁଚିନ୍ତା-ଦୃଷ୍ଟିରେ ଅବଲୋକନ କଲେ ଯେ ପ୍ରକୃତ ଜ୍ଞାନୀ, ପ୍ରକୃତ କର୍ମୀ, ପ୍ରକୃତ ଭକ୍ତ, ସେ ନିଶ୍ଚୟ କହିବେ ଯେ ବିଶ୍ୱବ୍ୟାପୀ ବିଶ୍ୱପତିଙ୍କର ଦେଦୀପ୍ୟମାନ ଦର୍ଶନୀୟ ରୂପ ଓ ଚିନ୍ତନୀୟ ରୂପ ଏହିଭଳି ତୀର୍ଥମାନଙ୍କରେ ହିଁ ଚିରବିଦ୍ୟମାନ ! ଆଗତ-ଅନାଗତ ତୀର୍ଥଦର୍ଶୀମାନଙ୍କୁ ଏହା ଜଣାଇଦେବା ଉଦ୍ଦେଶ୍ୟରେ ଏହି 'ନୃସିଂହନାଥ' କ୍ଷୁଦ୍ର ପୁସ୍ତିକାଟି ଲିଖିତ ।

ଅତି ଅଳ୍ପଦିନ ମଧ୍ୟରେ ଉକ୍ତ ପୁସ୍ତକର ପ୍ରଥମ ସଂସ୍କରଣର ସମସ୍ତ ନିଃଶେଷ ହୋଇଯିବାରୁ ତାର ଦ୍ୱିତୀୟ ସଂସ୍କରଣର ପ୍ରକାଶ ପାଇଁ ପ୍ରକାଶକ ମହାଶୟ ଏବେ ମୋତେ ସାଗ୍ରହାନୁମତି ମାଗି ଅଛନ୍ତି । ତାର ଲକ୍ଷ୍ୟ ଦିଗରେ ପୁସ୍ତକର ଉପାଦେୟତା କିଭଳି ଓ କେତେଦୂର ଅଛି, ଏଥିରୁ ତାହା ସହଜରେ ଅନୁମେୟ ।

ଏହି ଉପାଦେୟତା ଦୃଷ୍ଟିରୁ ନୃସିଂହନାଥ ବା 'ପାପହରଣ ତୀର୍ଥ'ର ଆହୁରି କେତୋଟି ଜ୍ଞାତବ୍ୟ ଐତିହାସିକ ବିବରଣ ଉକ୍ତ ପୁସ୍ତକରେ ସନ୍ନିବେଶ କରିବାର ଆବଶ୍ୟକ ଥିଲେହେଁ ଏଥର ହୋଇପାରି ନାହିଁ । ଆଶା ହୁଏ, ଏହାର ପରବର୍ତ୍ତୀ ସଂସ୍କରଣରେ ସେ ସବୁ ଯଥାସ୍ଥାନମାନଙ୍କରେ ସନ୍ନିବିଷ୍ଟ ହେବ ।

ଏ ସଂସ୍କରଣରେ କେତେକ ସ୍ଥାନର କେତୋଟି ପଦ ପରିବର୍ତ୍ତିତ ଓ କେତେକ ସ୍ଥାନର ଅଂଶ ତଥା ଶବ୍ଦ ପରିବର୍ତ୍ତିତ ହୋଇଅଛି । ତତ୍ପ୍ରତି ପାଠକପାଠିକାଙ୍କ ଶୁଭଦୃଷ୍ଟି ଆକୃଷ୍ଟ ହେଲେ କୃତାର୍ଥତା ଲାଭ କରିବି । ଇତି ।

ବଲେମୁର-ଭୂଷମାଳ
ତା ୧୧-୧୧-୫୪ ଇ.

ଲେଖକ

# ନୃସିଂହନାଥ

## ବନ୍ଦନା

( ରାଗ—ମଙ୍ଗଳଗୁଜ୍ଜରୀ )

ବନ୍ଦଇ ନୃସିଂହନାଥ, କନ୍ଦର-ବିହାରୀ,
ମନ୍ଦାର ରୂପଧାରୀ ହେ ପାପତାପହାରୀ ।
ବାରଳବାଙ୍କୁ ଜଗତେ ତୁମ୍ଭ କୃପା ପାଇ,
(୧) ଚନ୍ଦ୍ରଭାଗ-ବାପରେ ବସେ ଜହ୍ନୁର କୁମାରୀ ।
(୨) ଅମୃତା ଚନ୍ଦନା ଆଦି ଧାତ୍ରୀ କଣ୍ଟକାରୀ,
ଧାତ୍ରୀରୂପେ ହରୁଅଛନ୍ତି ପାପୀଙ୍କ ବେମାରୀ ।
(୩) 'ବୈଶାଖ-ବଜାରେ' ବସି ଅସଂଖ୍ୟ ବେପାରୀ,
ସ୍ମରନ୍ତି ଚିତ୍ତରେ ତୁମ୍ଭ କରୁଣା-ଭଣ୍ଡାରି ।
ମହିମା-ନଦୀରେ ତବ ତୈଳିତେ ସନ୍ତ୍ରାସ,
ଫୁଲ-ମୁଣ୍ଡେ ବହୁଅନ୍ତି ବକୁଳ ସୁନାରି ।
ପଞ୍ଚନାଗର ଅସି ଶତରଙ୍ଗ-ଭୁଜାଧାରୀ,
ଦେଖା ଶୁଣାଇଥୁ ପାଣି ନୀଳାଦ୍ରି ବାହାରି ।
ପ୍ରସାଦରୂପେ ଯେ ଗଡ଼ାଇ-ଚମକ ତର୍କାରୀ,
(୪) ନାଗରଙ୍ଗାଦି; ଚତୁର୍ଦ୍ଦିଗିତ-ଗୃହକାରୀ ।
ଦରଶନ ନୃଟେ ତବ କୋଟି ନର ନାରୀ,
ଲଭନ୍ତି ଭାଲି ଦେବଅଛନ୍ତି ମୁକ୍ତି ଅଧିକାରୀ ।
ବନ ନିର୍ଝରେ ଶୁଣ-ବନ୍ଧନ ଝଙ୍କାରି,
ଧନ୍ୟ ମଣନ୍ତି ଜୀବନ ପିକ ଶୁକ ଶାରୀ ।
ଏ ମହା ମହିମା ସବୁ ବର୍ଣ୍ଣନ ନପାରି,
ଯୋଡ଼ହାତେ ମୂକ କବି ଶୁକ-ବ୍ରହ୍ମଚାରୀ ।

---

(୧) ଜହ୍ନୁକୁମାରୀ—ଗଙ୍ଗା ।

(୨) ଅମୃତା—ହରିଡ଼ା, ଗୁଡୁଚିଲତା । ଚନ୍ଦ୍ରା—ତୁଳସୀ । ଧାତ୍ରୀ—ଅଁଳା, ଧାଈମାତା । କଣ୍ଟକାରୀ—ଅଙ୍କରାଣ୍ଡି ।

(୩) ନୃସିଂହ ଚତୁର୍ଦ୍ଦଶୀ ମେଳାକୁ ଅନେକେ 'ବୈଶାଖ-ବଜାର' କହନ୍ତି ।

(୪) ନାଗରଙ୍ଗ—ନାରଙ୍ଗ ଫଳ ।

(୧) ଜ୍ଞାନ ଶକ୍ତି ମୋର କାହିଁ ଅଛେ ଇନ୍ଦୁରଣ,
କରୁଣା ଆଶାରେ ଯିବା ମୁଁ ଲେଖନାଧୀଶ |
ହେ ସତ୍ୟ-ଶିବ-ସୁନ୍ଦର, ଭବାବ୍ଧି-କାଣ୍ଡାରି,
ଯେ ମହାମହିମା-ତତ୍ତ୍ୱ ଶକ୍ତି ତନଙ୍କାସ୍ୱି |
ତବ ସେ ମହିମା ଗାଁତେ ଯଦ ଦୁଇ ଧୂରି,
କେତେଁ ଲେଟିଁ ହେବ ଯେସ୍ନେ ଭବସିନ୍ଧୁ ପାରି |
ଏ ଆଶା ହୃଦୟ ବାଧାବନ୍ଧ ମୋ ନିବାରି,
ଶ୍ରୀଚରଣ ତଳେ ପ୍ରଣମେ ଏତିକ ଗୁହାରି |

---

## ଦେବମୂର୍ତ୍ତି-ଦର୍ଶନ

( ରାଗ—ଝିଲ୍ଲୁଣ୍ଡା ବା ସଜ ମଙ୍ଗଳ ମଲ—ବୃତ୍ତ )

ନରସିଂହ ନାଥ ପ୍ରଭୁଙ୍କ ଚରିତ
ଶୁଣ ହେ ଦୁଇ ଭଉଣୀ,
(୨) ଜଟାଗିରି ତଳେ ଥିଲା ଏ ଅଞ୍ଚଳେ
ପୂରୁବେ ଏକ କାଙ୍ଗୁଣୀ ଯେ;
ତା'ର ନାମ ଯମୁନା,
ସତୀ ସାଧବୀ ସୁନ୍ଦରାସୁନା ସେ | ୧ |

ଛନ୍ଦ ମିଛ କଥା କିଛି ନ ଜାଣେ ସେ
ସ୍ୱର୍ଣ୍ଣକାରର ଘରଣୀ,
ପୁଅ ଝିଅ ନେଇ ପଡ଼ୁଥିଲେ କାନ୍ଦି
ନପାରେ ଦାମ ନ ଗଣି ଯେ;
ବନେ ପଶିଇ ଘରିଲା,
ଫଳ ମୂଳ ଖୋଜିବାକୁ ଗଲା ସେ | ୨ |
ଫଳ କିବା ମୂଳ କିଛି ନ ପାଇଲା
ବୁଲି ବୁଲି ଘୋର ବନେ
ପୁଅ ଝିଅ ମୋର କି ଖାଇ ବଞ୍ଚିବେ
ଭାବିଲା ଦୁଃଖିତ ମନେ ଯେ;

(୧) ଇନ୍ଦୁରଣ—ମୂଷିକାସୁରର ଶତ୍ରୁ |
(୨) ଜଟାଗିରି—ଏହାର ଆଧୁନିକ ନାମ 'ଗନ୍ଧଗିରି' |

ଚଢ଼ି ଗଛ ଉପର,
ଶୁର ଆଡ଼କୁ ଦେଲା ନଜର ଯେ । ୩ ।
(୧) ଅଳପ ଦୂରରେ ବେଲଗଛେ ଲମ୍ବ
ଲମ୍ବିଛି ପିଠକନ୍ଦାର,
ଉପରେ ଉଠିବ ଝଣ୍ଟ ଧଇଲା
ଖୋଳିବାକୁ ମୂଳ ତା'ର ଯେ;
ପିଙ୍ଗି ମାଟି ପଥର,
ଥକ ପଡ଼ୁଛି ଥରକୁଥର ଯେ । ୪ ।
ଯେତିକି ଗଭୀର ଖୋଳୁଛି କନ୍ଦାଟି
ସେତିକି ଦେଖଉଛି ବଢ଼େ,
କନ୍ଦୁଷଣ ପରେ ଦେବତାର ଶିରେ
ବାଜିଲା ଝଣ୍ଟ ଚୋଟ ଯେ;
ଦେଖି ରକତଧାର,
ହଂସା ଉଡ଼ିଗଲା ସମୁନାର ଯେ । ୫ ।
କାହୁଁ ଏ ରକତ ଆସିଲା ବୋଲି ସେ
ବସୁରଇ ମନେ ମନେ,
ଏକାବେଳେ ଶୁଭିଲା ଦେବତାର ଡାକ
ମିଆଉଁ-ମିଆଉଁ-ସ୍ୱନେ ଯେ;
"ଆସିଲା ସମୁନା ଏଥି,
ଆଜି ନ ମାରୁ ମୋତେ ରାଣ ତୋତେ ।" । ୬ ।
ଚମକି ପଡ଼ିଲା ସମୁନା, ଉତ୍ତରେ
ଦେହ ଫୁଲିଗଲା ତା'ର,
ଭାବିଲା କି କଲି ଏ ସ୍ଥାନ ତ ବାସ
ଅଟେ କେଉଁ ଦେବତାର ଯେ;
ମତେ ଦେବଟି ଖାଇ,
ତହୁଁ ସେସ୍ଥାନୁ ଗଲା ପଳାଇ ଯେ । ୭ ।
ଚିତ୍ରୁ ଆଗରେ କାନ୍ଦି କାନ୍ଦି କହେ
ଘଟିଗଲା ମନ୍ଦ ପାପ,
ଏ ପାପରୁ ମତେ ରକ୍ଷୀ ନ ପାରିବ
ଆସିଲେ ହେଉଲେ ମୋ ବାପ ଯେ;

(୧) ଲମ୍ବ—ଲତା । ପିଠକନ୍ଦା—ଏକ ପ୍ରକାର ବନ୍ୟ କନ୍ଦମୂଳ ।

ଏମା କହି ସୁନ୍ଦରୀ,
ଚଳେ ପଡ଼ିଗଲ୍ ଥରି ଥରି ଯେ । ୮ ।
ବଣ୍ଡଙ୍କ ଆଁଟିଲ୍      ଘୋଡ଼ା ବେଢ଼ା ଆଦ
ଚଢ଼ିବାକୁ ଘୋଳ ବୁଢ଼ୀ,
ଚଷ୍ଟିକୁଲୁ ପାଦବ      କକା ଫଟଙ୍ଗ ତାଙ୍କ
ଯାଳଥିଲେ ମୁଣ୍ଡାକୁଢ଼ି ଯେ;
କେହି ନ ଥିଲେ ଘରେ,
ଖେଳା ଡାକେ ତାଙ୍କୁ ଉଚ୍ଚସ୍ୱରେ ଯେ । ୯ ।
ପଚ୍ଚୁରିଲ୍ ଘୋଡ଼ା      କି ଦାପ ଘୁଣଛୁ ?
ବେଢ଼ା ବୋଲେ ମାପ ନୁହେଁ,
ମୁଁ ଜାଣେ ହରିଆ      ଦେଉଅଛି ମାଡ଼
ଭଜଆ ଲଗାଇ ଦୁହେଁ ଯେ;
ପାଣି ପିଆଅ ଧରି,
ମରିଯିବ ଏ ପାଣ୍ଡୁଟା ଥରି ଯେ । ୧୦ ।
ମୁଖେ ପାଣି ଦିଅ      ବସାଇ ଧରିଲ୍
ହରି କଷ୍ଟ ଉଚ୍ଚତରେ,
ପଚ୍ଚୁରିଲ୍ କହ      କେଉଁଠି କି ହେଲ୍
କାହିଁକି କାନ୍ଦୁଛ ଡରେ ଲୋ ?
(୧) ଡଲ୍-ଖଣ୍ଡି କାହିଁ ?
କେଉଁ ସ୍ଥାନେ ଆସିଛୁ ଫିଙ୍ଗାଇ ଲୋ । ୧୧ ।
କହିଲ ଯମୁନା      ଡଲ୍ ଖଣ୍ଡିଟା
କଣ୍ଠ ହେଲ୍ କି କୁମର ?
କହିବାର ଅଶା      ନାହିଁ, କେତେଣ ଗଲ୍
ଆଣ ମୋ ଗାନ କୁମର ଯେ;
ତାକୁ ଦେଖିବ ଥରେ,
ମରିଯିବ ତ ଆଜ ରାତରେ ଯେ । ୧୨ ।
ପୁଅ-ଝିଅଙ୍କର      ଲଗି ବହୁ ଦୂର
କଦା ଖୋଳି ଯାଉଥିଲେ,
(୨) ତେଲଗଛ ମୂଳେ      ପିଠିକଦା ଉର
ଲଗିଥିବାର ଦେଖିଲେ ଯେ;

(୧) ଡଲ୍—ବାଉଁଶପାତଅ ଦ୍ୱାରା ନିର୍ମିତ ପାତ୍ରବିଶେଷ । (୨) ଉର—ଲଟା ।

ତହୁଁ ଖୋଳାଳ ମାଟି,
ଝଣତର ରନ୍ଧ୍ରକ କାଟି କାଟି ଯେ । ୧୩ ।
ଯେତକ ବସ୍ତୁର ଖୋଳାଇଲ ମୂଳଟି
ସେତକ ଯାଉଛି ଫଶି,
ବଡ଼ ବଡ଼ କଥା ବାହାରିବ ବୋଲି
ଖୋଳୁଥାଏଁ ଝୁପି ଝୁମି ଯେ;
କଣ୍ଟା ରକତଧାରି,
ଗାତ୍ର ଭିତରୁ ହେଲା ବାହାର ଯେ । ୧୪ ।
ରକତକୁ ଦେଖି ଡର ଉଡ଼ିଗଲା
କଥା କି ଖୋଳନ୍ତି ଆଉ,
ଗାଣ୍ଡି ବାହାରିଲ କଲେଇ-ଏବେଧ
ତହୁ ମିଆଉଁ-ମିଆଉଁ ଯେ;
ନାଚିଗଲା ମୋ ଛୁଆ,
ଉପରକୁ ଆସି ହେଲା ଠିଆ ଯେ । ୧୫ ।
କିଛିକ୍ଷଣ ପରେ ପୁଣି ମୋ କାନକୁ
ଶୁଭିଲା "ଅରେ ଯମୁନା,
ମୋ ମୁଣ୍ଡ ଉପରେ ଖଣତ ନ ମାର
ଦେଖ ତୋତେ ଟଙ୍କା ସୁନା ଦେଲି";
ଏହା ଶୁଣି ମୋ ଛାତି,
ଡରେ ଥରିଯାଉଛି କମ୍ପାଇ ଯେ । ୧୬ ।
(୧) ବାହାରିଲା ହରି ଟଙ୍ଗାରିଟା ଧରି
କହିଲା ଦେଖିବା ଗୁଳି,
ବାଡ଼ି କଟାଇଲି ଯମୁନା ଅଡ଼ାକୁ
(୨) ଅଡ଼ାର ଲଇଁଶା ଡାଳ ଯେ;
ଗାଳି ଦେଲା ହରି,
ଏହିଁ ଶୁଣିଲି କରେଇର ସ୍ବର ଯେ । ୧୭ ।
ଦେଖିଲି ଖଣତ ଭିଲି ଚିହ୍ନଅଛି
ରକତଧାରଟି ପାଣ୍ଡି,

(୧) ଟଙ୍ଗାରି—ଧାନକୁରାଡ଼ି (ଟଙ୍ଗା ଶବଳ) ।
(୨) ଲଇଁଶା ଡାଳ—ଧାନ ବଡ଼ ଗୁଳୁଗୁଡ଼ିକର ଉତ୍ପନ୍ନ ବଣ୍ଟକ ଛୁଚୁ ଶାଖା ।

ଜନ୍ମ ହୋଇ ତହିଁ ଗୋସ୍ୱାମୀ ଏକ
ନଅର-ମୂର୍ତ୍ତି-ବଳଭ ଯେ;
ପିଚ୍ଛକୋଡ଼ାନ୍ତୁ ଷୀର,
ଘଣ୍ଟୁଆନ୍ତି ଯେତ୍ରେ ଗଙ୍ଗାମାର ସେ । ୧୮ ।
ଜଳ-ଯମୁନାର ଡାଳି ଶୁଣିଲେ
ନେଇଁ ଲଳାଷ ଯନ୍ତ୍ରଣା,
ଏକାଳେ ଶୁଣିଲେ ଦେବବାଣୀ—ଜଣ
କରନା ଜନ୍ମ ଖଦନା ରେ;
ମୁହିଁ ତୋ ଇଷ୍ଟଦେବ,
ପରେଶନ୍ତୁ ହେଲ ମୋହର ସେବ ରେ । ୧୯ ।
ଯାଅ ହେଲ୍ ହୋଳି ଭକତ୍ ତୋ ସ୍ୱଭଯା
କରର ସନ୍ତାପ ହରଣ,
ମୋର ଦରଶନେ ଏ ଜନ୍ମର ଭାର
ହୋଇଛି ପାପ ହରଣ ରେ;
ମୁହିଁ ନୃସିଂହନାଥ,
ହେବ ଯାଇବ ତା' ଭଙ୍ଗା ଗତ ରେ । ୨୦ ।
ଅନ୍ୟଠାରୁ ମୁକ୍ତ- ଧାରମେ ଯମୁନା
କାମନା ନରଷ୍ଟ ଆଉ,
ମୋର ପୂଜା କରି ମୋ ହୃଦୟ ଧରି
ଯାତ୍ରୁ ମୁକ୍ତି ପାଅ ରେ;
'ପାପହରଣି' ନାମ,
ଏହାପୋଗୁଁ ପାଇବ ଏ ଧାମ ରେ । ୨୧ ।
ଏଇ ସ୍ଥାନେ ମୋର ମନ୍ଦର ହୋଇବ
ଜାକିଆଣି କାରିଗର,
ହଳଆ ବୋଇଲ୍ ମୁଁ କି ତ କରନ୍ତି
ପରକନ୍ଧୁଣୀ ଘର ରେ;
ତୁ ତ ଇଷ୍ଟଦେବତା,
ଧନ କାହିଁରୁ ପାଇବ ବତା ରେ ! । ୨୨ ।
ଶୁଣି କରଯିବ ଦେବତା କହନ୍ତି
ଯାଅ ଲକ୍ଷ୍ମୀପାଠଶା,

(୧) ହରିନାଥ ରାଜା    ଅଛି ତୋ ଜାତର
ତୋତେ ସିନା ନାହିଁ ଜଣା ରେ;
ସେଣୁ ମୋର ଦେଉଳ,
ତୋଳଦେବ ନହୁଅ ଆକୁଳ ରେ । ୨୩ ।

ବୈଶାଖ-ପୂର୍ଣ୍ଣିମୀ    ଶନିବାରେ ମୋର
ପାଇଛୁ ଶୁଭ ଦର୍ଶନ,
ଏ ପୂର୍ଣ୍ଣିମୀରେ ମୋ    ବାର୍ଷିକ-ପୂଜା
ବ୍ରତ କରିବୁ ପାଳନ ରେ;
ସେହି ଦିନ ମୋ ରୂପ,
(୨) ଝଟକିବ ସେଥୁଁ ଜାତରୂପ ରେ । ୨୪ ।

ତୁ ହେବୁ ପୃଷ୍ଠାଶ୍ୱ    ପୂଜାର ଯୋଗାଡ଼
କରିଦେବ ତୋର ପ୍ରଜା,
ମୋର ଦରଶନେ    ଶରଧିତ ମନେ
ଆସିବେ ଯେତେ ଯାତ୍ରୀ ରେ;
ତାଙ୍କ ସେବା କରିବୁ,
ଭେଦଭାବ ମନେ ନ ଧରିବୁ ରେ । ୨୫ ।

ମୂର୍ତ୍ତି ତ ପଥର—    ଦେବତା ଏଥିର
ପାଇବ ଭୋଗ-ବାସନା,
ସେ ସିନା ଅସଲ—    ଦେବତା; ଖାଇବା
ପାଇଁ ଅଛି ଯା' ରସନା ରେ;
(୩) ଦେବପୂଜା-ଭକତି,
ସେତ ପାପରୁ ଦେବ ମୁକତି ରେ । ୨୬ ।

ସତ୍ୟ-ମଧୁକଥା    ଯା' ଜିଭରେ ଅଛି
ସେହି ମୋ ବନ୍ଧୁ ଭକତ,

(୧) ହରିନାଥ ରାଜା—ଏହି ଦୃପ୍ତରଶିଆ ଜମିଦାରଙ୍କର ରାଜଧାନୀର ନାମ 'ରାଣୀଝରଣ' । (୨) ଜାତରୂପ—ସୁବର୍ଣ୍ଣ । (୩) ସତ୍‌ସାଧ୍ୱୀ ସ୍ତ୍ରୀ, ମାତାପିତାଦି ଗୁରୁଜନ, ପ୍ରଜାବତ୍ସଳ ଧାର୍ମିକ ରାଜା, ବେଦଜ୍ଞ ବ୍ରାହ୍ମଣ, ସତ୍ୟଧର୍ମ ପ୍ରଚାରକ, ସତ୍‌ସାହିତ୍ୟସେବୀ ଅର୍ଥାତ୍ ଲେଖକ, ବିଶ୍ୱହିତୈଷୀ ସାଧୁ-ସନ୍ନ୍ୟାସୀ, ମହାତ୍ମା-ମହାପୁରୁଷଙ୍କ ସେବା-ସତ୍କାର, ସମ୍ମାନ-ଗୌରବ ରକ୍ଷା କରିବା ଓ ଈଶ୍ୱରଙ୍କର ବେଦୋପଦେଶ କାୟମନୋବାକ୍ୟରେ ପାଳନ କରିବା ହିଁ ପ୍ରକୃତ ଦେବାର୍ଚ୍ଚନା ବା 'ଦେବତା ପୂଜା' ।

କପଟ ଯା' ଚେଷ୍ଟା    ନାହିଁ ତା' ଆଶିଷ
ମୋ ରୂପ ହେବ ବ୍ୟକତ ରେ;
ମତେ ଘରକୁ ନିଅ,
ଭଲ ସ୍ଥାପନ କରି ପୂଜା ଦିଅ ରେ । ୨୭ ।

## ମନ୍ଦିର ନିର୍ମାଣ

( ରାଗ—ରାମକେରୀ )

ଏହା କହି ହେଲେ ମଉନ    ପ୍ରଭୁ ନୃସିଂହନାଥ,
ଭଲ କରି ତହୁଁ ଗଉଡ଼ା    ପୁଣି ଓଡ଼ିଲା ହାତ ।
ପଶିଲା ଯମୁନା ଜଳରେ    ଲାଗିଲା ଦେବ-ମୂରତି,
ଝୁଲାଝୁଲି ହୋଇ ମୁଣ୍ଡରେ    ବାହି ଗଲେ ସେଠି ।
ତା' ପରେ ଶୁଣିଲା ସରଅ    ସବଦୋଲ ନାଦରେ,
ପରୁଣ ଭଲସିଁ ଜଟୁନ୍ତି    ଅତି ଅହ୍ଲାଦରେ ।
ଦନ୍ତି ସ୍ୱାନନ୍ଦରେ ନେଆଣ୍ଡି    ସ୍ୱାଦଦେବ ଆସୁଛି,
ଖାଇ ଖାଇଜନ୍ତୁ ଅନାଇଁ    ଚଲ୍ ଘରକୁ ସୁଷ୍ଠ ।
ଘରେ ପଶିଲେ ଦଇଆ—    ଦେଖିଲ ଯମୁନା ପଣି,
ଓଳିଲା ରହିଲା ମୁଣ୍ଡରୁ    ଟଳେ ଦେବମୂରତି ।
ଏ ଘଟନା ଦେଖି ପଲ୍ଲୀରେ    ଥିଲେ ଯା' ନାରୀ ନର,
ରୁଣ୍ଡ ହେଲେ ସବୁ ଦୁଆରେ    ଆସି ହରି କହିର ।
ଗ୍ରାମ ବୁଢ଼ା ବୋଇଲେ ଦେବତା    ସେବା ଲାଗି କହିଲା,
ଭଲବଳେ ମାନ ପାଇଲେ    ଭଲ; ନୋହିଲେ କାଳ ।
(୧) ଖାଉଁଖୁଲ୍ଲା ପୋ ଖେଲୁର    ମାନୁଥିଲା ଏପରି,
ପ୍ରତିଦିବାରୁ ସେ' ଦହିଁଶ—    ଯାକ ହେଲେ ତା' ପଣି ।
ହରି ବୋଇଲେ ଏ ଦେବତା    ଖାଲି ଖାଇବ ଘିଅ,
ଉଠନ୍ତାରି ତ' ନ ଲାଗେ    କାହିଁ କରିବ ଦାତ ?
କହିଲା ଯମୁନା କୂଳରୁ    ସବୁ ଦେବଚରିତ,
ଶୁଣି ପଲ୍ଲୀବାସୀ ସଭିଏ    ହୋଇଗଲେ ଚକିତ ।

(୧) ବଙ୍ଗ, ବଙ୍ଗାଳ ଆଦି କେତେକ ଅନାର୍ଯ୍ୟ ଜାତିଙ୍କ ବିଶ୍ୱାସ ଓ ଧାରଣାରେ 'ଖାଉଁଖୁଲ୍ଲା' ନାମ ପ୍ରଚଣ୍ଡ ଦେବବିଶେଷ ।

କହୁଥିଲେ ଭୂତନାଥଙ୍କୁ ଡାକିଆଣି ଭୂତିଆ,
କରାଇଲ ତାଙ୍କ ଖର୍ଚ୍ଚରେ ଦେବମନ୍ଦିର ତିଆ ।
(୧) ବାର ଖଣ୍ଡି ଘିଅ ହୋମରେ ଭୂତନାଥ ପୂଜନ,
(୨) ପରତିଷ୍ଠା କଲେ ଦେଉଳ ଆଣି ଭଲ ବ୍ରାହ୍ମଣ ।
ଏ ଝରଣା ତୀରେ, ମାନବେ ଦେଖ ଆଜ ଦେଖନ୍ତି,
ହରିଶଙ୍କରଙ୍କ ମନ୍ଦିର ସେହିରୂପେ ନିର୍ମିତ ।
(୩) ଭୂତନାଥଙ୍କର ଭାରିଯା ଥିଲେ ଦୁଲ୍ଲଭରାଣୀ,
ସପନରେ ତାଙ୍କୁ ଶୁଣିଲେ ଦିନେ ଦେବତାବାଣୀ ।
କହିଲେ ଦେବତା—ଦୁଲ୍ଲଭ, ଗନ୍ଧଗିରିକି ଆସ,
ତା' ଦକ୍ଷିଣ ତଟେ ଦେଖିବୁ ମୋତେ କର ବିଶ୍ୱାସ ।
ଦେଖିବୁ ସେବଣି ପଥର ଶୁଭ୍ର ସ୍ୱଚ୍ଛ ବରଣ,
ସେ ପଥର ଆଣି ପୂଜିବୁ ଦେଇ ଫୁଲ-ଚନ୍ଦନ ।
ତୋଳାଇଦେବୁ ସେ ମନ୍ଦିର ସେଇ ପବିତ୍ର ଧାମେ,
ପୂଜା ପାଇବ ସେ ଦେଉଳେ 'ହରିଶଙ୍କର' ନାମେ ।
ଚମକି ଉଠିଲେ ଦୁଲ୍ଲଭ ଉଭେଇଲେ ଦେବତା,
ରାଜାଙ୍କୁ ଉଠାଇ କହିଲେ ରାଣୀ ସପନ କଥା ।
(୪) ଭାଇଥିଲେ ରାଜା ବଜଲ- ସିଂହ—ଛତ୍ର ତ' ଭାଇ,
ଦେବ ଆଜ୍ଞା କର ପାଳନ ତାଙ୍କ ସାଥିରେ ଯାଇ ।
ଚାଲିଲ ରଜନୀ ଗାଇଲ ପିକ ପ୍ରଭାତ ଗୀତ,
ବାହାରିଲେ ରାଣୀ ଦିଅର ସଙ୍ଗେ ହୋଇ ସଜ୍ଜିତ ।
ଘଞ୍ଚବନେ କଲେ ପ୍ରବେଶ ଗିରି ଦକ୍ଷିଣ କୂଳେ,
ଦେବତାଙ୍କୁ ଆଣି ଲୁଚିଲେ ରାଣୀ ନୂଆ ଦେଉଳେ ।
ଦେଉଳଚାଳାରେ ଲଗାଇ ଘାଟ ଘଣ୍ଟ ବନ୍ଧାଣି,
(୫) ପାଞ୍ଚ ଖଣ୍ଡି ଘିଏ କଲେ ଦେଲେ ପ୍ରତିଷ୍ଠା, ରାଣୀ ।

(୧) ବାର ଖଣ୍ଡି—ସାତ ମହଣ କୋଡ଼ିଏ ସେର । (୨) ଭଲ ବ୍ରାହ୍ମଣ—ଅଗ୍ରଣୀ ବା ଅଗ୍ରମିକ ଦେବଙ୍କ ବ୍ରାହ୍ମଣ । (୩) ଜନଶ୍ରୁତି ଭୂତନାଥଙ୍କ ଚଉଦେଢ଼ି ରାଣୀ । ଯଥା—ଦୁର୍ଲଭ (ପାଟରାଣୀ), ସୁଲକ୍ଷ, କମଳା ଓ ବିମଳା; ଦୁର୍ଲଭ ବା ଦୁଲ୍ଲଭ ବାମନଗଡ଼ର ରାଜକନ୍ୟା । (୪) ଭୂତନାଥ ରାଜାଙ୍କ ଭ୍ରାତା ବଜ୍ରସିଂହ । ଏହାଙ୍କର ପ୍ରଚଳିତ ଡାକନାମ ହୋଇଛି—ବଜର୍ ସିଂହ ବା ବଜଲସିଂହ । (୫) ପାଞ୍ଚ ଖଣ୍ଡି—ତିନି ମହଣ ଯାଞ୍ଚ ସେର ।

ହରିଆର ଘର ଥିଲା ଯେ ସହଦେବ ନାମରେ,
ରାଣୀଦେଉଳେ ଯେ ରହିଲା ପୂଜାହାସ୍ୟ କାମରେ ।
ସେଇଦିନଠାରୁ 'ନୃସିଂହ- ନାଥ' 'ହରିଶଙ୍କର'
କରୁଛନ୍ତି ତାପ ହରଣ ତାଙ୍କ ଭକତଙ୍କର !
ତୀର୍ଥ-ଦରଶନେ ପାତକ ଯାଏ ଯାର ନଶ୍ୱାସ,
ତୀର୍ଥଯାତ୍ରୀ ରୂପେ ଏ ତୀର୍ଥେ ଯାଏ ମାର ନଶ୍ୱାସ !

## ତୀର୍ଥ-ଦର୍ଶନ

(ରାଗ—ବଙ୍ଗଳାଶ୍ରୀ)

ନରସିଂହ ନାଥ ଚରଣ ଧଉତ କରିବାକୁ ଧାଇଁଚଳେ,
ସାକ୍ଷୀ ତୀର୍ଥ ଆସି ଧାରାରୂପେ ମିଶି ଗଲେ ଗଙ୍ଗାଦେବୀ ଜଳେ ।
ଧୂର୍ଜଟି-ଜଟାରୁ ବହୁଥାନ୍ତି ସୂକ୍ଷ୍ମ- ଧାରା ଦେଖାଇ ଯେପରି,
ବହୁ ରମ୍ୟ ସ୍ଥଳ ବହିଲେ ଜାହ୍ନବୀ ଗନ୍ଧଗିରି ଗର୍ଭୁଁ ଝରି ।
ତୀର୍ଥ-କୁଣ୍ଡ-ଧାର ମାହାତ୍ମ୍ୟ ପ୍ରଚୁର ଶକତ କାହିଁ ମୋହର ?
ଲେଖିବାକୁ ତଥାପି ଦେବ ବୋଲ ପାପୀ- କର ମୋର ଏବତର ।
(୧)ଗୋହନ୍ତା ପାପୀର ପାପରାଶି ଦୂର କରିବାକୁ ଦେବଗଣ,
ଯେଉଁ 'ଗୋକୁଣ୍ଡ'ରେ ଅଦୃଶ୍ୟ ମୂର୍ତ୍ତିରେ ରହିଛନ୍ତି ଅନୁକ୍ଷଣ ।
ଯେଉଁ ଗୋକୁଣ୍ଡରେ ସ୍ନାନ କରି ଏବେ (୨)ପାପରୁ ଶିବ ମୁକତ,
ଭକ୍ତି-ହୃଦୟରେ ସେ କୁଣ୍ଡ-ପଦ୍ମରେ ହେଲି ମୁଁ ଆରେ ପ୍ରଣତ ।
ଏବେ ଖରଜାଳ ଚଢ଼ିଁ ଯାଇ 'ଶୂଳ- ଧାର'ର ନେଲି ଶରଣ,
ଯେଉଁ ଶୂଳଧାର ପାପୀ ତାପୀଙ୍କର କରେ ସନ୍ତାପ ହରଣ ।
'ଭୀମଧାର' ବୁଲି 'ସୀତାକୁଣ୍ଡେ' ଯାଇ ଶୁଣିଲି ତା' ଗୁଣ-ଖ୍ୟାତି;
ଯେ' ସୀତାକୁଣ୍ଡରେ ପିଣ୍ଡଦାନ କରେ ପିତୃକୁଳ ତରିଯାନ୍ତି ।

---

(୧) ଗୋହନ୍ତା—ଗୋହତ୍ୟାକାରୀ, ମାତୃଦ୍ରୋହୀ, ମିଥ୍ୟାବାଦୀ, କୁଟିଳ-ପ୍ରକୃତିକ, ବିଶ୍ୱାସଘାତକ । ଦେବ—ଦାନାତ୍ ଦେବଃ; ଈଷଣାତ୍ ସାହସଃ । ପରୋପକାରାର୍ଥେ ଜୀବନର ସର୍ବସ୍ୱ ଯେ ଦାନ କରେ—ସେ ଦେବତା ।

(୨) ପାପ—ଆତ୍ମହତ୍ୟା, କୁକାମନା, କୁକୃତ; ଯେଉଁ କାର୍ଯ୍ୟରେ ଭୟ, ଲଜ୍ଜା, ସଙ୍କୋଚ ଅନୁଭବ ଜାତ ହୁଏ ।

ଦେଖି ଶୈଳାଙ୍କିତ 'ପାଣ୍ଡବଙ୍କ ତୀର୍ଥ' ଭାବିଲି ଥରକୁଥର,
ଏ 'ପାପହରଣେ' କି ପାପ କରନ୍ତେ ପାଣ୍ଡବେ ହେଲେ ପଥର ?
'ଚନ୍ଦନଅର୍ଜ୍ଜନ'— ଶିଖରଗର୍ଭେ ଗଳି ମିଳଇ 'କପିଳଧାରେ',
ସ୍ମରଣୀୟ ଭାବ ଜାଗି ଅନୁଭବ ବସି 'କପିଳଗୁମ୍ଫା'ରେ ।
କପିଳଧାରରେ ଯା' ଦେଖିଲି ପରେ କରିବି ଦୃଶ୍ୟ ବର୍ଣ୍ଣନ,
ଭାଗ୍ୟ ଥିଲେ ମୋର ହେବ ସେ କାବ୍ୟର ନାମଟି 'ତୀର୍ଥଦର୍ଶନ' ।
'କପିଳ ଆସନେ' କପି ଦରଶନେ କପାଳକୁ ନିନ୍ଦା ଥରେ,
ପର୍ବତୁଁ ଓହ୍ଲାଇ ପ୍ରବେଶିଲି ଯାଇ 'ଆମ୍ବଧାର' ଗହ୍ୱରରେ ।
'ପଞ୍ଚୁଆମ୍ବ' 'ପଞ୍ଚ- ଧାର' ତୀର୍ଥ ସେ' ତ ଜଳରେ ଦଶନ୍ତା କାହିଁ ?
ଅଗାଧ ନିରବେ ଦୁଃଖିତ ମାନସେ ଆଇଲି ତହୁଁ ପଳାଇ ।
'ଭୀମସର' କାହିଁ ? ଦେଖିବା କଲି ନାହିଁ ବାଧିବାରୁ ଭୋକ ଶୋଷ,
ନ ଦେଖିଲି କଥା ଲେଖି ମୁଁ ଅଯଥା ଅର୍ଜିବି କିପାଁ ଦୋଷ ?

## ଚଉତିଶା-ଚନ୍ଦ୍ରକଳା—ଦ୍ୱାଦଶ ଛାନ୍ଦ

# ସୂକ୍ତ-ମାଳା

( ରାଗ—କୃଷ୍ଣକଳା )

କର୍ମମସ୍ତ ବଶ୍ୟ, କର୍ମେ ସ୍ଥାପିତ ଶ୍ରୀହରି,
କର୍ମକୁଣ୍ଠ ପ୍ରାଣୀ ସ୍ୱର୍ଗ-ଉଲ୍ଲଙ୍ଘନ ପରି ।
କର-ଚରଣ-ବିହୀନ ଜଳ ଅଗ୍ନି ବାତ,
କଲ୍ୟାଣୀସ୍ତ କର୍ମ ଯୋଗୁଁ ଦେବତା ଆଖ୍ୟାତ ।

ଖୋଜ ଶିଖ ପର ଗୁଣ ଦୋଷକୁ ଏଡ଼ାଇ,
ଖାଅ ଯଥା କୋଳି, ଦାନ୍ତେ କଣ୍ଟା ନ ଗଡ଼ାଇ ।
ଖଣ୍ଡ ବ ପାରଇ ପର ଦୋଷ ପ୍ରଦର୍ଶନେ,
ଖ୍ୟାତି ପାବାସି କି ଅଛୁ ସେପରି ସାଧନେ ।

ଗର୍ବ ଖାଟପୂର୍ଣ୍ଣ-ମିଷ୍ଟ-ଫଳର ସମାନ,
ଗୁଣ ଯାହା ଥିଲେ ନଥ ନ ପାଏ ସମ୍ମାନ ।
ଗୋରସ ଗଙ୍ଗାଜଳରେ ପୂରିଥାଉ ଘଟ,
ଗୋରକ୍ତ ମିଶ୍ରଣେ ସବୁ ହୋଇଯାଏ ନଷ୍ଟ ।

ଘୋଷି ଶାସ୍ତ୍ର କର୍ମକୁଣ୍ଠ ହୁଏ ଯଦ ଜନ,
ଘଡ଼ଘଡ଼ିରେ କି ଲଭ ନ ବର୍ଷିଲେ ଘନ !
ଘୂରୁଅଛି ମୁଣ୍ଡ ଯାର ଖାଲି ସ୍ୱାର୍ଥଚିନ୍ତା,
ଘୃଣାସ୍ପଦ ମଣି ତାର ପାଣ୍ଡିତ୍ୟ କବିତା ।

ଉଚ୍ଚ ହେବା ପାଇଁ ପଦ କରୁଛ ଯତନ,
ଉଚ୍ଚ କର ଆଗେ ତାଙ୍କୁ ପତିତ ଯେ ଜନ ।
ଉର୍ଦ୍ଧ୍ୱଗାମୀମାନେ ଯାନପଠାରୁ କର ଶିକ୍ଷା,
ଉପରକୁ ନିଏ ତାକୁ ତଳ ବତ-ଶିଖା ।

ଚନ୍ଦ୍ରଠାରୁ ବୃହତ୍ତର କୋଟି କୋଟି ତାରା,
ତଥା ନଭତଳେ ତିଷ୍ଠି ଚାଳିଥାନ୍ତି ଧର୍ମ-ଧାରା ।

ଘୃଣ୍ୟଗର୍ତ୍ତରେ ମଗ୍ନ ହୁଅନ୍ତି ଉଦୟ,
ଘୃଣ୍ୟଁନା’ ନାମ-ଉଚ୍ଚତା ମହତ ହୃଦୟ ।

ଛନ କୁଟିଳତା ପର-ଅନିଷ୍ଟ ବାସନା,
ଛାଡ଼ିଲ ହୃଦରୁ ଇଚ୍ଛା ମହତ ସାଧନା ।
ଛାଡ଼ିଲ କେଦାର ଗର୍ଭେଁ ହଂସ ତୃଣମାନ,
ଛୁଆ କରେ ହଳ, ଚଷା ବୁଣିବାକୁ ଧାନ ।

ଜାଜ୍ୱଲ୍ୟମାନ ଧରମ-ଦରପଣ ଧରି,
ଜଳେ ସ୍ଥଳେ ଅଧଃ ଊର୍ଦ୍ଧ୍ୱେ ବିରାଜିତ ହରି ।
ଜଗତକୁ ଭଲମନ୍ଦ ଦେଖାଇବ ଯାହା,
ଜୀବନେ ଅଦୃଷ୍ଟ ରୂପେ ଦୃଷ୍ଟ ହେବ ତାହା ।

ଝାଙ୍କିଲ ନବାଜ ପାପ-ତାପେ ହୃଦ-ତରୁ,
ଝଞ୍ଜା ବୃତ୍ତାନ୍ତରଧାରୀ ସାଧନା-କନ୍ଦରୁ ।
ଝଟେଲ ସଦଭ୍ୟାସେ ନରହୃଦରେ ଦେବତ୍ୱ,
ଝକେ ଯଥା ଦୃଷ୍ଟ ଚଳିତ ତେଜ ମଜ୍ଜନତ୍ୱ ।

ଞନ ଗୁଣ ଥାଉ ହୁଏ ଯା ମୂର୍ଖଁ ବାହାର,
ମାତତା ବା ଅଜ୍ଞତା ସୂଚନା ତାହାର ।
ଞନାଦ କରେ କଳସ ଅର୍ଦ୍ଧପୂର୍ଣ୍ଣ ଜଳେ,
ନିର୍ବିଷ ଭୁଜଙ୍ଗ ଠାଣି ଡମ୍ଫାଠାରୁ ବଳେ ।

ଟେକଟେଣ ଉଚ୍ଚ କେତେ ଗଜମନାମାନେ,
ଟେକନ୍ତଏ ଗୁଣୀ ଗୁଣଗ୍ରାହୀର ସମ୍ମାନେ ।
ଟଳ ପଦ-ବନ୍ଦନତ ଶାଳ୍ମଳୀ ସୁମନ,
ଟଗର ଚଉଡି ଲଭେ ମସ୍ତକମଣ୍ଡନ ।

ଠିକେ ତତ୍ତ୍ୱ ଅନାବୃତ-ଉପଦେଶଦାତା,
ଠକ ବେଶ ନିର୍ବସ୍ତ୍ର ନଚ୍ଛୁ ଦେଖ ଧର୍ମଧାତା ।
ଠଉର କର ଧର୍ମିଷ୍ଠ-ଭକ୍ତ-ଶ୍ରଦ୍ଧାତୁର,
ଠାକୁର ଶଙ୍କର ହେଉ ନ ହେଲେ କୁକୁର ।

ଡର ସରମ ସଙ୍କୋଚ ଦୂରେ ଯାଉଁ ଜାତି,
ତେଉଁ ଭୁଲ ସତର୍କରେ ତାହା ପୀତ-ଶୀତ ।
ଚଳିରନା' ଶ୍ରବଣ ତାଙ୍କ କରନା' ବିଶ୍ୱାସ,
ଓଗର ମନ୍ତ୍ର-ମନ୍ତ୍ରଣା ଯାହା ଅପ୍ରକାଶ ।

ଭାଇଙ୍କ ବେଶଭୂଷା ନହେଉ ନକଲ,
ତାଙ୍କୁ ଦମନ କର ରଖ ନିଜ ଭଲ ।
ତେଜିକି ପରଶାସ୍ତ୍ରେ ଦେବେଲୁ ମୁଖ୍ୟ ସ୍ଥାନ,
ତୋଳିବ କି ମୁଖଧାର, ନ ଲୁଟିବ ଧାନ ?

ଅସତ୍ୟ ଶୁଣିଶ ଫଳ କର ବିବେଚନା,
ଅପମାନ, ଦୋଷବୃଦ୍ଧି, ଦୂଷିତ ରଚନା ।
ଅବିଶ୍ୱାସୀ ବନ୍ଧୁମେଳେ ସନ୍ତୋଷ ବା ସନ୍ଦେହ,
ଅନୁତାପିତ ଜୀବନ ଥିବାଯାଏ ଦେହ ।

ତପ ଜପ ମୂଳଭକ୍ତି ସତ୍ୟଧର୍ମ ଫଳ,
ତୀର୍ଥ ବ୍ରତ ଯାଗ ହୋମ ସତ୍ୟ ଶ୍ରୀଁ କେବଳ ।
ତପନ ଚନ୍ଦ୍ରାଦି ଜଳ ପବନ ପାବକ,
*ତେତିଶ ଦେବତା ସବୁ ସତ୍ୟର ସେବକ ।

* ତେତିଶ ଦେବତା—ଅଷ୍ଟବସୁ (ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ, ସୂର୍ଯ୍ୟ, ଚନ୍ଦ୍ରମା ଓ ନକ୍ଷତ୍ର); ଦଶପ୍ରାଣ—(୧-ପ୍ରାଣ—ଏହି ବାୟୁ ହୃଦୟରେ ରହି ଭୁକ୍ତାନ୍ନ ଆମାଶୟକୁ ନିଏ; ୨-ଅପାନ—ଏହି ବାୟୁ ଗୁହ୍ୟଦ୍ୱାରରେ ଅବସ୍ଥାନ କରି ମଳମୂତ୍ରାଦି ତ୍ୟାଗ କରେ; ୩-ସମାନ—ଏହି ବାୟୁ ନାଭିମଣ୍ଡଳରେ ରହି ଭୁକ୍ତାନ୍ନକୁ ପାକ କରେ; ୪-ଉଦାନ—ଏହି ବାୟୁ କଣ୍ଠଦେଶରେ ରହି ବାକ୍‌ଶକ୍ତି ଜାତକରେ; ୫-ବ୍ୟାନ—ଏହି ବାୟୁ ଶରୀରର ସର୍ବସ୍ଥାନରେ ରହି ଆକୁଞ୍ଚନ-ପ୍ରସାରଣ ଓ ଗତିଶକ୍ତି ଜନ୍ମାଏ; ହିକ୍‌କା, ଛିଙ୍କା ଓ କ୍ରୋଧ ସମୟରେ ୬-ଧନଞ୍ଜୟ ବାୟୁ; ରୋଦନ ସମୟରେ ୭-କୃକଳ ବାୟୁ; ହାଇ ସମୟରେ ୮-ଦେବଦତ୍ତ ବାୟୁ; ଉଦ୍‌ଗାର ସମୟରେ ୯-ନାଗବାୟୁ ଏବଂ ନେତ୍ର ଉନ୍ମୀଳନ-ନିମୀଳନ ସମୟରେ ୧୦-କୂର୍ମବାୟୁ କାର୍ଯ୍ୟକାରୀ ହୋଇଥାଏ); ଦ୍ୱାଦଶ ଆଦିତ୍ୟ—(ବୈଶାଖ, ଜ୍ୟେଷ୍ଠ, ଆଷାଢ଼, ଶ୍ରାବଣ, ଭାଦ୍ର, ଆଶ୍ୱିନ, କାର୍ତ୍ତିକ, ମାର୍ଗଶିର, ପୌଷ, ମାଘ, ଫାଲ୍‌ଗୁନ ଓ ଚୈତ୍ର); ଇନ୍ଦ୍ର (ବିଜୁଳି), ପ୍ରଜାପତି (ଯଜ୍ଞ) ଓ ଜୀବାତ୍ମା । ("ଇଚ୍ଛାଦ୍ୱେଷପ୍ରଯତ୍ନସୁଖଦୁଃଖଜ୍ଞାନାନ୍ୟାତ୍ମନୋଲିଙ୍ଗମିତି"—ନ୍ୟାୟଦର୍ଶନ)—

ଧନ୍ୟ ଜଳେ ଚରେ ପ୍ରାଣୀ ଜନ୍ତୁପ ନ ସଂଖ୍ୟ,
ଅଟେ ଦୃଶ୍ୟ ଶୀତଳ ତହିଁ ଷଡେ ଋତେ ରହି ।
ଧୂର କି ଅଛି ଐହିକ-ଭର ସୁଖ ଦୁଃଖ,
ଥୋଇଛି ଯା' ଭାଗ୍ୟ ବିଧି ନତୁଅ ସମ୍ମୁଖ ।

ଦେଖି ଗ୍ରହଗଣ-ଅନୁକୂଳ ତାହାଗଣ,
ଦାସ ହୋଇଥାନ୍ତି ମନ୍ତ୍ରି ଭବନ-ପ୍ରାଙ୍ଗଣ ।
ଦୁର୍ଭାଗ୍ୟ କାଳେ ସେବକ ଦୂର କଲେ ତଥା
ଦୁଷ୍ଟ ଉତ୍ସ୍ୱ ସକଳ ହେକାଥାନ୍ତି ମଥା ।

ଧର୍ମଧାରଣା ଆବର ଈଶ୍ୱରଭକ୍ତିରେ,
ଧରନ୍ତି ଅନେକେ ହେକ ଚରକ-ସୁକ୍ତିରେ ।
ଧାର୍ମିକ ପ୍ରେମିକ ତହିଁ ରହେ ମୂକ ଭଳି,
ଧନ ନ ଛୁଏ ଗୁଞ୍ଜରେ ମଧୁ ଚୁମ୍ବି ଅଳି ।

ନାସ୍ତିକାତ ପ୍ରତି ନାସ୍ତିବୁଦ୍ଧି ପନ୍ଥ ଧରି,
ନିର୍ବାଧ ସ୍ୱାଧୀନତା କି ନିନା ତାହାପାଇଁ ।
ନାର-ପୁମୀର-ଆବେଦକ ପ୍ରାପ୍ତି ଅଧିକାର,
ନିଷ୍ଟୁର ଅଛି ତ' ତହୁଁ ପର ଲତିକାର ।

ପୁଚ୍ଛ-ଶୃଙ୍ଗଧାରୀ ପଶୁ ନୁହଇ କେବଳ,
ପଶୁଠାରୁ ପଶୁ ଯାର ନାହିଁ ଜ୍ଞାନବଳ ।
ପରପ୍ରାଣ ଶକ୍ତି ହରିବାର ପର ବ୍ୟଥା,
ପରମ ଧର୍ମ ଏହା ହିଁ ଜାଣ ମାନବତା ।

ଫୁଟିଲ୍ ଫୁରିଲ୍ ଯଥା ଭିନ୍ନ ଭିନ୍ନ ଗୁଣ ବାସ,
ଫରକ ନୁହେଁ ସେପରି ଧରମବିଶ୍ୱାସ ।
ଫୁଲଝରେ ଶିଶୁ ଯଦି ହସ୍ତ ପଥ ଧରେ,
ଫୁଲ-ଜ୍ୱାଳା ନ ଦିଏ କି ଧର୍ମ ଶିଶୁକରେ ?

ଯାହାର ଇଚ୍ଛା, ଦ୍ୱେଷ, ପୁରୁଷାର୍ଥ ଓ ସୁଖଦୁଃଖ ଜ୍ଞାନ ଥାଏ, ତାହାକୁ ଜୀବାତ୍ମା ବୋଲିଯାଏ । ବୈଦିକ ଶାସ୍ତ୍ର ବା ଆର୍ଷ ଗ୍ରନ୍ଥୋକ୍ତ ଏହି ତେତିଶ କୋଟି (ପ୍ରକାର) ଦେବତାଙ୍କୁ ପୌରାଣିକ ପଣ୍ଡିତଗଣ ତେତିଶ କୋଟି ଦେବତା କହନ୍ତି ।

ବାହ୍ୟଶକ୍ତି-ଶାଙ୍କୋଳ ହୁଏ ଯଦ ଛିନ୍ନ
ଭାବୁଥାନ୍ତି ଅନେକେ ହେଲି ମୁଁ ସ୍ୱାଧୀନ ।
ବାସ୍ତବ ସ୍ୱାଧୀନ ସିନା ସେହି ମହାମତ,
ଭଗବ ଯା' କରିଅଛନ୍ତି ଷଡ଼ରିପୁ ମୁକ୍ତ ।

ଧୁଆ ନିଜ ଆଜି ଭୁଜ କରେ ଶିରପାନ,
ଶୁଣେ ଯଦେ ଧର୍ମ,ନତ-ନେତ୍ର ମୋ ସମାନ ।
ଭ୍ରାନ୍ତ ନର ପାପ ଅର୍କେ ରଖି ତେତେ ନଧ,
ଭଗବାନ ଅନ୍ତର୍ଯ୍ୟାମୀଙ୍କୁ ମଣି ଉଲୁ ଅନ୍ଧ ।

ମା' ବୋଲି ଖେଳାଳୀ ଶିଶୁ କାନ୍ଦିବସେ ଯଦ,
ମାଆ କି ସେତେବେଳେ ତାକୁ ପ୍ରବୋଧେ କଳନ୍ଦ ।
ନରେ ବ୍ୟାକୁଳତା ରଖି ପ୍ରଭୁଙ୍କୁ ଡାକିଲେ,
ମାୟା ଅନ୍ଧକାର ଗର୍ଭେ ଶାନ୍ତି ପଥ ମିଳେ ।

ଯା ସାଧନା ଯେଉଁପରି ଫଳ ସେହିପରି,
ଯୁଝାଇଥାନ୍ତି ତା' ସ୍ୱଭାବ ଫଳଦାତା ହରି ।
(୧) ଯଣ୍ଡା-ଅତିଥି ଲଭଇ ଭକତ କରୁଣା,
ଯୁବକ ଯାଚକ ପାଏ ତିରସ୍କାର ଘୃଣା ।

ରାମ ହରି ରାଧା ବୋଲି ଖାଲି ଶୁଷ୍କ ନାମ-
ରଟନା ନିଷ୍ଫଳ, ଜାଗ ନାମୋଚିତ କାମ ।
ରଖାଯାଇ ସମ୍ମୁଖରେ ମନ୍ତ୍ରଗ୍ରନ୍ଥ ଖୋଲି,
ରସନା କି ମନ୍ତ୍ରରିବ 'ମନ୍ତ୍ର'-'ମନ୍ତ୍ର' ବୋଲି ?

ଲକ୍ଷ ଲକ୍ଷ ପାନ୍ଥ ଆଜି ଧରମ ମାର୍ଗରେ
ଲାଗିଛନ୍ତି ଠିକଣିକି ନେବାକୁ ସଙ୍ଗରେ ।
ଲଭି ଯେମାନଙ୍କ ଖାଲି ଟଣାଟଣି ଠେକ,
ଲକ୍ଷ୍ୟ ବସ୍ତୁ ଚିହ୍ନି ନାହାଁ ତାଙ୍କର ବିବେକ ।

(୧) ଯଣ୍ଡ—ସମମଶୀଳ, ଦରେନ୍ଦ୍ର ।

ଜନଙ୍କ ନିଃସ୍ୱାର୍ଥ ସେବା ପାଇଁ ସଜ୍ଜିତା,
ବିଶ୍ୱଧର୍ମର ଏହା ହିଁ ଗୁଣ ଧାର୍ମିକତା,
ବନ୍ଦେ ଯଥା ଚନ୍ଦ୍ର ବିଶ୍ୱ-ଲୋଚନସ୍ଥ କାନ୍ତି,
ବିତରେ ତା' ଗୁଣ ତଥା ଶୀତଳତା-ଶାନ୍ତି ।

ଶାସ୍ତ୍ର ଯେଣୁ ସ୍ୱାର୍ଥପର ଭ୍ରାନ୍ତ ନରକୃତ
ତଥା ଧର୍ମସରଣୀ ବୁଦ୍ଧ ପ୍ରସ୍ଥୀକୃତ,
ଶିକ୍ଷା-ଜ୍ଞାନ-କଳ୍ପତରୁ ଚୈତନ୍ୟ ସ୍ମରଣ
ଶାଠ୍ୟ ଦୋଷମୁକ୍ତ ଏହା ଧର୍ମର ଲକ୍ଷଣ ।

ଷଡ଼ଭୁଜ ଚର୍ମାମ୍ବର ଶିରେ ସୁଧାକର
*ଭେକ-ବିପକ୍ଷ-ଧର ବକ୍ଷ ମନୋହର ।
(୧) ଷୋଡ଼ଶୋପଚାର-ଶ୍ମଶାନ ଭସ୍ମରାଜେ
(୨) ଷଡ଼ଭିଜ୍ଞ ପାଦପଦ୍ମେ ଭେଦଭାବ ନାହିଁ ।

ସର୍ବଭୂତ ଚୈତନ୍ୟ ଦୋଳେ ପବିତ୍ର ଆକାରେ
ସକଳପ୍ରାର୍ଥୀ ଭୃତକ ଜଳଧର ପାରେ ।
ସ୍ୱାଧୀନ ବିଶ୍ୱସେବକ ସେ ଉତ୍ତମବନ୍ଧୁ
ସବେ ତାଙ୍କୁ ମଣିଥାନ୍ତି ମହତ ସିନ୍ଧୁ ।

ହସ୍ତାକାଶ ସ୍ୱଳନ୍ଧାରେ ଝୁଲିଥାଏ ଦଣ୍ଡ
ହସ୍ତାବୋଷେ ହସ୍ତଆର ଭୁଏନା' ଦ୍ୱିଖଣ୍ଡ ।
ଦେହଜ ଯାଇ ଆତ୍ମକୃତ ଚାଞ୍ଚଲ୍ୟ ଲାଗି
ଦେବ ନିଜେ ଦାୟୀ, ଶାସ୍ତ୍ର ବୁଦ୍ଧ ଫଳଭାଗୀ ।

---

* ଭେକ-ବିପକ୍ଷ—ବିଷ । ବିଷଧର—ସର୍ପ ।

(୧) ଷୋଡ଼ଶୋପଚାର—ଆସନ, ସ୍ୱାଗତ, ପାଦ୍ୟ, ଅର୍ଘ୍ୟ, ଆଚମନୀୟ, ମଧୁପର୍କ (ମଧୁ-ଦଧି-ଘୃତ-ଶର୍କରା-ଜଳ), ପୁନରାଚମନୀୟ, ସ୍ନାନ, ବସନ, ଆଭରଣ, ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଓ ବନ୍ଦନା—ପୂଜାର ଏହି ଷୋଳ ଉପଚାର ।

(୨) ଷଡ଼ଭିଜ୍ଞ—ଦିବ୍ୟଚକ୍ଷୁ, ଶ୍ରୋତ୍ର, ପରଚିତ୍ତ ଜ୍ଞାନ, ପୂର୍ବଜନ୍ମ ସ୍ମରଣ, ଆତ୍ମଜ୍ଞାନ, ଋଦ୍ଧିବଳ (ଆକାଶରେ ଗମନ କରିବା କ୍ଷମତା) ଏବଂ କାମରୂପ ସିଦ୍ଧି ଅର୍ଥାତ୍ ଯେ କୌଣସି ଦେହ ଧାରଣ କରିବାର କ୍ଷମତା—ଏହି ଛଅ ବିଷୟରେ ଯେ ଅଭିଜ୍ଞ ।

(୪) ଶତ୍ରୁ ନ ଲଭିବା ଯାଏ ତତ୍ତ୍ୱବାସନା
କ୍ଷେମପ୍ରାପ୍ତି ନାହିଁ ବୃଥା ସକଳ ସାଧନା ।
(୫) କ୍ଷେତ୍ର ଯଦି ଛିଦ୍ରଯୁକ୍ତ ଢାଳ ତହିଁ ଜଳ
କ୍ଷତଗ୍ରସ୍ତ ହେବ ସିନା ଶ୍ରମୀ କୃଷୀବଳ ।

## ତ୍ରୟୋଦଶ ଗୁଚ୍ଛ

## ଦୁଲିଆ ଗାଈ

(ରାଗ—ଦର୍ଶ କେଦାର)

ଶୁଣ ହେ,
କଳି ପାପ-ତାପ-ଭରି ଭବ-ଅକୂପାର,
କୃଷକ ଜୀବନେ ତୋର ହୋଇବାକୁ ପାର;
କର ସେବାଧର୍ମ-ବ୍ରତ ପାଳନ କେବଳ ଗୋମାତାର ରେ !

ଶୁଣ ହେ,
ଖାତିର ନ କର ଖର ବରଷା ଶୀତରେ,
ଖଟିଥାଏ ଗୋରୁ ସଦା ତୋହରି ହିତରେ;
ଖୋଜିଲେ ହେଁ ଅଛି ଗୋରୁ ସମାନ ଏ ଜୀବଜଗତରେ ରେ !

ଶୁଣ ହେ,
ଗୋମାତାର ପିଣ୍ଡଗୋଟି ପ୍ରଜାର କଳନା,
ଗୋମାତା ତୁମରେ ପ୍ରଜା ସୁଖସ୍ୱାଚ୍ଛନ୍ଦ୍ୟ ରଜା;
ଗୋମାତା ଆଣଇ ପିଣ୍ଡ ମର୍ତ୍ତ୍ୟକୁ ସ୍ୱର୍ଗୀୟ ସାଦ ମଜା ରେ !

ଶୁଣ ହେ,
ଘାସ ପୁଆଳ ଖାଇ ଦେବ ଜଗତକୁ ଦେବେ,
ଘିଅ ଦୋରସ ଯା ଲାଗି ପାଉଛନ୍ତି ଦେବେ;
ଗୁଣିପିବ ତୋର ଦୁଃଖ ଦୁର୍ଦ୍ଦଶା ତା ଦୁଃଖ ହେବ ଶେଷରେ ରେ !

(୪) କ୍ଷେମ—ମଙ୍ଗଳ, ମୁକ୍ତି । (୫) କୃଷୀବଳ—କୃଷକ, ଚାଷୀ ।

ଭାଇ ଦେଖ,
(୧) ଙଣ୍ଟୁର ବାନ୍ଧିଲେ ଜଗତ ଉଦରକୁ ଦିଅଁ,
ଙଦାଙ୍ଗରେ କି ଦୁଳକାମ ଅଙ୍କାଉ;
(୨) ଙଷା ପ୍ରାଣ ଆରେ ଶୀତଳ, ତୋ ଶାନ୍ତ ହେଉଛି ଆଜି ରେ !

ଭାଇ ଦେଖ,
ଚଷୁ କୁଣ୍ଡା ଖାଇ ଗଡ଼େ ଦେଉଛୁ ଯେ ଧାନ,
ଚିହ୍ନ ତା ପ୍ରାଣକୁ, ତୁହି ପଶୁର ସମାନ;
ଚତୁଷ୍ପଦ-ମାତାକୁ ତୋ ମାତାଠୁଁ ଅଧିକରେ ଦିଅ ସ୍ଥାନ ରେ !

ଭାଇ ଦେଖ,
(୩) ଛିଣ୍ଡା କରି ହଳ ଯେବେ କରୁ କଷ୍ଟ ଚାଷ,
ଛିଣ୍ଡାଅ ତୋ ହଳ ଲାଗି ଦୁଇ ବେଳା ଘାସ;
ଛାଟ ଧରି କ୍ଷୁଧାର୍ତ୍ତି ତୁ; ସେ କେତେ ସେମିତିକ ଉପବାସ ରେ !

ଭାଇ ଦେଖ,
(୪) ଜେଠରେ କାଠ ଭଳିଣ ଅଗ୍ନି ଯେବେ ଜଳି,
ଜଳଇ ପବନ ପାଦକୁ ଲାଗୁଥାଏ ଧୂଳି;
ଜାଣୁ କି ସେକାଳେ କେତେ ବିକଳ ବଳଦ ତୋର ଦୁଇ ରେ !

ଭାଇ ଦେଖ,
(୫) ଝଙ୍କେର ଧରେ ଯେ କାଳେ ଶ୍ରାବଣ ମାସରେ,
(୬) ଝୁମୁରି ମାଡ଼ଇ ତୋତେ, ଗମ୍ଭୀର ବାସରେ;
ଝୁଲି ପଡ଼ୁଥାଇ ତୋର ପଞ୍ଜରି ଝଡ଼ର ବତାସରେ ରେ !*

(୧) ଙଣ୍ଟୁର—ଠିକ୍ ମଧ୍ୟାହ୍ନ ସମୟ (ସ.ଶ.—ଉଷ୍ଟୁର ଶବଦ) । (୨) ଙଷା—ବଳଦ । (୩) ହଳ—ଲଙ୍ଗଳ, ଯୋଡ଼ାବଳଦ । (୪) ଜେଠ—ଜ୍ୟେଷ୍ଠମାସ । (୫) ଝଙ୍କେର—ଅନେକ ଦିନ ବ୍ୟାପୀ ଅବିଶ୍ରାନ୍ତ ବର୍ଷା । (୬) ଝୁମୁରି—ଗାଢ଼ନିଦ୍ରା । ଏହି ଶବ୍ଦଗୁଡ଼ିକ ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ।

* ଉଷ୍ଣେ ବର୍ଷତି ଶୀତେ ବା ମାରୁତେ ବାତି ବା ଭୃଶମ୍,
ନ କୁର୍ବୀତାତ୍ମନ ସ୍ତ୍ରାଣଂ ଗୋରକୃତ୍ୱା ତୁ ଶକ୍ତିତଃ । —ମନୁ ।

ଗ୍ରୀଷ୍ମ, ବର୍ଷା, ଶୀତ ବା ପ୍ରବଳ ପବନରୁ ଗୋରୁଙ୍କୁ ଯଥାଶକ୍ତି ରକ୍ଷା ନ କରି ଆତ୍ମରକ୍ଷା କରିବ ନାହିଁ ।

ଭାଇ ହେ,
ନାବାଳକ କାଳେ କୃଷ୍ଣ ନନ୍ଦଘରେ ଥାଇ,
ନ ରହି ଆଳସ୍ୟ କରି ବିଳାସ ବଢ଼ାଇ;
ନେଉଥିଲେ ପ୍ରତିଦିନ ଚୁଆଳୁଁ ବନକୁ ଗୋଷ୍ଠ ଗାଈ ରେ !

ଭାଇ ହେ,
ଝୋଟା ଝୋଟା ଝରିବାରୁ ଗୋରୁ ଅଶ୍ରୁଜଳ,
ଟଳଟଳାଲଣି ରସା ଯିବ ରସାତଳ;
ଟେକି ରଖିବାକୁ ସୁଦ୍ଧା କେବଳ ମାତାର ସିନା ବଳ ରେ !

ଭାଇ ହେ,
ଠିଆ ହେବାକୁ ନାହିଁ ତ ଗୋଠର ପଡ଼ିଆ,
ଠେଙ୍ଗା ଖାଏ ଗୋରୁ ଚରି ଯେତେ ହେଲେ ଠିଆ;
(୭) ଠାକୁର ଭୋଗର ଜମି କାହିଁକି ନ ହେବ ମଣୁଆ ରେ !

ଭାଇ ହେ,
(୮) ଉମ୍ବୁଧରବାହନ ଦେବେଶ ସମାନ,
(୯) ଉମ ନୁହ ତା ସେବାରେ ହୁଅ ସନ୍ନିବାନ;
(୧୦) ଡଙ୍ଗର ଶିଖରେ ଚାର ଆଣିଦେ କାଟିବୁ ବୁଣି ଧାନ ରେ !

ଭାଇ ହେ,
ଛବାଘରେ ଶୋଇ ଜୁନ୍ଥ ହୋଇଥାଉ ସୁଖୀ,
ଡିହ ଖାଲି ଗୁହାଳରେ ଗୋରୁ କେତେ ଦୁଃଖୀ;
(୧୧) ଡଳା ଆଳ ଗୁଁଜିଆରେ ତାହାର ରକତ ଯାଏ ଶୁଖି ରେ !

---

(୭) ଠାକୁର ଭୋଗ—ଦେବାମନ୍ତ୍ରସିଦ୍ଧ ଧାନ୍ୟବିଶେଷ ।

"ଯଦ୍‌ଗୃହେ ଦୁଃଖିତାଃ ଗାବଃ ସ ଯାତି ନରକଂ ନରଃ ।" —ଅଗ୍ନିପୁରାଣ ।

(୮) ଉମ୍ବୁଧରବାହନ—ବଳଦ । ଦେବେଶ—ଶିବ । (୯) ଉମ—ଗୋଟାଏକ କାଠବିଶେଷ । (୧୦) ଡଙ୍ଗର—ପାହାଡ଼ । (୧୧) ଡଳା—ବୃହତ୍ ମକ୍ଷିକାବିଶେଷ । ଆଳ—ଦଂଶନଶୀଳ ମକ୍ଷିକା । ଗୁଁଜିଆ—ମଶା ।

ଭଲ ହେ,
(୧୨) ଅର୍ଜୁନୀର ଜନ୍ମ ଖାଲି ହୁଦେ ତାହାପାଇଁ,
ଅନ୍ନଦା-ଅବନ୍ଦା ସେ 'ଜଗତର ଧାଈ;
ଅମ୍ବ'ମା ବୋଲି ଯା ହୁଏ ଜଣାଇ ତା' ଭବ ମଣ୍ଡ ନାହିଁ ରେ !

ଭଲ ହେ,
ସେବାମୃତର ଅତୁଳନ ବଖାଣ ଗୁଞ୍ଜନ,
(୧୩) ବତୋଷିବାରୁ ସେବାବ୍ରତ ନନ୍ଦିନୀର ମନ;
*ତପନ-ବଂଶଭୂଷଣ ସ୍ୱରୂପ ଲଭିଲେ ପୁତ୍ର ଧନ ରେ !

ଭଲ ହେ,
ଅଛି ଅତି ଗୋରୁ ଚାଟୁଥାଏ ବୋଲି-ଗାତ୍ର,
(୧୪) ଅଳ ଠିଆ ହେଲେ ତାକୁ ପରଘାଉ ବାତ୍ର ।
(୧୫) ଥିବ ଏ ପାପର ପତ୍ୱିତ କି ଦେଖ ତ ଶାସ୍ତ୍ର କାଢ଼ି ରେ !

---

(୧୨) ଅର୍ଜୁନୀ—ଗୋମାତା । (୧୩) ନନ୍ଦିନୀ—ବଶିଷ୍ଠଙ୍କର ହୋମ ଧେନୁ । ସୂର୍ଯ୍ୟବଂଶୀୟ ଦଳୀପ ରାଜା ନନ୍ଦିନୀଙ୍କ ସେବା ଫଳରେ ଭୁବନଖ୍ୟାତ ରଘୁ ମହାରାଜାଙ୍କୁ ପୁତ୍ରରୂପେ ପାଇଥିବା କଥା ପୁରାଣପ୍ରସିଦ୍ଧ ।

* ଗୋଷୁ ଭକ୍ତଶ୍ଚ ଲଭତେ ଯଦ୍ ଯଦିଚ୍ଛତି ମାନବଃ,
ସ୍ତ୍ରିୟୋଽପି ଭକ୍ତା ଯା ଗୋଷୁ ତାଶ୍ଚ କାମ ମବାପ୍ନୁୟୁଃ;
ପୁତ୍ରାର୍ଥୀ ଲଭତେ ପୁତ୍ରଂ କନ୍ୟାର୍ଥୀ କାମବାପ୍ନୁୟାତ୍,
ଧନାର୍ଥୀ ଲଭତେ ବିତ୍ତଂ ଧର୍ମାର୍ଥୀ ଧର୍ମମାପ୍ନୁୟାତ୍ ।
ବିଦ୍ୟାର୍ଥୀ ପ୍ରାପ୍ନୁୟାଦ୍ ବିଦ୍ୟାଂ ସୁଖାର୍ଥୀ ପ୍ରାପ୍ନୁୟାତ୍ ସୁଖଂ
ନ କିଂ ଦୁର୍ଲଭଂ ଚୈବ ଗବାଂ ଭକ୍ତସ୍ୟ ଭାରତ । —ମହାଭାରତ ।
ଆରେତେ ଗୋଘ୍ନ ମୁତ ପୁରୁଷଘ୍ନଂ କ୍ଷୟଦ୍ୱୀର ସୁମ୍ନମସ୍ମେତେ ଅସ୍ତୁ ।
—ଋଗ୍ବେଦ ।

ହେ ପରମାତ୍ମନ୍ ! ଗୋହନ୍ତା ଜୀବ-ହିଂସକମାନଙ୍କୁ ଦୂର କରି ଦିଅନ୍ତୁ, ଆମମାନଙ୍କୁ ସୁଖୀ କରନ୍ତୁ ।

(୧୪) ପରଘାଇବା—ପ୍ରହାର କରିବା (ଗ୍ରାମ୍ୟ ଶବ୍ଦ) । (୧୫) ପତ୍ୱିତ—ଶୁଦ୍ଧିଲାଭ (ପ୍ରାୟଶ୍ଚିତ୍ତ) ।

ଭାଇ ହେ,
(୧୬) ଦାମୁଣ୍ଡର ପେଟ ଖାଣ୍ଡି ଦେଲୁ ଯା ଗୋରସ,
(୧୭) ଦ୍ୱିଶଫ ରକ୍ଷଣ ଏ କ ଭାବୁ ତୋ ମାନସ;
ଦେବ କେତେ କେଉଁଥର କରମ-ଦେବତା ସୁଖ-ଯଶ ରେ !

ଭାଇ ହେ,
ଧର୍ମକୁ କର୍ମେ ଯେ ଲୋକ ରଖଇ ଯେପରି,
ଧରମର ବଳ ତାକୁ ଟେକଇ ସେପରି;
(୧୮) ଧର୍ମରାଜ-ନଦୀ ପାର ହେବୁକି ଧନର ପୁଚ୍ଛ ଧରି ରେ !

ଭାଇ ହେ,
ନୁହେ କେହି ନର ସଖା ଧରମ ବ୍ୟତୀତ,
ନେବ ନାହିଁ କେହି, ସଙ୍ଗେ ଦାର-ସୁତ-ମିତ;
ନ ଯିବ ତୋ ସଙ୍ଗେ ଯମପୁରକୁ ମରତପୁର କଡ଼ି ରେ !

ଭାଇ ହେ,
ଦୁଃଖୀଙ୍କ ଦୋହନ୍ତି ଯେଉଁ ଚଷାର ସୁଖ୍ୟାତି,
ଦୋହନ୍ତି ସେ ଚଷା—ଲକ୍ଷପୋଷାଙ୍କୁ ଯେ ଜାତି;
ପାପ ନୁହେ କବା ତାକୁ କନ୍ଦାଇଥିବାର ଦବାଗ୍ନି ରେ !

ଭାଇ ହେ,
ଫିଟାଇ କହନ୍ତୁ ସ୍ପଷ୍ଟ କଥା ଯେବେ ବାଟେ,
(୧୯) ଫେଡ଼ି ଶାସ୍ତ୍ର-ନେତ୍ର ଅନା କାଳ-ପାରିବାରେ;
ଫନ୍ଦା ଟେକାଲି ତୋ ତୁଲ୍ୟପ୍ରାଣ କନ୍ଦାଇ କି ଲାଭ ବାନ୍ଧିବାରେ ?

(୧୬) ଖାଣ୍ଡିବା—ଖାଦ୍ୟ ପରିମାଣ କମାଇଦେବା । (୧୭) ଦ୍ୱିଶଫ—ଦୁଇ ଖୁରଯୁକ୍ତ ପଶୁ, ରୋମନ୍ଥକାରୀ । ରକ୍ଷଣ—ଏ ସ୍ଥଳରେ ସେବା ଅର୍ଥରେ ପ୍ରଯୁକ୍ତ ।

"କୃଷି ଗୋରକ୍ଷ ବାଣିଜ୍ୟଂ ବୈଶ୍ୟକର୍ମ ସ୍ୱଭାବଜଂ" —ଗୀତା ।

କୃଷି, ଗୋରକ୍ଷା ଓ ବାଣିଜ୍ୟ ବୈଶ୍ୟର ସ୍ୱଭାବଜ କର୍ମ ଅଟେ ।

ପଶୂନାଂ ରକ୍ଷଣଂ ଦାନମିଜ୍ୟାଧ୍ୟୟନମେବ ଚ
ବଣିକ୍ ପଥଂ କୁସୀଦଂ ଚ ବୈଶ୍ୟସ୍ୟ କୃଷିମେବ ଚ । —ମନୁ ।

ପଶୁପାଳନ, ଦାନ, ଯଜ୍ଞ, ବେଦାଧ୍ୟୟନ, ବାଣିଜ୍ୟ, ସୁଧଗ୍ରହଣ ଏବଂ କୃଷି—ଏସବୁ ବୈଶ୍ୟର କର୍ମ ।

(୧୮) ଧର୍ମରାଜ-ନଦୀ—ପ୍ରେତନଦୀ, କଳ୍ପିତ ବୈତରଣୀ । (୧୯) କାଳ—ମୃତ୍ୟୁ ।

ଶୁଣ ଦେବ,
ବଳ ଥିବା ଯାଏ ଘୂରୁଥିବ ଯାଏ ନାହିଁ,
(୨୦) ବ୍ୟସ୍ତ ତୋ ବଳଦ ଦାଇଁ-ମୁଆନ କଲାରେ;
ବୁଢ଼ା ହେଲେ ଦେଖେ ମୋଚି-ଗୁହାଳ ଚମଡ଼ା-ହାଡ଼ ପାଇଁ ରେ ।

ଶୁଣ ଦେବ,
ଭାଇ ମାଂସେ ବଢ଼ାଇବା କଂସାର ଜୀବିକା,
ଭଣ୍ଡଙ୍କର ଯାଗ ତା'ଠୁଁ ବୁଦ୍ଧି ଚୋରୁ ବାକା;
(୨୧) ଦେଖିକେ ପଡ଼ିଛି ମଣିଷଟି ନରକକୁଣ୍ଡେ ନଷ୍ଟ ଫିକା ରେ !

ଶୁଣ ଦେବ,
ମେଣ୍ଢା ଛାଗ ନ ହେଲେହେଁ ତୋହର ସମାନ,
ମଙ୍ଗଳା ଆଗରେ ତାଙ୍କୁ ନ' ଦେ ବଳିଦାନ;
ମାଆ ସେ ସେ କରିବକି ସନ୍ତାନମାନଙ୍କ ରକ୍ତପାନ ରେ !

ଶୁଣ ଦେବ,
ଯକ୍ଷ୍ମା-ବସନ୍ତିକା ଆଦି ନାନା ରୋଗ ଛଳେ,
ଯମଦୂତେ ମାନବଙ୍କୁ ଆକ୍ରମିଣ ବଳେ,
ଯକୃତ କଳିଜା ଟେକାରେ ଖାଆନ୍ତି ପ୍ରାଣ ବି' ଝିଂପାଫଲେ ରେ ।

ଶୁଣ ଦେବ,
ରଖ ତୋ ମାନବଧର୍ମ ନହୁଅ ଦାନବ,
ରାଜା ହୋଇ ଜୀବଗଣେ ଲଭିଛୁ ଉଦ୍ଭବ;
ରକ୍ଷକ ଭକ୍ଷକ ହେଲେ ଶୁଣିବ କେ କାହା ଆର୍ତ୍ତରବ ରେ ।

ଶୁଣ ଦେବ,
ଲଜ୍ଜାପାଅ ସ୍ୱକର୍ତ୍ତବ୍ୟ ହୋଇ ଚ୍ୟୁତବ୍ରତ,
ଲୁପ୍ତ ହୋଇ ବସିଲଣି ଆର୍ଯ୍ୟର ମହତ୍ତ୍ୱ;
ଲଭିଥିଲେ ଧାପ ଚଢ଼ିଛ କି ଲଭ, ହେଲେହେଁ ତୈଳଦତ୍ତ ରେ ।

(୨୦) ଦାଇଁ—ବେଙ୍ଗଳା ଦଉଡ଼ି (ଗ୍ରା.ଶ.) । (୨୧) ଫିକା—କ୍ଷିପ୍ତ (ଗ୍ରା. ଶ.) ।

ଜୟ ହେ,
(୨୨) ବଶିଷ୍ଠ ଭୃଗୁସୁତାଦ୍ୟ ଆର୍ଯ୍ୟ ଋଷିଗଣେ,
ବନ୍ଦ ଶ୍ରୀ-ରୂପିଣୀ ଦେବୀ ଗୋମାତା ଚରଣେ;
ବିଶ୍ୱପୋଷଣ କ୍ଷମତା ଅରଜିଥିଲେଟି ଜଣେ ଜଣେ ରେ ।

ଜୟ ହେ,
(୨୩) ଶ୍ରୀବାସ ଯା ପୃଷ୍ଠଦେଶେ ଗଲେ ଶ୍ରୀନିବାସ,
(୨୪) ଶ୍ରୀ-ବାସଜ ମୁଖପଦ୍ମେ କରନ୍ତି ବାସ,
ଶ୍ରୀମନ୍ତ ଶ୍ରୀବନ୍ତ ସେହି ଗୋମାତା କଲ୍ୟାଣେ ଦୁଃଖ ନାଶ ରେ ।

ଜୟ ହେ,
(୨୫) ଷଷ୍ଠୀଦେବୀ ବସନ୍ତି ଯା ପୁଚ୍ଛ-ଲୋମରେ,
(୨୬) ଷଷ୍ଠିହାସ୍ୟନ-ବାହନା ଯାର ନିଶ୍ୱାସରେ;
(୨୭) ଷାଡ଼ବାଧିଷ୍ଠାତ୍ରୀ ଜ୍ଞାନାଃସ୍ଫୁର୍ତ୍ତି ସେ ଦେବୀ ହମ୍ବା ସ୍ୱରେ ରେ ।

ଜୟ ହେ,
ସର୍ବ ବାଧାବିଘ୍ନନାଶ ଯା ଶୁଭ ଦର୍ଶନ,
ସୁରଗଣ ମଣ୍ଡିନ୍ତି ଯା ଲୋମ-ଆସନ;
ସତ୍ୟ ଶାନ୍ତି ଦୟା କ୍ଷମା ଲୁଣ୍ଠି ଯାହାର ଶ୍ରୀଚରଣରେ ।

ଜୟ ହେ,
ହୋମେ-ଯଜ୍ଞେ ବାୟୁଶୁଦ୍ଧ ହୁତାଶର ତୁଷ୍ଟି,
(୨୮) ହରଷେ ମେଘବାହନ କରୁଅଛି ବୃଷ୍ଟି;
ହୋଇଅଛି ରକ୍ଷା ସେହି ଗୋମାତା କଲ୍ୟାଣେ ଜୀବ ସୃଷ୍ଟି ରେ ।

ଜୟ ହେ,
କ୍ଷୀରଦା ନୀରଦା ଦେବୀ ଧନଦା ଅନ୍ନଦା,
(୨୯) କ୍ଷେମଙ୍କରୀ ଶୁଭଙ୍କରୀ ଅଭୀଷ୍ଟ ବରଦା,
କ୍ଷମିବେ ତୋ ଅପରାଧ ତାହାଙ୍କ ଶ୍ରୀପଦେ ସେବ ସଦା ରେ ।

---

(୨୨) ଭୃଗୁସୁତ—ଯମଦଗ୍ନି । (୨୩) ଶ୍ରୀବାସ—ଶିବ । ଶ୍ରୀନିବାସ—ବିଷ୍ଣୁ । (୨୪) ଶ୍ରୀବାସଜ—ବ୍ରହ୍ମା । ଶ୍ରୀ—ଲକ୍ଷ୍ମୀ । (୨୫) ଷଷ୍ଠୀଦେବୀ—ଦୁର୍ଗା । (୨୬) ଷଷ୍ଠିହାସ୍ୟନ-ବାହନା—ଲକ୍ଷ୍ମୀ । (୨୭) ଷାଡ଼ବାଧିଷ୍ଠାତ୍ରୀ—ସରସ୍ୱତୀ । (୨୮) ମେଘବାହନ—ଇନ୍ଦ୍ର । (୨୯) କ୍ଷେମଙ୍କରୀ—ଲବ୍ଧ ବସ୍ତୁର ରକ୍ଷାକାରିଣୀ ।

## ଚତୁର୍ଦ୍ଦଶ ଛାନ୍ଦ

# ପ୍ରଭୁ-ଭକ୍ତି

(ରାଗ—କଳହଂସକେଦାର)

ପ୍ରକୃଷ୍ଟ ଧର୍ମପଥ ପ୍ରଭୁଭଜନ୍ତି,
ପ୍ରକୋପି-ମନ, ତହିଁ କର ତୁ' ରତି;
(୧) ପ୍ରକୃତି ଜନ-ପଦେ ମାୟା-ଶାଙ୍କୋଳି,
ପକାଇଛି, ହେ ପ୍ରଭୁ ଦେବେ ତା' ଖୋଲି ରେ !

ପାଷେ ଅନନ୍ତ ବସ୍ତୁ- ସମ୍ପଦପତି,
(୨) ପଷାଣହୃଦୟ ମୋ ନ ଦେଖି ଭକ୍ତି;
ପଖାଳି ତାଙ୍କ ପଦ ପ୍ରେମ-ଜୀବନେ,
ପ୍ରଣିପାତ ହେବୁ ସଦା ମନ ଜୀବନେ ରେ !

ପାଗଳମତି, ପ୍ରେମ- ଭକ୍ତି-ପଥରେ,
ପ୍ରବର୍ତ୍ତ କଲେ ତାଙ୍କୁ ପାଇବୁ ଅରେ;
ପ୍ରସନ୍ନଭବା ନୋହିଲେ ପାପକୁ ଛାଣି,
ପ୍ରବନ୍ଧ ହୋଇ ନେବ ଥାଅ ତୁ ଜାଣି ରେ !

(୩) ପ୍ରଦୋଷକ, ପରଶ, ରସ, ସ୍ୱ, ବାସେ;
(୪) ପ, ହୁତଭୋଗୀ, କ୍ଷିତି, ଅ.ପ, ଆକାଶେ;
ପ୍ରବେଷ୍ଟ ପ୍ରଭୁ ସର୍ବ ଅନ୍ତଃକରଣେ,
ପ୍ରଦର୍ଶିତ ହୁଅ ତୁ ତାଙ୍କ ଚରଣେ ରେ !

ପଞ୍ଚଶତ୍ରୁ ଲୁଚାଇ ଗ୍ଲାନି ତୁ ମନ,
ପାଉଁଶ ହେବ ପିଣ୍ଡ ଗଲେ ଜୀବନ;

---

(୧) ପ୍ରକୃତି—ବସ୍ତୁ ଅର୍ଥାତ୍ ଇନ୍ଦ୍ରିୟଗ୍ରାହ୍ୟ ପଦାର୍ଥ—ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ପ୍ରଭୃତି ଭୋଗ୍ୟ ବସ୍ତୁ । (୨) ପଷାଣ—ପଥର (ଗ୍ରା.) । (୩) ପ୍ରଦୋଷକ—ଶବ୍ଦ । ସ୍ୱ—ତେଜ । ବାସ—ଗନ୍ଧ । (୪) ପ—ବାୟୁ । ହୁତଭୋଗୀ—ଅଗ୍ନି ।

ଚାଉତ ଧନ ଲୋଡ଼ି    ଦଉଡ଼ୁ ପାଖା,
ଚଉକ୍ରୁଦ ଚାଇବୁ    ଲଙ୍ଘିଲେ ତାହା ରେ !

(୫) ପ୍ରଚଣ୍ଡ ଭାବ ସଦା    ଦମନ କର,
(୬) ପ୍ରଚୋଦନାନୁଯାୟୀ    ହୋ ବିବେକର;
(୭) ପଚନ ଗର୍ଭେ ପଡ଼ି    କାର୍ପାସ ସମ,
ପ୍ରଚୁର ପାପ ତହିଁ    ହେବ ଭସମ ରେ !

ପୋଷ୍ୟବଶ ଦୃଢର    ସଂଶୟ-ମନ,
ସଙ୍ଗିତେ ଛନ୍ଦି ପ୍ରଭୁ    ଖସିବେ ଝଳ;
ସିଦ୍ଧିକ ଦେବତା ସେ    ବଶ୍ୟବନ୍ଧାଯ୍ୟ,
ସତେକ ଫୁଲିବୁ ତାଙ୍କୁ    ଧରି ନ ପାରି ରେ !

ଚାରି ମନ, ଲ୍ଲନକୁ    ସୁଗନ୍ଧା-ରଥେ,
(୮) ପ୍ରାଜକ କରି ତହେ    ରଙ୍ଗି ସୁପଥେ;
ପ୍ରଜ୍ୱଳନ କରି ହେ    ଭବ-ଦୁର୍ଗତି,
(୯) ପ୍ରଜନନ-ମରଣେ    ଦେବ ସୁଗତି ରେ !

ତୃଷ୍ଣାଗ୍ନି ହୋଇ ଯା ଯା    ପ୍ରଭୁ ଚରଣେ,
(୧୦) ପାଦ୍ମ କରି ପ୍ରାଣ    ଭକତିଭରେ;
(୧୧) ପଂଝା ପଂଝା ମହର୍ଷି    ଯା ପାଦ ତଳେ,
ପଂଝା ପ୍ରସାରିଛନ୍ତି    ପ୍ରେମବିହ୍ୱଳେ ରେ !

ଫାଁନ ଅନ୍ୱେଷା ତୋର    ନ ହେବଲ୍ ଉଣା,
ଧ୍ୟାନ କରି ନପାରୁ    ପ୍ରଭୁ କରୁଣା;
(୧୨) ପିନଦ୍ଧ ହୋଇଛୁ ତ    ତ୍ରିଗୁଣ ଜାଲେ,
ସ୍ୱନଷ୍ଟ ଚଢ଼ିବୁ    ଭବ-ଜଞ୍ଜାଳେ ରେ !

---

(୫) ପ୍ରଚଣ୍ଡତା—କ୍ରୋଧ । (୬) ପ୍ରଚୋଦନ—ପ୍ରେରଣ । (୭) ପଚନ—ଅଗ୍ନି । (୮) ପ୍ରାଜକ—ସାରଥି । (୯) ପ୍ରଜନନ-ମରଣେ—ଜନ୍ମମୃତ୍ୟୁରେ । (୧୦) ପାଦ୍ମ ପାଦଭୂଷଣ । (୧୧) ପଂଝା—ଦଳ, କରତଳ । (୧୨) ପିନଦ୍ଧ—ଆବୃତ । ତ୍ରିଦ୍ୱ ସୁଖ, ଦୁଃଖ ଓ ମୋହ ।

ପେଟୁକ ଚିନ୍ତା ତୋର   ଛାଡ଼ ଦୁର୍ମତି,
ପେଟ ପୋଷଣେ ଖାଲି   ନାହିଁ ସୁଗତି;
(୧୩) ପଣ୍ଡ ସେ କାର୍ଯ୍ୟ ପଣ୍ଡୁ-   ଶାଠ-ସଙ୍ଗତ,
ପଟାନ୍ତର ଦେବୁନି   ତାଙ୍କର ସଙ୍ଗ ରେ !

ପଠନ କର ପୂତ   ଓଁକାର ମନ୍ତ୍ର,
ପଠନ କରେ ଯାହା   ନସୁଷ୍ଟ-ଯନ୍ତ୍ର;
ପାଠକ ବୁଝନ୍ତି ସେ   ପାଠ ମହିମା,
ପଠନେ ଶେଷ ନୁହେ   ତା' ଗୁଣ ସୀମା ରେ !

(୧୪) ପାଢ଼ଶୁଆରେ ଆଜି   ବସାଇଛୁ ଖୋଳେ,
ପଢ଼ିବୁ ଯାଇ କାଲି   ଚିତାଗ୍ନି କୋଳେ;
ପୋଡ଼ିବ ପିଣ୍ଡ, କର୍ମ   ଅପୋଷ୍ଣା ହେବ,
(୧୫) ପୀଢ଼ନ ବାନ୍ଧି ପେଣୁ   ସ୍ୱଜନଙ୍କୁ ଦେବ ରେ !

(୧୬) ପ୍ରୌଢ଼ ଜୀବନେ ପ୍ରାପ୍ତି-   ଧନ ଯା କର,
(୧୭) ପୋଡ଼ପତି-ଦୂତ ସେ   ଆସିଚ୍ଛି ପର;
(୧୮) ପଢ଼ିଆଣ୍ଡ ରୂପେ ତୁ   ହୃଦ-ମନ୍ଦରେ,
ପଢ଼ି ଓଁକାର ମନ୍ତ୍ର   ଜାଗିଥା' ଧୀରେ ରେ !

ପାଣିପୋଟକା ସବୁ   ଦେଖୁଛୁ ଯାହା,
(୧୯) ପୁଣ୍ୟ ସହିତେ କିଏ   ଆମ୍ଭର ଯାହା;
ପ୍ରାଣ ଉଜ୍ଜ୍ୱଳ କର   ପୁଣ୍ୟ-ଆଲୋକେ,
(୨୦) ପଣ ଉଣ୍ବବ ମନ   ତୋ ପରଲୋକେ ରେ !

ପତିତପାବନ ତ'   ଜଗତପତି,
ପୂତ ପଦ୍ମରେ ତାଙ୍କ   ଢାଳ ଭକତି;
ପତିତ ଦେଖୁ ମନ,   ପାପେ ତୋ ପ୍ରାଣ,
ପତନୁ ପ୍ରାଣପ୍ରଭୁ   କରିବେ ତ୍ରାଣ ରେ !

---

(୧୩) ପଣ୍ଡ—ନପୁଂସକ । (୧୪) ପାଢ଼ଶୁଆ—ଶେଯ । (୧୫) ପୀଢ଼ନ—ଦଣ୍ଡପ୍ରଦାନ, ଯାବତ ଗ୍ରହଣ । (୧୬) ପ୍ରୌଢ଼—ପଞ୍ଚାଶତ ବୟସ । (୧୭) ପୋଡ଼ପତି—ଯମ । (୧୮) ପଢ଼ିଆଣ୍ଡ—ଦ୍ୱାରପାଳ, ଦେବପୂଜକ । (୧୯) ପୁଣ୍ୟ—ଧର୍ମ । (୨୦) ପଣ—

(୨୧) ପାଥୋଦ ତରୁ ଆଦି  ଧରମ ପଥ,
-ପଥିକ ହୁଅ କର୍ମେ  ଲାଗି ସତତ;
(୨୨) ପ୍ରାର୍ଥୀ ହେବୁ ତୁ ଯଦ  କର୍ମ ନକରି,
ଘଟରେ ଥିଲେ ତୃଷା  ନ ଶୁଣେ ହରି ରେ !

(୨୩) ପଦ୍ମ ନଷ୍ଟ ହୁଏ ଯଥା  ହିମ କମଳେ,
(୨୪) ପୁଦ୍‌ଗଳ ତଥା ତୋର  ପାତକ ମଳେ;
ମାନ୍ୟ ହେଉ ତୋ ଅଶ୍ରୁ  ପ୍ରଭୁଚରଣେ,
ପ୍ରଶସ୍ତ ହେବ ଆତ୍ମା  ତାଙ୍କ କରୁଣେ ରେ !

(୨୫) ପିଧାନ ମାୟାଜାଲେ  ଧରମ ପନ୍ଥା,
ପ୍ରଧାବିତ ହେଲେ ତୁ  ଲଭିବ ତାହା;
(୨୬) ପ୍ରାଧାନ୍ୟ ପ୍ରାପ୍ତ ହେବୁ  ଜନ ଜୀବନେ
(୨୭) ପ୍ରଖ୍ୟାତ କରି ନାମ  ବିଶ୍ୱ-ଭବନେ ରେ !

(୨୮) ପିନାକି-ବ୍ରହ୍ମା-ପଞ୍ଚ  ସ୍ତୁତି ବଦନେ,
(୨୯) ପନତ ଯେଉଁ ବ୍ରହ୍ମ-  ଗୁଣ ବନ୍ଦନେ;
(୩୦) ପନ୍ନଗ ନଗଜାଦି  ଅଗଣ୍ୟ ପ୍ରାଣୀ,
ଧ୍ୟାନ କରନ୍ତି ଯାଙ୍କ  କରୁଣା-ପାଣି ରେ !

ପିପାସୁ ହୁଅ ତାଙ୍କ  କରୁଣାମୃତ,
ପ୍ରାପତ ହେବ, ହେବ  ଚିତ୍ତ ପ୍ରାଣ ପୂତ;
ପାପାକ୍ତ ମାନସ ତୁ  ହୀନ ଅଜ୍ଞାନ,
ପାପୀ-ପୁଣ୍ୟାତ୍ମା ପ୍ରଭୁ-  ନେତ୍ରେ ସମାନ ରେ !

ପ୍ରଫୁଲ୍ଲ କର ତୋର  ହୃଦ-କମଳ,
ପ୍ରଫୁଲ୍ଲ ହେବେ ପ୍ରଭୁ  ଭକ୍ତବତ୍ସଳ;

---

ପ୍ରତଙ୍କ । ପରଲୋକ—ଲୋକାନ୍ତର । (୨୧) ପାଥୋଦ—ଜଳ, ଅଗ୍ନି, ସୂର୍ଯ୍ୟ ପ୍ରଭୃତି । (୨୨) ପ୍ରାର୍ଥୀ—ଭିକ୍ଷୁ । (୨୩) ହିମକମଳ—ଶିଶିରପାଣି । (୨୪) ପୁଦ୍‌ଗଳ—ଆତ୍ମା । (୨୫) ପନ୍ଥା—ପଥ । (୨୬) ପ୍ରାଧାନ୍ୟ—ଶ୍ରେଷ୍ଠତା । (୨୭) ପ୍ରଖ୍ୟାତ—ଧ୍ୱନିତ । (୨୮) ପିନାକୀ—ଶିବ । (୨୯) ପନତ—ସ୍ତୁତ । (୩୦) ପନ୍ନଗ—ସର୍ପ । ନଗଜ—ହସ୍ତୀ ।

ପ୍ରଫୁଲ୍ଲତା ଲକ୍ଷ୍ମୀର    ଫୀରନ୍ତ ଶଂସି,
ପ୍ରଫୁଲ୍ଲ କଞ୍ଜମୁଖେ    ଢଳେ ସରସୀ, ରେ !

ଦୁବାଦ୍ବାବଶ ଜଟିଳ    ରଖି ପିପାସା,
ପ୍ରାନ୍ତରେ ସୁନ୍ଦର ଭା    ବଢ଼ାଇ ଆଶା;
(୩୧) ପବିପାତେ-ପ୍ରମତେ    ନଜାଣି ଉଷ୍ଣ,
ପବନ ଗଉରବକୁ    କରେ ଅଶ୍ରୁ ରେ !

ପ୍ରଭୁର୍ଣ୍ଣ ଦେବାର୍ଚ୍ଚନା-    ପ୍ରମତି ଧାର,
ସ୍ଵଚ୍ଛଭକ୍ତିକ କରି    ହୃଦରେ ଧାର;
ପ୍ରଭ୍ରଂଶ କର ଭ୍ରମ    ତର୍କ-ବୁଦ୍ଧିରେ,
ସ୍ଵଗତେ ଉଦ୍ଘୋଷକୁ    ଯେପେ ମିଶ୍ରେର ରେ !

(୩୨) ଭ୍ରମଦା ପ୍ରେମ ମଦ୍ୟ-    ପାନେ ପଡ଼ତ,
ପ୍ରମତ୍ତ ହୁଅ ନାହିଁ    କହୁଛି ସତ;
ପ୍ରେମଦା ଭୁଲାଇ ଯେ    ଭ୍ରମଦା ସିନା,
ପ୍ରମାଦ ମୂର୍ତ୍ତିମନ୍ତ    ମାୟା-ନବୀନା ରେ !

(୩୩) ତୀର୍ଥସ୍ଥାନ କରି ଭ୍ରୁ    ସକଳ କ୍ଷେତ୍ର,
(୩୪) ପ୍ରସୂତ କରୁ ଯାଅ    ଦର୍ଶନେ ନେତ୍ର;
(୩୫) ତୀର୍ଥଙ୍କ ବସି ହୁଅ    ଅବାଲ୍ୟ ଦତ୍ତ,
ପ୍ରଯତ୍ନ ବ୍ୟର୍ଥ, ସାର୍ଥ    ପ୍ରଭୁଭକ୍ତ ରେ !

ପରମବ୍ରହ୍ମ ପ୍ରଭୁ    ସର୍ବାନ୍ତର୍ଯାମୀ,
ପରମ୍ପର ଯେ ବିଶ୍ୱ-    ଜୀବନ ସ୍ୱାମୀ;
ପଦ୍ମରେଣୁ ତାଙ୍କର    ନିଅ ଆତ୍ମାରେ,
ପରଶଂସା ଟାଳବୁ    ପର ଯପାରେ ରେ !

ଅରଣ୍ୟ—ଅସଣ୍ୟ । (୩୧) ପବି—ବଜ୍ର । ପ୍ରମତ—ମେଘ ଗର୍ଜନ । (୩୨) ମଦ୍ୟ—ମଦ୍ୟ ।
(୩୩) କ୍ଷେତ୍ର—ତୀର୍ଥସ୍ଥାନ । (୩୪) ପ୍ରସୂତ—ପବିତ୍ର । (୩୫) ପଡ଼ିଙ୍କ—ଧ୍ୟାନ ସମସ୍ୟର

ମିଳିଥିଲ ଆଜ ମୋ' ସୁଖ-ଜୀବନ,
(୩୬) [illegible] [illegible]
[illegible] [illegible]
[illegible] [illegible] !

[illegible] [illegible]
(୩୭) [illegible] [illegible]
[illegible] [illegible]
[illegible] [illegible] !

[illegible] [illegible]
[illegible] [illegible]
[illegible] [illegible]
[illegible] [illegible] !

[illegible] [illegible]
[illegible] [illegible]
(୩୮) [illegible] [illegible]
[illegible] [illegible] !

[illegible] [illegible]
[illegible] [illegible]
[illegible] [illegible]
[illegible] [illegible] !

[illegible] [illegible]
[illegible] [illegible]
(୩୯) [illegible] [illegible]
[illegible] [illegible] !

[illegible] (୩୬) [illegible] (୩୭) [illegible] (୩୮) [illegible] (୩୯) [illegible]

ଚଷପାତ-ରଞ୍ଜିତ ପୁଣ୍ୟଚରଣେ,
(୪୦) ପ୍ରକ୍ଷିପ୍ତ ହେଲେ ତୋର ପାପ ଜୀବନେ,
ପ୍ରେକ୍ଷଣ ଗୁଳ, ଛାଳି ଦେ କୃପାଜଳ,
ପ୍ରୋକ୍ଷଣ ପରି କରି- ହେବେ ନିର୍ମଳ ରେ !

## ପଞ୍ଚଦଶ ସ୍ଥାନ

# ଗରିବ

( ରାଗ—ବଙ୍ଗଳାଶ୍ରୀ )

କରମ ଆଦର ଶରମ ସହିତ,
କି ହେବ ନରି ମଥିଲେ,
ଜାଣିଲ ମୋ ମରମ- ବେଦନା-ଶରମ
ଗରିବ ଧରମ ଥିଲେ ।

ଖାଇବା ଉଷ୍ଟିବ ମୋ ଆଖିକ ଯେତେବ
ଅନ୍ଧାର ଦିଶେ ଦୁନିଆ,
ଖଟିକାଳ ଧୂଳି ଭାତଟୁ ବ' ବଳି
ଯାଉଥାଏ ଯେତେ ନିଆଁ ।

ତୁମାନଆ ପୁଞ୍ଜି- ଫଣ୍ଡ ଦରେ ଖଞ୍ଜି
(୧) ହେଲେ ଧନିକଆ ଗୁତି,
ରହନ ଧାନର କ୍ଷେତେ କାମ କରି
(୨) କୁଟୋ ଗୁଣ୍ଡି ଆଣେ ଭୃତି ।

---

(୪୦) ପ୍ରକ୍ଷିପ୍ତ—ନିକ୍ଷିପ୍ତ, ଅର୍ପିତ । ପ୍ରେକ୍ଷଣ—ସମ୍ୟକ୍ ଦୃଷ୍ଟି । ପ୍ରୋକ୍ଷଣ—ଶୁଦ୍ଧି ନିମିତ୍ତ ଜଳସେଚନ ।

(୧) ଗୁତି—କ୍ଷେତରେ କାମ କରିବା ଚାକର (ସମ୍ବଲପୁର; ଦେଶୀ ଶବ୍ଦ) ।

(୨) କୁଟୋ—ତୃଣଧାନ୍ୟବିଶେଷ (ସମ୍ବଲପୁର; କୋଦ୍ରବ ଶବ୍ଦ) । ଭୃତି—ବେତନ (ସମ୍ବଲପୁର; ଭୃତ ଶବ୍ଦ) ।

ଷଣ୍ଢ ଖାଇ ଫୋଡ଼ା	ଫଟେଇ ଦଉଡ଼ିବା
ଭଳି କରେ ଯେତେ କାମ,
ସେଦିନଙ୍କ ଧନ	ଘରଲତା ମୋର
ଥାଉ ତା ଦେବା ଇନାମ ।

(୩) ଭଲିଆ-ଭଦର-	ଲୁଳିଆ ମାଳିକ
ମୂକଆ ପ୍ରାଣ କି ଶବ୍ଦ ?
ଜୁଆସରେ ଶୁଏ	ଉଧାର ନ ପାଏ
ଉଠି ନ ପାରିଲେ ଦିନେ ।

ତରଖି ମୋ'ଘରେ	ନ ରହିଲ୍ ଧନୁ
ଅରକ୍ଷିତ ହେଲା ଦିନା,
ଚେଚେଙ୍ଗୁ ତରାଶ	ଗୁଣେ ଲୋକ ନେଶ
ନ କହେଁ ଅବସ୍ଥା ଦିନା ।

ଛିଟା ସୋଡା ଥୋଇ	ଶେଷେ ଥାଏ ଶୋଇ
ଯେ'କାଳେ ମୋ ସାହୁକାର,
ଘୁଣ୍ଟରେ ସେକାଳେ	ଲୁହାଏ ମୁଁ ଖଣ୍ଡି-
(୪) ଚାଣ୍ଡରେ ଘମ୍ୱ ଧାର ।

ଜାଲିଆ ଲୁଣିଆ	ପଞ୍ଚ ହାଣ୍ଡିରେ
ପଡ଼ିଗଲ୍ କେବେ ଓରେ,
ଜବାବ ନଦେଇ	ଧନାଦୋଷେ ତଣ୍ଟି
ଜରିମାନା ଦିଏ ଉପରେ ।

---

(୩) ଭଲିଆ—ବଡ଼ଗୁଡ଼ା । ଭଦର—ବୃହତ୍ ଧାନକୋଠା । ଲୁଳିଆ—ଗୃହର ଭିତ୍ତି କାନ୍ଥର ଉର୍ଦ୍ଧ୍ୱଭାଗ ।
(୪) ଘମ୍ୱ—ସ୍ୱେଦ (ସମ୍ବଲପୁରୀ ଶବ୍ଦ) ।

ଝଣଝଣ-ପ୍ରିୟ ଧନ ମାନ କାନେ
ମୋ ଦୁଃଖ ପିବକ ଶୁଣ ?
ଝିଙ୍କି ଖାଇବାକୁ ମୋ ଭଳ କାହାଙ୍କୁ
ସେ ତ ବଳୁଆ ଶାଗୁଣା ।

ଞଗଦ ଞରନ୍ଧ ନରଘର ଜାଣି
ଗଞ୍ଜିଲେ ମତେ ସକଳେ,
ଞରଚେ ସନ୍ତାପ ସହିଲି; ଞଣାପ
ସ୍ୱଭାବ ନାହିଁ ଅକଲେ ।

ଟାଣୁଆ ବାବୁଙ୍କ ଟୁପା ଟୁପା ଦୋଷେ
ବୁଲିବୁଏ ଲୋକଆଗି,
ଟିକଏ ମୋ ଦୋଷ ପାଇଗଲେ ବେଶ-
କଣ୍ଠେ ଗାଇଆନ୍ତି ସାକ୍ଷୀ ।

ଠାକୁଆ ଡେଉଆ ଭିତର ଲୋକେ ବି
କଣ ବ୍ୟଙ୍ଗ-ପରିହାସ,
ଠେଁସ କଥା କହି ଅକାରଣେ ମୋର
ପଟ୍ଟଣେ ଦ୍ୟନ୍ତି ତରାସ ।

ଡଉଲଡ ଆଣେ ନ ଦେବେ ଅସ୍ୱସ୍ୟ
ଠେକୁଣ୍ଡି ବଦମାସି,
ଡାକ ପରିଶ୍ରମ- ଦକ ଖାଏ ପଡେ
ଆଠକାଳ ବାରମାସୀ ।

ଢୋକେ ପେଜପାଣି- ମୁଠାକର ଲୁଣ
ମୁଁ ଗୁଣ୍ଡ, ସୁଅ କୁଟିଆ,
ଢେଙ୍କି ମାଡ଼େ ନାହିଁ ଘର ଦରେ ନିଅ
ବଣ୍ଟୁଣ୍ଡି ଯାଣି ମାଟିଆ ।

ଅଳକୁଆ ନୋଣ୍ଡି    ଅପଲ ଭଜନ
ରହିଛି ପଦ ଜୀବନେ,
ଅଭାବର ହେତୁ    ଛାଡ଼ିଛି ଆଦର
ନ ପାଏ ସଭ୍ୟ-ଭୁବନେ ।

ତୋଷାମଦ ମଧୁ    ନାହିଁ ମୋ ଅଧରେ
ନ ଜାଣେ ତ' ଛଳ ଛଟା,
ଲମ୍ପିତପାଙ୍କର    ନୃତ୍ୟ ଦେଖିଲେ
ହେଉଛି ବେଣୁ ଘଣ୍ଟନାଟା ।

ଆଏ ଦେଖ ଭଣି    ଦାରୁଣ ଶାଢ଼ର,
ଶୁଣି ନ ପାରିଲ ଅଟରେ,
ଥେଉର କଣ୍ଠାଳ-    ଶୈଳାଧରେ ମୋର
ଲୁଣ୍ଠ ଧରି ଦେନ୍ତ ଅଟରେ ।

ଦେଖନ୍ତି ମୋ'ଘରେ    ଛୁଦ୍ର ମୂରେ ଥିଲେ
ଭିଖାରୀର ଅଧିକାର,
ଦୁଆରେ ଅନେକ    ଧନୀଙ୍କର ଭକ-
ବଦଳ ମିଳେ ଧିକ୍କାର ।

ଧୋବ ଧାଉଳିଆ    ଧନ-ଧରାଳିଆ
ଦେଖାନ୍ତି ଯେ ବ୍ୟବହାର,
ଧର୍ମ ମୋ ସାକ୍ଷୀ    ଛୋଟ ଲୁହ-ଆଖି
ସହିବ ଅତ୍ୟାଚାର ।

ନାମ ଅନୁମାନେ    ଚନ୍ଦ୍ର ଯେମନେ
ହୋଇଥିଲି ପ୍ରତିଷ୍ଠା,
କରିଥିଲେ ତାଙ୍କ    ମଧ୍ୟରୁ ଅନେକ
ଲେଖ ମୋର ପୁଣ୍ୟପିଣ୍ଡା ।

ପୁରୁଣାକୁ ନୂଆ    କରି ଏ ଦୁନିଆ
ଦେଖାଉଛି ତ' ତାମସା,
ପରିବର୍ତ୍ତନ    କରିବ ନାହିଁକି
ଶରୀରର ଦୁର୍ଦ୍ଦଶା ।

ପଳିତ ହେଲ କି    ଲଜ୍ଜିତ ନହୁଏ
ଛନ୍ଦ ଉଦ୍ଦାମସୁ ହରି,
ପଞ୍ଚ ତ' ନୁହଇ    ବୁଢ଼ାପଣା ଦୁଃଖେ
ଦେଉଛନ୍ତି ସେ ମୋହରି ।

ବନ୍ଧୁର ରୂପ ମୋର    ଅଛି ଶୋଭିଦ୍ୟନ୍ତ
ଦୀନବନ୍ଧୁ ଶ୍ରୀବତ୍ସାଙ୍କ,
ବିଭବ ଅନ୍ୱେଷେ    ବ୍ୟସ୍ତପ୍ରାଣେ ଯେବେ
ଉଦରକୁ ଥାଏ ଖୁନ୍ଦି ।

ଭଣ୍ଡାମି-ଭରିତ    ସ୍ତୁତିରେ ମୋ ଚରିତ
ସରଳତାକୁ ଅନାଇ,
ଉଚ୍ଚବେଣୀ ଭଣ୍ଡ-    ବାବୁମାନେ ନିତି
ଭଲୁଆ ଦେଲେ ବନାଇ ।

ମାନ ଧନ ଥିବା    ମାନବର ଅନୁ-
ମାନ ରକ୍ଷକ ହୁଅଏ,
(*) ମା' ନ ଥିବା ଦୁଃଖୀ-    ମାନଙ୍କ ବ୍ୟାକୁଳ
ମାନସକୁ ଚିହ୍ନେ କିଏ ?

ଯାଚନା ନ ଆଣି    ବୋଲନ୍ତି ସେ ଦୁଃଖୀ
ମହାଜନ ମହାଶୟ,

(*) ମା—ଲକ୍ଷ୍ମୀ, ସମ୍ପତ୍ତି ଅର୍ଥାତ୍ ମାତୃରୂପିଣୀ ବିଦ୍ୟା, ଭୂସମ୍ପତ୍ତି ।

ଯାହାଙ୍କର ସୃଷ୍ଟି— କୃତୀ ମୋଠୁଁ ବେଶି
ଦେଖନ୍ତି ସୁଖ ସୁଦଶା ।

ସନ୍ତୁଷ୍ଟି ଉପାସେ ସମସ୍ତ ସଦେଶେ
ତଥାପି ନୁହେ ପ୍ରକାଶ,
ରଙ୍କ ଧନଙ୍କର ଦୁଃଖ ସୁଖ ଭର
ପରଖେ କାଳ ବତାସ ।

ଲକ୍ଷଲୋକେଁ ନାମୀ ଲକ୍ଷ୍ମୀନା ଯାଚନା
ମରମଦାହ୍ନ ମରମ୍,
ଲକ୍ଷ୍ୟସ୍ଥାନେ ଜମାଏ ପଦାର୍ଥ ପାଉଛନ୍ତି
ସାର୍ଥକ ହେବ ଜନମ ।

ବିପଦ ବିଷାଦ ଚିନ୍ତା ଅବସାଦ
ଏ ସବୁରୁ ମଣି ବନ୍ଧୁ
ଜିନନ୍ତୁ ଧନତା ସ୍ୱର୍ଗ ସରଳତା
ମୋ ପ୍ରାଣ-ପୁଷ୍ପର ମଧୁ ।

ଶିଶୁମାନଙ୍କର ଘର ଖେଳ ମାଆ
କଉତୁକେ ଦେଖୁଥାନ୍ତି,
ଶୋକାକୁଳ ହୁଏ ଯେବେ ଶିଶୁ ତା'ପ୍ରାଣେ
ସେଇ ତ' ତାଙ୍କର ଶାନ୍ତି ।

ଯୋଗିଣୀର ଫୁଲ— ତାଲୁରେ ଆଦର
ନ ଲଭିଲେ କେଁ କା ହେଲା ?
ବଣ କୁସୁମର ଗୁଣକୁ ଭ୍ରମର
ଉଦ୍ଦେଶ କରେ କି ହେଳା ?

ସୁଦାମା ବନ୍ଧୁର ବନ୍ଧୁ ଆଦଙ୍କର
ଶୁଣିଛନ୍ତି ତ' ଜଗତ,

ସେମାନେ ମୋ'ଭକ୍ତ ତଥାପି ଓ ଛଳ
ଯାଉଛି ତାଙ୍କ ଦୁରିତ ।

ହରି ମୋର ଧନ ବନ୍ଧୁ ପରିଜନ
ମାନ ମହତ ବେବସା
ହୃଦସ୍ଥ ନିକଳେ ତାଙ୍କ ପାଦତଳେ
ରଖେ ତେଣୁ ମୋ ଭରସା ।

କ୍ଷଣିକ ହେଲେହେଁ ଏ ମହା ବଚନେ
ଯେ ମତେ ଦେଉଛନ୍ତି ଧ୍ୟାନ,
କ୍ଷୁଭିତ ସ୍ମରଣେ ତାଙ୍କୁ ଅନୁସରଣେ
ଡାକୁଥିବ ନାମ ନାମ ।

## ଷୋଡ଼ଶ ଛାନ୍ଦ

# ଅନ୍ତିମ-ଚିନ୍ତା

( ରାଗ—ଭୂପାଳ )

କାହିଁରୁ ମୁଁ ଥିଲି ଆସି କାଳ-ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
*କୁଟୁମ୍ବାଦି ବନ୍ଧୁ ବର୍ଗ ଧରମ ବ୍ୟତୀତ
ମୋ'ସଙ୍ଗେ କେହି ତ' ଯିବେ ନାହିଁ ।

---

* ଏକ ଏବ ସୁହୃଦ୍ଧର୍ମୋ ନିଧନେଽପ୍ୟନୁଯାତି ଯଃ,
ଶରୀରେଣ ସମଂ ନାଶଂ ସର୍ବମନ୍ୟଦ୍ଧି ଗଚ୍ଛତି । —ମନୁ ।

ପ୍ରାଣୀର ମୃତ୍ୟୁ ପରେ ଧର୍ମ କେବଳ ସଙ୍ଗେ ଯାଏ, ଅନ୍ୟ ସବୁ ଦେହ ସହିତ ନଷ୍ଟ ହୁଏ ।

ଖାଦ୍ୟ ଆଜ କ୍ଷୀର ସର        ଲବଣୀ ଶାକର
ପିଷ୍ଟକାନ୍ନ ନାନା ମିଷ୍ଟଫଳ,
ଖାଇପାରେ କାଲି ମାଟି        ମୁଦ୍ର ଦେନ୍ତ ଫାଟି
ପାଳପାରେ ଭଣ୍ଡ ଚଣ୍ଡାନଳ ।

ସର୍ବମତେ ଅନୁପମ        ଦେଖାଏ ତମ ତମ
ହୋଇ ଦେଖୁଥିଲା କେତେ ଜନ ?
ଗଲେ ପିଣ୍ଡୁ ପ୍ରାଣ ଛାଡ଼ି        ଶିରେ ଦେମା ସୋଷାଡ଼ି
ଦ୍ୱାଇପାରେ ଶ୍ୱାନ ଶିବା ପୁଚ୍ଛ ।

ଯର ଘର ବୋଲି ଚିନ୍ତି-        ପ୍ରାଣେ ସ୍ପନ୍ଦନ
ଯାଗିଥିଲି ଘୋର ନରକରେ,
ଯାଚପାଇର ମାଦୁଲ        ଦେବାକୁ ଅମୂଲ
କା ଦେଖି, କା ଅଛି ମୋର କରେ ?

ଭକ୍ଷ୍ୟରେ ସୁଖରସ        ମଜି ମୋ ମାନସ
ଖେଳିଥିଲି ଯାହା ପଞ୍ଚବନେ,
ହଳଟି କେଉଁଠୁ ସୁଖ        ଚାଲିଲିଣି ଦୁଃଖ
ଅନୁତାପ ଆଜ ଦେଖେ ମନ ।

କର୍ଣ୍ଣ ଗଲଣି ସ୍ଥିରତା        ହୃଦକୁ ଧୀରତା
ଦେଖ ଦୁର୍ବଳତା ବଢ଼ିଲଣି,
ଚେତିଲେ କି ଅଛି ଆଉ        କାଳଚକ୍ରର ଆୟୁ
ଧନରତନ ତ' ସରିଲଣି ।

ଛଟପଟ ହେବା ବାର        ହସିବ ସଂସାର
ଖୋଜି ବସିଲେ ସେ ଦୁଃଖ ଧନ,
ଛିଡ଼ ହେଉଥିବା ଡାଳି        ଲଟିନ୍ତି କା ପାଇଁ
ଖବଣା ସୁଁ ଲଜ୍ଜା-ବନ୍ଧନ ।

ଜୀବନ-ଜଞ୍ଜାଳ-ତାପ    ପାପ ଅନୁତାପ
ଦୁଃଖାନଳ ଠାରୁ ଯାଏ ବଳି,
ଜୀବନ୍ଲୋକେ ଆଉ କେହି    ମୋହ ସ୍ୱର୍ଗ ନେଇ
ଯାତନା ନଥିବେ ମୋହ ଭଳି ।

ଯୁଝିଥିବୁ କାଳ-ସ୍ରୋତେ    ବୋଲି ଯବେ ମୋତେ
ଚେତାଇ ନଥିଲୁ ମୋ ବିବେକ,
ଝଞ୍ଜା ବାତ ବାଜ ଆଜି    ପଡ଼ୁଅଛି ଖସି
ଆଶା-ତୃଷ୍ଣାବାନ୍ଧ ଛଡ଼ ଟେକି ।

ନିର୍ମଳ-ଅମୃତ ପାଇ    ଆନକୁ ଦେଖାଇ
ଶୁଣି ନ ପାରିଲି ଗୁରୁ-ଉପଦେଶେ,
ନିତାନ୍ତ ଦେଖେ ଗରଳ    ମହାକାଳ ଫଳ
ଖାଇ ମହାପାପୀ ହେଲି ଶେଷେ ।

ଟଳଟଳ ପ୍ରାଣବାୟୁ    ଖସିବାକୁ ଆଉ
ବେଶି ନାହିଁ ଆୟୁ ଶେଷ କାଳ
ଟାଣି ମୋତେ ନେବାପାଇଁ    ଆସିଲେଣି ଧାଇଁ
କାଳଦୂତ ଧରି ଫାଶ-ଜାଲ ।

ଠାକୁର ସାଗ ସିନ୍ଧୁର    ହେ' ପ୍ରାଣେଶ୍ୱର
ପାପ-ତାପହର ଦୟାମୟ,
ଡାକୁଅଛନ୍ତି କାତର-    ପ୍ରାଣେ ମୁଁ ଏଥର
ତାଙ୍କ ଶ୍ରୀପଦରେ ମୋ ଆଶ୍ରୟ ।

ତୋଳା ବାଳୁଣି ଏ ଧନ    ବନ୍ଧୁ ପରିଜନ
ମନମୋହ ରୂପ ଯୌବନ,
ଉଜ୍ଜ୍ୱଳ ଧବଳ ଭବ-    ନଗର ଏ ସବୁ
ବିଷମ ଜଞ୍ଜାଳ-ଆବର୍ତ୍ତନ ।

ଦ୍ରୁମ-ଦ୍ରୁମାଳୀ ସକଳ     ଚନ୍ଦ୍ରଚନ୍ଦ୍ରେ ଜଳ-
ବନ୍ଧୁ ଛଳ ଛଳ ପରକାର,
ଢାଳେ ଷଣ୍ଡପ୍ରସ୍ଥ ସର     ପ୍ରଭାବ ସଞ୍ଚର
ଭୁଲିଯିବ ଛାଳି ଅନ୍ଧକାର ।

ଅଣ୍ଡ ବ୍ରତ ଏ ଦ୍ୱାନ୍ତ     ନାହିଁ ଦର୍ପ ନାଟ
ଅଟ୍ଟାଳ୍ପରେ ଦାମ୍ବା-ଗୀତ କାହିଁ
ଅବାକ ହୋଇ ଦେକ ଦ୍ୱଳେ     କର ଦେଇ ଗଣ୍ଡେ
ବସିଛ କେ' କାହା ପାତ୍ର ଗୁହିଁ ।

ଚନ୍ଦ୍ର ରଜତ ଶୀତଳ     ନା' ତ୍ରସବେ ଜଳ
ଅନଳରେ କାହିଁ ଭରଣତା,
ତାର୍କିକର ବିତର୍କଣା     ଜ୍ଞାନ ବୁଦ୍ଧି ବଣା
ହୋଇଯିବ ଗୁହିଁ ଏ ରଙ୍ଗ ତ' ।

ଶୁଷ୍କ ଭାଳ ସୁବିଶାଳ-     ବଟ ବା ରସାଳ
ସବେ ଏକେ ସମଦଶାପନ୍ନ,
ଅବର ବାଳୁତ କାଳ     ବାଟେ ନାହିଁ କାଳ
ନିର୍ଦ୍ଦସ୍ୟୁ ନିର୍ମ୍ମମ ତା ନୟନ ।

ଦଳପତି ଧଣ ମାଣ     ସାଧୁ ବ୍ରହ୍ମଜ୍ଞାନୀ
ନ ରହିବ କାନ୍ତି ଚେକ କାର,
ଦ୍ୱିଜ ଶୂଦ୍ର କି ବାଉରି     କାଳର କାଉଁରି—
ସାଙ୍ଗ କରିଦେବ ଏକାକାର ।

ଧୂଳିରୁ ଏ ଅବୟବ     ଧୂଳିରୁ ବିଭବ
ଧୂଳିରେ ଗଢ଼ା ଏ ଲୀଳାଗାର,
ଧର୍ମି ମାନ ଏକା ଧ୍ୟେୟ     କାଳର ଅଜେୟ,
ଆଉ ଦେଉଛ ସବୁ ଧୂଳି ଗାର ।

ଚଞ୍ଚଳ ଶିଶୁର ଲୀଳା ହାସ୍ୟ-ନର୍ମ କ୍ରୀଡ଼ା
ଜୀବନ ସୁଧାର ଶୋଭା ରାଶି,
ଜଳଦେଣୁଁ ଇନ୍ଦ୍ରଧନୁ ଚରି ଏ ଭବନୁ
ଅନ୍ଧାରେ ବ କାଳ ନିଏ ଟାଣି ।

ପାଟଶାଢ଼ୀ ହିଜବାସ ବଢ଼ିଆ ସୁବାସ
କୁଙ୍କୁମ ଚନ୍ଦନ ଅଳଙ୍କାର,
ହାସିଫୋଟକା ଏ ବଦନ ପାଇଁ କେତେ ସ୍ନେହ
କେତେ ବେଶ ରାଶି ଦରକାର ।

ଫୁଲ ଫାଟିଯିବ ଯେବେ ଫିଙ୍ଗିଦେବେ କେବେ
ମଶାଣି ଭୂମେ ଏ ପିଣ୍ଡ ଗୋଟି,
ଫୁଲ ଚନ୍ଦନ ସୁବାସ ରୋଧି ଲୋକଶ୍ୱାସ,
ଦୁଃସହ ଦୁର୍ଗନ୍ଧ ଯିବ ଫୋଟି ।

ବସି ଅଟର ଶକୁନେ ଟାଣଣିଆ ମୁଖେ
ଟାଣିନେବେ ନର୍କମକ୍ଷୀ ଦଳ,
ବ୍ୟାପିଯିବେ ତ ଅଂଗେଇ ଲୋକଟେନେବେ ଦେଖି
ଚନ୍ଦନର ଛବି ଅବିକଳ ।

ଭେକନଳ କୋକୀ ଶୃଗାଳ ଶ୍ୱାନ ଗୃଧ୍ର ମାଳ
ବଡ଼ାଣ ଏ ବୃକ୍ଷୁ ଦ' ଛଞ୍ଚର,
ଭ୍ରୂ-ଯୁଗଳ ଚର୍ମ ଛିଣ୍ଡାଇ ଦେବେ ଉଜୁଡ଼ାଇ
ପଦୁଣ-ପକ୍ଷୀର ଦୁନାଦର ।

ମୋ ଘରଦ୍ୱାର ମୋ ଧନ ମୋ ଦାରା ନନ୍ଦନ
ସବୁ ମୋର ଏହି ଅଭିମାନ,
ମୋହ ମଦିରାର ଭ୍ରମ ଇନ୍ଦ୍ରଜାଲ ସମ
ଉଡ଼ିଭାଳିଦେବଟି ଶ୍ମଶାନ ।

(୧) ଯେ ସମସ୍ତେ ମାଟି ଦେହ — ସଙ୍ଗେ ମାଟି ଗେହ
ତେଜି ଯିବ ଶିବ ସମାଜସ୍ତୁ,
ଯମ ଅଦାଲତ ଆଗେ — ଦେବାକୁ ନଲଗେ
ଜାତି କୁଳ ଖ୍ୟାତି ପରିଚୟ ।

ରବିତଳେ ଦେହଧାରୀ — ପ୍ରଭାବ ବିସ୍ତାରି
ଲଭିଥାନ୍ତି ଯାହା ଦେଶ-ଦଳ
ରବିତନୟର ଚକ୍ଷୁ — ଦୃଷ୍ଟି ଆକର୍ଷିତ
କରିପାରେ ନାହିଁ ସେ ସକଳ ।

ଲକ୍ଷ୍ୟ ଯେଣୁ ସେ ସକଳ — ପାପପୁଣ୍ୟ ଫଳ
କର୍ତ୍ତୃତ୍ୱ-କର୍ତ୍ତବ୍ୟ ସମାଧାନ,
ନିଷ୍ଠୁରା ନୃତ୍ୟ ସେ କାଳ — ଦଣ୍ଡଧର ଜାଲ-
ଆବେଦନେ ମୁଦିଦିଏ କାନ ।

(୨) ବ୍ରାହ୍ମଣ ମୁଣ୍ଡେ ନିଷାଦ- — ଶୂଦ୍ରାଦିର ପାଦ
ରଖାଇପାରେ ତା ଗଜମତି,
(୩) ବାବୁ ଗାଳିଲେ ତା' ଶୂକର — ଦେଲେ ସ' ଆପର,
ମନ୍ତରେ ତାଙ୍କୁ ନ ହେବ ଜଡ ।

ଶାସ୍ତ୍ରୀ ପାଇପାରେ ଶାନ୍ତି — ଅବୋଧ ନିଷାଦ
ମୂର୍ଖ ତହିଁ ପାଇପାରେ ମୁକ୍ତି
ଶାସକେଙ୍କ ପ୍ରେତମାନଙ୍କ — ଧର୍ମାସନେ ନାହିଁ
ଉକଳିତ ଭକ୍ତି ତର୍କ ସୁକ୍ତି ।

(୪) ଷଡ଼ଙ୍ଗାଦି ଅଧ୍ୟାପନ — ଭୂଷଣ ଆଦର୍ଶ
ଦୃଷ୍ଟାନ୍ତ ସ' ତହିଁ ନାହିଁ ଲୋଡ଼େ,

(୧) ଗେହ—ଗୃହ । (୨) ନିଷାଦ—ଚଣ୍ଡାଳ । (୩) ଆପର—ଟଙ୍କଣ (ଘ.ଣ.) ।
(୪) ଷଡ଼ଙ୍ଗ—ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ—ବେଦର ଏହି

(୫) ଷଡ୍ରିପୁପ୍ରମୁଖ କବ ତର୍କ ଅନୁଭବ
ହାରିଯିବେ ସବେ ତାର ଆଗେ ।

ଚେଉ ଧରମବଳର ସ୍ମୃତିରେ ହାକର
ହେବ ଏକାନ୍ତ ଯେ କାଳେ ଆଜ୍ଞା
ସଖା ତୁମେ ମୋ ଆତ୍ମାର ଧର୍ମ ବନ୍ଧୁ ଆଉ
ଦିଶୁନାହାନ୍ତି ତ କେହି ସାନ୍ଥା ।

ହରି ହେ ତୁଦମଧର- ଠାକୁର, ଅର୍ପିତ
ଛାଡେ ମୁଁ ଡାକୁଛି ଆର୍ତ୍ତିକଣ୍ଠେ
ହର ଦୁରିତ ଦୁର୍ଦ୍ଦିନ ତୁମ୍ଭ ବିନୁ ଦେଇ-
ଦାତା ମୋ କେ ଅଛି ଏ ସଙ୍କଟେ !

ଦେବମଙ୍କର ତୁମେ ହରି ଆଶ୍ରୟ ମୋହରି
ଭରସା ତେଣୁ ମୁଁ ଅଛି ଧରି,
କ୍ଷୁଦ୍ର ଭବ-ସିନ୍ଧୁ ପାରି ହେବି ହେଲେ କାଣ୍ଡାରି
ତବ ଶ୍ରୀଚରଣ-ନାବ ଧରି ।

ଛଅ ଅଙ୍କ । (୫) ଷଡ୍ରିପୁପ୍ରମୁଖ—ଶତ୍ରୁଗଣ । କବ—ଯୁଦ୍ଧ ।

# ରଇତ-ଅମାସ୍ୟା

# ଚଇତ-ଅମାସ୍ୟା*

(ରାଗ—ବଙ୍ଗଳାଶ୍ରୀ)

ଉତ୍କଳ ସାହିତ୍ୟ-　　　　　ଆଲୋଚନାମୃତ
ପାନରେ ହୋଇ ସନ୍ତୃପ୍ତ,
ମାନସ ମୋହର　　　　　ହୋଇଥିଲା ଯେବେ
କଳ୍ପନା କୋଳେ ସୁଷୁପ୍ତ ।

ତନ୍ଦ୍ରା-ସ୍ୱପ୍ନରାଜ୍ୟ　　　　　ପର୍ଯ୍ୟଟନ ବ୍ୟାଜେ
ଦେଖିଲି ଏକ ରୂପସୀ—
କ୍ଷୀର-ଧବଳାଙ୍ଗୀ　　　　　ବିକଳେ କାନ୍ଦନ୍ତି
(୧) ହୀରକ ପୁଳକେ ବସି ।

ଶୋକାକୁଳା ଦେଖି-　　　　　ସ୍ତୁତି ଥରେ ଥରେ
ଅନାଇ ଭୁବନ ଭଙ୍ଗେ,
ବଦ୍ୟ ଡଂସଟିଏ　　　　　ଦୋଳୁଥିଲି ମାଏ
(୨) ଶୁମ୍ଭଦର୍ପ-ମଜଳତରଙ୍ଗେ ।

ଦେଖା କରେ ଦଣ୍ଡା,　　　　　ଶ୍ୱେତ-ଚଉଦଶ
ଚୁମ୍ବିଛି ଚରଣଦ୍ୱୟ;

---

* ତା ୪।୪।୨୪ ରି: ଗଙ୍ଗାଧରଙ୍କ ୭୨ ।

(୧) ହୀରକ ପୁଳକ—ହୀରାକୁଦ । ଏହା ସମ୍ବଲପୁର ସହର ନିକଟରେ ମହାନଦୀ ଗର୍ଭରେ ଅବସ୍ଥିତ ।

(୨) ଶୁମ୍ଭଦର୍ପ—ସମ୍ବଲପୁର ନିକଟସ୍ଥ ମହାନଦୀର ପ୍ରଧାନ ଡଣ୍ଡ ।
ବ୍ରହ୍ମାଣୀ—ବ୍ରହ୍ମାଙ୍କ ପତ୍ନୀ ।

କମଳା, ବ୍ରହ୍ମାଣୀ, କଲା ଶାଣାପାଣି
ଆଣିଲ ରତ୍ନ-ସମସ୍ତ ।

କାଠ କାଢ ଦେଖି ଗିରି ଦେଲେ ଶୁଭ୍ର
ଚନ୍ଦ୍ରାନନ ତଲୁ ଛତ୍ର,
(୧) ଛତର ସାଗରେ ପଡ଼ିଲା, ସଙ୍ଗାଟି
ନନ୍ଦଗର୍ଭେ ଗଲା ବୁଡ଼ି ।

ସେ' ନଦରେ ଘଣା ଭୁଲିଲ ତା' ନାମ
କେହ୍ବ ତ' ନଥିଲେ ଜାଣି,
(୨) ଦୁଃଖ ଦେଖି ତାକୁ 'ଘଣା' ନାମ ଦେଲେ
ଚୂଡ଼ାରଜା ଶୂଳପାଣି ।

ଦେବୀ ମର୍ମନ୍ତୁଦ- ରୋଦନ ଶ୍ରବଣି
ଦେବଗଣେ ଦେଇ ଦୃଷ୍ଟି,
(୩) ଶିରେ ରକ୍ଷେ କର ତାହା ସମଲାଈ
କଲେ ଅଶ୍ରୁଜଳ ବୃଷ୍ଟି ।

ଚକିତ ନୟନେ ଅନାଇ କେତେକ
ସମଲାଈ-ସହଚରୀ
(୪) କାନ୍ଦିଲେ ପାଟଣେ- ଶ୍ବରୀ ଚନ୍ଦ୍ରାସନୀ
ପଦ୍ମାସନୀ ସୁରେଶ୍ବରୀ ।

(୧) ଛତର ସାଗର—ଏହି ଜଳାଶୟଟି ସମ୍ବଲପୁର ସୋମନାଥ ମନ୍ଦିରର ବାୟବ୍ୟ-କୋଣରେ ଅବସ୍ଥିତ ।
(୨) ଘଣା—ସମ୍ବଲପୁର ସହର ଭିତରେ ବହୁଥିବା କ୍ଷୁଦ୍ର ନଦୀ । ଶୂଳପାଣି—ଚୂଡ଼ାରଜା ପର୍ବତର ଅଧିଷ୍ଠିତ ଶିବ । ଏହା ସମ୍ବଲପୁର ରେଳଷ୍ଟେସନ ନିକଟରେ ଅବସ୍ଥିତ ।
(୩) ସମଲାଈ—ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ।
(୪) ପାଟଣେଶ୍ବରୀ—ପାଟଣାର ଅଧିଷ୍ଠାତ୍ରୀ ଦେବୀ । ଚନ୍ଦ୍ରାସନୀ—ଚନ୍ଦ୍ରପୁରର ଅଧିଷ୍ଠାତ୍ରୀ ଦେବୀ । ପଦ୍ମାସନୀ—ପଦ୍ମପୁରର ଅଧିଷ୍ଠାତ୍ରୀ ଦେବୀ । ସୁରେଶ୍ବରୀ—ସୋନପୁରର ଅଧିଷ୍ଠାତ୍ରୀ ଦେବୀ ।

ପ୍ରତିଧ୍ୱନି ଛଳେ    କାନ୍ଦୁଥିଲେ ଅବା
ଦେଉଥିଲେ ପ୍ରବୋଧନା
ବାଣୀ ହେଲା ନାହିଁ    ସମ୍ଭଳନ୍ତି ପ୍ରତି
ଶୁଣୁଁଥିଲେ ଧରାଙ୍ଗନା ।

ଦେବୀଙ୍କ ବିଳାପ    ଶୁଣି ଶୈଳମାଳା
ଜୀବନ ହେଲା ବ୍ୟାକୁଳ
ବିକ୍ଷୋଭିତ ହେଲା    ମହାନଦୀ ବକ୍ଷ
ଜଳଜାଳ ଉପକୂଳ ।

(୧) ବେଦବ୍ୟାସ କୁଞ୍ଜ    କଳରବ କଣ୍ଠେ
କାନ୍ଦିଲା ପ୍ରକୃତି-ରାଣୀ
ଝର୍ଝର ନାଦରେ    ପ୍ରଧାନ-ପାଟ
ଢାଳିଲା ଲୋତକ ପାଣି ।

(୨) ବାଷ୍ପରେ ଭିଜିଲେ    ନରସିଂହନାଥ
ବକୁଳ-ଚମ୍ପକ ହାର
ଝରିଲା ଦେହଗରେ    ହରିଶଙ୍କରଙ୍କ
(୩) ଲୋତକ-ସପ୍ତଧାର ।

(୪) ବିକଳେ କାନ୍ଦିଲେ    ବାରପାହାଡ଼
(୫) ଶିଶୁପାଳ ବଡ଼ପାଣ୍ଟି

(୧) ବେଦବ୍ୟାସ—(ଗାଙ୍ଗପୁର-ବାମଣ୍ଡାପୁର) ରାଜ୍ୟର ନାଗରା ଜମିଦାରୀ ସ୍ଥିତ ଏକ ସୁଦୃଶ୍ୟ ପର୍ବତ ।
ପ୍ରଧାନପାଟ—ବାମଣ୍ଡା ରାଜ୍ୟାନ୍ତର୍ଗତ ପ୍ରପାତବିଶେଷ ।
(୨) ନୃସିଂହନାଥ—ସମ୍ବଲପୁର ଅଞ୍ଚଳର ଗୋଟିଏ ତୀର୍ଥସ୍ଥାନ ।
ହରିଶଙ୍କର—ସମ୍ବଲପୁର ଅଞ୍ଚଳର ଗୋଟିଏ ତୀର୍ଥସ୍ଥାନ । ଏହି ପର୍ବତର ଗୋଟିଏ ଅଂଶ (ନୃସିଂହନାଥ) ବୋଡ଼ାସମ୍ବର ଜମିଦାରୀରେ ଏବଂ ଅପର ଅଂଶ (ହରିଶଙ୍କର) ପାଟଣା ରାଜ୍ୟର ସୀମାରେ ଅବସ୍ଥିତ ।
(୩) ସପ୍ତଧାର—ହରିଶଙ୍କର ମନ୍ଦିର ନିକଟବର୍ତ୍ତୀ ପ୍ରପାତର ନାମ ।
(୪) ବାରପାହାଡ଼—ସମ୍ବଲପୁର ଜିଲ୍ଲାର ବିଖ୍ୟାତ ପର୍ବତ ।
(୫) ଶିଶୁପାଳ ଓ ବଡ଼ପାଣ୍ଟି—ସମ୍ବଲପୁର ଜିଲ୍ଲାର ଗୋଟିଏ ଗୋଟିଏ ସୁଦୃଶ୍ୟ ପର୍ବତ ।

(୧) ଶିଶୁପର ଭୁଡ଼ା- ରଜା ବଳପିଲୁ
ଛୁଡ଼ି ଦେଇଲ ବଡ଼ ପାଟି ।

(୨) ଘେଁସାଲୁ, ଉସ୍ତଲୀ, ଜୀରା, ଦନ୍ତା ଆଦେ
କରୁଥିଲେ କଳ କଳ,
କୋଇଲ କାନ୍ଦଣା ଶୁଣି ଏମାନଙ୍କ
ଶୁଖିଗଲା ଅଶ୍ରୁଜଳ ।

ଶୋକ ଶ୍ୱାସେ ପୂରି- ଗଲା ପ୍ରାନ୍ତରକ
(୩) ଉତ୍କଳର ଉତ୍କଳିକା,
ରସାସ୍ୱାଦ ପଦ- ପୀଡ଼ନେ ବିଷାଦ
ଲଭିଲେ ଶତପତ୍ରିକା ।

ଧୈର୍ଯ୍ୟ ସମ୍ଭାଳି ନ ପାରିଲ ମନ
ଅନିବାର୍ଯ୍ୟ ଅଶ୍ରୁଜଳେ,
ଚଉଦିଗେ ସୁହିଁ ଚେତନା ହରାଇ
ଢଳି ପଡ଼ିଲୁ କାନ୍ଥକେ ।

---

(୧) ଭୁଡ଼ାରଜା—ପର୍ବତବିଶେଷ । ଏହା ସମ୍ବଲପୁର ରେଲ୍‌ଷ୍ଟେସନ ନିକଟରେ ଅବସ୍ଥିତ ।

(୨) ଘେଁସାଲୁ—ଘେଁସ (ଜମିଦାରୀବିଶେଷ) ନିକଟରେ ବହିଯାଉଥିବା କ୍ଷୁଦ୍ର ନଦୀ ।
ଉସ୍ତଲୀ—ଉସ୍ତଲଗଡ଼ (ଆଧୁନିକ ନାମ ତାଲପଦର) ନିକଟ ବାହୁନୀ ନଦୀ ।
ଜୀରା—ଏହି ନଦୀର ଉପର କୂଳରେ ବରଗଡ଼ ଅବସ୍ଥିତ ।
ଦନ୍ତା—ବରଗଡ଼ଠାରୁ ସମ୍ବଲପୁର ଯିବା ମଧ୍ୟବର୍ତ୍ତୀ ରାସ୍ତାରେ ଏହି ନଦୀ ପଡ଼ିଥାଏ ।
ବସନ୍ତକାଳୀନ କୋକିଳରବକୁ ସମ୍ବଲପୁରର ପଲ୍ଲୀସ୍ତ୍ରୀମାନେ "କୋଇଲି କାନ୍ଦଣା" କହନ୍ତି । କୋଇଲ୍—ଏହି ନଦୀ ବେଦବ୍ୟାସ ପର୍ବତ ନିକଟରେ ପ୍ରବାହିତା ।

(୩) ଉତ୍କଳିକା—ଫୁଲକଳି, ଉତ୍କଣ୍ଠା ।
ରସାସ୍ୱାଦ—ଭ୍ରମର, ଆସ୍ୱାଦକ । ପଦ—ପଦ୍ୟାଂଶ, ଚରଣ ।
ଶତପତ୍ରିକା—ପଦ୍ମ ନା; ଅସଂଖ୍ୟ (ମାସିକ, ସାପ୍ତାହିକ ପ୍ରଭୃତି) ପତ୍ରପତ୍ରିକା ।

କାନ୍ତି ଝରଣ ସଙ୍ଗ    ଲଭି ଅନାଇଲି
ଧବଳାଙ୍ଗୀ ଦେଖ ଚନ୍ଦ୍ର,
ଗଣ୍ଡେ କର ଦେଇ    କହୁଛନ୍ତି ଦେହି
କାରୁଣ୍ୟର ମୂର୍ତ୍ତିମନ୍ତ ।

“ଆରେ ଗଙ୍ଗାଧର,    ଥିଲୁ ତୁହି ମୋର
(୧) କବି-ମୌଳି-ଅଳଂକାର
ଆଜିଲୁକି ଦେଖାଇ    ଦେଇଗଲୁ ମତେ
ଶୋକ-ଛାୟା ଅନ୍ଧକାର ।

ଗଙ୍ଗାଧର ତୋତେ    ଆଣିଥିଲି କିନା
ସରଗର ଗଙ୍ଗାଧାର
ଆଜୀବନ ପାଦ-    ପଦ୍ମ ମନ ମୋର
କରିବାକୁ ନମସ୍କାର ।

ଯେଉଁ ସବନସୁ    ଗଡରେ ମୁକତ,
ଆଣିଥିଲୁ ସେହି ଗୁଣ
(୨) ମରୁଧାମେ ଆତ୍ମ-    ପରିଚୟ ଛଳେ
ଦେଖାଇଗଲୁ ଦ୍ୱିଗୁଣ ।

(୩) ‘ଭବେ ଆଉ ମଧ    ନନ୍ଦ ହୋଇଥାନ୍ତି
ସତତ ମନ୍ଦିତ ଜନ’,

---

(୧) ପ୍ରାକୃତିକ ଉତ୍କଳର ଆଧୁନିକ କବିଗଣମାନଙ୍କରେ ସ୍ୱର୍ଗୀୟ ଗଙ୍ଗାଧର ମେହେର ଶୀର୍ଷସ୍ଥାନୀୟ । ଏହାର ଜୀବନ୍ତ ପ୍ରମାଣ ତାଙ୍କର କାବ୍ୟ କବିତାରେ ବହୁଳ ଭାବରେ ପରିଲକ୍ଷିତ ହୁଏ ।

ସ୍ୱର୍ଗୀୟ ପଣ୍ଡିତ କବିବରଙ୍କ ଆବିର୍ଭାବ (୧୮୬୨ ଅଗଷ୍ଟ ୯ ତାରିଖ) ଶ୍ରାବଣପୂର୍ଣ୍ଣିମା ଏବଂ ତିରୋଭାବ (୧୯୨୪ ଅପ୍ରେଲ୍ ୪ ତାରିଖ) ଚୈତ୍ର ଅମାବାସ୍ୟା ।

(୨) ସ୍ୱର୍ଗୀୟ କବି ଗଙ୍ଗାଧରଙ୍କ ଅନ୍ୟାନ୍ୟ ସଦ୍‌ଗୁଣ ମଧ୍ୟରେ ‘ବିନୟ’ ଗୁଣଟି ଶୀର୍ଷସ୍ଥାନୀୟ ଥିଲା ।

(୩) କବିଙ୍କ “ମହିମା” ପୁସ୍ତିକାର ପାଦବିଶେଷ ।

ଏ ଶତବାକ୍ୟର ସତ୍ୟତା ଲକ୍ଷଣେ
ପ୍ରମାଣିତ ତୋ ଜୀବନ ।

ମହେଶ୍ୱର ମହା- ଆଶୀଷରେ ତୋର
ହୃଦୟ ଥିଲା ମହାନ,
ତଥାପି ତୋ ମନ ଅଙ୍ଗଣାର ପ୍ରତି
ମଣୁଥିଲୁ ଅତି ସାନ ।

(୧) 'ହେଲେହେଁ ତୁ ସାନ କରୁଣା ନିଧାନ
ରାଜ୍ୟରେ କରିଛୁ ବାସ'
କୋଣ୍ଟିଲ ଜୀବନ ଦେଇଥାନ୍ତୁ କେବେହେ
ଏ ସନ୍ତାପଘ୍ନ ଆଶ୍ୱାସ ?

ଧନ ଜନ, ଜ୍ଞାନ- ଶକ୍ତି ଅନୁଯାୟୀ
ଦେଶହିତ କାର୍ଯ୍ୟ ଲାଗି
(୨) ସ୍ୱାର୍ଥେ ଉଦାସୀନ- ଥାଇ, ତନ୍ତ୍ରାଧୀନ
ଥିଲୁ ପର-ସୁଖ ଲାଗି ।

ପର ଦୁଃଖେ ଆତ୍ମ- ସୁଖ ତୁଚ୍ଛ ମଣି
ଉପଦେଶ ଦେଲୁ ଧନ;
(୩) 'ନିଜ ସୁଖ କାହିଁ ଏକାକୀ ଭୁଞ୍ଜିବେ
ସୁସ୍ତବ-ଚେତନ ଜନ ।'

ଜଟିଳ ସଂସାର ଚକ୍ରାନ୍ତରେ ହେଉ-
ଥିଲେହେଁ ତୁ ଦଗ୍ଧୀଭୂତ
ପ୍ରାଣେ ଶୀତଳତା ଢାଳୁଥିଲୁ ତୋର
ମେ' ଚରଣାନ୍ତ'ନାମୃତ ।

---

(୧) ଅର୍ଦ୍ଧାଳୀ—ମଧୁସୂଦନଙ୍କ କବିତାର ପାଦବିଶେଷ ।
(୨) "ଭଲ ଖାଉଛୁ, ଏପରି ଆଉ କେତେ ଦିନ ଗଲେ ଗଲା; ଏଥିପାଇଁ କେଉଁ କରିବା ।" ଏହା ମହେଶ୍ୱର କବିଙ୍କର ଗୋଟାଏ ସାଧୁକ୍ତି ।
(୩) "ପ୍ରଦୋଷ-ଦୀପକ"ର ପାଦବିଶେଷ (ପୃ ୮୦ ଦ୍ରା) ।

ବିଷୟ-ବିଭବର ଉଦ୍ଧତାରେ ଜାତ,
ବୋଧିଲୁ କବି-ହୃଦୟ,
(୧) 'ଚିତ୍ତ ଦେଖ ମଧୁ- ମୟ କର ଜୀବନ
ଚିତ୍ତ ଦେଖ ମଧୁମୟ ।'

(୨) ଅମୃତ କଳ୍ପନ, ଅନୃତ ଭୁଲେ ଯା'
ବାଣୀକୁ 'ଅମୃତମୟ',
ଅବିକୃତ ଶକ୍ତି ଦେଉଥିଲେ ତାହା
ବାସ୍ତବ ଅନୁଭବମୟ ।

ତୋର ଆଦର୍ଶ ବ ମୋ ଶ୍ରଦ୍ଧାର ସତ୍ୟ-
ଶିବ-ସୁନ୍ଦର-ପ୍ରସୂତ
(୩) ଶ୍ରୀକରଣ ତୋର ଦେଖାଇଥିଲା ମୋର
ଅନ୍ତରଧାର ପ୍ରଭାତ ।

ଦରିଦ୍ର ହେଲେହେଁ ସନ୍ତୋଷତେଜେ ତୋତେ
ଯଶ ଲୁଟିଲେ କୋଟିପତି;
ଅଶ୍ରୁ ଢାଳିବ ବକ୍ଷେ ରଖିଗଲୁ
*ସେଥିଁ ଅକ୍ଷର କୀରତି ।

'କବିତା-କଲ୍ଲୋଳ', 'ପ୍ରଣୟ-ବଲ୍ଲରୀ',
'ଇନ୍ଦୁମତୀ', 'ଉଚ୍ଛ୍ୱାସ',
ଅପ୍ରକାଶ 'ରସ- ରତ୍ନାକର' ତୋର
ଅନ୍ତଃସ୍ରୋତିନୀ 'ଚନ୍ଦ୍ରମା' ।

---

(୧) 'ଅର୍ଘ୍ୟଥାଳୀ'—ମଧୁମୟ କବିତାର ଘୋଷା ପାଦବିଶେଷ (ପୃ ୬ ଦ୍ର) ।

(୨) ଅମୃତ କଳ୍ପନ—ଅମର କବି, ଯାହାର କଳ୍ପନା ଅମୃତପରି ମଧୁର ଓ ଆନନ୍ଦପ୍ରଦ ।
'ଅମୃତମୟ'—'ଅର୍ଘ୍ୟଥାଳୀ'ର କବିତାବିଶେଷ (ପୃ ୪ ଦ୍ର) ।

(୩) ଶ୍ରୀକରଣ—ଲେଖନୀ, କଲମ ।

* "ଅକ୍ଷର କୀର୍ତ୍ତିଃ ସ ଜୀବତି" । "କୀର୍ତ୍ତିରକ୍ଷର ଯାବତ୍ ତିଷ୍ଠେତ୍ ଭବତି ଭୂତଳେ ।"

ତୋ 'ଶ୍ରବଣବଧ', ସୁଦୃଶ୍ୟ 'ଅଯୋଧ୍ୟା-
ଦୃଶ୍ୟ', 'କୃଷକ-ସଙ୍ଗୀତ',
'ଭାରତୀ-ଭାବନା', 'ମହିମା' ମହିମା-
ମଣ୍ଡ ଭାବ ତରଙ୍ଗିତ ।

କଳ୍ପନାର କେଳି- ନିକୁଞ୍ଜ 'ଉତ୍କଳ-
ଲକ୍ଷ୍ମୀ' ଆଉ 'ଅର୍ଘ୍ୟଥାଳୀ',
ଉତ୍କଳ ସାହିତ୍ୟ- ରାଜ୍ୟର ଏ ଏକ
ଏକ ସୁବର୍ଣ୍ଣ ଅଞ୍ଜଳି ।

ଭୁବନେ ଭାରତ ଭାରତେ ଉତ୍କଳ
ଉତ୍କଳ ପିଣ୍ଡ ମୋ ପ୍ରାଣ
ଥିବାଯାଏ କାଳ ଟଳି ନ ପାରିବ
ତୋ ଅଞ୍ଜଳିକାର ଟାଣ ।

ଦ୍ୱନ୍ଦ୍ୱ-ଅବସାଦ ନୈରାଶ୍ୟ-ବିଷାଦ
ଛୁଟାଇ ତୋର କବିତା
ନବୀନ ସଜୀବ ପଲ୍ଲବର ଦଳ
ଫୁଟାଏ, ନଚାଏ ସବିତା ।

ବିବେକ-ପ୍ରବୁଦ୍ଧ ସୁମତି-ପ୍ରଫୁଲ୍ଲ
ନାୟକ-ନାୟିକା ବ୍ୟଞ୍ଜିତ
ପ୍ରାକୃତିକ ଜ୍ୟୋତି ଢାଳିଛନ୍ତି ଏକା
ତୋ' ନବ୍ୟ ସାହିତ୍ୟ-ସ୍ୱରାଜ୍ୟ ।

ସରସ ସରଳ ଲଳିତ ଭାଷାରେ
ତୋଳି ସତ୍ୟର ଉଚ୍ଚତା,
ଜାଗ୍ରତ-ହୃଦୟ ଆକର୍ଷଣ କରି,
ଥିଲା ତୋ ଶିଳ୍ପ ଦକ୍ଷତା ।

ବିଶ୍ୱପ୍ରୀତିକର ବାସ୍ତବ ଶକ୍ତିର
ବଢ଼ାଇ ଗୌରବ ସୀମା;

'ମହିମା' ତୋହର ଦେଖାଇ ଦେଇଛି
ବାସ୍ତବ କବି ମହିମା ।

(୧) କଲେ କାଳିଦାସ ଉତ୍କଳୀ-ଦାସ
ଭୂମିକା-ଦଣ୍ଡେ ଓଜନ
'ପ୍ରଣୟ-ବଲ୍ଲରୀ' 'ଇନ୍ଦୁମତୀ' ତୋର
(୨) ଗୌରବର ନିଦର୍ଶନ ।

(୩) କାଳି-ସ୍ୱର୍ଣ୍ଣଥାଳୀ- ନୂତ ସରସ୍ୱତୀ
ବୃଷ୍ଟି କରେ ଲୁଚି ସୁଧା
ପ୍ରଣୟ-ପଲ୍ଲବେ ପ୍ରସୂନ-ସୌରଭେ
(୪) ତୃପ୍ତି ଦେଇଛି ତୋ ସୁଧା ।

(୫) ଉପମାଳଙ୍କାରେ ରୂପ ଅଳଙ୍କାରେ
(୬) କବି କନ୍ଦରଶେଖର
ତେଜିଲ କାଳିଦାସ, ସାହିତ୍ୟ-କୈଳାସ-
(୭) ବାସୀ ତୁ ଗଙ୍ଗାଧର ।

(୧) କାଳିଦାସ—ବିକ୍ରମାଦିତ୍ୟଙ୍କ ପ୍ରଧାନ ସଭାପଣ୍ଡିତ, ଶକୁନ୍ତଳା, ରଘୁବଂଶ ପ୍ରଭୃତି ଗ୍ରନ୍ଥର ପ୍ରଣେତା । ଉତ୍କଳୀଦାସ—ଉତ୍କଳଭାରତୀ-ସେବକ । ଏ ସ୍ଥଳେ ସ୍ୱର୍ଗୀୟ କବିବର ଗଙ୍ଗାଧର ମେହେରଙ୍କ ପ୍ରତି ପ୍ରଯୁକ୍ତ ।

(୨) ଗୌରବ—ଗୁରୁତା, ସମ୍ମାନ ।

(୩) କାଳି—କାଳିଦାସ ।

(୪) ସୁଧା—ରଚନା (ଶ୍ଳେଷାର୍ଥ) ।

"ପତି କହିଲ ଶୁଣ ସୁଧା ସ୍ୱରୂପିଣୀ
ରଚନା ତ ସୁଧାଗଣ ।" (ପ୍ର, ପ, ସ୍ତୁ ୬ଷ୍ଠ ସ୍ତୁ)

(୫) ସଂସ୍କୃତ ସାହିତ୍ୟରେ ଉପମାଳଂକାରରେ ସୁବିଖ୍ୟାତ କବି କାଳିଦାସଙ୍କ ଯେପରି (ଉପମା କାଳିଦାସସ୍ୟ... ପ୍ରଭୃତି) ସୁଖ୍ୟାତ ଅଛି, ଉତ୍କଳ କବିତାକାଶରେ କବି ଗଙ୍ଗାଧରଙ୍କ ପ୍ରତିପତ୍ତି ତଦ୍ରୂପ ଜନ୍ମିଥିଲା ତଳେ । ଏହି ମହାକବିଦ୍ୱୟଙ୍କର କତିପୟ ଉପମା ପ୍ରୟୋଗର ସମାଲୋଚନା ମୋ' ରଚିତ "ଗଙ୍ଗାଧର-ସାହିତ୍ୟ" ନାମକ (ଅପ୍ରକାଶିତ) ଗ୍ରନ୍ଥରେ ଅନୁସନ୍ଧେୟ ।

(୬) କନ୍ଦରଶେଖର—କୁବେର । ରୂପ—ଦୃଶ୍ୟକାବ୍ୟ ।

(୭) ଗଙ୍ଗାଧର—ମେହେର କବି; ଶ୍ଳେଷାର୍ଥରେ ଶିବ ।

(୧) କାଳ-ଗୀତ ଗୁଡ଼ି—          ପାତ୍ର ଉଦ୍ଦେଶରେ
(୨) ଭଞ୍ଜ-ଶ୍ଳେଷାର୍ଥ ରଚନା
ନୃତ୍ୟଯୋଗ ଛଳେ          ପ୍ରତିବାଦ ଦିନା
ତୋର 'ଭରତ-ଭାବନା' ।

ଧର୍ମର ଶାସନେ          କାମ-ଉନ୍ମାଦର
ଚାପ ପ୍ରେମେ ଢାଳି ଶୋଧି
ତା' ଦ୍ରୁଏ ମାନବ          ଜ୍ୱଳନ୍ତ ପ୍ରମାଣ
ତା'ର ତୋ 'କୀଚକବଧ' ।

ବାଣୀ-ଲକ୍ଷ୍ମୀ ଦୁହେଁ          ସପତ୍ନୀ ହେଲେହେଁ
ସୁଖ ପକ୍ଷେ ସୁଜନସ୍ଥା,
ଏସବୁ କି ମୋତେ          ସୁନ୍ଦରୀ-ଜଗତେ
(୩) ଲକ୍ଷ୍ମୀ ରୂପେ କଲୁ ଠିଆ ?

କିବା ନଗ୍ନଜାତି          ଛନ୍ଦ-ଧନଦାଶୀ
ଭଗବତୀ ଜଗଦ୍ଧାତ୍ରୀ-
ଦେବାରୁ ତୋ ପାଣି-          ଜୀବନେ ମୋ ଧନ୍ୟ
ଆସିଥିଲୁ ଧବାଗ୍ନି ।

ମାତୃଜାତି ନାରୀ-          ଗୌରବ ପଦରେ
ଦେଶୋନ୍ନତି ଅସମ୍ଭବ,
ଆଜି ଏ ଭାବନା          ନେତ୍ରୁ ତୋ' ରଚନା
ପ୍ରଥମେ 'ଅହଲ୍ୟାସ୍ତବ' ।

---

(୧) ପାତ୍ର—ଗ୍ରନ୍ଥର ନାୟକ ।

(୨) ଭଞ୍ଜ—ଉତ୍କଳର କବିସମ୍ରାଟ୍ ଉପେନ୍ଦ୍ରଭଞ୍ଜ ।
'ବୈଦେହୀଶବିଳାସ' କାବ୍ୟାନ୍ତର୍ଗତ "ବାଳୁ ନୀକଣ୍ଠିକ ଦାନ ଯୋଗ୍ୟ ଶୋଭାକୁ, ବନ୍ଧୁର କାନ ନକର ଆଲିଙ୍ଗନକୁ ।" ଶ୍ଳେଷାଲଂକୃତ ପଦାଂଶର ଏବଂ 'ଭରତ ଭବନା' ଉକ୍ତିର ଗୁଣଦୋଷର ଆଲୋଚନା "ଗଙ୍ଗାଧର ସାହିତ୍ୟ"ରେ ଦ୍ରଷ୍ଟବ୍ୟ ।

(୩) "ଜୟ ହେ ଉତ୍କଳ-ଲକ୍ଷ୍ମୀ ଏକମାତ୍ର ସୁନ୍ଦରୀ ଗୁ ବସୁଧାରେ ।"
'ଉତ୍କଳଲକ୍ଷ୍ମୀ'ର ପ୍ରଥମ ପାଦ (ପୃ ୧ ଦ୍ର) ।

ଲୋକ-ଅପବାଦ      ଅପମାନ ଖେଦ
ଆଣିଥିଲ ସନ୍ତ ଜୀବନେ,
ସନ୍ତ ଚେତ ସ୍ୱାର୍ଥି      ପଣ୍ଡିତ ମନ୍ଦିର
ଖୋଜେ ପୁରାଣରେ ବନେ ।

ପତିପ୍ରାଣା ସତୀ      ପ୍ରଭୁପାଦେ ନତି
ପରମଙ୍ଗଳ ପ୍ରାର୍ଥନ
ପବିତ୍ରାତ୍ମା ସତୀ-      ପ୍ରାଣେ ଏ ମୂରତି
ରଚିଛି ତୋ 'ତପସ୍ୱିନୀ' ।

(୧) ଚିର ଶୁଭଙ୍କର      ବିଶ୍ୱପତିଙ୍କର
ନମୂତ ଗତ କୁଟିଳା
ଆନନ୍ଦର କୋଳେ      ବିଷାଦ, ବିଷାଦ-
କୋଳେ ଆନନ୍ଦର ଲୀଳା ।

ଅଲ୍ପଜ୍ଞ ଜୀବର      ଧୈର୍ଯ୍ୟ ପରୀକ୍ଷକ
ଧର୍ମର ଏ ମହା ଦୃଶ୍ୟ
ଦେଖାଇଛି ସୂକ୍ଷ୍ମ-      ଦର୍ଶୀ ତୋର ଜ୍ଞାନ-
ନେତ୍ରେ ତୋ 'ଅଯୋଧ୍ୟାଦୃଶ୍ୟ' ।

'କବିତା-କଲ୍ଲୋଳେ'      କଳ୍ପନାର ଦୋଳେ
ନଚାଇଛି ପ୍ରକୃତି ରାଣୀ;
'କୃଷକ-ସଙ୍ଗୀତେ'      କୃଷି-କୃଷକର
ଗୌରବ ଅଛୁ ବଖାଣି ।

(୨) 'ରସ-ରତ୍ନାକର'      ରଚନା କଳାର
ରମଣୀୟ-ରତ୍ନହାର

---

(୧) "ଶ୍ରୀକୃଷ୍ଣ ବିଶ୍ୱରଥ ରସିକେ,
ଶୁଭ-ସମ୍ପାଦନା ଦୁଃଖ ଉଦ୍ଭାସିବେ !" (ତପସ୍ୱିନୀ—ପୃ ୫୪ ଶ୍ଳୋ)

(୨) ରସରତ୍ନାକର—ନେତ୍ରେର କବିଙ୍କର ପ୍ରାଥମିକ ରଚନା (ଅପ୍ରକାଶିତ) ।

(୧) ରଞ୍ଜଣ କୁମର ରସ ପୋଷାବର
ରସିକା ଭୁଷା ଭଣ୍ଡାର ।

ସୁଭଦ୍ରା-କନକା ପୁଟାଳି ସବରେ
ପ୍ରତିଭା-ବଳତା ଜାଳ,
ଭକ୍ତି-ନଇବେଦ୍ୟ ପ୍ରେମ ଅଶ୍ରୁ-ପାଦ୍ୟ
ସଜାଡ଼ିଛୁ ଅର୍ଘ୍ୟଥାଳୀ ।

ଭାବ ଗମ୍ଭୀରତା- ଗୁଡ଼ଣ 'ଅର୍ଘ୍ୟଥାଳୀ'
ଦେଖାଇଛି ତେ ଭୂତେ ଭାବ୍ୟ,
ବ୍ୟାଖ୍ୟା କଲେ ତାର ଏକ ଏକ ପଦ୍ୟ
ଦେଖ ଏକ ଏକ କାବ୍ୟ ।

ଧର୍ମସଙ୍କୀର୍ଣ୍ଣତା ସାମ୍ପ୍ରଦାୟିକତା
ଦେବାକୁ ତୋତେ ବିରକ୍ତି,
ଭଣ୍ଡକବି, ଭଣ୍ଡ- ଯାଜକଙ୍କ ପଦେ
ମୁକ୍ତି ମାଗିଛୁ ତୋ 'ଭକ୍ତି' ।

ମାତୃଭୂମି କୀର୍ତ୍ତନ ଭଣ୍ଡସେବା ଧର୍ମ
ମାତୃଭାଷାରେ ସାଧିତ,
'ହୃଦ୍‌ବୋଧନ', 'ମାତୃ- ଭୂମି'ରେ ଏ ସବୁ
କରିଛୁ ପ୍ରତିପାଦିତ ।

ମୃଣାଳେ କଣ୍ଟକ, ଚନ୍ଦନ ପାଦପେ
ଉରଗ ଜଡ଼ିତ ଯଥା,
ଧର୍ମକାର୍ଯ୍ୟେ ଦମ୍ଭ ଦେଖାଇଛୁ ତୋର
'ଗଣେଶଙ୍କ ଆତ୍ମକଥା' ।

କହିବାକୁ ଦୂର ଦେଶ ସମାଜର
କୁସଂସ୍କାର ଆବର୍ଜନା,

(୧) ରଞ୍ଜଣ—ପ୍ରଦ୍ୟୁମ୍ନକୁମର-ଅନୁଭୂତ ।

ଥୋଇଛନ୍ତି 'ପ୍ରେତର   ଅନୁତାପ' ଆଉ
'କର୍ମଗୁଣ' ନିଦର୍ଶନ ।

(୧) ଖଚୁଆ ମିଚୁଆ   ଲୁଞ୍ଚୁଆ ପେଞ୍ଚୁଆ-
ପଞ୍ଚ ଚୌକିଆ କୌଶଳ
ଅନୁଭବ କରି,   ଫୁଟାଇଛନ୍ତି ଛବି
'ପଞ୍ଚାମୃତେ' ଅବିକଳ ।

ନରବେଶୀ ଧୂର୍ତ୍ତ-   ଘୃଣ ବାନରଙ୍କ
ଗଢ଼ନ ଦେଖି ଉଦ୍ଗାର
ଗାଇଛନ୍ତି ଶଙ୍କର,   'ତାଙ୍କୁ ମଧ୍ୟ ବୋଲା-
ଯାନ୍ତି ଧର୍ମ ଅବତାର' ।

ମାନବର ପ୍ରିୟ-   ଶତ୍ରୁ ଏ ଜଗତେ
କେ' ଅଛି ଆଲସ୍ୟ ବିନା ?
'ପରଶ୍ରମ'-ଭୁକ୍ତି-   ତାଙ୍କ କର୍ମ । ଚରି-
ତମ୍ଭୁ ଦେଇଅଛନ୍ତି ଦିନା ।

ବାକ୍ୟର ମହତ୍ତ୍ୱ   ବାକ୍ୟବେଶୀ-ମୂର୍ତ୍ତି
ଫୁଟିଲା ମହା ପରମ,
ଏହା ଜାଣି 'ବାକ୍ୟ-   ବୀର କର୍ମବୀର'
ଆଦର୍ଶ ତୋର କରମ ।

କବିତାରେ ସ୍ତୁତି-   ନିନ୍ଦେ ମତିଶିଖା
ଥିବାର ସ୍ୱାଭାବିକତା,
(୨) ସ୍ତୁତି-ପ୍ରତିକୂଳେ   ନିନ୍ଦା ଦେବା ତୋର
ପ୍ରତିଭାର ଅଧିକତା ।

---

(୧) ପେଞ୍ଚୁଆ—କୁଟିଳ ପ୍ରକୃତିର ବ୍ୟକ୍ତି ।
(୨) ଏହି ଉକ୍ତିର ଯଥାର୍ଥତା "ଅର୍ଘ୍ୟଥାଳୀ" କାବ୍ୟାନ୍ତର୍ଗତ "ଶଙ୍ଖପାଳ" ଓ "ଗଣ୍ଡ" ଏହି କବିତାଦ୍ୱୟରେ ସମାଲୋଚନା ସହକାରେ ଅନୁଧ୍ୟେୟ ।

ଦୋଷଦର୍ଶୀ-ଚକ୍ଷୁ- ଯାହାଙ୍କ କଥାରେ
ନ ଆଣି ଚଳେ ବିଷାଦ,
(୧) ଅନ୍ଧକାର ବୁକେ ଅନ୍ଧକାର-ମୁଖେ
ଖୋଜିଲୁ ଆତ୍ମପ୍ରସାଦ ।
(୨) ଜଡ଼ ପଶୁ-ପକ୍ଷୀ- ପତଙ୍ଗମ-ମୁଖେ
ମାନବଙ୍କୁ ଯେଉଁ ଶିକ୍ଷା,
ଦେଲଅଛୁ ଶୁଣି, ଜଣାପଡ଼େ ସେଥୁଁ
ତୋର ଗୁଣଗ୍ରାହ୍ୟ-ଦୀକ୍ଷା ।

---

(୧) ଏହି ସମୟରେ ଦୁଃଖି ଦୁଃଖି ବିପଦ ଓ ପ୍ରତିବନ୍ଧକ ମଧ୍ୟରେ କବିଙ୍କୁ କାର୍ଯ୍ୟ କରିବାକୁ ପଡ଼ିଥିଲା । ତଥାପି ତାଙ୍କୁ କେବେହେଲେ ଟିକେ ଧୁକା ବିଚଳିତ ହୋଇଥିବାର ଦେଖାଯାଇ ନାହିଁ । ଏହିପରି ଘୋର ଅଶାନ୍ତି ଏବଂ ବିପଦ ମଧ୍ୟରେ ସେ ନିର୍ଭୀକ ହୃଦୟରେ ଅସାଧାରଣ ସହିଷ୍ଣୁତା ଓ ଅଟଳ ଧୈର୍ଯ୍ୟ ସହିତ ଯେଉଁ କାର୍ଯ୍ୟ ସାଧନ କରିଗଲେ, ତାହା କେବଳ ତାଙ୍କପରି ସାରହୃଦୟ ପୁରୁଷ ଠାରେ ସମ୍ଭବ । (ମେହେର କଥା—ପୃ ୨୭।୨୮ ପୃ)

"ଅନ୍ଧକାରର ଆତ୍ମପ୍ରସାଦ" ଏହି କବିତାଟି "ଅର୍ଘ୍ୟଥାଳୀ" କାବ୍ୟାନ୍ତର୍ଗତ ।

(୨)
ମେଘ ବୋଲୁଅଛୁ ମୁଁ ଦେଉଅଛୁ ଜଳ
କୃଷି କର ମାନବ ଲଭିବୁ ସୁଫଳ
ହୋଲୁଅଛୁ ବଳଦ ମୁହିଁ ଶେରଘାଡ଼ା
ଚଷି ଖା' କହୁଅଛୁ ମାନବ ମୁଁ ଚଷି-
ଦେବ ତାହା ହେ ।

ଶସ୍ୟ ବୋଲେ ମୁଁ ଅଛୁ ମାନବ ନିମନ୍ତେ
ଶତଗୁଣେ ଫଳିବ ବୁଣିଦେଲେ ମତେ
ତେବେ ସୁଦ୍ଧା କୃଷିକି ଭଜର ମାନବ
ଭୁଲି ଭୁଲି ପୋଷିଲେ ହେବର ପ୍ରତ୍ୟକ୍ଷ
ସେ ଦାନବ ରେ ।

(କୃଷକ-ସଙ୍ଗୀତ—ପୃ ୬୭ ପୃ)

ପକ୍ଷୀମୁଖରେ ଶିକ୍ଷାଦାନ—
ଅର୍ଘ୍ୟଥାଳୀ କାବ୍ୟାନ୍ତର୍ଗତ "ନର ଓ ମୟୂର" କବିତା ଦ୍ରଷ୍ଟବ୍ୟ ।

ପତଙ୍ଗମ (ଭ୍ରମର) ମୁଖରେ ଶିକ୍ଷାଦାନ—
ଜଡ଼-ଭଣ୍ଡାରର ଲୋକେ ନଥାଏ ଆଦର
ଏଣୁ ସିନା ଥରେ ଭ୍ରମିଗଲି ଦେଶାନ୍ତର ।

ତରିଶ ସୁନ୍ଦର, ମାନବ-ଚରିତ୍ର-
ଚବେଷ ଋଷି ଶବିସ୍ତା,
ସତ ପ୍ରକୃତିକ, ପ୍ରକୃତିକ ଆଜି
କାଏ ବେଦବ ସ୍ତନଃବଳା ?

ଲଳିତ ସ୍ୱାଭୀଳ ମଧୁର ଉଜ୍ଜ୍ୱଳ
ସାର୍ଥକ-ଶବ୍ଦଯୋଜନା,
'ସୁଭବ-ସୁକବି'- ଉଚ୍ଚରନ୍ତୁ ତୋର
ବେଦଇଅଛି ମନ୍ତ୍ରାମନା !

ବସନ ଭୂଷଣ ବାଲେଗନ ଯାହା
ସେତିକ ବେଦବ ସୁନ୍ଦର
ସୁତ ପରିମିତ ରଖି ବଶୋଭିତ
କରିଛୁ ମୋ କଲେବର ।

ଯୁଗ ଅନୁରୋଧେ ମଣ୍ଡି ନ ଥିଲେହେଁ
ମୋ ଅଙ୍ଗେ ଶବ୍ଦାଳଂକାର
ଦ୍ରତିଶ୍ୱ ବଳରେ ଦେଖାଇ ଦେଇଛୁ
ଶବ୍ଦର ସଦ୍‌ବ୍ୟବହାର ।

ତୋ କବିତା ମୋର 'ବାଳ୍ମୀ-ଝଙ୍କାର'
ଲୁଚେ ଦ୍ରଳାପ-କଳ୍ପନା,
କାନ୍ତିତ-ସ୍ୱପ୍ନର ସ୍ରଷ୍ଟା ନୂତନ ତୋର
'ଅମୃତମୟୀ' କଳ୍ପନା ।

---

ଦେଖିଲ ମାନବଙ୍କର ଉର୍ଦ୍ଧ୍ୱ ଅଭ୍ୟନ୍ତର
ସ୍ୱାର୍ଥପାଇଁ ନ କରନ୍ତୁ ଧର୍ମର ବଳ୍କୁର । (କବିତା କଲ୍ଲୋଳ—ପୃ ୮୫ ପୃ)

ଲୋକମାନେ ଦେଇଥାନ୍ତି ପନ୍ଥ ଖର ଖର
ସ୍ୱପଦ ଦାଳକୁ ତାର ପ୍ରତି ଏ ଦେଖର ।
କୃଷ୍ଣବହନ ବଟେ ଏବେ ସମାଦର
ଧର୍ମ ଅବତାର, ଯାହା ଇଚ୍ଛା ତାହା କର । (କ: କ: ପୃ ୮୭ ପୃ)

ତୋ କବିତ୍ୱେ ଦୁଗ୍ଧ- ମଧୁରତା ଅଛି,
ନାହିଁ ମଦ୍ୟ-ମାଦକତା
ତାହା ସିନା କାବ୍ୟ, ଥାଏ ଯହିଁ ସାର୍ବ-
ଜନୀନ ଉପାଦେୟତା ।

ରାଜ-ନୀତି ଧର୍ମ- ନୀତି ଅର୍ଥନୀତି
କିବା ଲୋକଶିକ୍ଷା-ନୀତି,
ନୈତିକ ଚିନ୍ତା ଦେଖ ତୋ କବିତା
ଢାଳେ ପାଠଜନ ପ୍ରୀତି ।

ସାରସ୍ୱତ ସାର- ଧନ-ଭଣ୍ଡାରର-
ଦ୍ୱାର ଉଦ୍‌ଘାଟିବା କଳା,
କଳା ଯୋଗେ ସିନା ତୋ କୃତି ରଚନା
ଲଭିଛି ସାର୍ଥକତା ।

ନିରପେକ୍ଷ ଭାବେ ପାଉଛି ତୋ କାବ୍ୟେ
ଆଉ ଏକ ବିଶେଷତ୍ୱ,
ମୋହ ମତେ ତାହା ବାସ୍ତବିକ ମହା-
ଭବର କବି-ମହତ୍ତ୍ୱ ।

ଆତ୍ମ-ଶୋଚନୀୟ- ଅବସ୍ଥା, ଆବର
ଅଦ୍ଭୁତ ନିନ୍ଦା ପ୍ରକାଶ,
ଆତ୍ମଶ୍ଳାଘାଠାରୁ ନିନ୍ଦନୀୟ ତାହା
କୃତ୍ରିମ ସତ୍ୟତାଭାସ ।

ଏ ତୁଚ୍ଛ ଜନ୍ମ ତୋତେ ଦୃଶ୍ୟ ହୋଇଛନ୍ତି
ତୋ’ କରୁଣାର୍ଦ୍ର ରଚନା,
ଏହା ମଧ୍ୟ ତୋର ‘ମହାକବି’ ପଦ-
ଗଉରବର ସୂଚନା ।

ମୋ ନାମେ ଭକ୍ତଙ୍କୁ ଦେଇଗଲୁ ଯାହା
ସାହିତ୍ୟ-ଧର୍ମ ପ୍ରସଙ୍ଗେ,

ତାଂ ବଦଳେ ନାନା ଆସନ୍ତୁ ସେମାନେ
ଥାପୁରନ୍ତୁ ମୋର ଅଙ୍ଗେ ।

କେତେଗୋଟି ନକାନ ଭ୍ରାତା ଛନ୍ତି ତୋର
ଖଟି ମୋର ସେବା-ବ୍ରତେ,
ଅଙ୍ଗ ପ୍ରତିଅଙ୍ଗ କାଟି ନବରଙ୍ଗ
ଦେଖାନ୍ତୁ କବି-ଜଗତେ ।

କେଉଁଠି ବା ମୋ ପଦ- ଭୂଷଣକୁ ମଣି
ଦୂଷଣ ପଦ-ଶୃଙ୍ଖଳା,
ଏସମାନେ ଶକ୍ତି ଦେଉଛନ୍ତି ଭକ୍ତି
ଖୋଲି ଛନ୍ଦ ବିଶୃଙ୍ଖଳା ।

ସଦନକୁ ଛାଡ଼ି ବାଧାବନ୍ଧ ନାଡ଼ି
ବୁଲିବା ଏଙ୍କର ଧର୍ମ,
ଏ ଭାବନା ଆଣି କିବା ଏଙ୍କ ଠାଣି
ରଚିନ୍ତୁ ତୋ' ନବକର୍ମ ।

ଅବା ଭୂଷା-ଜାଲି ଛୋଇଦିବ ବୋଲି
ତୋ ମାତୃଦେବୀ ଚରଣ,
ଚେଲକୁ ସେ ଛନ୍ଦ ମଣି ଅପଦ
ମନର ଅନୁସରଣ ।

ଧନ, ମୋର ପାଦ- ଝୁମ୍ପୁଝୁମ୍ପୁ ନାଦ
ଶ୍ରବଣେ ତୋ ବେଶୀ ଶ୍ରଦ୍ଧା,
ଦେଲୁ ତେଣୁ କର୍ଣ୍ଣ- ଶୋଭିଣୀ-ସୁବର୍ଣ୍ଣ-
ସ୍ୱର୍ଣ୍ଣ-ନୂପୁର-ଉପଧା ।

ନାମ ମାତ୍ର କେଁ ବା କଣ ତମାର ସେବା
ଲଭି ହୃଦେ ଅହଙ୍କାର,

*ଚୌର ସାମର୍ଥ୍ୟରେ ପର ପଦାର୍ଥରେ
ଦେଖାଉଛନ୍ତି ଅଧିକାର ।

ଅଧିକାଂଶ ଛନ୍ଦ ମାତୃଦ୍ରୋହୀ; ଭ୍ରାତୃ-
ଭାବ-ପ୍ରୀତି ପରିହରି,
ଜାତି ବଜାଇରେ ବାର ହୋଇଛନ୍ତି
ଅହଂକାରୀ ଭାବ ଧରି ।

ମରାଳ-ମନ୍ଥର- ଗତି ଅନୁକରି
ବର୍ଜନ କଲେ ଗମନ
ପ୍ରକୃତି-ବିକୃତି- ସଉନ୍ଦର୍ଯ୍ୟ ମୁଗ୍ଧ
ହେବାକୁ ଦର୍ଶକ ମନ ?

କେତେକ ସାହିତ୍ୟ- ଧର୍ମଧ୍ୱଜୀ, କେତେ
ଛନ୍ଦ ଗୁଟ୍-ପଟ୍ କରି,
ସ୍ୱାଧୀନ-ସ୍ୱଭାବେ ଆଜି ଦେଉଛନ୍ତି
ମୋ ବକ୍ଷେ କଳଙ୍କ ଭରି ।

ଅଧେ ଛନ୍ଦ ବାକ୍ୟ- ସାହିତ୍ୟ-ସମ୍ରାଟ
ଗର୍ଦ୍ଧା-ବ୍ୟକ୍ତିଙ୍କ ଧମକେ,
ହତୋତ୍ସାହ କରି- ଦିଅନ୍ତି ଭବିଷ୍ୟତ-
କାଳ ନବୀନ ଲେଖକେ ।

ଏଭଳି କେତେକ ପୁଅ ଛନ୍ଦ, ଯାଙ୍କୁ
ଜାଣି ମୋ ମହତ୍ତ୍ୱ ଗୁଣା,
ମୋ ଛାତିରେ ମୋ କୋଳେ ବଢ଼ି ସେ ଦେଖାନ୍ତି
ମୋ ପଦସେବାରେ ଘୃଣା !

କେଉଁ ଭବବ୍ୟଞ୍ଜୀ- ଭଷାରତ୍ନ ଅବା
ଭଜନାଙ୍କୁ ମୋର କୋଳେ ?

* ପଦାର୍ଥ—ବସ୍ତୁ; ଶ୍ଳେଷାର୍ଥରେ ପଦ ଓ ଅର୍ଥ ।

ଯେବଣ୍ଟାନ ପରି ଚିର ପଦାଶ୍ରିତ
ହେଉଅଛନ୍ତି ନିଜ ତୋଟେ !

ଯା' ନାମ ପ୍ରକାଶ କରିବ ଚେର ବସ୍ତୁ
ଗନ୍ଧ ଲୁହନ୍ତି 'ନନ୍ଦନ',
ପୁଷ୍ପ-ଅଳଙ୍କାର ଗୁଳନ ହେଉଥିଲେହିଁ
ଜନନୀ ପରସ୍ପ ଚନ୍ଦନ ।

ମାତ୍ର ସେମାନଙ୍କ ସ୍ମରିବା ଉଚିତ
କାହିଁ ମୋର ପୂର୍ବ ଟେକ ?
ଯା' ଶିଖ ବୁଝିଁଲେ ଗାଣ ଗଣିଗଣ
ଲତିକ ମୋଡ଼ୁଥିଲେ ବେକ ।

ଆଦ୍ୟ-ମଧ୍ୟ-ଅନ୍ତ- ମାଳ-ଦନ୍ତା-ଶବ୍ଦ-
ଯମକ, ବର୍ଣ୍ଣାନୁପ୍ରାସ,
ଶ୍ଳେଷ, ପ୍ରହେଳିକା, ବକ୍ର-ଉକ୍ତି, ବନା
ଅବନା, ସର୍ବୋପ୍ରାସ ।

ସିଂହାବଲୋକନ, ବ୍ୟାଘ୍ରଗତି, ମେଷ-
ଯୁଦ୍ଧାଦି ଗୋମୂତ୍ର ଛନ୍ଦ,
ଅନ୍ତର୍ଲିପି, ବହି- ର୍ଲିପି, ପୁନରୁକ୍ତ-
ବଦାଭାସ, ଚିତ୍ର-ବନ୍ଧ ।

ଷଟ୍‌ସ୍ଥ୍ୟ, ନବସ୍ଥ୍ୟ, ଦନ୍ତି-ଚୈତାକ୍ଷର
ଲୋମ, ବିଲୋମ ଶୃଙ୍ଖଳା,
ଏ ଚୁଇଁର ନୂଆ ଅଳଂକାର ମୋର
ଚିହ୍ନିବାର ଆଶା ଗଲା ।

(୧) ଉପେନ୍ଦ୍ର, ଅଭି- ମନ୍ୟୁ ଲୋଡିନୁ
ଭଜିଲେ ତା'ଙ୍କ ସମାନ

(୧) ସୁଖାସାହିତ୍ୟ-ରାଜ୍ୟରେ ଭୂମଣ୍ଡଳ ଅପ୍ରତିଦ୍ୱନ୍ଦ୍ୱୀ କବିସମ୍ରାଟ ଉପେନ୍ଦ୍ରଭଞ୍ଜ । ଉପେନ୍ଦ୍ର ଭଞ୍ଜଙ୍କ ପଂକ୍ତିସ୍ଥ "ବିଦଗ୍ଧଚିନ୍ତାମଣି" କାବ୍ୟ ପ୍ରଣେତା କବିବର ଅଭିମନ୍ୟୁ ସାମନ୍ତସିଂହାର ।

କଏ ଆସିଲୁ ହେ' ସାହିତ୍ୟ-ସମ୍ପଦେ
ବଢ଼ାଇବ ମୋ ସମ୍ମାନ ।

ଅସିଥିଲ୍ ମାତ୍ର ଅନୁଦିନେ କାଳ-
(୧) ସ୍ରୋତେ ଭାସିଗଲ୍ ରଥ,
ନବତ୍ର ସାହିତ୍ୟ- କାନନେ ଫିଟାଇ
ସୁଦୃଶ୍ୟ ରାଜପଥ ।

(୨) ସାଧୁ ଗୁଣାକର- ରାଧୁ ସୁଜ୍ଞ ମୋର
ନବ୍ୟ ସାହିତ୍ୟ-ବନାଣି
ନଦୀ କୂଳ ଶିର- ଧାତ୍ରୀ-ଜନନୀର
ବର୍ଣ୍ଣିଗଲ୍ ଶୋଭାରାଶି ।

(୩) ସୌଭାଗ୍ୟ ଗୁଣ ମଧୁଁ ସେକ୍ସପର ମଧୁ
ମୋ ହୃଦୁଁ ଦେଲ୍ ଅନ୍ତର
ପ୍ରାଚ୍ୟ-ସଙ୍ଗୀତର ଉଦ୍ଧ୍ୟ-ସାହିତ୍ୟର
ଅଣିଦେଇ ରୂପାନ୍ତର ।

ସମାଜର ଚିତ୍ର- ପ୍ରଦର୍ଶନ ଛଳେ
(୪) ଉତ୍କଳର ନବ ବ୍ୟାସ,
ନବ ରଙ୍ଗ ଢଙ୍ଗେ ହସାଇ ରସାଇ
ଗଢ଼ିଗଲ୍ଲ ଉପନ୍ୟାସ ।

ସପ୍ତ ସ୍ୱର୍ଗ ସେନା- ପତନ ହସାଇ
ଥିଲ କରମ ଆଦରି,
(୫) ମେହେର, ମହାନ୍ତି ଆହନ୍ତି ତ ବୋଲ
ଦୁଃଖ-ଚିନ୍ତା ଦୂର କରି ।

(୧) ଭକ୍ତମୂର୍ତ୍ତି ବଳଦେବ ରଥ ।
(୨) ରାଧୁ—ରାୟ ରାଧାନାଥ ରାୟବାହାଦୁର ।
(୩) ମଧୁ—ରାଓ ମଧୁସୂଦନ ରାୟବାହାଦୁର ।
(୪) ଉତ୍କଳର ବ୍ୟାସକବି ମହାତ୍ମା ଫକୀରମୋହନ ସେନାପତି ।
(୫) ମେହେର—କବି ଗଙ୍ଗାଧର । ମହାନ୍ତି—କବି ଚିନ୍ତାମଣି ।

ମୋ' ହୃଦ-ଗଗନୁ ଅକାଳେ ଯା ଖସି
ଗଲୁ ମେଘର-ମିହିର।†
ପ୍ରତିଷ୍ଠା ପୂଜାରେ ଯୁଝି ଦେଖିଲେ କି
(୧) ଆଖଣ୍ଡଳ ଏ ମନ୍ଦିର।*

ନାହିଁ ସେ' ଦେଶରେ ସ୍ୱାର୍ଥ-ବିଜଡ଼ିତ
ଦୁର୍ବିଚାର-କୋଳାହଳ,
ମାତ୍ସର୍ଯ୍ୟ-ମରୁତ କଣ୍ଟକିତ-ଘୃତ
ଖଳ-ନୟନ-ଅନଳ।

ନାହିଁ ସହିଁ ଦ୍ୱେଷ ଅହଂକାର କ୍ଲେଶ
ନାହିଁ ଦମ୍ଭ ଅଭିମାନ,
ପବିତ୍ର ପାଣ୍ଡିତ୍ୟ- ପୂଜ୍ୟ-କବି, ତହିଁ
ବଢୁ ତୋ ପଦ ସମ୍ମାନ।

ଯାଅ ବନ୍ଧୁ, ସ୍ୱର୍ଗେ ସ୍ୱର୍ଗୀୟ ସଭାରେ
ଆଗେ ଆଲିଙ୍ଗିବା ପାଇଁ,
ମର୍ତ୍ତ୍ୟଧାମେ ଆଜ ଅଛିନାହିଁ ଚନ୍ଦ୍ର
ତୋର ପଥ ଚାହିଁ ଚାହିଁ।

ତୁମ୍ଭ ଦିବ୍ୟରଥେ ଅନାଇଣ ପଥେ
ଦୋଳି ପାରିଜାତ ହାର,
(୨) 'ସ୍ୱାଗତ କବୀନ୍ଦ୍ର' ବୋଲି ରାମଚନ୍ଦ୍ର
ଦେବ ପ୍ରୀତି-ଉପହାର।

'ଜୀ ହୁଅନ୍ତୁ ଜନମ- ଚିର-ସେବା ଘର
ସମ୍ପ୍ରତି ଆସିଲ' ବୋଲି

†-ମିହିର—ସୂର୍ଯ୍ୟ।
* ଏ ମନ୍ଦିର—ଏ ସ୍ଥଳରେ କେବଳ ସମ୍ବଲପୁର ଜିଲ୍ଲା ପ୍ରତି ପ୍ରଯୁଜ୍ୟ।
(୧) ଆଖଣ୍ଡଳ—ଇନ୍ଦ୍ର। (୨) ମୟୂରଭଞ୍ଜ ମହାରାଜା ୰ ରାମଚନ୍ଦ୍ର ଭଞ୍ଜ ଦେଓ।

ଫସ୍ପୁଟିବ ତୋତେ ମଧୁସୂଦନ ମୋ
ସରଳ ହୃଦୟ ଖୋଲ ।

ଅନାଇ ତୋ ମୁଖ ଦିବ୍ୟାନନ୍ଦ ସୁଖ
(୧) ଲଭିବ ନେତ୍ର ସଚର,
'ଆଉ କଣ୍ଟ ଲେଖି- ଅପିଚ୍ଛକ' ବୋଲି
ସମ୍ଭାଷିବ ମୋ ଫକୀର ।

ଅଜ, ସତ୍ୟରଙ୍କ, ଶ୍ରମ ଆଦି କଙ୍କ
ଆଶ୍ରି ଭେଟେବଙ୍କ ଆଗେ
ଅଙ୍ଗୁଳି ସଙ୍କେତେ ରାଧାନାଥ ଚତେ
ଚିଲ୍କାଳଦେବ ସଭରେ ।

ଶକୁନ୍ତଳା, ସତୀ- ସୀତା, ଇନ୍ଦୁମତୀ
ଶାପ-ବିମୁକ୍ତା ଅହଲ୍ୟା
ସୋଦାମିନୀ ଉଷା ସତୀ-ଶିରୋଭୂଷା-
ସାବିତ୍ରୀ, କଉଶଲ୍ୟା ।

ବାଧାବିଘ୍ନ ଟାଳି ନାରୀଧର୍ମ ପାଳି
ଗଣଣାନେ ଆହ୍ଲାଦ,
(୨) ଶାନ୍ତ ଲକ୍ଷ୍ମଣନ୍ତ, ନବେସ୍ତୁ ତୋପ୍ରତି
ପ୍ରଦାନବେ ଆଶୀର୍ବାଦ ।

(୩) ପାପେ ଅବହେଳା 'ପଦ୍ମିନୀ'ଙ୍କ ଠେଲି
ନ ଥିବାରୁ କୃପାନଲେ

---

(୧) ସଚ—ବାମଣ୍ଡା ମହାରାଜ ୰ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ।

(୨) ଅନ୍ଧବିଶ୍ୱାସ-ନିର୍ଭର କବି ଗଙ୍ଗାଧର ମେହେର ପାର୍ବତୀ, ଉଷା, ନନ୍ଦକେଶରୀ, କେଦାର-ଗୌରୀ ପ୍ରଭୃତି ବାହ୍ୟାଡମ୍ବର କାବ୍ୟ-କବିତାର ସମ୍ପୂର୍ଣ୍ଣ ବିରୋଧୀ ଥିଲେ । ଏହାର ଜ୍ୱଳନ୍ତ ପ୍ରମାଣ—ତାଙ୍କର ପ୍ରାଥମିକ ରଚନା (କାବ୍ୟାନୁବାଦ) "ଇନ୍ଦୁମତୀ" ବ୍ୟତୀତ ତପସ୍ୱିନୀ, ପ୍ରଣୟବଲ୍ଲରୀ, କୀଚକବଧ, ଅଯୋଧ୍ୟାଦୃଶ୍ୟ ପ୍ରଭୃତି ପ୍ରତ୍ୟେକ କାବ୍ୟ କବିତାରେ ରଚନାଶୈଳୀ ତଥା ଭଙ୍ଗୀରୁ ସୁସ୍ପଷ୍ଟ ପରିଦୃଷ୍ଟ ମିଳେ ।

(୩) ପଦ୍ମିନୀ—ମେହେର କବିଙ୍କର ଅସମ୍ପୂର୍ଣ୍ଣ କାବ୍ୟବିଶେଷ ।

ଦପଦପ ହୋଇ          ତୋ ଚରଣ ଧୋଇ
ଦେବ ସେ ସ୍ୱର୍ଗଙ୍ଗା-ଜଳେ ।

ବସନ୍ତ-ଗ୍ରୀଷ୍ମ-          ବରଷା-ଶରଦ
ସହ ହେମନ୍ତ ଶିଶିର
ନନ୍ଦନବନର          ଫୁଲହାର ଗୁନ୍ଥି
ମଣ୍ଡିବେ ତୋ' ବକ୍ଷ ଶିର ।

(୧) ଆଦିକବିଙ୍କର          ଅନ୍ତଦଶେ କୋକିଳ
ପାରିଜାତ ଡାଳେ ବସି
ଗାଇବ ତୋ ଯଶଃ-          ସଙ୍ଗୀତ ଅଜସ୍ର
ବାଇ କଳକଣ୍ଠ ବଂଶୀ ।"

ଏବା କହୁ ଦେଖ          ଦୀର୍ଘଶ୍ୱାସ ଛାଡ଼ି
ସମ୍ବରିଲେ ଶୋକ-ଭାଷା
ଅଦ୍ୟାପି ସେ ଲବ          ଶୁଣିଦେଛେ ଆଜି
ଦଏ "ଭରତ-ଅମାସ୍ୟା" ।

(୧) ଆଦିକବି—ବ୍ରହ୍ମା, ମହର୍ଷି ବାଲ୍ମୀକି ।

# ପ୍ରଶସ୍ତ-ନିର୍ଝର

# ଭୂମିକା

ଶ୍ରୀଯୁକ୍ତ ଖଗେଶ୍ୱର ଶେଠଙ୍କ ପ୍ରଣୀତ 'ପ୍ରଣୟ-ନିର୍ଝର'ର ପାଣ୍ଡୁଲେଖା ପାଠ କରିବାର ସୁଯୋଗ ମୋତେ ମିଳିଛି । ମାନବର ଆଦିମ କାଳର ଆଦିମ ପ୍ରବୃତ୍ତି ପ୍ରଣୟ ଓ ତାହାର ମହିମାମୟ ମହତ୍ତ୍ୱ ତଥା ମାଧୁର୍ଯ୍ୟ ପୁସ୍ତିକାଟିର ଉପଜୀବ୍ୟ ବିଷୟ । ଏକଦା କାବ୍ୟ-ନାୟକ ନିଜ ତରୁଣ ଜୀବନରେ କୌଣସି ବାଲ୍ୟ-ସ୍ୱବାନ୍ଧିତା ତରୁଣୀର ପ୍ରଣୟରେ ଆକୃଷ୍ଟ ହୁଅନ୍ତି ଓ ସେହି ପ୍ରଣୟର ପୂର୍ଣ୍ଣ ଉପଭୋଗ ନ ହେଉଣୁ ତାଙ୍କର ବିଚ୍ଛେଦ ସଂଘଟିତ ହୁଏ । ବିଚ୍ଛେଦର ଏକବର୍ଷ ଅବ୍ୟବହିତ ପରେ ବର୍ଣ୍ଣିତ ନାୟିକାର ମୃତ୍ୟୁ ହୁଏ ଓ ସେହି ମୃତ୍ୟୁଜନିତ ପ୍ରଣୟୀର ବିରହ-ବ୍ୟଥିତ ପ୍ରାଣରେ ମର୍ମନ୍ତୁଦ ବେଦନା ଅନୁଭୂତ ହେବାରୁ ସେ 'ପ୍ରଣୟ-ନିର୍ଝର'-ବିଷାଦରାଗିଣୀ-ମର୍ମରିତ ଗିରିକନ୍ଦର ସ୍ୱନ ତୋଳିଲନ୍ତି । ଶେଠ ମହୋଦୟ ଏହି ଗାନରେ ସମ୍ବେଦନ ମର୍ମସ୍ପର୍ଶୀ କରାଇ ପାରିଛନ୍ତି । ପୁସ୍ତିକାଟିର ଉତ୍ତରଭାଗ ପାଠକଲେ ଚକ୍ଷୁ ଅଶ୍ରୁସିକ୍ତ ହୁଏ । କରୁଣରସର ମଧୁର ମୂର୍ଚ୍ଛନାରେ ଏହା ମୂର୍ଚ୍ଛିତ ।

ଲେଖାଟିର ଭାଷା ହୃଦୟଗ୍ରାହୀ; କିନ୍ତୁ ସର୍ବତ୍ର ଉପଧା ତଥା 'ର' ଅନ୍ତ୍ୟ ରକ୍ଷା ଦିଗରେ ସେ ତୀକ୍ଷ୍ଣ ଦୃଷ୍ଟି ଦେଇଥିବାରୁ ସ୍ଥଳେ ସ୍ଥଳେ ଭାଷାର ଉତ୍ଥାନ ପତନ ଘଟିଛି । ସ୍ୱତ ଅନୁଯାୟୀ ଭାଷା ଅପେକ୍ଷାକୃତ ଆଉ ଟିକିଏ ସରଳ, ତରଳ ତଥା ସୁବୋଧ ହେବାର ଥିଲା । ସ୍ଥଳେ ସ୍ଥଳେ କାବ୍ୟରେ ବହିର୍ଦ୍ଦୃଶ୍ୟ ଓ ଘଟଣାବଳୀ ପ୍ରଦର୍ଶନର ପ୍ରଚେଷ୍ଟା ହୋଇଥିବାରୁ ଚରିତ୍ରର ପ୍ରଧାନ ବିଷୟବସ୍ତୁ ଅବହେଳିତହୋଇଛି । ଭଙ୍ଗୀର ପ୍ରଭାବରୁ ଶେଠ ମହୋଦୟ ସମ୍ପୂର୍ଣ୍ଣରୂପେ ଅବ୍ୟାହତି ପାଇ ପାରି ନାହାନ୍ତି । ଅଥଚ ତାଙ୍କର ବୟସ ଅଭିବ୍ୟକ୍ତି ସେ ଦିଗରେ ତାଙ୍କୁ ନୂତନ ଭାବରେ ଠିଆ କରାଇ ପାରିଛି । ସର୍ବତ୍ର ଉପଧା ଓ 'ର' ଅନ୍ତ୍ୟ ରକ୍ଷା ଅକ୍ଷୁଣ୍ଣ ଥିବାରୁ ପଦମାଧୁର୍ଯ୍ୟ ବୃଦ୍ଧି ପାଇଛି । ଗୋଟାଏ କଠିନ ନିୟମରେ ଆବଦ୍ଧ ଥାଇ ହୁଏତ ସେ ମୁକ୍ତ ଆକାଶର ବିହଙ୍ଗମ ଭଳି କ୍ରୀଡ଼ା କରିବାର ଅବସର ପାଇ ପାରି ନାହାନ୍ତି । ତଥାପ

ଭାଷାର ସରଳତା ଏବଂ ଗମ୍ଭୀର ଭାବ ରକ୍ଷା ଦିଗରେ ସେ କମ୍ ପ୍ରତିଭାର ପରିଚୟ ଦେଇ ନାହାନ୍ତି । ସ୍ଥାନେ ସ୍ଥାନେ ପ୍ରାଦେଶିକ (ସମ୍ବଲପୁରୀ) ଶବ୍ଦର ପ୍ରୟୋଗ ନେଇ ଭାଷାର ସାର୍ବଜନୀନତା ନଷ୍ଟ ହେବାର ସେପରି ଆଶଙ୍କା ଆସେ ନାହିଁ; ଯେହେତୁ ଅନେକାଂଶ ପୁସ୍ତିକାଟିର ଗଳ୍ପ ପରିପୃଷ୍ଟିରେ ଏହା ସହାୟ ହୋଇଛି । ପକ୍ଷାନ୍ତରେ ପ୍ରଣୟ-ମଧୁର ପରିବେଷଣ ସହ ସମାଜପ୍ରତି ଶିକ୍ଷାର ଉଦ୍ଦୀପକ ଦୃଷ୍ଟିଭଙ୍ଗୀ ତାଙ୍କର ନବୋନ୍ମେଷଶାଳିନୀ ପ୍ରଜ୍ଞାର ପରିଚୟ ଦିଏ ଓ ଗୋଟିଏ ଗୋଟିଏ ପଦରେ ପ୍ରତିଭାଶାଳୀ କବିର କବିତ୍ୱ ସୂଚନା ମିଳିଥାଏ । ଦୈନ୍ୟ ପ୍ରପୀଡ଼ିତ ଜୀବନରେ ଶେଠ ମହୋଦୟଙ୍କ ଏଭଳି ସାଧନା ପ୍ରଶଂସନୀୟ ।

ବିଚ୍ଛେଦ ପରେ ପ୍ରଣୟିନୀ ନିକଟକୁ ପ୍ରେରିତ ପତ୍ର 'ପ୍ରଣୟ-ପତ୍ରିକା' ନାମରେ ପରିଚିତ । ଏହା ପୁସ୍ତିକାଟିର ଶେଷ ଭାଗରେ ସନ୍ନିବିଷ୍ଟ । ଏଥିରେ ମଧ୍ୟ ଭାଷା, ଭାବ, ତଥା ମୌଳିକତା ନେଇ ଲେଖକଙ୍କର କମ୍ କଳାପାଟବ ପ୍ରକାଶ ପାଇନାହିଁ । ଅଧିକନ୍ତୁ, ପ୍ରଣୟ ସମ୍ପର୍କୀୟ ପାରିଭାଷିକ ଶବ୍ଦ 'ଚେଟକ-ପାସୋର୍-ପସର୍', 'କାମ-ଦରବାର' ପ୍ରଭୃତିର ପ୍ରୟୋଗରେ ଲେଖକଙ୍କର ନବ-ଉଦ୍ଭାବନୀ ଶକ୍ତିର ପରିଚୟ ମିଳେ । ତଦୁପରି ପ୍ରେମର ମଧୁର-ସ୍ପନ୍ଦନରେ ପୁସ୍ତିକାଟି ଯେପରି ଉଚ୍ଛଳ, ରସିକତାର କୋମଳ ଉନ୍ମେଷ ନେଇ ତାହା ସେପରି ସ୍ୱାଦ୍ୟ ଓ ହୃଦ୍ୟ । ମୂଳତଃ ରଚନାଟି କବିତ୍ୱମୟୀ ହୋଇ ପାରିଛି । ଇତି ।

ପାଣିମୋର
୮-୫-୮୯

ଶ୍ରୀ କେଶବ ମେହେର

# ପ୍ରଣୟ-ନିର୍ଝର

## ପୂର୍ବଭାଗ

### ( ସମ୍ଭୋଗ ବା ମିଳନ )

( ବୃତ୍ତ—ରାମକେରୀ )

(୧) ଥିଲା ଏକ ପଲ୍ଲୀଗ୍ରାମରେ
ଗୋଟିଏ କୁଡ଼ିଆ ଘର,
ସେ ଘର-ଅଙ୍ଗନୀ ବିଜୁଳି
ଯେସନ୍ତେ କଳାମେଘର ।
ବଡ଼ ଧ' ଭଉଣୀ ମା' ବାପ
ପୁଣି ବେନି ସୋଦର,
ସଭିଙ୍କଠାରୁ ପାଏ ସେ'
ଅତି ସ୍ନେହ ଆଦର ।
ଉଚ୍ଚ ଶିକ୍ଷିତା ନ ହେଲେହେଁ
ଉଚ୍ଚ ଜ୍ଞାନ-ସମ୍ଭାର,
ଘରତେ ଦେଖାଉଥିଲା ତା'
ଆଚରଣ ଦେବୀର ।
ଚଢ଼ି କୁଡ଼ିଆରେ ସଙ୍ଗୀତ
ନାଟ୍ୟ ନାନା ରଙ୍ଗର,
ସରଳ କବିତା ତରଳ
ସ୍ୱର ଭଙ୍ଗୀ ଢଙ୍ଗର ।

---

(୧) କୁଡ଼ିଆ—ଗୃହବିଶେଷ ।

ଭୃଟମାନ-ଅଟମାନଡା
ନବ ମୁରଲୀକାର,—
ଛୁଟି-ଛବଟାନ କବାର
ବୃଥା ଶ୍ରମ ସ୍ୱୀକାର ।

ଗୋଲ୍ ପୟୋଧର୍ ଗୋଲପ
ଧର୍ ରଙ୍ଗାଧରର୍,
ଚରବତ ବଳ' ମିବ ନ ଦେଖି
ଅଟେ ଖୋଲି ଶରୀର୍ ।

(୧) ରୂପଗରବିଣୀ ସୁଧଡ଼-
ପ୍ରେମ-ଧୈର୍ଯ୍ୟ ଗୁମର,
(୨) ଦେଖିବାକୁ ଚେଷ୍ଟି ଥିଲ୍ କ
ତାକୁ କଣ୍ଟକୁମର ?

ଷୋଳବର୍ଷୀ ସେ' ସୁନ୍ଦର-
ମଣି ରମଣୀବର,
ପୀରତି ଆପଣେ ପରଡ-
ଧନ ଧାଏ ଖଦର ।

(୩) ଘନପୁଷ୍ଟା ରଜ ଉକୁଣ୍ଠା-
କମଳଣ-ଭ୍ରମର,
(୪) କନ୍ଧରକୁ ଏଡ଼ି ଦେଇଛି
କେଉଁ ମୂର୍ଖ ଭ୍ରମର ।

ଲଟିଲି ଦୁହିଙ୍କ ଗଳାରେ
ଦୃଢ଼ ପୀରତି-ଡୋର,
(୫) ପ୍ରେମ-ହୁମାଗୁଡ଼ି-ଗଣ୍ଡରେ
ବୁଡ଼ି ହେଲୁଁ କୁଡ଼ୋର ।

---

(୧) ରୂପଗର୍ବିଣୀ—"ମୁଁ ସୁନ୍ଦରୀ" ଏହି ଧାରଣାରେ ଯେଉଁ ସ୍ତ୍ରୀର ଅଭିମାନ ଆସେ ।
(୨) କଣ୍ଟକୁମର—ଲଜ୍ଜା । (୩) ରଜ ଉକୁଣ୍ଠା—ପୁଷ୍ପଧୂଳି ମାଖିଥିବା; ରଜୋବତୀ ହୋଇ ଯାଇଥିବା । (୪) କନ୍ଧର—ସୁବାସ; (ଲକ୍ଷ୍ୟାର୍ଥରେ) ଅଘ୍ରାଣ । (୫) ହୁମାଗୁଡ଼ି—ହୁମାରେ ଥିବା ଶିବମନ୍ଦିର । ଏହା ସମ୍ବଲପୁରର ଗୋଟିଏ ପ୍ରସିଦ୍ଧ ତୀର୍ଥସ୍ଥାନ ।

ପ୍ରେମରସପୂର୍ଣ୍ଣ ସଙ୍ଗୀତ
ହେଲା ଦିଶି ମଧୁର,
ମନ ମୋହିନେଲା ମନୋଜ୍ଞ-
ଗୁଞ୍ଜାରବ ଝଙ୍କାର ।

ଭୁଲିଗଲା ମନ ସମସ୍ତ
ସ୍ନାନ-ପାନ-ଆହାର,
ସୁଧାକଣା ମଧୁ-ପ୍ରସାଦ
ପାଇ ରସନାଦ୍ୱାର ।

କ୍ଷଣିକ ବିଚ୍ଛେଦ ଲାଗିଲା
ପ୍ରାଣେ କୋଟି ବର୍ଷର,
ପୀରତି-ପଥରେ ନ ଘଟି-
ବାନ୍ଧୁ ବାଧା-ମନ୍ଥର ।

ନିରୂପଣ କରେ ରସିକା-
ଶ୍ରେଣୀ ତା’ ଉପଚାର,
ସତେ ବା ବାଞ୍ଛାରେ ସମସ୍ତ
ଜାଗି ଦେବା ନିଶାର ।

ଗୁଞ୍ଜରୀ-ମରମ ବୁଝିବ
ସେହୁ ପ୍ରେମ-ଚତୁର,
ମଧୁବନ ସେ’ ଧନ ଚତୁରୀ-
ମନ ହୁଏ ଆତୁର ।

ପଠାଇଦିଏ ସେ’ ମୋ’ଠାକୁ
ଶତ ଦାନ ଭେଟର,
ଶିଶା ହୋଇଥାଏ ଗଣ୍ଠିରେ
ବଦ୍ ବନ୍ଦ୍ ଅତର ।

ସେତେ ଧନ ଥାଏ ସୁନ୍ଦରୀ-
ଲଲାଟ ଟିକା ସିନ୍ଦୂର,

---

କୁତ୍ତୋର—ମତ୍ସ୍ୟବିଶେଷ । ଏହି ଜାତୀୟ ମତ୍ସ୍ୟଙ୍କ ବର୍ତ୍ତୁଳ ପୁଚ୍ଛର ପାର୍ଶ୍ୱରେ (କୁତ୍ତୋର) ନିର୍ଭୀକ ନିଷ୍ପନ୍ଦ ଭାବରେ ସଞ୍ଚରଣ କରୁଥିବାର ଦେଖାଯାଏ ।

ଯେତେଦିନ ଯାଏ ତା'ପାଇଁ
ମୋତେ କରଏ ଦୂର ।

ସେଦିନ ନାଚଣା-ବାଜଣା-
ଭଣା ପାଦ-ନେପୁର,
ଜଣାଏ ସେଦିନ ଯିବାକୁ
ତାଲା ସଙ୍କେତ ସ୍ୱର ।

ଚଳାପ୍ରାଣୀ କଳା କୁନ୍ତଳୀ-
ଆଖି କଜଳ ଗାର,
ଦେଖିଦେଲେ ଉଠେ ମରମେ
କଳା ଜାମ ଅଙ୍ଗାର ।

କାମକାଣ୍ଡ ବାକି ନଥିବା
ଧନେ ସାଜି ହେବାର,
ବଦଳେ ସେ ଗୀତ ସେ' ଜାଣେ
ପ୍ରୀତି ମାଜି ଦେବାର ।

ରଖିବାକୁ ଠାଣ ଫକାଏଁ
ଶ୍ୱାସ ନେଇବ ଟେକର,
(୧) 'ନଛି' ବୋଲି ମୃଦୁ ମନ୍ତ୍ରର
ଦମି ଛଡ଼ାଏ ଦର ।

ଲହନଠୁଁ ବେଶୀ ଗୋପନ
କଥା କହେ ନେତର,
କାନଠୁଁ ମୋ ଗାନ ଅଧିକ
ଶୁଣେ ତାର ଅନ୍ତର ।

ଲକରଖା ଅଙ୍ଗେ ନକର
ଦେଡିକ ରସାଳସାର,
ଖୋଣ୍ଡାଇବା ଘଟକ ବଡ଼ାଇ
ଦିଏ ଶୋଭାର ସାର ।

(୧) ନଛି—ଘଣ (ଜରଥ-ସନ୍ଧିଳପୂର୍ଣ୍ଣ ଶବ୍ଦ) ଡକାଡ଼ିବାପାଇଁ ବାମହସ୍ତର ଦୁଇଟି ଅଙ୍ଗୁଳିର ଅଗ୍ରଭାଗକୁ ଲଗାଇ ଏହି ନଛି ଶବ୍ଦ ଉଚ୍ଚାରଣ କରାଯାଏ । ଏହା ସମ୍ବୋଧନସୂଚକ ଶବ୍ଦ ।

ପ୍ରୀତି-ମଧୁଚକ୍ର ନବୀନ
ପ୍ରାଣେ ପ୍ରାଣବନ୍ଧୁର,
ହାସ-ଲାସ-ବେଶ ସକଳ
ବୋଧ ହେଲା ମଧୁର ।

ସମସ୍ତ ବିଶେଷେ ଅବାଧ-
ଶରବିଦ୍ଧ ଦେହର,
(୧) ଗହ୍ୱଦ ବହି କି ଆଖିରୁ
ଅରବିନ୍ଦ କହ୍ଲର ।

ଘଟି ଯାଉଥାଏ ଏପରି
ଦିନେ ଦିନେ ବାସର,
ଜଣା ପଡ଼େ ନାହିଁ କଦନ
ଆଜି କେଉଁ ମାସର ।

ଲଗର ଯାତରା ପରବ
କର୍ମା ଓଷା ବ୍ରତର,
ଚୂଡ଼ା ଭକଟରେ ନଥାଏ
ଅନ୍ନ କଣ୍ଠ ଖାତର ।

ଗାଁଗ ଗ୍ରାମେ ରଥ ଯାତରା
ହେଲେ ହେଉଁ ହାଜର,
କାଳିଆ ସୁଭଦ୍ରା ଉପରେ
ସେତେ ନାହିଁ ନଜର ।

କଣି ରଙ୍ଗ ଖଜା ମିଠାଇ
ଶଙ୍ଖା ପାନ ଅତର,
(୨) ଫେରିଲୁ ବେଳେ ଛାଁ' ପିଠାଇ
ବାଟେ କରୁଁ ବତର ।

(୩) ଅସିଲେ ସେପରି ଦଶରା-
ତାଲଖାଇ-ଡିହାରି,

(୧) ଗହ୍ୱଦ—ସ୍ୱେଦ । ଅରବିନ୍ଦ—ପଦ୍ମ, କାମଦେବଙ୍କର ପ୍ରଥମ ଶର । କହ୍ଲର—ସୁବାସ ।
(୨) ବତର—ଆନନ୍ଦ ଉତ୍ସବରେ ଶ୍ରେଣୀବଦ୍ଧର ବହାସ୍ଥାନ ଚହଣ (ସ୍ଥା:ଶ:) ।
(୩) ଡହାରି—ଚଇପତାଣି (ସ୍ଥା:ଶ:) ।

(୧) ଅଙ୍ଗର ନଲିଆ-ବାଲିଆ
କୁଞ୍ଜେ କରୁଁ ବିହାର ।

ବରଗୁଣ୍ଠା ହାତେ ବଢ଼ିଆ
ରସେ ରଞ୍ଜି ଅଧର,
ସେ ବୋଲେ ମୁଁ ହେବି ରାଧିକା
ତୁମେ ମୋ' ବଂଶୀଧର ।

କାର୍ତ୍ତିକ ଶେଷେ ଯେବାଳେ
ପଶେ ମାର୍ଗଶିର,
ମାର-ଅଦାଲତ ପଦାକୁ
ଖସେ ମଦାଳସୀର ।

(୨) କରମା ନାଚେ ଯେ ଦରମା
ଦିଏ ବୋଡ଼ାସମ୍ବର,
ଖାଇ ପାଇନାହିଁ, ନଥାଏ
ମଧ ଲେଣ୍ଡା ଆମର ।

(୩) 'ଶୁଆନା' ନାଚର ଦେଖାଇ
ଦିଏ ନାନା କସୂର,

(୧) ନଲିଆ—ଅପ୍ରଶସ୍ତ କ୍ଷୁଦ୍ର ନଦୀ । ଲିଖିତ ନଲିଆର ନାମ "ବଣ୍ଡା ମେହେର" । ଏହାର ଧାର ଅଙ୍ଗନଦୀରେ ପଡ଼େ ।

(୨) କରମାନାଚ—ବୋଡାସମ୍ବର ଅଞ୍ଚଳର କରମା ନାଚରେ ପ୍ରାୟ ୮୦ ଜଣ ଯୁବକ ଏବଂ ଅଧିକାଂଶ ଯୁବତୀ-ଟୋକୀ ଯୋଗ ଦିଅନ୍ତି । ପିଲାମାନେ ମାଦଳ ବଜାଇବେ । ଟୋକାମାନେ ଗୀତ (ଆଦିରସାତ୍ମକ ଯୋଡ଼ାଯୋଡ଼ି ଗୀତ) ଗାଇ ଗାଇ ଶ୍ରେଣୀବଦ୍ଧ ଭାବରେ ନୃତ୍ୟ କରିବେ । ବିଶ୍ରାମ ଆବଶ୍ୟକ ହେଲେ ଗୋଟାଏ ନିର୍ଜନ ଗୃହରେ ସମସ୍ତେ ମିଳିମିଶି ଶୋଇବେ । ସେମାନଙ୍କର ଏହି ଆମୋଦ ପ୍ରମୋଦ ହସ-କହତ୍ତିର ଉପଭୋଗକୁ ଏଠାରେ କରମା ନାଚର ଦରମା ବୋଲି ନିର୍ଦ୍ଦେଶ କରାଯାଇଛି ।

(୩) ଶୁଆନା—ଏହି ନାଚରେ ବିଶେଷତଃ ଭଣଆ ଜାତର ଟୋକମାନେ ଯୋଗ ଦିଅନ୍ତି । ସେମାନେ ନିଜ ଗ୍ରାମରେ ଏବଂ ପାଖ ପଲ୍ଲୀଗ୍ରାମରେ ମଧ୍ୟ ଘରଘର ବୁଲି 'ଶୁଆଦେବୀ'ଙ୍କ ନାମରେ ଗୀତ ଗାଇଗାଇ ହାତରେ ତାଳ ପକାଇ ଶ୍ରେଣୀବଦ୍ଧ ଭାବରେ ନୃତ୍ୟ କରନ୍ତି ଏବଂ ରାତି ସମୟରେ ଯେଉଁ ଗ୍ରାମରେ ସେମାନେ ରହି ଯାଇଥିବେ, ସେହି ଗ୍ରାମର କରମା ନାଚରେ ଯୋଗ ଦିଅନ୍ତି । କସୂର—ଦୋଷ ।

(୧) 'ଢୁମୋ' ଗୀତରେ 'ଟେଁ' ଲଗାଏ
ଭଙ୍ଗା ସଙ୍ଗୀତ-ସୁର ।

(୨) ସେ କାଳରେ ବସି ନ ଥିଲ
ବେଶି ଦୂର ବଜାର,
(୩) ସ୍ୱେଚ୍ଛ କ୍ରମେ ପ୍ରତିଯୋଗିତା
ପକ୍ଷୀ ଦେଖାନ୍ତି ଜାର ।

ଚାଲିଯାନ୍ତି ତହିଁ ଅନେକେ
ନିଜ ଯୋଗ୍ୟପ୍ରଚାର,
ଯୋଗ୍ୟତାନୁଯାୟୀ ଲଭନ୍ତି ବା-
ନିନ୍ଦା-ଲଜ୍ଜା-ପ୍ରହାର ।

(୪) ଅଭିସାରିକାର ସ୍ୱୀକାର
ନେଇ କେଉଁ ନାଗର,
(୫) ଏଥ ଗୁହେଁ ତେଣ ଅରକୁ-
ଥର କର-ଜାଳର ।

ପରପୁରୁଷର ଛଇଳ
ପରଶରେ ଯାହାର,
ସତୀତ୍ୱ-ମହତ୍ତ୍ୱ ଦେହରୁ
ହୋଇଯାଏ ବାହାର ।

ସେମାନଙ୍କ ମଧ୍ୟୁ ଅନେକ
ସଙ୍ଗ ଧରି ହାଟେଉ,

(୧) ଢୁମୋ—ସମ୍ବଲପୁର ପ୍ରଭୃତି କେତେକ ଅଞ୍ଚଳରେ ଲୋକମାନଙ୍କର ରାତିକାଳୀନ ଖେଳବିଶେଷ । ଏହି ଖେଳରେ ଲୋକମାନେ ଅନେକ ଢଙ୍ଗର ସୁର୍‌ରେ ଗୀତ ଗାଇ ଖାଲି ଆମୋଦ ଅନୁଭବ କରନ୍ତି । ସେମାନଙ୍କ ଗୀତରେ ସମସାମୟିକ ସମାଜର ଚିତ୍ର, ସୁଖଦୁଃଖ ସମ୍ପୃକ୍ତ ମନୋଭାବ ଅତି ସରଳ ପଲ୍ଲୀଭାଷାରେ ପ୍ରକାଶିତ ହୋଇଥାଏ । ଢୁମୋ ଗୀତକୁ ପଲ୍ଲୀ-ସାହିତ୍ୟର ଉପାଦେୟ କବିତା କହିଲେ ଅତ୍ୟୁକ୍ତି ହେବ ନାହିଁ ।
(୨) ଦୂରବଜାର—ଦୂରହାଟ । (୩) ଜାର—ଜାଲିଟ ।
(୪) ଅଭିସାରିକା—କାମିନୀବିଶେଷ, ଯେଉଁ ସ୍ତ୍ରୀ ପରପୁରୁଷ-ସହବାସ ଇଚ୍ଛାକରି ସଙ୍କେତ ସ୍ଥାନକୁ ଗମନ କରେ । (୫) ଜହ୍ନନାଗର—ଟିକିଲିଆଟି ।

ଅଭ୍ରଭେଦୀ ଘାଟ ତଳାଇ
ଆନ୍ତୁ ପ୍ରେମ-ଥେଷ୍ଟର ।

ଅନ୍ଧାରିଆ ନିଜ ଘରକୁ
ଧନବେଳ ଯା’ ଭର,
ଭେଳଖଣା-ଭେଲ୍, ମଜରେ
ଗଣା ଯାଉ ମୁଂଡର ।

ବିଜନ ପ୍ରାନ୍ତରେ ଲମ୍ପଟ
ଭୁଲେ ସେ ଋଷିକାର,
ଚଣ୍ଡ୍ର ବାଟେନା’ ବାଲିଆ
ଧୂଳ ସ୍ଥାନ ବିଜାର ।

ପତ୍ନୀଲେ ଲୋକେ ନବିଏ
ତେଣୁଁ ନାସ୍ତି ଉତ୍ତର,
ଯଡ଼ା ଘୃତରେ ସେ’ ଲୋକଙ୍କ
ନେତ୍ର ସାରି ସୂତର;

(୧) ଧନଙ୍କ ମଧ୍ୟେ ସେ’ ହାଟନ୍ତି
ଯାର ଧନ ନିସ୍କାର,
କି ନ କରେ ନାସ୍ତି-ତରଙ୍ଗ-
ହାସ୍ୟ ହରିବଜାର ?

ପରଦାଦ୍ୱେଷିଣୀ କେତେକ
ଚରମଦା ସେଠାର,
ନେତ୍ର ତାଙ୍କ ଦେଖି ନଥାଏ
ମାତ୍ର ଗୃହାଣୀ-ଠାର ।

ବିବେକ-ଚ୍ଛିଦ୍ର ସହାସ୍ତ-
ତେଜ ପରଦା ଠା’ର,
କି କରିବେ ତାଙ୍କୁ କାମାନ୍ଧ-
ଜାରି ଶତ ହଜାର ?

(୧) ହରିବଜାର—ହରିହାଟ ।

ଯଦ୍ୟା ରଖାଇ ତା' ଅଶୋକ-
ବନେ ବନ୍ଧନଧାର
(୧) ତୁମ୍ଭି ଯାଉଛ କି ଭ୍ରମର
ସୀତା-ଓଷ୍ଠ-ମନ୍ଦାର ?

ନଥିଲେକି ପଦ୍ମବଣରେ
କଣ୍ଟକଜୀବୀ ଘର,
କେ ଦେଖି ପାରିଲା ପୀରତି-
ଲଙ୍କା ଉଦ୍ୟାନେ ଦେବୀର ?

ନାନା ଦେନ କଣ୍ଟକ ଅଟକ
ପ୍ରୀତି-ଦେବୀ ପୁର,
(୨) କନ୍ଦା ଲଙ୍କା ବାଧା ଯା' ଦାସୀ,
ରଘୁ ସାର କୋପୁର ।

କର ଯୋଡ଼ି ରହେ ଅଗ୍ରତେ
ମୃତ୍ୟୁ ସମାଜ-ଡର,
ମୃତ୍ତି ନଇଁ ରହେ ପୀରତି-
ଚରଣେ ଦେବୀକାନ୍ତର ।

(୩) ପୀରତିର ସୂକ୍ଷ୍ମ ବଜର-
ଠାରୁ ବେଶି ବଜର
ପ୍ରକୃତି-ଧମନ ଦାଉଳୁ
ମଧ୍ୟ ନାହିଁ ନଜର ।

(୪) ମଳୟାନ ଖରା ଉତ୍ତାପ
ଝାଞ୍ଜି ବଇଶାଖର,
(୫) ପ୍ରୀତି ଆଗେ ସବୁ ତରଣୀ
ହୋଇଯାଏ ଅନ୍ତର ।

---

(୧) ଭ୍ରମର—ଭୃଙ୍ଗ, କାମୁକ ।
(୨) କୋପୁର—ଗୁରୁର । (୩) ବଜର—ବଜ୍ର ଓ କଠିନ ।
(୪) ଝାଞ୍ଜି—ଗ୍ରୀଷ୍ମକାଳୀନ ଝଂଝାବାତ । (୫) ଅନ୍ତର—ଶେଷ ।

ଇତସ୍ତତଃ ହୁଏ ଭରସା
ଛୁଟି ବରଷାଧାର,
ମନପଞ୍ଚା ହୋଇ ପଳାଏ
ଘେନଘଟା ଅନ୍ଧାର ।

(୧) ଅସ୍ତ ହେବାର ଭୟରେ
ଚଳ ଗ୍ରହତାରକର,
(୨) ବନଦୂରେ ପ୍ରୀତି-ସମ୍ଭର
ଧୂଏ ଶୀତ-କାକର ।

ମନ୍ଦରେ ପ୍ରୀତିର ମହିମା
ବେଶି ବୃଦ୍ଧିଭ୍ର ହର,
ଶଳେଚନ ସପ୍ତ-ଚରଧ-
ଭସ୍ମ ଯା'ର ଦେହର ।

ପ୍ରିୟା-ଅସ୍ଥିମାଳା ବକ୍ଷରେ
ବହି ଶର ଶମ୍ଭର,
ଅର୍ଦ୍ଧାଙ୍ଗ ଶକ୍ତିରେ ବୋଲନ୍ତି
ଯେତୁ "ନାରୀ-ଈଶ୍ୱର" ।

(୩) ଶୁ ଭ୍ରୁଦାଶ୍ମ ତାଙ୍କ ପ୍ରେମରେ
ଚନ୍ଦ୍ର କଳଙ୍କାକାର,
(୪) ଶୂଳାକେଶଙ୍କର ତଥାପି
ସେ ତ ଚୂଡ଼ାଳଂକାର ।

ଭକ୍ତିମତୀ ରମା ନ ରଖି-
ବାରୁ ପ୍ରୀତି ଗୋଚର,
କାଣୀ ବୋଲି ତାଙ୍କୁ ନଢଲେ
ସତେ ତର ଅତର ।

(୫) କେଳିକଳାବତୀ ହେବାରୁ
ବାଣୀ ମୋହ ପାକାର,

(୧) ଅସ୍ତ—ଶଙ୍କ । (୨) ଶୀତ—ଶୀତକାଳ । କାକର—ବରଫ, ଶିଶିର ।
(୩) ଦ୍ରୁ—ଦ୍ରୁମଦ । (୪) ଶୂଳାକେଶ—ମହାଦେବ । (୫) ପାକାର—ଅକଳ୍ପନାର୍ଥୀ ବସ୍ତୁ ।

(୧) ଲଭିକଲେ କେଳିକଳାକି
ପ୍ରେମ-ପୁରସ୍କାର ।
ଖିର ନେଲେ ପଦ୍ମା ପ୍ରାଣେଶ-
ପଦସେବା କାର୍ଯ୍ୟର,
ବୀଣାପାଣି ଅଧିକାରିଣୀ
ହେଲେ ପ୍ରେମ-ରାଜ୍ୟର ।

(୨) ଅଗାଧ ସାଗର ମନ୍ଥନ
କାଲେ ବସି ନାଗର
ଉପୁଜିବା ଦେଖି ସରବ-
ଶେଷେ ପୀୟୂଷ-ଘଟ ।

ସୁଧା-'ସାରମଧୁ' ଖଣ୍ଡର
'ନିଶା' କରି ମିଶ୍ର,
ରଚିଲେ ରସିକ-ରସିକା
ଲାଗି ପୀରତି-ସର ।

ପ୍ରୀତିର ଗୌରବେ ପଦେହ୍ନ
ରଖି ଦେବ ଇନ୍ଦର,
ପରଶିଲେ 'ପ୍ରୀତି' ପୀୟୂଷ
ଭୁଲା କରି ମନ୍ଦର ।

ଓଜନରେ ଦେଖି ପୀରତି
ତଳ ସୁଧା ଉପର,
କେଳ୍ଣୁ ହେଲେ ତେଣୁ ଅହଲ୍ୟା-
ରୂପବତୀ ରୂପର !

ପବିତ୍ର ସରଳ ପ୍ରେମେ ତ'
ସନ୍ଧି ନାହିଁ ପାପର,
ସ୍ୱର୍ଗୀ କୁଅଡ଼େଳ ବାସବ
ଗଉତମ ଶାପର ?

(୧) କେଳିକଳା—ସରସ୍ୱତୀଙ୍କ ବୀଣା । (୨) ନାଗର—ରସିକ ।

ଝୁରିଜାତ ସମାଧ ଛାଡ଼ିଲ
ମୀନା ସ୍ୱର୍ଣ ରଜାଡ଼ି,
ସୁଟିଗନ୍ଧ ଶୁଭଦାଙ୍କର
ଶୁଭବର୍ଣ ଭଜାଇ ।

ସ୍ୱର୍ଣ-ସୂତ୍ର ସେଲେଭ
ରଞ୍ଜ ନେତ୍ର ଶାଢ଼ି,
ଏକ୍ଷଣି ମୀନା ବନ୍ଧୁ
ଧାଡ଼ି ଧାଡ଼ି କସୁଛି ।

(୧) ଛୁରିକଦା ମୀନ-ଗନ୍ଧଦଳ
ଟେକିତ୍ର କାନ-ଦୁଲିଛି,
ସଫଳଧୂ ସିଦ୍ଧ ସୁତ୍ର
ତେଜସ୍ୱ ଗୁଞ୍ଜ-ଅଳସ ।

କାଞ୍ଚି ନିରଭ ବର୍ଣ କାଟିକି-
କାର କାନ୍ତି ଧୂମାଇ,
(୨) ଶାଖା ଚିତ୍ରବକ ନାରଙ୍ଗ
ଦେଖ ମାଲ୍ୟ ଦାଇ ।

ବିଲମ୍ବରେ ନେଲେ ତାଳୁଁ
ଜେଜେଇ ପ୍ରଫୁଲିତ
ନଚଇବ ଶେଷ୍ଟୁ ବାଲୁତେ
ଦେନ୍ତୁଁ ଲୋଡ଼ିକାରୀ ।

ବନେ-ବନିକାରେ ଛନ୍ଦି ବେଲ
ଶୀନ-ହିରା କଣ୍ଠି,
ସ୍ୱର୍ଣ୍ଣ ଦଳର ମାଳ୍ୟ
ଯିବ ଖାଲି କମ୍ପି ।

ଉଷାପି ନ ସୂଚି ହେଲେ
ଶୀନ-ନିବାସ ଆସିଛି,

(୧) ଛୁରିକଦା—ଦେବତା । (୨) ଶାଖା—ସ୍ୱର୍ଣ୍ଣ..., ମତୁକ ।

ଧନ୍ୟ ସେ ଚରିତ, ମାଧୁରୀ-
ଧନ୍ୟ ତା ସୁଆଦର ।

ବନ୍ଦୀଜନ କହି ବନ୍ଦନ୍ତି
ଆଜ୍ଞା ପୀରତି ଧାରି,
ଅତିକ୍ରମ କରି ବାରଣ
ସାଧାରଣ-ବାଧାରି ।

(୧) ବିପ୍ରଲବ୍ଧା କାମ୍ୟା ଖଣ୍ଡିତା
କଳହାନ୍ତରିତାଟି,
ସବୁ ଅନୁଭବ ସତେ କି
ଘଟି ନଥିଲା ତାରି ।

କିଛି ଥାଉଥିଲା ଏ ସ୍ୱଭାବ
ଧନ ନେତ୍ରେ ସୁନ୍ଦର,
ଦେଖାଇଲା ବହୁ ଭରସ-
ଶେଷେ ନୂଆ ସୁନ୍ଦର ।

ଜ୍ଞାନବାର୍ତ୍ତା-କୂଟମନ୍ତ୍ରଣା
କିବା କପାଳ-ଗାର,
କେ କହିବ ? ମୋତେ ଶିଖାକୁ
ହେଲା ନିଜ ଅଙ୍ଗାର ।

(୨) ପଉଷ ପୂର୍ଣ୍ଣିମୀ-ଗଗନେ
ଖଣ୍ଡଗିରି-ଧଉଳି,
କରକଞ୍ଜ ଧରି ହେଲା ତା
ଦନ୍ତପଙ୍କ୍ତି ତୁଷାର ।

(୧) ବିପ୍ରଲବ୍ଧା—ସଙ୍କେତ କରି ପ୍ରିୟ ଯେଉଁ ନାୟକ ଯେଉଁ ସ୍ତ୍ରୀର ନିକଟକୁ ନଆସି ବଞ୍ଚନା କରେ, ସେହି ସ୍ତ୍ରୀକୁ "ବିପ୍ରଲବ୍ଧା" କୁହାଯାଏ । ନିଜ ପ୍ରିୟତମଠାରେ ଅନ୍ୟ ସ୍ତ୍ରୀର ଅନୁରାଗ ଚିହ୍ନ ଦେଖି ଯେଉଁ ସ୍ତ୍ରୀ ଈର୍ଷା-କଷାୟିତ ହୁଏ, ସେହି ସ୍ତ୍ରୀକୁ 'ଖଣ୍ଡିତା" ନାୟିକା କୁହାଯାଏ । ଚାଟୁକାରୀ ହେଲେ ପ୍ରିୟ ଯେଉଁ ସ୍ତ୍ରୀ ପ୍ରଣୟୀକୁ ନିରାଶ କରି ପଶ୍ଚାତ୍ତାପ କରେ, ସେହି ସ୍ତ୍ରୀ "କଳହାନ୍ତରିତା" ନାମରେ ଅଭିହିତା ହୁଏ ।

(୨) ବର୍ଣ୍ଣିତ ବର୍ଷ—୧୯୨୫ ଖ୍ରୀଷ୍ଟାବ୍ଦର ଘଟଣା ।

ବିଷଣ୍ଣ ବଦନେ ଗୁଞ୍ଜିଲ
ସଖି, ଏ କଳାକର,
ଅସ୍ତ ହେଲେ କାଲି ସଦନେ
ଯିବ ମେଲାଣି କର ।

ଅଧୀର ନକରୁ ସୁଧୀର-
ମଣି ରମଣୀ-ହୀର,
ଧୈର୍ଯ୍ୟ ନ ଧରେ କି ପଦ୍ମିନୀ
ଦୂର ହେଲେ ମିହିର ।

ଶୁଣି ଏ ଭ୍ରମର ନ କର
ମନ ଅତି କାତର,
ଜୀବନ-ଈଶ୍ୱର, ଯାଉଛି
ଧରି ପିଣ୍ଡ ମାତର ।

ହସି କହି ଶଶୀ-ବଦନ,
ଚିନ୍ତା କରି ଅନ୍ତର,
ପ୍ରତି ମାସରେ ତ ପଠାଇ-
ଥିବ ପ୍ରୀତି-ପତର ।

ଯହିଁ ଥିଲେହେଁ ମୁଁ ତୋହର
ପିଡ଼ା ନଗନାବର,
ପ୍ରବୋଧନା ଦେବ ଅଧିକ
କର ନାହିଁ ଆଦର ।

କଥା ନ କହୁଣୁ ଲୋତକ-ଧାର
ପ୍ରାଣବଲ୍ଲଭର,
କହି ଦେଉଥିଲା ମରମ-ବ୍ୟଥା
ଝାଣି-ବନ୍ଧୁର ।

କଣ୍ଟକଶରଣୀ ହିମା ଟଣେକେ
ତୋଳି ଅଳି, ପଞ୍ଜର,
ଏତେଣ ତେତେଣ ଭୃଙ୍ଗି ମୋ'ଆଙ୍ଗି
ପୁଣି ଛାଡ଼ି ନଗର ।

ଯା' ଭଙ୍ଗିଲା ତା' ସରଳ-
ପ୍ରାଣ ସ୍ୱପ୍ନ-ସମ୍ଭାର,
ରୂପାନ୍ତର ଆସି ଉପାନ୍ତ୍ୟ
ମେଲିଲା କୈଶୋର ଦ୍ୱାର ।

"ଯେବେ ଥିବ, ଜୀବନ ଦେହ
ମଉଡ କଣ୍ଠ 'ତୁ ମର',
କାହାକୁ ଦେବ ଏ ସେଦନହ-
ଦଣ୍ଡ ଦେଖୁ ତୁମର ?

ନେବ କାନା ପରିଙ୍କ କଣ୍ଠ ଗ'
ଭଲ୍ ନବ କିଶୋର,
ଗେଲ୍ ଶଧରେ ଭ ଲଗାଇ
ଦେଲ୍ ନିର୍ଭଲକ-ଘୋର ।

କାହିଁ ମୁଁ ନଥିଲି ଜାଗତ,
ପ୍ରୀତିସ୍ୱପ୍ନ ବେଗର,
ଠାଣି ଦେଖାଇଲ ବସୁନ-
ଶୋଭ ମନଲେଖର ।

ମଖାଇଲ ବନ୍ଧୁ ଶିଆଳି-
ମୂର୍ଖ ରଙ୍ଗ ଉମର,
ତଖାଇଲ ମଧୁ ନିଆନି-
ମୂର୍ଖ ଦେହାଳି ଭ୍ରମର ।

ମୋହିବାକୁ ଅନବରତେ
ଆଣ୍ଡି ମନ କାହାର,
ଦେଦେ ଭୂଷା ସାଜ ଦେହେଶ
ମାଳ ଦେହ ବାହାର ?

ପିନ୍ଧାଇ ଦେବାକୁ କାହାର
ଗଳେ ପ୍ରେମୋପହାର,
ସୃଷ୍ଟି ରଖିଥିବ ଗୁଡେଡ
ମଲ୍ଲୀ-ତୋଳ୍ପ-ହାର ?

କାହାକୁ ଡାକଇ ବାଜନ
ଦେଖି ନିଜ ନବର,
(୧) ଘରଦ୍ୱାର ଛଳେ ସତମ୍ଭାଧ
ଅଟଇ ଟେହ କବ-ବର ?

ତୁମେ ଖେଳରେ ମୋ' ଯୋଷିବ
ଦୋଷା କାହା ଗାଁଠର ?
କା'କୁ ଦେଖି ଖେଳ ସଙ୍ଗିନୀ-
ମେଳେ ହେବ ପିତର ?

'ବିଦେଶୀର ଘଙ୍ଗ ଦ୍ୱଳଦ-
ରଙ୍ଗ' ଅଛ ଅଚର,
(୨)' ନଶିବ ଏ ମନବାଣୀକ
ପ୍ରୀତି-ପଥ-ପ୍ରାଚୀର ।

କୃପହାସ କଲ ଯେ ସଖୀ
କହୁଥିଲ ଏ ଗିର,
ଅପଚଣ ଗାଲେଦେବକ
ସେକ୍ସ ଏ ଅଷ୍ଟଗୀର ?

ଘାଟେ ବାଟେ ଦାଣ୍ଡ-ବଜାରେ
ଗଜାମୁଣ୍ଡ, ମକର,
ଗଙ୍ଗାଜଳ, ମିତ, ବଉଳ,
ସଙ୍ଗ-ସଙ୍ଗାତଙ୍କର,

କେତେ ଆଗିଠଲ-ଚାପର
ଚପାମଲ-ଘଥର,
ସହୁ ନେଇଛି ମୁଁ ତୁମର
ଲାଗି ଅତିକୁଥର ।

ଲୋକଲଜ କାତ ସମାଜ-
କୁ ମୋ' ନାହିଁ ନଜର,

(୧) ବର—ବାନ୍ଧ, ଘର । (୨) ପ୍ରାଚୀର—ବାଡ଼ ।

ଆଜଠାରୁ ମୋତେ ରସିକ-
ରାଜ କର ନଜର ।”
ରଙ୍ଗାଧର, ଦେଖି ଏ ରଙ୍ଗ-
ଢଙ୍ଗ ଚାଖ ସାମ୍ନର,
ହସୁଥିବେ ଲୋକ ଆଗୁରି
ନିନ୍ଦା ହେବ ଜାହିର ।

“କି ଅଛି ହସିଲେ ହସନ୍ତୁ
ସେଥୁ ଭଣାର ବାର
ସ୍ଵଭାବ ତାଙ୍କ ତ’ ଅଦ୍ଭୁତ
ହସ ଉଡ଼ାଇବାର ।
ଲୁଚକ ଚଢ଼ାଏ ବୁଦ୍ଧିଛି
ସଙ୍ଗେ ନେବା ଫିକର
ସ୍ଥିର କର ମନ ଉଦ୍ଧିନ,
ଧନ, ଧନୁଷ୍ଟି କର ।”

ପ୍ରେମ ବୁଦ୍ଧକ, ଏ ଅସାର-
ଆଶା ଛାଡ଼ି; ଆସାର—
ସୁନର୍ମଳ ଜଳ ଦେବକ
ଆସ୍ଵାଦର କାସାର ?
ହୁଲୁମାର, ଧନକୁମାରୀ
ଲୁ ତ’ ଧନୀ କୁମାର-
ପ୍ରକାଶ୍ୟ ପ୍ରଶଂସା! ତୋ ଯୋଗ୍ୟ
ହିନା, ମୋତେ ନ ମାର ।
ପ୍ରେମ-ବଳାହିନ ସୌନ୍ଦର୍ଯ୍ୟ-
ବସ୍ତା ଦାଗସ୍ଵର,
ଦାସୀ ହେବୁ କାହିଁ ମୋହନର
ସାଙ୍ଗି ଏ ଗରବର ?

“ଜପର ଛୁଞ୍ଚି-ଛଟକ-
ଛୁଟ୍ଟା ଛୁର ଧନର

ପରଶଂସା ଗୀତ, ତୁମେ ତ'
ଧନ, ମୋ ଜୀବନର !

ଦରକାର ହେବେ ପଡ଼ିବ
ଏହି ଧନ ଝଙ୍କାର,
ଅଛି ତୁମ୍ଭ ଗୁଣ, ଏବେ ତ'
ଅଛି ମୋ ଅଳଙ୍କାର ।

ଭବେ କି ସମ୍ଭବ ବଭବ
କାର ରହିଛି ଥିର,
ସ୍ଥିରତା କି ଅଛି ମାରୁଦ-
ମାରୁ ସିନ୍ଧୁ-କଣର ?

ଜୀବଧନ, ଧନ-ଚିନ୍ତାରେ
ମନ ଉଣା ନକର,
କହୁଛି କାତର ମିନତି
ଗୁଣି ଧରୁଛି କର ।"

ପ୍ରୀତି-ପାଗଳ, ତୋ' ଏ ଗୀତ
ଦେଖି ମାଆ ବାଉର,
ନିର୍ବେଶି କଳଙ୍କୁ ଅସିବ
ସେ' ତ ଦୂରନ୍ତ ଡର !

"ଜନମ ଦଅନ୍ତି ଜଗତେ
ପିତା ମାତା ପିଅର,
କନ୍ୟାଦାତା ତ ଦୂରନ୍ତ
କେନ୍ଦ୍ର ଗୁଅଝିଅର ।
ଯା' ପ୍ରାଣେ ବେଦନା ଯେ ଜାଣେ
ଦିବା, ଅନ୍ୟ କାହାର
(୧) ଲୁଚ ଝଗଡ଼ାଳ ମାହାନ୍ତି-
କୋଇଲି ଦେଖି ମାହାର ?

(୧) ମାହାନ୍ତି—ଦେବତାଙ୍କର ନର୍ତ୍ତକୀ । ମାହାର—ଜାତିବିଶେଷ, ମେହେର ।

ବର ହେବ ସଦା ଗୋବର-
କଣ୍ଠ ମଧୁ ମଞ୍ଜୀର,
ଏହିବକି ମଧୁ ଚୁମ୍ବନ
ମଣ୍ଡି ସ୍ୱଦେଶ ଅଧର ?"

କଥା ଶୁଣି ମଥା ଘୂରିଲା
ଲାଜ ହେଲି ଅଧୀର,
ହୃଦ-ମୁକୁଳଟା ଖୁନ୍ଦା
ମୋତେ କଲା ବଧିର ।

ମୁଣ୍ଡ ଆଉଁଜିଲି କୁଣ୍ଡରୁ
ନ ଆସିଲା ଉତ୍ତର,
(୧) ରଙ୍ଗ-ଢଙ୍ଗ ଦେଲା ସୂତ୍ରାଇ
ପ୍ରେମଭକ୍ତି-ସୂତର ।

ବରଷର ଶୋଭେ ସ୍ୱରିତ-
ପ୍ରେମ-ରସ ଆଖର,
ଭବ ଅନୁଭବୀ ଭାବନା-
ଶ୍ୱାସ ବହିଲା ଝର ।

(୨) ପାରିଜାତ ସଖୀ ଯେମନ
ଫୁଟିଲେ ପାଖୁଁ କବର,
(୩) ତନୁ ଉପରୁ କି ତଡ଼ନ୍ତି
ଖସି ମାଳତୀବର ?

କହିଲି କାନରେ ମହୁଲା-
ସଖୀ 'ନଷ୍ଟ କିଶୋର,
ଠକିଲକି ମୋତେ କହିବା
ମନୁ ଗଲା ପାସୋରି ?

କହୁଥିଲା ପଛ ରହିବି
ତୋଳି ଚିରୁ ବାଦର,

(୧) ସୂତ୍ର—ବ୍ୟବସ୍ଥା ; (୨) କବର୍—ଖୋସା, କବରୀ । (୩) ମାଳତୀବର—ମାଲତୀଶ୍ରେଷ୍ଠ ।

ଏ କି ଅଦ୍ଭୁତ ଦୃଶ୍ୟ ଦେଖାଅ
ଆଜ ଅଭିଳାଷର ?

ଏଡ଼େ ଦଗାଦିଆ ପଥର–
କିଆ ହେଲ ନାଗର,
ଆଗରୁ କାହିଁକି ଗଢ଼ିଲ
ନାହିଁ କହିଲ ନାଗର ?

ଚେତନ ପଷାଣ କନ୍ଦୁଛି
ଶୁଣ ପର୍ବତେଶ୍ୱର,
ମୋ କଳଙ୍କ ଧରି ଶଶାଙ୍କ–
ଉଣ୍ଡ ହେବ ଭାସ୍ୱର ।

ପଦଧୂଳି ଦିଅ, ମରଣ–
କାଳେ ମାଗିବି ଶିର,
ଶେଷ ଚୁମ୍ବ ନିଅ, ଏ ଜନ୍ମେ
.................. !

## ଉତ୍ତର ଭାଗ

( ବିପ୍ରଲମ୍ଭ ବା ବିରହ* )

(ରାଗ—କଳହଂସକେଦାର)

ଜଟିଳ କୁଟିଳ ଏ ମାୟା ସଂସାର,
(୧) ପାପ-ପ୍ରେମ ବିଳାସ ମଣି ଅସାର;
ମୋ ହୃଦେ ନାଳ ପୂତ- ପ୍ରୀତି-କର୍ପୂର,
ପ୍ରେୟସି, ମଲ୍ଲିକ ସରଗପୁର ରେ !

*ବର୍ଣ୍ଣିତ କାହାଣୀର ବସ୍ତୁ ୧୯୨୬ ଖ୍ରୀଷ୍ଟାବ୍ଦର ଘଟଣା ।
(୧) ପାପପ୍ରେମ—ସମାଜର ବାଧାମୂଳକ ପ୍ରେମ; ଇଚ୍ଛାବହିର୍ଭୂତ ପ୍ରେମ ।

ଗୁଣବନ୍ତ, ତୋ' ଭକ୍ତି-      ପ୍ରୀତି-ଆଦର,
ଢାଳୁଅଛୁ ମୋ' ଗଣ୍ଡି-      ଧନ ହୃଦର;
ମୋ ଭକ୍ତି-ସ୍ନେହଭର      ରତନାକର,
ସ୍ମୃତି-ଦେବୀର କ୍ଷୀର      ସର ଶାକର ରେ !

କି ଲୋକେ ଗାଇ, ତୋର      ନାମ ପ୍ରଚୁର,
ଜଗିବ ବିବେକାନ୍,      କର ବିସ୍ତୁର;
ଆଦର୍ଶ ଦେଖାଇଛି      ତୋ' ଯୋଗ୍ୟତାର,
ଯଶୁ ପ୍ରାଣେ ତୁଳନା      ନଥିବ ତାର ରେ !

କି ଭୂତ ବଶ କଲା      ମୁରତ୍ତି ମୋହର,
ରଙ୍କ ହୋଇ ମୁଁ ଫିଙ୍ଗି-      ଦେଲି ମୋହର;
ସ୍ୱାର୍ଥେ ସୁଧାକୁ ଯା'      କରନ୍ତି ଦୂର,
କାହିଁ ନ ପଡ଼େ ମୋର      ବିଷେ ଭଦୁର ରେ ?

ବରଦା ମୂର୍ତ୍ତି ଦେଇ      ଢେଲା-ଡୋକର,
କଳ୍ପବଲ୍ଲୀକି ମୋଡ଼ି      ଦେଲି ମୋ କର;
ଦୁଷିତ ହେବା ଭୟେ      ବାଇଶ୍ୱାନର,
ନ ଦହନ୍ତି କି ଦେହ      ଏଇ ଶ୍ୱାନର ରେ ?

ପିପାସିତ ହୋଇ ମୁଁ      ସ୍ୱର୍ଗଗଙ୍ଗାର,
ଧାରରେ ନଦେଖିଲି      କ୍ଷାର-ଅଙ୍ଗାର;
ଏ ମହା ପାତକର      କି ପ୍ରତିକାର,
ଲେଖିଥିବ କି କେହି      ସୂତ୍ରାଧିକାର ରେ ?

ମାନବ ହୋଇ କେହି      ଏ ବ୍ୟବହାର,
ସନ୍ତାନ୍ କି ନକରେ      ପଶ୍ଚି ପ୍ରହାର;
ଦେବି, ତୋ' ହୃଦ ଶତ୍ରୁ-      କ୍ଷମା-ଆଧାର,
ନମ୍ରପଦେ ତୋ' ହୋଇଁ      ହେଲି ଉଦ୍ଧାର ରେ !

ସେ ଦିବ୍ୟ ଗୁଣ-ସ୍ମରଣେ      ଋଣୀ ମୁଁ ତୋର,
ହୃଦରେ ଥୋଇ ସ୍ମୃତି-      ଛବି-ମୁକୁର;

ଗୋଟିକ ଗୋଟି ଆଙ୍କି ଶୂନ୍ୟଙ୍କର,
ଅଶ୍ରୁନେତ୍ରେ ଆଜ ମୁଁ ତୋ' ଶତକର ରେ !

ସ୍ନେହ-ସାରଲ୍ୟ-ପ୍ରୀତି- ମୂର୍ତ୍ତି ଅନ୍ତର,
ଯେ' କାଳେ ମୋ ପାଖରୁ କଲୁ ଅନ୍ତର;
ଉତ୍କଳ ଗଡ଼ବାଲୁ ହୃଦ-ଆଧାର,
ଦେଇ ଗଲୁକି "ଶେଷ- ଚୁମ୍ବ" ଉଧାର ରେ ?

'ନ ଯାଅ' ବୋଲିବାର ତିନ ଅକ୍ଷର,
କହି ନ ପାରି ହାର ହେଲୁ ବଷର;
ମଣିଲି ତୋ ଭୁଜକୁ ଭୁଜଙ୍ଗ-ହାର,
ସେ ପାପ-ବିଷଜ୍ୱାଳା ହେବ କାହାର ରେ ?

ନେଇଥିଲୁ ତ' ଧୂଳି ଟାଣି-ଚାଦର,
ଘରେ କି ରଖିଥିବୁ କରି ଆଦର ?
ନ ଯାଏ ପରାଣି ଯା' କରେ ଧିକ୍କାର,
ନର ଜୀବନେ ମୋର କି ଅଧିକାର ରେ ?

ଭେଦ ସୂତ୍ର ନ ରଖେ ପ୍ରୀତିର ଡୋର
ଆଲିଙ୍ଗନେ ହସାଏ କାଳୀ-ଗଉର;
ଭେଦ-ମନ୍ତ୍ର ଦେନି ମୁଁ ହେଲି ବର୍ବର,
କି ମୂଲ୍ୟ ଅଛି ମୋର, ହେମ-ଗହ୍ୱର ରେ ?

ପରେ ଆନନ୍ଦ ଅର୍ପି ଥରକୁଥର,
ଯେ ପ୍ରେମ ଲୁଚେଇଁ ନାହିଁ ଦାଗ ସ୍ୱାର୍ଥର;
ସେ ପ୍ରେମରସ ହୃଦେ ପୂରି ତୋହର,
ଥିଲୁ ପ୍ରେମବନ୍ତି, ମୋ' ଦୁର୍ଗତ ଡର ରେ !

'ସେବା', 'ସହିବା' ଧର୍ମ ଦେଖି ପ୍ରେମର,
ନିତ୍ୟ-ନୂତନ ସେହି ପ୍ରେମ ଭମର;
ସେ ପ୍ରେମ-ସ୍ମୃତି ଆଜି ହେମିକାକର,
ଶୋକ-ଅନଳେ ଦହେ ମୋ କଳେବର ରେ !

ପବନ ପ୍ରେମେ ଜଗ ହୁଏ ଅମର,
ସେ' ପ୍ରେମ ଏଡ଼େ ହେଲ ମୂଢ଼ ପାମର;
(୧) ପ୍ରିୟା ନ ଦେଖି ପ୍ରାଣ ତେଜଲ୍ 'କେଦାର',
ଧନ୍ୟ ସେ, ଧନ୍ୟ ତାର 'ଗଉରୀ' ଦାର ରେ ।

ପ୍ରିୟେ, ସେ' କାଳେ ଥିଲି ଶରମ-ଜର,
(୨) ହୁତାଶେ ଘେରଥିବୁ ହୋଇ ଜର୍ଜର;
ଦୂରବାଧି ତୋତେ ପ୍ରିୟ- ସଙ୍ଗିପାବାର,
କରିଥିବେକି ହୃଦ- ବ୍ୟଥା ନିବାର ରେ ?

ସମ୍ମିଳନ ଦେଖାଇ ନିଶାବିଧୁର,
ସେ ସ୍ୱପ୍ନ ଭୋଗେ ମୋତେ କଲ୍ ଅଧୀର;
ଅନାଇ ସେ ସ୍ୱପ୍ନକୁ ଅନେକ ବାର,
ସଖି, ତୋ ଏଂରଥିବ ଲୋଡ଼ିକବାର ରେ !

ଜଣା ନ ଗଲ୍ କିଛି ତୋ' ସୁକୁମାର,
ତନୁକୁ ଆକ୍ରମିଲ୍ କେଉଁ ବେମାର;
ଗୃହେତେ କଣି କବା ଦୁଷ୍ଟ ଆହାର,
ତାପେ ଝାଉଁଳିଗଲୁ ମୋ କଣ୍ଠାହାର ରେ ?

'ବଇଦପାଳି' ରେ ତ' ତୋ ଶାଶୁଘର
(୩) ବୈଦ୍ୟ ନ ଥିଲେକି ତୋ' ରୋଗ-ଉପର ?
ମହାବୈଦ୍ୟ ସଙ୍ଗେ ସାକ୍ଷାତକାର—
ଘଟନା ଥିବ ଯା'ର କି ଉପକାର ରେ !

ହାସ ଉଲ୍ଲାସ-ସିନ୍ଧୁ- ଆଶା ଲହର,
ସହସା ପାଲଟିବ ଧାର ଲୁହର;
ଜୀବନ କାଞ୍ଚ କଡ଼ି, ଜୋଖୁଁ ନାହାର,
ସିନ୍ଧୁ ଭୁ ଝଡ଼ ମନେ ଥିଲ୍ କାହାର ରେ ?

---

(୧) 'କେଦାର' ଓ 'ଗୌରୀ'ଙ୍କର ପ୍ରଣୟ ବିବରଣୀ 'ରାଧାନାଥ-ଗ୍ରନ୍ଥାବଳୀ'ରେ ଅନୁସନ୍ଧେୟ । (୨) ଜର୍ଜର—ଅବସନ୍ନ । (୩) ମହାବୈଦ୍ୟ—ଯମଦେବତା ।

(୧) ପଠାଇଥିଲି ଯେଉଁ  ପ୍ରୀତି-ପତ୍ରର,
(୨) ସେ ହେଲା ମୋ ହୃଦର  କରପତ୍ରର;
ଭୁଲିବା ଚିନ୍ତା କଲେ  ଯେତେ ପ୍ରକାର,
ସେ ଚିନ୍ତା ଧରି ଆଣେ  ତୋର ଆକାର ରେ !

(୩) ତୋ ପ୍ରେମେ ବନ୍ଧା ହୋଇ  ଭରଣୀଙ୍କର,
(୪) ଯେବାରେ ହେଉଥିଲି  'ଆରତୀ-କର;
ଭୁଲି ପାରିବି କେମନ୍ତେ  ସେ ଛବି-ତାର,
ସ୍ୱପ୍ନ ଆଣିଛି ଆଗେ  ମୋ କବିତାର ରେ !

ବିଷାଦ ଚିହ୍ନ ଦେଖି  ଏ ଅଶ୍ରୁଗାର,
ବଦନେ ଫୁଟିପଡ଼େ  ବେଦନା ଗାର;
ଫୁଲୁଣି ଭରେ ଯଦି  ମୋର ହୃଦର,
ଅରୁଣାଧରେ ସ୍ମିତ  କରୁ ସୁନ୍ଦର ରେ !

ଛୁଟିଗଲା ନୋହୁ ମୋ  ଅନ୍ତରୁଚିର,
ପ୍ରୀତି-ଫୁଲ ତୋ' ଥିଲା  ଅତି ରୁଚିର;
ପିଣ୍ଡରେ ଥିବାଯାଏ  ପ୍ରାଣ ମୋହର,
ଭୁଲି ପାରିବ କେମନ୍ତେ  ଗୁଣ ତୋହର ରେ !

ତୋ ମୁଖ ଜ୍ୟୋଛନାଟି !  ଘନ ଅନ୍ଧାର-
ବକ୍ଷେ ଯେ ଢାଳୁଥିଲା  ଆଲୋକ ଧାର;
ମେଣ୍ଟିବାକୁ ଆଜ ତୋ'  ନାମ ଆକାର,
ଦବଦେ ଦେଖେ ମଧ୍ୟ  ଅମାନିଶାର ରେ !

'ତୋ ପ୍ରେମ ବନ୍ଧନେ ମୋ  ପ୍ରାଣ-ତନ୍ତର,
ମୁକ୍ତ-ମାଧୁରୀ ସ୍ରୋତୁ-  ଥିଲା ପ୍ରୀତିର;

(୧) ନାୟିକା ନାୟକଙ୍କୁ ଯେଉଁ ପ୍ରେମ-ପତ୍ର ପ୍ରେରିତ ହୋଇଥିଲା, ପାଠକମାନଙ୍କର କୌତୂହଳ ନିବୃତ୍ତି ନିମିତ୍ତ "ପ୍ରଣୟ-ପତ୍ରିକା" ଶୀର୍ଷକ ଚୌଦଶୀ ଆକାରରେ ଏହି ପୁସ୍ତିକାର ଶେଷରେ ସନ୍ନିବିଷ୍ଟ ହେଲା । (୨) କରପତ୍ର—କରତ । (୩) ଭରଣୀ—ବଡ଼କେଣ୍ଟୁ ପୂର୍ଣ୍ଣିମାଶୀ ଦେଶ । (୪) ଆରତୀକର—ପୂଜାରୀ ।

(୧) ଏବେ ହେବାକୁ ତୋର ପାଶୁଁ ଅନ୍ତର,
ଛଟପଟ ହେଉଛି ସେ ନିରନ୍ତର ରେ !

ଅନୁଭବୁଛି ଭବ ସେପଟେ ତୋଷାର,
ମୋ ନେତ୍ରେ ଶୋଭୁଥ ତୁ ଚାଙ୍କ ଖୋଷାର;
ଆଜ ପ୍ରିୟା ଏ ଘର ଗିରି ବନର,
ତୁ ଥିଲୁ ଫଲ୍‌ଗୁ ନଦୀ ମୋ ଜୀବନର ରେ !

(୨) ତୁ ହେଲେ କେଳିକଳା ମୁଁ ହୁଏ ତାର,
ମୁଁ ହେଲେ ଆଷାଢ଼ ଦେଲ, ଧ୍ୱନି ତୁ' ତା'ର;
ତୁ ଥିଲୁ ସୁଧରସ ଏ ଚକୋରର,
ତୋ ବିରହେ ଆଜି ମୁଁ ହେଲି କୁହର ରେ;

ପାରିବାରିକ-ଚିନ୍ତା— ନଳ-ଧୂଆଁର,
ଅନ୍ଧକୂପେ ଆଜି ମୁଁ ଅନ୍ଧ, ଗୁଆଁର;
ତୋ ଶାନ୍ତିରୁ କଲି ଯା' ଉଦ୍ଧାର,
ସ୍ୱର୍ଗ୍ୟ ଦେଲୁ କି ମୋତେ ଏ ପୁରସ୍କାର ?

ଏବେ ସ୍ୱଦେଶ ତେଜି ଆତ୍ମ-ଧିକ୍କାର,
ସାନ୍ତ୍ୱନା ଛଳେ କରୁ- ଅଛୁ ସ୍ୱୀକାର;
ସ୍ୱର୍ଗୀୟ-ପ୍ରେମ-ମୂର୍ତ୍ତି- ନଷ୍ଟ ହେବାର,
ପତ୍ରସୌନ୍ଦର୍ଯ୍ୟ କାନ୍ତି ପ୍ରେତଦେଶୀର ?

ତେବେ ବି ବୁଝୁ ନାହିଁ ମନ ମୋହର,
କି କୁହୁକରେ ପଡ଼ି ମାୟା-ମୋହର;
ସୁଦୂର ଦେଶ ଧାଏଁ ବାୟୁ ପ୍ରକାର,
(୩) ଲଙ୍ଘି ପର୍ବତ-ବନ- ଗିରି-ପ୍ରାକାର ରେ !

ଭ୍ରମନ୍ତି ନାନା ପକ୍ଷୀ ଗ୍ରାମ ନଗର,
ଶାନ୍ତ୍ୱନ୍ତି ନ ଦେଖି ତୋର ଅଗର;

(୧) ପାଶୁଁ—ପ୍ରୀତିରୂପକ ଫାଶରୁ, ନିକଟରୁ। (୨) କେଳିକଳା—ସରସ୍ୱତୀଙ୍କ ବୀଣା।
(୩) ପ୍ରାକାର—ପ୍ରାଚୀର, କାନ୍ଥ।

ନିସ୍ତେଶ ଫେରିଆସି    ସେହି ପ୍ରାନ୍ତର,
ସୀମାରେ ଖୋଜେ ଯହିଁ    ହେଲୁ ଅନ୍ତର ରେ !

(୧) ଯହିଁ ନପାଇ ବୁଲେ    ନଳିଆ-ଘର,
ବାରି ନପାରି ବେଳ    ଶନ ଗ୍ରଡର;
(୨) ଜିନାଏ କୁଦ କୁଞ୍ଜ    ସ୍ତୁମ୍ଭ ଭିତର,
ଭସ୍ମ ନଥାଏ ଆହା    ବାସ୍ତା ଚତ୍ୱର ରେ !

ଚଳେ ନଦେଖି ତେଢ଼    ଭୂବା ଉପର,
(୩) ମିଟେଇଛି ଦୁରୁଦଶା    ତୋ' ସଜ୍ଜପର;
ପୁଣି ତଳକୁ ଅବ-    ତର ଶୀଘର,
ଲେଖେ ଆଖଡ଼ା ଘର    ପଟ୍ଟୋଣୀ ଘର ରେ !

ଖୋଜ ବାଢ଼ ବଗିଚୁ    ଖଳା କୁଟୀର,
(୪) ଆଖର କରେ ସୀମା    ଆମ୍ବ-ପଟିର;
(୫) କୁରୁମା ଅନୁସରି    ଶାଖ ଖେତର,
ଲେଉଟି ଆସେ ଶୋକେ    ହୋଇ କାତର ରେ !

ତୋ ସଙ୍ଗ କରୁଥିଲା    ଯହିଁ ଶହାର,
ନମାଳ ଧୂଳି ଚାଞ୍ଚ,    ଫଙ୍କ, ମିହାର;
ସେ ସବୁ ସ୍ଥାନ ଭ୍ରମି    ଥରକୁଥର,
କଲିଣି ମନ ମୋତେ    ଜଡ଼ ପଥର ରେ !

ଶୁଭ ଶୁଣିଲେ କାହିଁ    ତୋ'ଭଳ ସ୍ୱର,
ଦୃଷ୍ଟି ଦଉଡ଼େ ଯହିଁ    ହୁଏ ସମ୍ବର;
ଦୃଷ୍ଟି ଦେଖେ ତୋ'ଭୁଲି    ଯା' ଶୋଭାଧାର,
ଶୁଣି ଉଚ୍ଚ ମାଧୁରୀ    ତା ସୁଖଧାର ରେ !

ଏଜନ୍ମେ....., ଲୁଚି ହେଲୁ    ତୋ ପିଞ୍ଜରର,
ଭୁଲିଲା, ନ ହେଲେ କେହି    ତା' ଅଙ୍କସ୍ୱର;

(୧) ନଳିଆ—ନାଳ । (୨) କୁଦ—ନଦୀଗର୍ଭର ବାଲୁକାସ୍ତୂପ । (୩) ସଜ୍ଜପ—ମଶିଣା ।
(୪) ପଟି—ଆମ୍ବ କଷ୍ଟର ଅଂଶବିଶେଷ । (୫) କୁରୁମା—ଖେତକୁଡ଼ିଆ ।

ପର ଜନ୍ମରେ ପଡ଼ି    ଭେଟାଏ ସୁର,
(୧) ତୋ ପୁଣ୍ୟରେ ହେବକି    ମୁଁ ଜାତିସ୍ମର ରେ ?

ଲଭନ୍ତି ପୁଣ୍ୟବନ୍ତ,    ଯେ ସ୍ୱର୍ଗପୁର,
(୨) ନିକଟ ତହୁଁ ବଇ-    କୁଣ୍ଠ-ଗୋପୁର;
ଅଛି ତୋ' ଏ ପତିତ-    ପତି-ଜୁହାର,
ପତିତ-ପାବନଙ୍କ    ପଦେ ଗୁହାର ରେ !

(୩) କୃପା-କୃପଣଠାରେ    କୃପାକୁହାର,
କୃପଣ ହେଲେ କଅଣ    ହେବ ଅପାର;
ପ୍ରେମଦାନ-ଦାତାଙ୍କ    ମୁଁ ଚିନା ସୁରି,
ପ୍ରେମ-ଖବରାଙ୍କ ତ'    ବନ୍ଧୁଠାକୁର ରେ !

ପ୍ରେମିକ-ବାଞ୍ଛାରେ ଯେ    ପ୍ରେମାବତାର,
ହ୍ରାଦେ ସ୍ପନ୍ଦିତ ହୁଏ    ଯା' ପ୍ରେମ-ତାର;
ସେ ପ୍ରେମମୟ ପ୍ରଭୁ    ଏ ପତିତର,
ସ୍ମରଣ କରିବେକି    ଅବହିତର ରେ ?

(୪) ଯେଉଁ ରସିକରାଜ    ବୃନ୍ଦା ସତୀର,
ତନ୍ତ୍ର ଭୂମି ଅଣିଲେ    ଗଣ୍ଡିକା ତୀର;
ସେ ପ୍ରେମମୟ ପ୍ରଭୁ    ଏ ପତିତର-
ସ୍ମରଣ କରିବେକି    ଅବହିତର ରେ ?

ଯା' ପ୍ରେମ-କେତନ ଦାଣ୍ଡି    ଭେଦ-ବିକାର,
ପ୍ରାଣପ୍ରିୟ ସେ କୁବ୍ଜା-    ଶ୍ରୀ ରାଧିକାର;
ସେ ପ୍ରେମମୟ ପ୍ରଭୁ    ଏ ପତିତର
ସ୍ମରଣ କରିବେକି    ଅବହିତର ରେ .?

(୧) ଜାତିସ୍ମର—ପୂର୍ବଜନ୍ମର କଥା ଯାହାର ମନେ ଥାଏ ।
(୨) ଗୋପୁର—ଦ୍ୱାର ।
(୩) କୃପା-କୃପଣ—ନିର୍ଦ୍ଦୟ, ନିଷ୍ଠୁର ।
(୪) ଜଳନ୍ଧରଙ୍କର ସହଧର୍ମିଣୀ ସତୀ ବୃନ୍ଦାବତୀଙ୍କର ବିଷୟ 'କାର୍ତ୍ତିକ-ମାହାତ୍ମ୍ୟ' ଗ୍ରନ୍ଥରେ ଅନୁସନ୍ଧେୟ ।

(୧) ହେମାଙ୍ଗୀ ଲକ୍ଷ୍ମୀ ଦେହେ ଜନ୍ମାଇ ଜର,
ପ୍ରେମାଙ୍କୁରେ ଯେ କରି- ଛନ୍ତି ନିଜର;
ସେ ପ୍ରେମମୟ ପ୍ରଭୁ ଏ ପତିତର
ଚରଣ କରିବେକି ଅପବିତର ରେ ?

ଦୂରି ପାପ-ସନ୍ତାପ- ଜାନବାଧାର,
(୨) ବିଲ୍ୱମଙ୍ଗଳେ ଯେହୁ କଲେ ଉଦ୍ଧାର;
ସେ ପ୍ରେମମୟ ପ୍ରଭୁ ଏ ପତିତର
ଚରଣ କରିବେକି ଅପବିତର ରେ ?

* ପ୍ରେମେ ଅନଳେ ଦଗ୍ଧ ସ୍ୱ କଳେବର,
ନାରୀକୁ ହେବେଲ ଯେଉଁ କମଳାବର;
ସେ ପ୍ରେମମୟ ପ୍ରଭୁ ଏ ପତିତର
ଚରଣ କରିବେକି ଅପବିତର ରେ ?

(୩) ପ୍ରେମଙ୍କି ସ୍ୱା ଜନିତ ମହାମନ୍ଦର,
ମଧ୍ୟେ ଯେ ବନ୍ଦୀକାନ୍ତୁ ପ୍ରେମ-ବନ୍ଦୀର;
ସେ ପ୍ରେମମୟ ପ୍ରଭୁ ଏ ପତିତର
ଚରଣ କରିବେକି ଅପବିତର ରେ ?

(୪) ନ ଲଭିବାକୁ ବେଶ୍ୟା- ପ୍ରେମିକ କର,
ଟଳିଲ୍ ନାହିଁ ପାଦ ରଥ ଚକର;

---

(୧) 'ରାଧାନାଥ ଗ୍ରନ୍ଥାବଳୀ'ରେ ଚିଲିକା କାବ୍ୟରେ ଲକ୍ଷ୍ମୀଦେବୀଙ୍କର ବିବରଣୀ ଦ୍ରଷ୍ଟବ୍ୟ ।

(୨) ବିଲ୍ୱମଙ୍ଗଳ—ଏହି ମହାତ୍ମାଙ୍କ ଚରିତ୍ର 'ଦାର୍ଢ୍ୟତାଭକ୍ତି' ଗ୍ରନ୍ଥରେ ଅନୁସନ୍ଧେୟ ।

* ସମ୍ବଲପୁର ଜିଲ୍ଲାନ୍ତର୍ଗତ ଭଟଲି ଗ୍ରାମର ଦଧିବାମନ ମନ୍ଦିରରେ ପୂଜ୍ୟ ଓ ସେବିତ । କମଳା—ଲକ୍ଷ୍ମୀ, କମଳା ନାମ୍ନୀ ଗଉଡୁଣୀ । ଏହି ପ୍ରେମପ୍ରାଣା ମହାତ୍ମାଣୀ ଏକଦା ଭଟଲି ଗ୍ରାମର ଘରପୋଡ଼ି ସମୟରେ ଦଧିବାମନ ମୂର୍ତ୍ତିକୁ ଅଲିଙ୍ଗନ କରି ପ୍ରଚଣ୍ଡ ଅନଳ ତାପରେ ପ୍ରାଣ ବିସର୍ଜନ କରିଥିବା କିମ୍ବଦନ୍ତୀ ଅଛି ।

(୩) ମହାମନ୍ଦର—ସ୍ୱର୍ଗର ବଡ଼ଦେଉଳ ।

(୪) ବେଶ୍ୟା—ପ୍ରେମିକ ବଳରାମଦାସଙ୍କର କଥା 'ଦାର୍ଢ୍ୟତାଭକ୍ତି'ରେ ବର୍ଣ୍ଣିତ ।

ସେ ପ୍ରେମମୟୁ ପ୍ରଭୁ ଏ ପତିତର
ହରଣ କରିବେକି ଅପରାଧର ରେ ?

ବେନ ଧ୍ୱଜଙ୍କ ମଧ୍ୟେ ଭଗ୍ନୀ ଯାତ୍ରାର,
ବାନ୍ଧୁ ଢୋଲ ଦେଖାନ୍ତି ବାସର ଦ୍ୱାର;
ସେ ପ୍ରେମମୟୁ ପ୍ରଭୁ ଏ ପତିତର
ହରଣ କରିବେକି ଅପରାଧର ରେ ?

ରସିକା-ବାଣୀଙ୍କ ଯେ ରସିକେଶ୍ୱର,
ଶୁଣନ୍ତି ପ୍ରେମଗୀତ- ଗାନ-ମୃତ୍ୟୁର;
ସେ ପ୍ରେମମୟୁ ପ୍ରଭୁ ଏ ପତିତର
ହରଣ କରିବେକି ଅପରାଧର ରେ ?

ସ୍ୱର୍ଗ-ଦେବ-ସେବକ ବୋଲି ଗର୍ଭର,
ଆଶା ମୋ ଅନ୍ତ ହେଲେ ମୁଖ ଭିତର;
ସେ ପ୍ରେମମୟୁ ପ୍ରଭୁ ଏ ପତିତର
ହରଣ କରିବେକି ଅପରାଧର ରେ ?

# ଆମେ ଗରିବ କାହିଁକି ?

# ଆମେ ଗରିବ କାହିଁକି ?

ଆମେ ଏଥିପାଇଁ ତ ଗରିବ । ଘୋଷା ।

ଯେ ଧନ୍ଦା କରନ୍ତେ
ଚାଲନ୍ତା ବେପାର
ସୃଜନ୍ତି କାରଖାନା
ପରାଧୀନତା ହିଁ
ମୂଳଦେଶୁ ନେଲା
ମାରିବାକୁ ଆମ ଦାନା । ୧ ।

ଲୁଣ, କାଠ ଆଦି
ଆମର ଜିନିଷ
ଆମକୁ ଲାଗିଲା କର
ବିଦେଶୀ ଶୁଳକ
ଆମରି ଟଙ୍କାରେ
ଆମକୁ କଲା ଶିକାର । ୨ ।

ଛିଡ଼ିଲା ଶୃଙ୍ଖଳା
ଭୁଲିଗଲୁ ଆମେ
ଜାତୀୟ ଏକତା ବଳ
ଘରେ ଘରେ ଆମ
ବଢ଼ାଇଲୁ ଦଳ-
ସ୍ୱାର୍ଥର ବିଷ ଫଳ । ୩ ।

ବିଦେଶୀ ଫାନ୍ଦରେ
ଲଟକି ପଡ଼ିଲୁଁ
ଅଟକିଗଲା ଜୀବିକା
ତହିଁ ପରେ ବାବୁ
ଟୋକାମି ଖରଚେ
ମନ ପ୍ରାଣ ଦେଲୁଁ ବିକା । ୪ ।

ମୁକୁବ ଜାଲରେ
ଦାସ୍ୟଦଶା ନେବନି
ଜାତି ପଣ ଆମେ ଭୁଲୁଁ
ବୁଟ୍ ବା ଗୁଡ଼ାଖୁ
ନ ପିଇଲେ ଆଜି
କେମନ୍ତେ ଶୋଇବୁଁ ବାବୁ । ୫ ।

ଥଣ୍ଡା ପାଣି ପିଇ
ଖାଉଥିଲୁଁ ଆଗେ
ମୁଢ଼ି ଚୁଡ଼ା ପିଠା ଲିଆ
ଗରମ ଚହାରେ
ଜିଭକୁ ପୋଡ଼ାଇ
କଲୁଁ ଆଜି ଜଳଖିଆ । ୬ ।

ଗାଣ୍ଡୁଆ ମନକୁ
ମାଛି ଘଡ଼ି ଦେବନ୍ତ
ମାନୁଥିଲୁଁ ଗୁଣିନେଲ
ସାବୁନ ଅତର
ମାଖି ମାଖି ଆଜି
ଘଷିଲେ ଛୁଟି ଦେଲ । ୭ ।

ବାପ ଟଙ୍କା ଆମ
ପିନ୍ଧୁଥିଲେ ଧୃତ
ଗାମ୍ଛ ଅଣିଆର ଖଦ
କି ନେବୁଁ ଅଢ଼େଇ
ଟଙ୍କିଆ ଚପଲ
କଟକୀ ପିନ୍ଧିଲେଁ ଶାଢ଼ି ।୮।

ହାତକଟା ସୂତା
ମୋଟା ହେଉଁ ଅଟଗ
ଥିଲା ଆମର ଓଢ଼ଣୀ
କନକଣୀ ବଜାରେ
ବାବୁ ବୋଲାଇଲୁଁ
ବାର ନେଇ ଟଙ୍କା ଗଣି ।୯।

ବୁକି ଯୁକ୍ତିଶାରେ
ନେଶି ନାହିଁ ଆମ
ସିଗାରେଟ ବିଡ଼ି ଖଣ୍ଡି
ତାକୁ ଧରି, ବାବୁ-
ଗିରି ଦେଖାଇଲୁଁ
ବୈଠିଆ କାହାଳ ଗୁଣ୍ଡି ।୧୦।

ନବୀନ ଫେସନ
ଦେଖାଇବା ଆମ
ବାହାଦୁରି ତ ହୋଇଛି
କୋହ୍ ବୁଚ୍ ପିନ୍ଧି
ଗାଧି ପାନ୍ତି ମଧ
ଅସମ୍ଭବ ବୃଦ୍ଧି କିଛି ।୧୧।

ପାଦ ଘାଆ ଘୋଡ଼ା–
ଭଲି ପର ଟେକ୍ସା
ଉଡ଼ନ୍ତେ କେତିହି ପିଡ଼ା
ହାଫ୍ ପେଣ୍ଟ୍ ଟିନ୍ନ
ବେଲ୍‌ଟ କଷା ହେଲ
ଅମାଙ୍କୁ ଦେଉରେ ଚନ୍ଦ୍ରା । ୧୨ ।

ଶୀତଳ ପବନ
ପାଇଁ ଖସ୍‌ଟାଲେ
ଚଳାଉଥିଲୁଁ ବରଣା
ଦେଖାଇବା ଲାଗି
ବରଷା ଜାଳେ ମ
ପଙ୍ଖା ହେଲୁ ଆଜି ଝଣା । ୧୩ ।

ଘରେ ବଡ଼ା ମୁଠା
କରିବାଟା ହେଲୁ
ବାବୁ ବନିବା ଯୋଗ୍ୟତା
ଚକୁ ଲୁହାକଣ୍ଟା
ଚମଚେ ଖାଇବା
ହେଲୁ ଏଭର ସଭ୍ୟତା । ୧୪ ।

ବଜାରରୁ ତେଲ
ଖାଉଥିଲୁଁ ଆଦର
ମିଠାଇ ଖଜା ଉଖୁଡ଼ା
ବିସ୍କୁଟ ଖାଇ
ମଜା କଲୁଁ ଆଜି
ଛାଡ଼ି କୁଳଧର୍ମଚୂଡ଼ା । ୧୫ ।

ଘିଅ କଡ଼ାତେଲ
ବଦଳରେ ଆଜି
ଜଳା ତେଲ୍ କେରସିନ
ଗୁଡ଼ ଛାଡ଼ି, କିଣି-
ଖାଉଅଛୁଁ, ଗାଈ-
ହାଡ଼ରକ୍ତ-ମିଶା ଚିନି । ୧୬ ।

ସାମୁଦ୍ରିକ ଟେବୋଲା-
ମାଛ ବା ଘୁଷୁରି
ଚର୍ବିର ବିଦେଶୀ ଘିଅ
ତାକୁ ଆମେ କିଣି-
ଖାଉଅଛୁଁ, ପୁଣି
ପୂଜୁଅଛୁଁ କୁଳଦେଈ । ୧୭ ।

ହାଟରୁ ଶୁଖୁଆ
କିଣି ଖାଉଅଛୁଁ
ବୁଣି ନ ପାରୁଛୁଁ ସୁତ
ପାନ ବିଡ଼ି ମଦ
ଗଞ୍ଜେଇ ନ ହେଲେ
ଘଷଣି ଭୁଞ୍ଜୁଛି ଆଜି । ୧୮ ।

ଜଣେ ପାଇଁ ଘୁରି-
ଚେଇପାର ଡାଲି
ଶୁଙ୍ଘିବାକୁ କରୁଁ ମନା
ଘର ଅଣ୍ଡା ମାଂସ
କିଣିଲେ ତେଣୁ ପରେ-
ନାହିଁ ଜଣକର ଦନା । ୧୯ ।

ସ୍ନେହ ସାହୁକାର
　　　ଜଣା ନ ପଡ଼ନ୍ତି
　　　　　　ଝରତ ସନ୍ଧ୍ୟାଙ୍କ ନାତେ
ଖରଚ ବଢ଼ିଲା
　　　ପୁଣି ତରକାରି
　　　　　　ଜଳଖିଆ କଣା ଖରଚ । ୨୦ ।

ଗଲେ ପଡ଼ି ଧର୍ମ-
　　　ଶିକ୍ଷା ପାଉଥିଲୁଁ
　　　　　　'ଭାଗବତ', 'ରାମାୟଣ'
କଲେଜରେ ଆଜ
　　　ଖଲାସୀ ପେସନ
　　　　　　ଖାଜନାରେ ଟଙ୍କା ଗଣୁ । ୨୧ ।

ପଶୀକଲମରେ
　　　ଚଳୁଥିଲା ଆଗେ
　　　　　　ବନ୍ଧୁପତ୍ର ଲେଖାପଢ଼ା
ଫାଉଣ୍ଟେନ୍ ଧରି
　　　ଇଂରାଜୀ ଗାଳି
　　　　　　ବାବୁ ସ୍କୁଲେ ନଥିଲୁ ଗଢ଼ା । ୨୨ ।

ବୃଷବାସ କାମ
　　　ପାଦପାରି ପକାଇ
　　　　　　ପାଶ୍ କଲୁଁ ଏବେ, ହାୟ;
ଶୁକର ନ ପାଇ
　　　ଆଁ କରି ରହିଲୁଁ
　　　　　　ଆଉ 'ପଦ୍ମଚୁଲି ହାୟ ? । ୨୩ ।

ଦୁର୍ଭାଗ୍ୟ ଯୋଗୁଁ
ପ୍ରଭୁଙ୍କର ସବୁ
ଶୁଭକାମନା ଭୁଲିଗଲେ
ଅକଲ ବୁଦ୍ଧିର
ନକଲି ଫେସନ
ହେଲୁଣି ଅଧା ଲଙ୍ଗଳା । ୨୪ ।

ନାଚ, ଦେଶକୁ ତ
ଅଧା ଚଢାଇ
ରହିଲୁଁ ଅଧାଲଙ୍ଗିଆ
ମୁଣ୍ଡ ଛୁଇଁଦେବେଲ
ଦୁଇଅଣା ନେଲ
ଲଣ୍ଡାଲି ନୂଆ ଲେଣ୍ଡିଆ । ୨୫ ।

ଥିଏଟରେ ଘୁଣି
ମୁଣ୍ଡରେ ଗଞ୍ଜିଲୁଁ
ଏ ତିନି ଟଙ୍କିଆ ବାଳ
ଗାନ୍ଧୀଧାରୀଙ୍କୁ
ଗାଉଁଲିଆ କଲ
ଚଳାବଣା ଉତ୍ତୁମାଲ । ୨୬ ।

ଖଟ ପାଣି ଗାଡ଼ୁ
ନ ଦେଇ ବାବୁଙ୍କୁ
ଦେଖାଇଦେଲୁଁ ବାଉଳି
ଜୁହାର ବଦଳେ
ହାତ ହିଙ୍କାହିଙ୍କି
ଆଜ୍ଞା ଗୋଲାମି ଛାଡ଼ିବା । ୨୭ ।

ଘରେ ନାହିଁ ଗାଈ
ବିଦେଶୁଁ ମଗାଇ
ଖାଉଛୁ ନକଲି ଦୁଧ
ଗରଜ ବଢ଼ାଇ
କରଜ ଆଣିଲୁଁ
ଛୁଟାଇ ନ ପାରୁଁ ସୁଧ । ୨୮ ।

ଘଡ଼ିର ନିୟମେ
ଚଳିବାକୁ ଆମ
ହାତେ ବନ୍ଧା ହେଲ୍ ଘଡ଼ି
ଖେଳକୁଦା ବେଳ
ଜାଣି ନ ପାରୁଛୁଁ
ଶୋଇ ଆଠ ଘଣ୍ଟା ପଡ଼ି । ୨୯ ।

ଧରମକୁ ଧନ
ମଣିଥିଲେ ଆଗେ
ଚୋର-ମୂଳଆ ବଇଦ
ଡାକ୍ତର କବି-
ରାଜଙ୍କର ଆଜି
ଟଙ୍କାରେ ଖାଉଛି ନିଦ । ୩୦ ।

ଆଗ ଲୋକେ କାଶୀ
ବୁଲି ଯାଇ ଆସି
ପାରୁଥିଲେ ଚାଲି ଚାଲି
ହାଟ ଯିବା ଲାଗି
ଗାଡ଼ି ଯାଉଥିଲ
ଲୋଡୁଅଛୁ ଆଜିକାଲି । ୩୧ ।

ଶିଶୁ ମନଭୁଲା
ମାଟିର ପିତୁଳା
ରବରର ସାପ ଚଢ଼ାଇ
ଭାପ ଫୁଟବଲେ
ମୁଠା ମୁଠା ଟଙ୍କା
ଯାଉଛି ବିଳାସ ବଢ଼ାଇ । ୩୨ ।

ଚନ୍ଦ୍ରାର ନାକ
ରବରର କାନ
ବିଦେଶୁଁ ଆସିବା ଯାଏ
ନାକ କାନର ବି
ଜନ୍ମକାମ ଆମ
ଚଷମାର ଗାଡ଼ି ଥାଏ । ୩୩ ।

ନଷ୍ଟବର୍ତ୍ତି ପରି
ବିଦେଶୀ କଳମ
ଯେତକ ଆୟୁଷ ମାତ୍ର
ସେତକ ଲୁଟିକି
ଯାଉଛି ଦିନକୁ-
ଦିନ ଭାରତର ନାଡ଼ି । ୩୪ ।

ଝକମକ ଚୁଡ଼ି,
ଖିରପିନ୍, ଖୋଷା-
କଣ୍ଢା, ଦର୍ପଣ-ପାନିଆ
ଏତିକି ନ ହେଲେ
ପାଣି ନ ଛୁଇଁଲେ
ଏଭର ମାଇକିନିଆ । ୩୫ ।

ରୂପାର ଝଗଲ୍
ଚୂଡ଼ା ପଢ଼ଗଲ୍
ଝୁଲକଲ୍ କାଚର କଣ୍ଠି
ମାଳି ଝିଙ୍କିଆ
ଆଜକାଲ ଝଗ୍ର
ଛପି ଦେଉଅଛୁ ତଣ୍ଡି । ୩୬ ।

ଦେଢେଁ ନାହିଁ ଦାନା
ଝଟ ପାଇଁ କଣା
ଢେଉଅଛୁ ଦଶର ଗଢ
ସାବୁନ ଅତର
ଲଗି ମାଲପିଙ୍କି
ଗନ୍ଧୁଛି ତେଲ ଦ୍ୱାଳପା । ୩୭ ।

ଦେଖିଲେ ଏଭଳ
ଝିଅ ବନ୍ଧୁଙ୍କର
ବେଶଭୂଷା ଢଙ୍ଗଚଙ୍ଗ
କିଏଁ ନ କହିବ
ବଢୁଛି ଏହାଙ୍କ
ଯୋଗୁଁ ଅଭାବ-ତରଙ୍ଗ ? । ୩୮ ।

ଉଲଟା ଧାରରେ
କିଗର ଭଜିଲୁ
କୁଳଟା-ପ୍ରେମେ ଯାଗ
ଅରଜ ନ ଜାଣୁ
ଗରଜ ତରଜ
ଖରଚ କରିବୁଁ ଆଗ । ୩୯ ।

କୁକୁରକୁଆକୁ
ଯାଚେ ଶୁଆଇଲୁଁ
ମଣିଷ-କୁଆଁରେ ଯାଗ
ଦୁ ତିନି ଟଙ୍କିଆ
ଚେଲକୁଆ ଦାଣି
ସେ ଯାଗରୁ ନେଲୁଁ ଯାଚ । ୮୦ ।

ଗୌରାଙ୍ଗ ପ୍ରଭୁର
ଗୁଣ କହେଁ ନିତ୍ୟ
ହୃଦ ନ ପାରୁଁ ଖୋଲି
କାମ ଧାମ ଛାଡ଼ି
ମରୁଅଛୁଁ ରଡ଼ି
'ଗଉର' 'ଗଉର' ବୋଲି । ୮୧ ।

ପାଣି ନ ଟିକିଲେ
ପାଣି ନା' ଧରିଲେ
ମେଣ୍ଟିଥିବ କି ପିପାସା ?
ଭାତ ନ ଗଳାଇ
ଭାତ ମିଳେ କାହିଁ ?
ଧନ୍ୟ ଏ କଣ୍ଠାଗ୍ରି ଆଶା । ୮୨ ।

'ରାମ-ଲୀଳା', 'କୃଷ୍ଣ-
ଲୀଳା' ନାଟ ଆଦିର
ହୋଇଥିଲୁ ମନୋହର
ମନ ମୋହି ଆଜି
ଧନ ନେଉଛନ୍ତି
ବାୟସ୍କୋପ ଥିଏଟର । ୮୩ ।

ଦମାଗାର ପୁତ୍ର
ଭରତକୁ ରାଜ୍ୟ
ଦିଁପି ଦେଇଥିଲେ ରାମ
ପିଠିର ସ୍ୱଭର
ମୁଣ୍ଡ ପିଟି ଖାଗ
ଛଡ଼ାଇବା ଆଜି କାମ । ୪୪ ।

ଖଲ ଭଗ ଥିଲା
ଦଶ ଟଙ୍କା ସେଥୁଁ
ସାଖୀ ଖାଇଗଲେ ପାଞ୍ଚ
ଓକିଲର ଫିସ
ଲୁଚ ହାକିମକୁ
ସାତ ଟଙ୍କା ଦେଲୁ ଲାଞ୍ଚ । ୪୫ ।

ଗାଲ ଦକିଆରେ
ବଧିର, ମାଡ଼ର
ନାଲିଶରେ ଅନ୍ନ ପାଣି
ପାଣିର କେବଳ
ଭୁକ୍ତି ଥାଉ ଦର-
କାର ନାହିଁ କାନ ଆଖି । ୪୬ ।

ନୂଆ ଟଙ୍କା ଗଲା
ରୁପା ଟଙ୍କା ଗଲା
ଚଳିଲା ବାଡ଼ିକଣୀ ଟଙ୍କା
କାଗଜ ଖଣ୍ଡ ଏ
ଶହେ ଟଙ୍କା ହେଲା
ଟଙ୍କା ନୁହଇ ଏ 'ଠକା' । ୪୭ ।

ମୁନାର ଝଙ୍କାରି-
ଟୋଟ କମ୍ପା ଟୋଟି
ଝଙ୍କା ସମ୍ପତ୍ତିର ସ୍ୱାମୀ
ଗଡ଼ଲି ମୁକ ନମି
ବିନା ଜଳେ ଭିଜି
କରୁଥାଇଁ କାଠ କାଠ । ୪୮ ।

ଠକାମିର ଜାଲ
ଟଣାଲୁଛି ଜଳ-
ଝୁଲି ବିଦ୍ୟାଣୀ ଇଂରେଜ
ସମସ୍ତ ପରିଏ
ନ ଛାଡ଼ୁଁ ତଥାପି
ଫିରଙ୍ଗୀ ବାବୁ ବେଶ । ୪୯ ।

ମୁଣ୍ଡି ଏହା ଘରର
କ ଫଣ୍ଟୀ ସନ୍ଧରେ
ଚିହ୍ନ-ଶିକ୍ଷା ଠକ ଆଜି
ବୋଝ ନଜର
ସବୁଠି ଦ୍ୱାରର
ଲକ୍ଷ ନାନା ବେଶ ସାଜି । ୫୦ ।

କାଏ ବା ଲୁଣିଆଁ
ଭୁଲଲା କୁଣିଆଁ
କେଶ୍ରି ବା, ତେଜ ମାତଗ ଭଜ
କେଷ୍ଟୁ ବାନରଙ୍କା
ତେ ବା କାନପୁଙ୍କା
ବେ ବାବା-ବକଧାର୍ମିକ । ୫୧ ।

ଦେଶୋପକାରକ
କୁପ୍ରସ୍ତାବ କରି
ପରକୁ ମଣିଲୁଁ ଅନ୍ଧ
ମୂର୍ତ୍ତିପିଠା ଆଜି
ଲୁଣ୍ଠି ପିଟାଇଲେ
ପାଉଛନ୍ତି ଗୋରସ ଅଣ୍ଡା ।୫୨।

ଗୋରସେ ପୋଷିଲୁଁ
ବଳଦ କୁକୁର
ବାଳୁଙ୍ଗା ଶୋଣିତ ବଳ
ଷେରକୁ ଜୁହାର
ଯାହୁକାର ଠାରେ
ଦେଖାଇଲୁଁ ବାହୁବଳ ।୫୩।

ଚନ୍ଦକଥା ପାଣ୍ଡା—
ଘରଦେବ କରୁଛନ୍ତି
ଯେଉଁ ଖର୍ଚ୍ଚ ଆଡ଼ମ୍ବର
ସେଥିକରେ ବର୍ଷେ
ଖାଇବା ପିଇବା
ଚଳିଯାନ୍ତା ଜଣକର ।୫୪।

ଟଙ୍କାଟିଏ ଦଶ—
ଦିନେ ନ ପାଉଛୁ
ମୁଣ୍ଡିଆଳ ଲୁଚନ୍ତି ମାର
ଏ ଦଶା ଭିତରେ
ଦଣ୍ଡଟଙ୍କା ନେଲୁ
'ପୋଥି ତାହା ତାର ନାହିଁ' ।୫୫।

ବର୍ଷକୁ ଅଣି
        ବଳି ପଡ଼ୁଥିଲା
                ବାଘ ଅଜାଙ୍କର ଗ୍ରାସ
ମାସକ ଭିତରେ
        ଘଣ୍ଟନ୍ତି ଆମର
                ଉଦରଦାନ ଓଗାଣ । ୫୬ ।

କେତେ ଫୁଲ, ବାଣ,
        ନାଚ, ବାଜା ଖଞ୍ଜି
                କରନ୍ତି ବୀକୃତ ବନ୍ଦା
ବର୍ଷାକ ଭିତରେ
        ଶହ ଶହ ଟଙ୍କା
                ହେଉଅଛନ୍ତି ମାଙ୍ଗନିଆ । ୫୭ ।

ବିବାହ ଆଗରୁ
        ଦେଖଣି, ମାଗୁଣି,
                ପିନ୍ଧାଣି, ଚୂଡ଼ାବନ୍ଧି,
ବନ୍ଦାପନା କାଳେ
        ଛଟିଆଣି ଘରେ
                ମୁଣ୍ଡ ହୋଇଥାଇଁ ପିଠି । ୫୮ ।

ସତକଥା, ଯାହା
        ନାଡ଼ିଶାସ୍ତ୍ର କହେ
                'ଉଚ୍ଚବର ନିମ୍ନ ଭୂମି'
ଗରିବ ହିଁ ଆଜି
        ଦେଶରେ କରନ୍ତି
                ଗରିବ-ସୃଷ୍ଟିର ବୃଦ୍ଧି । ୫୯ ।

ତା' ଉପରେ ମୂର୍ତ୍ତି
ଦେଶୀ କାମ ଗ୍ରନ୍ଥି
ଦେଖାଇଲୁଁ ବାବୁପଣ
ଏହା ହି ଆମର
ଦେଶ, ସମାଜର
ଅଧୋଗତିର କାରଣ । ୭୦ ।

ଆତ୍ମ-ନିର୍ଭରତା
ଆପେ ହରାଇଲୁଁ
କା' ଆଗେ କହିବୁଁ ଆଉ
ଠାକୁରଙ୍କୁ ଆଜ
କୁକୁର କରନ୍ତି
ଦାରୁଣ ପେଟର ଦାଉ । ୭୧ ।

ଦଶନାହିଁ ହାତ
କାଣ୍ଡଗଣ୍ଡ ବେତ-
ବାଉଁଶର ଟୋପି ଛତା
ଆଖି-ଦେଖା ଗଛ-
ପଣାକୁ ନଦେଖି
ଭୁଲିଯାଏ ଆଜି ମଥା । ୭୨ ।

ମୃତ୍ତିକାର ଦେହ
ଚରଖା ରହିଁଟା
ଭୁଲାଇଲା କାହିଁ ଆଜ ?
ଘରେ ଘରେ ଦେଇଁ
ରେଏଁ ରେଏଁ ସ୍ୱନ
ନିତି ଉଠୁଥିଲା ବାଜି । ୭୩ ।

କାହିଁ ସେ ପୂରୁବ
ଭାରତ ଗୌରବ
କାହିଁ ସେହି ଧନଧାନ୍ୟ
କାହିଁ ସେହି ଆର୍ଯ୍ୟ-
ପ୍ରାଣ ପୃଥ୍ୱୀରାଜ
ମହାରାଜ ମହାମାନ୍ୟ ।୭୯।

'ବାଣିଜ୍ୟେ ବସତି
ଲକ୍ଷ୍ମୀଃ' ଏ ଭାରତେ
ମୂର୍ଖ ଅଟେ ଆଜ ଲାଜ
ଭାରତଲକ୍ଷ୍ମୀକି
ବୁଡ଼ାଇ ନେଉଛି
ସେହେତୁ ଜଳଜାହାଜ ।୮୦।

# ଅଶ୍ରୁ-ତର୍ପଣ

# "ଅଶ୍ରୁ-ତର୍ପଣ" ସମ୍ବନ୍ଧେ

"ଅଶ୍ରୁ-ତର୍ପଣ"ର ପାଣ୍ଡୁଲିପି ପାଠ କରି ମୁଁ ଅତୀବ ପ୍ରୀତ ହୋଇଅଛି । ମହାମାନବ ଗାନ୍ଧିଙ୍କର ଅକାଳ ବିୟୋଗରେ ଲେଖକଙ୍କ ପ୍ରାଣରେ ଯେଉଁ ଆଘାତ ଆସିଛି, ତାକୁ ସେ ଏଥିରେ ରୂପଦାନ କରିଅଛନ୍ତି । ବାପୁଜୀଙ୍କର ଆଦର୍ଶ ଗୁଣସମୂହ ପୁସ୍ତିକାଟିର ସ୍ଥଳେ ସ୍ଥଳେ ମନୋହର ଭାବରେ ପ୍ରଦର୍ଶିତ ତଥା ବିଶ୍ଳେଷିତ ହୋଇଛି । ଅନେକେ ଗାନ୍ଧୀଙ୍କର ନିର୍ଦ୍ଦିଷ୍ଟ 'ଅହିଂସା', 'ସତ୍ୟାଗ୍ରହ', 'ସ୍ୱାଧୀନତା', 'ସତ୍ୟସାଧନା' ପ୍ରଭୃତି ଶବ୍ଦର ଅର୍ଥ ନ ବୁଝି ତାର ଅପପ୍ରୟୋଗ କରିଥାନ୍ତି । ସୁତରାଂ, ଲେଖକ ସେଇମାନଙ୍କୁ ସତର୍କ କରାଇଦେବା ସଙ୍ଗେ ସଙ୍ଗେ ତହିଁର ତାତ୍ପର୍ଯ୍ୟ ମଧ୍ୟ ଜଣାଇ ଦେବାକୁ ଭୁଲି ଯାଇ ନାହାନ୍ତି । ଦେଶ ଆଜି ସ୍ୱାଧୀନ ବୋଲି କେତେକ ବ୍ୟକ୍ତି ଆସ୍ପର୍ଦ୍ଧା ରଖନ୍ତି; ମାତ୍ର ଏଇ ସ୍ୱାଧୀନତା ଭିତରେ ଯେ ଧୂଳିପଟଳ ତଳେ ସଙ୍କୀର୍ଣ୍ଣ ଦଳାଦଳି, ଈର୍ଷା, ଦୁରଭିସନ୍ଧିର କନ୍ଦଳ ଉଠିଛି, ତହିଁରେ ଲେଖକଙ୍କ ସୁଷମ ପ୍ରାଣ ବିଷମ ବିଷାଦରେ ବ୍ୟଥିତ ହୋଇପଡ଼ିଛି । ମହାତ୍ମା ଗାନ୍ଧୀଙ୍କର ହାହ୍ନି ଦେଇ ଲୋକେ ଆଜି ଦେଶରେ ଯେଉଁ ଅତ୍ୟାଚାର, ଅନାଚାର ସୃଷ୍ଟି କରୁଛନ୍ତି, ତହିଁରେ ଯେ କୌଣସି ସ୍ୱଦେଶବତ୍ସଳର ପ୍ରାଣ ବିଚଳିତ ହେବ, ସନ୍ଦେହ ନାହିଁ ।

ସବୁଜ ରଙ୍ଗର ମଞ୍ଚ ସବୁଜ ଚଷମାର ଚିହ୍ନକୁ ଗାଇଲେ ଭଳି ଆଜି ଅନେକ ଖଦଡ଼ଧାରୀ ବି ମହାତ୍ମା ଗାନ୍ଧିଙ୍କ ଆଦର୍ଶ ଓ ମତକୁ ଅତି ଅନ୍ୟଥା କରିବାରେ ଲାଗିଛନ୍ତି । ଏହାଠାରୁ ବଳି ଦୋଷର ବିଷୟ ଆଉ କ'ଣ ଥାଇପାରେ ! ଏ ସବୁର ନିରାକରଣ ପାଇଁ ଲେଖକ ଏ ପୁସ୍ତିକାଟିର ବହୁ ସ୍ଥଳରେ ମାନବ ସମାଜକୁ ନିର୍ଦ୍ଦେଶ ଦେଇଅଛନ୍ତି । ଏହା ପରେ ହିନ୍ଦୁ ଯେ ମହର୍ଷି ଦୟାନନ୍ଦ ସରସ୍ୱତୀ, ମହାତ୍ମା ଗାନ୍ଧୀ ପ୍ରଭୃତି ଭାରତ ଧର୍ମପିତାଙ୍କୁ ନାନା ଷଡ୍‌ଯନ୍ତ୍ରରେ ହତ୍ୟା କରି ଆସିଛି, ତହିଁରେ ଏଇ ଜାତିର ଓ ଧର୍ମର ସଙ୍କୀର୍ଣ୍ଣତା ଓ ସ୍ୱାର୍ଥପରତା ପ୍ରକାଶ ପାଉନାହିଁ କି ? ଲେଖକ ଜଣେ ହିନ୍ଦୁ ଓ ସେ ହିନ୍ଦୁ ବୋଲି ଏଇ ଜାତି ତଥା ଧର୍ମର ଦୋଷ ଓ ଦୁର୍ବଳତା ପ୍ରତି ସରାସରି ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ଆଦୌ ଭୀତ, ସଙ୍କୁଚିତ ତଥା କୁଣ୍ଠିତ ହୋଇନାହାନ୍ତି । ଏହା ଅବିସମ୍ବାଦିତ ସତ୍ୟ ଯେ, ଯହିଁରେ ଯା'ର ବିଶେଷ

ଅନୁରକ୍ତ ଥାଏ, ତହିଁରେ ଦୋଷ ଦୁର୍ବଳତାର ଆଭାସ ପାଇଲେ ତା'ର ପ୍ରାଣରେ ଦାରୁଣ ବେଦନା ଆସେ । ସୁତରାଂ 'ଅଶ୍ରୁ-ତର୍ପଣ'ର ଲେଖକଙ୍କ ସମ୍ବନ୍ଧରେ ତାହାହିଁ ଘଟିଛି । ଅବଶ୍ୟ ଏ କଥା ସ୍ୱୀକାର୍ଯ୍ୟ ଯେ, ପୁସ୍ତିକାଟିରେ ବିଷୟବସ୍ତୁର ଗୁରୁତ୍ୱ ନେଇ ସାହିତ୍ୟିକ ଉପାଦାନ ଗୌଣ ହୋଇପଡ଼ିଛି; ହେଲେ, ଏଥିରେ ଲେଖକଙ୍କ ପ୍ରାଣରେ ଯେଉଁ ଜାତିପ୍ରୀତିର ଓ ଧର୍ମସାଧନାର ଉଦୟ ହୋଇଛି, ତହିଁରେ ଆହ୍ଲାଦିତ ହେବାର ହିଁ କଥା ।

ଅଧିକନ୍ତୁ, ପୁସ୍ତିକାଟିର ଶେଷଭାଗରେ ସନ୍ନିବିଷ୍ଟ "ରାମଭଜନା'ରେ 'ଗାନ୍ଧିଜୀଙ୍କ ନିର୍ଦ୍ଦେଶ' କବିତାରେ ଭଜନର ସ୍ଫୁରଣ କରିବା ହେବା ଉଚିତ, ତାହା ଦର୍ଶାଇବା ସଙ୍ଗେ ସଙ୍ଗେ ଲେଖକ ତହିଁରେ ଯେଉଁ ଚିନ୍ତାଶୀଳତା, ତତ୍ତ୍ୱାଲୋଚନାର ଗମ୍ଭୀରତା ତଥା ଆଦର୍ଶ ନୈତିକତାର ପରିଚୟ ଦେଇ ଅଛନ୍ତି, ତାହା ସହୃଦୟ ପାଠକବର୍ଗ ଅନୁଧ୍ୟାନ କଲେ ବେଶ୍ ଉପଲବ୍ଧି କରିପାରିବେ ।

କବି ବା ଲେଖକକୁ ସାରସ୍ୱତ କୁହାଯାଏ—କେବଳ ସେ ନିର୍ଭୀକ-ପ୍ରାଣରେ, ନିର୍ବିକାର ଚିତ୍ତରେ ସତ୍ୟର ଉପାସନା କରିଥାଏ ବୋଲି । ସୁତରାଂ, ଆଜୀବନ ସତ୍ୟସାଧକ ବାପୁଜୀଙ୍କର ବିୟୋଗାତ୍ମକ ଲେଖା "ଅଶ୍ରୁ-ତର୍ପଣ"ରେ ଲେଖକ ସତ୍ୟ-ଭାଷାର ଯେଉଁ ତର୍ପଣ ଅର୍ପଣ କରିଅଛନ୍ତି ତହିଁରେ ସ୍ୱର୍ଗତ ବାପୁ ନିଶ୍ଚୟ ଆହ୍ଲାଦିତ ହେଉଥିବେ—ଏହା ମୋର ତରଳ ପ୍ରାଣର ସରଳ ବିଶ୍ୱାସ । "ଅଶ୍ରୁ-ତର୍ପଣ" ଲେଖକଙ୍କ ଲେଖନୀ ମୁଖର, ନିର୍ଭର ତଥା ଚନ୍ଦନାକ୍ତ ହେଉ । ଇତି ।

ବେସିକ୍ ଟ୍ରେନିଂ ସ୍କୁଲ୍,
ବରଗଡ଼
ତା ୨୭-୪-୫୦

କେଶବ ମେହେର

# ଭୂମିକା

ସ୍ୱର୍ଣ୍ଣମୟୀ ଭାରତଜନନୀର ତୁଷାରଧବଳୋଜ୍ଜ୍ୱଳ ମସ୍ତକମଣି ମହାମହିମ ଶୃଙ୍ଗଙ୍କ ହିମାଚଳର ସ୍ୱର୍ଗୀୟ ସୌନ୍ଦର୍ଯ୍ୟର ସମ୍ୟକ୍ ବର୍ଣ୍ଣନା କରିପାରି ଅଧିବାସୀ ପାହାଡ଼ିଆ ଗୁମ୍ଫାମୁଖନିଃସୃତ ପଲ୍ଲୀଗୀତରେ ବର୍ଣ୍ଣିତ ହେବା ଏବଂ ରତ୍ନଗର୍ଭ ଭୂମାତାର ଅତଳସ୍ପର୍ଶୀ ଭୁବନ-ମହାର୍ଣ୍ଣବ-ଗାମ୍ଭୀର୍ଯ୍ୟର ମୂର୍ତ୍ତି କଳନା ଜୀବନ-ଜଞ୍ଜାଳ-ବ୍ୟସ୍ତ ଶମ୍ବୁକାନ୍ୱେଷୀ ସନ୍ତରଣଶୀଳ ପାତିହଂସର ସମ୍ଭାଳିତ ପାଦଦ୍ୱାରା ନିର୍ଣ୍ଣୟ-ପ୍ରୟାସ ଯେପରି, ମହାନୁଭବ ମହାମାନବ ମହାତ୍ମା ଗାନ୍ଧୀଙ୍କର 'ମାହାତ୍ମ୍ୟ-ଗାନ' ଗାୟନ ଚେଷ୍ଟା ମୋ ଭଳି ନଗଣ୍ୟ ଲେଖକ ପକ୍ଷେ ଧୃଷ୍ଟତା କହିଲେ ଚଳେ ।

ବିଶ୍ୱ-ବୈଭବମୟ ପୂର୍ଣ୍ଣସୁଧାକରକୁ ଚାହିଁବାଲାଗି ଉତ୍ତୋଳିତ ହସ୍ତରେ ଆହ୍ୱାନ-ସଙ୍କେତ ପ୍ରଦର୍ଶନ ପୂର୍ବକ "ଜହ୍ନମାମୁଁ—ଆ" ବୋଲି ଡାକିବାର କୋମଳ ପ୍ରବୃତ୍ତି ଶିଶୁର ସରଳ ପ୍ରାଣରେ ତ' ଜାତ ହୋଇଥାଏ । ତେବେ ଭୂମଣ୍ଡଳ ପୂଜାସ୍ପଦ ବିଶ୍ୱପିତାଙ୍କ ଅକାଳ ତିରୋଧାନରେ 'ବାପୁ' ବୋଲି ଦୁଇଟୋପା ଲୁହ ଗଡ଼ାଇବାର ବ୍ୟାକୁଳତା ନିଷ୍ଠୁର କିଂବା ବ୍ୟଥିତ ଯେ କୌଣସି ସାଧାରଣ ବ୍ୟକ୍ତି ପକ୍ଷରେ ମଧ୍ୟ ଅତି ସ୍ୱାଭାବିକ । ପ୍ରଭେଦ ଏତିକି, ଶିଶୁର ଆହ୍ୱାନ ପ୍ରବୃତ୍ତି ଆନନ୍ଦର; ଅଶ୍ରୁସିକ୍ତ ବ୍ୟକ୍ତିର ବ୍ୟାକୁଳତା ବିଷାଦର । ସରଳ ଶିଶୁ ସରଗ-ଶଶଧରକୁ କେବଳ ଡାକେ; ଧରି ନ ପାଏ କାନ୍ଦେ—ମା' ବାପା, ଘର ଭଉଣୀଙ୍କ ଆଗରେ ଅଳି କରେ; ଶେଷରେ ସେଇମାନଙ୍କ ଛଳନାତ୍ମକ ଭଙ୍ଗିଭଙ୍ଗୀ ଦେଖି ନିରାଶ ପ୍ରାଣରେ ଶୁଷ୍କ ଦୁଃଖରେ ଖାଲି ଗାଳି ଦେଇଥାଏ । ଏଇ 'ଅଶ୍ରୁ-ତର୍ପଣ' ଲେଖାରେ ମୋର ମାନସିକ ଅବସ୍ଥା ଅବିକଳ ସେଇପରି । ଏଥିରୁ ଏହା ବୁଝିବାକୁ ହେବ ଯେ, ଅଜ୍ଞାନ ଶିଶୁ ଯିବା ନିଜର ଶକ୍ତି ସାହାଯ୍ୟର ଅଭାବ ଯୋଗୁଁ ଈପ୍ସିତ ଚନ୍ଦ୍ରକୁ ପାଇପାରେ ନାହିଁ—ହାତକୁ ଆଣିପାରେ ନାହିଁ; କିନ୍ତୁ ଦେଶବିଦେଶରେ ତ' ଆଜି ଅନେକ କୃତବିଦ୍ୟ ଜ୍ଞାନବୃଦ୍ଧ ବାହାରିଛନ୍ତି, ଯେଉଁମାନେ ଚନ୍ଦ୍ରଲୋକକୁ, ମଙ୍ଗଳଗ୍ରହ ପାଖକୁ ଯିବାପାଇଁ କୃତସଂକଳ୍ପ ତଥା ପ୍ରାଣପଣେ ଚେଷ୍ଟିତ । ବିଶେଷ ଜ୍ଞାନର ସାହାଯ୍ୟରେ ଚିନ୍ତା କଲେ, ଟିକିଏ ସାଧନା ଖଟାଇଲେ, ଭାରତର ମୋହନ-ଚନ୍ଦ୍ରଙ୍କର ସତ୍ୟ-ଶାନ୍ତି-ପ୍ରେମ-ଅହିଂସା

।

ରୂପକ ଚନ୍ଦ୍ରାଲୋକକୁ ଭୂମଣ୍ଡଳରେ ବିକୀର୍ଣ୍ଣ କରିବା କିମ୍ବା ଭୂମଣ୍ଡଳକୁ ଗୋଲକଗ୍ରହ ପରିବର୍ତ୍ତେ ମଙ୍ଗଳଗ୍ରହରେ ପରିଣତ କରିବା ସେମାନଙ୍କ ପକ୍ଷରେ ବେଶୀ କଠିନ ବା କ'ଣ ! ଏଭଳି ସାଧକ ବିଶ୍ୱବରେଣ୍ୟ ବାପୁଜୀଙ୍କ ଆସନଠାରୁ ଆଜିର ଭକ୍ତ ଆସନର ଅଧିକାରୀ ନୁହନ୍ତି କି ?

ସ୍ୱର୍ଗୀୟ ମୋହନ-ଚନ୍ଦ୍ରଙ୍କର ସହସ୍ର ସହସ୍ର ପ୍ରତିବିମ୍ବିତ ଚନ୍ଦ୍ର ଧରାଧାମରେ ନୈସର୍ଗିକ ଚନ୍ଦ୍ରରୂପରେ ପରିଣତ ହୋଇଯାନ୍ତୁ, ସର୍ବଶକ୍ତିମାନ୍ ଦୟାମୟ ଭଗବାନଙ୍କଠାରେ ଏହାହିଁ ମୋର ଶିଶୁତୁଲ୍ୟ ସରଳ ପ୍ରାଣର ଐକାନ୍ତିକ ପ୍ରାର୍ଥନା । ଇତି ।

ଖଜେପୁର-କୁଚେଣ୍ଡାଲ
ତା ୨୧-୪-୬୦

ଶ୍ରୀ ଖଗେଶ୍ୱର ଶେଠ

# କୃତଜ୍ଞତା

ମୋର ଅନ୍ତରଙ୍ଗ ବନ୍ଧୁ ସତ୍ସାହିତ୍ୟାନୁରାଗୀ ଶ୍ରୀଯୁକ୍ତ ଉଦୟକର ସାହୁ (ସୋହେଲା ଥାନାନ୍ତର୍ଗତ ଝରଲ୍ ନିବାସୀ ଜନୈକ ଭଦ୍ରବ୍ୟକ୍ତି) ଏବଂ ଶ୍ରୀମାନ୍ ପରମେଶ୍ୱର ପଟେଲ (ପାଇକମାଳ ଥାନାନ୍ତଃପାତୀ ଭୁଙ୍ଗିପାଲି– ନ: ପ୍ରା: ସ୍କୁଲର ସହକାରୀ ଶିକ୍ଷକ) ମହାଶୟଦ୍ୱୟ ନିଜର ଆର୍ଥିକ ସ୍ୱଚ୍ଛଳତା ଅଭାବ ସତ୍ତ୍ୱେ ବି ଏଇ ପୁସ୍ତିକାର ମୁଦ୍ରଣ ବ୍ୟୟଭାର ସ୍ୱତଃପ୍ରବୃତ୍ତିରେ ତଥା ଆଦର୍ଶ ବନ୍ଧୁର ଆଂଶିକ କର୍ତ୍ତବ୍ୟ ଦୃଷ୍ଟିରେ ବହନ କରିଥିବାରୁ ତାଙ୍କର ଅମୂଲ୍ୟ ଆନ୍ତରିକ ସୌହାର୍ଦ୍ଦ୍ୟ-ସ୍ନେହ-ସହାନୁଭୂତିର ତୁଳନାରେ ଏଇ କୃତଜ୍ଞତା-ବିଜ୍ଞପ୍ତି ସୂଚକ ଦୁଇଧାଡ଼ିର ପଂକ୍ତି ଯଥେଷ୍ଟ ନୁହେଁ—ଅଥଚ ସେମାନଙ୍କ ନିକଟରେ ମୁଁ ଆଜୀବନ ଋଣୀ ।

ପରିଶିଷ୍ଟ ନିବେଦନ—ସାହିତ୍ୟିକ ଉତ୍କଳର ନବ୍ୟ ପ୍ରତିଷ୍ଠାପ୍ରାପ୍ତ ସୁପରିଚିତ ସମାଲୋଚକ ବାବୁ କେଶବ ମେହେର "ଅଶ୍ରୁ-ତର୍ପଣ"ର ପାଣ୍ଡୁଲେଖ୍ୟ ଆମୂଳାନ୍ତ ପାଠକରି ସ୍ପଷ୍ଟ ସରଳ ଉଦାର ହୃଦୟର ଯେଉଁ ସତ୍ୟମୂଳକ ମତ ବ୍ୟକ୍ତ କରିଅଛନ୍ତି, ତାହା ସତେ ଯଦି ପୂଜ୍ୟପାଦ ବାପୁଜୀଙ୍କ ସ୍ୱର୍ଗୀୟ ଆତ୍ମାର ପୂଜାର୍ପିତ ନିର୍ମାଲ୍ୟ ସ୍ୱରୂପ ସତ୍ୟାନୁରାଗୀ ପ୍ରିୟ ପାଠକ ପାଠିକାଙ୍କ ପ୍ରାଣରେ କଣିକାଏ ପରମାହ୍ଲାଦ ପ୍ରଦାନ କରିପାରିଲେ ଈଷତ୍ ଆତ୍ମପ୍ରସାଦ ମୁଁ ଲାଭ କରନ୍ତି । ଇତି ।

ବିନୀତ
ଲେଖକ

# ଉତ୍ସର୍ଗ *

ମହାମାନ୍ୟ ମହାତ୍ମା କରକମଳେଷୁ:—

ଜୟ ବାପୁ, ଜୟ ଧରେ ଯାର ଦରଶନ
ମର୍ତ୍ତ୍ୟ ଅନ୍ତରୀକ୍ଷ ଆଜ ଲୁବ୍ଧ-ଅବସନ୍ନ,
କୋଟି କୋଟି କେନ୍ଦ୍ରେ ତବ ସତ୍ୟଧାର ଭଳ
ଧୈର୍ଯ୍ୟ ତନ୍ତୁ ଅଶ୍ରୁ ଫୁଲେ ଯାଉଛନ୍ତି ତରଳି ।
ମାନବର ହୃଦ-ବଳି କୌଟିଲ୍ୟ ଆବୃତ,
ଜିଣିଥିଲ ତୁମ୍ଭେ, ସାର ଦୃଷ୍ଟି ଥିବ ସହଜତ ।
ଅନନ୍ତରୁ ସେ ଧର୍ମିତ ଧର୍ମିଲା-ବ୍ରତେ,
ନିତ୍ୟ-ବଞ୍ଚିତ ସେ ସ୍ୱପ୍ନ ଫୁଟାଉଛେ ।
ହେ ଅହିଂସ ବୀର, ସତ୍ୟଧର୍ମ-ଉନ୍ମାଦି !
ଦେଶ-ଶିଶୁ ବନ୍ଧୁ ବିଶ୍ୱ-ପ୍ରେମିକ ମହର୍ଷି !
ସ୍ୱାଧୀନତା ନଗରୀର ଭଙ୍ଗା-ଦେଉଳ
ଦେଖାଇଲ ମର୍ତ୍ତ୍ୟ ଆଜ ଆତ୍ମ ଦୃଷ୍ଟାନ୍ତ !
ଶୋଭନାୟ ତୁମ୍ଭେ ଶୋକ ଢାଳୁଛି ମୋ ଅଶ୍ରୁ
'ଅଶ୍ରୁ-ଉତ୍ସର୍ଗ' ଅର୍ପିଲି ଦେବ ହେ ମହାତ୍ମା !

* ୧୯୪୮ ଜାନୁଆରୀ ୩୦ ତାରିଖ ଲେଖାର ।

# ଅଶ୍ରୁ-ତର୍ପଣ

ଶୁଣି ସମାଚାର          କି ଅଶନିପାତ
ଭୂକମ୍ପ, ପ୍ରଳୟ ବାତ୍ୟା,
ସବୁଠାରୁ ହେବ,          ବଳିଅଛି ଭବ
ମର୍ମଦାହୀ ଶୋକବାର୍ତ୍ତା ।

ସତ୍ୟ-ଉପାସକ,          ହେ ବିଶ୍ୱ-ପ୍ରେମିକ
ସମାବର୍ତ୍ତୀର ମହର୍ଷି,
ମହେଶ ଆଦେଶେ          ଏ ଅଭାଗା ଦେଶେ
ଆସିଥିଲ ଋଷି ବେଶୀ ।

ନର ସାଧାରଣ          ଅଦୃଷ୍ଟ ଅଶ୍ରୁତ
ଅମର ସ୍ୱର ଚୈତନ୍ୟ,
ମର୍ତ୍ତ୍ୟଧାମେ ସ୍ୱର୍ଗ          ଦେଖାଇ ପାରିଲ
ଧନ୍ୟ ହେ ମହାପୁରୁଷ ।

ନର-ହାହାକାର          ଦୂର-ସ୍ୱପ୍ନହାର
ଅନ୍ତର୍ଦର୍ଶୀ ଦେବଦାସୀ,
ତୁମ୍ଭ ବିନୁ ଦୂରୀ,          ଏ ମର୍ତ୍ତ୍ୟଧାମରୁ
ନେଉଛନ୍ତି କାହା ମେଲାଣି ?

ହେ ବିଶ୍ୱମୋହନ          ପତିତପାବନ
ସମଦର୍ଶୀ ଗୁଣାକର,
ନର ରୂପ ଧରନ୍ତ          ହେଲ ଜ୍ଞାନ-ଦାତା
ବୋଲିବ ତୁମ୍ଭଙ୍କୁ ନର ?

ଶମ୍ଭୁଙ୍କ ବେଶକଳେ   ଗାଇକ ବିନ୍ଦୁଧାରେ
ଖଞ୍ଜନ ଭଙ୍ଗୀ ଦେଖନେ,
କେଉଁ ମହାମନା   ଦେଶ-ଆରାଧନା
ଦେଖାଇଥିଲେ ଜୀବନେ ?

ଅହିଂସା ରତନ—   ଧର୍ମର ମରମ
ବୁଝିଥିଲେ ଏଣ ନତ,
ଅଚ୍ଛୁଆଙ୍କ ପାଇଁ   ପ୍ରେମ ଅଶ୍ରୁ ଢାଳେ
ଭୁଲିଥିଲେ କେତେ ଜଣ ?

ଦେଶ କଥା ଧରି   ଦେଶ ଜନ ଆଶୁ
ଲୁଣଶୁଳ୍କ-ସ୍ୱାଧୀନତା,
ଆଣିବାକୁ ଦେଶରେ   କଣ ଏ ମରତେ
ବୁଝିଲେ ଅନ୍ୟ ମଥା ?

ବିଶ୍ୱର ଅଜ୍ଞାନ   ଦେଖି ଶୋଷଣୀ ପାଇ
ଦୁଃଖୀଙ୍କ ସେବାରେ ରତି,
ଯୋଗୀଙ୍କ ଜୀବନ-   ଦୁଃଖ-ଶାନ୍ତି-ଧନ
ମଣିଥିଲେ କେଉଁ ତ୍ୟାଗୀ ?

ବାପୁ, ତବ ପୁଣ୍ୟ   କଥା ମନମୁଗ୍ଧ
ଶୋଣିତବାଳୁ ଅନ୍ତ ଭାଳି,
ତାହାଙ୍କ ଜ ଯେ'   ଦୁଃଖ ବଞ୍ଚାଇଦେଲେ
ଭୁଲି ହୃଦୟ ମୋ ଜାଳି ।

ପରିଦୁଃଖଧାରୀ   ଶୁଣିଲେ ଗୁହାରି
(୧) ଜଣ ଯେ' ନବଧାରେନେ;
ଗରିବ କଷ୍ଟ   ସହିବାକୁ ଏଣେ
ଧରିବନ ଅବଶେଷ ?

---

(୧) ନବଧାରନ—ମହାତ୍ମାଙ୍କର ଶୁଦ୍ଧ ଧାରାବାହିକ ଶବ୍ଦ ।

ଜାତି-ନିର୍ଯ୍ୟାତନା    ଦାରିଦ୍ର୍ୟ-ତାଡନା
ହରିଜନ-ତିରସ୍କାର,
ତୋମାଠାରୁ ଅନ୍ୟ    କେହି ତା' ନ୍ୟୂନ
ଝୁରିବକି ମଣିଧାର ?

ସାମ୍ପ୍ରଦାୟିକତା    ଭ୍ରାନ୍ତି-ବହୁଳତା-
ବହ୍ନି ଉଠିଲେ ଦେଶରେ,
ଉତ୍କଳନ୍ତ ବାହୁ    ଯୋଧିବକି ହେତୁ
ଅଶ୍ରୁସିକ୍ତ ଆଶ୍ଳେଷରେ ?

ତୁମ୍ଭଙ୍କୁ ତ' ଆଜି    ସଂସ୍ରେ ଖୋଜି ଖୋଜି
ସେବାଗ୍ରାମ ଶିଶୁମାନେ
କାନ୍ଦୁଥିବେ, ଡାକି    ବାପୁ ! ବାପୁ !! ଡାକ
ପଶିବକି ତମ୍ଭ କାନେ ?

ଅସ୍ପୃଶ୍ୟ ସମାଜ    କବା ପଶୁ-ପ୍ରେତଙ୍କ
ଶୁଣି ନଥିଲ ଏ କାନ,
ନ ଅଣ୍ଟିଲ ଖୀର    ଜନନୀ ହୃଦର
ପାନକରେ ତା' ସନ୍ତାନ ।

ଭାରତ-ମାତାର    ତପ୍ତ ରକ୍ତଧାର
ସ୍ନାନ କରୁଛି ଯା' ସ୍ୱପ୍ନ,
ତୁମ୍ଭ ବଷ ଜାଳ    ସେ ଅନଳେ ଜଳ
ନ ଯାଏ କି ସପ୍ତର୍ଷିଙ୍କୁ !

(୧) ଅହେ ସତ୍ୟାଗ୍ରହୀ,    ତୁମ୍ଭ ହଟେ ଏଥି
ଜଗତ୍ପ୍ରାଣ ପଦାଗତ;
ତେଜ ଏ ମସ୍ତକ    ଦେବାକେ କାହିଁକି
ସ୍ବର୍ଗକୁ ନକଲେ ଗତ ?

(୧) ସତ୍ୟାଗ୍ରହୀ—ସତ୍ୟବ୍ରତ ଯାହାର ସେହି ଆତ୍ମା । ଅର୍ଥାତ୍ ଜନ୍ମଠାରୁ ମରଣ ପର୍ଯ୍ୟନ୍ତ କାୟମନୋବାକ୍ୟରେ ସତ୍ୟରକ୍ଷା ପବିତ୍ର ବ୍ରତ ଯେ ପାଳନ କରିଥାଏ । ଏ ସ୍ଥଳରେ ଆଜୀବନ ସତ୍ୟସାଧକ ସ୍ୱର୍ଗୀୟ ମହାତ୍ମା ଗାନ୍ଧୀ ।

ଦେବଙ୍କ ଆଶ୍ରମୁ ତୋରୁଁ ହିମାଳୟୁ
ସ୍ପର୍ଶ୍ରେ ନ ହେଲୁ ଶିବ,
ହିନ୍ଦୁ-ଶାସନର ଘୋଷନ୍ତି ତୁ' ବୋଲି
ବନ୍ଧୁଙ୍କ ଉପାଦେୟ ?

କାଶୀ ପାଷାଣର କନ୍ଦଲକନ୍ଦେଁ ଶିଖର
ଘାତକ୍ରି ହିନ୍ଦୁ ସମାଜେ,
ଲକ୍ଷ୍ମୀ ବରଦ୍ଧନା ଦ୍ୱାରିଦ୍ୱାର ପୂଜା
ପାଉଛନ୍ତି କେଉଁ ଲାଜେ ?

ହିନ୍ଦୁ-ଶାସ୍ତ୍ରବିଧି କେଉଁ ହିନ୍ଦୁ କୁଳ
ପୁରାଣ ସ୍ମୃତି ସଂହିତା
ଭଗବତ ଆଦି 'ଧର୍ମଶାସ୍ତ୍ର' ଯଦି
ଆଣି ଥାନ୍ତେ ତବ ଗୀତା !

ଲୁପ୍ତ ଶତାନନ ବନ୍ଧୁ ଧୂଳୀତଳ
କେତେକ୍ଷେ ମୋ' ଯନ୍ତ୍ରଣା-ଧାର,
ସେ' ସନ୍ତାନଗଣ ଯା' କୂଳେ ପୂଜନା
ସୁଖଦେ ପାଉଛନ୍ତି ମାର !

ମୁଖ୍ୟପ୍ରାଣ-ଗଣ ଯେଉଁ ବା' ଦେବତା
ହୋଇଛନ୍ତି ଯନ୍ତ୍ରଣା ଆଜ,
ତବ ଦନ୍ତୀ ଚାହିଁ ପ୍ରାଣକୁ କଦାପି
ନ ଭୁଲିବ ସେମାନ ।

ହିନ୍ଦୁ ସମାଜର ପାପୀଙ୍କି ହାତର
କଟେଇବନ୍ତି ନରକ କୁଣ୍ଡେ,
ତାଙ୍କ ରକ୍ତ-ମାଂସ ଦେବନାଶ୍ରି ତୃଷ୍ଣ
ନର୍କକଣ୍ଟକର ଭୁଣ୍ଡେ ।

ଲୁପ୍ତ ମୂଳ-ଶେଷ ଶିଳା-ଭସ୍ମ ଆଜ
ସେ ଜନ୍ମଧାରୁ ଲାଗିଛି,

ହିନ୍ଦୁ ସ୍ଥାନ-ଚାପ ମଳୟ ହିମାଦ୍ରି
ମେଣ୍ଟିଥିବ ତାର କଣ୍ଠ !

ହେଉଁ କି ଦୁଷ୍କର୍ମ ସାଧିବାକୁ ଧର୍ମ-
ଧ୍ୱଜୀ ହିନ୍ଦୁ ସଙ୍କୁଚିତ ?
ସୁର-ଚଞ୍ଚଳରେ ସୁପ୍ତ ତାଳ ଦଳେ
ଦୋହଇଥାରେ ସ୍ୱାର୍ଥପ୍ରୀତ !

କ୍ରୂରଷଡ଼ଶୀଳ କୁଚକ୍ର କୁଟିଳ
କୁଳାଙ୍ଗାର ହିନ୍ଦୁ-ସନ୍ତ୍ର,
ନ ମେଣ୍ଟିବା ଯାଏ ଏ ଦେଶ ନ ପାଏ
ଶାନ୍ତିମୟୀ-ସ୍ୱାଧୀନତା !

ସିଦ୍ଧି ଲକ୍ଷ୍ୟ ତବ ନଥିଲୁ ତ' ଦେବ
ଚାହିଁବ ପଦ-ଆସନ,
ସନ୍ତାନଙ୍କ ବେଗ ଭଙ୍ଗ ହିଂସ୍ର ବେଗ
ରକତଶୋଷୀ ଶାସନ !

ନଥିଲୁ ଦେହବାକୁ ତ' ଦେହି ଦେବାକୁ
ମିନୁଆ-ଧର୍ମାବତାର,
ହିବାର ଅଛିଲୁ— କାହାର ଉତ୍କଳ
କୃଷ୍ଣଙ୍କ ଦଣ୍ଡିଦାର !

ବଂଶବାହୁ, ଚେଙ୍ଗିଶ କଂଧାରେ ପେଗସି-
ବାର୍, ଅଲେକଜାଣ୍ଡର,
କି ଥିଲେ କି ହେଲେ କି ରଖି କି ନେଲେ
ଏ ଅଖିଳ ବ୍ରହ୍ମାଣ୍ଡର ?

ଆଧ୍ୟାତ୍ମିକ-ସୃଷ୍ଟି ପାଉଥିବାରୁ ଦୃଷ୍ଟି
ସେମାନଙ୍କ ଇତିହାସେ,
ଆଜିଷ୍ଣୁ ତପୋନିଧି, ମଣିଥିଲେ ବ୍ୟାସ୍ତ
ଶ୍ୱେତାଙ୍ଗନର-ବିଳାସେ !

କୋଟି କୋଟି ଦୁଃଖ— ମଥିତ ଆତ୍ମାର
ଚିରବ୍ୟଥା ସଞ୍ଚାଳିଛ ଆଜି,
ନଥିବାରୁ ମନେ କରମୀ ବା ରଚନେ
ପିଶାଚର ଛାୟା ବାଜି ।

ସଙ୍କଳ୍ପ ସୁସ୍ଥିର ଶିଳ୍ପେ ଚତୁର
(୧) ସୌମ୍ୟବ୍ରତ ମହାଶୀଳ,
ଆତ୍ମନିର୍ଭରତା ନିଃସ୍ୱାର୍ଥପରତା
ପ୍ରଦର୍ଶନେ ସାର୍ଥ ଥିଲ ।

ଦୁଷ୍ଟ ଦୁଃଶାସନ ଧର୍ମ-ଧ୍ୱଂସନ-
ପ୍ରଚେଷ୍ଟାର ଆକ୍ଷେପଣ,
ନରନାରୀ-ରାଜି ଦୃଷ୍ଟ, ନ୍ୟାୟପଥେ
ଶାନ୍ତ-ଦୃଢ଼ ଥିଲ ଚିତ୍ତ ।

ଧର୍ମ-ବିଦ୍ବେଷିତା ଭକ୍ତି-ଧାର୍ମିକତା
ସମ୍ଭ୍ରାନ୍ତନେ ଉତ୍ପାଦନ,
ସ୍ୱଦେଶ ବର୍ତ୍ତନ ଆତ୍ମ-ସଙ୍କୋଚନେ
ଥିଲ ସଦା ସମନ୍ୱିତ ।

(୨)ଅକ୍ଷୁଣ୍ଣପାଦର ଦୁଃଖ ତୋରେ ଧର୍ମପଦ
ପ୍ରେମ ତରଙ୍ଗ ଦୃଷ୍ଟି,
ଅମୃତ ମାଧୁରୀ ପ୍ରିୟତମଙ୍କ ଶିର
ଢାଳିଥିଲ ସ୍ୱର୍ଗସୃଷ୍ଟି ।

ଥିଲ ଚିରଦୁଃଖ- କାତର, ନିରେଖ
ନିରକ୍ଷରଙ୍କର ବନ୍ଧୁ,

(୧) ମହାଶୀଳ—ସହଦେବ, ପଞ୍ଚପାଣ୍ଡବ ।
(୨) ଧର୍ମପଦ—ପ୍ରବାଦମଧ୍ୟ ସ୍ଥପତିଙ୍କର ଦ୍ୱାଦଶ ବର୍ଷ ବୟସ୍କ ଶିଶୁ ସୁବିଖ୍ୟାତ କୋଣାର୍କ ମନ୍ଦିରର ଚୂଡ଼ାନିର୍ମାଣକର୍ତ୍ତା ।

(୧)ଉତ୍କଳେ ସେମନ          ଉତ୍କଳ ନନ୍ଦନ-
ମଣି ମଧୁ ଗୋପବନ୍ଧୁ ।

ଦସ୍ୟୁରେ ଜାମୁତ-—          ବାତନ ଭ୍ରମନ୍ତ
ଧୈର୍ଯ୍ୟଚୁରଣେ ସ୍ତମ୍ଭକୃତ,
କ୍ଷମାଦାନେ ଯୀଶୁ          ପାଳନରେ ଶିଶୁ
ଥିଲନ୍ତି ସେ ପୂଜ୍ୟପାଦ !

ଶାନ୍ତିଜ୍ଞାନେ ବ୍ୟାସ          ଧାବନେ ଅନ୍ତସ୍ପୃଷ
ରାଜନୀତିରେ ଅଶୋକ,
ଥିଲ ଅଭିଧାନ          ସେବାକୁ ସତତ
ତ୍ରାଣନିଜ ଶିଖାଇଲେ କି ।

ସିନ୍ଧୁ-ଅଶ୍ରୁମୁଖୀ          ସ୍ରୋତସ୍ୱିନୀ ସେହି
ନା' ଗଙ୍ଗା ଲଭି ସ୍ପର୍ଶରେ,
ସେହି ଅହିଂସା, ଶିକ୍ଷା—          ସାଧନାର ବାଧ
ଶିଖାଇଲ ଅହିଂସାରେ ।

ଆହ୍ଲାଦ-ପ୍ରତ୍ୟାଶୀ          ବୋଲି ସତ୍ୟ ଶଶୀ
ଜଗତରେ ଆହ୍ଲାଦ ପ୍ରୀତି,
ପ୍ରେମ-ସୁଧା ଢାଳି          ଆଜୀବନ ଯାକ
ଗାଇଲ ସେ ମହାଗୀତ ।

ପତିତପାବନ          ଦେବତା ଦେବନ
ନ ମାନନ୍ତି ଅସ୍ପୃଶ୍ୟତା,
ସେହି ସେ ମହାତ୍ମା          ମାନବେ ଦେବତ୍ୱ
ଦେଖାଇଲ ସେହି ଦେବତା !

(୨)ହିନ୍ଦୁ-ମାହମ୍ମଦ          ପର ଭ୍ରାତୃଭେଦ
(୩)ନ ଥିଲା ଧର୍ମଭୂବନେ,

(୧) ମଧୁ—ଉତ୍କଳପୂଜ୍ୟ ବାରିଷ୍ଟର ମଧୁସୂଦନ ଦାସ । ଉତ୍କଳମଣି—ଗୋପବନ୍ଧୁ ଦାସ ।
(୨) ମାହମ୍ମଦ—ମହମ୍ମଦ ଧର୍ମାବଲମ୍ବୀ; ମୁସଲମାନ । (୩) ଧର୍ମଭୂବନ—ଭାରତବର୍ଷ ।

ମାନବ-ବାନ୍ଧବ- ଧର୍ମୀ 'ଦେବାତ୍ମର'
ଦେବତାଙ୍କର ସୃଷ୍ଟବନ ।

ଆଳସ୍ୟ-ସ୍ୱପନ ଘେରେ ଦେଖି ଦେଶ
ଦେହ ପରାଧୀନାଘୂର୍ଣ୍ଣ,
ଚର୍ମ-ଚକ୍ଷୁ ଧନ୍ୟ ଖବସ-ଶବଣ
ଜାଳି ଯେଉଁ ଜଳ ଘୃଣି ।

ଜୁଗି ନ ପାରେ ବ୍ୟପଗ୍ର ମାନବ
ଗଢ଼ିଅଛୁ ଭବେ ଭୀଣା,
ବାସ୍ତବ ଅଳକ କି ଅଛି ଦେ ନବଢ
ଜାଳ ଉଦ୍ଧ-ଘାତ୍ ଗଣା ?

ଅନ୍ଧି-ବିନ୍ଧ୍ୟ-ଘ୍ରାଣ ମାନିବ ଜୀବନ
ଅୁବିଣାର୍ଯ୍ୟୁଁ ଯେଁ ଯିବ ଗଡ଼ି,
ଟିଣ୍ଡ ଚାଁତାମ୍ବର ଶୀତ ସ୍ତୁତାଦର
ଦେହେଦିଲୁ ଚେଳିଙ୍କ ଭଣି ।

ହିମାଚଳଠାରୁ ସୀମାତଳ ସ୍ଥନ୍ତ
କୁମାରିକା ପାଏ ଦାଉ,
ପ୍ରାନ୍ତେକ ଧାର ଭଦେଶୀଙ୍କ ମନ-
ତୋଷଣ ଦ୍ୟ ବମକାର ।

ବନ୍ଦୁ ନତାମୁଁ ଉନ୍ନରେ ଅନ୍ତୁଙ୍ଗ
ଦେଁ ଭାରତର କୋହିନୁର,
(୧) ଧନଦା, ଜ୍ଞାନଦା ମଣ୍ଡିଲ ସଦା
ମେଁ ଦେଶ-ଜନନ ଶିର ।

(୨) ଆଜି ଦେଁ ଭୂଷ୍ଣୁଲା ଦୁର୍ଜଳା ସୁଫଳା
ଶସ୍ୟଶ୍ୟାମଳା ଦେଶର,

(୧) ଧନଦା—ଲକ୍ଷ୍ମୀ । ଜ୍ଞାନଦା—ସରସ୍ୱତୀ ।
(୨) ଭୂଜଳା—ଉତ୍ତଳ ।

ଦୁଷ୍କର୍ମ ସନ୍ତତ ଗଣାଙ୍କ ଦୁର୍ଗତି
ସୀମା ଲଙ୍ଘିଛନ୍ତି ବେଶ ଭଲ !

ଶାନ୍ତ କରିବ ଯାହା ଏ ଦୁଃଖ-ତାପ
ସୁଖଶାନ୍ତି ସୁଶସ୍ୟ ଫଳ,
ସୁଧା ନିସ୍ରବଣେ ଥାଇ ଆଜି ପ୍ରାଣେ
ଯାଚୁଛି ଆଜି ଗରଳ ।

ଭିକ୍ଷିଆ ଯାଇ ଦେଖିବେ କଲ୍ ନାହିଁ
ପେଟବୃତ୍ତିର ଯାତନା,
ନୈତିକ-ଶାସନ ବାଣିଜ୍ୟ ସୁଗଠନ
କର୍ତ୍ତବ୍ୟ ନାହିଁ ଚେତନା !

ଦେଶ-ଅନୁଶାସ୍ତ ଅବା ଆତ୍ମ ଶାପ
ଚଳୁନାହିଁ ଏବେ ଜଣା,
କଳିଯୁଗେ ମଗ୍ନ ନ ଯାଉଛ ବନ୍ଧୁ
ଅଦୃଷ୍ଟ-ପ୍ରତାରଣା !

କନକ ଭଳି କି ଅବା କେଉଁ ଚିଜ
ଲଭିନାହିଁ ଏ ଭାରତ ?
ତେବେ ମୁଖା ଛି ଛି ଦେବାକୁ ପଳାନ୍ତି
ଟଙ୍କାର୍ଥିନେ ସେବାବ୍ରତ ।

(୧) ଟଙ୍କାକୃତ ତରୁ— ତସ୍ଥ ଲଗି ଯାଉ
ଦୁଃଖେ ଯତନ ସମାନ,
ଥିଲେହେଁ ସେ ସବୁ ଏବେ ଆଜି ବାବୁ-
ମାନଙ୍କୁ ଟଙ୍କାଠୁଁ ସାନ ।

---

(୧) ଟଙ୍କାକୃତ ପ୍ରବନ୍ଧ—ଟଙ୍କାର ଗୋଲ୍ ଆକାର ଧାରଣ କରିଥିବା ତରମା । ଏହାର ତାତ୍ପର୍ଯ୍ୟ ଏହି ଯେ, ତରମା ଗାଛମାନଙ୍କର ଶ୍ରେଷ୍ଠବନ୍ଧୁଗୁଡ଼ିକ ମଧ୍ୟ ନିଜେ ଦୁଃଖରେ ଓ ବଡ଼ ବଡ଼ ହୋଇଥାଏ; କିନ୍ତୁ ଆଜି ଅଧିକାଂଶ ତରମା-ଆଁଠିଆ ବାବୁମାନଙ୍କ ଦୃଷ୍ଟିରେ ଅନ୍ୟର ଦୁଃଖ, ଅସୁବିଧା ଓ ନିଜର ଦୋଷ-ଦୁର୍ବଳତା ସବୁ ଭୁଲ୍ ଗଲାପରି ହୋଇ ଥିଲେ ମଧ୍ୟ ସେ ସବୁ ଟଙ୍କାଠାରୁ ଛୋଟ ଦେଖା ଯାଉଛି ।

କଳ୍ପତରୁ ତଳେ ବସି କ୍ଷୁଧାନଳେ
ଦୋହଲୁଛୁ ଶିଶୁ-ମାଙ୍କ ଘ,
ଖାଇ ଜନ୍ମୁଥିବା କି ବାହାଦୁରି ବା
ଦେଖୁଁ ଯାଉ ମନୁଷ !

ବିଦ୍ୱାନଙ୍କ ସ୍ୱାତନ୍ତ୍ର୍ୟ ଶାସ୍ତ୍ର-ସେବାକାର୍ଯ୍ୟେ
ଦେଇଛି ଲୁଚିଛି ବଣ୍ଟି ଘାନି,
ପଦ-ଅନୁମାନ ଦେଖାଇବା ଆଜି
ଜ୍ଞାନ ଦିନା ଅପମାନ !

ଦେଶୀ ବାବୁମାନେ ବେଶୀ ଅଳ୍ପମାନେ
ଦେଶଦେଶୀ ଦେଶ ରାଜି,
ବିଦେଶ-ଶାସ୍ତ୍ରର ତେଜିଁ କେଉଁ ନାଚ
ଦେଖାଉଛନ୍ତି ଆଜି ।

ଶାସନ ଯନ୍ତ୍ରରେ ଶୁଣିଲି ସେତେ ଆଗେ
କୃଷ୍ଟିଜନର କୁଞ୍ଚନୀ,
ସେମାନେ ଶ୍ରୀ ଅଙ୍ଗ ରାଜମାନ ସେହି
ପିଟନ୍ତି ଝାଞ୍ଜ ଖଞ୍ଜଣି ।

ଖଲୁ ଖାଇ ତଳୁ ତା' ଗଡ଼ାଇ ଜାଡ଼ି
ସମସ୍ତେ ରଚିଲେ ପନ୍ଥ,
ଖାଇ ଭୁଲିଗଲା ଅବା ସତେ ଥିବା
କି ଶାସ୍ତ୍ରର ଏଥି ଅଛି ?

ଜାତିର ଭଲ ପାଇଁ ନାହିଁ ଗୀତା ଆଜି
ମାତ୍ର ତାର କୃଷ୍ଣଙ୍କ,
ବଢ଼ି ଦୁଇଗୁଣେ ମାସରେ ଗୁଣେ
ଗୋରୁଙ୍କୁ ଭଲ୍ଲ ଣ ।

ଯେ ଦେଶରେ ଏ ଦେଶୁଁ ଦିଗାନ୍ତର ଚନ୍ଦ୍ର-
ସୂର୍ଯ୍ୟାଙ୍କି ଲଙ୍ଘିଲେ;

(୧)ଅତ୍ୟାବୃଷ୍ଟ ଖଳ- ସତ୍ୟାଗ୍ରହୀ ଦଳ
ଯେ ଦୋଷେ ସେ' ନେତା ଆଜ !

ମନ୍ତ୍ରୀ ସଭ୍ୟଙ୍କର ସାଧନା ଦୁଷ୍କର
ଯା' ଘରେ ସେତିକ ଫଳେ;
ସେଠା ପୁରସ୍କାର ତୋଷା କାରବାର
ଲୁଣ୍ଠ ଭଣ୍ଡାରର ତଳେ !

ପ୍ରଜାଦୁଃଖ ଗାଇ ପ୍ରଜା-ଶ୍ରୋତ ଟାଇ
ନେତେଶର ଆଜି ସେମାନେ
ଶାନ୍ତି-ବିଧ୍ୱଂସକ, ପ୍ରଜା-ଅହିତକ
ବାଜୁନାହିଁ ତାଙ୍କ କାନେ !

ଅର୍ଥ, ଅଧିକାର, ପଦ, ଅହଙ୍କାର
କ୍ଷମତା ଯେଉଁ ସା'ଙ୍କର,
ତାଙ୍କ ପକ୍ଷେ ଧର୍ମ କର୍ତ୍ତବ୍ୟ-କର୍ମ
ଖୋଜିବାକୁ କାହିଁ ଡର ?

ଗ୍ରାମେ ଶାନ୍ତି ଦିଆ ପ୍ରଜ୍ଞ ଗଢ଼ିଆ
ବଟିଛନ୍ତି ଶାନ୍ତ ଘନ,
ସାମାନ୍ୟ ତ୍ରୁଟିରେ ଦୁର୍ବଳ ଭଙ୍ଗିରେ
ଫାଶି ଦେବାକୁ ଯେ' ସମ ।

ଆଜି ପ୍ରତି ଗ୍ରାମେ ଦଳାଦଳି ନାମେ
ଲାଗିଛନ୍ତି ଦଳ ଦଳ,
ନରାଗ ନରକ ନାଗରିକ-ପ୍ରାଣ
କରିବାକୁ ଢଳଢଳ ।

(୧) ଅତ୍ୟାବୃଷ୍ଟ—ଗୁଣ୍ଡା, ବଦମାସ । ଖଳ-ସତ୍ୟାଗ୍ରହୀ—ଯେଉଁମାନେ ଗଡ଼ଜାତର ପ୍ରଜାଙ୍କୁ କ୍ଷଣିକ ଉତ୍ତେଜନାରେ କମ୍ପା ଭବିଷ୍ୟତ୍ ସ୍ୱାର୍ଥସାଧନ ଉଦ୍ଦେଶ୍ୟରେ ସାମୟିକ ସତ୍ୟାଗ୍ରହରେ ଯୋଗ ଦେଖାଇଛନ୍ତି ।

ଦେଖ, କେତେ ପ୍ରାଣ     ଭବ ସୁଖ ଦାନେ
ଥିଲେ ଦେଲେ ଅର୍ପି ଜୀବ,
ଏ ସର୍ବ ଖଣ୍ଡନେ     ଥାଇ ଜଗ ମିତ୍ର
ଶତ୍ରୁମିତ୍ର ସମଭାବ ।

ସୁଜନ୍ମ ଦାସନ୍ତ     କଣକାର ପାଳ
ଦେଇଥାନ୍ତି ନିଜ ପ୍ରାଣ,
ନାସ୍ତିକଙ୍କ ମୁଖ     ଚଡେକଣ ତ ଥାଏ
ନସ୍ତ୍ରାସ୍ତିକତା ଦେଖାନ୍ତି ।

ପ୍ରେମରାଜ୍ୟ ପାଳେ     ପ୍ରକାଶିଲେ, ସ୍ୱୀୟ
ଧର୍ମ ସେ କରନ୍ତି ରକ୍ଷା,
ଆତ୍ମରକ୍ଷା ପାଇଁ     ଦୁଃଖ ଦେବାର
ନୋହୁ ଅଟିବା ଦୁଷ୍କର ।

ପ୍ରାଣୀ-ବାତ୍ସଲ୍ୟତା     କେତେଥିଲା ଜଗତେ
ମାତୃଙ୍କୁ ମା ବୋଲିବା,
ଅନ୍ୟ ମିତ୍ରଙ୍କ     ଦୁଃଖ ଲୁଚି ଲିଭୁ
ଦେଖାନ୍ତି ସନ୍ତାପ ।

ଦେହି ଅର୍ପି ଜୀବ     ଧର୍ମୀଙ୍କ ପାଇଁ
ଧର୍ମ ର ରକ୍ଷ ଦେବ,
ଆନନ୍ଦ, ଉଲ୍ଲାସ     ଅଙ୍ଗି ନେଉଥିଲେ
ରକ୍ଷଣର ଉପଭୋଗ ।

ଜଗତ ଜନନୀ     ଧର୍ମ-ମୂଳ ଆଜ
ସର୍ବନ୍ଦ୍ରିୟ ଜାଣେ,
ନିତ୍ୟ-ଜଗତର     ପଦାର୍ଥର ଗତି
ଦେଖ କେବେ ଧର୍ମ ନାଶେ ।

ଜଗତ୍ ଶ୍ରେଷ୍ଠ ଶିଳ୍ପ—     ସୃଷ୍ଟି ଉପାଦାନ
ଜଣା ଧର୍ମସ୍ଥାନ ଦେଖ,

ଆଜି ଗଣ୍ୟମାନ୍ୟ ଜନପ୍ରିୟ ଧନ୍ୟ
ହେବାକୁ ବ୍ୟସ୍ତ ଅନେକେ ।

ସ୍ୱବଶର ସତ୍ତ- ବେଶ କି ପ୍ରକୃତି
ଗୁଣ କରିପାରେ ଭିନ୍ନ ?
(୧)ଫୁଲାଫୋକ ମୋତି- ମାଣିକ୍ୟର ଜ୍ୟୋତି
ରଖିପାରେ କେତେ ଦିନ ?

କାଲି ଯେଉଁ ଶଙ୍ଖ ଅଙ୍ଗ-ଶତ୍ରୁଣ୍ଡି
ଆଣୁଥିଲା ଘୃଣ୍ୟ ମୂଦେ,
ଆଜି ସେ ଶବ୍ଦ ବାନା ଦର୍ପ-ଗାନ୍ତ
ଖୋଳେ କେତେକଙ୍କ ହୃଦେ !

ନ ମାନ୍ତି ଲଜ ସେ ମଧ୍ୟରୁ ଆଜ
ଅନେକେ "ହା ବାପୁ !" ବୋଲି,
ଗଡ଼ନ୍ତି ଚନ୍ଦନେ ଅଶ୍ରୁ ପ୍ରଦର୍ଶନେ
(୨) ନେଉଳୁତେ ଛେପ ବୋଳି !

ହୃଦେ କି ଗୌରବ ? -ବାପୁ, ଯେତେବ ତବ
ଦାୟାଦ-ଦାୟିତ୍ୱ ଏହା,
ଏମାନେ ଯଦ୍ୟପି 'ସୁପୁତ୍ର' ହେବ ଗଣି
କେ' ଆଜ ପିତୃ-ଦୋରେହା ?

ସ୍ୱାଧୀନତା ଅର୍ଥ ହୁଇଲ ତ' ସ୍ୱାର୍ଥ-
ଜଡ଼ିତ ସ୍ୱେଚ୍ଛାଚାରିତା,
କର୍ତ୍ତବ୍ୟ-ସାଧନା ଅଧିକାର ଘିନା
ଅଣିଛୁ ହେ ରାଷ୍ଟ୍ରପିତା !

(୧) ପ୍ରଜାପତି ପତଙ୍ଗର ଦ୍ୱିତୀୟ ଅବସ୍ଥା । ଏହାର ସଂସ୍କୃତ ନାମ "କଣଭ" । ସମ୍ବଲପୁର ଅଞ୍ଚଳରେ ପ୍ରାୟ ଅଧିକାଂଶ ଲୋକ ଏହାକୁ "ଫୁଲାଫୋକ" କହନ୍ତି ।
(୨) ସେମାନଙ୍କ କାନ୍ଦଣାରେ ପ୍ରାଣ-ବ୍ୟାକୁଳତା କିଛି ନାହିଁ, ଅଥଚ ଧର୍ମଧ୍ୱଜମାନଙ୍କ ଛଳ-କନ୍ଦନ ପ୍ରତି ଏହି ବ୍ୟଙ୍ଗୋକ୍ତି ପ୍ରଯୁକ୍ତ ।

ସତ୍ୟ ସ୍ୱାଧୀନତା ଅହିଂସା ଏକତା
ତବ ପ୍ରେମ, ମୈତ୍ରୀ, ତ୍ୟାଗ,
ଉଜ୍ଜ୍ୱଳ କରୁ ଭୁବ-ସାମ୍ରାଜ୍ୟର
ଏକ ଏକ ମହାଯାଗ ।

ପୂର୍ବେ ଯା' ଭାରତ— ଦେବତାଙ୍କ ଆଦର୍ଶ
ମୋହିନୀ ଦେଲେ ଅମୃତ,
ନୀଳକଣ୍ଠ-ଗଳ ଢାଳିଲା ଗରଳ
ଭୁଞ୍ଜିଲେ ଦିତିଙ୍କ ସୁତ ।

ପୁଣି ସେ ଅମୃତ ଛଡ଼ାଇଲେ ଦୈତ୍ୟ
ଲୁଟିଣ ଦେବଙ୍କ ବଦନୁ,
ଖାଦ୍ୟ-ମିଶ୍ର-କୂଟ ଲୁଟେ କାଳକୂଟ
ଝରିଲେ ଦୈତ୍ୟ ବଦନୁ !

ସତ୍ୟର ମାହାତ୍ମ୍ୟ ମନର୍ତ୍ତ୍ୟ ସେ କରଣ
ଜାଣନ୍ତି ସେମାନ ଦେବତା,
ମିଥ୍ୟାବାଦୀ ଦାନ- ଦାତାଙ୍କୁ ଦାସଣ
ଦୋଳିବାର ଅସାରତା ।

ତୁମ୍ଭେ ଯ' ମୋହନ, କଳିର ବଣ୍ଟନ
ପ୍ରେମ-ମଧୁ, ସତ୍ୟ-ସୁଧା,
ତଥାପି କେତେକ ସ୍ୱାର୍ଥପ୍ରାର୍ଥୀଙ୍କ
ନ ମେଣ୍ଟିଲା ପାପ-କ୍ଷୁଧା ।

ସେ ପାପ-ବାସନା ଦେଖିବାକୁ ଦିନା
ତବ ମାନସ ଚକ୍ଷୁ—
ଗର୍ଜ୍ୟର ସଭାର କହୁଥିଲ ନିତ୍ୟ
ସମରଜ୍ୟ-ପୁଣ୍ୟବାଣ ।

ଏ କାଳିକ ତୁମ୍ଭକୁ ସହିତେ ନେବାକୁ
ବାସବ ହେଉଛି ଉଦ୍ୟତ,

ସ୍ୱାଗତ ସଙ୍କେତ ରୂପେ ପାରିଜାତ
ଫିଟିଦେଲେ ତବ ବକ୍ଷେ ।

ମର୍ତ୍ତ୍ୟ-ମନ୍ଦାନିଳ ଲଭି ଦିବ୍ୟ ଫୁଲ
ମଉଳିଲା ଝରି ଝରି,
ମାନବ ଆଖିକୁ ଦେଖାଇଲା ଭୁଲ
ରଜତ ଝରିଲା ତରି ।

ହସହସ ମୁଖେ ଗୁଳି ନିଜ ବକ୍ଷେ
ଧୀରେ ଉଚ୍ଚାରି—ହେ ରାମ,
ମର୍ତ୍ତ୍ୟଦେହ ମର୍ତ୍ତ୍ୟେ ଦେଇ ଦିବ୍ୟରଥେ
ଗୃହିଲ ଦିବ୍ୟଧାମ ।

'ରାମ-ଭଜନା'ରେ

# ଗାନ୍ଧିଜୀଙ୍କ ନିର୍ଦ୍ଦେଶ

(ଶ୍ରୀରମପ୍ରସନ୍ନ-ଜେନା-ଜୀବବନ୍ଧୁ—କୃତ)

(୧)

ଅଜ୍ଞାନ ବାତୁଳ ଘରବନକୁ ଭୁଲି
ମାୟା-ଜାଲେ ହେଲୁ ବନ୍ଦୀ,
ସାରଶୂନ୍ୟ ଧନ ଆଶାର ବନ୍ଧନ
ଦେଇଛି ତୋ' ହାତ ଛନ୍ଦି;
ମୂଢ଼ମନ, ମୁଖେ ରାମନାମ ଭଜ,
କାହିଁ ତୋ ମୁକତି ? ଶତ୍ରୁଙ୍କ ପୀରତି
ରସେ ରହିଛୁ ନିମଜ୍ଜି—ମୂଢ଼ମନ !

(୨)

ଏକଚକ୍ରୀବ୍ରତ ଠେକକୁ ପତିତ
ଟଙ୍କା ଥିବାରୁ ସେ ମାଥେ,

କାମାତୁର ଲଙ୍କା— ବନ୍ଦିତାକୁ ସଜା
ଦିଆଇଲେ ଯାଉଥାଉଛ;
ମୂଢ଼ମନ, ମୁଖେ ରାମନାମ ଭଜ,
ରୂପବଶ ସଙ୍ଗ- ସୁବର୍ଣ୍ଣ-ସାଗର
ପ୍ରେମେ ନଦଅନ୍ତୁ ତ' ଗଞ୍ଜି—ମୂଢ଼ମନ !

(୩)

ବନାଦୋଷେ ଦସ୍ୟୁ ସର୍ବ୍ୱ ଦରଶୁ-
ରାମ ତାହାଙ୍କୁ ଉତାଳି,
ଦେଲେ ନିଜା ଗାଳି ସେ ପ୍ରଭୁ ସମ୍ଭାଳି
ନେଲେ ପ୍ରଭୁ କ୍ରୋଧ ଟାଳି;
ମୂଢ଼ମନ, ମୁଖେ ରାମନାମ ଭଜ,
ଦୋଷଦର୍ଶୀ ଭୁଣ୍ଡ ଫିଟାଇଲେ ମୁଣ୍ଡ
ନେବାକୁ ଉଠେ ଉରଜ—ମୂଢ଼ମନ !

(୪)

କୁମାତାନନ୍ଦନ ଭରତେ ରାଜ୍ୟ ଧନ
ସମର୍ପିଲେ ତେଜି ଲୋଭ,
ତ୍ୟାଗବାର ବେଶେ ପଶିଲେ ବନେ ସେ'
ନ ଆଣି ମାନସେ କ୍ଷୋଭ;
ମୂଢ଼ମନ, ମୁଖେ ରାମନାମ ଭଜ,
ଯାଇ ସ୍ଥାନେ କ୍ଲେଶ ଦେଇ ମିଥ୍ୟା ଦୋଷ
ପାଉଛୁ କେତେ ହରଷ—ମୂଢ଼ମନ !

(୫)

ଯେଉଁ ସୀତା ଲାଗି ଶିବଧନୁ ଭାଙ୍ଗି
ନାଶିଲେ ଦୁଷ୍ଟ ରାବଣେ,
ଲୋକନିନ୍ଦା ଶୁଣି ତେଜିଲେ ସେ ଗୁଣୀ
ଗର୍ଭିଣୀ ସୀତାଙ୍କୁ ବନେ;
ମୂଢ଼ମନ, ମୁଖେ ରାମନାମ ଭଜ,

ଶର ଦୁହେଁ କାନ୍ଧା         ତଥାପି ତୁ' ମାୟା-
ମୋହେ ତ' ଯାଉଛୁ ବନ୍ଧ—ମୂଢ଼ମନ !

(୬)

ରାଜ ଅଭିମାନ         ବଂଶର ସମ୍ମାନ
ଭୁଲିଯାଇ ସେ' ନରଶ,
ଗୁହକ ଶବର—         କପି ସୁଗ୍ରୀବର
ବନ୍ଧୁ ହେଲେ ନରବର;
ମୂଢ଼ମନ, ମୁଖେ ରାମନାମ ଭଜ,
(୧)ଛାଡ଼ ଆଡ଼ମ୍ବର         ସମାଜ-ଡମ୍ବର
ଆଉରି କିସ ବଡ଼ିମ—ମୂଢ଼ମନ ?

(୭)

ଭ୍ରାତୃଦ୍ୱେଷୀ ବାଳି-         ଧ୍ୱଂସ ହେଲେ କାଳ
ମଇତ୍ରୀ ପ୍ରେମ ସୂତ୍ରରେ,
ନ ହୋଇ ମଧ୍ୟସ୍ଥ         ସେ' ହେମନଗସ୍ଥ
ଅରପିଲେ ବନ୍ଧୁଜନେ;
ମୂଢ଼ମନ, ମୁଖେ ରାମନାମ ଭଜ,
ପରଶ୍ରୀକାତର-         ପ୍ରାଣେଣ ନିରନ୍ତର
ଶୁଣୁଛୁ କଲହପଙ୍କ୍ତି—ମୂଢ଼ମନ !

(୮)

ଗୁଣଗ୍ରାହୀ ଭବ—         ତାହାଙ୍କ ସ୍ୱଭାବ
ଥିଲା ମହତ ଉଦାର,
ରସିହେଲେ ଚିର         ଧନ ଗୁଣ୍ଠିତର
ଦେହେ କରୁଣ୍ଠା ଗାର;
ମୂଢ଼ମନ, ମୁଖେ ରାମନାମ ଭଜ,
କେତେ ଗୁଣୀଙ୍କର         ହୃଦରେ ତୋ କର
ଦେଇଛୁ ଦୂରେଖା ରଂଗ—ମୂଢ଼ମନ ।

(୧) ସମାଜ-ଡମ୍ବର—ବ୍ରାହ୍ମଣ କରଣାଦି ଜାତିଭେଦ, ହିନ୍ଦୁ ମୁସଲମାନାଦି ସାମ୍ପ୍ରଦାୟିକ ଭେଦ, ସେବ୍ୟ-ସେବକାଦି ବ୍ୟକ୍ତିଗତ ଭେଦ ।

(୯)

ଶାପେ ହୋଇଥିଲା ଅହଲ୍ୟା, ମିଥିଳ-
ପଥରେ ପତିତ ଶିଳା,
ଯା' ପଦ ପରଶେ କନ୍ୟା-ଆଦରଶେ
ହେଲା ସେ ସତୀ ସୁଶୀଳା;
ମୂଢ଼ମନ, ମୁଖେ ରାମନାମ ଭଜ,
ସଞ୍ଚ ସ୍ୱାର୍ଥୀ ପ୍ରାଣ କରୁ ତୁ' ପାଷାଣ
ହେଉ କାହିଁ ଧର୍ମଧ୍ୱଜା—ମୂଢ଼ମନ !

(୧୦)

ଷଡ଼ରିପୁଜୟୀ ଉଦାର ହୃଦୟୀ!
ରାମଙ୍କ ଗୁଣ ସ୍ୱଭାବ
କରଣୀୟ କର୍ମେ ତୋ ସମାଜଧର୍ମେ
କି ଶିକ୍ଷା ଅଛି ତା' ଭବ;
ମୂଢ଼ମନ, ମୁଖେ ରାମନାମ ଭଜ,
ଦେଖାଉ ତୁ' ଯାହା କି ସାଧନା ତାହା
ପାରିବୁ କରେ ସମଜି—ମୂଢ଼ମନ !

# ପଏର୍ଷ୍ଠା ସତୀ

# ଭୂମିକା

ଓଡ଼ିଶାରେ ଏ ଯାଏ ଆଞ୍ଚଳିକ ଭାଷାରେ ସ୍ୱତନ୍ତ୍ର ସାହିତ୍ୟ ସୃଷ୍ଟିର ପ୍ରୟାସ ହୋଇନାହିଁ । କିନ୍ତୁ ଏହି ବାବଦରେ ସେପରି ପ୍ରଚେଷ୍ଟା ଅସମୀଚୀନ ହେବାର କୌଣସି ବଳବତ୍ତର ପ୍ରମାଣ ନଥିଲା ପରି ମନେ ହୁଏ । ପାଶ୍ଚାତ୍ୟ ସାହିତ୍ୟ ଆଡ଼କୁ ସ୍ଥିର ଦୃଷ୍ଟି ନିକ୍ଷେପ କଲେ ଆମେ ସହଜରେ ଜାଣିପାରୁଁ ଯେ ସେହିଠି ପ୍ରାଦେଶିକ ବା ଆଞ୍ଚଳିକ ଭାଷାରେ ସାହିତ୍ୟ-ସୃଷ୍ଟି ବହୁ ଦିନରୁ ହୋଇଯାଉଛି ।

ଆୟର୍ଲାଣ୍ଡ, ସ୍କଟଲଣ୍ଡ ଓ ଇଂଲଣ୍ଡ ଏହି ତିନୋଟି ବ୍ରିଟିଶ ଦ୍ୱୀପପୁଞ୍ଜର ଅନ୍ତର୍ଗତ ହେଲେ ମଧ୍ୟ ଏମାନଙ୍କର ଭାଷା-ସାହିତ୍ୟ ସ୍ୱତନ୍ତ୍ର । ସେହିଭଳି ସମ୍ବଲପୁର ଓଡ଼ିଶାର ଅନ୍ତର୍ଭୁକ୍ତ ଥିଲେହେଁ ଏହାର ଭାଷାରେ ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ ବହୁତର ରହିଛି । ସେହି ଦିଗରୁ ସମ୍ବଲପୁରୀ ଭାଷା ସ୍ୱତନ୍ତ୍ର ଓ ମୌଳିକ-ସାହିତ୍ୟ ସୃଷ୍ଟି କରିବାର ଅପେକ୍ଷା ରଖେ ।

ସୁଖର ବିଷୟ, ଏହାଗରେ କବି ଖଗେଶ୍ୱର ସେଠଙ୍କ ପ୍ରୟାସ ପ୍ରଥମ ଓ ତାଙ୍କର ସେ ଭାଷାରେ ସାହିତ୍ୟ ସୃଷ୍ଟି କରିବାର ଦଖଲ ଅଛି ବୋଲି ମନେ ହୁଏ । କାହିଁକି ନା ସେ ଓଡ଼ିଶାପ୍ରାନ୍ତ ସୀମାରେ ପଲ୍ଲୀର ପ୍ରାଣ ସହିତ ବିଜଡ଼ିତ ଓ ଅବାଧ ପଲ୍ଲୀର ନିଭୃତ କୋଣରେ ବାସ କରି ଆସିଅଛନ୍ତି । ସୁତରାଂ ପଲ୍ଲୀର ସୁଖ ଦୁଃଖ, ଆଶା ଆକାଂକ୍ଷା, ଆବେଗ ଉଚ୍ଛ୍ୱାସ ତଥା ବିରହ ମିଳନର ଚିତ୍ର ତାଙ୍କ ଲେଖନୀରେ ମୁଖର ଓ ଜୀବନ୍ତ ହୋଇଉଠିଛି । ସଂପ୍ରତି ସେଠ ମହୋଦୟଙ୍କ ପ୍ରଣୀତ 'ଯଏର୍ଲୀ-ଘଟ' ଏହି ଭାଷାରେ ଅଭିନବ ଓ ସର୍ବପ୍ରଥମ କାବ୍ୟ । ଏହାର ନାୟିକା, ବିଷୟବସ୍ତୁର ବାଛଣି ଓ ରଚନା-ଶୈଳୀ ତଥା ଆଲଂକାରିକ ଛଟା ଆନ ଓଡ଼ିଆ ସାହିତ୍ୟରେ ସମ୍ପୂର୍ଣ୍ଣ ନୂତନ । ଏଥିରେ ଗତାନୁଗତିକ ପନ୍ଥା ତ୍ୟାଗ କରି ଅଦେଶପମୂଳକ ନୂତନତ୍ୱ ଆରୋପ କରିଥିବାଦ୍ୱାରା ସମ୍ଭବତଃ କେତେକ ଖଇ ଲକ୍ଷଣୀଙ୍କ ମନୋଭାବ ଟିକିଏ ଭିନ୍ନାକାର ଧାରଣ କରିପାରେ । ତନ୍ନିମିତ୍ତ ସେମାନଙ୍କ

ମନୋଗତ ସମାଲୋଚନାର ଅବକାଶ ପ୍ରକାଶେ କଣ୍ଠରୁ ବହିଷ୍କୃତ କାରଣ ଲିପିବଦ୍ଧ କରିବାର ଆବଶ୍ୟକତା ଅପରିହାର୍ଯ୍ୟ ମନେକରୁଁ ।

ପୂର୍ବକାଳରେ ଶିକ୍ଷା ସଭ୍ୟତା ସମ୍ବନ୍ଧୀୟ ଗର୍ବ ଗୌରବର ତୁଳନାରେ ଆଜି ନବ ଭାରତର ଅବସ୍ଥା ଅତୀବ ଶୋଚନୀୟ; ଏହାର ନିବିଡ଼ କାରଣ ସ୍ୱଳ୍ପ ସାମ୍ପ୍ରଦାୟିକ ସଙ୍କୀର୍ଣ୍ଣ ମତଭେଦ, ମାତ୍ସର୍ଯ୍ୟ ଜନିତ ଭୀଷଣ ଭ୍ରାତୃ-ବିରୋଧ, ଅନ୍ତଃସାରଶୂନ୍ୟ ଜାତ୍ୟଭିମାନ ତଥା ଆତ୍ମକର୍ତ୍ତବ୍ୟ ଉଦାସୀନତା ପ୍ରଭୃତି ଅନେକ ଦୋଷ ଦୁର୍ବଳତା ଥିଲେ ସୁଦ୍ଧା ନାରୀଶିକ୍ଷାର ଅଭାବ ହେଉଛି ତନ୍ମଧ୍ୟରୁ ଗୋଟାଏ ପ୍ରଧାନ କାରଣ । ଯେହେତୁ ନାରୀଜାତି ହିଁ ଜଗତର ଆଦ୍ୟଶକ୍ତି, ଜଗଜ୍ଜନନୀ ଓ ଜଗଦ୍ଧାତ୍ରୀ । ଆଜି ଏହି ବିଶ୍ୱଜନନୀ ଦେବୀଙ୍କୁ ରକ୍ତଶୋଷିଣୀ ରାକ୍ଷସୀରୂପରେ ପରିଣତ କରିଛି କିଏ ? ଆମର ବିଶ୍ୱାସ, ଏହାର ସାଙ୍କେତିକ ଉତ୍ତର ପ୍ରଦାନରେ ଅଧିକାଂଶ ଚିନ୍ତାଶୀଳ ସୂକ୍ଷ୍ମଦର୍ଶୀ ବ୍ୟକ୍ତିଙ୍କର ଅଙ୍ଗୁଳି ନିର୍ଦ୍ଦେଶ ପଡ଼ିବ ନିଶ୍ଚୟ ପୁରୁଷ ଉପରେ । କିନ୍ତୁ ଆଜି ସେହି ପୁରୁଷ ହିଁ ନାରୀଜାଗରଣର ନାରା ଦିଅନ୍ତି ନଗରର ଗଳିଗଳିରେ—ପୁରପଲ୍ଲୀର କନ୍ଦରକନ୍ଦରେ । ଅବଶ୍ୟ ନାରୀର ଦୋଷ ଦୁର୍ବଳତା ଯେ ଆଦୌ ନାହିଁ—ଏହା ନୁହେଁ । ଆମର କହିବାର ତାତ୍ପର୍ଯ୍ୟ ହେଉଛି—ନାରୀର ଆଚରଣ ଭଲ ଥିଲେ ମଧ୍ୟ ତା'ର ଅନିଚ୍ଛାସତ୍ତ୍ୱେ ସ୍ଥାନବିଶେଷରେ ପୁରୁଷ ତାକୁ ନଷ୍ଟଭ୍ରଷ୍ଟ କରି ଦେଉଥିବାର ଘଟଣା ଓ ନାରୀର କଦର୍ଯ୍ୟ ମନୋବୃତ୍ତିକୁ ଆଶ୍ରୟ ପ୍ରଶ୍ରୟ ଦେଉଥିବାର ଭୂୟିଷ୍ଠ ପ୍ରମାଣ ପୁରୁଷଠାରେ ବହୁପରିମାଣରେ ମିଳେ । ସୁତରାଂ ଯାହାକୁ ବାସ୍ତବ ଶିକ୍ଷା ସଭ୍ୟତା ବୋଲିଯାଏ—ସେଭଳି ବାତାବରଣରେ ସାମାଜିକ ଜୀବନ ଗଢ଼ିବାକୁ ହେଲେ ନାରୀ-ଜାଗୃତି, ନାରୀ-ଶିକ୍ଷୋନ୍ନତି ଆନ୍ଦୋଳନରେ ନାରୀ ଅପେକ୍ଷା ପୁରୁଷର ଦାୟିତ୍ୱ ଓ ଗୁରୁତ୍ୱ ବେଶି ।

ଆଜି ଅଯଥା ଲୋକ-ଦେଖାଣିଆ ଛଳନାତ୍ମକ ମାନମର୍ଯ୍ୟାଦା ଓ ନାରୀଜାତିର କୁତ୍ସିତ ଚରିତ୍ର-ଚିତ୍ରକୁ ଘୋଡ଼ାଇ ରଖିବା ଉଦ୍ଦେଶ୍ୟରେ ସଭ୍ୟ ଯୁଗ ଚଳଚିତ୍ରର ଦୃଶ୍ୟ-ଦୃଶ୍ୟରେ ପର୍ଦ୍ଦା ପକାଇ ଦୁଷ୍ଟଚରିତ୍ରା ବ୍ୟଭିଚାରିଣୀ ସ୍ତ୍ରୀମହଲ ସମ୍ମୁଖରେ ସତୀ ସାଧ୍ୱୀ ସୀତା, ସାବିତ୍ରୀଙ୍କ ଆଦର୍ଶ ଯେ ଉପସ୍ଥାପିତ କରିବା ପ୍ରୟାସ ଯାହା, ଦୁର୍ଗନ୍ଧ ଦୂଷିତ ଦୁର୍ଗନ୍ଧମୟ ବ୍ରଣର ପଟିବନ୍ଧା ମୋଟା ମଇଳା କନା ଉପରେ ତାଜାର ମଲମ ପ୍ରଲେପର ବ୍ୟବସ୍ଥା ଠିକ୍ ସେହିପରି । ଅଥଚ ଉତ୍ତମ ଫଳପ୍ରାପ୍ତି ଆଶାରେ ସାଜବାଜନ

ମନକୁ ଯେପରି ଲୁଣ ବାଳୁଙ୍ଗାଦି ଉପାଦେୟ ତେଲ ଝୋଳକୁ ପ୍ରସ୍ତୁତ କରିବାକୁ ଲୋଡ଼ାଇଥାଏ, ତଦ୍ରୂପ ପ୍ରଥମତଃ ମାନସିକ ଦୁଷ୍ପ୍ରବୃତ୍ତି ଦୁରଭ୍ୟାସ କୁସଂସ୍କାର ଅନ୍ଧବିଶ୍ୱାସ—ମଇଳାତକ ଯଥାସାଧ୍ୟ ଅନ୍ତର କରି ନୈତିକ ଜୀବନ ଗଢ଼ିବା ବିଧେୟ ଓ ଯୁକ୍ତିଯୁକ୍ତ ।

ବିଶ୍ୱନିୟନ୍ତା ଭଗବାନଙ୍କ ଜଗତରେ ନ୍ୟୂନାଧିକ ସମସ୍ତଙ୍କର ଗୁଣଦୋଷ ଥାଏ । "ପଏଣ୍ଟା-ସଙ୍ଗ" ତହିଁରୁ ଅବ୍ୟାହତି ପାଇବା ସମ୍ପୂର୍ଣ୍ଣ ଅସମ୍ଭବ । ସୁତରାଂ ଏହାର ଦୋଷଗୁଡ଼ିକ ପରିତ୍ୟାଗ କରି ତତ୍ତ୍ୱଦର୍ଶୀ ମହାତ୍ମା ଦତ୍ତାତ୍ରେୟ (ଅବଧୂତ) ପିଙ୍ଗଳାବେଶ୍ୟାର ଗୁଣଗ୍ରହଣ କଲାପରି ତାର ନ୍ୟାୟ୍ୟ-ନିର୍ଭରତା, ସ୍ପଷ୍ଟ ସରଳତା ଓ ସତ୍ୟନିଷ୍ଠା ସହ ଅଟଳ ଧର୍ମ-ବିଶ୍ୱାସାଦି ଯେଉଁ କେତୋଟି ମହତ୍ତ୍ୱପୂର୍ଣ୍ଣ ଅଛି, ସେଗୁଡ଼ିକ ମାତ୍ର କାୟମନୋବାକ୍ୟରେ ସଦା ପାଳନ କରାଯାଏ, ତା' ହେଲେ ଦେଶର ଓ ସାମାଜିକ ଜୀବନର ଦୁଷ୍ଟଗ୍ରହତା ଅଦୂର-ଭବିଷ୍ୟତରେ ଦୂର ହୋଇପାରେ ବୋଲି ଆମର ଦୃଢ଼ ଧାରଣା ।

ହିନ୍ଦୁ ସମାଜର ମୁକ୍ତିଧାମ ଶ୍ରୀକ୍ଷେତ୍ରରେ ହିନ୍ଦୁର ଆରାଧ୍ୟ ଦେବତା ଜଗନ୍ନାଥ ମନ୍ଦିରର ବହିର୍ଭାଗରେ ମୁକ୍ତମଙ୍ଗଳ-ରତ୍ନାବଳୀ ସନ୍ନ୍ୟାସିନୀଦାସୀ ପ୍ରାଚୀନ ଉତ୍କଳର ମନସ୍ତତ୍ତ୍ୱବିତ୍ ସୁପଣ୍ଡିତଗଣ ଜାତି ସମାଜର ଶିକ୍ଷା ଉପକାର ବଲ୍ଲେ ଯେଉଁ ମହତ୍ ଆଦର୍ଶ ପ୍ରଦାନ କରିଯାଇଛନ୍ତି ପ୍ରାକୃତିକ ଉତ୍କଳର ବାଣୀ-ମନ୍ଦିରରେ ଏହି "ପଏଣ୍ଟା-ସଙ୍ଗ"ର ଚରିତ୍ର ଶିଳ୍ପୀଙ୍କର କେବଳ ସେହି ଆଦର୍ଶର 'ଛାୟା' ଭାବିଲେ ଚଳେ ।

ତେବେ ପୁରାଣବର୍ଣ୍ଣିତ ମୁନିଆଶ୍ରମୋପମ ସୁରମ୍ୟ ପୁରପଲ୍ଲୀର ସରଳ ନୈତିକ ଜୀବନରେ ଆଜି ଯେଉଁ ମାରାତ୍ମକ ଦୁଷ୍ପ୍ରବୃତ୍ତିଗୁଡ଼ିକର ପ୍ରାଦୁର୍ଭାବ ଦେଖାଯାଉଛି—ଯଥାସମ୍ଭବ ତାହାର ପ୍ରତିକାର ବ୍ୟବସ୍ଥା ଦିଗରେ ସମାଜ-ସଂସ୍କାର-ପ୍ରୟାସୀ ନାଗରିକମାନଙ୍କର ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ହିଁ—ମୁକ୍ତ ପଲ୍ଲୀର ସରଳ ଭାଷାରେ ଏହି "ପଏଣ୍ଟା-ସଙ୍ଗ" ରୂପାୟିତ ।

ଆଶାକରୁଁ, ଏହି ଲେଖାଟି ଉତ୍କଳର ବିଶେଷତଃ ସମ୍ବଲପୁରର ଜାତି ଓ ସମାଜ ପ୍ରାଣରେ ସଞ୍ଚାର ଓ ଅଭିନବ ଚେତନା ଆଣିବ ।

ବରଗଡ଼,<br>ବେସିକ୍ ଟ୍ରେନିଂ ସ୍କୁଲ୍<br>ତା ୨୩-୯-୫୦

ଶ୍ରୀ କେଶବ ମେହେର

# ପଏ୍ଣ୍ଣା ସତୀ

( କର୍ମା—ସୁର୍ )

ଶୁନ ଗୋ ମା' ବହନେ,
ମୋର୍ ନାଆଁଟା ପଏ୍ଣ୍ଣା ସତ;
ମତେ ବଲ୍ ଦନ୍ ବାଟେନ୍ ଘୁର୍ଗି
ଘଏ୍ଡା ଖାଇ ନହୀ ଶତୁଣ ! | ଘୋଷା |

(୧)

ନାଇଁ ଖଟି ମୁଇଁ କାଏଁ କହେବ
ଦେଶ୍ ଟେ' ଦେଇଥିଲ୍ ଦଏବ;
ସେ' ଟେ ଆଏଜ୍ ଗଲିଁଥିଲେଁ କାଏଁ
କଲ୍କାପେଟା କଥା ଶୁନ୍ତେଁ ?

(୨)

ମା' ବାପ୍ ଥାଇ କଲେ ବିଷ୍,
ମତେ ଦେଇଥିତେ ମହୁଗ୍ ବନ୍;
କୁଆର୍ ଝିଁଟି ନାଡ଼ନେଲେ ମୋର୍
ନାଇଁ ଶୁନ୍ଲେ କୁଦ୍ଧାର୍ ବନ୍ତି !

(୩)

କାଏଁ ଦୋଷ୍ କଲିଁ ଗୋ' ନାଇଁ କହେଛା ?
ନାଇଁ ନେଲ୍ ମୋତେ ବଦଲଇ ସଏଙ୍ଗା;
ଗଏ୍ଯା ମୁଣ୍ଡ ଦଣ୍ଡିଲ୍ ବାଗିର୍
ବନୁକସି କାଏଁ ଭୁକ ଯାଏତିଁ ?

(୪)

ବାପ୍ ଅଁଟ୍‌କୁର୍ ଟଁକା ଦେଖ୍‌ଲା,
ଧରମର୍ ଝାଟକେଁ ଝୁଁପେଇ ନେଲା;
ବକନା ଲୁଗାଥୁଁ କକନା ଖସଲା
ଲକ୍ଷ୍‌ମୀର୍ କାଣା ଘୁଣ୍ଟିଁ ହେଥିଁ ?

(୫)

ଡାଲ୍ ଖାଇ ନାଚେଁ ମୋର୍ ଧନ୍‌କ
ଖାଡ଼ୀ ଟଁକା ପାଇଥିଲେଁ ପିନ୍ଧେକେ;
ହେଁଥିର୍ ଲାଗିଁ ମରଦ ନଟୀ ବଏଲେଁ
ପେନ୍ତା ଲଗ୍‌ସି କାଏଁ କହେଛେଁ !

(୬)

ବାଜୁଥିଲା ଢୁଲ-ତବଲ-ଗିନି
ନାଚୁଥିଲିଁ ମୁଇଁ ସାଜେ ପିନ୍ଧିଁ;
ଦେଖୁଥିଲେ ଲୋକ୍ ଟିକଟ୍ କିନି
ନଟୀ ବଏଲେଁ ହିଁ—ବଲ୍‌ଛନ୍ତି !

(୭)

କାର୍ତ୍ତିକ୍ ମାସେଁ ସାଙ୍ଗର୍ ଲୋକ୍‌କୁଁ
ଭେଟେଇ ଆନ୍‌ସିଁ କୁନ୍ତାଙ୍କୁଁ;
ବସୁଣ ବାଁହିଁ ହେଲିଁ ନଟତ'
ଛନ୍ଦନ୍ ହେବନ୍ ବୃନ୍ଦାବଣ !

(୮)

କୁଆଲ୍ ମାସ୍ ହେଲେଁ ହେସିଁ ଜୁଆଁଶ
ଘାଟ୍‌କେ ଯାଏଁସିଁ କପ୍‌ଡ଼ା କାଚି
ଉଦା ବନ୍ଧିଁ ଫେର୍ ବାଟୁଆ ହେଲେଁ
ଠୁଲି ହେସି ମୋର୍ ସବୁ କୁଳ !

(୯)

ତବେ ଗୁଣ୍ଡାଏ ସାଙ୍ଗୁନ୍ ନେସିଁ
ଅଁର୍ ଘାଟେଁ ରହ୍‌ଲି ହେସିଁ;

ଘାଟରୁ ଫଗନ୍ ଛନ୍ଦି ଯାଏନି,
ବୁଢ଼ା ଗେଢ଼ିଟା ରେଏନ୍ତି ରେନ୍ ।

(୧୦)

ଗଞ୍ଜେଦେଉଲେଁ ଡେଉଁ ବାଘାଡର୍କ ଭିଟା
ଏକ୍‌ଲା ଥାଏଗି ଧୁଡ଼ବାନ୍ କିଟା;
ଟାଏନ୍ତୁଆ ଦେଖେଁ ଲୋକ୍ ଅମିଗଲ୍
ଦେଁଖେ ଘାନ ଘାଏଁ ଦେନି ବୁଝୁଁ !

(୧୧)

ଘାନ୍ ସୁଲନ୍ଟକେ ଦିନା ନାଲିନ ଧାନ୍
ଭନ୍ତି ଠାନ୍‌ଟକେ ବଣ୍ଡାନନ୍;
ଘାନ୍-ଢାଲ୍‌ନ୍ ସନ୍ତ୍ରା ହେଉଲେଁ
ଘରୁକସି ଦେଖିଁ ଥାଏନ୍ ବୁଝାଣ୍ଡା ।

(୧୨)

ଗାଁଟେ ଆସ୍‌ଦେଲେଁ ବାବାଜୀ ମାଡା
ଗିଆନ୍ ଶୁନ୍‌ଗିଁ ସବୁ ସଭାଟା
ସାନ୍ତେଁ ନେବାସ୍‌ତେ କହେଥନ୍ ବାବା
ଦେଖିକରୁ ମୋର୍ ସେବା ଭକ୍ତ ।

(୧୩)

ଗାଁଜା ଗଞ୍ଜୁଁ ନାଲିକା ପଡ଼ିଛି
ଲ' ଠାନେଡ଼' ସବୁ ଅଲେ;
“ମନ୍ ଜନ୍ମନେଲ-ଗଁଜାଳଲ୍” ବଲି
କହେମି ତ' ମା ଗାଁଡ଼ାରୁ ନାଡ ।

(୧୪)

ନାର୍ ଢଳିଅନେଁ ଅଡଗା ମାଜିରୁ
ବାସନା ଟେଲ୍ ମୋରୁ ମୁନିଗି କରୁଣ୍ଡୁ
ଦୁଡ଼ରୁ ଝୁଖି-ଝୁମାଳ ଦେଖି
ମନ୍ ବଲ୍‌ଦି ଲାଗି ଥାଏତି !

(୧୫)

ଘଟୁଁ ଦେଖ୍ଲିଁ ଜଣ୍ ପୁଟେଞ୍ଜ
କୁଣ୍ଡୁଁ ଢଳ୍ଲେ ସୁଧାର୍ କୁଟେଞ୍ଜ;
ଦୁଷ୍ଟ ଅଖି ମୋର୍ ଝଟେଁ ବସ୍‌ଲା
ଚମ୍‌କ ଉଠି ବସ୍‌ଲିଁ ହେଜ୍ଞ ।

(୧୬)

ଅଣାଳ ଦେଖ୍ଲିଁ ଦବୁଦୁଭ
କାଣ୍ଡରୁ ଆଏ୍ଟା ଭଣାରୁ ଦୁଷ୍ଟା;
କା'କେ ଦେଭ୍ଲିଁ ଘଟ୍ଟେଁ ହେଲିଁ
ଭାନ୍‌ଲେ କୁଣ୍ଡା କଜଲ୍ ଟାଙ୍କ ।

(୧୭)

ମା' ବାପ୍ ମତେ ସୁଦୂଁ ବଢ଼ାଲେ
କାଏଁ କରୁମି ଥୁରେ ଟେଡ଼ାଲେ;
କଷ ଉଠିଥିଲେଁ ନାଚେଁ ବାହାରୁଁ
ସୁସ୍ଥ ପ୍ରାୟଣ ସୁଧା-ଦୁଷ୍ଟା ।

(୧୮)

ଆଟିଥିଲ୍ ଏନ୍ତଁ କଣ୍ଟ ଗାଲ୍
ଗାହାନ୍ ଥିଲ୍ ଗୁଟେ ମାନାନ ପିଲ୍;
ସେ' ତ ମତେ ପିଁନ୍ଦନିଲଣ୍ଡେ
ଶାଢ଼ୀ ଇଁଡ଼େ଼ି ବାର ଘନ୍ଦ୍ରାଭ !

(୧୯)

ଘଟୁଦିନ୍‌କେ ରହୁଥିଲା
ଘାଲୁ ଛିଁଗାମି କହୁଥିଲା;
କୁଡ଼ା ଅଁ ହ୍‌କୁରେ ଖଣ୍ଡି୍ଲେ ନଦେହଲିଁ
ଗାଁ ଦାନରୁ ମନ୍ ଥିଲା ସେଥିଁ ।

(୨୦)

ଗାଆଁ ଥିଁ ହେଲା ଝଟେ ଝଟେ
ନାହିଁ ଥିଲିଁ କାଏଁ ଲଜ୍ଜି ବଟେ,

ଘୁଣ୍ଡାମାନେ ଝେଁଟା ଗୁଣ୍ଡ୍‌ରେ ଜାଁଶା
ନାଁ-ରେ ମୁନ୍ଦୁସ୍ ନଦେଖିଲେଁ ପାନ୍ତ ।

(୨୧)

ଦୁଲ୍‌ଆ ଗାଆଁ ଥିଁ ଭେଜରେଁ ମିଲେଁ
ବନେ ଭଲଭାଲ୍ ଭଉ ଥିଲେଁ;
ଧନାବୃରେ ବାଗି ନାଲି ଶୁଉଲେଁ
ଦେଖିପିବାରୁ ନାଲିଁ ଚଟ୍ଟେ ଭୂଉ ।

(୨୨)

ଭଲ ବସ୍‌ଲେଁ ଭୁଲ୍‌ଭୁଲ୍‌ତଆ
ଦେଖି ଯାଏ୍‌ସିଁ ଲଥ୍ ଦୁଲଆ;
ନଲ୍‌କ୍ ଗଭଲେଁ ବୁଟୀ ନାଲି ହୁଏ
ବାନ୍ଧାକ୍ ପିଲାରୁ ଗୀତ୍ ବୁଲୁନ୍ତ ।

(୨୩)

ପଏ୍‌ସା ପାଏ୍‌ସିଁ ଅନାଅନା
ଦେଖା ରସ୍ଗୁଲ୍ ଦନାଦନା;
ଯାହ୍ନିଁ ଦେଖ୍‌ଲେଁ ମିଠୁ ମାହାର୍ଜାତ୍
ନାଲିଁ ଲଗି କାହ୍ନିଁ କସ୍ଟା ଧୂନ୍ତ !

(୨୪)

ଗାଁ ଗାଁରା ଯାହ୍ନିଁ ଗଲେଁ ନେହଲେଁ
ଲୁଡ୍ଡି ନେସନ୍ କାଏଁ ଯାଏ୍‌ସିଁ ବଏ୍‌ଲେଁ;
ବାନ୍ତ୍ ବନ୍ତ୍ ନଲ୍‌କ୍ ମାରେ ଦୁଲମାସ୍
ରଖି ପକାସନ୍ କାଏଁ କହ୍ନୁନ୍ତିଁ ।

(୨୫)

ଧାନ୍‌ଗୁଣ୍ଡ ମୁଇଁ ନାଲିଁ ହେବେଲ ଛ'
ବନେ ଲୁନେ ମନେ ବଲ୍‌ସନ୍ ଦେଖ;
ଭଲ୍‌ଟି ଦେଖ୍‌ଲୁ ଯେନ୍ ପିଲା ସନେ
ମୋଟୁଠାନ୍ନୁଁ ନାଇଁ ଯାଏ ବହୁନ୍ତ ।

(୨୬)

ନାହିଁ ହେଉଲଣି କଥାବାର୍ତ୍ତା
ଚମ୍କୁଥିବା ଶଏରୁ ସରୁତା;
ଖାଇଥିବା ଯଣ୍ଡ ବଚନ କରି ମୋର୍
କଙ୍କଲ୍ଲତା—ଖଣ୍ଡ୍ନ ବନ୍ତ ।

(୨୭)

ଦେଖ୍ଣା' ମୋର୍ ନତଣ ଅରୋ
ଆସ୍ଜ୍ କାଏଲ୍ ମୁଇଁ ନୁହେଁ ଜାଣେ ଗୋ'
ଥରେ ଥରେ ଏକା କାଏଁ ହେମ୍ନି ତମ
ସାଦା ଖାଏଲେଁ ଲର୍ମି ବାଁନ୍ତି ।

(୨୮)

ଗିନ୍ଥା ସେନ୍ତା ସୋର୍ ଖାଏସନ୍
କାଏଁ କାଏଁ ଚେର୍ ଟଠେଇ ନେସନ୍;
ବାଣ୍ଟି କରି ସେଝା ପିଇ ନେସିଁ କ
ବଚନ ଲଚ୍ଛି ସେ' ଲୁରୁଷ ।

(୨୯)

ନୁହେଁ ଲୋ ମା' ମୁଇଁ ପର୍ଦାବାଲ୍ଲୀ
ନାହିଁ ଜାଣେଁ ଢର୍ମା-ଗେନ୍ତେ-ଭୂଲି;
ହେନ୍ତା ଭୂଲି ନାହିଁ ଉଚର୍ ମତେ
ବାଅଣି ନେସି ଆମର୍ ଘୁଞ୍ଚ ।

(୩୦)

ପିନ୍ଧିଁ ଥିଲେଁ ଶ୍' ଭିଣ୍ଡ ଫୁଁଲ୍କା
ନାହିଁ ଜାଣେ ମୁଇଁ ମୁଣ୍ଡିଁ ମଲ୍କା;
ତଥାପି ତ' ଅଧେ ଲୋକ୍ ବଲ୍ସନ୍
ମଲ୍ମଲି ମୁଣ୍ଡ କଅଲ୍କାଣ୍ଡି ।

(୩୧)

ଖାଟେଁ ମୁଣେ ଥିବା ଖାଏନ୍ ମଠିଆ
ବାଟେଁ କୁଣ୍ଡେଥର୍ ହେସିଁ ଠିଆ;

ପୁରିଆ ଲୁଚେ କଣ୍ଠ ପକାଇନ୍
ଶୁଏଁ ଦେଖି ମୋ ବୃଥାବଣ୍ଟା !

(୩୨)

ଏଇ ନେସିଁ କି ମଠିଆ-ଘୁରା
ଦର୍ଶନ୍ ପକଆଁ ଲାଗିସି ଦୂର;
କାଇଁ ଦେଲେଁ ଯାଏ୍ ଖୁଲିଁ-ଓଦର
ଠଅର ନାଇଁ ହୁଏ୍ ପାଦ୍-ଖୁଜାଥିଁ !

(୩୩)

ଏନେ ବେଳେ କୁଜା ହେଲେ ଏରୁ
କୁମାର ମାନ୍‌କୁଁ କେତେ ଡରୁ;
ଏଭୁକେ ଡକୁଲେଁ କାହିଁ ଗୁହେମି ନା'
କାଇଁ କଲେଁ ମୁଇଁ ଢେକେଇଁ ଶୁଆଣ୍ଡ !

(୩୪)

ଟେଲେକ୍ ନୂଲାପନ୍ ଧନ୍ ଜନ୍
ମୋର୍ ମନ୍‌ଟା ଖୁଜେ ନନ୍;
ସବୁ ଦିନେଁ ଜାଏଁ ରହିବା ଜୀବନ୍
ଭୁହେସି ଗିନା ଖାବ୍ ପିହ୍ଲୁଭ ।

(୩୫)

ଟାଏଁ ପହୁଁଚାଏଁ ଦେଏ୍ନ ହେଲେଁ
ଅଏନ୍ ପିଲୁଟେ ଦେଖି ନେଲେଁ;
ମନ୍ ଦଲ୍‌ଗି ଭୁଏ୍ ହେଲେଁ ତେଲେ
ଯାଏ୍ ହେଲେଁ ମୁଇଁ କଥା ହେଉଁ ।

(୩୬)

ହାତେଁ ଧୂନେଟେ ପତ୍ରାକିଁ ଯାଏ୍
ବନେ ବନେ ହୁଇଛ କାଏଁ ?
ସେଥୁକଥିଁ ମତେ ଅବ୍‌ଧି କରି
ଅକ୍ତି ନେଇଛନ୍ ଆମରୁ କାଣ୍ଡିଁ ।

(୩୭)

ଜାଏଲ୍ଲୁ ଗଲ୍ ମୋର୍ କାଏ ଦେଖିଲେ ?
ଉଁ ସୁଟଲ୍ଲୁ ଜାଏଲ୍ଲୁ କାଏ ରଖିଲେ ?
ଜଗ୍ତେଁ ସୁନାର୍ ଫୁଲ୍—ଫୁଟିଲେ !
ଭିତ୍ରୁ ସାକର୍ ଗଦର୍ ଛତି !

(୩୮)

ଫୁଲ୍ ତକଲ୍ ଯାରୁ ନାଲନ ଭଲ୍
କାହିଁ ଥିଲେଁ ହେଲେଁ କାଏଁ ଫଲ୍ ?
ଆମ୍ଭ ଗାଆଁ ର ପିଣ୍ଡା-ବୁଢ଼ାକେ
ନାଇଁ ପାରୁବେ ବୁଝା ସମ୍ଭୁଥୀ ।

(୩୯)

ଘୁଡ଼ିଯାଉ ସେ' ଚୁଡ଼ାକୁଣ୍ଡା
ମଟେ ବଲ୍ ଘନ୍ ଛୁଟ୍ଟିକୁଣ୍ଡା;
ଛୁଟ୍ଟି କୁଣ୍ଡା କାହିଁ ହେଲା
ପ୍ରେମ୍-ସେବା ଟାରୁ ବାଣ୍ଡି-ଭୂର୍ତି !

(୪୦)

ମୋତ୍ରୁ ବାଗିଲ୍ଲୁ ତ' କେତେ ଯୁକ୍ତିଲା
ବଷ୍ ହେଉଲେଁ ଯୁଲଟେ ଯୁଲି;
ଠାନ୍ ପାଲଟନ୍ ଲୋକ୍ ଦେଖନ୍ତନ୍
ନାଇଁ ଦେଲେଁ ହେଲେଁ ପୂଜା-ଆଳ୍ତି ।

(୪୧)

ବଷ୍ ହେଲିଁ ମୁଇଁ ସେନ୍ ବର୍ଷେଁ
ନାଟ୍ ଶିଖିଥିଲେ ପାରେଁ ପାରେଁ;
ସେ' ବର୍ଷ ଭିତ୍ରେ ମୋତ୍ରୁ—
"ପଏ୍ଗ୍ରା-ଘଟ" ନାମ୍ କାରୁଛି ।

(୪୨)

ନାଚି ନାଚି ପିଏ୍ ବଜନ ଗାଏ୍ସି
ତାରୁ ନିକେ ମୋତ୍ରୁ ମନ ଧାଏଁସି;

ମନ୍ତ୍ର କଲେଁ ମୂର୍ଚ୍ଛି ନେସିଁ
ମୁଦ୍-ମଲକାନ୍ତି-ପର୍ଣ୍ଣାପ୍ରେତ ।

(୫୩)

ଗାଁ'ରୁ ଗଞ୍ଜାମୁଁଦ, ଚଁପାଫୁଲ,
ଶାମକାଁଟା, ଶାଙ୍ଖ, ବଉଲ;
ଶଙ୍ଖ, ମକର, ଗଙ୍ଗାଜଳ୍
ସମ୍ଭକୁଁ ମୁଠିଁ ପାଉଥିଲେଁ ଉତ୍ତ ।

(୫୪)

ରସିଆ ନାଗର ଅଧର୍ ନଖା
କସି-ଚାନ୍ଦିଆ ବଡର୍ ଦେଖା
ରଶ୍ମି-ରେଖା ମନ୍-ଚର୍ଖା
ସମ୍କର୍ ମନ୍ ମୋହୁଥିଲେଁ ନିତି ।

(୫୫)

ମୋତ୍ରୁ କଥା ଶୁଣ ଦର୍ଶି ନାଦନ
ହିଁ କରୁଥନ୍ ଜାତିଆ ମାନେ;
ଦଣ୍ଡ-ଦଳ୍ ମୁଠିଁ ଧୁକା ନେଲେ ଖି'
ରଥ୍ କରୁଥି ତାକୁରୁ ଦୃଷ୍ଟି ।

(୫୬)

ପାଦ୍ମା କଲେଁ ମନେ ସବୁ ସନ୍ଧ୍ୟାବେଳେଁ
କଣ୍ଠନ୍ ଆଦିଁ ଉଦ୍ୱିଁ ବାଳ୍ପବେଁ;
ଧରନ୍ ଅଣେଁ ସବୁ କଣ୍ଠେବେଁ,
ଜାତିଆ ମାନ୍‌କରୁ ରାଛତ-ଗତି ।

(୫୭)

ଜାତିଆମାନେ ନାଁଚିଁ ଖାଏସନ୍
ବୁଢ଼େଁ ଉଠଲେଁ ଗାଧ୍ ଯାଏସନ୍;
କୁମ୍ଭାରୁ ନେଇ ମା' ଭିଁ ଜାଏତ୍ରନେ
ନାଉଁ ପିନ୍ଧୁଥିଲୁ ଗତ ମୁକ୍ତି ।

(୪୮)

ଜାଡ଼ିଆ କୁଳରୁ ଖସ୍ ବାହ୍
ଘାଣ୍ଟା କଲେଁ ଝିଁ ପରୁ ମାଣ୍ଡ୍;
ମାଏଟ୍ରି-ଚୂନା ଅଁର୍ଯା-ସୁନା
କହୁଛନ୍ତି ସବେ "ମନ୍ ଦୁଃଖି"

(୪୯)

ଜାତିଆ ଧର୍ମେ ମାଏଟ୍ରି-ଦାସୀ
ଘୁନ୍‌ବା ଡଗ୍‌ଲ ଖାଏ୍‌ବା ବାସୀ;
ଅଁର୍ଯା ବାକ୍ସେ ନାଲ୍ଲିନ ଫାଶୀ
କରୁ ଦାସ ଚୂର୍ ଉଠିକାଇତ ।

(୫୦)

ଅଁର୍ଯାମାନ୍‌ଙ୍କୁ କିଏ କହେବା ?
ଖୁଲ୍ ଚଲନ୍ ଛାଙ୍କରୁ କିଏ ସହେବା ?
ସରଦ୍ ସହନା ବଲିଁ ଗିଟନ ଟୋ
କୁଲେଁ ଧଟେଲ୍ଲ ମା' ଧର୍ମ୍ମ ।

(୫୧)

ଦଣ୍ଡମାସ୍ ମା' ତେଜରେ କରମ୍ଭୁଁ
ଜିଅଁବା-ସେପେଁ ସୁଆରା ଖରେଁ;
ଦଣ୍ଡ୍ ହେଲେ କୁଆ ମାରୁବା ଆଟେଁ
"କୁଆରୁମୋରେ" ବଲିଁ ମାକରୁ ଚଡ଼ ।

(୫୨)

ନିଅନ୍ ସୁକୁରୁ କରିଥିବେ
*ଗୁଡ଼ୁଙ୍ଗା ଗୁମ୍ଭୁଙ୍ଗା ମରିଥିବେ;
ଛେଟ୍ ଧର୍‌ଲେଁ ଭେଟ୍ ନାଇଁ ଉଠା
ଜାତିଆ ମାନ୍‌କର ସତିଆ-ଗୁଣ ।

* ମରଣଂ ବିନ୍ଦୁପାତେନ ଜୀବନଂ ବିନ୍ଦୁ ଧାରଣମ୍ ।

(୫୩)

ଯପେଇ୍ ବସ୍ତ୍ରକୁ ଧୂଇ କିନ୍ତା
କଏ ଯାବା ତୋର୍ ବନ୍ଧା ?
ନତଙ୍କ ଭଏ୍ ବାଟ୍ କଟେଇଲେଁ ଆରୁ
ଗରଭ୍ ବଣ୍ଟାର୍ କାଇତେ ଗତ ?

(୫୪)

ହନଆ ଟଲିକ୍ ତ' ଭବାଲୁଟନ୍ତି
ଲୁକା ତୁର୍ କାମ୍ କବା କାଟେଁ
ଯଦି କରିଚେ ଦୂଟେଁ ବଲୁଟଛ
ନାଇଁ ଟେଇଲ୍ କାଏଁ୍ ବଣାପ୍‌-ଶାପ ?

(୫୫)

ଅଁର୍ଗ୍ରାଦିଲ୍ ଭମରୁ ତୋନ୍
କଟେଇପନ୍ ଟେକଟେ ନିଲନ୍ ଟେଲ୍‌କ୍;
ଧନ୍ ବେଟେଲେଁ ଯଟେଁ ଡସି ଭମରୁ
ବୁଲ୍‌ସି ଖାଲି ଘୂଆଣ୍ଡି ଘୁଣ୍ଡି ।

(୫୬)

ଭମରୁ ପୁକରୁ ଭମ୍ବ ଅଇନ୍
ଅଁଟେର୍ କାଏଁ ନାଇଁ ଚାହ୍ନିଛନ୍ ?
ଭମ୍ବ ନାଇଁ ହଇଁ ମାଏହିମାନେ
କାଟେଁ ଟେଇଟେ ମଲ୍ଲି ମାଲ୍‌ଟ ?

(୫୭)

ଟେପମାନେ ହଇନ୍ ମହଳା ଫୁଲ୍
ଗନ୍ଧକ ଟେଇବେ ମାଏ୍‌ଟି କୁଲ୍;
ଶୁଖି ପଡ଼ି ଗଟେଲଁ ଫିକ ମାଡ଼ି ନେବେ
ଫୁଲର୍ ଟୁଣ୍ଡ ବାଢ଼ବା ଚାଲି ।

(୫୮)

ଅଁଟେର୍ ଯଦି ଟେଇଲେ ଦୂନା
ସୁନାର୍ ଟେଇବେ ଦୁ-ନାଗ୍ ମିନା;

ସୁଡ଼ାବେ ଭୁଡ଼ାବେ ଝଙ୍କି ଗଲେଁ
ଡହଲ ନେତେର ମସାରୁଛ ।

(୬୯)

ମାଏ୍ ନେଇ ଗଡ଼୍ଲେଁ ଏନ୍ତା ଆଏନ୍
ଝାଏ ରହ୍ଲା ଅଁର୍ ମାଏନ୍ ?
ଛୁଞ୍ଚ ନେଇ ସେ ଅରନ୍ ପାଏନ୍
ଝନ୍ ଉର୍ଲେଁ ବୋଧେ ପିଲ୍ଲଣ ।

(୭୦)

ଉଡୋ ଖାଲିଁ ଝୁନେ ଟେହେ୍ ଖଜ୍ଞା
ଆରୁ ଝୁନେକେ ବନେ ଲଗ୍ଡା;
ଶତା କାଟି ଛାନ୍ କାନ୍ଥୁଥିଲା ସେ'
ଧରି ଭାଗ୍ବତ୍ ପୁରନ୍ ପୁଥି ।

(୭୧)

ବେଣ୍ଟ୍ ଦେଖା ସେତେ ଗିଆନି ସାଧୁ
ଶୁଆ ବନନ୍ଦନ୍ ଗିଧାବାଦୁ;
ମୁଣ୍ଡେଁ ଦେଇବାନ୍ ଦୃଷ୍ଟିଶୋମ୍
ସେତେଁ କୁସୁଙ୍କେ ଶୁଣୁଆ କାଣ୍ଡ ।

(୭୨)

ସୁଦୁକୁ ପାସରୁ ଟପା ଦାଏକା
ଛାତ୍ରୁ ନାଇଁ ଯାଏ୍ ମୋହନ ଏକା
ନାଇଁ ଆଟେସ ମତେ ଲୁକା ଛପ୍କା
ନିଏ୍ ଭୁଦେଇଁତା ଦେଖେଇ୍ ନେଣ୍ଡି ।

(୭୩)

ଛାପ୍ କଲ୍କ ପୁଇନ୍ କର୍
ସର୍ କଉଁ କାଏଁ ଲନ୍ ଡର୍ ?
ଚାନି ବୁଡ଼ି ପାଏନ୍ ପିଇଲେଁ ଢେଙ୍କେଁ
ନାଇଁ ଜାଣେ କାଏଁ ଜଲ୍ ଦେଭ୍ଣ ।

(୭୪)

ସେନ୍ ଠାନେ ମୁଇଁ ଯାହା କହୁଛିଁ
ଯାହା ଦଉ ଘଟେ ସତ୍ କହେଛିଁ ;
ମୋର୍ ମନେ ଭ' ଗର୍ବେ ଲାଗୁଛି
ଧରମ୍ ଅଛେ ସତ୍ କଥାଁ ।

# ସୂକ୍ତି-ମୁକ୍ତାବଳୀ

# ସୂକ୍ତି-ମୁକ୍ତାବଳୀ

(୧)

ରଜନୀ ପାହିଲେ ଭୃଙ୍ଗ କୁସୁମେ ଯେସନେ
ମଧୁ ପାଇଁ ପ୍ରାର୍ଥୀ ହୁଏ ଗୁଣୁଗୁଣୁ ସ୍ୱନେ,
ପ୍ରତି ପ୍ରଭାତରେ ଭେଟନ୍ତି ପ୍ରଭୁଙ୍କ ଶ୍ରୀପଦେ
ଶକ୍ତି କୃପା କର ଭାଇ, ଭକ୍ତି-ଗଦଗଦେ ।

(୨)

ସର୍ବ ଶକ୍ତିମାନ ଶୁଦ୍ଧ ଜ୍ଞାନ ବୁଦ୍ଧିଦାତା
କରୁଣାମୟ ଯେ କୋଟି ବ୍ରହ୍ମାଣ୍ଡର ଧାତା,
କାହାପ୍ରତି ଯେ ପ୍ରଭୁଙ୍କ କି ଅଛି ଉଦେଶ୍ୟ
ମାଗ, ତାହା ଇହ ପର ଦେବ କାଳେ ହେଉଁ ।

(୩)

ପାଇଛ ଭାଇ ଦୁର୍ଲଭ ମାନବ ଶରୀର
ରହ ସାବଧାନ, ଏହା ରହିବ ନାହିଁ ଚିର;
ମତେ ନା' ଭୁଲାଇ ମାରେ ମାୟାବିନୀ ଆଶା
ସ୍ୱପ୍ନର ସୁଖସମ୍ପଦ-ବିଷୟ-ପିପାସା ।

(୪)

କାହା ସଙ୍ଗେ କିସ ଆଣି ଦେବ ଆଜ ଦିନ
କେବ ଜାଣିଛି, ସକଳେ ତ ମୃତ୍ୟୁର ଅଧୀନ;
ବନ୍ଧୁଙ୍କୁ ବୋଲି କି ସବୁ ଦେଖାଇବା ଟେକି
ଜନମ କାଳରୁ କାଳ ଛାଡ଼ୁଛି ତ ଚେକ ।

(୫)

ମରିବାରେ କି ଭାବନା ଯିବ ଯେବେ ପ୍ରାଣ
ମାତ୍ର ସାଧୁବାଣୀ ଏହା ଭଲଭାବେ ଜାଣ;
ପୁଣ୍ୟାତ୍ମାର ମୃତ୍ୟୁ ନୁହେଁ ମୃତ୍ୟୁରେ ଗଣନ
ପାପାତ୍ମା ଜୀବନ କନ୍ତୁ ଜୀବନ୍ତ ମରଣ ।

(୬)

କ୍ଷୁଧାଲାଗି ଫଳମୂଳ ତୃଷା ଲାଗି ପୟ
ରଖିଛନ୍ତି ପ୍ରାଣୀଙ୍କତେ ପ୍ରଭୁ ଦୟାମୟ;
ରୋଗ ପ୍ରତିକାର ପାଇଁ ଔଷଧ ଯେସନ
ପାପ ନିବାରଣେ ତଥା ପୁଣ୍ୟର ସାଧନ ।

(୭)

ଶିକ୍ଷିତ ଭିଷକଙ୍କର ସାଧନା ନିୟମେ
ଚିକିତ୍ସା ବ୍ୟବସ୍ଥା କଲେ ରୋଗୀ-ରୋଗ କମେ;
ତେମନ୍ତେ ସାଧୁ ମହାଜନମାନଙ୍କର ସୂକ୍ତି
ଉପଦେଶ ପାଳନ କରି ପାପୀ ଲଭେ ମୁକ୍ତି ।

(୮)

ଜାଣ ଭାଇ, ରୋଗୀ ଦେହେ ରକ୍ତ ଥାଉଁ ଥାଉଁ
ଚିକିତ୍ସା ନକଲେ ପ୍ରତିକାର ନାହିଁ ଆଉ;
ସମସ୍ତ ବାହାରିଗଲେ କେଉଁ ଶିବ ହରି
ପାତକର ସାତତାପ କେ ପାରିବ ହରି ?

(୯)

ସାବଧାନ, ରୋଗୀ ହେବେ ପଥ୍ୟଭ୍ରଷ୍ଟ ହୁଏ
(୧) ମହାବୈଦ୍ୟଙ୍କୁ ଭେଟିବା ଅସମ୍ଭବ ହୁଏ;
ପାପ ତେବେ ବଢ଼େ ସଦା ପାପର ଭିତରେ
ପାପୀର ସ୍ଥାନ ଜ୍ୱଳନ୍ତ ନରକ-କୁଣ୍ଡରେ ।

---

(୧) ମହାବୈଦ୍ୟ—ଯମ ।

(୧୦)

ପାପକୁ ସାମାନ୍ୟ ଭାବି ନ ହୁଅ ଉଦାସ
ସାମାନ୍ୟ ଗରଳ ବିନ୍ଦୁ ପ୍ରାଣ କରେ ନାଶ;
ସତର୍କ ନଥିଲେ ମାତ୍ର ସାମାନ୍ୟ ଛିଦ୍ରରେ
ଜଳ ପଶିବାରୁ ଭେଳା ବୁଡ଼େ ସମୁଦ୍ରରେ ।

(୧୧)

ଲକ୍ଷେ ଶତ୍ରୁ ଜିଣି ଜଣେ ଦେଖାଉଛି ବଳ
ପାଡ଼-ସନ୍ତ୍ରାସ-ବର୍ଗଙ୍କ ହରିଲ୍ଲ ଦେବକ;
ପାପ-ଜନକ ଯେ' ଶତ୍ରୁ କାମ କ୍ରୋଧାବଳ
ଏହାକୁ ଯେ' ଜିଣେ ସେହି ବୀର ମହାବଳୀ ।

(୧୨)

ଯେ ସମସ୍ତେ କାମ ଅଛି ଆଦ୍ୟମେ ହୃଦୟୁ
ମାତୃରୂପା ବ୍ରାହ୍ମୀଦେବୀ ପାଦେ ରହି ଲୟ,
ଆଦିରସାତ୍ମକ କାବ୍ୟ ନ ରୁଚାଇ ମନ
ଯୋଗଶାସ୍ତ୍ର ଭକ୍ତିଗ୍ରନ୍ଥ କର ଅଧ୍ୟୟନ ।

(୧୩)

ତାମସ ହୃଦରେ ବେଶି ଜନ୍ମେ କ୍ରୋଧାନଳ
କ୍ରୋଧ ବଢ଼ିଗଲେ ହୁଏ ବିବେକ ଦୁର୍ବଳ;
ତାର ନଡ଼ାରେ ସେ କାଳେ ହିତାହିତ ଜ୍ଞାନ
କ୍ରୋଧ ପ୍ରଶମିବ ତ୍ୟାଗ କର କଳି ସ୍ଥାନ ।

(୧୪)

କର୍ମଫଳ ଦାତା ଧର୍ମେ ନଦେଇ ନଜର
ଲୋକେ ପରଧନ ସଦା କରନ୍ତି ନିଜର;
ସବ ତା' ଧର୍ମଭଣ୍ଡାରୁ ନେଲ ସୁଦ୍ଧରଣ
ତହିଁ ଶୋଧ କଲବେଳେ ପଡ଼ିବ ଦ୍ୱିଗୁଣ ।

(୧୫)

ସାଧକ କରିବା ଲାଗି ଉଦ୍ଦେଶ୍ୟ ତାଙ୍କର
ଶରୀରଟିଏ ତୁମ୍ଭଙ୍କୁ ଦେଇଛନ୍ତି ହରି;

ନିଜ ଦେହର ସୁଦ୍ଧା ତୁମ୍ଭ ନାହିଁ ଅଧିକାର
ଏଣୁ ଧନଜନ ଜମିବାଡ଼ି ଘରଦ୍ୱାର ।

(୧୬)

ଜଗତକୁ ବତାଇଥାଏ ମନର ସୁଜନତା
ଜ୍ଞାନ-ଅହଙ୍କାର ପୁଣି କୂପ-ମଣ୍ଡୂକତା;
ତପୋବନୁ କାଳେ ମନ ନେଇ ଜ୍ଞାନ-ନେତ୍ର
ଦେଖିଆସୁ ସାରା ପୃଥ୍ୱୀ ଶ୍ମଶାନ କ୍ଷେତ୍ର ।

(୧୭)

ଗରିଷ୍ଠ ଜାତର ଭାଇ, ଯଦି ତୁମ୍ଭ ଗର୍ବ
ପୂଜ୍ୟ-ଶିଷ୍ଟ-ଗଣ ନାହିଁ ବୋଲି ଗ୍ରତ ଲାଗେ;
ପର ସମ୍ପଦ ସମ୍ମାନେ ହୁଅ ଆହ୍ଲାଦିତ
ହେଉଛ ଯା ପରଶିଷ୍ଟ ଦର୍ଶନେ ବ୍ୟଥିତ ।

(୧୮)

ହିଂସା ଈର୍ଷା ମତ୍ସରତା ଦମ୍ଭ ଅଭିମାନ
ହୃଦ-ମନ୍ଦିରର ଏହା ଆବର୍ଜନାମାନ;
ଏଥିରୁ ହୃଦ ନିର୍ମଳ ରଖେ ଯେ ସେବକ
ତାଂ' ପ୍ରତି ପରିତୁଷ୍ଟ ପ୍ରଭୁଙ୍କ ସେବକ ।

(୧୯)

ଶଙ୍ଖ-ଧୂପ ପ୍ରଦୀପ ପ୍ରେମ ଅଶ୍ରୁ-ପାଦ୍ୟ
ଶୁଦ୍ଧ-ନଇବେଦ୍ୟ ପୂତ ସତ୍ୟ-ଆଶୀର୍ବାଦ,
ସରଳ ମନ-ଚନ୍ଦନ ଭକ୍ତି-ପୁଷ୍ପହାର
ଏହା ବିନା ପ୍ରାଣପ୍ରଭୁ ପୂଜାର ସମ୍ଭାର ।

(୨୦)

ପ୍ରଭୁଙ୍କର ନାମ 'ସତ୍ୟ' 'ନ୍ୟାୟୀ' 'କ୍ରିୟାବାନ'
ସତ୍ୟ-ନ୍ୟାୟରେ କାର୍ଯ୍ୟ କର ଥିବାଯାଏ ପ୍ରାଣ;
'ସର୍ବବ୍ୟାପୀ' 'ମହାଗୁରୁ' 'ସମ୍ରାଟ' ସେ ହରି
ସର୍ବତ୍ର ଖୋଜ ତାହାଙ୍କୁ ପାଦେ ସଦା ଭରି ।

(୨୧)

'ଦୟାମୟ' ନାମ ଗାଇ ଦୁଃଖ ଘଟାବାର
କରିବ ଯଦ୍ୟପି 'ନିରଞ୍ଜନ' ନାମ ଗାନ;
ବିଷୟବିରାଗୀ ହୁଅ ଅନ୍ତରରେ ଆଇ
ଈଶ୍ୱର ନାମ ଭଜନ ଏକା ମିଛା ଭାଇ ।

(୨୨)

ସଦାଶିବ ମନ୍ତ୍ର-ତନ୍ତ୍ର-ଜ୍ଞାନ-ଧ୍ୟାନ-କର୍ମ
କୁଶାଗ୍ର ଯଥା ଅଗ ମୂଳ ଗର୍ଭ ଚର୍ମ;
ହୃଦୟରେ ନାହିଁ ଯେବେ ହରିଭକ୍ତି-ଘଣା
କୁତର୍କ ବାଦ ବିତଣ୍ଡା ତୁଚ୍ଛ ଘୋଷଣା ।

(୨୩)

ଜୀବନେ ପାର୍ଥିବ ସୁଖ-ସ୍ପୃହା ଥିବା ଯାଏ
ମାନବ ବାଞ୍ଛିତ ମୁକ୍ତି ଶାନ୍ତିକି ନ ପାଏ;
ବାରୁଣୀ ପାନେ କାହାର ମେଣ୍ଟିଛି ପିପାସା
ଆରଶୀର ମୂର୍ତ୍ତି କାହିଁ ଶୁଣାଇଛି ଭାଷା ।

(୨୪)

(୧) ଥିବାଯାଏ ଶରବଣ ସ୍ପର୍ଶେ ସଲିଳ
ହୋଇଥାଏ ଗନ୍ଧଯୁକ୍ତ ଦୂଷିତ ପଙ୍କିଳ;
ରବିକର ଯୋଗେ ଯେବେ ହୁଏ ବାଷ୍ପାକାର
ନ ରହେ ତା'ଠାରେ କିଛି ପାର୍ଥିବ ବିକାର ।

(୨୫)

ତଥା ମାୟା ବିଜଡ଼ିତ କଳ୍ପକୀ ସଂସାରୀ
ହୋଇଥାଏ ଦୁଷ୍ଟ ଦୁରାଶୟ ଦୁରାଶ;
ମାତ୍ର ଯେବେ ଶୁଣେ ତେବେ ସାଧୁ ଉପଦେଶ
ଦୂର ହୋଇଯାଏ ତା'ର ପାପତାପ କ୍ଲେଶ ।

(୧) ଶରଦଗ—ମୁଥିବା ।

(୨୬)

ଅତିର ମାନର ପରଶମଣି ପରଶରେ
ଲୌହ ପରିଣତ ସବୁ ହୁଏ ସୁବର୍ଣ୍ଣରେ;
ହେଲେହେଁ ଲୌହ ପଞ୍ଜରର ପୁଣି ବ୍ୟବହୃତ
ସୁବର୍ଣ୍ଣ ବର୍ଣ୍ଣ ତାହାର ନହୁଏ ବିକୃତ ।

(୨୭)

ଦସ୍ୟୁମନୁ ଭରପାଦ ଛୁଇଁ ଅତିର ମାନ
ବଞ୍ଚିଗଲ ସବୁ ହୋଇପାରେ ମୁକ୍ତିମାନ;
ମହା ମହା ପାପୀମାନେ କଲେହେଁ ଦ୍ୱାର
ଚିରଦିନ-ନିବନ୍ଧନ ଜୀବନ ତାହାର ।

(୨୮)

(୧) ସାଗର ଆତ୍ମସ୍ଥାନ୍ୱେଷୀ ନିର୍ଝର ଜୀବନ
କେତେ ଦୁର୍ଗମ ପ୍ରାନ୍ତର, କେତେ ଗିରିବନ;
ଭ୍ରମିଥାଏ ଲଙ୍ଘି ଶତଶତ ବାଧାବିଘ୍ନ
ତଥାପି ଲକ୍ଷ୍ୟ ପଥରେ ନହୁଏ ଉଦ୍‌ବିଗ୍ନ ।

(୨୯)

କଳପ-ତପାଙ୍କ ପକ୍ଷେ ଦୁଷ୍ପ୍ରାପ୍ୟ ଯେ ହରି
ଅଳପକେ କିଏ ତାଙ୍କୁ ପାଇବ କପରି ?
ହତାଶ ନହୁଅ ଭାଇ, ନହୁଅ ଚଞ୍ଚଳ
ଆଶୁ ଲଭ୍ୟ ନୁହେଁ ଭକ୍ତି-ସାଧନାର ଫଳ ।

(୩୦)

ସତତ ସଚେଷ୍ଟ ଥାଅ ପୁଣ୍ୟର ସାଧନେ
ଫଳପ୍ରାପ୍ତିର ସନ୍ଦେହ ରଖ ନାହିଁ ମନେ;
କୃତ କର୍ମଫଳେ ତୁମ୍ଭ ପୂର୍ଣ୍ଣ ଅଧିକାର
ହରି ବି' ହରି ନପାରେ କର୍ମଫଳ କା'ର ।

(୧) ଜୀବନ—ଜଳ; ଜୀବାତ୍ମାର ଐହିକ—ଐହିକ ଅବସ୍ଥିତିର ସମସ୍ତ ।

(୩୧)

ପାପଫଳ ଭୋଗିବାକୁ କେ କରେ କାମନା
ତଥାପି ପାପୀକି ମିଳେ ପାପର ଯାତନା;
ନିଷ୍ଫଳ ହେଲେ କି ପୁଣ୍ୟ କରନ୍ତେ ଅର୍ଜନ
ଚୋର ବଳାତ୍ ହୁଅନ୍ତି ସାଧୁ ମହାଜନ ।

(୩୨)

ସୁଖ-ଫଳଦାତା ଏକମାତ୍ର ପୁଣ୍ୟ-ତରୁ
ଅଙ୍କୁରିତ ହୁଏ ତାହା ଧରମ-ବୀଜରୁ;
ଜ୍ଞାନାଲୋକ ଭକ୍ତି-ଜଳ କର୍ମ-ବାୟୁ ଲଭି
ହୃଦ-କ୍ଷେତ୍ରେ ଧର୍ମ-ବୀଜ ଉଠଇ ଉଦ୍ଭବି ।

(୩୩)

ଅନ୍ତରେ ଭୟ-ଲଜ୍ଜା-ଶଙ୍କା ଯେତେ ଅନୁତାପ
ଜାତ ହୁଏ ଯହିଁ ତାହା ଜାଣ ନିଶ୍ଚେ ପାପ;
ପବିତ୍ର ଉଲ୍ଲାସ ସ୍ୱର୍ଗାନନ୍ଦ ଜନ୍ମେ ଯହିଁ
'ପୁଣ୍ୟ' ବୋଲି ତାହା ସବୁ ଧର୍ମଶାସ୍ତ୍ରେ କହି ।

(୩୪)

ବସ୍ତୁ ଏକ ବିଶ୍ୱ, ଏକ ଏକ ବିଶ୍ୱପାଳି
ବିଶ୍ୱରାଜ୍ୟ-ରାଜଧର୍ମମାତ୍ର ଏକ ଭାଳି;
ଅଙ୍ଗ ପ୍ରତ୍ୟଙ୍ଗାଦି ଜାତି ଧର୍ମ ଆସ୍ତ ଏକ
ତୁଚ୍ଛ ହିନ୍ଦୁ-ଖ୍ରୀଷ୍ଟିୟାନ-ଭେଦଭାବ ଟେକ ।

(୩୫)

ହେ ହିନ୍ଦୁ, ମୁସଲମାନ ଖ୍ରୀଷ୍ଟାନ ଜଇନ !
ଆତ୍ମ ଭେଦେ ଈଶ୍ୱରଙ୍କୁ ମତ ବାଣ୍ଟି ଭିନ୍ନ;
ବୃଥା ଭ୍ରମ ବାକ୍‌ବିତଣ୍ଡା ଅନ୍ଧଦଳ ପରି
ହସ୍ତି-କର୍ଣ୍ଣ ପଦ-ଦନ୍ତ-ପୁଚ୍ଛ-ଶୁଣ୍ଡ ଧରି ।

(୩୬)

କୋଟିଏ ଜଳାଶୟରେ ଥାଏ ବହୁ ଘାଟ
ସ୍ୱକର୍ତ୍ତ୍ରୀ-ବସ୍ତୀର୍ଣ୍ଣ ଘାଟ ଅନୁଯାୟୀ ବାଟ;

ଯାଃ ଭେଦେ ଜନ କାହିଁ ଶକ୍ତି କି ମଧୁର
ସବୁ ହୁଏ ବୁଦ୍ଧିମତା ଅନ୍ତ କର ଦୂର ।

(୩୭)

କଳାଶତ୍ରୁ-ଧର୍ମ ଜ୍ଞ-ସାମ୍ପ୍ରଦାୟିକତା
ସଂକୀର୍ଣ୍ଣତା-ଧାରଣା ମଳିନ-ସତ୍ତ୍ୱତା;
ତହୁଁ ମଧୁର ରହିଛି କଥା ପରଶଂସା
ବୁଦ୍ଧିମତା ଧନକ୍ରିତ ଜାତ୍ୟ ଲୋକଦଶା ।

(୩୮)

ଦୟା-ଶାନ୍ତି-ଦକ୍ଷ୍ୟ-କ୍ଷମା ପରମ ଧରମ
ଘରନ୍ତୁ ମୁଳ ସବୁଠାରେ ମୁଳ ତା' ସରମ;
ଧର୍ମ ହେଲେ ଜୈଯାଏ ଅଧର୍ମର କାର୍ଯ୍ୟ
କାଳ-ଧର୍ମ-କ୍ଷତିକ ତାହା ହେଉ ବ୍ୟବହାର୍ଯ୍ୟ ।

(୩୯)

ଯନ୍ତ୍ର ଦେଖିଲ ମଧ୍ୟ ଯାହା ଦୁଃସ୍ଥାବସ୍ଥ ଅଛିବୁ
ଲଜ୍ଜାପମାନକାମକ ଅବା ନିନ୍ଦନୀୟ,
ନୟନର ସନ୍ତର୍ପଣ ପୁଣ୍ୟ ଆଶା ନାହିଁ କାହିଁ
ବାରମ୍ବ ଭୂମିଙ୍କୁ ଲୋକେ ବୋଲିବେ ଦ୍ରୁତିକୁ ।

(୪୦)

ନିଜ ସମ୍ମୁଖରେ ଜଣେ ଅନ୍ୟାୟ କୁତର୍କେ
ଧର୍ମ-ପଥରୁ ଚଳିବାକୁ ଟାଣୁଅଛି ନର୍କେ;
ସ୍ଥିତ ଭଲ୍ଲଭାବେର ପଥ ବାନ୍ଧୁଅଛି ପାଳ
ଶାନ୍ତ ବଂଦନାର ତହିଁ ମୂର୍ଖତା କେବଳ ।

(୪୧)

ମୂର୍ଖ ଖଳ, କାର୍ଯ୍ୟସାଧନ-ସବଳ ଲୋଭୀ
ଶଠ, ଚପଳ, ଧର୍ମର ବାହ୍ୟଶାସ୍ତ୍ରଆଶ୍ରୀ,
ଏମାନଙ୍କୁ ନସ୍ତ୍ରବ୍ୟେ କରେ କିଛି ଦାନ
ଦାନ ନୁହଇ ତାହା ମହା ଦୁଷ୍କୃତ ଆଦାନ ।

(୪୨)

ଭଣ୍ଡ-ତପସ୍ୱୀ ଭିଖାରୀ ଠକ ଅଳସୁଆ
ଦେଶମାତାର ଏମାନେ ଜୀବନ୍ତ ଘାଆ;
ଏହାଙ୍କ ବୃଥା ଜୀବନରକ୍ଷା-ଉପକାର
କେବଳ ଦେଶ-ଦାରିଦ୍ର୍ୟ-ବୃଦ୍ଧି ମାତ୍ର ସାର ।

(୪୩)

ପୁଣ୍ୟର ଆଶାରେ ଅନେକେ କରୁଥାନ୍ତି ଦାନ
ଦେୟ ବସ୍ତୁ ନୁହେଁ ଥିଲେ ପାତ୍ରଙ୍କ ସମାନ;
"ଦେଇଥିଲେ ପାଇ" ଅଛି ଧାର୍ମିକ ପ୍ରବାଦ
ନିର୍ବିବେକ ଦାନ ତେଣୁ କେବଳ ପ୍ରମାଦ ।

(୪୪)

ଗଜକଚ୍ଛପ ପ୍ରସଙ୍ଗ ଦେଖିଲ ପୁସ୍ତକ
ଦେଖ କେତେକି କପଟ ଯଶ-ଉତ୍ପାଦକ;
ଦାନୀ ଲଭେ ଉଚ୍ଚ କୀର୍ତ୍ତି ରଖେ କୀର୍ତ୍ତି-ମୂର୍ତ୍ତି
ତା' ଉପରେ ମୁକ୍ତ କରିଥାଏ ଗଜମୂର୍ତ୍ତି ।

(୪୫)

ଭୁଲିଲ ମୁଠାଏ ମଦ ଦେଲେ ବେଶ୍ୟାଙ୍କୁ
ଦାନ ଫଳାଫଳ ବୁଝ ବିବେଚନା କରି;
ଦେଖିବା ଉଚିତ ପୁଣି କିଭଳି ଦାନସ୍ୱ
ସନ୍ନ୍ୟାସୀ-ପ୍ରଚାରୀ ପୂଜନସ୍ୱ-ବର୍ଜନସ୍ୱ ।

(୪୬)

ବଶ୍ୟପ୍ରେଗ-ବହ୍ନି ଶାନ୍ତ କରନ୍ତି ସ୍ୱ
ସରେଟକାଷ୍ଠ ଚେ' ସୁଜ ସତ୍ୟଧର୍ମୀପ୍ରିୟ,
ସେ ଏକା ପୂଜ୍ୟ ସନ୍ନ୍ୟାସୀ ସାଧୁ ଭିକ୍ଷୁରୂପ
ଆଦର୍ଶ ଅଟନ୍ତି ଦାନ-ଗ୍ରହଣାଧିକାରୀ ।

(୪୭)

ଦେବଜି ଦେବତା ବ୍ରାହ୍ମଣ କନ୍ୟା ଗୁରୁ ଦାସ
ଠକ ଅଳସ ପୋଷିବା ମୁକ୍ତିକର ସାଧ;

ପକ୍ଷାନ୍ତରେ କର୍ମଫଳ ଦାତା ନ୍ୟାୟବାନ
ଈଶ୍ୱରଙ୍କ ପ୍ରତି ତାହା ଅପମାନ ଦାନ ।

(୪୮)

ଯାହାର ପ୍ରବୃତ୍ତି ଧନେ ପାପ ଅଙ୍ଗୀକାର
ସାଧିତ ହେଉଛି କିମ୍ବା ଚଳୁଛି ଆହାର;
ହେଲା ଜଣେ ସୁ ଦୁଷାର୍ଥ-ହୀନ ଅକର୍ମଣ୍ୟ
ସେ ଭଳି ଦାନର ପ୍ରାପ୍ୟ କର ନିର୍ଦ୍ଧାରଣ ।

(୪୯)

କର୍ମହୀନଙ୍କୁ ଈଶ୍ୱର ନ ଦଅନ୍ତି ଭିକ୍ଷା
ନିର୍ଜନେ ବାନ୍ଧି ଜଣକୁ କର ବି' ପରୀକ୍ଷା;
ଧନରକ୍ଷି ମାଗୁଥାଉ ମରିଯିବାଯାଏ
ହରିଙ୍କଠାରୁ ସେ କିଛି ସାହାଯ୍ୟ ନ ପାଏ ।

(୫୦)

ଦେଖୁଛ କୁକର୍ମୀ ଜଣେ କରୁଛି ସାଧନ
କ୍ଷମାବଶେ ତାକୁ ଯଦି ନ ଦେଲ ଶାସନ;
ବଢ଼ିଗଲା ତା ସାହସ ତୁମ୍ଭ ସମ୍ମୁଖରେ
ପୁଣି ପାପ କରିବାକୁ ଆଉ ସେ ନ ଡରେ ।

(୫୧)

ତୁମ୍ଭ ଆଗେ ଯେତେ ପରନିନ୍ଦା ଗାଉଥାଏ
କି ପ୍ରମାଣ ଅଛି ତୁମ୍ଭ ନିନ୍ଦା ସେ ନ ଗାଏ ?
ସେଭଳି ଲୋକ ଆତ୍ମୀୟ ବନ୍ଧୁ ହେଲେ ମଧ୍ୟ
ଚିହ୍ନିନିଅ ଲୋକେହିଁ ଗୁଣୀ କିମ୍ବା ଗୁଣଜ୍ଞ ।

(୫୨)

ଅନାଇ ଅନ୍ୟର ଦୋଷ ଦୁର୍ଗୁଣ କୁତ୍ସିତ
ଖୋଜୁଛନ୍ତି ସ୍ୱାଧୀନତା ହେ—ଦେବତା,
ପ୍ରଜାର ଦୁଃଖ ବାରତା ହେ,
କେ ଦେବ ତୁମ୍ଭଙ୍କୁ — ଫାଟିଯାଏ ଛାତି
ବାଞ୍ଛିଲୁଣି ଆତ୍ମହତ୍ୟା ହେ !

ହେ ମୋହନଦାସ — ଆଉଥରେ ଆସ
ଯାଞ୍ଚ ଆମ ଦୁର୍ଦ୍ଦଶା ହେ,
ତବ ଅସହଯୋଗରେ — ଆଜ ଘରେ ଘରେ
ଅଶାନ୍ତି କରନ୍ତି ବସା ହେ—ଦୁରାଶା,
ଛୁଟି ଯାଉଛି ଭରସା ହେ;
ତବ ବିନୁ ଦେବ — ଦେଶକୁ କେ ଦେବ
'ରାମରାଜ୍ୟ'ର ନକ୍ସା ହେ ?

ଜନ୍ମିଥିଲେ କେତେ — କେତେ ଏ ଭାରତେ
ତୁମ୍ଭ ଆଗୁଁ ମହାମତି ହେ,
ମାତ୍ର ତୁମ୍ଭପରି — କେ ପାରିଛି ଧରି
ପରାଧୀନତା ଦୁର୍ଗତି ହେ—ସୁମତି,
ତେଣୁ ଦୀନା ତୁମ୍ଭ ପ୍ରତି ହେ,
ତାଳ ଉଲ୍ଲାସର — ପାଳେ ଆଜି ସାରା
ଭାରତ 'ଗାନ୍ଧି-ଜୟନ୍ତୀ' ହେ !

---

## ଭୋଟଭିକ୍ଷା

୧୯୬୧ ଡିସେମ୍ବର

( ରାଗ—ସୁରଙ୍ଗ )

ଭଲ ଭଉଣୀ ହେ,
ସ୍ନେହଭିକ୍ଷା ଛାଡ଼ି ଭୋଟ ଚାହୁଁଛି ଏ । ପୋଡ଼ା !

(୧)

ସର୍ବାଙ୍ଗ ହେଉ ବା ବେସର୍ବାଙ୍ଗ,
ଦର୍ବାଙ୍ଗୀ ବେଳେ ଯେ' ଭେଖଧାଙ୍ଗୀ;
ବଡ଼ମା ଦେଖାଇ ପର ଦୋଷ ଚାଳି
ସେ' କି ହୁଏ ପର ଉପକାରୀ ?

(୨)

ପରଦୁଃଖ ଦେଖିବାର ପାଇଁ,
ଘରଚଷ୍ମା ଛନ୍ତି ଯେ ଲଗାଇ;
କାଲି ଏସେମ୍ବ୍ଳିରେ ବସିଲେ ସେ ସିଟରେ
ବଙ୍କାମୁହାଁ ହେବେ ଟଙ୍କା ପାଇ ।

(୩)

ସ୍ୱଦେଶୀ ମିଲନଗଲ୍ ନର୍ମିଟେସ୍,
ନ ପଢ଼ିବ ଆଉ ଉନେ ପେସ୍;
ତୁମ ଚିଲ୍ଲାରେ ସେ' ଖାର୍ ହେ'ଲ ଚେଷ୍ଟ
ବାଲି ନ' ଚାଣ୍ଡେବ ଲୁହା ମଦ ।

(୪)

ଲୁଗାଇଦେବ୍ କଳା-ବଜାରିଆ,
ଚାଲି ଧଳାଟକ୍କ ଖଜାଣିଆ;
ଖାଣ୍ଟି ବାବୁ-ନତି ବାଣିଦେଙ୍କୁ ନତି
ଘାଣ୍ଟି ହେଉଅଛ ତାଙ୍କ ହୁଅ ।

(୫)

ବଜାରରେ ଚଢ଼ି ଟେକ' ଗରିବ,
ଢ଼'ପଦ ଥବ ବା ଟୁଙ୍ଗାଚିବ;
ଏତେ ଉପରକୁ ଢେଟିଦେ ଅଭିଜ୍ଞ
ଉଡ଼ର ଶ' ଖସି ନିବାରିବ ।

(୬)

ଗୁଣଗାନ ଥାଉ ବାବୁଙ୍କର,
ଘମଣ୍ଡ ନପାଉ ଲାଗୁଚର;

ଯେଉଁ ବାକ୍ୟରେ ଶ୍ରେଷ୍ଠ ଦେବ ଥରେ
ମନ ସଙ୍ଗେ ମିଶି ଖେଳୁ କର ।

(୭)

ସେ' ବାକ୍ୟ ଧରେ 'ଧନୁଗର',
ତା' ବାଟକୁ ଯଦି ଅନୁସର,
ଦିଅ ତହିଁ ଶ୍ରେଷ୍ଠ ପାଇପିବ ଶ୍ରେଷ୍ଠ
ହୃଦଅର୍ଘ୍ୟ ମନୁଷ୍ୟର ।

(୮)

'ତାଆ-ଶସ୍ୟଭେଲ' ଗଢ଼ିଲ କେତେ,
ଆଜୀବ ଚଷ ଲୁଚିଆର ଗାତ;
ନ ମାନିଲ ଧାର ଚକଡର ଧାର
ଲିଲ କରିଦେବ ପାପ ହିତ ।

(୯)

'ବରଗନ୍ଧ' ଯେଉଁ ବାକ୍ୟଚେ,
ତହିଁ ଯେତେବ ତୁମ ଶ୍ରେଷ୍ଠ ଭରେ,
ଆତ୍ମନିର୍ଭା ଯୁକ୍ତି- ବାଦ ଜଳି-ମନ୍ତ୍ରି
ଯୋଡବ ସ୍ୱରର ଘରେ ଘରେ ।

(୧୦)

ସେ' ବାକ୍ୟ 'ଭଲ-ବଳଦିଆ'
ଶ୍ରେଷ୍ଠରୁକୁ ଡାକେ ନିଲଦ ଆ',
ଶ୍ରେଷ୍ଠ ଦେବ ନ' ଦେ ଶାନ୍ତିରସ ଦୁଦବ
ମୁଁ ନୋର ଯେଉଁର ବଳ-ଦିଆ ।

(୧୧)

ଏହିପରି ଚନ୍ଦ୍ରାଇବ ଜେତେ,
'ବୋଲ୍ତ' ଆଉ ଏ ଯନ୍ତ୍ର ଯେତେ;
ତୁମେ ବାନ୍ଧିନିଅ ଶ୍ରେଷ୍ଠ ପାଇ ଦଉ
ସେ' ବନ୍ଧୁର ନାମ ତୁମ ଯେତେ ।

(୧୨)

ଅସିବାରୁ ଦେଶରେ ସବା ଚଳ
ଧାଏଁ 'ରେଲ୍' ଧାଏଁ 'ସାଇକେଲ୍'
ହୋଇ ଧନ୍ଦଚନ୍ଦ୍ର ଚିବାକୁ 'ଚଣ୍ଡ'
ବୋଲୁଛି ସମସ୍ତେ ବ ଠେଲ୍ ଠେଲ୍ ।

---

## କାଳୀକୋଳେ ଲବକ୍ରନ୍ଦନ

( ରାଗ—ମାଳବ ଚକ୍ରପଦ )

(୧)

(୧) କାରୁଣିକା କଳା- କୁଞ୍ଚିତ କୁନ୍ତଳା
କାଳରୂପିଣୀ ମା କାଳୀ ଗୋ,
କର କୃପାଦାନ କରୁଛି ଆହ୍ୱାନ
କାକୁତିରେ ଅଶ୍ରୁ ଢାଳି ଗୋ;
କରେ ନାହିଁ ଫୁଲ ଫଳ,
ଜ୍ଞାନ-କଳମ ମାତ୍ର ସମ୍ବଳ ଗୋ !

(୨)

କେତେ କେତେ ଦୁଃଖେ କାଳଚକ୍ର ମୁଖେ
କରୁଛି ଧନ୍ଦ କୋଳେ ଗୋ,
କାହିଁ ବା' ଶୟନ କରୁଛନ୍ତି ମାନ-
(୨) କରମ୍ବିତ ସ୍ତୁପ-ଦୋଳେ ଗୋ;
କାଳ କଳଙ୍କ କରାଇ,
କଲ୍ଲୋଳେ ଦୋହଲାଉଛ କାହିଁ ଗୋ !

(୩)

କ୍ଲେଶ କେତେ ସହି କାଳି, କୃପାମୟୀ
କଲ୍ୟାଣୀ ଜନନୀ ରୂପେ ଗୋ,

---

(୧) କାରୁଣିକା—କରୁଣାବତୀ । (୨) କରମ୍ବିତ—ଖଚିତ ।

କରିଛ ଅଳୀକ  ଭଅଁରା ଦୁର୍ବଳ
କୁମରକୁ ଚମ୍ପୁବନ୍ଧୁ ହେ ଗୋ;
ନାହିଁ ଦୁଃଖ ଥିଲେ ମନେ,
ଜଳଜାକ୍ଷି ମୁଖ ଦରଶନେ ଗୋ !

(୪)

(୧) ହୋତ୍ରଗ୍ନ ସମୟେ  କୃଷି-ଧନଞ୍ଜୟେ
ଝଲବଲ ଦେଖି ମୋର ଗୋ,
କନ କନ ତନୁ  ଦାଉଦାଉ ତନୁ
କରିଛନ୍ତି ଜନେ ଘୋର ଗୋ;
କି ବର୍ଣ୍ଣିବ ତାହା ପୁଣି,
କୋଟି ଜନମ ପାଏ ମୁଁ ଭୁଣି ଗୋ !

(୫)

କିଶୋର ବୟସେ  କାମବଳ ରସେ
କାମନା କରି ଅପୂର୍ବ ଗୋ,
କୁସୁମିତ-କେଶା  କଜ୍ଜଳୀ-ଦୃଗ୍‌ବେଶା
କେତେଣି ଗଲ ପ୍ରେମାତୁର ଗୋ;
କଳାବତୀ ଦୂରସିକା,
କଳହାସିନୀ ଅଭିସାରିକା ଗୋ !

(୬)

କାମ୍ୟ ପ୍ରେମୋଚ୍ଛ୍ୱାସ  କେଳି ପରିହାସ
କୁଞ୍ଜ ସୁବାସ ବିହାର ଗୋ,
କାନ୍ତା ତନୁ ଫୁଲ-  କୋମଳ ମଞ୍ଜୁଳ
କଥା ଗୁଣ ବ୍ୟବହାର ଗୋ;
କାହୁଁ ଥିବା ପାଏ ମୋର
କେବେ ମନରୁ ଯିବ ପାସୋର ଗୋ ?

(୧) କୃଷ୍ଣବର୍ତ୍ମା—ଅଗ୍ନିଙ୍କ ।

(୭)

କେଳିଅଙ୍କେ ପାଦ୍ମା- ନକ୍ଷ ତୋର ଯାମା

କରିଛି ହରଷେ ଦାନ ଗୋ,

କାମାର୍ତ୍ତ ଦେହର କର୍ଣ୍ଣ-ନେତ୍ର-କର

କଳ୍ପତରର ବର୍ତ୍ତମାନ ଗୋ;

କାଢ଼ ହୃଦରୁ ଅନୁଭବ,

କହିଁ ସତେଁ ନ ହେଲ ସାଧନା ଗୋ ?

(୮)

କୁଳାଙ୍ଗନା ଧନ, କଲ ଯା' ବନ୍ଦନ

କେବେ ମୁଁ ପାଇବ ତ୍ରାଣ ଗୋ,

କଠାରେ ନ'ଲାଗି କଣ୍ଟକଥା ଭଣି

କଣ୍ଠେ ଭରିଛି ମୋ ପ୍ରାଣ ଗୋ;

କବା କରୁଛ ତପସ୍ୟା ?

କାହିଁ ଯେଉନ ମୋ ଧୈର୍ଯ୍ୟ ଶିକ୍ଷା ଗୋ !

(୯)

କନ୍ୟାରୂପେ ଶିବା, କଷ୍ଟ ଉଜଳିବା

କାମେ ତ' ଏନ କୁଟୀରେ ଗୋ,

କଳ-ପଦ୍ମାର୍ପଣ କନକ-ଦର୍ପଣ

କହ ମୋ କେଉଁ ସ୍ତୁତିରେ ଗୋ;

କଣ୍ଠପଟା ଶୋକଜଳେ,

କଷ୍ଟ ନଦେଇ ଗଲ ଚପଳେ ଗୋ !

(୧୦)

କଳପନା-ତୁଳି କଳା ନ ପାରୁଛି

କାମରୂପା ତୁମ୍ଭ ମାଧୁ ଗୋ,

କବି ମୁଁ ଭାବେଟି କାରୁଣ୍ୟ ଢାଳେଟି

କେବଳ ରୂପ-ଗୁଣ-ଜ୍ୟୋତି ଗୋ,

କାଳିଦାସ ମହାକବି

କହି ପାରିବେ ବା' ଅନ୍ତ ଛବି ଗୋ !

(୧୧)

ନବୀନା ମୂରତି          କଳେବର ଧରି
କହାଅଛୁ ଷୋଡ଼ଶ ଘଟଣେ ଗୋ,
କୁତର୍କ ବିବାଦ          କୁଟିଳ ଉନ୍ମାଦ
ଜଗତୀଙ୍କ ଆଚରଣେ ଗୋ;
ସ୍ୱର ଧନ ଅନ୍ଧାରରେ
କୃଷ୍ଣ ଧାର୍ମିକଙ୍କ ପୂର୍ଣ୍ଣିମାରେ ଗୋ !

(୧୨)

କାନ୍ତି ନା' ଲେଖକ          କଠୋର ଚାଳକ
କହିଅଛି କି ଅଦ୍ଭୁତ ଗୋ,
କର୍ମଫଳଦାହି,          ନାଲି ମୋତେ ରସି-
କୋଳେ କି ଅନ୍ତଃସ୍ଥିତ ଗୋ;
ନୋହ ବେ କରିବ ଭକ୍ତା,
ଦାନ୍, ନନ୍ଦଲ୍ ଭୁବନ୍ତୁ କଲ୍ପଣା ଗୋ !

(୧୩)

କୃଷ୍ଣ ପ୍ରାଣିଣି ଶାନ୍ତ          କଦାକାରେ କାନ୍ତି
କଲ୍ପଣେ ମାଗିବ ଚିତ୍ତ ?
କାନ୍ତ-ଶାନ୍ତ-ମାନ          କାମନା, ହୃଦାନ
କରିଛୁ ତ' ସଥୋଚିତ ଗୋ;
କରେ ଅବ ସ୍ପୃହଣେ,
ଦାବି, ଭେଟାଇଦିଅ ମରଣେ ଗୋ !

(୧୪)

କଥଣି କର୍ଣ୍ଣର          ଜ୍ଞାନ୍ତ ଗନ୍ଧନର
ଅଧନ ସ୍ତ୍ରୀ ଶାନ୍ତ ସୀନା ଗୋ,
କାଣ ପା' ଜନମ-          ଜାନ୍ନ ପତ୍ନୀ ପ୍ରମ
କ ଜନ ଗା ମୃତ୍ୟୁ ବନା ଗୋ;
କରେ ଅବ ସ୍ପୃହଣେ,
ଦାନି, ଭେଟାଇଦିଅ ମରଣେ ଗୋ !

(୧୫)

କଟଶୋଷ ମୋହନ   କେଶଶ୍ର-ବାହନ
କାଳଶକ୍ତି-ସଞ୍ଚାରଣୀ ଗୋ,
କାଞ୍ଚାପୁର କ୍ଷେମା   କାମାକ୍ଷୀ ତୁମ୍ଭେ ମା,
(୧) କାଳୀଘାଟ ଅଧିକାରିଣୀ ଗୋ;
କରେ ଅଳି ଶ୍ରୀଚରଣେ,
କାଳି, ଭେଟାଇଦିଅ ମରଣେ ଗୋ !

(୧୬)

(୨) କେଳିକଳାରାଣୀ   କମଳା ଅଟାଣି
କପାଳ କୃପାଣୀହସ୍ତା ଗୋ,
କପାଳୀ କାଳିକା   କୁମାରୀ ପାଳିକା
କଙ୍କାଳିକା ଛିନ୍ନମସ୍ତା ଗୋ;
କରେ ଅଳି ଶ୍ରୀଚରଣେ,
କାଳି, ଭେଟାଇଦିଅ ମରଣେ ଗୋ !

(୧୭)

କୋମଳାଙ୍ଗୀ କାନ୍ତା   କଙ୍କାଳିନୀ ମାତା
କୁମ୍ଭୁକର ସନ୍ଧ୍ୟା ପାଦ ଗୋ,
କର୍ତ୍ତ୍ରୀ ତୁମ୍ଭେ କୃତ-   କାରଣ ପ୍ରକୃତି
କାମିନୀ ଆଦିଶକ୍ତି ଗୋ;
କରେ ଅଳି ଶ୍ରୀଚରଣେ,
କାଳି, ଭେଟାଇଦିଅ ମରଣେ ଗୋ !

(୧୮)

କାକାକ୍ଷି ଲୋଚନା   କୋକିଳବଚନା
କାଞ୍ଚିକ ବସନା ଭୂଷିତ ଗୋ,

---

(୧) କାଳୀଘାଟ—ଗ୍ରାମର ଶକ୍ତିର ସ୍ଥାନ ।
(୨) କେଳିକଳା—ସରସ୍ୱତୀଙ୍କ ବୀଣା ।

(୧) କୃଶାନୁ କମଳ    କୁ ଖାନୁ ଖମନ
କାମ୍ୟ ମିଶୁ ପଞ୍ଚଭୂତେ ଗୋ;
କରେ ଅନ୍ଧ ଶ୍ରୀଚରଣେ,
କାଳ, ଭେଟାଇଦଅ ମରଣେ ଗୋ !

(୧୯)

ସ୍ୱେଦ୍-ଭୂମି-ଭବ    କଦର୍ଥ୍ୟ ଯସସ୍ୱ
କପଟେ କି କଷ୍ଟ ଆଉ ଗୋ ?
କାମ କ୍ରୋଧ ଲୁବ୍ଧ    ଦାମ୍ଭ ଲୋଭ ପାଳି
(୨) କୋଟିକଲରେ ଝୁଲପାଇ ଗୋ;
କରେ ଅନ୍ଧ ଶ୍ରୀଚରଣେ,
କାଳ, ଭେଟାଇଦଅ ମରଣେ ଗୋ !

(୨୦)

(୩) କୂଳମ ଖବନ    କୂଳଙ୍କଷେ ଦନ-
କାଳ ମିଶାଇଲା ଚରି ଗୋ,
କାଳ-ଧାରାମ୍ବୁତ    କଳ୍ପ ମୋତେ ଯୂତ
କୋଳ-କଲ୍ଲୋଳେ ଲୁମ୍ଭର ଗୋ;
କରେ ଅନ୍ଧ ଶ୍ରୀଚରଣେ,
କାଳ, ଭେଟାଇଦଅ ମରଣେ ଗୋ !

---

## ଖୋଲା ପୀରତି

(ସ୍ୱର—ଅଠାଡ଼ନ୍ଦ୍ର)

ଅଧା ନ ମନ୍ତ୍ର,
ଖୋଲ ପୀରତି ତରୁଣବନ୍ଧୁର ! ଖୋଲା !

---

(୧) କୃଶାନୁ—ଅଗ୍ନି । କମଳ—ଜଳ । କୁ—ପୃଥ୍ୱୀ । ଖାନୁ—ବାତେନ୍ଦ୍ର । ଖ—ଆକାଶ । ମନ—ଏହିପରି ଅର୍ଥରେ ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦ । (୨) କୋଟିକଲ—ଶରୀରେ ଏକ ବୋଝ ଧରନ୍ତ । (୩) କୂଳମ—ନଦୀ । ଖବନ—ପାଣି । କୂଳଙ୍କଷ—ସମୁଦ୍ର । ଦନକାଳ—ଜନ୍ମକାଳ ।

[୧]

ବେଶ ତେଜେନ୍ଦ୍ରିୟ ଶକ୍ତି ଧାରିବାର;
(୧) ରଙ୍ଗ ତମ୍ବସା- ଲକ୍ଷ୍ମୀ ଝାରିବାର;
ଦର୍ଶକ 'ଶାବ- ଧନ' କହିବାର,
ନର୍ତ୍ତକ ଭଙ୍ଗୀ ମନ ମୋହିବାର !

[୨]

ଆଣ୍ଡ ଆଣିରେ ଦେଖି ଭୁଲିବାର,
(୨) ଠାଡ଼ ଭୂଇଁରେ ଗାଣ୍ଡି ଖଳିବାର;
ଭାଜନ ଢେଙ୍କା ଛଟି ଚେଟିବାର,
ଲଜର ଖେଳା- ଛିଟି ଟେଟିବାର !

[୩]

ତୋଷି କଥାରେ ଟେଟେଲ ଭୁଲିବାର,
ଭେଗ୍ଗ କଟାକ୍ଷ- ଶୋଟଲ ଭୁଲିବାର;
ଦନ୍ତ ଦଂଶନା- ଭଙ୍ଗା ଛୁଟିବାର,
ଲମ୍ଫାଡେଇଁଆ- ଆଶା ଗଣିବାର !

[୪]

ଜାକିବା ଲାଗେ ଫୁଲ ଟୋଳିବାର,
ଝାଙ୍କିବା ବ୍ୟାଜେ ଝର ଖୋଳିବାର;
(୩) ଛାନ୍ଦେ ଗୁଆଗଣ ବେତାଳ ହେବାର,
ବାଟେ ଅଜଣା ବେତାଳ ଦେବାର !

[୫]

ମାଳର ହାଟ- ଭାଟ ବାନ୍ଧିବାର,
ହାଟ କପଟ- ଭେଟ ଲୁଟିବାର;
(୪) ମାନ ଫିଟାଇ ନାରଦ ବିହାର,
ପ୍ରାଣ ମିଠାଇ ଶାରଦ ବିହାର !

(୧) ତମ୍ବସା—ଲେଖ ପ୍ରଦର୍ଶନ । (୨) ଠାଡ଼—ଠିଆ । (୩) ବେତାଳ ହେବା—ଅନାବଶ୍ୟ ପଶାଇ ହେବା, ଉଗଡ଼ାଇ ହେବା । (୪) ନାରଦ ବିହାର—ଦେଶାଟନ ଭ୍ରମଣ । ଶାରଦ ବିହାର—ଶରତ୍‌କାଳୀନ ଘଟଯାତ୍ରା; ଭାଲୁଆଇ, ଭଣ୍ଡଳା ପ୍ରଭୃତି ଦୁର୍ଗାପୂଜା ।

[ ୬ ]

(୧) ନାଚ ଅନ୍ତରେ ଶ୍ରୀ-ମୁକୁତାହାର
ହାଟକଅଙ୍ଗୀ ଦେବାକୁ ତାହାର;
ଆଳୀଙ୍କ ଆଗେ ଯା ହୁଏ ବାହାର,
(୨) ଆଳୀରେ ତାଳ ଦିଏ ଦେବାହାର !

[ ୭ ]

ତା' ପଞ୍ଚବନ- ସୁଷମା-ସଂସାର,
(୩) ନନ୍ଦ ନନ୍ଦନ- ଭୂଷମାର ସାର;
(୪) ବିନ୍ଦୁଧାରା ସେ' ମୋ ମନ-ତୁଷାର,
(୫) ସିନ୍ଧୁଧାରା ମୋ' ମଦନ-ତୃଷାର !

---

## ନାରୀସ୍ତୁତି

( ରାଗ—କଲ୍ୟାଣ ଆଡ଼ତାଳି )

[ ୧ ]

ଜୟ ମହାଲକ୍ଷ୍ମୀ, ଜଗତଜନନୀ
କର୍ମଦେବ ଧର୍ମପାଳନୀ,
ତ୍ରୈଲୋକ୍ୟ ରମା ଧନ୍ୟ ମନୋରମା
ଦୟାବତୀ କ୍ଷମାଶାଳିନୀ;
(୬) ଚପଳା, କୋମଳାଙ୍ଗୀ ଦେବୀ କମଳା;
କ୍ଷୀରାବ୍ଧି ତନୟା ନାରାୟଣପ୍ରିୟା
(୭) ପଦ୍ମ [illegible] ମା ବିମଳା ।

[ ୨ ]

ଶାରଦ ନ ଶୁଭ ସେନ ମାତ୍ର, ତବ
ଦୁର୍ଦ୍ଦିନ ଦିନେ [illegible],

---

(୧) ଶ୍ରୀ—ଶୋଭା, ସୌନ୍ଦର୍ଯ୍ୟ । (୨) ଦେବାହାର—ଅଦ୍ଭୁତ । (୩) ଭୂଷମା—ସାଦୃଶ୍ୟ ମିଳିତ ଏକପ୍ରକାର ସୌନ୍ଦର୍ଯ୍ୟ । (୪) ବିନ୍ଦୁଧାରା—ଶଙ୍ଖ । (୫) ସିନ୍ଧୁଧାରା—ମତ୍ସ୍ୟ ।
(୬) ଚପଳା—ଚଳପ୍ରକୃତିଯୁକ୍ତ, କର୍ମତତ୍ପର ।
(୭) ପଦ୍ମ—ପୂର୍ବେ ପୂର୍ଣ୍ଣଶାଳିନୀ । ବିମଳା—ଉଜ୍ଜ୍ୱଳ [illegible] ।

ମାତୃଚରଣେ ଦୀନା　　　ନାରୀଜାତି ପ୍ରାଣେ
ରହିଛି ନପାରି ବାହାରି;
ଜନନି, ଜାଣୁନ କି ହୃଦବେଦନା;
କଣ୍ଠଗନ୍ଧବଦ୍ଧା　　　ମନୁ-ତନ୍ତ୍ରାସ୍ତ୍ରେ
ତୁଟେନି କି ବନ୍ଧନଯାତନା ।

[ ୩ ]

ଜଗତ ପାଳନେ　　　ଧନ ଅଧିକାରୀ
ତୁମ୍ଭ ହସ୍ତେ ଅଛି ଈଶ୍ୱରୀ,
ଖାଣ୍ଟିଖାଣ୍ଟି କରେ　　　ଦେଖିଲି ଦେ'ଷ୍ଟକୀଟରେ
ବେଦ୍ୟାଗର ପାର ଈଶ୍ୱରୀ;
ଜନନି, ଦାସତ୍ୱେ ମର୍ମ ଫଟାଏ;
(୧) ବେଦ୍ୟାଧନେ ନାରୀ　　　ଥିଲେ ଅଧିକାରୀ
ମୂର୍ଖ ସମାଜର ପ୍ରତାପେ ।

[ ୪ ]

(୨) ଶୈଶବେ ପିତା　　　ଯୌବନେ ପତି
ବାର୍ଦ୍ଧକ୍ୟ ନନ୍ଦନ କୁମର,
ନାରୀର ସମ୍ବନ୍ଧ-　　　ରକ୍ଷଣେ ଏମାନେ
ଭକ୍ତିମନ୍ତ୍ର ଦାସ କମର;

---

(୧) "ସ୍ତ୍ରୀ ଶୂଦ୍ରୌନାଧୀୟାତାମ୍" ବୋଲି ଶୌତ ସୂତ୍ରରେ ଲେଖାଅଛି—"ଇମଂ ମନ୍ତ୍ରଂ ପତ୍ନୀ ପଠେତ୍" । ସ୍ତ୍ରୀମାନେ ବେଦାଦି ଶାସ୍ତ୍ର ପଢ଼ନ୍ତି ଏବଂ ସମୟେ ସମୟେ ସ୍ୱରେ ସଂସ୍କୃତ ବେଦମନ୍ତ୍ର ପାଠ କରନ୍ତି । ପୁଣି ଯଜ୍ଞ ଉତ୍ସବରେ ଜଣାଇବାକୁ କରିପାରନ୍ତି । ଗାର୍ଗୀ ଆଦି ବିଦୁଷୀ ସ୍ତ୍ରୀମାନେ ବେଦାଦି ଶାସ୍ତ୍ର ପଢ଼ି ଭାରତ ଦେଶର ଭୂଷଣ ସ୍ୱରୂପ ହୋଇଥିଲେ । ଏହି କଥା ଶତପଥ ବ୍ରାହ୍ମଣ ଗ୍ରନ୍ଥରେ ସ୍ପଷ୍ଟ ଲେଖାଅଛି ।

(୨)　ପିତା ରକ୍ଷତି କୌମାରେ ଭର୍ତ୍ତା ରକ୍ଷତି ଯୌବନେ,
ରକ୍ଷନ୍ତି ସ୍ଥବିରେ ପୁତ୍ରାଃ ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟମର୍ହତି ॥

ଏହାର ତାତ୍ପର୍ଯ୍ୟ ହେଉଛି—ବାଲ୍ୟକାଳରେ ପିତା, ଯୌବନରେ ସ୍ୱାମୀ, ବାର୍ଦ୍ଧକ୍ୟରେ ପୁତ୍ରମାନେ (ନାବାଳକ ଭିନ୍ନ) ସ୍ତ୍ରୀକି ରକ୍ଷା କରିବେ ଅର୍ଥାତ୍ ଏକାକିନୀ ଅସହାୟା କରି କେହି ଅବମାନନା ଦେଖାଇବେ ନାହିଁ । ଏହି ସ୍ତ୍ରୀରକ୍ଷା ଦ୍ୱାରା ସ୍ତ୍ରୀଜାତିର ସ୍ୱାଧୀନତା ଅପହରଣ କରିବା ନୁହେଁ ।

'ଅବଳା'— ନାମ ଯେଉଁ ନାରୀ ରହିବ,
ମନ୍ତ୍ରଭୂମି ସବୁ ଯନ୍ତ୍ର ଚାଳିଲେ ସେ
'ମହିଳା' ପଦବୀ ବହିବ ।

[ ୫ ]

ଠକ ଅବିଶ୍ୱାସୀ ମୂର୍ଖ ମିଥ୍ୟାଭାଷୀ
(୧) ଯତ ଚଳେ ବିଶ୍ୱ-ଭବନେ,
ସତୀ ଗୁଣବତୀ ନହେଲେ ଯୁବତୀ
ଗତି ନାହିଁ ସାରା ଜୀବନେ;
ଜନନି, କେଉଁ ପକ୍ଷପାତୀ ଧରମ,
ଏ ଧରମ ଗଢ଼ି- ଥିବା ସେମାନଙ୍କୁ
ନ ମାନିବ କି ଲାଜ ସରମ ?

[ ୬ ]

ଭ୍ରାନ୍ତ ଥିଲେ ଦେଖି- ବୁଝି ଦିଅ ଦେବ,
ଶାସ୍ତ୍ରଧାରୀ ଝୁଣ୍ଟ ଚରଣେ,
'ନାରୀଧର୍ମ' ଅଛି 'ନରଧର୍ମ' ବୋଲି
ଲେଖା ନାହିଁ ଦେଖା ପୁରାଣେ;
ନାଗର, ତାଙ୍କ ନାହିଁ ଯଦି ବେଦରେ,
(୨) ବେଦାଦେଶ କହି ମାନବ ରମଣୀ
ଚଳିବେ କି ଭେଦରେ ?

[ ୭ ]

ବିଧବାର ଶଯ୍ୟା ବଞ୍ଚିବ ଅଙ୍ଗନା
ଗହଣା କାଟି ସହାଗ୍ନି,

---

(୧) ବିଶ୍ୱଭବନ—ବ୍ରହ୍ମାଣ୍ଡ ।

(୨) ଇମାଂ ତ୍ୱମିନ୍ଦ୍ର ମୀଢ୍ୱଃ ସୁପୁତ୍ରାଂ ସୁଭଗାଂ କୃଣୁ ।
ଦଶାସ୍ୟାଂ ପୁତ୍ରାନାଧେହି ପତିମେକାଦଶଂ କୃଧି । (ଋଗ୍ବେଦ)

ହେ ବୀର୍ଯ୍ୟବାନ୍ ଐଶ୍ୱର୍ଯ୍ୟଶାଳୀ ପୁରୁଷ, ବୋଧନ୍ତା ସ୍ତ୍ରୀ କନ୍ୟା ନିଯୁକ୍ତା ବଧତା-ଠାରେ କେବଳ ଦଶ ସନ୍ତାନ ପର୍ଯ୍ୟନ୍ତ ଉତ୍ପନ୍ନ କର । ତା ପରେ ତୁମ ସ୍ତ୍ରୀଙ୍କ ପତିବାଳର ଅନାଗମ ବୀର୍ଯ୍ୟ ଛନ କର । ହେ ସ୍ତ୍ରୀ, ତୁମେ ମଧ୍ୟ ଦଶ ସନ୍ତାନ ଜନ୍ମ କର ଏବଂ ଏକ ପତିକ ଏକାଦଶ ଛନ କର ।

ସତୀ ସାଧ୍ୱୀ ସେ        ବୋଲାଇବ ମରି
ଯାଉଥିଲେ ପତିର ଆଗରୁ;
ଏ ରୀତି, ଉଲଟିଲେ ଲଜ୍ଜା ପାତକ;
ଧନ୍ୟ ସେ ପଣ୍ଡିତ        ଯେଉଁ ଲେଖିଛନ୍ତି ଏଣୁ
ରମଣୀ-ଧରମ-ଜାତକ ।

[୮]

(୧) ପତି-ଚିତାନଳେ        ଜଳିଲେ ସୁବର୍ଣ୍ଣ
(୨) ବସିବ ଅମର ନଗରେ,
(୩) କ୍ଷୀରସିନ୍ଧୁପୁରେ        ଭେଟିବ ପତିକି
ଝାସିଲେ ଗଙ୍ଗାତରଙ୍ଗରେ;
ଜନନ, କି ନିଷ୍ଠୁର ଧର୍ମଛଳନା;
(୪) କଲିକତା ବାହ୍ମି ତା'        ଏ ଅନ୍ଧ ବିଶ୍ୱାସ
ମରିଛନ୍ତି ଯେତେ ଲଳନା ।

[୯]

ସତ୍ୟ-ସେବା-ଦୁଆ-        ପରର କୁଳବୁଆ-
ବୁଝୀ ଦେଲେ ଥିବେ ମନୁ ତ,
ସତ୍ନୀ ଦେବ କୋଳେ        ଅଛନ୍ତି ସେ' ବଳେ
ଚିତାନଳ, ଗଙ୍ଗାସ୍ରୋତ ?
*(୫) କଏ ବା, ବଚନ୍ତୀକ ଚାହୁଁ ବହନ୍ତୁ ?
ଦେବ କି ପ୍ରମାଣ        ଯେତକ ପୁରାଣ
ଧର୍ମଶାସ୍ତ୍ର ନାମେ ରହନ୍ତୁ ?

---

(୧) ମୃତେ ଭର୍ତ୍ତରି ଯା ନାରୀ ସମାରୋହେଦ୍ଧୁତାଶନମ୍,
ସାରୁନ୍ଧତୀ ସମାଚାରା ସ୍ୱର୍ଗଲୋକେ ମହୀୟତେ । (ଉଦାଧର ପଦ୍ଧତି)
ତିସ୍ରଃ କୋଟ୍ୟୋଽର୍ଦ୍ଧ କୋଟି ଚ ଯାନି ଲୋମାନି ମାନବେ,
ତାବନ୍ତି କାଳଂ ବସେତ୍ ସ୍ୱର୍ଗେ ଭର୍ତ୍ତାରଂ ଯାନୁଗଚ୍ଛତି । (ପରାଶର ସ୍ମୃତି)

(୨) ଅମର ନଗର—ସ୍ୱର୍ଗ । (୩) କ୍ଷୀରସିନ୍ଧୁପୁର—ବୈକୁଣ୍ଠ । (୪) ଏହି ସତୀଦାହ-ମୃତପ୍ରଥା ୧୮୨୯ରେ ବ୍ରିଟିଶ୍ ସରକାର ଉଠାଇ କରିବାଦ୍ୱାରା ଭାରତୀୟ ନାରୀମାନଙ୍କର ମହୋପକାର ସାଧନ କରିଅଛନ୍ତି । (୫) ଜିନେଭାସ୍ଥ ନାରୀ ଅନୁଷ୍ଠାନ ସମ୍ମିଳନୀରେ ଶ୍ରୀମତୀ ବ୍ରହ୍ମାନନ୍ଦ ଅମଳ ଦେବୀ ଯୋଉଁଏ ବକ୍ତୃତା ଦେଇଥିଲେ । ସେ

[୧୦]

କୁଆଁଶ ଦାନ୍ତର ଘୋଟେ ଖଳକାର
କଳକାକୁ କରେ ମାଳିକା,
ବାଳିକା ଉପର ଖାଇ କଳକାରେ
ଭାଷାକଳା ବଣ କାଳିକା;
ଜନନି, ଧରମ ନାମେ ଏ ସନ୍ତାପ;
ଧରମଦେବର ଥିଲେ କଳେବର
ଛାଡ଼ନ୍ତା ଗରମ ନିଃଶ୍ୱାସ ।

[୧୧]

ନାସ୍ତି ଲୁଚ ଗୁଣେ ମାନୁଷ ନଥିଲେ
ନଥିବଲି କୁସୁମ ଭମାଣ,
ସୁଲୁପଜାତ ହିଁ 'ଧର୍ମ' ବୋଲି ସଂପ
ଦେଇଥାନ୍ତା ଶାସ୍ତ୍ର ପ୍ରମାଣ;
ଲେଖିନ୍ତୁ, ଚଡ ହିଁ 'ଦେବତା' ସଙ୍ଗର;
ସଙ୍ଗ ହେଲେ ମଧ 'ଦେବ!' ଲୁଚେ ନାସ୍ତି
ଅଦପେଟକା ସେ ଚତୁର ।

[୧୨]

ବନ୍ଧ୍ୟାତ୍ୱ-କଳୁଷେ ନିର୍ଦ୍ଦିଷ୍ଟ ଦୋଷେ
କେତେ ନାସ୍ତି ହୋଇ ଦୁଃଖିତା,

କହୁଥିଲେ ଯେ, ବିଧବା ଓ ବେଶ୍ୟାମାନଙ୍କ ଧାର୍ମିକ ଓ ନୈତିକ ଅବସ୍ଥାରେ ଅଧିକାଂଶ ସ୍ଥଳେ ସମଶ୍ରେଣୀସ୍ଥ ରଖା ନଯିବା ପର୍ଯ୍ୟନ୍ତ ରକ୍ଷଣଶୀଳ ହିନ୍ଦୁମାନେ ବିଧବାର ଦୁଃଖ-ଦୁରବସ୍ଥା ହୃଦୟଙ୍ଗମ କରିପାରିବେ ନାହିଁ । ସୁତରାଂ ବିଧବାର ସେହି ଅବସ୍ଥା ବେଶ୍ୟାଠାରୁ ଭିନ୍ନ ହେବା ଆବଶ୍ୟକ । ପାଶ୍ଚାତ୍ୟ-ସମାଜରେ ବେଶ୍ୟାମାନଙ୍କ ପ୍ରତି ସହାନୁଭୂତି ଦେଖା ଯାଉଅଛି । ଫ୍ରେଞ୍ଚ ସାହେବଙ୍କ "ଗୋଲ୍ଡେନ୍ ବଫ୍" ନାମକ ପୁସ୍ତକରେ ଲେଖାଅଛି ଯେ ବ୍ୟାବିଲନ୍ ଭଗ୍ନାବଶେଷର ମେଲିଟ୍ଟା ମନ୍ଦିରେ ସେହି ଲୋକ ବେଶ୍ୟା ହେଲେ ସମସ୍ତ ଲୌକିକ ଅଧିକାରରୁ ସେ ବଞ୍ଚିତ ହୁଏ, ସମାଜରୁ ବହିଷ୍କୃତ ହୁଏ ଏବଂ ଉଦ୍ଧାର ଓ ପ୍ରୀତିର ବସ୍ତୁ ପରି ଅନ୍ତ୍ୟଜ ଅନାଦୃତ ହୁଏ । ସେହି ଲୋକ ନିଜର ଦୁଃଖ ମଧ୍ୟ କହିପାରେ ନାହିଁ ।

ସ୍ୱର୍ଗକୁ ଆଦର୍ଶ ଚରିତାଂଶ-ଦଣ୍ଡେ
ଦେଖୁଛନ୍ତି ଆଜି ଶାସିତା;
ଜନନି, ଉଦ୍ଦଣ୍ଡବୀର୍ଯ୍ୟ ଗର୍ବ୍ବା ପତିତ;
ସ୍ୱଂସଭ୍ୟ ଦୁହିତ ଥିଲେ କି କରିବ
(୧) ବିଟପୀ ହେବ କି ବ୍ରତତୀ ?

[୧୩]

ଦୁଃଖବିନାଶିନି, ତୁମ୍ଭ ବିନା ଆଉ
କେ' ଶୁଣିବ ଦୁଃଖ ଆରତି ?
ଗାଇଲେ ତନୁଶ୍ରୀ- କଳୁଷ ଗୀତିକା
ବାଲ ହୋଇଯିବେ ଘରଣୀ;
(୨) ଜନନି, ଦେବାର ପରାଧୀନତା;
କେତେଜନଙ୍କୁ ବଳେ ବନ୍ଧୁ ଚନ୍ଦ୍ରାନନେ
କରିଅଛନ୍ତି ତେଣୁଁ ହୀନସ୍ଥା ।

[୧୪]

ପାଦ ପାଇ ସଦା ମାତ୍ର ନ ପାଇଲୁ
ଆଜି ଥାଇ ହେଲୁ ଅନୁଶୀ,
ଭୁବନ-ବନ୍ଦନା- ଠାରୁ ବନ୍ଦନୀୟା
ପବନ-ବନର କଳ୍ପଶ୍ରୀ;
ଜନନି, ମୁଁ ଭ୍ରମ-ବନ ହଁ ଜୀବନ;
ଜୀବନ ସେ' ତୋହର, 'ଜୀବନବନ୍ଧୁ' ସେ
ହେଉ ଶ୍ରୀସ୍ୱିଦ୍ୟାର ଦେବନ ।

(୧) ବିଟପୀ—ବୃକ୍ଷ, ବୃକ୍ଷ । ବ୍ରତତୀ—ଲତ, ଲତା ।

(୨) ଅରକ୍ଷିତା ଗୃହେ ରୁଦ୍ଧାଃ ପୁରୁଷୈରାପ୍ତକାରିଭିଃ,
ଆତ୍ମାନମାତ୍ମନା ଯାସ୍ତୁ ରକ୍ଷେୟୁସ୍ତାଃ ସୁରକ୍ଷିତାଃ । (ମନୁ ୯।୧୨)

ଦୁଃଶୀଳା ସ୍ତ୍ରୀମାନଙ୍କୁ ଅନ୍ତଃପୁରରେ ଅବରୋଧ କରି ସୁଦ୍ଧା ଆପ୍ତ ପୁରୁଷମାନେ ରକ୍ଷା କରି ପାରନ୍ତିନାହିଁ । ଯେଉଁ ସ୍ତ୍ରୀ ଆତ୍ମରକ୍ଷଣେଚ୍ଛୁକ, ସେ ନିଜେ ନିଜକୁ ରକ୍ଷା କରିପାରେ । "ସୁମଙ୍ଗଲୀରିୟଂ ବଧୂରିମାଂ ସମେତ ପଶ୍ୟତ ।" ଏହି ସୌଭାଗ୍ୟଶାଳିନୀ ବଧୂକୁ ସମସ୍ତେ ଆସି ଦେଖ । ବୈବାହିକାଳୀନ ଏହି ମନ୍ତ୍ର ବା ପୁରୋହିତ ବାକ୍ୟ (ବେଦୋକ୍ତି)ରୁ ଏହା ପ୍ରମାଣିତ ହୁଏ ଯେ, ପୂର୍ବକାଳରେ ବା ବୈଦିକଯୁଗରେ ପର୍ଦ୍ଦାପ୍ରଥା ଆଦୌ ନଥିଲା ।

[୧୫]

ସୀତା ସାଧ୍ୱୀଙ୍କି ଭୁଲିଯାଇ ଆଜି
ଦୁଷ୍ଟତାର ମାନ ମହତ,
ବାଘ ବଳ ଖାଏ ଘାସ ଅଭ୍ୟାସର
ଆଉ କି ରହିଛି କଥା ତ ?
ଜନନୀ, କି ଦୋଷେ ଏ ନାରୀ ଜାତିର ?
(୧) ଅପୂର୍ଣ୍ଣଯୌବନା- ପ୍ରେମ ଶ୍ରେଣୀ ଅଜା
ଦେଖାଏ ଦୋଷ ଯାହା ନାତିର ।

[୧୬]

* ଦନ୍ତାର୍ଣ୍ଣୀ ବପୁଷୀ ଜରାସିତକେଶୀ
ଉତାର୍ଣ୍ଣୀ ଭଗ୍ନଦଶନା,
ନଇଁ ନଇଁ ଆସି ଦଇଁ ଦଇଁ ଭାଷି
ପ୍ରକାଶିବ ପଦ ବାସନା;
ଦେବାକୁ—ଜୀବନସର୍ବସ୍ୱ ଯୌତୁକ,
କେଉଁ ସୁବାମଣି ଛନ୍ଦିବକ ପାଶି
ବଢ଼ିବାକୁ କେଳି-କୌତୁକ ?

[୧୭]

(୨) ବର୍ଣ୍ଣାଶ୍ରମ ଧର୍ମ- ଶକଟର ଚକ
ପତିପତ୍ନୀ ହୃଦେ ସମାନ,

---

(୧) ଅପୂର୍ଣ୍ଣଯୌବନା—ଅପ୍ରାପ୍ତଯୌବନା । ଅଜା—ମାତାମହ ବା ପିତାମହ । (ଅଜା—ଅର୍ଥ୍ୟଷଢ଼)

* ଜରାସିତ—ଶୁକ୍ଳବର୍ଣ୍ଣ । ଦନ୍ତାର୍ଣ୍ଣୀ—ଦାନ୍ତୁର, ଦନ୍ତୋଚ୍ଚକାଯିତୀ । ଭଗ୍ନଦଶନା—ଦନ୍ତହୀନା, କୁଞ୍ଚିତଦନ୍ତା ।

(୨) ଶକଟର ଚକ—ଶକଟର ଚକ ସ୍ୱରୂପ, ଶକଟ ଉତଦାହାର ।

ଯଦେତଦ୍ ହୃଦୟଂ ତବ ତଦସ୍ତୁ ହୃଦୟଂ ମମ,
ଯଦିଦଂ ହୃଦୟଂ ମମ ତଦସ୍ତୁ ହୃଦୟଂ ତବ ।

ତୁମ ହୃଦୟ ମୋ ହୃଦୟ ସହିତ ମିଶିଯାଉ ଓ ମୋ ହୃଦୟ ସହ ତୁମ ହୃଦୟ ମିଶିଯାଉ । ଏହି ବେଦମନ୍ତ୍ରରୁ ପ୍ରତିପନ୍ନ ହୁଏ ଯେ, ସ୍ତ୍ରୀ ଏବଂ ପୁରୁଷ କେବଳ ଲିଙ୍ଗଭେଦ-ଦ୍ୱାରା ହିଁ ଭିନ୍ନ । ନଚେତ୍ ଧର୍ମ-କର୍ମ-ଯୋଗ୍ୟତା-ସମ୍ବନ୍ଧରେ ପ୍ରତ୍ୟେକ ବିଷୟରେ ଏକାତ୍ମ ।

ଏତ ସାମ୍ୟରତ ବ୍ୟତିକ୍ରମ ହେଲେ
କ୍ଷତ ହେବ ଆତ୍ମ-ସମ୍ମାନ;
ଜନନି, ଏହା କି ବୁଝନ୍ତି ସୁ ବୁଧେ;
ଧର୍ମେ ଯୁଧିଷ୍ଠିର କର୍ମେ ବାସୁଦେବ
ସବୁ ଅନ୍ୟାୟର ଗୁରୁ ସେ ।

[୧୮]

ଭ୍ରାତାର ବକ୍ଷର ସଦ୍ଧକଣ ଶୁଭ
ବାନ୍ଧିଲ ଯା' ବେଣୀ ବରତ,
ତଥାପି ତା ଛୁତ ଦୁଃଶଳାତ ଅତି
ନିନ୍ଦାଭୁଣ ଅନବରତ;
'(୧) କରନ୍ତି, ମତ୍ତଶାରେ ନଦୀ ରଚନା,
ଅବସ୍ଥାପିନୀ ଏ ନାରୀଜାତି ବୋଲି
ଚଳନ୍ତି ମନଗଢ଼ା ଘଟନା ।

[୧୯]

ଧର୍ମ ଧର୍ମ ବୋଲି ଚିଲ୍ଲାରେ ଯା ଜାଣ
ଲାଜ ନାହିଁ ସ୍ପୃହଣୀୟକ,
ନାରୀ କେବଳେ ଅଷ୍ଟ- ସ୍ୱାମିନୀ ସମାଜେ
ସେ କୁହେ ଦଣ୍ଡ୍ୟଅଧୀନ କି ?
ନାହିଁକି, ଗୁରୁ ପାଦପଙ୍କେ ଚୁଡ଼ାଇ,
ଅନେକ ସ୍ଥାନେ ତ' ଚରମ ସାଧୁ ସେ'
ଧରମର ଧ୍ୱଜା ଉଡ଼ାଇ ।

---

(୧) ଶୃଣଙ୍ୟ, ପ୍ରସ୍ତାବିଷ୍ଟ, ପ୍ରକୃତି ମତଶାରୁ ଦୃଷ୍ଟକଂ ।
ପ୍ରଜନାର୍ଥଂ ସ୍ତ୍ରିୟଃ ସୃଷ୍ଟାଃ ସନ୍ତାନାର୍ଥଂ ଚ ମାନବାଃ,
ତସ୍ମାତ୍ସାଧାରଣୋ ଧର୍ମଃ ଶ୍ରୁତୌ ପତ୍ନ୍ୟା ସହୋଦିତଃ । (ମନୁ ୯।୯୬)

ସନ୍ତାନ ଜନନେ ପୁରୁଷରୁ ଓ ଗର୍ଭଧାରଣ ନିମନ୍ତେ ସ୍ତ୍ରୀକୁ ଈଶ୍ୱର ସୃଷ୍ଟି କରିଅଛନ୍ତି । ଏହେତୁ ବେଦାଦି ଧର୍ମଶାସ୍ତ୍ରରେ ସ୍ତ୍ରୀ ଓ ପୁରୁଷର ସମାନ ଅଧିକାର ଅଛି ବୋଲି କୁହାଯାଇଛି ।

[୨୦]

ସ୍ତୁତି ସମ୍ମତା    ଧର୍ମଶାସ୍ତ୍ର ଗୀତା
ହେଲୁ ତ' ପୁରୁଷ ରଚନା,
ମାନବାଙ୍କୁ ଛାଡ଼ି    ନାରୀ ସମାଜରେ
ହୋଇଛନ୍ତି କି ସମାଲୋଚନା ?
(୧) ସ୍ୱଧର୍ମେ—ନାରୀ ଅଧିକାର ନାହିଁକି ?
କେଉଁ ଅଧିକାର    ପୁରୁଷର ? ପର
(୨) ଧରମ ଗଢ଼ିଛି କାହିଁକି ?

[୨୧]

ମାତା ଜାଣନ୍ତି କିନା    ସ୍ୱାମୀର ବେଦନା
କହିବ ଆଜି କା' ଆଗେର ?
କେତେ ଅଭିମାନେ    ଦୁଃଖେଶ୍ୱର ଅଛି
ଘରଦ୍ୱାରୁ ନାରୀ ହଟଟେ,
ଜନନୀ, ସ୍ୱାମୀଙ୍କି ଛାଡ଼ି କହିବ,
ଶୂନ୍ୟ ଘରଭର    ଆସ ଆଶିବାକୁ
କୋଣ ଅନଳେ ନ ଦହିବ ।

---

## ଟଙ୍କାଜପନ

( ରାଗ—ଝୁଲ )

ଟଙ୍କାଜପନ ହେଉ,
ଟଙ୍କା ପାଉଛି ମୁଁ ନିତି;
ସ୍ୱକାମରେ ଥକ    ଟଙ୍କାଇବା ଏ କି
(୩) ପକ୍କା ଲୋକଙ୍କର ସ୍ୱଭା । ହୋଇଣ ।
ଟଙ୍କାଇବ ପର    ଧନ୍ୟା ହେବ ଧରି
(୪) ଟଙ୍କାଇଥିଲେ ପଥରେ,

---

(୧) ସ୍ୱଧର୍ମେ ନିଧନଂ ଶ୍ରେୟଃ । (୨) ପରଧର୍ମୋ ଭୟାବହଃ । (ଗୀତା)
(୩) ପକ୍କା ଲୋକ—ଭଦ୍ରମ, ସାଧୁ, ଭଦ୍ରଲୋକ । (୪) ଟଙ୍କାଇବା—ଶାସନ କରିବା ।

ଅକାତରେ କୃପା ଯକାର ଦ୍ୟକ୍ରାନ୍ତି
(୧) ଛକାଢିଆ ଆଖି ଥରେ । ୧ ।

(୨) ଅକାମର ପ୍ରାଣେ ସୁକାଇବ ଚକଟେ
ସକାଳରୁ ସାଞ୍ଜ ଯାଏ,
(୩) ବକାରି ତବ ଜନ- ଦକା ଫଶିକାଅ
ହକାରି ପାଖକୁ ଯାଏ । ୨ ।

(୪) ଅକାମିନା ଲୋକ ଭକା ସବୁ ଶୁଣି
(୫) ତକାଉଛନ୍ତି ଚକାସନେ,
(୬) ଜକା ହେବ କେବେ ଟକାରେଣେ ନାଦ
ତକ୍କା ବାଜିବ ଶ୍ରବଣେ । ୩ ।

ଅକାଣ୍ଡେ ହୃଦରେ ନକାଣ୍ଡୁ ଦେବେ
ଧକା ଖାଇ-କାଣ୍ଡ ମୋର,
ଫକାଇ ଦିଅ ଏ ଅକାମୀର ହୃଦ-
ତକ୍କା ପ୍ରେମ-ଭକ୍ତି-ଡୋର । ୪ ।

---

## ଯୁଗ-ଦେବତା

( ରାଗ—ଭୈରବୀ )

[ ୧ ]

କର କରୁଣା କଣ୍ଠ କମଳାଧବ,
ଶରଣବତ୍ସଳ ଜନବାନ୍ଧବ;
ଧରମ ରକ୍ଷଣେ ଏ ଜଗତର
ଧର ନାନା ରୂପ ଯୁଗାବତାର ହେ

---

(୧) ଛକାପଣ୍ଡା—ସତର୍କତା । (୨) ଅକାମରୁ—ଅବଶ, ବ୍ୟର୍ଥବସ୍ତୁ । (୩) କକାର୍—ଶ୍ରୀକୃଷ୍ଣ । ପୁରୀ ମନ୍ଦିରର ଦାରୁମୂର୍ତ୍ତି ଶ୍ରୀକୃଷ୍ଣଙ୍କର ଚକାଡ଼ୋଳି-ଦେହ ପିଣ୍ଡରେ ଜଗନ୍ନାଥ ରୂପ ଗଢ଼ା ହୋଇଥିବା ପ୍ରସିଦ୍ଧ । (୪) ଅକାମୀ—ଅକର୍ମଣ୍ୟ ଅଳସୁଆ, କାମନାହୀନ ଅର୍ଥରେ ନିଷ୍କାମ ଭକ୍ତ । (୫) ଚକାସନ—ପୁରୀ ମନ୍ଦିରର ରତ୍ନବେଦି ସିଂହାସନ । (୬) ଜକା—କୃପଣ । ଟକା—ଢେଙ୍କି, ବଳିଷ୍ଠ ।

ତରୁଣ ସ୍ଫୂର୍ତ୍ତି ମର୍ତ୍ତ୍ୟରେ
ନରହରି ରୂପ ଧରଣୀଙ୍କ ଦର୍ପ
ହରଣ କଲ୍ ସନ୍ତାପରେ ।

[ ୨ ]

କାମକୁଳ ନାଶି ସତ୍ୟ ରସରେ,
ରାମ ଅବତାର ନେଲ୍ ତ୍ରେତାରେ;
ତାମରସ ପଦେ ଅହଲ୍ୟା ତାରି,
ତା' ମନ ମୋହିଲ କୋଦଣ୍ଡଧାରି ହେ,
କାମଦ ପ୍ରେମ ଉଦାର ହେ,
ନାମ ଭଜି ଭବ ପାମରେ ଏ ଭବ
ଧାମରୁ ହେଲେ ଉଦ୍ଧାର ।

[ ୩ ]

ଦୁଆପରେ ଜନ୍ମି ମଧୁ ନଗରେ,
ଥୁଆ ହେଲ ବଢ଼ି- ବାକୁ ଗୋପରେ;
ନୂଆ ନଟ ସାଜି ନିକୁଞ୍ଜ ବନେ,
ଗୁଆଳୀ ମୋହିଲ ମୁରଳୀ ସ୍ୱନେ ହେ;
ଚୁଆ ଚନ୍ଦନ ରସିକ,
ଶୁଆ ଠଣା ଭୁଲି ନୁଆଁ ଭଲ କୁଳ-
(୧) ଭୁଆସୁଣୀ ଠେକ-ଟିକ !

[ ୪ ]

କଳିତ ମୁରତି ମହାତ୍ମା ଗାନ୍ଧି,
ହାଳିଆ ମୂଲିଆ ଦୁଃଖରେ କାନ୍ଦି;
ତନ୍ତ ପଥା ଦେଶ- ସେବା ଭକ୍ତିରେ,
ଧଇଲ୍ ସ୍ୱଂହାକୁ କଳର ଶିରେ ହେ;
ଜନଯାଜି ପାପହରି,
ନଳିନ ଚରଣେ ମନନ ପରଶେ
ଅନ୍ତ କରେ ବାରବାର !

---

(୧) ଟିକ—ଦୀର୍ଘ ଲୌହ ଶଳାକା ।

# ଗୁପ୍ତ ଭୋଟ

( ରାଗ—କୌଶିକ )

ଭାଇ ଭୋଟର, ଗୁପ୍ତ ଭୋଟ ଦେଇ ନ ଯା'ରେ;
କ୍ଷମତାଭିଳାଷୀ     ପଦବୀଭିଳାଷୀ
ଦେଲେ ନେଲେ ତତେ ହଜାରେ । ଘୋଷା ।

ମନବାଧ ଚିହ୍ନ     ଦେଖି ଭିନ୍ନ ଭିନ୍ନ—
ରଙ୍ଗେ ରଞ୍ଜିତ ଯା' ଧ୍ୱଜା ରେ,
ସେ କେଉଁ ଜାଣପୁ-     ଏକତାର ପ୍ରିୟ ?
ତା ପାଦେ ବୁଦ୍ଧି ନ ହଜା ରେ !

ଗୁପ୍ତ ଭୋଟେ ଜଣ-     ବାଲୁ ଯା ପ୍ରକୃତ
କୁଟନୀତି ତହିଁ ଖଞ୍ଜା ରେ;
ଭୋଟପ୍ରାର୍ଥୀ ହୋଇ-     ଧାରିବାକୁ କେଉଁ
ଟଙ୍କାମୁନା ଧନ ପ୍ରଜା ରେ ?

ଭୁରିତ ଦେଶସେବୀ     ତଥାପି ମୋ ଦାସ
ହେଲା ଟେଣ୍ଡୁ ବାଳାବଜାରେ,
କର୍ମଚାରୀ ଭୋଟେ     ଭୋଟ କାହିଁ ନୋଟେ
ମୁଗୁଲିକ ମୋ ଭଣଜା ରେ !

ସତ୍ୟ-ଅହିଂସାର     ଦ୍ରୁକଟେ ଯାହାର
ଚଢ଼ା ହୋଇଛି ଦାଳିଜା ରେ,
ଗ୍ରାମ ଚଦ ପାଇଁ     ସେ' କି ଦେବ ଭାଇ
ଭୋଟଗଡ଼ା-ନାଟ-ରଜା ରେ ?

ବଣିକ ଦୂନଆଁ     କା'ର ପେଟେ ଜଆଁ
ଘତ୍ତ୍ରୁ ଜବନ-ବଜା ରେ,
ଠାଇ କେ' ବେତନ     କରୁଛି ନର୍ତ୍ତନ
ଜଗାଟିଆ ବାକ୍ସ ମଜାରେ ।

ଆଉ ତୋ ଯୋଗ୍ୟତା      କର୍ମ ତତ୍ପରତା
ଟଙ୍କା ପଦ ନାହିଁ ଲଜ୍ଜା ରେ,
ନହିଲେ କି ଅତି      ଚାଉଳ ମୁଁ ଲଢ଼ି
ଶୋଇଥାଇ ଟଙ୍କା-ଶଯ୍ୟାରେ ।

କା' ସଙ୍ଗେ ଲଢ଼ିବା      ଆପଣେ ଚଢ଼ିବା
ଦମ୍ଭ ଥିଲେ ଟଙ୍କା-ବଜାରେ,
ଆଜି ତୁ ଶ୍ରେଷ୍ଠ ଗୋ,      କାଲି ତୋ ମଟର
ଲଟିବ ଲୁଟ ଦରଜାରେ ।

## ଆତ୍ମ ଦେବତା

ହୃଦ ମନ୍ଦିରର      ଆରାଧ୍ୟ ଦେବତା
ଆରାଧିବ ପଦ କେଉଁ ଉପାଦାନେ ?
ତୁମ୍ଭ ବିନୁ ସାର      ବସ୍ତୁ ଏ ଅସାର-
ସଂସାରେ ନ ଦିଶେ ମୋ ଜ୍ଞାନ-ନୟନେ । ଘୋଷା ।

ଦେବଧାମେ ଦେବ      ହୋଇଥାନ୍ତି ସେବେ
ଅର୍ଚ୍ଚିଥାନ୍ତି ବାସ-କୁସୁମ-ଚନ୍ଦନେ,
ଅର୍ଘ୍ୟ ସରପୁଲି      ନିର୍ଦ୍ଧାର୍ଯ୍ୟ କଦଳୀ
ଶ୍ରୀଫଳାଦି ନଇବେଦ୍ୟ ନିବେଦନେ ।

ହେ ଚିନ୍ମୟ ତବ      ପ୍ରତିନିଧି ରୂପେ
ଜଡ଼ ମୂର୍ତ୍ତିଟିଏ ସ୍ଥାପି ମୋ ସଦନେ,
ତୁମ୍ଭରି ଭକତି-      ବ୍ୟାଜରେ ଦୁର୍ମତି
ଆଚରିବ ଲଜ ନାହିଁ କି ବଦନେ ?

କର୍ମମୟ ହରି,      କେବଳ ତୁମ୍ଭରି
ଦାସତାଛଦ୍ମରେ ନାମାଦି ଭଜନେ;
ଲୋକହିତ କର୍ମ      ନକରି ମୁଁ କ୍ଷମ
ହୋଇ ପାରିବକି ପୁଣ୍ୟ ଅରଜନେ ?

ହେ ସରବବ୍ୟାପି,  ମୁଁ ତ' ମହାପାପୀ
ମରିବ ପର୍ଯ୍ୟନ୍ତି ଖର୍ଚ୍ଚି ପାପୀଂଟନେ;
ନିତ୍ୟଗୁଣେ ଭର  ଚଞ୍ଚିକା-ଟେକର
ଶରିବକ ମୋର ଯାତନା ନେଉନେ ?

ଅନ୍ତର୍ଯାମୀ ନାଥ  ସବୁ ଜାଣୁଛ ତ'
ଯା ଅଛି ପଦାର୍ଥ ମୋ ହୃଦ-ଭବନେ;
ହେ' ସକଳ ସଖ  ସମର୍ପି ହୃଦୟ
ଦୂଷିତ ହୋଇଛି ଏ ଧନ ଜୀବନେ !

---

## ଦୀନବାନ୍ଧବ

(ରାଗ—ଶୋକ କାମୋଦ)

ଦୀନବାନ୍ଧବ ହେ, ଦୀନ ଜନେ ମୋତେ ନେନ ଗଣେ;
ଦୀନଭାଂଜନ୍ତି,  ଦୀନତା ଦୁର୍ଗତି
ଅପୂର୍ବ ନାଥ ଶ୍ରୀଚରଣେ । ଘୋଷା ।

ସୁଦାମା ଦରିଦ୍ର  ଆଣି ପୋଟଳେ ଖୁଦ
ବନ୍ଧୁ ଭେଟି ଦେଇଥିବା ଶୁଣେ,
ହେତକରେ ତାଙ୍କ  ହେ ରମାନାଥଙ୍କ
ବଢ଼ାଇଲ ହେମ କୋଠି ଗୁଣେ !

ଗରିବ ବିଦୁର  ବନ୍ଧୁ ସତକାର
କରିଥିଲେ ଶାଗ ପେଜ ଲୁଣେ,
ନାଗ ନାର ବୋଲି  ତୁଷ୍ଟ ହେଲ ତାଳ
ବଢା ଥିଲା ଭଲ ବନ୍ଧୁ-ଗୁଣେ ।

ଅନାଇ ସ୍ୱବର  ଅବସ୍ଥା କଷାର
ବସନ ବଢ଼ାଇ ଦେବା କାରଣେ,
ନଟନ ବନ୍ଧୁ ଯାର  ଭାଇବେ ତାଂ' ଦାର
ରଖିଦେଲ ଚିର ସମ୍ମାନେ ।

ଟେବର ସୁବର୍ଣ୍ଣ          ଦେହ ନଳ ଭୂଷି
ଭୁଲିଥିଲ ପ୍ରତିଦାନ ଦଣେ,
ଭବ କରେ ଟୋକ          ଦେବାନ୍ତୁ ଚସ ଚୋନ
ଗଡ଼ିଲେ ତା' ପଦ ଦାସୀଗଣେ ।

କୁତୁପା କୁବୁଜା          ଚେତଳ ଉସ୍ମ ଲଜ୍ଜା
ଶ୍ରୀଅଙ୍ଗ ଚନ୍ଦନ ଅର୍ପଣେ,
କୁବୁଜା ଶ୍ରଦ୍ଧାରେ          ସ୍ପର୍ଶିଦେଲ କ୍ଷଣେ
ଫୁଟିଲା ତା' ରୂପ ଦର୍ପଣେ ।

ସେଠାରେ ନର୍ତ୍ତକୀ          ଆଜ କେତେ ଦୁଃଖୀ
ଦୁଃଖୀଜନଙ୍କ ପ୍ରେମ ଆଦରରେ,
ଦୁଃଖରାଶି ହର          ନଥିବ କ ହର
କରୁଣା-ଲହରୀ ପ୍ରଦାନରେ ।

---

## ଜାତୀୟ-ପତାକା

(ରାଗ—ରାମକେରୀ)

—ଚତୁର୍ଥ ସୋପାନ—

ଏହି ମୋ ଜାତିର ପତାକା ଦେଶ ଉଦ୍ଧାରକାରୀ,
ଦୁଃଖଶୋକହାରୀ 'ଅଶୋକ ଚକ୍ର' ହିରଣଧାରୀ ।
ଭାରତେ ମାତ୍ର ଦେଖାଇ ଦ୍ରୁତ ଏହାରି ତଳେ,
ଦେଶପାଇଁ କେତେ ସନ୍ତାନ ହୋଇ ସରଗ ଗଲେ ।
ଏହାରି ତଳେ ମୋ ଭାରତ ଜନନୀର ଲୋକ,
ଘର ଘର ଆଜ ପୂରନ୍ତି କଷ୍ଟ ଦୁଃଖ ପାତକ ।
ଏହାରି ତଳେ ମୁଁ ଚାହେଁ ଆଜ ପ୍ରଜା ଗରବ,
ମରେଁ ପିନା ଦୂଳ ଚାହିଁବ ଜାତି-ପତାକା-ଗୌରବ ।
ଜନନୀଭୂମିକି ସରଗ ସଙ୍ଗେ ତୁଳନା କରି,
କହନ୍ତି ଯା କେତେ ଗାବୁଛି ତାହା ଉତ୍ତମ ପରି;
ହରଷ ଭାରତେ ଚାଳିଶ କୋଟି ପ୍ରଜା ଉପରେ,
ଦେବ ଆସନରେ ଥିଲେହେଁ ଇନ୍ଦ୍ର ଶାସନ କରେ ।

ତେତିଶ କୋଟିରୁ ଅଧିକ ଆଜି ଭାରତ ପ୍ରଜା;
ସବଙ୍କି ସ୍ୱାଧୀନ କରନ୍ତୁ ମୋର ତିରଙ୍ଗା ଧ୍ୱଜା ।
ଏଥିରୁ ଆଉ କି ଅଧିକ ଲୋଡ଼ା ସୁଖ ଆନନ୍ଦ ?
ଥାଉ ତା' ଘରରେ ଇନ୍ଦ୍ରର ହାତୀ ଘୋଡ଼ା ସମ୍ପଦ ।

---

## ନୂଆ କାରିଗର

( ସ୍ୱର—ଘଣ୍ଟାରବ )

—ଚତୁର୍ଥ ସୋପାନ—

( ୧ )

ହାତ ଦେଇଛନ୍ତି ହରି,
ଜୀବନ ଅଛି ମୋହରି;
କାହିଁକି ଦେଖାଇ ନ ପାରିବି ଭଲ
ମୋ ନିଜର କାରିଗରି ?

( ୨ )

ମନୁଷ୍ୟଙ୍କ କେତେ ଯାନ
ଯେଉଁ ମନୁଷ୍ୟଶ୍ରେଣୀମାନ
ଗଢ଼େ କରିଗଲେ କାରିଗର ହେଲେ
ତା' ସଙ୍ଗେ କିଏ ସମାନ ?

( ୩ )

ବାପ୍ପା! ଚଢ଼େଇକି ଦେଖ,
ନୁହେ ଅଳସ ନିରେଖ;
କେତେକ ଯତନରେ ତା ବସାଟି ଗଢ଼େ
ସୁଢେଠ ଯହିଁ ଜାତି ଟେକ ।

( ୪ )

ବୁଦ୍ଧିହୀନ ଉଇପଲେ,
ଯାହାପୁ ଏକଠା ହେଲେ
ତୋଳି ମାଟି ଘର ଦେଖାନ୍ତି; ସୁନ୍ଦର
ହେଲେ ଯନ୍ତ୍ର କାରିଗର !

( ୫ )

ମଲ୍ଲୀ ଚମ୍ପା କୁସୁମନା
ମାଳାଟି କଲେ ରଚନା,
ଥିଲେ କଣ୍ଠଗତ ଦିଶିବ ସୁନ୍ଦର
କାରିଗରର ସାଧନା !

( ୬ )

ଜଗତରେ ଏକ୍ସପର୍,
ଭରିଅଛି କାରିଗର;
ମନନ ବା ବଚନେ ଶାସ୍ତ୍ର ସାଧନେ
ଯାଉଛି ସେ ଯାତ୍ରା କରି !

( ୭ )

ନୂଆ ସଂସାର ଘର
ତା' ଭିତରେ ଯେଉଁ ନର,
ଦେଖାଇ ଅହିଂସା ପାଏ ପରଶଂସା
ସେ' ତ ନୂଆ କାରିଗର !

## ଶୁଆ ଓ କୁଆ

—କୁଶାଗ୍ର ଯୋଗାନ—

ମାଧବ ପୁଅଙ୍କୁ ଶୁଆ ଦେଇଥିଲ ଡାକ,
ସହି ନ ପାରି ତା' ସଙ୍ଗେ କଲା କଳି କାକ ।
ଶୁ—ପିଞ୍ଜରା ଭିତରେ ବସେ ଉଡ଼େ ଝୁଲି ଝୁଲି
କୁ—ମୋ ଗୋଡ଼େ ତ ଲାଗିନାହିଁ କମାର ଶିକୁଳି !
ଶୁ—ଦିଅନ୍ତି ଚେଣ୍ଡା କଦଳୀ ଡାଲି ଭାତ ଖାଏ
କୁ—ତାହା ଖାଏ, ପରିଶ୍ରମ କରି ଯାହା ପାଏଁ ।
ଶୁ—ଅଳଭ ଥରେ ପିଇବାକୁ ମିଳେ ମୋତେ କ୍ଷୀର
କୁ—ଶୋଷ କଲେ ମୋ ଇଚ୍ଛାରେ ପିଏ ଭଲ ନୀର ।
ଶୁ—ଶିଖି ସାରିଲିଣି ବୋଲିବାକୁ 'ଚକ୍ରଧର'
କୁ—ମାତୃଭାଷା ଭୁଲି ଆନେ ନପିଟାଏ ସ୍ୱର ।

ଶୁ—ଧଲେଇ ଦୁଷ୍ଟଙ୍କୁ ଦେଖି ହୁଏ ମୁଁ କାତର
କୁ—ବାଣ ଶୂଳ ଦେଖିଲେ ବି ନାହିଁ ମୋ ଖାତର ।
ଶୁ—ସୁଖ ସୁବିଧାରେ ଅଛି ମୋ ପ୍ରଭୁ ଭବନେ ,
କୁ—କଷ୍ଟ ଦୁଃଖ ନାହିଁ ମୋର ସ୍ୱାଧୀନ ଜୀବନେ ।
ଶୁ—ରାମ-ନାମ ଭଜ ଭବ-ଜଳୁ ଯିବ ତରି
କୁ—କାମ ମୋର ଶୁଣିବ ନାମ-ଭଜନା-ଝୁକଣ ।
ଶୁ—ପ୍ରଶଂସା କରନ୍ତି ଲୋକେ ମୋ ରୂପକୁ ଚାହିଁ
କୁ—ସେ ଲୋକଙ୍କୁ ଚେତାଏ ମୁଁ ଘଣ୍ଟ ଗଳିଲ ପାଖି ।
ଶୁ—ପଳା ଯା' ମୂର୍ଖ କଏ ଆଦରିବ ତତେ ?
କୁ—ତୋ ପାଠର ମୂଲ୍ୟ ନାହିଁ ସ୍ୱାଧୀନ ଜଗତେ ?
'ଶୁଆ ଓ କୁଆ' ଗୀତଟି ଆଉଥରେ ଗାଅ ।
କହ ତ ପିଲାଏ ତୁମେ କା'କୁ ଭଲ ପାଅ ?

# ଅନୁଭୂତି

—ତୃଷ୍ଟୁ ଗୋପାଳ—

କଇଁଫୁଲ ଧଳେଶ ଧଳା ଲୋ ଭଉଣି
କାଳିତର ଅଧା କଳା,
କହି ପାରିବ କି ମଧାରକୁ କଏ
ଲୁଲ ଝିମ ଝିମ କଳା ?
କୋଇଲିକୁ ଦେଖିଛ କୁଆ ଲୋ ଭଉଣି
କେ' କୁଢିଆ କେ' ଭକୁଆ,
କାହିଁକି କୁକୁଡ଼ା ମାରିକି ଧରିବ
ଦେଇଛି ଗୁହ୍ୟେ ଛୁଆ ?
କେଉଁ ଗୁଣେ ନାହିଁ ଫଳ ଲୋ ଭଉଣି
କପରି ଲାଗେ ଖଜୁରି,
କମ୍ବୁ କହୁଁ ଲଙ୍କା କେ ଖୁଣିଛ କହ
ସୁଆଦି କେତେ କେନ୍ଦୁରି ?
କଆଫୁଲ ପଦ ଫୁଟେ ଲୋ ଭଉଣି
ତଉଦିଗ ବାସିଉଠେ,

କାହାର କଦର / ପାଇଲେ ଭଅଁର
ଯୋଡ଼ନ୍ତି ଆଖିକୁ ଲୁହେଁ ?
କଏ କାହେ କେବେଁ / କେବେଁ କଲ୍ଲ ଉଲ୍ଲଣି
କାହାର ସନ୍ତୁଳା ତେବେଁ,
କେତେଥିଁ ତା' ତୋଣ୍ଡ / ଆଣି ଦାନ ଦେବେ
ଯିଏ କରେ ମେଦ ମେଦ ?
କାହିକି ମାନ / ଶୀତ ଦେଲା ଚାହିଁ
କା' ଦେହକୁ ଲାଗେ ଶୀତ,
କେଉଁ ମାନସ କଣ୍ଠ / ଶୀତଳ ଚନ୍ଦନ
ଦେଉଛା କରେ ଆମ ଚିନ୍ତ ?

## କର୍ମଚିନ୍ତା

( ରାଗ—କାଳୀ )

—ବିଜେନ୍ଦ୍ର ମୋହାନ—

କାଞ୍ଚନ କଣ୍ଠେ / ବର୍ଷ ବହିଲେ ମୁଁ
ଶିଖିବି କାଠ କାମ,
ଖଟ, କବାଟ, / ତିଆରି କରି
ରଖିବି ନିଜ ନାମ ।
ଗୋହାଳ ଦୁଆରେ / ଛାଡ଼ି ଯାଉଥିଲି
କରୁଥିଲେ ଦେହ ଝାଳ,
ନାଈ ଡୋରକେ / ନାନା କିସମ
ଖାଉଥି ଗାଲି ଗାଳ ।
ଉଠଣି ଜଣେ / କହିଲା ମୁହିଁ
ଦ୍ରଷ୍ଟା ବୁଝିବା ଶିଖିଲେ,
ତଥାର ହାଣି / ଉଡ଼ିଲା କାଶି
କହିଲା କଥା ଶୁଣିଲେ ।
ଝିଅ କହିଲା / ଏଇ କଥାଟି
କହିଲୁ ସେ' ମୋର ବାପା,

ଜମିରେ ଚାଷ          ଯେତେ କାମ
ଆଗେ ବୋଲିବି କଥା ।
ଦୁଷ୍ଟ ବୋଲେ          ଏବେ
ଦେଖ ମୁଁ ତାକତର,
ନିଜର ଖାଇ          ଦେମାଗ
କରିବ ଗଡ଼ବଡ଼ ।
ହିନ୍ଦୁ ବୋଇଲା          ଜଳ ଦେବାକୁ
ବଢ଼ୁଛି ମୋର ଚେଷ୍ଟା,
ଠାକୁର ବୋଲେ          ଦାଶ ନାଶ ମୁଁ
ଗାଇବ ଭଲ ଗୀତ ।

---

## * କଟକର ସ୍ୱର୍ଗତ ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧୋପଲକ୍ଷେ

ତା. ୭-୫-୧୯୨୪

(୧)

ଉତ୍କଳ-ସାହିତ୍ୟାକାଶ ଶ୍ରାବଣୀ ପୂର୍ଣ୍ଣିମା
ଦାରିଦ୍ର୍ୟ-ଜଳଦାଚ୍ଛନ୍ନ-କବି-କଳାକର,
ଦର୍ଶାଉଛି କାହିଁ କାବ୍ୟ-ସୁଧା-ମଧୁରିମା ?
କବି-ସୁଧାଂଶୁ-ଶେଖର, ଦେବ ଗଙ୍ଗାଧର !
ଭାରତୀନନ୍ଦନ, ସ୍ୱର୍ଗ-ଭୁବନ-ବିହାରୀ,
ବନ୍ଦ କଲ କାହିଁ ଚିର-ବଞ୍ଚକ ସଂସାର ?
କବି ନିର୍ଝର, 'ତପସ୍ୱିନୀ' ଛନ୍ଦ ନ ଝରାଣି
କେଉଁ ଅଜଣା ଦେଶରେ କରୁଛ ବିହାର ?
ଉତ୍କଳ ଦୁର୍ଭାଗ୍ୟ ଏବେ ହେଲା ସମାପ୍ତ
(୧)କୁମ୍ଭକର୍ଣ୍ଣ ଲେଖିଥିଲେ ଯାହା ସ୍ୱପନରେ ।

---

* ନବଭାରତ ଜର୍ନାଲ୍‌ରେ ପ୍ରକାଶିତ ।

(୧) ମେହେର କବିଙ୍କ 'କୀଚକ ବଧ' କାବ୍ୟର ମନ୍ତବ୍ୟରେ କବିଙ୍କୁ ସ୍ୱର୍ଗତ ରାଧାନାଥ ରାୟ ବାହାଦୁର ମହୋଦୟ 'ମନ୍ତ୍ରିଣୀ' ସ୍ୱାକ୍ଷରରେ ଲେଖିଅଛନ୍ତି "................ ଗଙ୍ଗାଧରଙ୍କ ଦୁର୍ଭାଗ୍ୟ, ସେ ଓଡ଼ିଶାରେ ଜନ୍ମଗ୍ରହଣ କରିଅଛନ୍ତି ।"

(୨)

ସ୍ୱର୍ଣ୍ଣଖଣ୍ଡ-ହୀରକ, ହେ ଉତ୍କଳ-ମାଣିକ୍ୟ,
ଯେଉଁ ପ୍ରତିଭା-ପ୍ରଦୀପ୍ତି ବିକାଶୁଛି ତବ,
କାହିଁ ରାଜ୍ୟରେ କାହିଁ ଜହୁରୀ ବଣିକ ?
ବୁଝିବ ତା' ଯଥୋଚିତ ମୂଲ୍ୟ ଗଉରବ !
ଯେଉଁ ଦେଶେ ହୀରା କାଚ ଏକ ବିବେଚିତ
ଦୋଷେ କ୍ଷମା ନାହିଁ, ଗୁଣେ ନାହିଁ ପୁରସ୍କାର;
ସ୍ୱାର୍ଥପର ଅନ୍ତରାଳେ ରହି ଲୁକ୍କାୟିତ,
କୁଟିଳ ଚକ୍ଷୁ ଚାହାଁଉଥାଏ ଖର ଖର ।
ରଚନା ବୁଝଇ ଯାହା ଉତ୍କଳ-ଲଳନା
ସାହିତ୍ୟ-ଅର୍ଚ୍ଚନା ନାମେ ଆତ୍ମୀୟ-ବଞ୍ଚନା ।

(୩)

କବିମଣି, ଦେଖୁଛ କି ଜନନୀ ଅବସ୍ଥା
ଦେବ-କଳେବରେ ଥାଇ ଅମର ମାର୍ଗରେ ?
ଟେକି ପାରୁନାହିଁ ଆଜି ଅଳଂକୃତ ମଥା;
(୧) କାଙ୍ଗାଳଣୀ ପରି କାନ୍ଦେ ବଙ୍ଗାଳୀ-ସ୍ୱରରେ ।
ମାନୁଷୀ ଦେହର ମମତା ଥାଏ ତବ ସ୍ୱର୍ଗେ
ଆମ୍ଭ ଲାଗି ମାଗିଆଣ ଦେବ ଅନୁଗ୍ରହ;
ତ୍ୟାଗପ୍ରାଣ, ପ୍ରାପ୍ୟ ଥିଲେ ତ୍ୟାଗି ଅପବର୍ଗେ,
ଉତ୍କଳଜନନୀ କୋଳେ ପୁନର୍ଜନ୍ମ ଗ୍ରହ ।
(୨) ଭୁଲିବ କି ଶ୍ରୀହସ୍ତେ ଯା' ଲେଖିଅଛ ଯାଇ,
ଜୀବନର ଉଚ୍ଚ ସ୍ୱର୍ଗ-ଉଚ୍ଚାସନେ ଥାଇ !

---

(୧) କାଙ୍ଗାଳଣୀ—ଧନହୀନା ଭିକାରୁଣୀ । ବଙ୍ଗାଳୀ—ବଙ୍ଗରୂପିଣୀ ସଖୀ । ସ୍ୱର—ଛନ୍ଦ, ସ୍ୱର ।

(୨) ତଳୁ ଉପରକୁ ଉଠିଥିବା ଲୋକ ଜାଣିଥାଏ ତଳ କଥା,
ଉଚ୍ଚାସନେ ଥାଇ ଯତ୍ନ କରୁଥାଏ ଭୁଲିବାକୁ ତଳ ବ୍ୟଥା ।
—ଉପଦେଶବଳୀ, ପୃ ୮୫ ପଂ ।

## ଶ୍ରଦ୍ଧାଞ୍ଜଳି †

(୧୬-୩-୧୯୪୨)

( ରାଗ—ରାମକେରୀ )

(୧) ତମ ଗ୍ରହର ଏ ଶମନ୍ତୁ ବନ୍ଧୁ ଦେଇଛ ଅମା
ଆସିଲୁ ଯବେ ଯେ ଗ୍ରାସିଲୁ କବିକୁଳ-ଚନ୍ଦ୍ରମା ।
(୨) 'ଉତ୍କଳ-ମା'ର ନେତ୍ରଜଳ ଧାର ଝରେ ଯା' ପାଇଁ
'ଭାରତୀ-ଭବନ' ଆରତିଧାସ୍ୱ ଆଜି ସେ କାହିଁ ?
'ଚନ୍ଦ୍ରମା' ସଜାଳି ଛନ୍ଦ୍ରମା ବେଶେ ଶାନ୍ତ୍ର ଶିଖରେ
ଚଢାଇବ କିଏ ବସାଇ ଆଜି ଭାରତମଣ୍ଡରେ ?
'ରସରତ୍ନାକର' ରସର ଯେଉଁ ପ୍ରଥମ ଧାର
ବହିଲା ଏ ଯାଏ ରହିଲା କାହିଁ ଆଣି ଅନ୍ଧାର ?
ଆଜି କି ସାହିତ୍ୟ ସଉକ ବଢ଼ାଇବ ସମସ୍ତ
ଘୁଚିବ ଜଡ଼ତା ଘଟିବ ବାଣୀଙ୍କ ଉଦୟ ?
ସମ୍ବଲପୁରର ସମ୍ବଳ ହେବ ସାହିତ୍ୟସେବା
ଅରସିକ ଯୁଗେ ଭରସି କହି ପାରିବ କେ' ବା ?
ଦେଖିଲି କବିଙ୍କ ମେଲାଣି ଦେବା ବର୍ଷ ଅଠର,
* ପ୍ରତିଭା-ପ୍ରଭାବତୀ କାହିଁ କବିପୀଠର ?
ବଚନାଡ଼ମ୍ବର ରଚନା ଖାଲି ନଦିଏ ଫଳ
କରମ ସାଧକେ ପରମ ପ୍ରୀତି ଦେବେ କେବଳ ।
(୩) ଦେବକବି ଗୁରୁଦେବଙ୍କ ପ୍ରତି ଏ 'ଶ୍ରଦ୍ଧାଞ୍ଜଳି'
ବ୍ୟକତରେ ସୁଧା ଭକତ-ଶ୍ରଦ୍ଧା କାହିଁ ଦେଖଇ ।

---

† ବରଗଡ଼ ଜର୍ଜ ହାଇସ୍କୁଲରୁ ପ୍ରକାଶିତ ।
(୧) ତମ—ଅନ୍ଧକାର, ରାହୁ । ଶମନ—ଯମ । ଅମା—ଅମାବାସ୍ୟା ।
(୨) ମା—ଲକ୍ଷ୍ମୀ ।
* କବିପୀଠ—ଉତ୍କଳ ପ୍ରଦେଶ ।
(୩) ଦେବକବି—ସ୍ୱର୍ଗୀୟ ଗଙ୍ଗାଧର ମେହେର ।

## ଉତ୍କଳଭାରତୀଙ୍କ ଶୋକୋକ୍ତି

(କବିଙ୍କ ସମାଧିପୀଠରେ—ତା ୪-୪-୧୯୪୩ ରବିବାର)

(ରାଗ—ମାଳବ ପଦପଟ)

(୧) ରେ ତଇଳ ଅମା କହ ପ୍ରତି ସମା
ମୋ ଭାଗେ ଆସୁ କାହିଁକି ରେ ?
ପୁତ୍ର ଶୋକ ସ୍ରୋତେ ଠେଲିଦେଇ ମୋତେ
ଯେତ ତୋ ଯାଇ ନାହିଁ କି ରେ ?
ଆଜ ତୋର ଆଗମନ,
ହୃଦବେଦନା ବଢ଼େ ଘନେ ରେ । ୧ ।

ଯେଉଁ ଫୁଲଫଳ ଦେଉ ସେ ସକଳ
ଗରଳ ହୁଏ ମରଣ ରେ,
କୋକିଳ କୂଜନ ମଧୁପ ଗୁଞ୍ଜନ
କର୍ଣ୍ଣଶୂଳ ମୋ ଶ୍ରବଣେ ରେ;
ତୋର ମଳୟ ପବନ,
ତାପ ଦେଉଛି ଦେହେ ଜ୍ୱଳନ ରେ । ୨ ।

ମଳୟର ଆଗେ ଦେଖାଇ ସରାଗେ
'ଆମ୍ଭ ଉତ୍କଳର କବି' ରେ,
ତୋଳ 'ଅର୍ଘ୍ୟଥାଳୀ' ମୋ ହୃଦ ସଞ୍ଚାଳି
ଗାଇଥିଲା ହସି ହସି ରେ;
ତାହା ଭୁଲିବି କେମନ୍ତେ,
ସ୍ମୃତି ଚେତାଇଦିଏ ତା' ମତେ ରେ । ୩ ।

ପୁଷ୍ପେ ଯେଉଁ ମଧୁ ଆଣିଛୁ ରେ ମଧୁ
ତା' ମାଧୁରୀ ଭରି ପଦେ ରେ,
ତହିଁ ସୁଧା ବୋଳି 'ସୁଧାକଣା' ବୋଲି
ଅର୍ପିଛି ସେ' ମୋର ପଦେ ରେ;

(୧) ସମା—ବର୍ଷ ।

ତାହା ହେବ କି ବନ୍ଧୁର,
ଥିବାଯାଏ 'ପ୍ରଣୟ-ବଲ୍ଲରୀ' ରେ । ୪ ।

ମୋର ଗଙ୍ଗାଧର 'କୀଚକବଧ'ର
ବର୍ଣ୍ଣିତ 'ମଙ୍ଗଳବାର' ରେ,
ପଡ଼ିଯାଏ ମନେ ଦେଖି ଚିତା ଅଙ୍ଗନେ
'କିଂଶୁକ' 'ମଧୂକ' 'ଶୁଭ' ରେ;
ଆଜି କାହିଁ ସେ ମୋ କବି,
ସ୍ମୃତିପଟେ ନାଚୁଛି ତା' ଛବି ରେ ! । ୫ ।

(୧) ନବ୍ୟଯୁଗ କବି- ଶିରୋମଣି ରବି
ଗାଇଥାଇଛନ୍ତି ଯା' ନାମ ରେ,
ଯାର 'ଭକ୍ତି' ପଦେ ବିଶ୍ୱପତି ପଦେ
ପ୍ରାର୍ଥୀ ଆଜ ସେବାଗ୍ରାମ ରେ;
ତାଙ୍କୁ ଦେଇ ତୁ ତଉଷ
କାହା କୋଳ କରିଛୁ ପବିତ୍ର ରେ ? । ୬ ।

ଉନବିଂଶ ବର୍ଷ ହେଲାଣି ଅମର୍ଷ-
ପ୍ରାଣୀ ମୁଁ ଏକା ତା' ବିନା ରେ,
ମରମେ ମରମେ ଦହୁଛି ପରମେ
ସ୍ୱର୍ଗତଦାସ ଏକା ସିନା ରେ;
ଯା' ଯା' ଚଇତ ଉଆଁସ,
ପ୍ରାଣେ ଆଜି ନଦୀଅ ସରସ ରେ ! । ୭ ।

## ବିଜୟପୁରର ଛବି *

( ରାଗ—ବେଳୁଣି )

ବିଜୟପୁରରେ ଆଜି ମନୋରମ ବେଶ ସାଜି
ହସୁଛି ଶ୍ରୀମୁଖ ମାଜ ପ୍ରକୃତି ଦେବୀ,

(୧) କବୀନ୍ଦ୍ର ରବୀନ୍ଦ୍ରନାଥ ଠାକୁର ।
* ତା ୨୪-୮-୪୨ ଇସ୍ୱୀ, ଶ୍ରାବଣ ଶୁକ୍ଳ ତ୍ରୟୋଦଶୀ ସୋମବାର ।

(୧) ବିବୁଜନ ବାଳକିର ପ୍ରଜା, ଗଉଡ଼ୁଆ, ତର-
ଆଶ୍ରିତାଦି ଗୁଣୀ, ଧୀର, ସାହିତ୍ୟସେବୀ;
ଦେଲେକବା ପାଇଁ ଏ ଉତ୍ସବ,
ସମ୍ମୁଖେ ଦର୍ଶକ, ଜନାକୀର୍ଣ୍ଣ ଦେବସ । ୧ ।

ବିବେକବନ୍ତ ଶ୍ରୀରଙ୍ଗ- ମଣି ପୂର୍ଣ୍ଣ-ଗୁଣରଙ୍ଗ
ଗଉଡ଼ଆବଂଶ-ପଙ୍କ-ପ୍ରସୂତ ରତ୍ନ,
ବିଘ୍ନ ଅଶାନ୍ତି ପ୍ରଶମି ପ୍ରଜାକୁଳ ଚିତ୍ତ ରମି
ଗ୍ରହିବେ ଆଜଠୁଁ 'ଜମିଦାର' ପଦବୀ;
ବିଶେଷେ ଏହା ଅନୁଭବ,
ବାଇଶ ଧାଉଣି କିବା ରାଜସାର୍ଥକ ! । ୨ ।

ବିପ୍ରକୁଳ ଆଶୀର୍ବାଦେ ବାମା ହୁଳହୁଳି ନାଦେ
ଶୁଭ ଶଙ୍ଖ ଘଣ୍ଟା ବାଦ୍ୟ ଉଲ୍ଲାସ ଉର୍ମି,
ବିଶୋଭିତ ସିଂହାସନ ବର୍ଷନ୍ତି ଶୁଭ୍ର ସୁମନ
ହର୍ଷଭରେ ଜନମନ ଯାଉଛି ଭାସି;
ବିରଚକ ହୃଦୁଁ ସବୁ,
ବିକ୍ଷିପ୍ତ ଆଶା-ଲତିକା ଉଠେ ପଲ୍ଲବି । ୩ ।

ବିମଳ ଭୂଷଣଧାରୀ କୁମ୍ଭର ଦେବ ଜମିଦାର,
ରାଜ୍ୟରେ ତେଜ ପ୍ରଚାର ଯେତେ ଜାଳିବ,
ବିବିଧ ସଦନୁଷ୍ଠାନ ଗ୍ରାମେ ଗ୍ରାମେ ପାଠ ସ୍ଥାନ
ଦେଖନ୍ତୁ ମହାତ୍ମାମାନ ପୁଷ୍ଟି ଗରବା ।
ବିଳାସବ୍ୟସନେ ନ ଭୁଲିବ,
ବିଶ୍ୱଙ୍କ ଆଶିଷେ ହୁଅ ଦେବଦେଶୀରଣ । ୪ ।

---

(୧) ଦେବପୁର ଜମିଦାରୀ ଅଞ୍ଚଳରୁ ଅନେକେ ବାଉଶି ଉଲଗା କହନ୍ତି ।

## ଜମିଦାର୍ ଜଣାଣ *

( ସୁର—ଆଷାଢ଼ଶୁକ୍ଳ )

ହେଲ୍ କି ଉଚିତ,
ଖେଳାଅ ଅରେ ଏଥିରେ ସୁଚିତ୍ତ ! । ଘୋଷା ।

( ୧ )

ନବ ଜମିଦାର୍      ହେ ରୁକ୍ମଣୀ,
† ଘୁବ ନୁହଇ ଏ      ଜବନ ଧ୍ୱନି;
ଅବଲମ୍ବି ଯାହା      ନେଲି ମେଲଣି,
ଖବର ତା' ସ୍ୱରାଜ୍ୟ      ବ୍ୟାପିବଲୁଣି ।

( ୨ )

କବିତା-ପୁଷ୍ପର      ମୂଲ୍ୟ ଉଜୁଡିଲେ,
ତବଦ୍ୱାରୁ ଆଜି      କରଏ ଲତେଲ;
(୧) ଅବିବେକେ ଦେବ      ଟପ ମାଳାକାର,
(୨) ଅଦ୍ଧ-ବେକେ ଦେବ-      କୁସୁମହାର !

( ୩ )

ପରଶ୍ୱାତେ ତତ୍-      ସାଦ ପରିଏ
(୩) ପରସାଦ ତବ      ହେଲ୍ ଘରି ଏ;
ମରକତ ଗଢ଼ନ      ଘିରକ ହାର,
ଅରଚିଲ୍ ଯିବା      ହେ ଜମିଦାର !

(୪)

ଜାଣି ନ ପାରିଲି      ପୁଚିଛି କାଣ,
ଟାଣିଧାର ମଣି      ଦେଲି ମୁଁ ଷାଣ;

---

* ବରେଜପୁର ଜମିଦାର ସାହେବ ଶ୍ରୀଯୁକ୍ତ ରୁକ୍ମଣୀ ଗଡ଼ନାୟକଙ୍କ ନବାଭିଷେକୋ-ତ୍ସବରେ ଯୋଗଦାନ କରିଥିବା ଜଣେ ପଣ୍ଡିତଙ୍କ ପ୍ରତି ଅଭ୍ୟର୍ଥନା ପ୍ରଦର୍ଶନରେ ଉପଯୁକ୍ତ ପରିଚାଳକ ମହାଶୟଙ୍କର ଯେଉଁ ବ୍ୟବହାରିକ ତ୍ରୁଟି ପରିଲକ୍ଷିତ ହୋଇଥିଲା, ତାହା ସହିତ ଜମିଦାର ସାହେବଙ୍କୁ ଜଣାଇଦେବା ଉପଲକ୍ଷେ ଏହି କବିତାଟି ଲିଖିତ ।

† ଘୁବ—ସ୍ନିଗ୍ଧ । ଜବନ—ଜବ୍ଦ ।

(୧) ଅବିବେକେ—ବିବେକ ଅଭାବରେ । (୨) ଅଦ୍ଧ-ବେକେ—ଅର୍ଦ୍ଧଗଳାରେ ।
(୩) ପ୍ରସାଦ—ଅନୁଗ୍ରହ ।

ଆଜି ଲୁଚିଆଜି- ଜାଲର ସୂତା,
ଛାଡ଼ିଲ ଗୁନ୍ଥିବ ମଣି ମୁକୁତା !

(୫)

ପଣା ଛାଡ଼ିବାର ଆଶା ବନ୍ଧନେ,
ସଣାରେ ବାନ୍ଧିଣ ଜାକିଲ ବନେ;
କ୍ଷଣା ମନ୍ଥନେ ନଦେଇ ଦୃଷ୍ଟି,
ଢଣା ପିଞ୍ଛ ଧରି ଦେଖିଲି ମୁଁ ସୃଷ୍ଟି !

(୬)

କନକର ବର୍ଣ୍ଣ ଦେଖି ସୁମନେ
ଜନନିବ ସ୍ୱର୍ଣ୍ଣ ଘୁରିଲି ମନେ;
ରଜନ୍ତନେ ଗନ୍ଧ ପ୍ରଶଂସା ବଳି,
ସ୍ପନ୍ଦନେ ତା'ର ଗଲି ଚମକି !

(୭)

କି ସ୍ଥିର ଜୀବନ ଧନ ଏ ଭବେ
ପିନ୍ଧୁଇବା ଭ୍ରମ ନିଜ ଗୌରବେ;
ଇଚ୍ଛା ଯାହା ତେଜି ଦେଖ ଦଣ୍ଡଧାରୀ,
ଶାସ୍ତ୍ରମୂଳେ ତେଣୁ ଜଳ ଗୁହାରି !
ଦେଖିଲୁ କି ଜଗତ,
ଖେଳାଅ ଥରେ ଏଥିରେ ମୃତ୍ୟୁ !

---

## ଉଦ୍‌ଘାଟନ ସଙ୍ଗୀତ *

(ରାଗ—କଲ୍ୟାଣଆହାରି)

ଶିକ୍ଷାର୍ଥୀ ମାନବ- ଜୀବନ-ଗୌରବ
ଜୀବନ ଦାହିଲୁ ଶିକ୍ଷାରେ,

---

* ଉଦ୍‌ଘାଟନ ଓ ଉଦ୍‌ଯାପନ ସଙ୍ଗୀତଦ୍ୱୟ ସ୍କୁଲ ସବ୍‌ଇନ୍‌ସପେକ୍ଟର ମୋର ସାହିତ୍ୟିକ ବନ୍ଧୁ ସହୃଦୟ ଶ୍ରୀଯୁକ୍ତ ଚାରମଣି ପଣ୍ଡା ମହାଶୟଙ୍କ ସାଗ୍ରହାନୁରୋଧ ରକ୍ଷା ସତ୍ତ୍ୱେ ୧୯୫୭ ମସି ୧୫ ଓ ୧୬ ତାରିଖର ବରେନପୁର ସର୍କଲ ଶିକ୍ଷକ ସମ୍ମିଳନୀ ଉପଲକ୍ଷରେ ରଚିତ ହୋଇଥିଲା ।

ଶିକ୍ଷାର୍ଥୀ ସତତ          ଥିବ ସୁପ୍ରସ୍ତୁତ
ଶିକ୍ଷାର ହିତ ସମ୍ପାଦରେ;
ସମସ୍ତ—ନିର୍ଦ୍ଦିଷ୍ଟତା ନାହିଁ ତାହାର,
ଆଦର୍ଶ ଶିକ୍ଷକ          ଆତ୍ମ-ପରୀକ୍ଷକ
ଦେଖାଇ ଶିକ୍ଷା-ବ୍ୟବହାର ।

ସେହେତୁ ସମାଜ          ରଖିଅଛି ଆଜ
'ପ୍ରାଥମିକ ଶିକ୍ଷା' ହାତରେ,
ଗଠନ ଅଭ୍ୟାସ          ବଢ଼ାଏ ପ୍ରୟାସ
ଶିକ୍ଷିତ ଜୀବନ ପଥରେ;
ଦାସତ୍ୱ—ଗଣ୍ୟ ନୁହେ ସୁଶିକ୍ଷକତା,
"କର୍ତ୍ତବ୍ୟର ଦାସ          ଅଟେ" ଏ ବିଶ୍ୱାସ
ଆଣୁ ଶିକ୍ଷକଙ୍କ ଏକତା ।

ପ୍ରଭୁଙ୍କ ଆଶିଷ          ଲଭୁ ଜାତି ଦେଶ
ସତ୍ୟ ହେଉ ଶିକ୍ଷା-ଆଲୋକ,
ଶିକ୍ଷକ-ସମ୍ମାନ          ଶିକ୍ଷକର ଦାନ
ବୁଝନ୍ତୁ ଲୋକେ ଏ ଭୂଲୋକେ;
ସମାଜ—ଚିନ୍ତା, ଶିକ୍ଷକର ଜୀବନ,
କ୍ଷୁଦ୍ରତମ ବିକାଶ          ନହେଲେ ତା' ବାସ
ଛାଇପାରିବ କି ଭବନ ?

---

## ଉଦ୍‌ଯାପନ ସଙ୍ଗୀତ

(ରାଗ—ରାମକେରୀ)

କ୍ଷଣିକ ଜୀବନ ବଣିକ-          ମେଳା ଏ ଭବ-ହାଟେ,
କଉଡ଼ି ସରିଲେ ଦଉଡ଼ି          ଟାଣିନେବ ସ୍ୱବାଟେ !
ଦେଖୁଛୁ ଯେତିକି ଲୋକଙ୍କୁ          ଚିନା, ଆତ୍ମ ଏସବୁ;
ମେଲାଣି କାଳେ କେ' ନେଲାଣି          ଦେଖା କିମିଷ ଭବୁଁ ?

ଜାବ ପଟେ ଶୁଣି ଶବଦ ଯା' ଅଛିଲା ବନ୍ଧନ,
ଧରମବନ୍ଧୁ ସେ' ଚରମ- ଦଶା କରମ ଧନ !

ସେତିକ ସ୍ମରଣେ ଏକାନ୍ତ ଚିତ୍ତ ଭକ୍ତି ସଞ୍ଚିତ,
କେ' ଗଗଣାମରେ ସେପରି ହେବା ନାହିଁ ଲଙ୍ଘିତ !

ସ୍ୱତନ୍ତ୍ର ଭାବନା ଭଜନ ପୁଣି ଶିକ୍ଷା-ଗୌରବେ,
ମଣ୍ଡିତ-ନିଜତ୍ୱେ ବଞ୍ଚିତ ସେପରି ନ ହେବା ଭବେ !

ନେଉଛୁ ଆନନ୍ଦ; ଦେଉଛୁ ଧନ୍ୟବାଦ ସରଗେ,
(୧)ସଜ୍ଜନବୃନ୍ଦଙ୍କୁ; ମଜ୍ଜନ ଯାଁଙ୍କ ଏଇ ପ୍ରୟାଗେ !

କ୍ଷମିବେ ଦୋଷ ସେ' ରମିବେ, ଶତ୍ରୁ ଆଶିଷ ଦାନେ,
ଯତ୍ନ ଥିବ ଯହିଁ ଅନ୍ତର- ଙ୍କର ଯଶ ସମ୍ମାନେ !

---

## ଭ୍ରାତୃବିଳାପ *

( ରାଗ—ଶଙ୍କରାଭରଣ )

(୧)

—"ଶଠିଖଣ୍ଡେ ଆସିଛୁ ଗୋ, ଅଛୁଆଁ ହାତରେ"
ଚମକି ଉଠି ସେ ଶଠି ପଡ଼ିଲି କାତରେ;
(୨) ଆଦେଶ ଅଗ୍ରଜ୍ୟ ଗୁରୁ,
ଜାଣିଲି ତବ ଚେଲଣି ସହିଛି ଏ ପୁରୁ !

---

(୧) ସମ୍ମିଳନୀର ଜ୍ଞାନ, କର୍ମ, ଭକ୍ତି ଅଥବା ଲିଖନ, ପଠନ ଓ ଅନୁଶୀଳନର ଏକତ୍ର ସମାବେଶକୁ ଏ ସ୍ଥଳରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀର ମିଳନ ସ୍ଥାନ ପ୍ରୟାଗ ରୂପରେ ବର୍ଣ୍ଣନା କରାଯାଇଅଛି ।

* ମୋର ପ୍ରାଥମିକ ଶିକ୍ଷାଦାତା ଉତ୍କଳସମ୍ମାନାସ୍ପଦ କଳାସ୍ୱୀକୃତ ସ୍ୱର୍ଗତ ଭୁବନେଶ୍ୱର ଶେଠ ମହୋଦୟଙ୍କ ମହାପ୍ରୟାଣ (ତା ୯-୧୨-୫୩ ଖ୍ରୀଷ୍ଟାବ୍ଦ, ମାର୍ଗଶିର ଶୁକ୍ଳ ତୃତୀୟା ବୁଧବାର) ଉପଲକ୍ଷେ ରଚିତ ।

(୨) ଅଗ୍ରଜ୍ୟ—ଗଣେଶରୂପୀ ଶିକ୍ଷାଦାତା ଦେବତା, ଶିକ୍ଷକ ।

(୨)

(୧) ମଣ୍ଡିଥିଲ ଘରଘରୁ-ଲୀଳା କୃଷ୍ଣରଙ୍ଗ,
(୨) ପିଣ୍ଡଦା-ପିଞ୍ଜରେ ଗାଇ ତୋଳୁଥିଲ ସ୍ୱନ;
(୩) ଆହେ ପ୍ରମତ୍ତ କୋକିଳ,
ପ୍ରାଣପ୍ରଭୁଙ୍କ ନାମ ଆଜି କାହିଁ ନ ଡାକିଲ ?

(୩)

(୪) କେଉଁ ଅଜଣା ରାଇଜେ ରଖିବ ମମତା ?
ଜାଣିପାରିବ କି ତହିଁ ମୋ ଦୁଃଖ ବାରତା ?
ଅହେ ଲୋକାନ୍ତରବାସି,
ଶୋକାର୍ତ୍ତ ଭ୍ରାତାଙ୍କୁ ତବ ଦେଖ ଥରେ ଆସି !

(୪)

(୫) ଜ୍ୟେଷ୍ଠାଗ୍ରଜ ସ୍ନେହବନ୍ତ ପୁତ୍ର ଦିବାକର
(୬) ତବ ସାଥେ ଯାଇଥିଲ ପୁତ୍ର ଦିବାକର;
ତାଙ୍କୁ କୋଳରୁ ଖସାଇ,
(୭) ଅନ୍ଧାର କଲ କି ବୁଦ୍ଧ ଲୁହରେ ଭସାଇ ?

---

(୧) ଘରଘରୁ—ସମ୍ବଲପୁର ଜିଲ୍ଲା ବରଗଡ଼ ଥାନାନ୍ତର୍ଗତ ଗ୍ରାମବିଶେଷ । ଏହି ଗ୍ରାମଟି ସ୍ୱର୍ଗତ ଭୁବନେଶ୍ୱର ଶେଠଙ୍କର ଜନ୍ମସ୍ଥାନ । ଏକ ସମୟରେ କବି ସ୍ୱୟଂ ଶିବକୃତ 'କୃଷ୍ଣଲୀଳା' ନାଟିକାଦ୍ୱାରା ଉକ୍ତ ଗ୍ରାମର ବିଶେଷ ଖ୍ୟାତି ଥିଲା ।

(୨) ପିଣ୍ଡଦା ବା ପିର୍ଦ୍ଧା—ଏହି ଗ୍ରାମଟି ସମ୍ବଲପୁର ଜିଲ୍ଲାର ଫୁଲଝର-ବରପାଲୀ ଥାନାନ୍ତଃପାତୀ 'ଜଗଦୀଶପୁର' ନିକଟରେ ଅବସ୍ଥିତ ।

(୩) ସ୍ୱର୍ଗତ ଶଂସିତ ବ୍ୟକ୍ତି ବାଲ୍ୟକାଳରୁ ପ୍ରୌଢ଼ାବସ୍ଥା ପ୍ରାପ୍ତି ପର୍ଯ୍ୟନ୍ତ ସୁକଣ୍ଠ, ସୁଗାୟକ ଓ ନାଟ୍ୟରସିକ ଥିଲେ । ପବିତ୍ର ପ୍ରଭାତ ସମୟରେ ଭଗବାନଙ୍କର ଭଜନ ସଙ୍ଗୀତ ଗାନ କରିବା ତାଙ୍କର ନିତ୍ୟ ନୈମିତ୍ତିକ ବ୍ରତ ଥିଲା ।

(୪) ଅଜଣା ରାଜ୍ୟ—ଜନ୍ମାନ୍ତର ପୁନର୍ଜନ୍ମଭୂମି ପ୍ରତି ଲକ୍ଷ୍ୟ କରାଯାଇଛି ।

(୫) ଦିବାକର ଶେଠ—ଜ୍ୟେଷ୍ଠଭ୍ରାତା ସ୍ୱର୍ଗତ ବ୍ରଜମୋହନ ଶେଠଙ୍କର ମଧ୍ୟମ ପୁତ୍ର ।

(୬) ପୁତ୍ର—ପୁତ୍ ନାମକ ନରକ ଜ୍ୱାଳାରୁ ଯେ ତ୍ରାଣ କରେ । ଦିବାକର—ସୂର୍ଯ୍ୟ ।

(୭) ଅନ୍ଧାର—ଅନ୍ଧକାର । ଭୂରି ପ୍ରଶ୍ନୋତ୍ତରରେ ନାଃସନ୍ତାନ ବ୍ୟକ୍ତିଙ୍କର ମାନସିକ ବିଷାଦ ଭାଜନମାନଙ୍କୁ ମଧ୍ୟ 'ଅନ୍ଧାର' ଅର୍ଥରେ ଗ୍ରହଣ କରାଯାଏ ।

(୫)

(୧) ଶଶୀ ପ୍ରତି ଛାଡ଼ିଥିଲୁ ଯେବେଁ ପ୍ରତିଆଶା
ଛିନ୍ନ ନ' ଥିଲୁ ତ' କାହିଁ ବନ୍ଧ କଲୁ ଭସା ?
କହ କି ଦୋଷ ମୋହର,
(୨) ଗୃହ ମୋହକୁ ମଣିଲ ସୁନ୍ଦର ମୋହର ।

(୬)

ନାହିଁ ଦେହ ଆଶା-ମୋହ କାହିଁ ଜୈବ ଟାଣ,
ପ୍ରାଣ ସଙ୍ଗେ ସବୁ ଛାଡ଼ି ନିଏ କାଳୁସଣ;
ତବ ଦାରୁଣ ବିଚ୍ଛେଦ
ବାରୁଦ-ଅନଳ ସମ କରେ ମର୍ମ ଭେଦ ।

(୭)

(୩) କାନ୍ଦୁଛନ୍ତି ଧର୍ମମାଆ ଭାଉଜା ଭଉଣୀ
କାନ୍ଦୁଛନ୍ତି ଆଉ ଯେତେ ବନ୍ଧୁ ସ୍ନେହ-ଋଣୀ;
କାନ୍ଦୁଛନ୍ତି ଶିଷ୍ୟଦଳ,
କେତେକ ସେ କାନ୍ଦିବ, ଯାର କରିଛୁ ମଙ୍ଗଳ ।

(୮)

କାନ୍ଦନ୍ତି କେ' ମୁକ୍ତକଣ୍ଠେ କେ' ବା ଅନ୍ତଃକରଣେ,
କାନ୍ଦଇ କେ' ଲୋକନିନ୍ଦା ଏଡ଼ିବା ସକାଶେ;
ମାତ୍ର ତବ ଶୋକଜ୍ୱାଳା
ଦେଉଛନ୍ତି ମୋ ମନସ୍ତାପଦ୍ୱାରେ ଜପାମାଳା ।

---

(୧) ଶଶୀ—ଲେଖକର ଜ୍ୟେଷ୍ଠପୁତ୍ର ଶଶିଭୂଷଣ ସେଠ । ବର୍ଣ୍ଣିତ ପଦ୍ୟର ଶ୍ଳେଷାର୍ଥରେ ଶଶୀ—ଚନ୍ଦ୍ର ।

(୨) ଗୃହ—ଘର, ସ୍ପୃହା । ମୋହ—ଅଜ୍ଞାନତା, ମମତା । ଗୃହମୋହ—ଦୁଷ୍ଟଶରୀରର ମମତା, ସ୍ନେହିତା । ମୋହର—ସ୍ୱର୍ଣ୍ଣମୁଦ୍ରା ।

(୩) ଧର୍ମମାଆ—ଲେଖକର ଦ୍ୱିତୀୟ ମାତୃଭଗିନୀ ତୁଲ୍ୟ ମାଉସୀମା । ଭଉଣୀ—ଜ୍ୟେଷ୍ଠଭଗ୍ନୀ ଚନ୍ଦନଦୋଳା ।

(୯)

ଅଭିଜ୍ଞ ନଥିଲେ ହେଲେ ପରଦୋଷ-ପାପ,
ବରଜି ନହେଲୁ ମନୁ ବହେ ଅନୁତାପ;
କିଏ କହିଦେବ ମତେ,
ଏ ପାପର ପ୍ରତିକାର ଥିବ କି ଜଗତେ ?

(୧୦)

ପରଦୋଷ-ଦରଶିତା ଯାଉନ୍ତୁ ମୋ ଭୁଲି
ଅଶ୍ରୁନେତ୍ରେ ଆଜି ତୁମ୍ଭ ଗୁଣ ଦେଖେଁ ଖାଲି;
ଆନନ୍ଦ ତତ୍ତ୍ୱ ଅନୁଭବ,
ସ୍ମୃତି ଅଙ୍କିଛି ତବ କୀର୍ତ୍ତି ଶୀର୍ଷ ଛବି !

(୧୧)

ଭୁଲିବା ଚେଷ୍ଟାରେ ଯାଏ ବରଷରେ ମନ
ବସି ମଣେ ମନ ତାକୁ ନଦାଏ ତୃମ୍ପନ;
ସେହି ଋଷ ବିରୋଧରେ,
ନାମାଙ୍କିତ ଖୋଜେ ସ୍ମୃତି ତୁମ୍ଭର ଅଧରେ !

(୧୨)

ଭିନ୍ନ ହେଲେହେଁ ରକତ-ସମ୍ପର୍କ ସୁ ଦେହ,
ଛିନ୍ନ କରି ହୁଏ ନାହିଁ ଆତ୍ମୀୟ-ସେନେହ;
ଆହେ ସ୍ନେହ-ଶାନ୍ତି-ଦାତା,
ଭ୍ରାତା ବନ୍ଧୁ, ହରାଇଲି ଏବେ ପିତା ମାତା !

(୧୩)

ତୁମ୍ଭର ଶୁଭ ଆଶିଷ ଫଳରୁ ପ୍ରଥମେ
କବିପଦ ଲଭିଅଛି ଏ ପୋଡ଼ା କରମେ;
ଆହେ ଚକ୍ରୀ-ପାଠଗୁରୁ,
ଅଧମ ଶୁଝି କାହଣୀ ଶୁଝୁଛି କି ଦୁଃଖ ?

(୧୪)

ମୋ ଜୀବନରେ କରେ ଯେତେ ତବ ଅନୁଭବ
ଗୁଣଗ୍ରାହକତା ପୁଣି କାହିଁ ଆଜି ତବ;

ଆଉ କେ' ଦେବ ଆଦେଶ ?
ଲେଖି ଦେବାକୁ ସଙ୍ଗୀତେ ଯମକାଦି ଶ୍ଳେଷ ।

(୧୫)

ଧିକ ମୋର କଳ୍ପନା ଧିକ ମୋ ବିବେକ
ଗୁରୁ ଦ୍ରୋହାଚରଣେ ଯା' ଦେଖାଇଲି ଟେକ;
ଏବେ ହେଉଛି ସ୍ମରଣ,
ଅକ୍ଷମ ନୈପୁଣ୍ୟ ଭବ ବିଚ୍ଛେଦ କାରଣ ।

(୧୬)

ମହାପ୍ରସ୍ଥାନ ପୂର୍ବରୁ ତବ ଦରଶନେ,
ଯାଇଥିଲି ତବ ବନ୍ଦି ବସିଲି ଆସନେ;
ଚିହ୍ନି ନପାରିଲ ମନ,
ଜାଣି ଜାଣି ବ୍ୟାକୁଳେ ଯା' କଲ ଆଲିଙ୍ଗନ ।

(୧୭)

ଫୁଲି ଯାଇଥିଲି ମୁଖ ଚରଣ ଯୁଗଳ,
ଚାହିଁଦେଲି ପାଦ ଦୁଇ ପୋଛି ଅଶ୍ରୁଜଳ;
ଆଉ ସେ ଚରଣଧୂଳି,
ପାଇବି କି ଏ ଜନମେ ଅଞ୍ଜଳି ମଞ୍ଜୁଳ ?

(୧୮)

ଭୁଲିଯିବ ଅନୁଚରେ କିଏ ଥିଲି ଜାଣି,
ଆଶ୍ୱାସନା ଦେଲ ପ୍ରାଣେ ତ୍ରାଣକର ବାଣୀ;
ପୁଣି ଚଳିଲ ଭବାନ୍ତର,
ଆସିଲି ସେକାଳେ ନାନା ଘଟନା-ସନ୍ତର ।

(୧୯)

ସେହି ମନୋଭାବେ ଛାଡ଼ି କି ବହନ୍ତି ଯତନେ,
ଲେଉଟିଲି ସ୍ୱପ୍ନକୁ ପାପ ଆକର୍ଷଣେ;
ଏହା କେଉଁ ଦୁର୍ଭାଗ୍ୟର
ଦିବ୍ୟ-ଦର୍ଶନ ସୁଧା ନ ନେଲି ସାଗର ।

(୨୦)

ଜାଣିଥିବ ସେତେବେଳେ ନାହିଁ ମୁଁ ନିକଟେ
କି ଘୋର ନୈରାଶ୍ୟ ସ୍ଫୁରୁଥିବ ମନୋନିକଟେ,
ଆଜି କରେ ଅନୁଭବ
ସେଦିବ୍ୟ ଦେହ ହେବ କି ମୋ ତେବ ସହ୍ୟ ଶବ ?

(୨୧)

ହୃଦୟ ଦେଇଛନ୍ତି ଗୁରୁଭକ୍ତି ଗୁରୁସେବା
ଗୁରୁଦ୍ରୋହୀର କବଳୁ ଦେବ କେଉଁ ଶିକ୍ଷା ?
କବି ସମାଜର ଗୁରୁ,
ତାହାରେ ହ' ପାଏ କବି ଚନ୍ଦନ ଅଗୁରୁ ।

(୨୨)

ଗୁରୁଭକ୍ତି ନାହିଁ ତଥାପି ଧରିଛି କଲମ,
ଏଥୁଁ ବଳିଅଛି ଆଉ କି ପାପ-ସରମ ?
କବି ପଦ ଅଧିକାର
ନେବା ସାହସକୁ ମୋର ସହସ୍ର ଧିକ୍‌କାର ।

(୨୩)

ଶୋକାନ୍ଧକାର ଯେତିକି ଆସୁଅଛି ଘୋଟି,
ଜ୍ୟୋତିର୍ମୟ ଗୁଣ ତୁମ୍ଭ ଝଲେ କୋଟି କୋଟି;
ବାଲ୍ୟେ ପିତୃମାତୃହରା
ଥିଲି, ତୁମ୍ଭେ ଥିଲ ମୋର ଶାନ୍ତିଦାତା ପରା !

(୨୪)

ପାଉଥିଲି ମା' ବାପାଙ୍କ ଯେତିକି ସୁହାଗ,
ତହୁଁ ବଳିଥିଲା ତୁମ୍ଭ ସ୍ନେହ ଅନୁରାଗ;
ମୁଖେ ବିଷାଦର ରେଖା
ଫୁଟିଥିଲେ ଲିଭିଯାଏ ହେଲେ ତୁମ୍ଭ ଦେଖା ।

(୨୫)

କେଉଁ ପାପେ ଏଇ ସବୁ ଗୁଣ ଗଲି ଭୁଲି ?
କାହା ଅଭିଶାପେ ମନ ପାଇଥିଲି ଫୁଲି ?

ଗୁଣ ବାନ୍ଧୁବଳେ ଆଜ
କି' ଅଛି; ଲଭୁ କେବଳ ଲୋକଙ୍କଠା ଲାଜ !

(୨୬)

ଗୁଣ ଲୁଟିନାହିଁ; ଲୁଟିନାହିଁ ସ୍ନେହଲୁଣ,
ଦୋଷ ଦରଶନେ ପୁଣି ଘୃଣିଛି ଦ୍ୱିଗୁଣ;
ଏଇ ପାପ ପ୍ରାୟଶ୍ଚିତ୍ତ,
ଥିବ କି ଧରମଶାସ୍ତ୍ର ଲୁହଇ ନିଶ୍ଚିତ ।

(୨୭)

ଅପାଇ ଦେଖନ୍ତି ଯେଉଁ ଅଶ୍ରୁ ଅନୁତାପ
ଅଶ୍ରୁ ନୁହେ ଏହା ମୋର ତରଳିତ ପାପ;
ଯାହା କରୁଛି ବିଳାପ,
ବିଳାପ ନୁହେ ଏ ମୋର ଅନ୍ତିମ ପ୍ରଳାପ ।

(୨୮)

ଶୂନ୍ୟ ଥାଇ ଶୁଣୁଛ କି ଅନ୍ତର କ୍ରନ୍ଦନ ?
ସୁହିଁ ନ ପାରୁଛି ଲଜ୍ଜେ ଘୋଡ଼ାନ୍ତି ବଦନ;
ଦେବ, ହସ ଥରେ ହସି,
ଅକାଳ ତଡ଼ିତ ମୋର ମୁଣ୍ଡେ ପଡ଼ୁ ଖସି ।

(୨୯)

ଅଜ୍ଞାତ ମୃତ୍ୟୁଶଯ୍ୟାରେ ଯକ୍ଷ୍ମା ତ' ମୋହର,
ସ୍ୱଜ ଚାଉଛି ଜାଣନ୍ତି ଅନ୍ତର୍ଯ୍ୟାମୀ ହରି;
ପାପେ ଥରୁଛି ମୋ ପ୍ରାଣ,
ଡରୁଛି ଆତ୍ମା, ପାଇବ କେମନ୍ତେ ପରିତ୍ରାଣ ?

(୩୦)

ଯେ ପଥେ ଯାଉଛି ଆଜି କାଳିକି ସେ ପଥ,
ମୁଁ ମଧ୍ୟ ଚଳିବି, ତେବେ ଲଙ୍ଘିବେ ଏ ପଥ;
ଜାଣି ଜାଣି ତଥାପି ତ,
ଆଣି ନ ପାରୁଛି ଧୈର୍ଯ୍ୟ ମୋ ଅବୋଧ ଚିତ୍ତ ।

(୩୧)

ପାପିଷ୍ଠ ମୁଁ ଗୁରୁଦେବ, ନମାଗିବି କ୍ଷମା,
ଯାଇଛ ସରଗପୁରେ ଥିବେ ତ' ବାପ ମା'
(୧) ଥିବେ ଅଗ୍ରଜଯୁଗଳ
(୨) ଥିବେ ବ'ଉଉଣୀ ପୁଣି ଦେବତା ସକଳ ।

(୩୨)

(୩) ଥିବେ ମାଉସୀ କୋଳେ ଯେଉଁ ମୋ କନକଲତା
ସଭିଙ୍କର ସନ୍ମୁଖରେ ମୋ ପାପର କଥା,
ସ୍ପଷ୍ଟ କରିବ ପ୍ରକାଶ
ସରଗରେ ନରଖିବ ମର୍ତ୍ତ୍ୟର ଅଭ୍ୟାସ ।

(୩୩)

ମୋ ପାପର ସମୁଚିତ ଦଣ୍ଡର ବିଧାନ
ଧର୍ମାସନେ ବସି ଧର୍ମରାଜ ନ୍ୟାୟବାନ
ଯାହା କରିବେ ନିର୍ଣ୍ଣୟ,
ପଶୁରି ସ୍ୱପ୍ନେ କହିବ ଗୁରୁ ମହୋଦୟ ।

(୩୪)

(୪) ଗୁରୁଜନ ଦ୍ରୋହେ ହୁଏ କି ପ୍ରଚଣ୍ଡ ଦଣ୍ଡ
ଜାଣିବ, ଜାଣିବେ ପୁଣି ମୋଭଳି ପାଷଣ୍ଡ;
ମୋର ମାଗୁଣି ଏତିକି;
ଦେଇ ପାରିବକି ଦେବ, ଏ ମନ୍ଦ ମତିକି ?

---

(୧) ଜେଷ୍ଠାଗ୍ରଜ—ସ୍ୱର୍ଗତ ବ୍ରଜମୋହନ ସେଠ ଓ ମଧ୍ୟମାଗ୍ରଜ ସ୍ୱର୍ଗତ ସୁନ୍ଦର ସେଠ । (୨) ବ'ଉଉଣୀ—ମଧ୍ୟମାଭଉଣୀ—ସ୍ୱର୍ଗତା ପଦ୍ମତୋଳା । କନିଷ୍ଠାଭଉଣୀ—ସ୍ୱର୍ଗତା ଶୁକତୋଳା । (୩) ମାଉସୀ—ସ୍ୱର୍ଗତ ମାଉସୀବଉ; ସ୍ୱର୍ଗତ ଭୁବନେଶ୍ୱର ସେଠଙ୍କ ଧର୍ମପତ୍ନୀ । ସ୍ୱର୍ଗତା କନକଲତା—ଲେଖକର ଷଷ୍ଠ ବର୍ଷୀୟା କନ୍ୟା ।

(୪) ଏ ସ୍ଥଳରେ ମାତାପିତାଦି ମାନ୍ୟଗଣ୍ୟ ବ୍ୟକ୍ତି ତଥା ଗୁଣୀ, ସାଧୁ, ସତୀସାଧ୍ୱୀ ସ୍ତ୍ରୀ, ଆଦର୍ଶ କବି, ପଣ୍ଡିତ, ଅତିଥି, ବ୍ରାହ୍ମଣ, ପରୋପକାରୀ, ଦେଶହିତୈଷୀ, ମହାତ୍ମା, ମହାପୁରୁଷମାନଙ୍କୁ ଗୁରୁଜନ ଅର୍ଥରେ ଗ୍ରହଣ କରାଯାଇଛି ।

## ଜୀବନ-ସ୍ରୋତ

(ସ୍ୱର—ନୂଆ ରମକେଶ)

[ପ୍ରତିପାଦର ନମୁନା—୭+୫+୫; ଉଭୟ ପାଦର ଦ୍ୱିତୀୟ ପର୍ବରେ ଉପଧା ଓ ଅନ୍ତ୍ୟବର୍ଣ୍ଣର ମିଳନ ରହିବ ।]

ବହି ଯା'ରେ ମୋର ଜୀବନ ଧାରା ନଦୀ ସମାନ,
ଥିଲେ ତୋ ମାଧୁରୀ କରିବ ସାରା ଜଗତ ପାନ !

ନିଜ ଯଉବନରେ ନିଜେ ତ' ଫୁଲି ଫୁଲେଇ ଜଳଧି,
ଭବନ ସୁଷମା ପ୍ରସାଦ ତୁଲି ଦିଏ ଧରଣୀ !

ସ୍ୱର୍ଗିସୁରେ ଅବା ଶରୀର ଗତିକ ନେଲେ ଭୂଷିତ,
କାହିଁକ ଥାଙ୍କି ତୋ' ଏ ସଂସାରିକ ହେବ ଦୂଷିତ ?

ଦୂଷିତ ହେଲେ ମୁଁ ପାପ-ବାପିରେ ତୁ ହେବୁ ବଶ,
ବାସ୍ତାକାରେ ଭିଡ଼ି ପିବୁ ତ' ଏଣେ କଣ୍ଠ କସ ?

ମୁଁ କଏ 'ମୁଁ' ବୋଲି କାହିଁକି ମୋର ଏତେ ଗରବ ?
କାଳରୂପେ ଏବେ ଆସିଲେ ସେର ନେବ ସରବ ।

ବହିଯା'ରେ ମୋର ଜୀବନ ଧାରା ବହିଯା' ଧୀରେ,
ରହିଲେ ଅଟକ ହେବୁ ତୁ ମରୁ ମୋ ସମାଧିରେ ।

ବହି ଯାଉଁ ଯାଉଁ ପଥରେ ଯେବେ ପାଇବୁ ତାପ,
ବହିବୁ କାହିଁ ସେ ତାପରେ କେବେ ଦୁଃଖ ସନ୍ତାପ ।

(୧) ଚାପ ଲୁହରେ ତା' ପାପ-ଉଦ୍ୟାନ ତପ ପରୀକ୍ଷା,
ସଦ୍‌ଗତେ ଆନନ୍ଦ କରିବୁ ଦାନ ଅମୃତ ଭିକ୍ଷା ।

ପହଞ୍ଚାଇ ଦେଲେ ନିଭୃତ ତୋତେ ଲକ୍ଷ୍ୟ ନିକଟେ
ବରଷିବ ଫୁଲ ତୋହରି ସ୍ରୋତେ ମୋ ଶୁଷ୍କ ଘଟେ ।

(୧) ପାପର ମୂଳରୂପ ବା ପ୍ରକୃତିର ପ୍ରଲୋଭନ ପ୍ରଥମତଃ ମନୋହର ଦେଖା ଯାଇଥାଏ । ତେଣୁ କାମ, କ୍ରୋଧ, ଲୋଭ, ମୋହାଦିକୁ 'ପାପଉଦ୍ୟାନ' ରୂପରେ କଳ୍ପନା କରାଯାଇଛି ।

✻ ଲକ୍ଷରଶ୍ମି ଯଦି    ସତ୍ତ୍ୱ ଅମୃତ-    ସାଗରେ ଯାଇଁ,
(୧) ପହଁରିବ ତହିଁ    ପ୍ରାଣ-ମରୁତ    ଗଲେ ମୋ ସାଇଁ ।

---

✻ ଆଧ୍ୟାତ୍ମିକ ଜଗତରେ ଜୀବାତ୍ମାକୁ ଏବଂ ସ୍ଥାନ ବିଶେଷରେ ପରମାତ୍ମାଙ୍କୁ ହଂସରୂପରେ ବର୍ଣ୍ଣନା କରାଯାଇଥାଏ ବୋଲି ଏ ସ୍ଥଳରେ ସତ୍ତ୍ୱରୂପକ ଅମୃତ ସାଗରରେ ହଂସରୂପୀ ଜୀବାତ୍ମାର ପହଁରିବା କ୍ରିୟା ଉଲ୍ଲେଖ ହୋଇଅଛି । ଅନ୍ୟତ୍ର—

"ଅମୃତ ପାଲଟୁ ମୋ ଜୀବନ ବାରି
ଯେ ରସ-ତରଙ୍ଗେ ଦୋଳୁ ଆତ୍ମା-ହଂସ;
ମୁକ୍ତିନୀଡ଼ ହଂସ ଲଭୁ ମୁକ୍ତିଗତି
ତା' ହିଁ ମୋ ପରମାନନ୍ଦଦା ମୁକତି ।"

(ଖଗେଶ୍ୱର-ଗ୍ରନ୍ଥାବଳୀ-୧ମ ଭାଗ-ପୃ ୪୩୯ ଷ୍ଠା)

"ଏକଇ ବୃକ୍ଷେ ହଂସ ଦୁଇ, ବସନ୍ତି ତ୍ରିଗୁଣର ବନ୍ଧ ।" (ଶ୍ରୀମଦ୍ଭାଗବତ ୧୧।୧୨)

"କୋଇଲି, କାଳିନ୍ଦୀ ଶିଖରେ ଯାଇ କମଳ ଫୁଟି ଅଛଇ,
କମଳ ମଧ୍ୟେ ତ୍ରିବେଣୀ କରୁଅଛୁ ହଂସ ଶୂନ୍ୟେ ଭ୍ରମଣି ଲୋ !
କେ କହୁ ହଂସ ମହିମା ମୁହିଁ, ଯାତ୍ରାକରେ ହଂସ ଅମର ପୁରେଣ ଲୋ ।"

(ଅଚ୍ୟୁତାନନ୍ଦ କୋଇଲି)

(୧) ପ୍ରାଣମରୁତ—ପ୍ରାଣବାୟୁ ।

ବ୍ରହ୍ମପୁର ଓଡ଼ିଶା ପ୍ରିଣ୍ଟିଂ ଓ୍ୱାର୍କସ୍‌ରେ ଶ୍ରୀ ଭାନୁ ସମ୍ପୁରଙ୍କ ଦ୍ୱାରା ମୁଦ୍ରିତ । ୧୯୫୮ ।

# ମାର୍ଜନା-ପତ୍ର

| ପୃଷ୍ଠା | ପଂକ୍ତି | ତ୍ରୁଟି | ମାର୍ଜନା |
|---|---|---|---|
| ୮ | ୧୫ | ଲିଖି | ଲେଖି |
| ୧୧ | ୬ | ଅବସାରେ | ଅବସର |
| ୧୨ | ୧୬ | ସୁଖ୍ୟ | ସଖ୍ୟ |
| ୧୬ | ୨୨ | କୁମ୍ଭାର | କୁମ୍ଭୀର |
| ୧୭ | ୭ | ଲିଭବ | ଲିଭିବ |
| ୧୮ | ୫ | ଛପ୍ରେ | କ୍ଷିପ୍ରେ |
| ୨୦ | ୭ | ଲଗାଇ | ମଗାଇ |
| ୨୦ | ୨୪ | ପୀତ-ଛଡା | ପୀତା-ଶତା |
| ୨୦ | ୨୬ | ପୀତ-ହଳଦ | ପୀତା-ହଳଦୀ |
| ୨୦ | ୨୭ | ଜଡ | ଜଳ |
| ୨୬ | ୧୬ | କାସ୍ଥା | କାଷ୍ଠା |
| ୨୬ | ୨୧ | ଗ୍ରମା | ରମା |
| ୨୬ | ୨୪ | ଗ୍ରମା | ରମା |
| ୨୮ | ୯ | ଏକ | ଏ'କ |
| ୩୦ | ୨୭ | ବାକ | ବକ୍ର |
| ୩୧ | ୭ | ସାତନେ | ସାତନା |
| ୩୧ | ୨୬ | ତେତା' | ତା' |
| ୪୬ | ୧୯ | ଚିନ୍ତ | ଚିନ୍ତ |
| ୫୮ | ୬ | ବହୁଅଛୁ | ବହୁଅଛ |
| ୬୩ | ୧୮ | ବୋଲିବିକି | ବୋଲିବ କି |
| ୬୪ | ୧୬ | ଲହାଅ | ରଙ୍ଗାଅ |
| ୬୬ | ୨୨ | ଗର୍ଭିଣୀ | ଗର୍ଭିଣୀ |
| ୬୮ | ୧୦ | ଡଳାଉ | ଚଳାଅ |
| ୬୮ | ୨୬ | ବନ୍ଧୁକାଙ୍କ୍ଷୀ | ବୃଷାଙ୍କୁ କି |
| ୬୯ | ୧୮ | ଶାଳୀ | ଥାଳୀ |
| ୭୨ | ୨୧ | ଶିଙ୍ଗ ତ ନେ | ଶିଙ୍ଗ ନେ |
| ୮୯ | ୪ | ଛିଛା | ଛିଛି |
| ୯୪ | ୧୭ | କଳିକା | କଳକା |

ତ୍ରୁଟି 'କଳିକା' ସ୍ଥାନରେ 'କଳକା' ହେବ ।

| ପୃଷ୍ଠା | ପଂକ୍ତି | ତ୍ରୁଟି | ମାର୍ଜନା |
|---|---|---|---|
| ୯୫ | ୪ | ଅ.ରେ | ଆରେ କର |
| ୯୫ | ୨୫ | ବାଂତବାଲୁଣମ୍ | ବାନ୍ତବାଲୁଣମ୍' |

| ପୃଷ୍ଠା | ପଂକ୍ତି | ତ୍ରୁଟି | ମାର୍ଜନା |
|---|---|---|---|
| ୯୯ | ୧୬ | ପାଣ ର୍ଟ | ପାଣ୍ଡବ |
| ୧୦୪ | ୭ | ସୁଡୁଙ୍ଗ | ସୁଡୁଙ୍ଗ |
| ୧୦୮ | ୫ | ଉଦର | ଉଦର |
| ୧୨୩ | ୧୯ | ବାମାଙ୍ଗପୁର | ବା' ଗାଙ୍ଗପୁର |
| ୧୨୩ | ୨୩ | ଏଷ୍ଟ ପର୍ବତର | ଏଷ୍ଟ ବର୍ଗର |
| ୧୨୬ | ୨୪ | ଢକସାହୁଛ | ଚଳାଯାଉଛ |
| ୧୩୦ | ୧୩ | କସ୍ତୁକାଠ | କାଟ୍ଟକାଠ |
| ୧୩୦ | ୧୫ | ମୋଧର | ମୋ ଧାର |
| ୧୩୪ | ୧୮ | ଚେରଧାଧା | ଚୋର ସାଧା |
| ୧୩୪ | ୧୯ | ନପାରିଛୁ | ନପାରିବୁ |
| ୧୩୫ | ୧୮ | କଲ୍ପନା | କଳ୍ପନା |
| ୧୩୭ | ୧୮ | ମନ୍ଦର | ଝଙ୍କର |
| ୧୪୦ | ୯ | ବନ୍ଧୀ | ବନ୍ଦୀ |
| ୧୪୨ | ୨ | ଦୁଦସ୍ତ ଖୋଳ | ଦୁଦସ୍ତ ଖୋଳି |
| ୧୫୪ | ୧୬ | କସ୍ତୁର | କସ୍ତୁର |
| ୧୫୪ | ୨୧ | ଝୋଡାମାନେ | ଝୋଟାମାନେ |
| ୧୫୪ | ୨୬ | ଲଗଥ | ଲଗଥ |
| ୧୫୪ | ୩୦ | କସ୍ତୁର | କସ୍ତୁର |
| ୧୬୮ | ୧୨ | ମାଖିବ | ମାଖିବ |
| ୧୬୯ | ୨ | ଦେଖିଅଛୁ | ଦେଖାଇଅଛୁ |
| ୧୭୦ | ୨୪ | ଭ୍ରମର | ଭ୍ରମର |
| ୧୭୧ | ୨୩ | କାହାର | କାହାର |
| ୧୭୬ | ୨୧ | ଚକ୍ର | ଚକ୍ର |
| ୧୭୬ | ୨୭ | ବେଶ୍ୟା-ପ୍ରେମିକ | ବେଶ୍ୟାପ୍ରେମିକ |
| ୨୧୯ | ୧୫ | ଗୌରବ | ଗୌରବ |
| ୨୧୯ | ୧୮ | ଅନ୍ତ | ଅନ୍ତ |
| ୨୩୧ | ୧୨ | କଳ୍ପି ରୋ' | କଳ୍ପି ରେ' |
| ୨୩୨ | ୧୪ | ଦିନ | ଦିନ |
| ୨୩୪ | ୯ | କା'ରେ | କା' ଅରେ |
| ୨୩୯ | ୪ | ଗଜାମୁଁ ଗ | ଗଜାମୁ |
| ୨୫୨ | ୨୬ | ଏହୁକ-ଏହୁକ | ଏହୁକ |

| ପୃଷ୍ଠା | ପଂକ୍ତି | ଭୁଲ | ମାର୍ଜନା |
|---|---|---|---|
| ୨୫୩ | ୨୩ | ଅମୃତଭେଦେ | ଅମୃ-ଭେଦେ |
| ୨୫୪ | ୧୦ | ଫଳଷ୍କଣେଶେ | ଫଳଷ୍କଶେଷେ |
| ୨୫୮ | ୭ | ସାର୍ଥକ ତା'ସଣ | ମହତ ସୃଷ୍ଟ |
| ୨୫୮ | ୨୧ | କୁଟିବାକୁ | ଜୁଟିବାକୁ |
| ୨୫୮ | ୨୬ | ନାସ୍ୱାର୍ଥପର-ଉପଦେଶ | ନାସ୍ୱାର୍ଥ-ସ୍ୱତଉପଦେଶ |
| ୨୬୧ | ୧୯ | କର୍ଷଣେ | କଷଣେ |
| ୨୬୨ | ୨ | ଦ୍ୱବାର | ଦ୍ୱାର |
| ୩୦୦ | ୧୮ | ମାରଣାଙ୍କ | ମରଣାଙ୍କ |
| ୩୦୧ | ୧୮ | କରୁଥିଲ | କରିଥିଲ |
| ୩୦୬ | ୬ | ଦେଇଥାଅ | ଦେଇଥାଏଁ |
| ୩୨୮ | ୧୫ | ଭୁଲୁଥାଏ | ବୋଲୁଥାଏ |
| ୩୨୮ | ୨୬ | ବ୍ୟବସାୟରେ | ବ୍ୟବସାୟ ରୂପରେ |
| ୩୪୫ | ୧୮ | ସଁଡ଼ ପଡ଼ିଥିଲ | ସଁଣ ପଡ଼ିଥିଲ |
| ୩୫୩ | ୧୭ | ସ୍ୱପି | ତପି |
| ୩୫୮ | ୭ | ବେଦସ୍ୱ,କଲଶ | ବେଦେସ୍ୱ-କଲଶ; |
| ୩୬୦ | ୮ | ଝୀନା | ଝିନା |
| ୩୬୦ | ୨୪ | ଘଟେ | ଘଟେଁ |
| ୩୬୩ | ୨୧ | ଥିପି | ବପି |
| ୩୬୯ | ୨୫ | ଜଅଁଲା | ଜଅଁଲୀ |
| ୩୭୨ | ୩ | କଲ୍ପନା | କଲ୍ପନା |
| ୩୭୫ | ୫ | ଘଜା | ରଜା |
| ୩୮୧ | ୧୪ | ଖଣ୍ଡାଧାର | ଖଣ୍ଡଧାର |
| ୩୮୧ | ୨୪ | ଭୁଜଙ୍ଗ-ରାଜ | ଭୁଜଙ୍ଗରାଜ |
| ୩୮୧ | ୨୯ | ଖଣ୍ଡାଧାର | ଖଣ୍ଡଧାର |
| ୩୮୪ | ୯ | ସୁଖ-ଚନ୍ଦ୍ରମା | ସୁଖର ଚନ୍ଦ୍ରମା |
| ୩୯୨ | ୨୪ | ରୂପିଣୀ | ରୂପିଣୀ |

| ପୃଷ୍ଠା | ପଂକ୍ତି | ଭୁଲ | ମାର୍ଜନା |
|---|---|---|---|
| ୪୦୦ | ୧୨ | ବୈଚିତ୍ୟ | ବୈଚିତ୍ର୍ୟ |
| ୪୦୯ | ୨୩ | କରୁଛନ୍ତି | କରିଛନ୍ତି |
| ୪୧୧ | ୧୫ | ତମ୍ରମା | ତମସା |
| ୪୧୩ | ୧୩ | ଧୂମ ବର୍ଷୀ | ଧୂମବର୍ଷୀ |
| ୪୧୯ | ୧୦ | ବଣ୍ୟ | ବନ୍ୟ |
| ୪୨୦ | ୧୦ | କାର୍ଯ୍ୟ ନାହିଁ | କାର୍ଯ୍ୟ ତୋ' ନାହିଁ ? |
| ୪୨୨ | ୯ | ବଣ୍ୟ | ବନ୍ୟ |
| ୪୨୩ | ୮ | ପ୍ରତପେମ | ପତପ୍ରେମ |
| ୪୨୩ | ୧୪ | କୁଷ୍ଟେସ୍ଥ | କୁଞ୍ଜେସ୍ଥ |
| ୪୨୪ | ୧ | ବକଳା | ବାକଳା |
| ୪୨୫ | ୨୪ | ବଜ୍ରକୂଟ—ଚିକି | ବଜ୍ରକୂଟ—ଚକ୍ରାଚିକି ! |
| ୪୩୯ | ୪ | ପ୍ଲାବନ | ପାବନ |
| ୪୩୯ | ୨୩ | ଦେବକ | ଦେବ'କ |
| ୪୪୩ | ୮ | ଛନ୍ତି | ଥାନ୍ତି |
| ୪୫୮ | ୧୭ | ଦନ୍ଧୁବାକୁ | ବନ୍ଧୁବାକୁ |
| ୪୬୨ | ୫ | କାମକୁଳ ନାରୀ ସତ୍ୟ ରସରେ, | ବାମକୁଳ ନାରୀ ସତ୍ୟ ସ୍ୱପ୍ନରେ, |
| ୪୬୬ | ୭ | ଶ୍ରୀଅଙ୍କ | ଶ୍ରୀଅଙ୍କେ |
| ୪୬୮ | ୨୦ | ଉତରେ | ଉପରେ |
| ୪୭୦ | ୨୬ | ନାପା | ବପା |
| ୪୭୨ | ୨୧ | ଭୁଲିବିକ | ଭୁଲିବ କି |
| ୪୭୪ | ୨୧ | ସୃତ | ସ୍ମୃତ |
| ୪୭୬ | ୨୬ | ସଙ୍ଗୀତ | ଶଂସିତ |
| ୪୭୮ | ୭ | ପିଛୁ | ପିଛା |
| ୪୮୧ | ୭ | ଉଷିବ | ଉଷିଲ |
| ୪୮୨ | ୨୦ | ହେଉଛୁ | ହୋଉଛୁ |